

# ସୁବୋଧ


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ତ୍ରୈଶଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

## ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର

ଅନୁବାଦକ : **ରଘୁନାଥ ମାନସିଂହ**



ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ - 46 ପ୍ରଥମ ମୁଦ୍ରଣ : June, 2024

ସଂଖ୍ୟା : 1000 ମୂଲ୍ୟ : /-

# ଯୋଗୀଶ୍ୱରଙ୍କ ଗ୍ରନ୍ଥାବଳୀ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ
## (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱ ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ ! !
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ × ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କ ମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ ! !
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍କତି - ଈଶ୍ୱରଙ୍କ ନିଷ୍କତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ ଖ୍ରୀଷ୍ଟୀୟ ?
୫୮. ନାସ୍ତିକ-ଆସ୍ତିକ

## ଯୋଗୀଶ୍ୱରଙ୍କ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ
## (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତ୍ରୈତ ସିଦ୍ଧାନ୍ତ
୬୨. ବାର୍ତ୍ତକ - ବର୍ତ୍ତକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଡିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କବ୍ଜା ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଣ୍ଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟାବଳୀ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତମ୍ , ୧୦୦
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ପୋଲିସ୍ - ଅପରାଧୀ
୧୦୫- ଆଜି ମାନବର ପରିସ୍ଥିତି
୧୦୬. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଥଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)

୧. ଚିହ୍ନି ହେଉନଥିବା ପାତ୍ର ଗୁରୁ ।
୨. ଜନ୍ମଦିନ କାହାର ମଧ୍ୟ ଆସିନଥାଏ ।
୩. ଦ୍ୱିତୀୟ - ଅଦ୍ୱିତୀୟ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍ ।
୫. ମାୟିକ-ଅମାୟିକ
୬. ମାତା ପିତା-ଗୁରୁ ଦୈବ ।
୭. ଗୁରୁ ନଥିବା ବିଦ୍ୟା ଅନ୍ଧବିଦ୍ୟା ।
୮. ମତ ଗୁଡିକରେ ପବିତ୍ରଯୁଦ୍ଧ
୯. ପ୍ରପଞ୍ଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶରେ ଠକାମି-ଦେହରେ ମୋହ ।
୧୧. ଛାତିର ଚିହ୍ନ-ମାତାପିତାଙ୍କ ଚିହ୍ନ ।
୧୨. ତିନି ଜନ୍ମ-ଦୁଇ ଜାଗା
୧୩. ଯୋଗୀଶ୍ୱରଙ୍କ ଜନ୍ମଦିନ ସନ୍ଦେଶ ।
୧୪. ତେଲୁଗୁରେ ତିନି-ଛଅ-ନଅ
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬. ବାହାର ସମାଜ - ଭିତର ସମାଜ
୧୭. ଈଶ୍ୱରଙ୍କ ଜ୍ଞାନ-ମାୟା ମାହାତ୍ମ୍ୟ
୧୮. ତିନି ନିର୍ମାଣ-ଏକ ପରିଶୁଭ୍ରତା
୧୯. ସହଜ ମରଣ-ତାତ୍କାଳିକ ମରଣ
୨୦. ମେଘ ଏକ ଭୂତ-ରୋଗ ଏକ ଭୂତ
୨୧. କର୍ମ ନଥିବା କୃଷ୍ଣ-କର୍ମ ଥିବା କୃଷ୍ଣ
୨୨. ସ୍ୱାର୍ଥ ରାଜକୀୟ (ସ୍ୱ+ଅର୍ଥ ରାଜକୀୟ)
୨୩. ଶ୍ରୀକୃଷ୍ଣ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ମାରି ଦିଆଯାଇଥିଲା ?
୨୪. ଅନ୍ତିମ ଗ୍ରନ୍ଥର ପ୍ରଥମ ବାକ୍ୟ
୨୫. ଇଚ୍ଛାଧିନ କାର୍ଯ୍ୟ-ଅନିଚ୍ଛାଧିନ କାର୍ଯ୍ୟ
୨୬. ଟକ୍କୁଟମାରା, ଇନ୍ଦ୍ରଜାଲ ମହେନ୍ଦ୍ରଜାଲ,
ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮- ଜେଜେବାପା
୨୯. ମାତା
୩୦. ଭୟ
୩୧. ଆତ୍ମା କାର୍ଯ୍ୟ
୩୨. ଚନ୍ଦାମୁଣ୍ଡ
୩୩. ୟାଦବ୍
୩୪. ଜ୍ଞାନଶକ୍ତି
୩୫. ସମାଧି
୩୬. ୬-୩=୬
୩୭. ଦସ୍ତଖତ୍
୩୮. ପ୍ରଭୁ-ପ୍ରଜା
୩୯. ତ୍ରୈତ ଶକ
୪୦. ଗ୍ଲକ
୪୧. ମାତା ପିତା
୪୨. ଅଭିନେତା ଆତ୍ମା
୪୩. ସଞ୍ଚିତ କର୍ମ
୪୪. ଗୁରୁ ଚିହ୍ନ
୪୫. ଆସ୍ତି- ଦୋସ୍ତି
୪୬. ଭାଲୁ
୪୭. ଧର୍ମଚକ୍ର
୪୮. ଦୈବଗ୍ରନ୍ଥ
୪୯. ଭକ୍ତି-ଶ୍ରଦ୍ଧା
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷ
୫୨. ଗ୍ରାହ୍ୟଶକ୍ତି
୫୩. ଖେଳାଉଥିବା ଆତ୍ମା
୫୪. କଣ ଶାସ୍ତ୍ର ?
୫୫. ଭଗବାନ
୫୬. କଣ ଧର୍ମ ?
୫୭. ଗୁରୁ ପୌର୍ଣ୍ଣମୀ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୫୮. ଶ୍ରୀକୃଷ୍ଣାଷ୍ଟମୀ
୫୯. ନଖ - ଗୁରୁ
୬୦. ଦଶ- ଦିଶା
୬୧. କଥା - ପଥି
୬୨. ସୃଷ୍ଟି - ସୃଷ୍ଟିକର୍ତ୍ତା
୬୩. କଲିଯୁଗ
୬୪. ସେବା ପ୍ରତିଶତ
୬୫. ପ୍ରକୃତି-ବିକୃତି
୬୬. ପୈତ୍ୟ -ସୈତ୍ୟ
୬୭. ନିଜ-ସହଜ
୬୮. ଭକ୍ତି-ଭୟ
୬୯. ରୀତି
୭୦. ଶଙ୍କୋଚ-ଧମକ
୭୧. ଯେ ତୋ ପଛରେ ଥାଏ ।
୭୨. ଶବ-ଶିବ
୭୩. ଶୈବ-ବୈଷ୍ଣବ
୭୪. ଧର୍ମ-ଅଧର୍ମ
୭୫. ଦ୍ରାବିଡ-ଆର୍ଯ୍ୟ
୭୬. କଞ୍ଚା-ପାଚିଲା-କଞ୍ଚା
୭୭. ଯୁଗ-ଯୋଗ
୭୮. ଈଶ୍ୱରଙ୍କର ମତ ଅଛି ?
୭୯. କର୍ମ ମର୍ମ
୮୦. ଜନମ-ମରଣ
୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା
୮୩. ନିଦର୍ଶନ-ନିରୂପଣ
୮୪. ଗୁରୁ କିଏ ?
୮୫. ତ୍ରୈତ ସିଦ୍ଧାନ୍ତ
୮୬. ସ୍ତ୍ରୀ/ପୁଂ - ଲିଙ୍ଗ
୮୭. ଜୀର୍ଣ୍ଣ+ଆଶୟ
୮୮. ଶ୍ରୀକୃଷ୍ଣ କିଏ ?
୮୯. ଖେଳ-ଲୁଚକାଳି ଖେଳ
୯୦. ପ୍ରଜା-ମାନବ
୯୧. ଦନ୍ତ-ଅନ୍ତ, ୯୨. ମତ-ପଥ
୯୩. ସପ୍ତାକାଶ, ୯୪. ଅର୍ଥ- ଅନର୍ଥ
୯୫. ତିନିଗ୍ରନ୍ଥ, ୯୬. ଗ୍ରନ୍ଥ-ବାଣୀ
୯୭. ପ୍ରଭୁ-ପ୍ରଭୁତ୍ୱ
୯୮. ଜ୍ଞାନ-ବିଜ୍ଞାନ
୯୯. ବାର-ମାସ-ବତ୍ସର
୧୦୦. ଭୂତ-ମହାଭୂତ
୧୦୧. ସେଖ୍ ବଲି-କୁଲି ସେବା
୧୦୨. ଆତ୍ମାର ଚିହ୍ନ କେଶ
୧୦୩. ଗଞ୍ଜା - ପାରଦ
୧୦୪. ଇନ୍ଦୁ ମହାସମୂଦ୍ର
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନା
୧୦୭. ପୁସ୍ତକ-ଗ୍ରନ୍ଥ
୧୦୮. ପାଦ-ପାପୁଲି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. ଅକ୍ଷମଣୀୟ ପାପ
୧୧୨. ମରଣ -ଶରୀର
୧୧୩. ଦିବ୍ୟ ଖୁରାନ୍-ହଦୀସ୍
୧୧୪. ଇନ୍ଦୁ-ହିନ୍ଦୁ
୧୧୫. ସୁଖ-ଆନନ୍ଦ
୧୧୬. କାଲଜ୍ଞାନ ବାକ୍ୟ

୧୧୭. ଭୌତିକ-ଅଭୌତିକ
୧୧୮. ଦୈବାଦେଶ-ମରଣ
୧୧୯. ଜ୍ଞାନ ପାଖରେ ସତର୍କ
୧୨୦. ଚନ୍ଦ୍ରାକାର (ଚନ୍ଦାମୁଣ୍ଡ)
୧୨୧. ଜ୍ଞାନ କବ୍ଜା ହୋଇଛି !
୧୨୨. ଈଶ୍ୱର-ଦୁଇଜଣ ! କି ଜଣେ !!
୧୨୩. ମତ ସୌମ୍ୟତା
୧୨୪. ମୋକ୍ଷ-ଠକାମି
୧୨୫. ଅକ୍ଷର ଜ୍ଞାନ
୧୨୬. ଲାଳଜଳ
୧୨୭. ଦୈବ ଧର୍ମ-ମତ ପ୍ରଥା
୧୨୮. ଆହାର ତୋର ! କି ତୋ ଆତ୍ମାର !
୧୨୯. ମାତ୍ରା(ବଟି)-ଔଷଧ
୧୩୦. କାଳଚକ୍ର
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତ୍ତମ-ଶ୍ରୀରାମ
୧୩୬. ଈଶ୍ୱରଙ୍କର ଜଣେ ପୁତ୍ର - ଈଶ୍ୱରଙ୍କର ଅନେକ ପୁତ୍ର ।
୧୩୭. ଜଳ,
୧୩୮. ଅଧିପତି
୧୩୯. ଗ୍ରହାନ୍ତରବାସୀ
୧୪୦. ଈଶ୍ୱର ଦ୍ୱିତୀୟ ? କି ଅଦ୍ୱିତୀୟ ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନ- ଉତ୍ତର
୧୪୨. ଗଶରୀର ରକ୍ତ- ଗ୍ରନ୍ଥର ଜ୍ଞାନ
୧୪୩. ଗ୍ରନ୍ଥର ଜ୍ଞାନ- ମଣିଷର ରକ୍ତ
୧୪୪. ତ୍ରୈତ ସିଦ୍ଧାନ୍ତ ଇତିହାସ
୧୪୫. କୁଶାଲ୍ କୁଶାଲ୍ ଲାଞ୍ଜମ୍ମା ନା ନେତି ମିଦା ରେଣ୍ଟୁ ତନ୍ନମ୍ମା ।
୧୪୬. ରାଜାଧି ରାଜା-ଦେବାଧି ଦେବା
୧୪୭. ଆଠଜଣ ସ୍ତ୍ରୀ ଥିବା ଶ୍ରୀକୃଷ୍ଣ ଗୋପାଳୁଣୀଙ୍କ ଉପରେ କାହିଁକି ନଜର ରଖିଥିଲେ ?
୧୪୮. କୁଳ-ମତ
୧୪୯. ମନ୍ଦିର
୧୫୦. ଗୁରୁପୁର୍ଣ୍ଣମି ମିଟିଙ୍ଗ୍
୧୫୧. ଭଗବାନ କିଏ ?
୧୫୨. ବିଶ୍ୱଧାଭିରାମ ଶୁଣରେ ବେମ ।
୧୫୩. କାଳ
୧୫୪. ଯମଧର୍ମ
୧୫୫. ଦକ୍ଷିଣ ଧର୍ମ- ବାମ ଧର୍ମ ।
୧୫୬. ଇନ୍ଦୁତ୍ୱ ସମସ୍ତଙ୍କଠାରେ ଅଛି । - ହିନ୍ଦୁତ୍ୱ ମାତ୍ର କେଇଜଣଙ୍କ ଠାରେ ଅଛି ।
୧୫୭. ଧର୍ମ ତିନୋଟି ଅଛି ଅଧର୍ମ ଛଅଟି ହୋଇଛି ।
୧୫୮. ମୁଁ-ମୋ ବାପା-ମୋ ଜେଜେବାପା, ମୁଁ - ମୋ ମା'- ମୋ ଜେଜିମା' ।
୧୫୯. ଆଦ୍ୟ ଆତ୍ମିକ - ଆଧ୍ୟାତ୍ମିକ, ଆଦ୍ୟ ଦୈବିକ- ଆଦ୍ୟୈବିକ ।
୧୬୦. ମଞ୍ଜି ନଥିବା ଗଛ ଶିବ ! କି ଈଶ୍ୱର !!
୧୬୧. ମଣିଷକୁ ଜନ୍ତୁ କହିଲେ କଣ ତାକୁ ଅପମାନିତ କଲା ଭଳି ହୁଏ ନାହିଁ !
୧୬୨. ଈଶ୍ୱର କରୁଣାମୟ - ଈଶ୍ୱର କଠୋର ।
୧୬୩. ଆଧ୍ୟାତ୍ମିକ ପ୍ରଶ୍ନ - ଜବାବ ।

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଳ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)
ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା
ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

୧.କଳ୍ପନା ସୁନ୍ଦରାୟ:7978498668, ୨.ପ୍ରଶାନ୍ତ ପଟ୍ଟନାୟକ:9160767516.
୩.ତେଜସ୍ୱିନୀ ମାନସିଂହ:9777075446, ୪.ଦିପ୍ତିରଞ୍ଜନ ପଣ୍ଡା : 7873229092.
୫.ଲକ୍ଷ୍ମୀଧର ପାଇକରାୟ:9692557801 ୬.ଶ୍ରୀନିବାସ ମାନସିଂହ : 9040929743.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)
ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)
୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499
୨. ଇ. ଅଶୋକ କୁମାର : 6370043490
୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563
୪. ଡି.ରବି (ପାରଲାଖେମୁଣ୍ଡି) : 8249683055
୫. ଏସ୍. ଗୌରିଶଙ୍କର ରାଓ : 9348538123
୬. ଇ. ସିଂହାଞ୍ଚଲମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**
Youtube : thraitha siddantham

# ଯୋଗୀଶ୍ୱରଙ୍କ ଶୃଙ୍ଖଳ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାଚ୍ଚର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ କ୍ଷୟ, ଅକ୍ଷୟ ସମାଚ୍ଚର ଏବଂ ପରମାତ୍ମା ସମାଚ୍ଚର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ ଅଭୌତିକ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଳବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଶୃଙ୍ଖଳ୍ୟ ସୃଷ୍ଟି କରୁଛି, ପଢି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ  ସମସ୍ତ ଗ୍ରନ୍ଥଗୁଡିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକୁ ଦେଖିଲେ ଦୁଷ୍ଟଶକ୍ତିମାନେ ଭୟରେ ଚ୍ଚଲିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ ଶ୍ରୀକୃଷ୍ଣ ଆଗରୁ କହିନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଯିବା ପରେ ତାହା ଐଶ୍ୱରୀୟ ଶକ୍ତି ବୋଲି ଜଣାପଡେ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣାପଡିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣିପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ୍ୟ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ  ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡିକୁ ପଢି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ତ୍ରୈତ ସିଦ୍ଧାନ୍ତ

ଆଧ୍ୟାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ ସ୍ୱୀକାର କରିବାକୁ ବାଧ୍ୟ ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ୍ୟ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ୍ୟ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦୁପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ସୂଚୀପତ୍ର


| କ୍ର.ସଂ. | | | ପୃଷ୍ଠାଙ୍କ |
|---|---|---|---|
| 1. | ସୃଷ୍ଟି ରହସ୍ୟ | --- | 11 |
| 2. | ଶ୍ରୀକୃଷ୍ଣାଷ୍ଟମୀ (ଜନ୍ମାଷ୍ଟମୀ) | --- | 18 |
| 3. | ପୁରୁଷାର୍ଥ | --- | 21 |
| 4. | ଜୀବାତ୍ମା - ଆତ୍ମା - ପରମାତ୍ମା | --- | 27 |
| 5. | ଦାନ୍ - ଧର୍ମ | --- | 37 |
| 6. | ଧର୍ମର ରକ୍ଷାକର ଧର୍ମ ହିଁ ତୁମକୁ ରକ୍ଷା କରିବ | --- | 42 |
| 7. | ରୁଦ୍ରାକ୍ଷ | --- | 46 |
| 8. | ଗୁରୁ - ବୋଧକ | --- | 47 |
| 9. | ରୋଗ - ଯୋଗ | --- | 54 |
| 10. | ଭଗବାନ କିଏ ? | --- | 59 |
| 11. | ମନର ଆକାର ଅଛି ? | --- | 68 |
| 12. | ଆତ୍ମାର ଆକାର ଅଛି ? | --- | 71 |
| 13. | ଜହ୍ନମାମୁଁ | --- | 76 |
| 14. | ମାମୁଁ | --- | 79 |
| 15. | ରାତ୍ରି - ଦିନ | --- | 82 |
| 16. | ଜଗଦ୍ଗୁରୁ | --- | 88 |
| 17. | ସମତା - ସାମତା - ସାମେତା | --- | 94 |
| 18. | ଶରୀରାନ୍ତର୍ଗତ ଯନ୍ତ୍ରାଙ୍ଗ | --- | 101 |
| 19. | ପଞ୍ଚାକ୍ଷରୀ | --- | 125 |
| 20. | ଅଣ୍ଡିରା | --- | 131 |
| 21. | ଅବଧୂତ (ଅବଦୂତ) | --- | 134 |
| 22. | ନାରୀ - ସୌଭାଗ୍ୟ | --- | 137 |
| 23. | ବ୍ରାହ୍ମଣ - ନାୟିବ୍ରାହ୍ମଣ | --- | 145 |
| 24. | ଗୁରୁ ପୂର୍ଣ୍ଣିମା | --- | 158 |
| 25. | ଉପନିଷଦ | --- | 162 |
| 26. | ଯୁଗାଦି | --- | 172 |
| 27. | ଆତ୍ମା (ସର୍ବ ଜୀବରାଶି ପାଇଁ କଣ ସମାନ ?) | --- | 177 |
| 28. | ଇନ୍ଦୁ | --- | 185 |
| 29. | ମତ ସାମ୍ୟତା | --- | 190 |
| 30. | ଯଜ୍ଞ କହିଲେ କଣ ? | --- | 200 |
| 31. | ଋଣ | --- | 208 |
| 32. | ବ୍ରହ୍ମଚରୀ | --- | 214 |
| 33. | ବାୟୁ - ଆୟ | --- | 216 |
| 34. | ପୁଣ୍ୟ ! କି ଜ୍ଞାନ ! | --- | 220 |
| 35. | ସ୍ୱପ୍ନ | --- | 222 |
| 36. | ଚୈତନ୍ୟ ଶକ୍ତି (କୁଣ୍ଡଳିକା ଶକ୍ତି) | --- | 226 |
| 37. | ଆଶ୍ରମ - ପ୍ରୋଲିସ୍ ଷ୍ଟେସନ୍ | --- | 233 |
| 38. | କର୍ତ୍ତା - କର୍ମ - କ୍ରିୟା - ସାକ୍ଷୀ | --- | 242 |
| 39. | ଭୋଗୀ - ନିଆଁ | --- | 251 |
| 40. | ଈଶ୍ୱର - ମାୟା | --- | 258 |
| 41. | ଆଦିକାଳର ରହସ୍ୟ | --- | 264 |
| 42. | ତୋ ସଂସାର | --- | 269 |
| 43. | ଆମ ଶେଷକଥା | --- | 283 |

# ସୃଷ୍ଟି ରହସ୍ୟ

ଜଗତ ନଥିବା ଆଗରୁ ପରମାତ୍ମା ସ୍ତ୍ରୀ ନୁହନ୍ତି କି ପୁରୁଷ ନୁହନ୍ତି । କିଛି ହୋଇନଥିବା ପରମାତ୍ମା ଜଗତକୁ ସୃଷ୍ଟିକରିବା ଉଦ୍ଦେଶ୍ୟରେ, ସ୍ତ୍ରୀ ତତ୍ତ୍ୱ ପ୍ରକୃତିକୁ ତିଆରି କରି, ସେଥିରେ ରହିବା ଯୋଗ୍ୟ ସ୍ତ୍ରୀ ଲକ୍ଷ୍ୟଣଗୁଡିକୁ ଏବଂ ରହିବା ଯୋଗ୍ୟ ପଦ୍ଧତିକୁ ନିର୍ଣ୍ଣୟ କରିଛନ୍ତି । ପ୍ରକୃତି ସ୍ତ୍ରୀସ୍ୱରୂପ ହୋଇଥିବାରୁ ତାର ସମ୍ପୂର୍ଣ୍ଣ ବିରୁଦ୍ଧ ଲକ୍ଷଣରେ ରହିଛନ୍ତି । ପରମାତ୍ମା ପୁରୁଷ, ତାଙ୍କ ପାଇଁ ପ୍ରକୃତି ଏବଂ ପ୍ରକୃତି ପାଇଁ ସେ ସମ୍ପୂର୍ଣ୍ଣ ବିପରୀତ ରହିବାକୁ ଭାବିଥିବା ପରମାତ୍ମା, ଉଭୟ ସମବୁଦ୍ଧିଯୁକ୍ତ ହୋଇ ରହିବା ବେଳେ ହିଁ ସେ ରଚିଥିବା କ୍ରୀଡା ରସବନ୍ତ ହେବ ବୋଲି ଭାବି ନିଜର ସମାନ ଅଧିକାର ପ୍ରକୃତିକୁ ଦେଇଛନ୍ତି । ପ୍ରକୃତି ପରମାତ୍ମାଙ୍କର ବିରୁଦ୍ଧ, କିନ୍ତୁ ଶତ୍ରୁ ନୁହେଁ । ପରମାତ୍ମା ପ୍ରକୃତିର ବିରୁଦ୍ଧତାକୁ ସମ୍ମୁଖୀନ କରନ୍ତି ସିନା, ପ୍ରକୃତିର ଶତ୍ରୁ ନୁହନ୍ତି । ଦିନେ ପ୍ରକୃତିକୁ ତିଆରି କରିଥିବା ପରମାତ୍ମା ପୁଣି କେବେ ପ୍ରକୃତିକୁ ନିଜଠାରେ ଲୀନକରି ତାର ଅସ୍ତିତ୍ୱକୁ ନିଖୋଜ କରନ୍ତି । ପ୍ରକୃତିର ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଏବଂ ସଂହାରକର୍ତ୍ତା ହେଉଛନ୍ତି ପରମାତ୍ମା । ଜନ୍ମଦାତା ପିତା ଭାବରେ, ଭରଣ କରୁଥିବା ଭର୍ତ୍ତା (ପତି) ଭାବରେ, ବିନାଶକାରୀ କାଳ ଭାବରେ ରହି ମଧ୍ୟ ପ୍ରକୃତିର ଶକ୍ତି ହୋଇ ରହିଥା'ନ୍ତି ପରମାତ୍ମା । ଏଭଳି ଅସୀମ ପରମାତ୍ମା ବିଶାଳ ପ୍ରକୃତିକୁ ସୃଷ୍ଟିକରି ତା ସହିତ ଜଗତ ନାମକ ନାଟ୍ୟକ୍ରୀଡା କରୁଛନ୍ତି, ସେହି ନାଟକରେ କିଛି ହୋଇନଥିବା ପରମାତ୍ମା ସ୍ୱୟଂ ପୁରୁଷ ବେଶଧାରୀ ହୋଇ ରହିଛନ୍ତି । ଜଗତ ନାଟକ ଅନୁସାରେ ସେ ହେଉଛନ୍ତି ପୁରୁଷ, ନାଟକର ଅତୀତତଃ ଦେଖିଲେ ସେ ପୁରୁଷ ନୁହନ୍ତି କି ସ୍ତ୍ରୀ ନୁହନ୍ତି । ପ୍ରକୃତିକୁ ଆମେ ପାଞ୍ଚ ଭାଗରେ ବିଭକ୍ତ କରି ପ୍ରପଞ୍ଚ (ପଞ୍ଚଭୂତ) ନାମରେ କହୁଛେ । ପ୍ରପଞ୍ଚକୁ ସୃଷ୍ଟି କରିଥିବା ପରମାତ୍ମା ସେଥିରେ ଜନ୍ମ ମରଣ ବିଶିଷ୍ଟ ଜଗତକୁ ତିଆରି କରିବା ପାଇଁ ଯୋଜନା କରି ପ୍ରପଞ୍ଚ ଦେହରେ ଜୀବରାଶିଙ୍କୁ ସୃଷ୍ଟି କରିଛନ୍ତି । "**ଜ**" ଅର୍ଥାତ୍ ଜନ୍ମ, "**ଗତ**" ଅର୍ଥାତ୍ ମରଣ, ତେଣୁ ଜଗତ କହିଲେ,

ଯେଉଁଥିରେ ଜନ୍ମ ମରଣ ରହିଛି ବୁଝାଯିବା ଭଳି ଜୀବରାଶି ସମୂହକୁ **"ଜଗତ"** କୁହାଯାଉଛି । ଏଭଳି ପ୍ରକୃତି ନାମକ ପ୍ରପଞ୍ଚକୁ ଜନ୍ମଦେଇଥିବା ପରମାତ୍ମା ସେଥିରେ ଜୀବରାଶି ସୃଷ୍ଟିକରିଛନ୍ତି । ପ୍ରକୃତି ପୁରୁଷ ପରସ୍ପର ସମାନ ଶକ୍ତି ବିଶିଷ୍ଟ ହୋଇ ଅର୍ଥାତ୍ ପ୍ରପଞ୍ଚ ଆଉ ପରମାତ୍ମା ସମାନହେବା ଭଳି ରହିବା ବେଳେ, ସେଥିରୁ ସ୍ୱତନ୍ତ୍ର ଭାବରେ ଜନ୍ମନେଇଛି ଜଗତ । ଏପର୍ଯ୍ୟନ୍ତ ପରମାତ୍ମା ପ୍ରକୃତି ଏବଂ ଜଗତକୁ ତିଆରି କରିଛନ୍ତି । ଏହି ଦୁଇଟି ସହିତ ପରମାତ୍ମାଙ୍କୁ ମିଶାଇଲେ ମୋଟ ତିନି ହୋଇଥାଏ । ପ୍ରଥମେ କିଛି ହୋଇନଥିବା ପରମାତ୍ମା ପ୍ରକୃତିକୁ ତିଆରିକରି, ନିଜେ ପୁରୁଷ ହୋଇ ପ୍ରକୃତିକୁ ନିଜର ଭାର୍ଯ୍ୟା ଭାବରେ ରଖି, ପ୍ରକୃତିର ଭର୍ତ୍ତା (ସ୍ୱାମୀ) ହୋଇ ଜଗତ ନାମକ ସ୍ୱତନ୍ତ୍ର ସନ୍ତାନ ସୃଷ୍ଟି କରିଛନ୍ତି । ଏହି ବଂଶପରମ୍ପରାର ଅତୀତ ଭାବରେ ଦେଖିଲେ, କିଛି ହୋଇନଥିବା ପରମାତ୍ମା ନିଜଠାରୁ ତିନିଗୋଟି ଭାଗକୁ ସୃଷ୍ଟି କରିଛନ୍ତି ବୋଲି କହିପାରିବା, ସେଗୁଡିକ ପ୍ରକୃତି, ପୁରୁଷ ଏବଂ ଜଗତ । ଆମ ଦୃଷ୍ଟିରେ ପରମାତ୍ମା ପୁରୁଷ, ପ୍ରକୃତି ସ୍ତ୍ରୀ ଏବଂ ଜଗତକୁ ନପୁଂସକ ଭାବରେ ନେଇପାରିବା । ଜଗତ ନାଟକର ଖେଳରେ ନପୁଂସକ ହୋଇଥିବା ଜଗତକୁ କିଏ କାହା ଦିଗରେ ନେଇପାରୁଛି ତାହା ହିଁ ଖେଳର ଉଦ୍ଦେଶ୍ୟ । ଜଗତକୁ ଗୋଟିଏ ଦିଗରେ ପ୍ରକୃତି ଟାଣିବା ସ୍ଥଳେ, ଅନ୍ୟ ଦିଗରେ ପରମାତ୍ମା ଟାଣିଥା'ନ୍ତି । ପ୍ରତ୍ୟେକ ଖେଳର କିଛିନା କିଛି ନିୟମ ଥାଏ । ଖେଳର ନିୟମକୁ ନିର୍ଣ୍ଣୟ କରିଥିବା ପରମାତ୍ମା ସବୁକିଛିକୁ ନିଜେ ସୃଷ୍ଟି କରିଥିଲେ ମଧ୍ୟ ଖେଳର ନିୟମ ଅନୁସାରେ ଖେଳୁଛନ୍ତି । ସବୁ ଖେଳର ଏକ ସମୟସୀମା ରହିବା ଭଳି ଏହି ଖେଳର ମଧ୍ୟ ସମୟସୀମା ରହିଛି । ଫୁଟବଲ୍ ଖେଳର ସମୟସୀମା ଦେଢଘଣ୍ଟା, କ୍ରିକେଟ ଖେଳର ପଚାଶ ଓଭର ରହିବା ଭଳି ଜଗନ୍ନାଟକ ଖେଳର ସମୟସୀମା ହେଉଛି ଏକହଜାର ଯୁଗ ବା ୧୦୮କୋଟି ବର୍ଷ । କିଛି ସମୟ ଖେଳ, କିଛି ସମୟ ବିଶ୍ରାମ ରହିବା ଭଳି ପରମାତ୍ମାଙ୍କ ଖେଳର ସମୟସୀମା ୧୦୮ କୋଟି

ବର୍ଷ ଏବଂ ବିଶ୍ରାମ ମଧ୍ୟ ୧୦୮ କୋଟି ବର୍ଷକୁ ସ୍ୱୟଂ ପରମାତ୍ମା ନିର୍ଣ୍ଣୟ କରି ରଖିଛନ୍ତି ।

କିଛି ହୋଇନଥିବା ପରମାତ୍ମା, ଯାହାକୁ ଅମୁକ ବୋଲି କେହି କହି ପାରନ୍ତି ନାହିଁ, ସେ ଏହି ପ୍ରପଞ୍ଚକୁ, ଜଗତକୁ ତିଆରି କରିଛନ୍ତି । ପ୍ରକୃତି ପାଇଁ ସେ ପୁରୁଷ ହୋଇ ରହିଛନ୍ତି । ନିଜେ ପୁରୁଷ ହୋଇ ନିଜର ବୀଜ ପ୍ରବେଶ କରାଇ ଗର୍ଭଧାରଣ କରୁଥିବା ପ୍ରକୃତିକୁ ପାଞ୍ଚ ଭାଗରେ ବିଭକ୍ତ କରିବା ଦ୍ୱାରା ତାହାକୁ ଆମେ ପଞ୍ଚଭୂତ ନାମରେ ବା ପ୍ରପଞ୍ଚ ନାମରେ କହୁଛେ । ଏହିଭଳି ପ୍ରକୃତି ପୁରୁଷଙ୍କଠାରୁ ଜନ୍ମହୋଇଥିବା ଜଗତକୁ ମଧ୍ୟ ତିନିଭାଗରେ ବିଭକ୍ତ କରିଛନ୍ତି, ସେହି ଜୀବରୂପ ଜଗତକୁ ଜୀବାତ୍ମା ନାମରେ, ଆତ୍ମା ନାମରେ, ପରମାତ୍ମା ନାମରେ  କହିପାରିବା । ଜୀବାତ୍ମା ଏବଂ ଆତ୍ମାକୁ ତିଆରି କରି ପରମାତ୍ମା ପରମାତ୍ମା ଭାବରେ ଚିହ୍ନିତ ହୋଇଛନ୍ତି । ପ୍ରକୃତି ପାଇଁ ପୁରୁଷ ଏବଂ ଆତ୍ମା ଦୁଇଟି ପାଇଁ ସେ ପରମାତ୍ମା ଭାବରେ କଥିତ ହେଉଛନ୍ତି । ପ୍ରକୃତି ଏବଂ ଆତ୍ମାଗୁଡିକର ଅସ୍ତିତ୍ୱ ଥିବାବେଳ ହିଁ ତାଙ୍କୁ ପରମାତ୍ମା କହିବା ସମ୍ଭବ ହୋଇଥାଏ, ନଚେତ ତାଙ୍କୁ କୌଣସି ନାମରେ କହିପାରିବା ନାହିଁ । କିଛି ହୋଇନଥିବା ପାତ୍ର ପ୍ରପଞ୍ଚରେ ପୁରୁଷ ନାମରେ, ଆତ୍ମାଗୁଡିକ ଭିତରେ ପରମାତ୍ମା ନାମରେ କାହିଁକି କଥିତ ହୁଅନ୍ତି ତାହା ଆପଣମାନଙ୍କୁ ବୁଝାପଡିଥିବ ବୋଲି ଭାବୁଛୁ । ପ୍ରକୃତି  ପୁରୁଷଙ୍କଠାରୁ ଜୀବରୂପ ଜଗତ ତିଆରି ହୋଇଛି । ଜଗତରେ ମଧ୍ୟ ମାତା ପିତା ହୋଇଥିବା ପ୍ରକୃତି ପୁରୁଷଙ୍କ ଲକ୍ଷଣ ରହିବା ଭଳି ପରମାତ୍ମା ନିର୍ମାଣ କରିଛନ୍ତି ।

ପ୍ରକୃତିରେ  ପୁରୁଷର  ବିରୁଦ୍ଧ ଲକ୍ଷଣ ରହିବା ଭଳି ବନ୍ଦୋବସ୍ତ ରହିଛି । କେବଳ  ଜୀବଜଗତରେ ଉଭୟ ପ୍ରକୃତି ପୁରୁଷଙ୍କର  ଲକ୍ଷଣ ମିଳିତ ହୋଇ  ରହିଛି । ଜୀବରୂପ  ଜଗତରେ ପରମାତ୍ମା ସମ୍ବନ୍ଧୀୟ ଜୀବାତ୍ମା, ଆତ୍ମା ଏବଂ ପ୍ରକୃତି ସମ୍ବନ୍ଧୀୟ ଶରୀର ଏବଂ ଗୁଣରାଜି ରହିଛି । ସେହିଭଳି ପରମାତ୍ମାଙ୍କ  ଅସ୍ତିତ୍ୱର  ସପକ୍ଷରେ  ଆତ୍ମାଜ୍ଞାନ, ବିପକ୍ଷରେ ପ୍ରକୃତିଜ୍ଞାନ,

ଏହିଭଳି ଦୁଇଟି ରହିଛି । ଜଗତ ଭାବରେ ରହିଥିବା ମାନବଠାରେ ପ୍ରକୃତି ପୁରୁଷଙ୍କ ଲକ୍ଷଣ ରହି, ପ୍ରକୃତି ପୁରୁଷ ଏହିଭଳି ରହିଛନ୍ତି ବୋଲି ଜାଣି ପାରିବା ଭଳି ପ୍ରକୃତିର ପ୍ରତିରୂପ ସ୍ତ୍ରୀ ଶରୀର, ପରମାତ୍ମାଙ୍କ ପ୍ରତିରୂପ ପୁରୁଷ ଶରୀର ରହିଛି । ଏହିଭଳି ପ୍ରକୃତି ପରମାତ୍ମାଙ୍କ ବ୍ୟତୀତ ସେମାନଙ୍କଠାରୁ ଜନ୍ମ ହୋଇଥିବା ଜଗତ ମଧ୍ୟ ରହିଛି ବୋଲି ଜାଣିପାରିବା ଭଳି ଜଗତର ପ୍ରତିରୂପ ଭାବରେ ନପୁଂସକ ଶରୀର ମଧ୍ୟ ଜନ୍ମହୋଇଛି । ସ୍ତ୍ରୀ, ପୁରୁଷ, ନପୁଂସକ ନାମକ ତିନି ପାତ୍ର ପ୍ରକୃତି, ପରମାତ୍ମା ଏବଂ ଜଗତର ପ୍ରତିରୂପ ହୋଇ ରହିଛନ୍ତି । ପ୍ରକୃତି= ସ୍ତ୍ରୀ, ପରମାତ୍ମା= ପୁରୁଷ, ଜଗତ= ନପୁଂସକ । ଜନ୍ମ ହୋଇଥିବା ପ୍ରକୃତିକୁ ସ୍ତ୍ରୀ, ପରମାତ୍ମାଙ୍କୁ ପୁରୁଷ, ଜଗତକୁ ନପୁଂସକ ଭାବରେ ଜାଣିବା ପାଇଁ ପରମାତ୍ମା ଏଭଳି କରାଇବା ସହିତ ପ୍ରକୃତି ପରମାତ୍ମାଙ୍କଠାରୁ ହିଁ ଜଗତ ସୃଷ୍ଟି ହୋଇଥାଏ ବୋଲି ଜାଣିପାରିବା ଭଳି ସ୍ତ୍ରୀପୁରୁଷଙ୍କଠାରୁ ସନ୍ତାନସନ୍ତତି ଜନ୍ମହେବା ଭଳି କରିଛନ୍ତି । ସମସ୍ତଙ୍କୁ ଦେଖାଯାଉଥିବା ମାତା, ପିତା, ସନ୍ତାନର ଅର୍ଥ ହିଁ ସୃଷ୍ଟ୍ୟାଦିର ସୃଷ୍ଟି ନିୟମ ବୋଲି ଜାଣିବା ଉଚିତ୍ । ସବୁକ୍ଷେତ୍ରରେ ନିଜର ବୁଦ୍ଧିକୁ ଉପଯୋଗ କରି ପାରୁଥିବା ମାନବ, ସ୍ତ୍ରୀଠାରୁ ଭିନ୍ନ ଭାବରେ ଥିବା ପୁରୁଷ ବାବଦରେ ହେଉ, ସ୍ତ୍ରୀ ପୁରୁଷଙ୍କଠାରୁ ଜନ୍ମୁଥିବା ସନ୍ତାନ ବାବଦରେ ହେଉ, ଭୂପୃଷ୍ଠରେ କାହିଁକି ଏଭଳି ବ୍ୟବସ୍ଥା ରହିଛି ବୋଲି ଟିକିଏ ମଧ୍ୟ ବିଚାର କରୁନାହିଁ । ଆଧ୍ୟାତ୍ମିକ ବିଦ୍ୟାରେ ଅକ୍ଷରାଭ୍ୟାସ ହୋଇଥିବା ଏହି ସୃଷ୍ଟି ରହସ୍ୟକୁ ଜାଣି ନପାରିଲେ ଆଧ୍ୟାତ୍ମିକ କଦାପି ଜାଣିହୁଏ ନାହିଁ ।

ଏହା ଗୋଟିଏ ଖେଳ ବା ପରମାତ୍ମା ଆଉ ପ୍ରକୃତିଙ୍କ ମଧ୍ୟରେ ଘଟୁଥିବା ଶତ୍ରୁତ୍ୱରହିତ ଯୁଦ୍ଧ ବୋଲି ଜାଣିବା ଉଚିତ୍ । ପ୍ରକୃତି ପରମାତ୍ମାଙ୍କ ଖେଳରେ ଜୀବାତ୍ମାକୁ କିଏ କାହା ଦିଗରେ ଟାଣିନେଉଛି ଦେଖାଯାଏ । ପରମାତ୍ମା ନିଜର ଜ୍ଞାନବୋଧ କରି ଜୀବାତ୍ମାକୁ ନିଜ ଦିଗରେ ଟାଣିବା ତାଙ୍କ ଖେଳରେ ତାଙ୍କର କର୍ତ୍ତବ୍ୟ ହୋଇ ରହିଛି । ସେହିଭଳି ପ୍ରକୃତି ନିଜର

ଆୟୁଧ ହୋଇଥିବା ଗୁଣରାଜିରେ ଛନ୍ଦା ମଣିଷକୁ ସମୟ ନମିଳିବା ଭଳି କରି, ପରମାତ୍ମାଙ୍କ ବିଷୟରେ ମଣିଷ ଟିକିଏ ଚିନ୍ତା ନକରିବା ଭଳି କରିଦେଉଛି । ସମସ୍ତଙ୍କୁ ନିଜର କାର୍ଯ୍ୟରେ ଛନ୍ଦି ସେହି କାର୍ଯ୍ୟ ଉପରେ ଧ୍ୟାନ ରହିବା ଭଳି କରି ଜୀବର ଆଶା ଅନୁବନ୍ଧିତ ଗୁଣରାଜିରେ ବିଚରଣ କରାଇ, ପରମାତ୍ମାଙ୍କ ଦିଗରୁ ଜୀବକୁ ନିଜ ଦିଗରେ ଟାଣିନେଉଛି । ପ୍ରକୃତି ପରମାତ୍ମାଙ୍କ ମଝିରେ ଘଟୁଥିବା ଏହି ଖେଳର ନାଆଁ ନାହିଁ । ପ୍ରକୃତି ମାୟା ରୂପରେ ନିଜକୁ କେହି ଚିହ୍ନି ନପାରିବା ଭଳି ଖେଳି ସମସ୍ତଙ୍କୁ  ନିଜର କରିଥାଏ । ଜଗତରେ ଯଦି କେହି ପରମାତ୍ମାଙ୍କ ଉପରେ ଇଚ୍ଛା ବଳାଇଲା, ପରମାତ୍ମାଙ୍କୁ ଜାଣିବାକୁ ଇଚ୍ଛାକଲା ତେବେ, ତା ଉପରେ ମାୟା ସ୍ୱତନ୍ତ୍ର ଭାବରେ ଦୃଷ୍ଟିନିକ୍ଷେପ କରି ତାକୁ ମଧ୍ୟ ନିଜର ଅଧିନ କରିଦିଏ । ପରମାତ୍ମା (ଈଶ୍ୱର) ଆଉ ମାୟା (ପ୍ରକୃତି) ଭିତରେ ଘଟୁଥିବା ଏହି ଖେଳରେ ପରମାତ୍ମାଙ୍କ ଅପେକ୍ଷା ମାୟାର ଅଧିକ ବଳ ରହିଛି ବୋଲି କହିପାରିବା । କାହିଁକିନା ! ସମସ୍ତେ ପ୍ରାୟ ୯୯ ପ୍ରତିଶତ ଲୋକେ ମାୟାଜାଲରେ ଛନ୍ଦିହୋଇଛନ୍ତି ବୋଲି ଜଣାଯାଉଛି । ଏହି ପରିସ୍ଥିତିରେ କ'ଣ ଈଶ୍ୱର (ପରମାତ୍ମା) ହାରିଯିବେ ବୋଲି ଆମେ ସନ୍ଦେହ କରିବା ସ୍ଥିତିରେ, କ'ଣ ପରମାତ୍ମା ତାଙ୍କର ଉନ୍ନତ କ୍ରୀଡା ପ୍ରଦର୍ଶନ କରନ୍ତି ନାହିଁ ବୋଲି ପ୍ରଶ୍ନ ବାହାରକୁ ଆସିଥାଏ ।

ସେତେବେଳେ ଜଣାଯାଏ ଯେ ପରମାତ୍ମା ମଧ୍ୟ ଖେଳରେ ଜିତିବା ପାଇଁ ମଣିଷସମାଜ ଭିତରକୁ ଆସି, ନିଜକଥା ନିଜେ କହି, ଜୀବକୁ ନିଜ ଦିଗରେ ଟାଣିନେବା ଚେଷ୍ଟା କରିଥା'ନ୍ତି । ଖେଳ କହିଲେ ହାରିବା ଜିତିବା ଭିତରେ ହେଉଥିବା ଲଢେଇ, କିନ୍ତୁ ଏହି ଖେଳ ଶସ୍ତ୍ରାସ୍ତ୍ରରହିତ ଯୁଦ୍ଧ ବୋଲି ଆଗରୁ ଜାଣିଛେ । ତେଣୁ ଏହି ଖେଳରେ ସବୁଖେଳ ଭଳି ଯାହାର ବ୍ୟୁହରଚନା ଯାହାର ବୋଲି  କହିପାରିବା । ମଣିଷ ଭିତରେ ପରମାତ୍ମା ଆଉ ମାୟା ଉଭୟ ରହିଥିଲେ ମଧ୍ୟ ସେମାନଙ୍କ ବାବଦରେ ମଣିଷକୁ ଜଣା ନଥାଏ, ସେଥିଲାଗି ମଣିଷ ପରମାତ୍ମାଙ୍କୁ (ଈଶ୍ୱରଙ୍କୁ)

କିମ୍ବା ମାୟାକୁ ଚିହ୍ନିପାରେ ନାହିଁ । ମଣିଷ କାହା ଦିଗରେ ଅଛି ବୋଲି ମଧ୍ୟ ନିଜେ ଜାଣିନଥାଏ । ମାୟାଫାଶରେ ଛନ୍ଦିହୋଇଥିବା ମଣିଷକୁ ମାୟାଫାଶରୁ ମୁକୁଳାଇବା ପାଇଁ ପରମାତ୍ମା ମଧ୍ୟ ନିଜର କର୍ତ୍ତବ୍ୟ ଭାବରେ ଚେଷ୍ଟା କରିଥାନ୍ତି, ସେହି ଚେଷ୍ଟାରେ ହିଁ ପରମାତ୍ମା ଭୂପୃଷ୍ଠରେ ଭଗବାନ ହୋଇ ଜନ୍ମ ହୋଇଥା'ନ୍ତି, କିନ୍ତୁ ଖେଳର ନିୟମ ଅନୁସାରେ ପରମାତ୍ମା ଭଗବାନ ହୋଇ ଆସନ୍ତି ବୋଲି କେହି ଜାଣିବା ଉଚିତ୍ ନୁହେଁ । ସେଥିଲାଗି କେହି ଜାଣିନପାରିବା ଭଳି ପରମାତ୍ମା ଭଗବାନ ହୋଇ ଆସିବା ବେଳେ, ସାଧାରଣ ମଣିଷଟିଏ ପରମାତ୍ମାଙ୍କ ବାବଦରେ ଜ୍ଞାନ କହିବା ଭଳି ତାଙ୍କୁ ନିଜ ବାବଦରେ କହିବାକୁ ପଡିଥାଏ । ନିଜ ବାବଦରେ ନିଜେ କହୁଥିଲେ ମଧ୍ୟ, ନିଜ ଧର୍ମକୁ ରକ୍ଷା କରୁଥିଲେ ମଧ୍ୟ, ମାୟା ନିଜର ବ୍ୟୁହରଚନା କରିବା ପୂର୍ବକ ଆସି, ଭଗବାନଙ୍କୁ ମଧ୍ୟ ନରାଧମ ବୋଲି, ଅଜ୍ଞାନୀ ବୋଲି ପ୍ରଚାର କରିଥାଏ, ସେ ଯାହା କହୁଛନ୍ତି ତାହା ଅଜ୍ଞାନ, ଅଧର୍ମ, ମୁଁ ଯାହା କହୁଛି ତାହା ହିଁ ବାସ୍ତବ ଜ୍ଞାନ, ଧର୍ମ ବୋଲି କହିବା ଭଳି ଭୂପୃଷ୍ଠରେ ମାୟା ଗୁରୁମାନଙ୍କୁ ତିଆରି କରୁଛି । ସ୍ୱୟଂ ମାୟା ହିଁ ଭୁପୃଷ୍ଠରେ ଗୁରୁ, ସ୍ୱାମୀଜୀ ରୂପରେ ଅବତାର ନେଉଛି ବୋଲି କେହି ଜାଣିପାରନ୍ତି ନାହିଁ । ନିଜ ଜ୍ଞାନକୁ ଅତି ସୁନ୍ଦର ଭାବରେ ବର୍ଣ୍ଣନାକରି ଏହାହିଁ ପ୍ରକୃତ ପରମାତ୍ମା ଜ୍ଞାନ ବା ଦୈବଜ୍ଞାନ ବୋଲି ମଣିଷ ଭିତରେ ଭାବନା ଜାତ କରାଇ ବାସ୍ତବ ଜ୍ଞାନକୁ ଅବାସ୍ତବ କରିଦେଉଛି । ବାସ୍ତବ ଦୈବଜ୍ଞାନକୁ କେହି ଜାଣିନପାରିବା ଭଳି ଜ୍ଞାନରେ ବ୍ୟବହାର କରାଯାଉଥିବା ପରମାତ୍ମା, ମୋକ୍ଷ, ଜ୍ଞାନ, ସାଧନା ଇତ୍ୟାଦି ଶବ୍ଦର ବ୍ୟବହାର କରି ମଧୁର ମାୟାଜ୍ଞାନରେ ମଣିଷକୁ (ଜୀବକୁ) ମୋହିତ କରିଦେଉଛି । ପରମାତ୍ମାଙ୍କୁ ପାଇବାକୁ ଚେଷ୍ଟା କରୁଥିବା ମଣିଷ ବୁଦ୍ଧିରେ କ'ଣ ଧର୍ମ, କ'ଣ ଅଧର୍ମ ବିଚାର ହୋଇ ନପାରିବା ଭଳି କରି ଯିଏ ଯାହା କହିଲେ ତାହାକୁ ମଣିଷ ବିଶ୍ୱାସ କରିବା ଭଳି କରିଦେଉଛି । ପରମାତ୍ମା ହୁଅନ୍ତୁ କି ପ୍ରକୃତି ହେଉ, ଭୂପୃଷ୍ଠରେ ଯିଏ ମଧ୍ୟ ଅବତାର ନେଉ ତାହା କେହି ଯେମିତି ଜାଣି ନପାରିବେ ତାହା ହିଁ ଖେଳର ନିୟମ ।

ପରମାତ୍ମା ଭଗବାନ ହୋଇ ଭୂପୃଷ୍ଠକୁ ଆସିବା ବେଳେ ମୁଁ ନିଜେ ପରମାତ୍ମା ବୋଲି ଖେଳର ନିୟମ ଅନୁସାରେ କହୁନଥିବା ଭଳି, ପ୍ରକୃତି ମଧ୍ୟ ମାୟା ରୂପରେ ରହି ଭୂପୃଷ୍ଠରେ ମୁଁ ପ୍ରକୃତି ବୋଲି କାହାକୁ କହିନଥାଏ, କିନ୍ତୁ ମାୟା ମଣିଷ ହୋଇ ଆସିବା ବେଳେ ମୁଁ ଭଗବାନ ବୋଲି କହିପାରେ । ଏହି ସୂତ୍ର ଅନୁସାରେ ମାନବକୁ ମୁଁ ହିଁ ଭଗବାନ ବୋଲି ଜଣାଇ, ନାନା ମାହାତ୍ମ୍ୟ ଦର୍ଶାଇ ଅନେକ ସ୍ୱାମୀଜୀ ନାମରେ ମାୟା ଆବିର୍ଭାବ ହୋଇଥାଏ । ପରମାତ୍ମା ଭଗବାନ ହୋଇ ଭୂପୃଷ୍ଠର ଗୋଟିଏ ସ୍ଥାନରେ ଜନ୍ମଗ୍ରହଣ କଲାବେଳେ, ପ୍ରକୃତି ଅନେକ ସ୍ଥାନରେ ଅନେକ ଭଗବାନଙ୍କୁ ଛିଡା କରାଇଥାଏ । ନିଜର ଧର୍ମ ଜଣାଇବା ପାଇଁ ପରମାତ୍ମା ଗୋଟିଏ ସ୍ଥାନରେ ଜନ୍ମହୋଇ କେହି ଚିହ୍ନି ନପାରିବା ସ୍ଥିତିରେ ରହିଥିବା ସ୍ଥଳେ, ମାୟା ଭଗବାନଙ୍କ ଆଗମନ ପୂର୍ବରୁ ଅନେକ ମାୟା-ଭଗବାନଙ୍କୁ ରଖାଇଥାଏ, ସେମାନେ କହୁଥିବା ମଧୁର କଥାକୁ ସମସ୍ତେ ଶୁଣିବା ଭଳି, ପ୍ରକୃତ ଭଗବାନ କହୁଥିବା ଜ୍ଞାନ ବୋଲି ବିଶ୍ୱାସ କରାଇଥାଏ । ଯାହା କାର୍ଯ୍ୟ ଯାହାର କହିବା ଭଳି ପ୍ରକୃତି ପରମାତ୍ମା ଭୂପୃଷ୍ଠରେ ନିଜ ନିଜର କାର୍ଯ୍ୟ କରିଆସୁଛନ୍ତି । ମାୟା ସର୍ବଦା ଗୁଣରୂପରେ ମଣିଷର ମୁଣ୍ଡରେ ରହିଥିବା ସ୍ଥଳେ, ପରମାତ୍ମା ମଧ୍ୟ ମଣିଷ ଶରୀରରେ ଆତ୍ମା ହୋଇ ରହିଛନ୍ତି । ଏଭଳି ମାୟା ଆଉ ପରମାତ୍ମା ଭୂପୃଷ୍ଠକୁ ଆସିବାବେଳେ ସେମାନେ କେଉଁ ଶରୀରରେ ଆସିଥା'ନ୍ତି ତାହା ମଣିଷ ଜାଣିବା ଉଚିତ୍ । ମାୟା ପୁରୁଷଶରୀର ଧାରଣ କରି ଭଗବାନ, ସ୍ତ୍ରୀ ଶରୀର ଧାରଣ କରି ଭଗବତୀ ହୋଇ ଆସିଥାଏ, କିନ୍ତୁ ପରମାତ୍ମା କେବଳ ପୁରୁଷ ଶରୀର ଧାରଣ କରି ହିଁ ଆସିଥା'ନ୍ତି । ପରମାତ୍ମାଙ୍କ ବାସ୍ତବତା ହେଉଛି ପୁରୁଷ, ତେଣୁ ସେ କେବଳ ପୁରୁଷ ଶରୀରରେ ଆସିଥା'ନ୍ତି । ପ୍ରକୃତି ସ୍ତ୍ରୀ ହୋଇଥିବାରୁ ସ୍ତ୍ରୀ ଶରୀରରେ ଆସିଥାଏ ସିନା, ମଣିଷକୁ ଭ୍ରମିତ କରିବା ପାଇଁ ପୁରୁଷ ଶରୀରରେ ମଧ୍ୟ ଆସିଥାଏ । ଏଭଳି ସ୍ଥିତିରେ ଅନେକ ଭଗବତୀ ଆଉ ଭଗବାନଙ୍କ ଭିତରେ ପ୍ରକୃତ ଭଗବାନ କିଏ ମଣିଷ

ଜାଣିପାରି ନଥାଏ । ବାସ୍ତବରେ ଭଗବାନ କେବଳ ପୁରୁଷ ଶରୀରରେ ଜନ୍ମ ନେଇଥା'ନ୍ତି ।

*****

# ଶ୍ରୀକୃଷ୍ଣାଷ୍ଟମୀ (ଜନ୍ମାଷ୍ଟମୀ)

ବିଶ୍ୱବ୍ୟାପୀ ହୋଇ କାହାର କଳ୍ପନାରେ ଆସୁନଥିବା ପରମାତ୍ମା, ଏକ ଶରୀର ଧାରଣ କରି ଆସିବା ବେଳେ, ସେହି ଶରୀରକୁ ଭଗବାନ କହନ୍ତି, ଏଇଭଳି ଜନ୍ମ ହିଁ ଶ୍ରୀକୃଷ୍ଣଙ୍କର ବୋଲି ଜାଣିବା ଉଚିତ୍ । ଶ୍ରୀକୃଷ୍ଣ ସାଧାରଣ ମଣିଷ ନୁହନ୍ତି । ସେ ସମସ୍ତଙ୍କ ଭଳି ଶରୀର ଧାରଣ କରି, ସମସ୍ତଙ୍କ ଭଳି ସାଧାରଣ ଭାବରେ ଅଭିନୟ କରି, ଆମମାନଙ୍କ ପାଇଁ ତାଙ୍କ ଜୀବନକୁ ହିଁ ମହାନ ପ୍ରବୋଧ କରି, ସାଧାରଣ ଭାବରେ ଆସି ଚାଲିଯାଇଥିବା ପରମାତ୍ମା । ଶ୍ରୀକୃଷ୍ଣ କିଏ ବୋଲି ସ୍ୱୟଂ ଜାଣି ପାରିଥିବା ବ୍ୟକ୍ତି କେବଳ ଯେଉଁ ଜଣକ ଥିଲେ ସେ ହେଉଛନ୍ତି ଭୀଷ୍ମ, ତାଛଡା ସେ କିଏ ବୋଲି ସ୍ୱୟଂ କହିବାବେଳେ ତାଙ୍କୁ ଜାଣି ପାରିଥିବା ବ୍ୟକ୍ତି ମଧ୍ୟ ଯେଉଁ ଜଣକ ଥିଲେ ସେ ହେଉଛନ୍ତି ଅର୍ଜୁନ ।

ଆତ୍ମାଧର୍ମ ଜଣାଇବା ପାଇଁ, ଧର୍ମର ଗ୍ଲାନି ହେବାବେଳେ ମୁଁ ଆସୁଥିବି ବୋଲି କହିଯାଇଥିବା ଶ୍ରୀକୃଷ୍ଣ, ଯେତେବେଳେ ଆସିଲେ ମଧ୍ୟ ତାଙ୍କର ସାରାଜୀବନ ମାନବର ମାର୍ଗଦର୍ଶକତା ପାଇଁ ହୋଇଥାଏ । କ୍ରମବଦ୍ଧ ଭାବରେ ତାଙ୍କର ଧର୍ମକୁ ସେ ଜଣାଇଥା'ନ୍ତି ବୋଲି ଜାଣିବା ଉଚିତ୍ । ଏଭଳି ଆସିଥିବା ଶ୍ରୀକୃଷ୍ଣଙ୍କ ଜନ୍ମକୁ ଯଦି ଲକ୍ଷ୍ୟ କରାଯାଏ ତେବେ ତାଙ୍କ ପାଦକୁ, ସେ ଧାରଣ କରିଥିବା ଶଂଖଚକ୍ରକୁ, ମଥାରେ ପିନ୍ଧିଥିବା ମୟୁର ଚନ୍ଦ୍ରିକାକୁ, ଓଠରେ ବଜାଉଥିବା ମୂରଲୀକୁ, ତାଙ୍କ ଶରୀରଛାୟାକୁ ଜ୍ଞାନଚକ୍ଷୁରେ ଦର୍ଶନକଲେ, ସେସବୁରେ ମାନବ (ଜୀବ) କଲ୍ୟାଣକାରୀ ଭାବ ରହିଛି

ବୋଲି ଜଣାଯାଏ, ସେସବୁ ପରେ ଜାଣିବା, ହେଲେ ପ୍ରଥମେ ତାଙ୍କର ଜନ୍ମଦିନ ଜନ୍ମାଷ୍ଟମୀ ବାବଦରେ ଜାଣିବା ।

ଅମାବାସ୍ୟା ଠାରୁ ପୂର୍ଣ୍ଣିମା ପନ୍ଦରଦିନ, ସେହିଭଳି ପୂର୍ଣ୍ଣିମାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦରଦିନ ବୋଲି ସମସ୍ତେ ଜାଣନ୍ତି । ଶ୍ରୀକୃଷ୍ଣ ପୂର୍ଣ୍ଣିମାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦରଦିନ ଭିତରେ ରହିଥିବା ଅଷ୍ଟମୀ ତିଥିରେ ଜନ୍ମଗ୍ରହଣ କରିଥିଲେ । ସେହି ୧୫ ଦିନର ପ୍ରଥମ ଦିନଠାରୁ ସପ୍ତମୀ ଦିନ ପର୍ଯ୍ୟନ୍ତ ସାତଦିନ, ମଝିରେ ଅଷ୍ଟମୀ ଏବଂ ପରେ ନବମୀଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ସାତଦିନ ରହିଥାଏ । ଅର୍ଥାତ୍ ୭ + ୧ + ୭ = ୧୫ । ୧୫କୁ ଦୁଇ ସମାନ ଭାଗକଲେ ୭ ଦିନ ଏବଂ ୭ ଦିନ ହୋଇ ଭାଗଶେଷ ୧ ରହିଯାଏ, ସେହି ଏକ ଦିନକୁ ଅଷ୍ଟମୀ ଭାବରେ ଚିହ୍ନି, ଅଷ୍ଟମୀର ପୂର୍ବରୁ ସାତଦିନ ଏବଂ ଅଷ୍ଟମୀ ପରେ ସାତ ଦିନକୁ ଚିହ୍ନିବାକୁ ହୁଏ । ଏହି ମଝିରେ ଥିବା ଦିନଟି ଅଷ୍ଟମୀ, ଅଷ୍ଟମୀ ତିଥିରେ ଶ୍ରୀକୃଷ୍ଣଙ୍କ ଜନ୍ମ ବିଶେଷତା କ'ଣ ଅଛି ଏବେ ଜାଣିବା ।

ଭଗବାନ ଶ୍ରୀକୃଷ୍ଣ ଜ୍ଞାନ ଏବଂ ଅଜ୍ଞାନର ସନ୍ଧିଭଳି । ଅଜ୍ଞାନରୁ ଜ୍ଞାନକୁ, ଜ୍ଞାନରୁ ଅଜ୍ଞାନକୁ ଯିବାପାଇଁ ସେ ହେଉଛନ୍ତି କେନ୍ଦ୍ରସ୍ଥଳ । ଜଗଦ୍ଗୁରୁ ଶ୍ରୀକୃଷ୍ଣଙ୍କ ଜୀବନ ବଞ୍ଚିବା ପ୍ରଣାଳୀ ଏବଂ ଆଚରଣକୁ ଦେଖି ଜ୍ଞାନୀମାନଙ୍କ ସମେତ ଅନେକ କହନ୍ତି ଯେ, ସେ କହିଥିବା ସମଗ୍ର ଗୀତା ଉନ୍ନତ, କିନ୍ତୁ ତାଙ୍କର ଆଚରଣ ଆମକୁ ପସନ୍ଦ ହେଉନାହିଁ । ଆଚରଣ ହିଁ ମୁଖ୍ୟକଥା, ଭିତରର ଗୁଣ ଅନୁସାରେ ତ କିଏ ଆଚରଣ କରିଥାଏ ! ତେଣୁ ସେ ଯାହା କହିଛନ୍ତି ସତ ! ହେଲେ ତାଙ୍କର କାର୍ଯ୍ୟ ଅନୁସାରେ ତାଙ୍କୁ ଲକ୍ଷ୍ୟକଲେ ସେ କହିଥିବା ଜ୍ଞାନ ମଣିଷର ନିଷ୍ପ୍ରୟୋଜନ ବୋଧହୁଏ, ସେମାନଙ୍କର ଏହିଭଳି କଥାରୁ ଜଣାପଡେ ଯେ, ଶ୍ରୀକୃଷ୍ଣ କହିଥିବା ଜ୍ଞାନକୁ ସେମାନେ ବୁଝିପାରି ନାହାନ୍ତି, ସେମାନଙ୍କୁ ଶ୍ରୀକୃଷ୍ଣ କହିଥିବା ଜ୍ଞାନ ଅଲଗା ଅର୍ଥ ବୋଧ ହୋଇଥିବାରୁ ସେମାନେ ସାଧାରଣତଃ ଶ୍ରୀକୃଷ୍ଣଙ୍କର ବିରୋଧି ସାଜିଥା'ନ୍ତି ।

ଶ୍ରୀକୃଷ୍ଣ ଜ୍ଞାନର କେନ୍ଦ୍ର ହୋଇଥିବା ସ୍ଥଳେ, ଏମାନେ ଜ୍ଞାନକେନ୍ଦ୍ରରୁ ବିପରୀତ ଦିଗରେ ଯାଉଛନ୍ତି ବୋଲି ଜଣାଯାଉଛି । ସେହିଭଳି ଶ୍ରୀକୃଷ୍ଣଙ୍କୁ ଦେଖି ସେ କହିଥିବା, ସେ କରିଥିବା ଏବଂ କରାଉଥିବା କାର୍ଯ୍ୟସବୁ ଗୋଟିଏ ବୋଲି ଯେଉଁମାନେ ଜାଣିଥା'ନ୍ତି ସେମାନେ ଜ୍ଞାନମାର୍ଗରେ ଗତି କରିଥିଲେ ବୋଲି ଜଣାପଡିଛି ଏବଂ ଜଣାଯାଉଛି । ଶ୍ରୀକୃଷ୍ଣଙ୍କୁ ଦେଖି ମଣିଷ ଥିବା ସ୍ଥାନରୁ ଜ୍ଞାନଦିଗକୁ କିମ୍ବା ଅଜ୍ଞାନଦିଗକୁ ଯାଇଥାଏ ବୋଲି କୁହାଯାଇ ପାରେ । ତେଣୁ ଶ୍ରୀକୃଷ୍ଣ ଜ୍ଞାନ ଏବଂ ଅଜ୍ଞାନର ମଝିରେ ଅଛନ୍ତି ବୋଲି ସମସ୍ତେ ଜାଣିପାରିବା ଭଳି ଅଷ୍ଟମୀ ଦିନକୁ ବାଛି ଜନ୍ମ ହୋଇଥିଲେ । ତେବେ ଶ୍ରୀକୃଷ୍ଣ କୃଷ୍ଣପକ୍ଷର ଅଷ୍ଟମୀରେ କାହିଁକି ଜନ୍ମ ହୋଇଥିଲେ ? କୃଷ୍ଣପକ୍ଷ ନ ହୋଇ ଶୁକ୍ଳପକ୍ଷର ଅଷ୍ଟମୀରେ କାହିଁକି ଜନ୍ମ ହୋଇ ନଥିଲେ ? ବୋଲି ଏକ ସନ୍ଦେହ ଆସିଥାଏ, ତାର ସମାଧାନ ହେଉଛି !

ଜ୍ଞାନବୋଧ କାର୍ଯ୍ୟକ୍ରମରେ ଚନ୍ଦ୍ରଙ୍କୁ ଜ୍ଞାନର ଚିହ୍ନ ବୋଲି କୁହାଯାଇଥିବା ସନ୍ଦର୍ଭ ରହିଛି । ଗୀତାରେ ଯଦି ଯୋଗୀମାନଙ୍କର ଆଉ ଜନ୍ମ ଥାଏ ତେବେ ସେମାନେ ଜ୍ଞାନରେ ବିକଶିତ ହୋଇ ଜନ୍ମ ହୋଇଥା'ନ୍ତି ବୋଲି କୁହାଯାଇଥିବାରୁ, ସେମାନେ ଚନ୍ଦ୍ର ତେଜଯୁକ୍ତ ହୋଇ ଜନ୍ମ ହୋଇଥା'ନ୍ତି ବୋଲି ଜ୍ଞାନ ବିକାଶକୁ ଚନ୍ଦ୍ରକିରଣ ସହିତ ତୁଳନା କରିଛନ୍ତି । ତେଣୁ ସେହି ଅନୁସାରେ ଆଲୋକମୟ ପୂର୍ଣ୍ଣିମାକୁ ଜ୍ଞାନ ଭାବେ ଏବଂ ଅନ୍ଧାରମୟ ଅମାବାସ୍ୟାକୁ ଅଜ୍ଞାନ ଭାବେ ସାଧାରଣତଃ ତୁଳନା କରିପାରିବା । ପରମାତ୍ମା ଜ୍ଞାନଯୁକ୍ତ ହୋଇ ଅଜ୍ଞାନଯୁକ୍ତ ପ୍ରପଞ୍ଚ (ଦୁନିଆ) କୁ ଆସି ଜନ୍ମ ହୋଇଥିଲେ, ତେଣୁ ସେ ଜ୍ଞାନର ଚିହ୍ନ ପୂର୍ଣ୍ଣିମାଠାରୁ ଅନ୍ଧାର ଧିରେ ଧିରେ ଆରମ୍ଭ ହୋଇ ଶେଷରେ ଅମାବାସ୍ୟା ଦିନଆଡକୁ ଗତି କରୁଥିବା ସମୟର କୃଷ୍ଣପକ୍ଷରେ ଜନ୍ମ ହୋଇଥିଲେ । ଏଭଳି ଜନ୍ମ ହେବାରେ ଏପଟେ ଜ୍ଞାନୀ ସେପଟେ ଅଜ୍ଞାନୀ କାହାକୁ ମଧ୍ୟ ବୁଝା ନପଡିବା ଭଳି, ଜ୍ଞାନ, ଅଜ୍ଞାନ ସବୁ ମୋଠାରେ ଅଛି ବୋଲି ଜଣାଇଦେବା ଭଳି ମଝିରେ ଥିବା ଅଷ୍ଟମୀ ଦିନ

ଜନ୍ମ ହୋଇଥିଲେ । **ମୁଁ ଜ୍ଞାନ ଆଉ ଅଜ୍ଞାନର ମାର୍ଗ, ମୁଁ ହିଁ ଦ୍ୱାର ବୋଲି ଏଥିରେ ରହସ୍ୟ ରହିଛି ।** ପୂର୍ଣ୍ଣିମା ବିତିଯିବା ପରେ ଆଗକୁ ଅସୁଥିବା ଅଷ୍ଟମୀରେ ଜନ୍ମ ହୋଇଥିବାରୁ ଜ୍ଞାନ ପ୍ରକାଶମୟ ପରମଠାରୁ ଅଜ୍ଞାନ ଅନ୍ଧକାର ପ୍ରପଞ୍ଚକୁ ମୁଁ ଆସିଲି ବୋଲି ତାଙ୍କ ଜନ୍ମ ତିଥିର ରହସ୍ୟଟିଏ ରହିଛି, ଏହି ବିଶେଷ ଅର୍ଥଟି ହିଁ ତାଙ୍କ ଜନ୍ମଦିନ । ତେଣୁ ତାଙ୍କର ଜନ୍ମଦିନକୁ ମହାନ ପର୍ବଦିନ ବୋଲି ଭାବି, ସେହି ଦିନକୁ ଆମେ ଜନ୍ମାଷ୍ଟମୀ ବା ଶ୍ରୀକୃଷ୍ଣାଷ୍ଟମୀ ନାମରେ କହି ଶ୍ରୀକୃଷ୍ଣଙ୍କ ପୂଜା କରୁଛୁ ।

ଶ୍ରୀକୃଷ୍ଣାଷ୍ଟମୀ କେତେକ ପାଳନ କରିଥା'ନ୍ତି, କିନ୍ତୁ ସେହି ଦିନର ବିଶେଷତା ବାବଦରେ ଆମେ ଉପରେ ଜ୍ଞାତ କରାଇବା ଭଳି କେହି ବିଶୋଧିତ ଭାବରେ ଜାଣି ପାଳନ କରନ୍ତି ନାହିଁ । ତେଣୁ ଉପରୋକ୍ତ ବିଷୟ ବାବଦରେ ଅବଗତ ହୋଇଥିବା ଆପଣମାନେ ଶ୍ରୀକୃଷ୍ଣଙ୍କ ମହାନ ଜନ୍ମଦିନ ବାବଦରେ ଅନ୍ୟମାନଙ୍କୁ ଜଣାଇବା ସହିତ ସେ ହିଁ ଦେବାଧିଦୈବ ପରମାତ୍ମା ବୋଲି ସମସ୍ତେ ଜାଣିପାରିବା ଭଳି କରନ୍ତୁ । ସାମାଜିକ ଅର୍ଥରେ ଗଣେଷପୂଜା, ଆଧ୍ୟାତ୍ମିକ ଅର୍ଥରେ ଶ୍ରୀକୃଷ୍ଣାଷ୍ଟମୀ ପାଳନ କରାଯାଏ ବୋଲି ସମସ୍ତେ ଜାଣିବା ଭଳି କରନ୍ତୁ । (ଆମ ପର୍ବ ନାମକ ଗ୍ରନ୍ଥରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ବିଷୟ ବିସ୍ତୃତ ଭାବରେ ରହିଛି, ତାହା ପାଠକରନ୍ତୁ)

*****

# ପୁରୁଷାର୍ଥ

କେତେକାଞ୍ଚଳରେ କେତେକ କଥା ସନ୍ଦର୍ଭରେ "ପୁଣ୍ୟ ନମିଳିଲେ ନାଇଁ ପୁରୁଷାର୍ଥ ବି ମିଳିଲା ନାହିଁ' କିମ୍ବା "ପୁଣ୍ୟ ପାଇଁ କି ପୁରୁଷାର୍ଥ ପାଇଁ ଏ କାମ (କାର୍ଯ୍ୟ) କରୁଛୁ' ବୋଲି କହୁଥିବା ଜଣାଯାଏ । ଗୋଟିଏ କାର୍ଯ୍ୟର କୌଣସି ଫଳ ଦେଖାଯାଉ ନଥିବା ବେଳେ ବହୁଶା ଏହାର ଅର୍ଥକୁ ନଜାଣି

କେତେକ ଏହି ରଢି ଦୁଇଟି କହିଥା'ନ୍ତି, ଆଜିର କାଳରେ ସେତେ ଶୁଣିବାକୁ ମିଳୁନଥିଲେ ମଧ୍ୟ ପୂର୍ବେ କଥାପ୍ରସଙ୍ଗରେ ବହୁଳ ବ୍ୟବହୃତ ହେଉଥିଲା । ସେତେବେଳେ ପୁଣ୍ୟ କ'ଣ ? ପୁରୁଷାର୍ଥ କ'ଣ ତା ବାବଦରେ ଜାଣି କଥା କହୁଥିଲେ, ସେମାନଙ୍କଠାରୁ ପରମ୍ପରାକ୍ରମେ ଏହି ବାକ୍ୟଟି ଆସି ଆଜି ମଧ୍ୟ କେଉଁଠି କେଉଁଠି ଶୁଣିବାକୁ ମିଳୁଛି । ଏବେ ଏହି ବାକ୍ୟ ବାବଦରେ କିଛି ଜାଣିବା ଆବଶ୍ୟକ ।

ପୁଣ୍ୟ ପାପ ନାମକ ଶବ୍ଦ ବହୁଶା ସମସ୍ତେ ଶୁଣିଥିବେ । ଆମେ କରୁଥିବା ପ୍ରତ୍ୟେକ କାର୍ଯ୍ୟରେ ଆମ ଆଖିକୁ ଦେଖାଯାଉ ନଥିବା ଫଳ, ଆଖିକୁ ଦେଖାଯାଉଥିବା ଫଳ ନାମକ ଦୁଇଟି ଫଳ ମିଳିଥାଏ । ଆଖିକୁ ଦେଖାଯାଉଥିବା ଫଳ ଧନ କିମ୍ବା ବସ୍ତୁ ନାମକ ଦୁଇଟିରୁ କିଛି ଗୋଟିଏ କିମ୍ବା ଅନେକ ମିଳିଥାଏ, କିନ୍ତୁ ଆଖିକୁ ଦେଖାଯାଉ ନଥିବା ଫଳ ପାପ, ପୁଣ୍ୟ ଭିତରୁ କେବଳ କୌଣସି ଗୋଟିଏ ମିଳିଥାଏ । ଭଲକାର୍ଯ୍ୟ କଲେ ପୁଣ୍ୟ ମିଳିଥାଏ, ଖରାପକାର୍ଯ୍ୟ କଲେ ପାପ ମିଳିଥାଏ । ତେଣୁ କୌଣସି କାର୍ଯ୍ୟ କଲାବେଳେ ଯଦି କିଛି ଲାଭ ମିଳିଲା ନାହିଁ କି ପୁଣ୍ୟ ମିଳିଲା ନାହିଁ ତେବେ "ପୁଣ୍ୟ ନମିଳିଲେ ନାଇଁ ପୁରୁଷାର୍ଥ ବି ମିଳିଲା ନାହିଁ" ବୋଲି କହୁଥିଲେ । କରିଥିବା କାର୍ଯ୍ୟ ଭଲ ହୋଇଥିଲେ ମଧ୍ୟ, ସେଥିରୁ ଲାଭ କିମ୍ବା କ୍ଷତି ମିଳିଲେ ମଧ୍ୟ, ଆଖିକୁ ଦେଖାଯାଉ ନଥିବା ପୁଣ୍ୟ ନିଶ୍ଚୟ ମିଳିଥାଏ । ପୁଣ୍ୟ ମିଳିଲେ ଆମର କି ଲାଭ ? ପାପ ମିଳିଲେ ଆମର କ୍ଷତି କ'ଣ ? କେତେକଙ୍କୁ ଜଣାନଥିବା ବେଳେ, ଆମ ତରଫରୁ ତାର ସମାଧାନ ହେଉଛି ! ପୁଣ୍ୟ ମିଳିଲେ ତାହା ଆମ କର୍ମଚକ୍ରରେ ଲିଖିତ ହୋଇ ପରଜନ୍ମରେ ସୁଖସନ୍ତୋଷ ରୂପରେ ଅନୁଭବ ହୁଏ । ସେହିଭଳି ପାପ ମିଳିଲେ ଦୁଃଖକଷ୍ଟ ରୂପରେ ଅନୁଭବ ହୁଏ, ହେଲେ ଏହି ପୁରୁଷାର୍ଥ କ'ଣ ? ତାର ବିବରଣୀ ହେଉଛି !

"ଧର୍ମାର୍ଥ କାମମୋକ୍ଷ" ନାମକ ବାକ୍ୟକୁ ପୁରୁଷାର୍ଥ କହନ୍ତି ବୋଲି ଅନେକ ଗ୍ରନ୍ଥରେ ଲେଖାଯାଇଛି, ଅନେକ ସ୍ୱାମୀଜୀମାନେ ମଧ୍ୟ ଏକଥା କହନ୍ତି । ଏହି ବିଷୟକୁ ସ୍ୱୀକାରକରିବା ଆଗରୁ ଏହିଭଳି ଆଉଗୋଟିଏ ବାକ୍ୟ ଦେଖିଲେ ତାହା "ମାତାପିତା, ଗୁରୁଦୈବ" ବୋଲି ପ୍ରାୟ ସମସ୍ତେ ଜାଣନ୍ତି । ବଡମାନେ ଏହି ବାକ୍ୟକୁ ସମାଜରେ ଯେଉଁ ଉଦ୍ଦେଶ୍ୟରେ ରଖାଇଥିଲେ, ଯେଉଁ କ୍ରମରେ କହିଥିଲେ ତାହା ଆଜି ମଧ୍ୟ ଅକ୍ଷୁର୍ଣ୍ଣ ରହିଛି, କାଳ କ୍ରମରେ ପୂର୍ବର ସେହି ଅର୍ଥ ମଧ୍ୟ ରହିଛି; "ତଥାପି ମାତାପିତା, ଗୁରୁଦୈବ" ବାକ୍ୟଟି ଆଜି ଅନେକ ସନ୍ଦର୍ଭରେ ଶୁଣିବାକୁ ମିଳୁଥିଲେ ମଧ୍ୟ ତାର ରହିଥିବା ଅର୍ଥ କ'ଣ ଅନେକଙ୍କୁ ଜଣାନାହିଁ । ସମସ୍ତଙ୍କୁ ଜଣାଅଛି କହିଲେ ଏହାର ଅର୍ଥକୁ ଏକ ପ୍ରକାରର ବୁଝିଥିବା ଲୋକମାନଙ୍କ କଥା କହୁଛୁ ବୋଲି ଗ୍ରହଣ କରନ୍ତୁ, ସେମାନଙ୍କ କହିବା ଅନୁସାରେ, ପ୍ରଥମେ ମାତାଙ୍କୁ ତାପରେ ପିତାଙ୍କୁ ପ୍ରଣାମ କରିବା ଉଚିତ୍ । ମାତାପିତାଙ୍କ ପରେ ଗୁରୁଙ୍କୁ, ଗୁରୁଙ୍କ ପରେ ଈଶ୍ୱରଙ୍କୁ ପ୍ରଣାମ କରିବା ଉଚିତ୍, ଏହା ହିଁ ମାତାପିତା, ଗୁରୁଦୈବ ବାକ୍ୟର ପ୍ରକୃତ ଅର୍ଥ ।

ଆଜିପର୍ଯ୍ୟନ୍ତ ବାକ୍ୟଟି ପୂର୍ବଭଳି ଥିଲେ ମଧ୍ୟ, ଅର୍ଥ ଅକ୍ଷୁର୍ଣ୍ଣ ଥିଲେ ମଧ୍ୟ ଅନେକଙ୍କ ଭାବରେ ଅର୍ଥ ନିଶ୍ଚୟ ଅନର୍ଥ ହୋଇଯାଇଛି ବୋଲି ଆମେ କହୁଛୁ । ଏହାର ପ୍ରକୃତ ବିବରଣୀକୁ ଲକ୍ଷ୍ୟକଲେ, ବାକ୍ୟଟି ଗୋଟିଏ ହେଲେ ମଧ୍ୟ ଦୁଇ ପଦରେ ଉଚ୍ଚରିତ ହେବା ଭଳି ବଡମାନେ ସମାଜରେ ରଖାଇଛନ୍ତି, ଅର୍ଥାତ୍ **'ମାତା-ପିତା, ଗୁରୁ-ଦୈବ'** ବୋଲି କହିପାରିବା । "ମାତା ପିତା" ଗୋଟିଏ ପଦ ହେବାବେଳେ "ଗୁରୁ ଦୈବ" ଅନ୍ୟଏକ ପଦ ଭାବରେ ଜଣାଯାଉଛି । ପ୍ରଥମ ପଦ ଅନୁସାରେ ମାତା ପିତା ଅର୍ଥାତ୍ ପିତା କିଏ ସେ ରହସ୍ୟ ମାତାକୁ ଜଣାଥାଏ । ତେଣୁ ମାତା ଦ୍ୱାରା ପିତା କିଏ ଜାଣିହୁଏ ବୋଲି "ମାତା ପିତା" କୁହାଯାଇଛି । ସେହିଭଳି ଈଶ୍ୱର ବା ଦୈବ କିଏ ତାହା ଗୁରୁଙ୍କୁ ଜଣାଥିବାରୁ "ଗୁରୁ ଦୈବ" କୁହାଯାଇଛି । ମାତା ଦ୍ୱାରା

ପିତା, ଗୁରୁଙ୍କ ଦ୍ୱାରା ଦୈବଙ୍କୁ ଜାଣିହୁଏ କହିବା ଉଦ୍ଦେଶ୍ୟରେ ବଡମାନେ ଏହି ବାକ୍ୟରେ ଥିବା ଶବ୍ଦକ୍ରମକୁ ରଖିଥିଲେ ବୋଲି ଜଣାଯାଉଛି । ବାକ୍ୟର ଅର୍ଥ ଆଜି ସେହିଭଳି ରହିଥିଲେ ମଧ୍ୟ କହୁଥିବା ଲୋକମାନଙ୍କ ଭାବରେ ଅର୍ଥ ଅନର୍ଥ ହୋଇଯାଇ ପ୍ରଥମେ ମାତାଙ୍କୁ, ତାପରେ ପିତାଙ୍କୁ, ତାପରେ ଗୁରୁଙ୍କୁ ପ୍ରଣାମ କରିବା ପରେ ଶେଷରେ ଦୈବଙ୍କୁ ପ୍ରଣାମ କରିବା ଉଚିତ୍ ବୋଲି କହୁଛନ୍ତି । ଶୁଣୁଥିବା ବିଚାରହୀନ ଲୋକେ ମଧ୍ୟ ଏହା ହିଁ ପ୍ରକୃତ ଅର୍ଥ ବୋଲି ବିଶ୍ୱାସ କରୁଛନ୍ତି ।

ମାତା ପିତା, ଗୁରୁ ଦୈବ ନାମକ ବାକ୍ୟଟିର ଅର୍ଥ ଆଜି ଅନର୍ଥ ହୋଇଯାଇଥିଲେ ମଧ୍ୟ ବାକ୍ୟରେ ଥିବା ଶବ୍ଦଗୁଡିକର କ୍ରମ ସେହିଭଳି ରହିଛି, କିନ୍ତୁ ଯେଉଁ ବାକ୍ୟକୁ ପୁରୁଷାର୍ଥ ବାକ୍ୟ ନାମରେ କୁହାଯାଉଛି ସେଥିରେ ଥିବା ଶବ୍ଦଗୁଡିକର କ୍ରମ ବଦଳିଯାଇଛି, ଭାବର୍ଥ ମଧ୍ୟ ନଷ୍ଟ ହୋଇଯାଇଛି । ଆଜି ଆମେ ଶୁଣୁଥିବା ପୁରୁଷାର୍ଥ ବାକ୍ୟ ବା "ଧର୍ମାର୍ଥ କାମମୋକ୍ଷ" ନାମକ ବାକ୍ୟଟି ଯଥା ରୀତିରେ ନାହିଁ ।

କାହିଁକିନା ! ଏହି ବାକ୍ୟଟି ମଧ୍ୟ "ମାତା ପିତା, ଗୁରୁ ଦୈବ" ନାମକ ବାକ୍ୟ ଭଳି ତିଆରି ହୋଇଥିବା ବାକ୍ୟ । **ଧର୍ମ ଦ୍ୱାରା ଅର୍ଥ (ଧନ), କାମ ଦ୍ୱାରା ମୋକ୍ଷ ମିଳିଥାଏ ବୋଲି ଆଜି ଏହାର ଅର୍ଥକୁ ବୁଝୁଛନ୍ତି । ଧର୍ମ ଦ୍ୱାରା ମୋକ୍ଷ ମିଳିଥାଏ ସିନା, ଧନ ମିଳିନଥାଏ ।** ସେହିଭଳି କାମ ବା ଆଶା ଦ୍ୱାରା ଧନ ମିଳିଥାଏ ସିନା, ମୋକ୍ଷ ମିଳିନଥାଏ । ମଣିଷକୁ ବକ୍ରମାର୍ଗରେ ପରିଚାଳିତ କରିବା ପାଇଁ ଦୁଷ୍ଟମାନେ ଏହାର ଉନ୍ନତ ଅର୍ଥକୁ ଲୁଚାଇ ଭୁଲ୍ ଅର୍ଥକୁ ଯେମିତି କହିଲେ ମଧ୍ୟ, ବିଚାରବନ୍ତମାନେ ଭୁଲ୍ ଧରିପାରନ୍ତି, ବିଚାରହୀନମାନେ ତାହାକୁ ଠିକ୍ ଭାବନ୍ତି । ଏହିଭଳି ବିଚାରହୀନମାନେ ଏହିବାକ୍ୟକୁ ସଠିକ ବୁଝିନପାରି ବାସ୍ତବ ପୁରୁଷାର୍ଥ କହିଲେ ଏଇ ଅର୍ଥ ବୋଲି ସ୍ୱୀକାର କରିଛନ୍ତି । "ଧର୍ମାର୍ଥ କାମମୋକ୍ଷ" ନାମକ ବାକ୍ୟକୁ ପୁରୁଷାର୍ଥ ନାମରେ ଆଜି କହୁଥିଲେ ମଧ୍ୟ, ବାସ୍ତବ

ପୁରୁଷାର୍ଥର କ୍ରମ ହେଉଛି **"କାମାର୍ଥ ଧର୍ମମୋକ୍ଷ'** । କାମ (ଆଶା) ଦ୍ୱାରା ଧନ, ଧର୍ମ ଦ୍ୱାରା ମୋକ୍ଷ ମିଳିଥାଏ । ତେଣୁ "କାମ-ଅର୍ଥ, ଧର୍ମ-ମୋକ୍ଷ" ବୋଲି ଜାଣି ବଡମାନେ ଆଦିକାଳରୁ ହିଁ ସମାଜରେ ଏହି ବାକ୍ୟର ଅର୍ଥକୁ ସମସ୍ତେ ଜାଣିପାରିବେ ବୋଲି ରଖିଥିଲେ ।

**ଧର୍ମ ଦ୍ୱାରା ଧନ, କାମ ବା ଆଶା ଦ୍ୱାରା ମୋକ୍ଷ କଦାପି ମିଳିନଥାଏ** । ତେଣୁ "ଧର୍ମାର୍ଥ କାମମୋକ୍ଷ"କୁ ଆମେ ପୁରୁଷାର୍ଥ ବୋଲି କହିପାରିବା ନାହିଁ । ଆଶା ଦ୍ୱାରା ଧନ, ଧର୍ମ ଦ୍ୱାରା ମୋକ୍ଷ ମିଳିଥାଏ, ଏହାକୁ ହିଁ ପୁରୁଷାର୍ଥ ନାମରେ କହିଥିଲେ । କାହିଁକିନା! **ପୁରୁଷ** କହିଲେ ବ୍ରହ୍ମବିଦ୍ୟା ଅନୁସାରେ ବାହାରେ ପୁରୁଷ ଶରୀର ହେଉ କି ସ୍ତ୍ରୀ ଶରୀର ହେଉ ସେଥିରେ ଥିବା ଜୀବାତ୍ମା । ଜୀବାତ୍ମା ପୁରୁଷ ବା ପରମାତ୍ମା ସମ୍ବନ୍ଧୀୟ, ତେଣୁ ଜୀବାତ୍ମାକୁ ପୁରୁଷ ନାମକ ଶବ୍ଦରେ ଜ୍ଞାନ ଜାଣିଥିବା ଲୋକେ କହନ୍ତି । କୌଣସି ଜୀବ ହେଉ ସେ ବାସ୍ତବରେ ପୁରୁଷ । ତେଣୁ କୌଣସି ମଣିଷପାଇଁ ବଞ୍ଚିଥିବା ବେଳେ ଯେଉଁଭଳି ଧନ ଆବଶ୍ୟକ, ମରଣ ପରେ ସେହିଭଳି ମୋକ୍ଷ ଆବଶ୍ୟକ । ବଞ୍ଚିଥିବା ବେଳେ ମଣିଷର ଧନ ଟଙ୍କା ହେବାଭଳି, ମରଣ ପରେ ତାର ଧନ ମୋକ୍ଷ ହୋଇଥାଏ । ସମସ୍ତେ ଭୌତିକଧନରେ ଲଗ୍ନହୋଇ ରହିଛନ୍ତି ସିନା, ପରମାର୍ଥଧନ ହୋଇଥିବା ମୋକ୍ଷ ଉପରେ କାହାର ନଜର ନାହିଁ କି ଶ୍ରଦ୍ଧା ନାହିଁ ।

ପ୍ରତ୍ୟେକ ମଣିଷର ମୋକ୍ଷ ଆବଶ୍ୟକ, ତାହା ହିଁ ପ୍ରତି ପୁରୁଷର ଧନ ବୋଲି ଜଣାଇ, ତାହା କିପରି ମିଳିବ ମଧ୍ୟ ଜଣାଇବାକୁ ଯାଇ, ଭୌତିକ ଧନ ସଞ୍ଚୟ କରିବା ପାଇଁ ଆଶା ରଖିବା ଉଚିତ୍ ହେବା ଭଳି, ମୋକ୍ଷଧନ ପାଇବା ପାଇଁ ଧର୍ମ ଆବଶ୍ୟକ ହୋଇଥାଏ ବୋଲି ଉଦାହରଣ ଭାବରେ କାମ-ଅର୍ଥ ବା କାମାର୍ଥ କହି, ଧର୍ମ-ମୋକ୍ଷ ବୋଲି ତା'ରି ପାଖରେ କହିଥିଲେ ବଡମାନେ । ଏହିଭଳି ବଞ୍ଚିଥିବା ବେଳେ ପିତାକୁ ଜାଣିବା ଆବଶ୍ୟକତା ଯେତିକି ମୁଖ୍ୟ ହୋଇଥାଏ, ଦୈବ ବା ଈଶ୍ୱର (ପରମାତ୍ମା)

କିଏ ବୋଲି ଜାଣିବା ସେତିକି ମୁଖ୍ୟ ହୋଇଥାଏ ଜଣାଇ, ପିତାଙ୍କୁ କାହା ସାହାଯ୍ୟରେ, ଦୈବଙ୍କୁ କାହା ସାହାଯ୍ୟରେ ଜାଣିବା ଉଚିତ୍ ତାହା ଜଣାଇ ଉଦାହରଣ ଭାବରେ "ମାତା ପିତା ଗୁରୁଦୈବ" କହିଥିଲେ । ସେହିଭଳି ଧନ ଆଉ ମୋକ୍ଷ କିପରି ମିଳିବ କହିବାକୁ ଯାଇ "କାମାର୍ଥ ଧର୍ମ ମୋକ୍ଷ" କହିଥିଲେ । ଏହି ପୁରୁଷାର୍ଥ ବାକ୍ୟର ପ୍ରକୃତ ଅର୍ଥକୁ ଜାଣି ପୂର୍ବଜମାନେ ଆଦିକାଳରେ ହିଁ ସମାଜରେ ରଖିଥିଲେ । "ମାତା ପିତା ଗୁର ଦୈବ" ନାମକ ବାକ୍ୟଟି ମଧ୍ୟ ଏହି ପୁରୁଷାର୍ଥର ଅନୁବନ୍ଧ ବାକ୍ୟ ହୋଇ ରହିଛି ବୋଲି ଜାଣିବା ଉଚିତ୍ ।

| | | | | |
|---|---|---|---|---|
| **ମାତା** | **ପିତା,** | **ଗୁରୁ** | **ଦୈବ** | **ପୁରୁଷାର୍ଥ** |
| **କାମ** | **ଅର୍ଥ,** | **ଧର୍ମ** | **ମୋକ୍ଷ** | |

ଏହାର କ୍ରମକୁ ବଡମାନେ ପୂର୍ବେ କିପରି ରଖିଥିଲେ ଦେଖନ୍ତୁ ।

| | | | |
|---|---|---|---|
| **ମାତା** → | **ପିତା** | **ଗୁରୁ** → | **ଦୈବ** |
| ↓ | ↓ | ↓ | ↓ |
| **ଆଶାକୁ** | **ଧନ** | **ଧର୍ମକୁ** | **ମୋକ୍ଷ** |

ମାତା ପିଲାବେଳୁ ବିଭିନ୍ନ ପ୍ରକାରର ବସ୍ତୁ ଦେଇ, ତାକୁ ଲୁଚେଇ ରଖି, ଏହାକୁ ଲୁଚେଇ ରଖ୍ ବୋଲି କହି ଆଶା କରିବା ଶିଖାଇଥାଏ । ତେଣୁ ମାଆ ଦ୍ୱାରା ଆଶା ଆସିଥାଏ ବୋଲି ଜଣାଯାଉଛି । ପିତା ଧନ ରୋଜଗାର ଶିଖାଇ ଶେଷରେ ଧନ ବାଣ୍ଟି ଦେଇଥାଏ । ତେଣୁ ପିତା ଦ୍ୱାରା ଧନ କ'ଣ ଜାଣିହୁଏ । ସେହିଭଳି ଗୁରୁ ଜ୍ଞାନ ଶିଖାଇ ଧର୍ମ ଜଣାଇଥାନ୍ତି । ତେଣୁ ଗୁରୁଙ୍କ ଦ୍ୱାରା ଧର୍ମ ଜଣାଯାଇଥାଏ । ସେହିଭଳି ଆମେ ଜାଣିଥିବା ଦୈବଙ୍କ ଅନୁସାରେ ମୋକ୍ଷ ମିଳିଥାଏ । ସେଥିପାଇଁ ମାତା ଅନୁସାରେ ଆଶା – ପିତା ଅନୁସାରେ ଧନ, ଗୁରୁ ଅନୁସାରେ ଧର୍ମ – ଦୈବ ଅନୁସାରେ ମୋକ୍ଷ ମିଳିଥାଏ ବୋଲି ଏହି କ୍ରମରୁ ଜାଣିପାରିବା । ପୂଜନୀୟ ସାକାର ଭଗବାନ,

ନିରାକାର ଆତ୍ମାଙ୍କ ବିନା ମୋକ୍ଷ ମିଳିନଥାଏ । ବିଶ୍ୱାସ କରାଯାଇଥିବା ଗୁରୁ ପରମାର୍ଥ ଜ୍ଞାନ ଜଣାଉଥିବା ବେଳେ, ଗଛକୁ ହୁଙ୍କାକୁ ମୁଣ୍ଡିଆମାରି ଭଜନ କଲେ ଧର୍ମ ମିଳିବ ନାହିଁ । ଯଦି ପିତା ପାଖରେ ଧନ ନାହିଁ ତାଙ୍କଠାରୁ କିଛି ପାଇବୁ ନାହିଁ । ତୋ ପିତାଙ୍କ ପାଖରେ ଧନ ଥିଲେ ତୋତେ ତାହା ମିଳିବ । ମାଆ ନଥିଲେ ମଧ୍ୟ ସମସ୍ତେ ଆଶାକରିବା ସହଜରେ ଶିଖିପାରୁଛେ । ତେଣୁ ସେ ବାବଦରେ ଚିନ୍ତା କରିବା ଦରକାର ନାହିଁ । ଧର୍ମ ଆଉ ମୋକ୍ଷ ଆମପାଇଁ ମୁଖ୍ୟ ହୋଇଥିବାରୁ ଗୁରୁ ଆଉ ଦୈବଙ୍କୁ ଆମେ ଜାଣିବା ଉଚିତ୍ । ପ୍ରଥମେ ଗୁରୁଙ୍କୁ ଜାଣିବା ଆବଶ୍ୟକ, ତେଣୁ କାଳ ବୃଥା ନକରି ସତର୍କତାର ସହିତ ଧର୍ମ ଜାଣିଥିବା, ଜଣାଉଥିବା ଗୁରୁଙ୍କୁ ଖୋଜି ଆଶ୍ରୟ କରିବା ଉଚିତ୍ ।

*****

# ଜୀବାତ୍ମା - ଆତ୍ମା - ପରମାତ୍ମା

ସର୍ବ ସୃଷ୍ଟିର ମୂଳ ହେଉଛନ୍ତି ପ୍ରକୃତି ଆଉ ପୁରୁଷ, କିନ୍ତୁ ସେମାନଙ୍କ ମୂଳ କେଉଁଠି ତାହା କାହାକୁ ଜଣା ନାହିଁ; ତଥାପି ଗୀତାରେ କୁହାଯାଇଥିବା ସାରାଂଶ ଅନୁସାରେ  ପ୍ରକୃତି ପୁରୁଷ ଅଛନ୍ତି ଏବଂ ପ୍ରକୃତି ସ୍ତ୍ରୀ ସ୍ୱରୂପ, ତା ଦ୍ୱାରା ସମସ୍ତ ଜୀବରାଶିଙ୍କ ଶରୀର ଜନ୍ମ ହୋଇଥାଏ ବୋଲି ଜଣାଯାଉଛି । ପ୍ରକୃତି ଜନିତ ଶରୀରଗୁଡିକ ପରିଚାଳିତ ହେବା ପାଇଁ ପରମାତ୍ମା ଶରୀରରେ ପିତା ହୋଇ ଶକ୍ତି ଦେଇଥା'ନ୍ତି, ପରମାତ୍ମା ପିତା ଏବଂ ଶରୀର ନିର୍ମାଣ କରିଥିବା ପ୍ରକୃତି ଆମର ମାତା ବୋଲି ଜଣାଯାଇଛି । ଏହି ଅନୁସାରେ ସାରାସୃଷ୍ଟିକୁ ଦୁଇ ଭାଗରେ ବିଭକ୍ତ କରି, ଗୋଟିଏ ଭାଗକୁ ପରମାତ୍ମା, ଆଉ ଗୋଟିଏ ଭାଗକୁ ପ୍ରକୃତି ନାମରେ କହିପାରିବା । ବାସ୍ତବରେ ଏ ଦୁଇଟି ବ୍ୟତୀତ ଆଉକିଛି ହିଁ ନାହିଁ । ପ୍ରକୃତି ପାଞ୍ଚ ଭାଗରେ, ପରମାତ୍ମା ତିନି ଭାଗରେ ବିଭାଜିତ ହୋଇଛନ୍ତି । ପ୍ରକୃତି ଆକାଶ, ବାୟୁ, ଅଗ୍ନି, ଜଳ,

ଭୂମି ଭାବରେ ଥିବା ସ୍ଥଳେ, ପରମାତ୍ମା ଜୀବାତ୍ମା, ଆତ୍ମା, ପରମାତ୍ମା ହୋଇ ରହିଛନ୍ତି । ପ୍ରକୃତିର ପାଞ୍ଚଭାଗ ଆଖିକୁ ଦେଖାଯିବା ଭଳି ରହିଥିବାରୁ ତାହା ସମସ୍ତଙ୍କୁ ଜଣାଯାଉଛି, କିନ୍ତୁ ପୁରୁଷ ସମ୍ବନ୍ଧୀୟ ପରମାତ୍ମା ଆଖିକୁ ଦେଖାଯାଇ ନଥା'ନ୍ତି । ପୁରୁଷ ସମ୍ବନ୍ଧୀୟ ଆତ୍ମାଗୁଡିକ କେବଳ ଜ୍ଞାନଚକ୍ଷୁରେ ଦେଖାଯାଇଥା'ନ୍ତି । ସେଥିଲାଗି ଏମାନଙ୍କ ବିବରଣ ଆଜିଯାଏଁ କାହାକୁ ଜଣା ନାହିଁ ବୋଲି କହିପାରିବା । ଯାହାକୁ ପଚରିଲେ ମଧ୍ୟ ଆମକୁ ଜୀବାତ୍ମା, ପରମାତ୍ମାଙ୍କ ବାବଦରେ ଜଣାଅଛି ସିନା, ଏହି ତୃତୀୟ ପାତ୍ର କ'ଣ ଆମେ ଜାଣିନାହୁଁ ବୋଲି କହୁଛନ୍ତି । ତିନି ପୁରୁଷଙ୍କ ସବିବରଣ ଭଗବଦ୍ଗୀତାର ପୁରୁଷୋତ୍ତମ ପ୍ରାପ୍ତି ଯୋଗରେ ରହିଥିବା ୧୬ ଏବଂ ୧୭ତମ ଶ୍ଳୋକ ଦ୍ୱୟରେ କୁହାଯାଇଛି । ଗୀତାରେ ସବିବରଣ ଥିବା ତିନି ପୁରୁଷଙ୍କ ବାବଦରେ ଜଣାଇ ନପାରି ସମସ୍ତେ ତାହାକୁ ଅତିକ୍ରମ କରିଯାଇଛନ୍ତି । ଆଉ କେତେକ ତିନି ପୁରୁଷଙ୍କ ବାବଦରେ କହିବା ଉଦ୍ଦେଶ୍ୟରେ ଗୋଟିଏକୁ ଶରୀର, ଆଉ ଗୋଟିଏକୁ ଜୀବାତ୍ମା, ତୃତୀୟଟିକୁ ପରମାତ୍ମା କହିଛନ୍ତି । କେତେକ ସେଠାରେ ଥିବା କ୍ଷର, ଅକ୍ଷର, ପୁରୁଷୋତ୍ତମଙ୍କ ବାବଦରେ ବିବରଣୀ ଲେଖିବାକୁ ଯାଇ, କ୍ଷର କହିଲେ ବିନାଶ ହୋଇଯାଉଥିବା ଶରୀର, ଅକ୍ଷର କହିଲେ ଅବିନାଶୀ ଜୀବାତ୍ମା, ପୁରୁଷୋତ୍ତମ କହିଲେ ପରମାତ୍ମା ବୋଲି ଲେଖିଛନ୍ତି । ଏଠାରେ ପୁରୁଷର ବିଭାଜନ କରିବାକୁ ଯାଇ ପ୍ରକୃତିଜ ଶରୀରକୁ ଆଣି ରଖିବା ସମ୍ପୂର୍ଣ୍ଣ ଭୁଲ୍ ହୋଇଯାଇଛି । ବାସ୍ତବରେ ପ୍ରକୃତିକୁ ନନେଇ କେବଳ ପୁରୁଷର ବିବରଣୀ ଲେଖିବା ଉଚିତ୍ ଥିଲା, କିନ୍ତୁ ଏଭଳି ପ୍ରକୃତି ତିଆରି ଶରୀରକୁ ଆଣି ପୁରୁଷର ବିଭାଜନରେ ମିଶାଇବା ଦ୍ୱାରା ଗୋଟିକ ପରେ ଗୋଟିଏ ଆଜି ପର୍ଯ୍ୟନ୍ତ ରହିଥିବା ସବୁ ଭଗବଦ୍ଗୀତାରେ ସେହି ଗୋଟିଏ ବିବରଣୀକୁ ସମସ୍ତେ ଅନୁସରଣ କରିଛନ୍ତି । ଏଭଳି ଭ୍ରାନ୍ତମାର୍ଗରୁ ବହିର୍ଗତ ହେବାକୁହେଲେ ପ୍ରଥମେ ପୁରୁଷର ବିଭାଜନ, ବିବରଣ ଜାଣିବା ଆବଶ୍ୟକ ହେଉଛି । ପୁରୁଷ (ପରମାତ୍ମା ବା ଈଶ୍ୱର) ଆଖିକୁ ଦେଖାଯାଆନ୍ତି ନାହିଁ, ପ୍ରକୃତି ଆଖିକୁ ଦେଖାଯାଏ । ତେଣୁ ଆଖିକୁ

ଦେଖାଯାଉ ନଥିବା ପୁରୁଷକୁ ତିନି ଭାଗ କରିବା ଉଚିତ୍, କିନ୍ତୁ ଆଖିକୁ ଦେଖାଯାଉଥିବା ପ୍ରକୃତିକୁ ଆଣି ମିଶାଇବା ବହୁତ ବଡ ଭୁଲ୍ ଏବଂ ଅଧର୍ମ ହୋଇଥାଏ । ଏହି ଅଧର୍ମ ଆଜି ଥିବା ବଡ ବଡ ଭଗବଦ୍ଗୀତାରେ ରହିଛି । ଭକ୍ତିରେ ପଢୁଥିବା ଲୋକେ ତାହା ବୋଧହୁଏ ଠିକ୍ ହୋଇଥିବ ଭାବୁଛନ୍ତି, ଅଧର୍ମକୁ ଧର୍ମ ଭାବୁଛନ୍ତି । ଏଭଳି ଅଧର୍ମରୁ ବାହାରିବା ପାଇଁ ପ୍ରଥମେ ଆମେ ପୁରୁଷର ବିବରଣ ଜାଣିବା ଉଚିତ୍ ।

ପ୍ରକୃତି ବ୍ୟତୀତ ଯେଉଁ ଇନ୍ଦ୍ରିୟାତୀତ ଶକ୍ତି ରହିଛି ତାହାକୁ କୁହାଯାଏ ପୁରୁଷ । ସେହି ପୁରୁଷକୁ ଭଗବଦ୍ଗୀତାରେ ତିନିଭାଗରେ ବିଭାଜନ କରି **କ୍ଷର, ଅକ୍ଷର, ପୁରୁଷୋତ୍ତମ** ନାମରେ କୁହାଯାଇଛି । କ୍ଷର କହିଲେ ଯାହା ବିନାଶ ହୋଇଥାଏ । ଏଠାରେ ବିନାଶ ହେଉଥିବା ଜିନିଷ କ'ଣ ବୋଲି ପ୍ରଶ୍ନ ଆସୁ ଆସୁ, ଶରୀର ବିନାଶ ହୋଇଥାଏ ବୋଲି ଭାବିଛନ୍ତି, ପୁଣି ଅବିନାଶୀ କିଏ ବୋଲି ପ୍ରଶ୍ନ ଆସୁଆସୁ ଶରୀର ବିନାଶ ହୁଏ, ଜୀବାତ୍ମାର ବିନାଶ ହୁଏ ନାହିଁ ଭାବି ଜୀବାତ୍ମାକୁ ଅବିନାଶୀ କହିଦେଇଛନ୍ତି । ତାଛଡା ଏହି ଭାବନାରୁ ବିନାଶଶୀଳ ପ୍ରକୃତିଶରୀରକୁ ନେଇ ତାକୁ କ୍ଷରପୁରୁଷ କହିଦେଇଛନ୍ତି । ଜୀବାତ୍ମା ମରଣ ପରେ ଅନ୍ୟ ଶରୀରକୁ ଚାଲିଯାଏ, ତେଣୁ ଜୀବାତ୍ମାକୁ ଅବିନାଶୀ ବା ଅକ୍ଷର ନାମରେ କହିଦେଇଛନ୍ତି ସିନା, ଜୀବାତ୍ମା ମଧ୍ୟ ଦିନେ ବିନାଶ ହୁଏ ବୋଲି ଟିକିଏ ଆଲୋଚନା କରିପାରି ନାହାନ୍ତି । ଜୀବାତ୍ମା ଶରୀର ଛାଡି ଚାଲିଯିବା ବେଳେ କେବଳ ଶରୀରର ବିନାଶ ହୋଇଥାଏ, ସେ ଅନ୍ୟ ଏକ ଶରୀରକୁ ଚାଲିଯାଏ ସତକଥା, କିନ୍ତୁ କୌଣସି ସମୟରେ ଜୀବାତ୍ମା ଦୈବଜ୍ଞାନ ଜାଣି ଦିନେ ପରମାତ୍ମାରେ ଐକ୍ୟ ହୋଇପାରେ, ସେତେବେଳେ ତାର ଆଉ ଜନ୍ମ ନଥାଏ, ସେ ବିନାଶ ହୋଇଯାଇଥାଏ । ଜୀବତ୍ୱର ସମ୍ପୂର୍ଣ୍ଣ ବିନାଶ ହେଲେ ଜୀବାତ୍ମା ମୋକ୍ଷ ପାଏ । ତେଣୁ ସମସ୍ତେ ଏଇଠାରେ ଭୁଲ୍ କରିଛନ୍ତି । ଜୀବାତ୍ମା ବିନାଶୀ ! ସେଥିଲାଗି ଭଗବଦ୍ଗୀତାରେ ଜୀବାତ୍ମାକୁ କ୍ଷରପୁରୁଷ ନାମରେ କହିଛନ୍ତି

ବୋଲି କେହି ବୁଝିପାରି ନାହାନ୍ତି । ସେହିଭଳି ଅକ୍ଷର କହିଲେ ଅବିନାଶୀ ଆତ୍ମା । ଆତ୍ମାର କଦାପି ବିନାଶ ନଥାଏ, ଆତ୍ମା ସର୍ବ ଜୀବରାଶିରେ ଏକ ହୋଇ ଥାଏ । ଗୋଟିଏ ଜୀବାତ୍ମା ବିନାଶ ହୋଇଗଲେ ମଧ୍ୟ ଅନ୍ୟ ଜୀବାତ୍ମା ସହିତ ସେ ରହିଥାଏ । ଆତ୍ମାର କଦାପି ବିନାଶ ହେଉନଥିବାରୁ ଆତ୍ମାକୁ ଅବିନାଶୀ ବା ଅକ୍ଷର ନାମରେ କୁହାଯାଇଛି । ଜୀବାତ୍ମା କ୍ଷର, ଆତ୍ମା ଅକ୍ଷର ହେବାବେଳେ ଏ ଦୁଇଟି ଅପେକ୍ଷା ସ୍ୱତନ୍ତ୍ର ଭାବରେ ରହିଥିବା ପୁରୁଷକୁ ପୁରୁଷୋତ୍ତମ ନାମରେ କୁହାଯାଇଛି । ପୁରୁଷୋତ୍ତମ କହିଲେ, ଅନ୍ୟ ପୁରୁଷମାନଙ୍କ ଅପେକ୍ଷା ଯିଏ ଉତ୍ତମ । ପୁରୁଷୋତ୍ତମ କହିଲେ ଏକ ନାମ ନୁହେଁ, ପୁରୁଷୋତ୍ତମକୁ ଗୀତାରେ ପରମାତ୍ମା ନାମରେ କୁହାଯାଇଥିଲେ ମଧ୍ୟ ପରମାତ୍ମା ଏକ ନାମ ନୁହେଁ । ଅକ୍ଷର ଆତ୍ମା ଅପେକ୍ଷା ଭିନ୍ନ ଥିବା ପାତ୍ରକୁ ପରମାତ୍ମା କୁହାଯାଇଛି । ପର କହିଲେ ଅଲଗା ବା ଭିନ୍ନ, ପରମ କହିଲେ ଶ୍ରେଷ୍ଠ, ତେଣୁ ପରମାତ୍ମା କହିଲେ ଯିଏ ଆତ୍ମାଠାରୁ ଅଲଗା ଏବଂ ଶ୍ରେଷ୍ଠ ଭାବରେ ରହିଛି ।

କ୍ଷର, ଅକ୍ଷର, ପୁରୁଷୋତ୍ତମର ବିବରଣ ଜାଣିଲେ । ଏ ବାବଦରେ ଆଉକିଛି ଅଧିକ ଜାଣିବାକୁ ଭାବିଲେ ପ୍ରଥମ ପ୍ରଶ୍ନ ଆସେ ଯେ, କ୍ଷର ହୋଇଥିବା ଜୀବାତ୍ମା କେଉଁଠି ରହେ ? ଅକ୍ଷର ଆତ୍ମା କେଉଁଠି ରହେ ? ସେମାନଙ୍କ କାର୍ଯ୍ୟ କଅଣ ? ସେମାନେ କାହିଁକି ଅଛନ୍ତି ? ସେମାନଙ୍କର ଆକାର ଅଛି କି ନାହିଁ ? ଏଭଳି ପ୍ରଶ୍ନଗୁଡିକର ପ୍ରଥମ ଉତ୍ତରରେ ଜୀବାତ୍ମାର ଆକାର ଅଛି ବୋଲି କହିପାରିବା । ଜୀବାତ୍ମାର ଆକାର ଅଛି କହିବା ଏଇଠାରେ ପ୍ରଥମଥର ଆପଣ ଶୁଣୁଥିବେ, ନିଶ୍ଚୟ ଆଶ୍ଚର୍ଯ୍ୟ ହେଉଥିବେ । ଖାଲି ଜୀବାତ୍ମାର କାହିଁକି ଆତ୍ମାର ମଧ୍ୟ ଆକାର ଅଛି କହିଲେ ଆପଣମାନଙ୍କ ଆଶ୍ଚର୍ଯ୍ୟର ସୀମା ରହୁନଥିବ । ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ଧ୍ରୁବ ସତ୍ୟ ହେଉଛି ଜୀବାତ୍ମା, ଆତ୍ମାର ଆକାର ଅଛି, କିନ୍ତୁ ପରମାତ୍ମାଙ୍କର କୌଣସି ଆକାର ଅବଧି ନାହିଁ । ଅନ୍ୟ ଦୁଇ ଆତ୍ମାଙ୍କର ନାମ ଥିବାରୁ ସେମାନଙ୍କର ଆକାର

ଅଛି । ପରମାତ୍ମାଙ୍କର କୌଣସି ନାମ ନାହିଁ କି ଆକାର ନାହିଁ । **'ରୂପ ଥିଲେ ନାମ, ନାମ ଥିଲେ ରୂପ ନିଶ୍ଚୟ ଥାଏ'** ନାମକ ସୂତ୍ର ଅନୁସାରେ ପ୍ରଥମ ଦୁଇ ଆତ୍ମାର ନାମ ଅଛି । ସେଥିଲାଗି ସେମାନଙ୍କର ଆକାର ଅଛି ବୋଲି କହିପାରିବା । ପରମାତ୍ମାଙ୍କର ନାମ ନଥିବାରୁ ତାଙ୍କର କୌଣସି ଆକାର କିମ୍ବା ସୀମା ନାହିଁ । ଆମକଥା ଶୁଣୁଶୁଣୁ ଅନେକଙ୍କଠାରେ ସନ୍ଦେହ ଜାତ ହୋଇପାରେ । ଆଖିକୁ ପ୍ରକୃତି ଦେଖାଯାଏ, ପୁରୁଷ ଦେଖାଯାଏ ନାହିଁ ବୋଲି ଏଇ କିଛି ସମୟ ଆଗରୁ କହିଥିବା ଆପଣ, ଦେଖାଯାଉ ନଥିବା ପୁରୁଷର ଆକାର ଅଛି ବୋଲି କେମିତି କହୁଛନ୍ତି ? ବୋଲି ପଚାରି ପାରନ୍ତି । ଏହାର ସମାଧାନ ଆମେ ଗୋଟିଏ ବାକ୍ୟରେ କଲେ, ବାସ୍ତବରେ କେବଳ ପ୍ରକୃତି ଆଖିକୁ ଦେଖାଯାଏ; ତଥାପି ପୁରୁଷକୁ ଜ୍ଞାନନେତ୍ରରେ ଦେଖିପାରିବା ।


ପ୍ରଥମ ପୁରୁଷ ହୋଇଥିବା ଜୀବାତ୍ମାର ଏବଂ ଦ୍ୱିତୀୟ ପୁରୁଷ ଆତ୍ମାର ନିବାସ ସ୍ଥଳ ମଧ୍ୟ ଅଛି । ତେଣୁ ସେମାନଙ୍କ ନିବାସ ସ୍ଥଳ ପରିଧି ଅନୁସାରେ ସେମାନଙ୍କ ଆକାର ଏତିକି ବୋଲି ଭାବନା କରିପାରିବା । ତୃତୀୟ ପୁରୁଷ ପରମାତ୍ମାଙ୍କର ନିବାସ ପରିଧି ନାହିଁ, ସେ ସର୍ବତ୍ର ବ୍ୟାପି ରହିଥିବାରୁ ତାଙ୍କର କୌଣସି ଆକାର ନାହିଁ । ଏହା ବ୍ୟତୀତ ଏହି ତିନି ପୁରୁଷଙ୍କ ପାଇଁ ଯୋଗଶାସ୍ତ୍ର ଅନୁସାରେ ଶାସ୍ତ୍ରବଦ୍ଧ ସୂତ୍ର ରହିଛି, **ସେମାନଙ୍କ ଭିତରୁ କେବଳ ଜୀବାତ୍ମା ଶରୀରର ଏକ ସ୍ଥାନରେ ନିବାସ କରିଥାଏ** । ଏହି ସୂତ୍ର ଅନୁସାରେ ସାରା ଦୁନିଆରେ ଯେଉଁଠି ଶରୀରଟିଏ ରହିଛି ସେଠାରେ ଏକ ଜୀବାତ୍ମା ନିବାସ କରୁଛି, ଅର୍ଥାତ୍ ଏକ ଏକ ଶରୀରରେ ଏକ ଏକ ଜୀବାତ୍ମା ରହିଛନ୍ତି । ଏଭଳି ଅନେକ ଶରୀରରେ ଅନେକ ଜୀବାତ୍ମା ରହିବା ଦ୍ୱାରା ସେଗୁଡିକୁ ମିଶାଇ ଭଗବଦ୍ଗୀତାରେ ସର୍ବଜୀବରାଶି କୁହାଯାଇଛି । ଏହି ଅନୁସାରେ ଏକ ଶରୀରରେ ଏକ ଜୀବାତ୍ମା ରହିଥାଏ ବୋଲି କହିପାରୁଛୁ । ଜୀବାତ୍ମା ଶରୀରର ମସ୍ତକ ଭାଗରେ ଥିବା ଗୁଣଚକ୍ରର ବୁଦ୍ଧି, ଚିତ୍ତ, ଅହମ୍

ନାମକ ତିନି ପରିଧିର ଆବରଣରେ ରହିଛି । ଜୀବାତ୍ମା ସୁଖଦୁଃଖକୁ ଅନୁଭବ କରିବା ପାଇଁ ଶରୀରରେ ରହିଥାଏ । ତେଣୁ ଜୀବାତ୍ମାର ସ୍ୱରୂପକୁ ଆମେ ଜ୍ଞାନନେତ୍ରରେ ଚିହ୍ନିପାରିବା । ଏହି ବିଷୟକୁ ଭଗବଦ୍ଗୀତାର ପୁରୁଷୋତ୍ତମ ପ୍ରାପ୍ତି ଯୋଗର ୧୦ମ ଶ୍ଳୋକରେ ନିମ୍ନମତେ କୁହାଯାଇଛି ।

**ଶ୍ଳୋକ : ଉତ୍କ୍ରାମନ୍ତଂ ସ୍ଥିତଂ ବାପି ଭୁଞ୍ଜାନଂ ବା ଗୁଣାନ୍ୱିତମ୍ ।**
**ବିମୂଢାଃ ନାନୁପଶ୍ୟନ୍ତି ପଶ୍ୟନ୍ତି ଜ୍ଞାନଚକ୍ଷୁଷଃ ॥**

**ଭାବାର୍ଥ :-** ଜୀବାତ୍ମା ଗୁଣମୟ ହୋଇ ଶରୀରରେ ନିବାସ କରି ସୁଖ ଦୁଃଖକୁ ଅନୁଭବ କରିଥାଏ । ଏହି ବିଷୟ ମୂଢମାନଙ୍କୁ ଜଣାନଥାଏ । ଜ୍ଞାନଚକ୍ଷୁରେ ଦେଖୁଥିବା ଲୋକେ କେବଳ ତାହାକୁ ଦେଖିପାରନ୍ତି । ଗୀତାରେ ଭଗବାନ କହିବା ଭଳି ଜୀବାତ୍ମା, ଆତ୍ମାଙ୍କର ସ୍ୱରୂପ ଜ୍ଞାନନେତ୍ର ଥିବା ଲୋକମାନେ ଜାଣିପାରନ୍ତି ।

ଏହିଭଳି ଜ୍ଞାନନେତ୍ରରେ ଜୀବାତ୍ମା,ଆତ୍ମାଙ୍କ ରୂପକୁ ଜାଣିପାରିଲେ ମଧ୍ୟ କେବଳ ଜୀବାତ୍ମାର ଆକାରକୁ ବହିର୍ଗତ କରିହୁଏ । ଜୀବାତ୍ମା ଛୋଟ ହୋଇଥିବାରୁ ତା ବାବଦରେ କହିହୁଏ । ବୁଦ୍ଧି, ଚିତ୍ତ, ଅହମ୍ ନାମକ ତିନି ପରଦା ମଧ୍ୟରେ ରହିଥାଏ ଜୀବାତ୍ମା । ତିନି ପରଦାର ଆବରଣରେ ରହିଥିବା ଖାଲି ସ୍ଥଳର ଆକାରକୁ ଜୀବାତ୍ମାର ଆକାର ବୋଲି କହିପାରିବା ।



ଉପରେ ଥିବା ଚିତ୍ରରେ ଖାଲିସ୍ଥାନ ବା ଶୁନ୍ୟସ୍ଥାନ ଚତୁପାର୍ଶ୍ୱରେ ପ୍ରଥମେ ବୁଦ୍ଧି, ତାପରେ ଚିତ୍ତ ଏବଂ ଶେଷରେ ଅହମ୍ ନାମକ ପରଦାର ଆବରଣ ରହିଛି । ଏହି ଚିତ୍ର ଦ୍ୱାରା ଆଖିକୁ ଜଣାନପଡି କେବଳ ଜ୍ଞାନନେତ୍ରକୁ ଜଣାପଡୁଥିବା ଜୀବାତ୍ମାର ଆକାର ସହିତ ବୁଦ୍ଧି, ଚିତ୍ତ, ଅହମର ଆକାରକୁ ମଧ୍ୟ ଜାଣିହୁଏ । ଏଭଳି ପ୍ରତ୍ୟେକ ଶରୀରରେ ଥିବା ଜୀବାତ୍ମାର ଆକାର ଗୋଟିଏ ହୋଇଥିଲେ ମଧ୍ୟ, ତା ଚାରିକଡେ ଥିବା ବୁଦ୍ଧି ପରଦା ସମସ୍ତଙ୍କର ସମାନ ନଥାଏ । ସମସ୍ତଙ୍କର ବୁଦ୍ଧି ପରଦା ବିଭିନ୍ନ ପ୍ରକାର ମୋଟେଇ ନେଇ ରହିଥାଏ । ଜୀବର ଅତି ନିକଟରେ ଥିବା ବୁଦ୍ଧିର ପରଦା କାହାର ମୋଟା ହେବାବେଳେ, କାହାର ପତଳା ହୋଇଥାଏ । ପତଳା ବୁଦ୍ଧିପରଦା ଥିବା ଲୋକମାନଙ୍କର ବୁଦ୍ଧି ତୀକ୍ଷ୍ଣ ହୋଇଥାଏ, ସେମାନେ ବିଚାରବନ୍ତ ହୋଇଥାନ୍ତି । ମୋଟା ବୁଦ୍ଧିପରଦା ଥିବା ଲୋକମାନଙ୍କର ବିଚାରଶକ୍ତି କମ୍ ଥାଏ, ସେମାନଙ୍କୁ କେହି କେହି ମୋଟାବୁଦ୍ଧିଆ, ମନ୍ଦବୁଦ୍ଧି, ନିର୍ବୋଧ, ଓଲା ନାମରେ କହିଥା'ନ୍ତି । ଜୀବର ସ୍ଥିତି ଏବଂ ବୁଦ୍ଧି ବିବରଣ ଜାଣିଥିବା ପୂର୍ବଜମାନେ ବୁଦ୍ଧିର ଭିନ୍ନତା ଅନୁସାରେ ଏଭଳି କେତୋଟି ନାମରେ ଡାକୁଥିଲେ । ଏହି ନାମଗୁଡିକ ପରମ୍ପରାକ୍ରମେ ଆମେମାନେ ମଧ୍ୟ କଥାପ୍ରସଙ୍ଗରେ ବ୍ୟବହାର କରୁଛେ, ବାହାରର ଆଚରଣକୁ ଦେଖି ଆମେମାନେ କହୁଛେ ସିନା, ଆମକୁ ଜୀବର ସ୍ଥିତି ଆଉ ବୁଦ୍ଧିର ସ୍ଥିତି ବାବଦରେ ଜଣା ନାହିଁ । ଏବେ ଆତ୍ମା ବିବରଣ ଜାଣିବା ।

ଏକ ଏକ ଶରୀରରେ ଏକ ଏକ ଜୀବାତ୍ମା ରହିଥିବା ସ୍ଥଳେ, ପ୍ରତେକ ଶରୀରରେ ଗୋଟିଏ ଆତ୍ମା ରହିଥାଏ । ପ୍ରତ୍ୟେକ ଶରୀରରେ ଗୋଟିଏ ଆତ୍ମା ରହିଥିଲେ ମଧ୍ୟ ଶରୀର ଅନୁସାରେ ଭିନ୍ନ ଭିନ୍ନ ଥାଏ । ପ୍ରତ୍ୟେକ ଜୀବର ଶରୀରରେ ଆତ୍ମା ଗୋଟିଏ ହୋଇଥାଇ ମଧ୍ୟ ଭିନ୍ନ ଭିନ୍ନ ଭାବେ ରହି ଜୀବର କର୍ମାନୁସାରେ ଭିନ୍ନ ଭିନ୍ନ କାର୍ଯ୍ୟ କରିଥାଏ । ଆତ୍ମା ଏକ ଚୈତନ୍ୟଶକ୍ତି ବୋଲି କହିପାରିବା, କାହିଁକିନା ! ସେ ଶରୀରରେ

ରହି ଶରୀରଗୁଡିକୁ ଭିତରେ ବାହାରେ ଚଳପ୍ରଚଳ ହୋଇପାରିବା ଭଳି ଶକ୍ତି ଦେଇଥାଏ । ଚଳନଶକ୍ତି ବିଶିଷ୍ଟ ହୋଇଥିବାରୁ ଆତ୍ମାକୁ ଚୈତନ୍ୟଶକ୍ତି କୁହାଯାଏ । ଅଲଗା ଅଲଗା ଶରୀରରେ ରହି ଅଲଗା ଅଲଗା କାର୍ଯ୍ୟସବୁ କରୁଥିବାରୁ ଆତ୍ମା ଏକ ହେଲେ ମଧ୍ୟ ଅଲଗା ଅଲଗା ଭାଗ ହୋଇ ରହିଛି ବୋଲି କହିହୁଏ । ମୁଖ୍ୟତଃ ଧ୍ୟାନଦେବା ବିଷୟ ହେଉଛି ଜଗତରେ ଏକମାତ୍ର ଆତ୍ମା ରହିଥିଲେ ମଧ୍ୟ, ଭିନ୍ନ ଭିନ୍ନ ଜୀବଶରୀରରେ ନିବାସ କରି, ଭିନ୍ନ ଭିନ୍ନ କାର୍ଯ୍ୟ କରୁଥିବାରୁ ସେ ଭିନ୍ନ ଭିନ୍ନ ପରିଗଣିତ ହୋଇଥାଏ । ତେଣୁ ପ୍ରତ୍ୟେକ ଜୀବଶରୀରରେ ଜୀବାତ୍ମା ସହିତ ମିଶି ଏକ ଏକ ଆତ୍ମା ଥାଏ ବୋଲି କହିପାରିବା । ଉଦାହରଣ ସ୍ୱରୂପ ଗୋଟିଏ ଗାଆଁରେ ୧୦୦୦ଜଣ ମଣିଷ, ସେହିଭଳି ୫୦ କୁକୁର, ୫୦୦ କୁକୁଡା, ବାକି ଅନ୍ୟାନ୍ୟ କୀଟପତଙ୍ଗ, ପକ୍ଷୀ, ପଶୁ ମିଶି ୧ଲକ୍ଷ ଅଛନ୍ତି ବୋଲି ଭାବିବା । ସେତେବେଳେ ଗାଆଁର ମୋଟ ଜୀବରାଶିଙ୍କ ସଂଖ୍ୟା – ୧ଲକ୍ଷ ୧୦ ହଜାର ୫ଶହ ପଚାଶ ହେବ । ପ୍ରତ୍ୟେକ ଜୀବ ସହିତ ଗୋଟିଏ ଆତ୍ମା ରହିଥାଏ, ତେଣୁ ସେ ଗାଆଁରେ ଆତ୍ମା ମଧ୍ୟ ୧ଲକ୍ଷ ୧୦ ହଜାର ୫ଶହ ପଚାଶ (୧,୧୦,୫୫୦) ବୋଲି କହି ପାରିବା । ବାସ୍ତବରେ ଆତ୍ମା ଗୋଟିଏ ହେଲେ ମଧ୍ୟ, ଶରୀର ଅନୁସାରେ, ଶରୀରରେ ଥିବା ଜୀବାତ୍ମାର କର୍ମାନୁସାରେ, ଆତ୍ମା ଭିନ୍ନ ଭିନ୍ନ ଗଣନା କରାଯାଇଥାଏ । ଏହିଭଳି ଆତ୍ମା ଏକ ହୋଇଥିଲେ ମଧ୍ୟ ଏକ ବସ୍ତୁ ଭିନ୍ନ ଭିନ୍ନ ଦର୍ପଣରେ ଭିନ୍ନ ଭିନ୍ନ ଦେଖାଯିବା ଭଳି, ଭିନ୍ନ ଭିନ୍ନ ଶରୀରରେ ଭିନ୍ନ ଭିନ୍ନ ଗଣତି ହୋଇଥାଏ । ଏହି ବିବରଣକୁ ଭଗବଦ୍ଗୀତାରେ ପୁରୁଷୋତ୍ତମ ପ୍ରାପ୍ତି ଯୋଗର ୧୬/୧୭ତମ ଶ୍ଳୋକରେ ଜୀବାତ୍ମା ସହିତ ଆତ୍ମା କୁଟସ୍ଥ ଭାବରେ ବା ଅବିଚ୍ଛେଦ୍ୟ ଭାବରେ ରହିଛି ବୋଲି ଭଗବାନ କହିଛନ୍ତି । ଜୀବାତ୍ମା ବିନାଶ ହେଲେହେଁ ଆତ୍ମାର ବିନାଶ ହୋଇନଥାଏ, ଜୀବାତ୍ମା କ୍ଷର ହେବାବେଳେ, ଆତ୍ମା ଅକ୍ଷର ବୋଲି ସେହି ଶ୍ଳୋକରେ କୁହାଯାଇଛି, ଶ୍ଳୋକ ଅନୁସାରେ ଏକ ଶରୀରର ଜୀବ ସମ୍ପୂର୍ଣ୍ଣ, ତେଣୁ ସେ ବିନାଶ ହୋଇପାରେ,

ଆତ୍ମା ଅସମ୍ପୂର୍ଣ୍ଣ ହୋଇଥିବାରୁ ସେ ଅବିନାଶୀ ବୋଲି ଜଣାଯାଉଛି । ଜୀବର କର୍ମ ଅନୁସାରେ ଶରୀରରକୁ ପରିଚାଳିତ କରି, ଜୀବ ଦ୍ୱାରା ଦୁଃଖ ସୁଖକୁ ଅନୁଭବ କରାଇବା ଆତ୍ମାର କାର୍ଯ୍ୟ ହୋଇଥାଏ । କର୍ମ ଶେଷ ହୋଇଯିବା ବେଳେ ଜୀବକୁ ନିଜଠାରେ ମିଶାଇ, ନିଜେ ପରମାତ୍ମାରେ ମିଶିଯିବା ଆତ୍ମାର କର୍ତ୍ତବ୍ୟ । ଜୀବକୁ ପରମାତ୍ମାରେ ମିଶାଇବା ପରେ ଆତ୍ମା ଅଦୃଶ୍ୟ ହୋଇ ଅକ୍ଷର ଭାବରେ ରହିଥାଏ ।

ଏକ ଜୀବାତ୍ମାର ସହଚର ଭାବରେ ଥିବା ଆତ୍ମା ସେ ଜୀବ ଯେତେ ଥର ଜନ୍ମନେଲେ ମଧ୍, ତା ସହିତ ରହି ତାର କର୍ମକୁ ଅନୁଭବ କରାଇଥାଏ, ସେହି ଜୀବ ତା ସହିତ, ତାର ଅତି ନିକଟରେ ଥିବା, ତାର ସମସ୍ତ କାର୍ଯ୍ୟ କରୁଥିବା ଆତ୍ମାକୁ ଜାଣି, ତାପରେ ପପରମାତ୍ମାଙ୍କୁ ଜାଣି ପାରିଥାଏ । ଜୀବର ସମସ୍ତ କର୍ମ ସମାପ୍ତ ହୋଇଗଲେ ତାକୁ ପରମାତ୍ମାରେ ଲୀନ କରାଇଥାଏ ଆତ୍ମା । ଏହି ପଦ୍ଧତି ଅନୁସାରେ ଆତ୍ମା ଏବେ ଆମ ଶରୀରରେ ମଧ୍ ଅଛି । ତୋ’ ଶରୀରରେ ତୋର ଆତ୍ମା, ମୋ’ ଶରୀରରେ ମୋର ଆତ୍ମା ଅଛି । ତୋ’ ଆତ୍ମା, ମୋ’ ଆତ୍ମା ଗୋଟିଏ, କିନ୍ତୁ ତୋର କର୍ମ ଅନୁସାରେ ତୋ ଆତ୍ମା, ମୋ କର୍ମ ଅନୁସାରେ ମୋ ଆତ୍ମା ଶରୀରରେ କାର୍ଯ୍ୟ କରୁଛନ୍ତି । କର୍ମକୁ ଅନୁଭବ କରିବା ଜୀବାତ୍ମାର କାର୍ଯ୍ୟ, କର୍ମକୁ କାର୍ଯ୍ୟରେ ପରିଣତ କରି ଜୀବକୁ ଦୁଃଖସୁଖ ଯୋଗାଇଦେବା ଆତ୍ମାର କାର୍ଯ୍ୟ । ଏହି ଅନୁସାରେ ଆଚରଣ କରୁଥିବା ପାତ୍ର, ଅନୁଭବ କରୁଥିବା ପାତ୍ରକୁ ଅଲଗା ଅଲଗା କହିପାରିବା । ତୋ ଶରୀରରେ ଆଚରଣ କରୁଥିବା ପାତ୍ର ତୋର ଆତ୍ମା ହୋଇଥିବା ସ୍ଥଳେ, ତୁ ଅନୁଭବ କରୁଥିବା ଏକ ଜୀବାତ୍ମା ବୋଲି ଜାଣ୍ । ତାଛଡା ଆତ୍ମା ତୋର ଗୁଣ ସହିତ, ତୋ ଭାବ ସହିତ କୌଣସି ସମ୍ବନ୍ଧ ନରଖି କେବଳ ତୋ କର୍ମ ସହିତ ସମ୍ବନ୍ଧ ରଖି ରହିଥାଏ । ଜଗତରେ ଥିବା ପ୍ରତ୍ୟେକ ଶରୀରର ଆତ୍ମା ହିଁ ଛୋଟରୁ ଆରମ୍ଭକରି ବଡବଡ କାର୍ଯ୍ୟ କରିଥାଏ, କିନ୍ତୁ ଜୀବାତ୍ମା କିଛି ନକରି, ଗୁଣ

ସହିତ ସମ୍ବନ୍ଧୀତ ହୋଇ ସବୁ ମୁଁ କରୁଛି ବୋଲି ଭାବିଥାଏ । ଜୀବ ଯାହା ଭାବନା କଲେ ମଧ୍ୟ ଆତ୍ମା ଜୀବର କର୍ମ ଅନୁସାରେ କାର୍ଯ୍ୟ କରିଚାଲିଥାଏ, ଏହା ହିଁ ଆତ୍ମାର ନିୟମ, ଏହି ଜ୍ଞାନକୁ ଜାଣିବା ହିଁ ଆଧ୍ୟାତ୍ମିକ ।

ଏବେ ପରମାତ୍ମା ବିଷୟକୁ ଗଲେ, ଜୀବାତ୍ମା ଆତ୍ମାର ଥିବା ଆକାର ଭଳି ପରମାତ୍ମାଙ୍କର କୌଣସି ଆକାର ନଥାଏ । ଜୀବାତ୍ମା, ଆତ୍ମା ଦୁହିଁଙ୍କର ନାମ ଥାଏ, ପରମାତ୍ମାଙ୍କର ନାମ ନଥାଏ । ପରମାତ୍ମା ଏକ ନାମ ନୁହେଁ । ଆତ୍ମାଠାରୁ ଭିନ୍ନ ଥିବା ଅର୍ଥରେ ପର + ଆତ୍ମା = ପରମାତ୍ମା । ପରମାତ୍ମାଙ୍କର କୌଣସି କାର୍ଯ୍ୟ ମଧ୍ୟ ନଥାଏ । ତେଣୁ ରୂପ, ନାମ, କ୍ରିୟା ନଥିବା ପାତ୍ର ପରମାତ୍ମା ବୋଲି ଜାଣିବା ଉଚିତ୍ । ପରମାତ୍ମା ପ୍ରକୃତିରେ ସର୍ବତ୍ର ବ୍ୟାପିରହିଛନ୍ତି । ଜୀବାତ୍ମା ଶରୀରର ଏକ ସ୍ଥାନରେ ଥିବାବେଳେ ଆତ୍ମା ଶରୀରସାରା ବ୍ୟାପି ରହିଥାଏ, କିନ୍ତୁ ପରମାତ୍ମା ସାରା ଶରୀରରେ, ଶରୀର ବାହାରେ ମଧ୍ୟ ସର୍ବତ୍ର ଅଣୁ ଅଣୁ ହୋଇ ବ୍ୟାପି ରହିଥା'ନ୍ତି । ସାରା ବିଶ୍ୱରେ ବ୍ୟାପି ରହିଥିବା ପରମାତ୍ମାଙ୍କର ସ୍ୱତନ୍ତ୍ର ରୂପ ନଥାଏ, ତେଣୁ ତାଙ୍କୁ ବିଶ୍ୱରୂପ କୁହାଯାଏ । ବିଶ୍ୱରୂପ କହିଲେ କୌଣସି ରୂପ ନୁହେଁ । ସୂର୍ଯ୍ୟନକ୍ଷତ୍ର ଗୋଳରେ ମଧ୍ୟ ବ୍ୟାପିଥିବା ପରମାତ୍ମା ଆମ ଶରୀରରେ ମଧ୍ୟ ରହିଥା'ନ୍ତି ବୋଲି ଜାଣିବା ଉଚିତ୍ । ତାଙ୍କର କୌଣସି ପରିଧି ନଥାଏ, ତେଣୁ ତାଙ୍କୁ କୌଣସି ପ୍ରକାରରେ ମଧ୍ୟ କହିହୁଏ ନାହିଁ ।

୧. ଜୀବାତ୍ମା ଶରୀରରେ ଥାଏ ।
(ଶରୀରାନ୍ତର୍ଯ୍ୟାମୀ) **କ୍ଷର** ।

୨. ଆତ୍ମା ସମସ୍ତ ଶରୀରରେ ବ୍ୟାପି ରହିଥାଏ ।
(ସର୍ବଶରୀରାନ୍ତର୍ଯ୍ୟାମୀ) **ଅକ୍ଷର** ।

୩. ପରମାତ୍ମା ସମସ୍ତ ଶରୀରରେ, ଶରୀର ବାହାରେ ବ୍ୟାପି ରହିଥା'ନ୍ତି ।
(ସର୍ବାନ୍ତର୍ଯ୍ୟାମୀ) **ପୁରୁଷୋତ୍ତମ** ।

*****

# ଦାନ - ଧର୍ମ

ଦାନ, ଧର୍ମ ଶବ୍ଦ ଦୁଇଟି ସମସ୍ତେ ଶୁଣିଥିବା ଶବ୍ଦ । ଦାନଧର୍ମ କର ବୋଲି ଯୁଗଳ ଶବ୍ଦକୁ ମଧ୍ୟ ସମସ୍ତେ କଥାପ୍ରସଙ୍ଗରେ କହନ୍ତି । ଏଠାରେ ଆମେ ମୁଖ୍ୟତଃ ଜାଣିବା ଉଚିତ୍ ଯେ ଦାନ କଅଣ ?, ଦାନଧର୍ମ ନାମକ ଯୁଗଳଶବ୍ଦକୁ ଆମେ କାହିଁକି କହୁଛେ ? ଏହି ଦାନ ଶବ୍ଦ କିଛି ନୂଆଶବ୍ଦ ନୁହେଁ କି ଏଥିରେ କିଛି ରହସ୍ୟ ନାହିଁ । ଦାନ କହିଲେ ଯାହା ଆମ ପାଖରେ ଅଛି ତାହା ଆଉ କାହାକୁ ଦେଇଦେବା । କୌଣସି ଫଳ ଆଶା ନକରି ଦେଇଦେବାକୁ ଦାନ କୁହାଯାଏ । ଆମେ ଯାହା ଦାନ ଦେଉଛେ ତାହା ଧନ ହୋଇପାରେ କିମ୍ବା କୌଣସି ବସ୍ତୁ ହୋଇପାରେ । ଏକଥା ସମସ୍ତେ ଜାଣିଛେ, କିନ୍ତୁ ଏଠାରେ ରହିଥିବା ସମସ୍ୟା ହେଉଛି ! **ଦାନ ମାଗିବା ଲୋକ ଧର୍ମ କରନ୍ତୁ ବୋଲି କହିବା । ତାଛଡା ଦାନ ଦେଉଥିବା ଲୋକ ଧର୍ମ କଲି ବୋଲି ଭାବିବା** । କଲେ ଗୋଟିଏ କାମ, କହୁଛେ ଆଉ ଗୋଟିଏ ନାମ, କାହିଁକି ବୋଲି ଚିନ୍ତାକଲେ ଦାନ ଆଉ ଧର୍ମ ଭିତରେ କିଛି ଭିନ୍ନତା ନଥିବା ଭଳି ଜଣାଯାଉଛି, କିନ୍ତୁ ଶାସ୍ତ୍ରବଦ୍ଧ ଭାବରେ ଧର୍ମ କହିଲେ ଯାହା ଦୈବସିଦ୍ଧାନ୍ତକୁ ଜଣାଇଥାଏ ତାହା ବୋଲି ଜଣାଯାଉଛି । ଏଭଳି ଧର୍ମ ସମ୍ପୂର୍ଣ୍ଣ ଭଗବଦ୍ଗୀତାରେ କୁହାଯାଇଛି । ଦାନ କହିଲେ ଅନୁଭବ ଅନୁସାରେ ତାହା କ'ଣ ବୋଲି ଆମେ ଜାଣିପାରୁଛେ ! ଯାହା ଦେଉଛେ ତାହା ଦାନ, ତେଣୁ ଦାନ ଧର୍ମ ଏକାକଥା ନୁହେଁ ଅଲଗା ଅଲଗା ବୋଲି ସହଜରେ ଜାଣିହେଉଛି ।

ଆଜି ଦାନକୁ ଦାନ ନକହି, ଧର୍ମ କହିବା ଅନେକ ସନ୍ଦର୍ଭରେ ଶୁଣୁଛେ । ଉଦାହରଣ ସ୍ୱରୂପ ଦଶଜଣଙ୍କ ଅନୁକୂଳ ହେବାଭଳି ଗୋଟିଏ ମନ୍ଦିରକୁ କିଏ ଜଣେ ଫ୍ୟାନ୍‌ଟିଏ ଦାନକଲା, ତାହା ସେ ଦେଇଛି ବୋଲି ସମସ୍ତେ ଜାଣିପାରିବା ଭଳି ତାର ନାମକୁ ମନ୍ଦିର କମିଟି ଖାତାରେ ହେଉ କିମ୍ବା ସେହି ଫ୍ୟାନ ଉପରେ ହେଉ ଲେଖାଯାଉଛି । ଦେବେନ୍ଦ୍ର ନାମକ ବ୍ୟକ୍ତି ଜଣକ ଫ୍ୟାନଟି ଦେଲା ବୋଲି ଭାବିବା । ସେତେବେଳେ ଧର୍ମକର୍ତ୍ତା ବୋଲି

ତାର ନାମ ଲେଖାଯାଉଛି । ଦାନ ଧର୍ମ ସୂତ୍ରବଦ୍ଧ ଭାବରେ ଅଲଗା ଅଲଗା ହୋଇଥିବା ବେଳେ, ଦାନ କରି ଧର୍ମ କଲା କହିବା କ'ଣ ଭୁଲ୍ ନୁହେଁ! ତେଣୁ ଏ ବିଷୟକୁ ଶାସ୍ତ୍ରବଦ୍ଧ ଭାବରେ ଜାଣିବା ଆବଶ୍ୟକ । ଏଠାରେ ପାଠକମାନଙ୍କ ପାଇଁ ସୂଚିତ କରାଯାଉଛି ଯେ, ଆମ ରଚନାରେ କାହାକୁ ବିମର୍ଶ କରିବା ଉଦ୍ଦେଶ୍ୟରେ ଆମେ ଲେଖୁଛୁ ବୋଲି ଭାବନ୍ତୁ ନାହିଁ । ଜଣା ନଥିବା ସତ୍ୟକୁ ଜଣାଇବା ବ୍ୟତୀତ ଆମର ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ ବୋଲି ଗ୍ରହଣ କରନ୍ତୁ । ଅନ୍ୱେଷଣା ଦୃଷ୍ଟିରେ ଆଗକୁ ପାଠକରନ୍ତୁ ।

ଦାନ ଧର୍ମ ଭିତରେ ଅନେକ ଭିନ୍ନତା ରହିଛି । ସବୁ ଦିଗରୁ ଧର୍ମ ହିଁ ଦାନ ଅପେକ୍ଷା ମହାନ ହୋଇ ରହିଛି, ତେଣୁ ଜାଣିଥିବା ବଡମାନେ ଦାନ ଅପେକ୍ଷା ଧର୍ମ ମହାନ ବୋଲି ଜାଣି **"ଧର୍ମଂ ଶରଣଂ ଗଚ୍ଛାମି"** ବୋଲି କହିଥିଲେ ସିନା, ଦାନଂ ଶରଣଂ ଗଚ୍ଛାମି କହିନଥିଲେ । ଦାନ ଧର୍ମ ଭିତରେ ଅନେକ ପାର୍ଥକ୍ୟ ରହିଥିବାରୁ ଧର୍ମ ସହିତ ଦାନକୁ ତୁଳନା ମଧ୍ୟ କରିପାରିବା ନାହିଁ । ଦାନ ଦେଇ ଧର୍ମ ଲେଖିବା ଉଚିତ୍ ନୁହେଁ ।

ଦାନ ଦେବାବେଳେ ବଡମାନେ ଦାନ ଗ୍ରହିତାକୁ ସତ୍ ପାତ୍ର କି ନୁହେଁ ଜାଣି ଦାନ କରୁଥିଲେ, ପାତ୍ର ଦେଖି ଦାନକର ବୋଲି କହୁଥିଲେ । ଦାନକୁ ତିନି ଭାଗରେ ବିଭାଜନ କରି ସାତ୍ତ୍ୱିକ ଦାନ, ରାଜସ ଦାନ, ତାମସ ଦାନ ବୋଲି ଭଗବଦ୍ଗୀତାରେ କୁହାଯାଇଛି । ଦାନ କିଭଳି ଭାବରେ କଲେ ମଧ୍ୟ ସେଥିରୁ ପାପ କିମ୍ବା ପୁଣ୍ୟଫଳ ଆସି ଜୀବକୁ ଅନ୍ୟ ଜନ୍ମ ଦେବାରେ ସାହାଯ୍ୟ କରିଥାଏ । ଦାନ ଏକ ଗୁଣ ହୋଇଥିବାରୁ, ଦାନ ଉଦ୍ଦେଶ୍ୟରେ ହେଉଥିବା କାର୍ଯ୍ୟରେ ନିଆଁକୁ ଧୁଆଁ ଲାଗି ରହିବା ଭଳି, କାର୍ଯ୍ୟ ସହିତ କର୍ମ ଲାଗି ରହିଥାଏ । ଦାନ ନେବା ପାତ୍ର ଉଚିତ୍ ପାତ୍ର କି ନୁହେଁ ଜାଣିବା ପାଇଁ ଆମକୁ ତାପଛରେ ପଡିବାକୁ ହେବ, ତା'ମଧ୍ୟ କିଛି ଅସମ୍ଭବ ହୋଇଥିବାରୁ ଦାନଗ୍ରହିତା ବାବଦରେ ଆମକୁ ସମ୍ପୂର୍ଣ୍ଣ ଜଣାନଥାଏ; ତଥାପି ଆମକୁ ଅନେକ ସନ୍ଦର୍ଭରେ ଦାନ ଦେବାକୁ ପଡିଥାଏ । କୌଣସି ବ୍ୟକ୍ତିକୁ

ଦାନ ଦେବା ବେଳେ ଆମେ ପାପପୁଣ୍ୟ ନାମକ କର୍ମବନ୍ଧନରେ ନପଡି ଧର୍ମବଦ୍ଧ ଦାନ ଦେବା ଉଚିତ୍ । ଦାନକୁ ଧର୍ମବଦ୍ଧ ଭାବରେ ଦେଲେ କର୍ମ ଆସିନଥାଏ, ଏଠାରେ  ଧର୍ମବଦ୍ଧ ଦାନ କଅଣ  ନାମକ ସନ୍ଦେହ ନିଶ୍ଚୟ ଆସିଥାଏ । ଦାନଗୁଣ ଦ୍ୱାରା ହେଉଥିବା କାର୍ଯ୍ୟ କର୍ମ କାରଣରୁ ହୋଇଥାଏ ସିନା, ଜୀବାତ୍ମା ହୋଇଥିବା ମୁଁ କାରଣ ନୁହେଁ ବୋଲି ଜାଣି, ଅହଂକାରକୁ ନିଜ ଭିତରୁ ଦୂରକରି ଦାନଦେବା ଧର୍ମବଦ୍ଧ ଦାନ ହୋଇଥାଏ । ଏହି ଧର୍ମ ଅନୁସାରେ କୌଣସି ଦାନ ହେଉ, କୌଣସି କାର୍ଯ୍ୟ ହେଉ କରିବା ବେଳେ କର୍ମବନ୍ଧନ ନଥାଏ ବୋଲି ଭଗବଦ୍ଗୀତାର କର୍ମସିଦ୍ଧାନ୍ତ ଜଣାଇଥାଏ ।

ଦାନ ଦେବାବାଲା ସମସ୍ତେ ଯେ କର୍ମସିଦ୍ଧାନ୍ତ ଜାଣିଥିବା ଜ୍ଞାନୀ ବୋଲି କହିବା କଷ୍ଟ ହୋଇଥାଏ । ସବୁ ଦାତାମାନେ କର୍ମସିଦ୍ଧାନ୍ତ ଆଚରଣ କରିପାରନ୍ତି ନାହିଁ । ତାମାନେ କ’ଣ ଦାନଦେବା ଉଚିତ୍ ନୁହେଁ ? ବୋଲି ପ୍ରଶ୍ନ ଆସିଥାଏ । ଦାନଦେବା ବନ୍ଦ କରିବାକୁ କହୁନାହୁଁ ! ଦାନଦେବା ଉପାୟକୁ ବଡମାନେ ଜଣାଇବାକୁ ଯାଇ ଦାନଧର୍ମ ନାମକ ଯୁଗଳ ଶବ୍ଦକୁ ଭାଷାରେ ବ୍ୟବହାର କରିବା ଶିଖାଇଥିଲେ । ଏହାର ଅର୍ଥ ହେଉଛି ତୁ ଦାନ ଦେବାବେଳେ ଧର୍ମବଦ୍ଧ ଦାନ କର୍ କିମ୍ବା ଧର୍ମପାଇଁ ଦାନ କର୍ । ଧର୍ମବଦ୍ଧ ଦାନ କରିବାକୁ ହେଲେ ଭଗବାନ ଜଣାଇଥିବା କର୍ମସିଦ୍ଧାନ୍ତ ଜାଣିଥିବା ଜଣେ ଜ୍ଞାନୀହେବା ଉଚିତ୍,  ନାଇଁ  ଯଦି ଜ୍ଞାନୀ ନୁହେଁ ତେବେ ଧର୍ମପାଇଁ ଦାନକରିବା ଉଚିତ୍ । ଏଠାରେ ଧର୍ମପାଇଁ କିପରି ଦାନ କରିବା ସନ୍ଦେହ ମଧ୍ୟ ଆସିପାରେ । ତାର ସମାଧାନ ହେଉଛି ! ଭୌତିକ ସମ୍ବନ୍ଧ ନଥାଇ, ଈଶ୍ୱର ଜଣାଇଥିବା ଜ୍ଞାନପ୍ରଚାରରେ ବ୍ୟବହୃତ ହେବାପାଇଁ ଯେଉଁ ଦାନ ଦିଆଯାଏ  ତାହା ଧର୍ମବଦ୍ଧ ଦାନ ହୋଇଥାଏ । ଈଶ୍ୱର ଜଣାଇଥିବା ଜ୍ଞାନପାଇଁ, ସେହି ଜ୍ଞାନ ସମସ୍ତେ ଜାଣିବା ପାଇଁ, ଜ୍ଞାନ ବିନାଶ ନହୋଇ ରହିବା ପାଇଁ ହେଉଥିବା ଚେଷ୍ଟାରେ ଯେଉଁ ଧନ, ବସ୍ତୁ ଇତ୍ୟାଦି ବ୍ୟୟ ହୁଏ ତାହା ଦେବା ଈଶ୍ୱରଙ୍କ ଧର୍ମପାଇଁ ଦାନଦେବା ଭଳି ହୋଇଥାଏ ବୋଲି ଜଣାଯାଉଛି ।

| ଦାନ | ଧର୍ମ |
|---|---|
| ୧. ଯାହା ଜଣକୁ ଦିଆଯାଏ । ଯାହା ଦିଆଯାଇଥାଏ ତାହା କିଛିକାଳ ପରେ ତାପାଖରେ ନଥାଏ । | ୧.ଜଣକୁ ଜଣାଇଥାଏ, ଜଣାଇଥିବା ବିଷୟ ଶାଶ୍ୱତ ଭାବେ ରହିଯାଏ । |
| ୨.ଧନ, କନକ, ବସ୍ତୁ, ବାହାନ ରୂପରେ ରହିପାରେ । | ୨.କେବଳ ଆତ୍ମା ସମ୍ବନ୍ଧୀୟ ବିଷୟ ହୋଇଥାଏ । |
| ୩. ଦେବା ପାତ୍ର ଭୌତିକତଃ ଧନବାନ ହୋଇଥାଏ । | ୩. ଜଣାଉଥିବା ବ୍ୟକ୍ତି ଜ୍ଞାନଧନୀ ହୋଇଥାଏ । |
| ୪. ଦେବା ଦ୍ୱାରା ନୂଆ କର୍ମ ସଞ୍ଚୟ ହୋଇଥାଏ । | ୪. ଆଚରଣ କରିବା ଦ୍ୱାରା ଥିବା କର୍ମ ବିନାଶ ହୋଇଥାଏ । |
| ୫. ଦେବା ଦ୍ୱାରା ଭୌତିକତଃ କୀର୍ତ୍ତିପ୍ରତିଷ୍ଠା ହୋଇଥାଏ । | ୫. ଆଚରଣ କରିବା ଦ୍ୱାରା ଇନ୍ଦ୍ରିୟାତୀତ ମୋକ୍ଷ ମିଳିଥାଏ । |
| ୬. କରିଥିବା ଦାନ ଦ୍ୱାରା ଗ୍ରହିତାକୁ ସୁଖ ସନ୍ତୋଷ ମିଳିପାରେ, ଦୁଃଖ କଷ୍ଟ ମଧ୍ୟ ମିଳିପାରେ । | ୬. ଜାଣୁଥିବା ବ୍ୟକ୍ତି ପାଖରେ ଦୁଃଖସୁଖରୁ ବହିର୍ଗତ ହେବା ଭଳି ଶକ୍ତି ଜାତ ହୋଇଥାଏ । |
| ୭. ଏହା ଆଶାଗୁଣର ବିପରୀତ ଗୁଣ । | ୭. ଏହା ଗୁଣ ନୁହେଁ, ଈଶ୍ୱରଙ୍କୁ ଜଣାଉଥିବା ଶାସନ । |

ଏହି ବିଷୟ ଭଗବଦ୍ଗୀତାର ଭକ୍ତିଯୋଗ ନାମକ ଅଧ୍ୟାୟର ୧୦ମ ଶ୍ଳୋକରେ "ତୁ କୌଣସି ସାଧନା କରି ନପାରିଲେ ମଧ୍ୟ, ଯୋଗୀ କିମ୍ବା ଜ୍ଞାନୀ ହୋଇନପାରିଲେ ମଧ୍ୟ ତୋପାଇଁ ଗୋଟିଏ ଉପାୟ ଅଛି କହି, ପରମାତ୍ମାରେ ଲୀନହେବା ମାର୍ଗକୁ ଜଣାଇ, ମୋ ଜ୍ଞାନ ସାଧନାରେ

ତୁ ଅସମର୍ଥ ହୋଇଗଲେ ମଧ୍ୟ ମୋ ପାଇଁ ତୁ କାର୍ଯ୍ୟ କର୍, ମୋପାଇଁ କର୍ମ ଆଚରଣ କରିବା ଦ୍ୱାରା ତୁ ନିଶ୍ଚୟ ମୋକ୍ଷ ପାଇବୁ କହିବାକୁ ଯାଇ, *"ଅଭ୍ୟାସେପ୍ୟସମର୍ଥୋସି ମତ୍କର୍ମ ପରମୋଭବ । ମଦର୍ଥମପି କର୍ମାଣି କୁର୍ବନ୍ ସିଦ୍ଧି ମବାପ୍ସ୍ୟସି ॥"* ବୋଲି *କହିଛନ୍ତି*। ଏଠାରେ ଈଶ୍ୱରଙ୍କ କାର୍ଯ୍ୟ କ'ଣ ବୋଲି ଆମେ ଜାଣିଲେ ସିନା ତାଙ୍କ କାର୍ଯ୍ୟ କରିବା ! ବୋଲି ବିଚାର ଆସିଥାଏ । ସେହି ବିଚାର ନିର୍ଣ୍ଣୟ ହେଉଛି ! ଦୈବଧର୍ମ ବିନାଶ ହେବାକୁ ନଦେଇ ତାହା ଅନ୍ୟମାନଙ୍କୁ ଜଣାଇବା ଦ୍ୱାରା ଈଶ୍ୱରଙ୍କ କାର୍ଯ୍ୟ କରିବା ଭଳି ହୋଇଥାଏ । କୌଣସି ସୁଯୋଗ ନଥିବା ପାତ୍ର ଏହି ସୁଯୋଗରେ ମୋ ପାଖରେ ପହଞ୍ଚିପାରିବ । ଯିଏ ଜ୍ଞାନ ଜାଣି ନାହିଁ, ଯିଏ ଯୋଗୀ ନୁହେଁ ସେ ମଧ୍ୟ ଯଦି ଏଭଳି ଦୈବଜ୍ଞାନ ପ୍ରଚାର ପ୍ରସାର ନିମନ୍ତେ ଦାନ କରେ, ତାହା ଧର୍ମର ପ୍ରଚାରରେ ବିନିଯୋଗ ହେବାବେଳେ, ସେହି ଦାନକାର୍ଯ୍ୟର ଫଳ ଭାବରେ ତାକୁ ଦୈବସନ୍ନିଧି ମାର୍ଗ ମିଳିଯିବ । ସେଥିଲାଗି ବଡମାନେ ତୁ କରୁଥିବା ଦାନ ଧର୍ମପାଇଁ କରିବା ଉଚିତ୍ ବୋଲି ବିଷୟକୁ ଆମେ ଭୁଲି ନଯିବା ଭଳି ଦାନ,ଧର୍ମ ନାମକ ଦୁଇ ଶବ୍ଦକୁ ଯୋଡି ଦାନଧର୍ମ କର ବୋଲି କହିଥିଲେ ।

ଆଜି ଦାନ କହିଲେ କଅଣ ? ଧର୍ମ କହିଲେ କଅଣ ? ଜାଣିନଥିବା ଲୋକମାନେ ଦାନକୁ ଧର୍ମ, ଧର୍ମକୁ ଦାନ ବୋଲି କହୁଛନ୍ତି । ଦାନଧର୍ମ ନାମକ ଏହି ଯୁଗଳ ଶବ୍ଦ ବାବଦରେ ଜାଣିବା ଉଚିତ୍ । ଧର୍ମକୁ ନ୍ୟାୟ ବୋଲି ମଧ୍ୟ କେତେକ କହନ୍ତି । ଧର୍ମ ଅଲଗା, ନ୍ୟାୟ ଅଲଗା, ଦାନ ଅଲଗା ବୋଲି ଜାଣି ପାରିବା ବେଳେ, ସମସ୍ତ କାର୍ଯ୍ୟର ବିବରଣକୁ ଜାଣି ଜ୍ଞାନୀ ହୋଇପାରିବା । ଆଜି ଯଦି ଆପଣ ଦାନ କରୁଛନ୍ତି ତେବେ ଦାନର ପ୍ରତ୍ୟେକ ପଇସା ଧର୍ମକାର୍ଯ୍ୟରେ ବିନିଯୋଗ ହେବା ଭଳି ଦାନ କରନ୍ତୁ । ଆପଣଙ୍କ ଦାନ ଭୌତିକ କାର୍ଯ୍ୟରେ ନଲାଗି ପରମାତ୍ମା ସେବାରେ ବା ଈଶ୍ୱରଙ୍କ ସେବାରେ ଲାଗୁ । ଅନ୍ଧ ଭାବରେ ଦାନଦେବା ବନ୍ଦ କରି,

ଆପଣଙ୍କ ଦାନ ସହିତ ଧର୍ମ ଶବ୍ଦ ଯୋଡିହେବା ଭଳି ସବୁକିଛିକୁ ଧର୍ମପାଇଁ ବିନିଯୋଗ କରନ୍ତୁ । ଏଭଳି ଦାନ କରିପାରିଲେ କର୍ମବନ୍ଧନରେ ପଡିବେ ନାହିଁ । ଦାନଧର୍ମ ଯୁକ୍ତ ଜୀବନ ଧନ୍ୟ ହୋଇଥାଏ ।

**୧ ) ଜଣକୁ ଦିଆଯାଏ ଦାନ ।**
**୨ ) ଜଣକୁ ଜଣାଇଦିଆଯାଏ ଧର୍ମ**
} ଦୁଇଟିଯାକ ମିଳିତ ହେବାବେଳେ ଦାନଧର୍ମ ହୋଇଥାଏ ।

*****

# ଧର୍ମର ରକ୍ଷା କର, ଧର୍ମ ହିଁ ତୁମକୁ ରକ୍ଷା କରିବ

ତୁମେ ଧର୍ମର ରକ୍ଷାକଲେ ଧର୍ମ ତୁମକୁ ରକ୍ଷା କରିବ ବୋଲି କହିଥା'ନ୍ତି ବଡମାନେ । ଧର୍ମ କ'ଣ ଜାଣିଲେ ସିନା ଆମେ ଧର୍ମକୁ ରକ୍ଷା କରିବୁ! ବୋଲି କେତେକ କହନ୍ତି । ଧର୍ମ କାହାକୁ କହନ୍ତି ତାହା ସୂଚିତ କରାଯାଇ ଅନେକ ଗ୍ରନ୍ଥ ମଧ୍ୟ ରହିଛି । କ'ଣ ସେହି ଗ୍ରନ୍ଥଗୁଡିକରୁ ଧର୍ମ ଜାଣିପାରିବା ନାହିଁ! ବୋଲି ପ୍ରଶ୍ନ ମଧ୍ୟ କେତେକଙ୍କଠାରେ ଉଦ୍ଭବ ହୋଇଥାଏ । ମୋଟାମୋଟି ଭାବେ କହିଲେ, ଆଜି ଧର୍ମ କ'ଣ ନଜାଣିବା ସ୍ଥିତିରେ ମାନବ ରହିଛି । ଏହାକୁ ହିଁ ଭଗବଦ୍ଗୀତାରେ ଭଗବାନ **ଧର୍ମଗ୍ଲାନି** ନାମରେ କହିଛନ୍ତି ।

ମାନବକୁ ଧର୍ମ କଅଣ ବୋଲି ଜଣା ନଥିବା ବେଳେ ଧର୍ମଗ୍ଲାନି ସୃଷ୍ଟି ହୋଇଥାଏ, ଧର୍ମ ସ୍ଥାନନରେ ଅଧର୍ମ ମୁଣ୍ଡ ଟେକିଥାଏ । ଧର୍ମ ମଣିଷ ସମାଜରେ ଅକ୍ଷୁର୍ଣ୍ଣ ରହିବା ଉଚିତ୍ ଭାବି, ଧର୍ମକୁ ଆମମାନଙ୍କର ରୀତିମତ ଆଚରଣରେ ଯୋଡିଦେଇଥିଲେ ବଡମାନେ । ବଡମାନଙ୍କର ଏହି ଉନ୍ନତ ଉଦ୍ଦେଶ୍ୟ ପ୍ରସଂଶନୀୟ । ଇନ୍ଦୁଧର୍ମର ସତ୍ ରୀତି ଆଜି ମଧ୍ୟ ବଞ୍ଚିରହିଛି ।

କାଳକ୍ରମେ ମଣିଷଠାରେ ଅଜ୍ଞାନତା ପ୍ରବେଶ କରି, ବଢି ଆଜି ଆମ ସଦାଚରଣର ସାରାଂଶ ହୋଇ ରହିଥିବା ସମୟରେ ଧର୍ମର ମୂଲ୍ୟକୁ କେହି ଜାଣି ପାରୁନାହାନ୍ତି । ଏହିଭଳି ପରିସ୍ଥିତିରେ ଆଜି ହିନ୍ଦୁମାନେ ନିଜର ପାରମ୍ପରୀକ ରୀତିର ସତ୍ ଆଚରଣ କରି ପାରୁନାହାନ୍ତି । ସତରେ ଧର୍ମ କ'ଣ କେହି ଜାଣିବାକୁ ଚେଷ୍ଟା ମଧ୍ୟ କରୁନାହାନ୍ତି ।

କେତେକ ଗାଆଁକୁ ଯାଇ ଦେଖିଲେ ଧର୍ମ କଅଣ, ଅଧର୍ମ କଅଣ ଜଣାନଥିବା ଲୋକେ ବହୁତ ଅଛନ୍ତି ବୋଲି ଜଣାପଡୁଛି । ଜ୍ଞାନ କ'ଣ, ଅଜ୍ଞାନ କ'ଣ ଜାଣି ନଥିବା ଲୋକମାନେ ମଧ୍ୟ ଅଛନ୍ତି । ଏମିତି କେତେକ ଗାଆଁ ଅଛି ଯେଉଁଠାର ବାସିନ୍ଦାମାନେ ନିଜେ ହିନ୍ଦୁ ବୋଲି ମଧ୍ୟ ଜାଣି ନାହାନ୍ତି, ସେମାନଙ୍କୁ ମତ (ଧର୍ମ) କ'ଣ ପଚାରିଲେ ଜାତି ନାଆଁ କହୁଛନ୍ତି । ଏହି ଅନୁସାରେ ଦେଖିଲେ ମତ, ଧର୍ମ ଅଜଣା ରହିଯିବା ଦ୍ୱାରା ଧର୍ମରେ କଳଙ୍କ ଲାଗିଛି ବୋଲି ସନ୍ଦେହ ରହୁନାହିଁ ।

ଏହିଭଳି ପରିସ୍ଥିତିରେ ଗୁରୁମାନେ, ପିଠାଧିପତିମାନେ, ଧର୍ମ କିଛି ଜାଣିଥିବା ଲୋକମାନେ ଧର୍ମବୋଧ କରୁଛନ୍ତି । ଏଭଳି ଧର୍ମବୋଧରେ **"ଧର୍ମର ରକ୍ଷାକର ଧର୍ମ ତୁମକୁ ରକ୍ଷା କରିବ"** ବୋଲି ଶୁଣୁଥିବା ହିନ୍ଦୁମାନେ ନିଜେ ନିଜକୁ ରକ୍ଷା କରି ପାରୁନଥିବା ଧର୍ମ ଆମକୁ କିପରି ରକ୍ଷା କରିବ ? ବୋଲି କହୁଛନ୍ତି । ଅନ୍ୟ ମତର ଲୋକମାନେ ମଧ୍ୟ ମଣିଷ ଦ୍ୱାରା ରକ୍ଷିତ ହେଉଥିବା ଧର୍ମ ମଣିଷକୁ କିପରି ରକ୍ଷା କରିବ ? ବୋଲି ସମାଲୋଚନା କରୁଛନ୍ତି । ଏହିଭଳି ଧର୍ମ ଜଣାନଥିବା, ଧର୍ମ କ'ଣ ଜଣାନଥିବା ଲୋକେ କିଛି ଅଛନ୍ତି ।

ହିନ୍ଦୁଧର୍ମର ପ୍ରଚାର ପାଇଁ ଆମେ ଅଛୁ ବୋଲି କହୁଥିବା ଲୋକମାନେ ଭଜନ କରିବା, ପୁରାଣ ଶୁଣାଇବା, ଦାନ କରିବା, ବ୍ରତାଚରଣ କରିବା ଇତ୍ୟାଦିକୁ ଧର୍ମ ବୋଲି କହୁଛନ୍ତି । ଏହା ଧର୍ମ ବୋଲି ବିଶ୍ୱାସ କରୁଥିବା ଲୋକେ ସମାଜରେ କିଛି ଥିବା ସ୍ଥଳେ, ବିଶ୍ୱାସ କରୁନଥିବା ଲୋକେ କିଛି

ଅଛନ୍ତି । ଏହିସବୁ ଦୃଷ୍ଟିରୁ ଦେଖିଲେ ଧର୍ମ କ'ଣ ବୋଲି ସମସ୍ତଙ୍କଠାରେ ନିଶ୍ଚୟ ସନ୍ଦେହ ଆସିଥାଏ, ଏହାର ବଳଶାଳୀ କାରଣ ହେଉଛି !

ହିନ୍ଦୁର ମତଗ୍ରନ୍ଥ (ଧର୍ମଗ୍ରନ୍ଥ) କୁହାଯାଉଥିବା ଭଗବଦ୍ଗୀତାରେ ଯାହା କୁହାଯାଇଛି ତାହାସବୁ ଧର୍ମ । ଧର୍ମ ସଂସ୍ଥାପନା ପାଇଁ ମୁଁ ଆସିଛି ବୋଲି ସ୍ୱୟଂ ଭଗବାନ କହିଛନ୍ତି, ସେଥିରେ ସେ କହିଥିବା ଧର୍ମ ଅନୁସାରେ, ଭଜନ କରିବା, ପୁରାଣ ଶୁଣାଇବା, ଦାନ କରିବା, ବ୍ରତାଚରଣ କରିବା ଇତ୍ୟାଦି ଧର୍ମ ନୁହେଁ ବୋଲି ଜଣାଯାଉଛି । ତେଣୁ ଧର୍ମଯୁକ୍ତ ଭାବରେ ବୋଧ କରିଥିବା ବ୍ରହ୍ମବିଦ୍ୟା ବା ଯୋଗଶାସ୍ତ୍ର ଭଗବଦ୍ଗୀତା କଥାକୁ ବିଶ୍ୱାସ କରିବା ? କି ଆଜି କିଛିଲୋକ ଯାହା କହୁଛନ୍ତି ତାହା ବିଶ୍ୱାସ କରିବା ? ସନ୍ଦିଗ୍ଧ ଅବସ୍ଥାରେ ମାନବ ରହିଛି । ଗୀତାର ଧର୍ମକୁ ମାନିଲେ ବଡମାନଙ୍କ କଥା ନମାନିବା ଭଳି, ବଡମାନଙ୍କ କଥା ମାନିଲେ ଗୀତା ଧର୍ମକୁ ନମାନିବା ଭଳି ପରିସ୍ଥିତିରେ ମାଣିଷ କଣ ନିର୍ଣ୍ଣୟ ନେବ ଜାଣିପାରୁ ନାହିଁ ।

ଧର୍ମର ଗ୍ଲାନି ହେବାବେଳେ, ତାହା ଜନମାନସରେ ଅଜଣା ରହିଯିବା ବେଳେ ମୁଁ ଆସି ତାହା ଜଣାଇଥାଏ, ଧର୍ମର ରକ୍ଷା କରିଥାଏ ବୋଲି ପରମାତ୍ମା ଗୀତାରେ ଜଣାଇଛନ୍ତି । ଏହି ଅନୁସାରେ କହିପାରିବା ଯେ, ଧର୍ମ କଅଣ ତାହା ଏକୈକ ପରମାତ୍ମାଙ୍କୁ ଜଣାଥାଏ, ତାକୁ କେବଳ ସେ ହିଁ ରକ୍ଷା କରିପାରନ୍ତି ବୋଲି ଜଣାଯାଉଛି । ତେଣୁ ମଣିଷ ଧର୍ମକୁ ରକ୍ଷା କରିପାରେ କହିବା ହାସ୍ୟାସ୍ପଦ । ମାନବ ଧର୍ମର ଆଚରଣ କରିବା ଉଚିତ୍ ବୋଲି ପରମାତ୍ମା କହିଛନ୍ତି । ମାନବ ଧର୍ମ କଅଣ ଜାଣି ନଥିବା ବେଳେ, ତାର ଆଚରଣ କରି ପାରୁନଥିବା ବେଳେ ସେ ଜନ୍ମହୋଇ ଧର୍ମ ଜଣାଇଥା'ନ୍ତି ବୋଲି କହିଛନ୍ତି । ପରମାତ୍ମା ବା ଈଶ୍ୱର ଜଣାଇଥିବା ଧର୍ମର ଆଚରଣ କଲେ, ଧର୍ମ ଦ୍ୱାରା ଜୀବ କର୍ମରୁ ମୁକ୍ତି ପାଇ ମୋକ୍ଷ ପାଇଥାଏ ।

ବାସ୍ତବରେ ଧର୍ମକୁ ମଣିଷ ରକ୍ଷା କରିପାରିବ ନାହିଁ । ମାନବର କର୍ତ୍ତବ୍ୟ ହେଉଛି ଧର୍ମର ଆଚରଣ କରିବା । ତୁ ଧର୍ମର ଆଚରଣ କରିବା ଦ୍ୱାରା ଧର୍ମ ତୋତେ କର୍ମରୁ ରକ୍ଷାକରିଥାଏ କହିବା ଉଚିତ୍ ।

ଧର୍ମକୁ ତୁ କିପରି ରକ୍ଷା କରିବୁ ? ଧର୍ମ ତୋତେ କେଉଁଥିରୁ ରକ୍ଷା କରିବ ବୋଲି ପଚାରିଲେ ତାର ଜବାବ ଦେଇନପାରି "ଧର୍ମୋ ରକ୍ଷତି ରକ୍ଷିତଃ" କହିବା ଧର୍ମବିରୁଦ୍ଧ ହୋଇଥାଏ, ଗୀତାରେ ଭଗବାନ କହିଥିବା କଥାକୁ ନିନ୍ଦା କରିବା ଭଳି ହୋଇଥାଏ, ଅଧର୍ମକୁ ପ୍ରୋତ୍ସାହନ ଦେବାଭଳି ହୋଇଥାଏ । କୌଣସି କଥା କହିଲେ ଯଦି ତାହା ହେତୁବଦ୍ଧ ଭାବରେ କହିବା ତେବେ ହେତୁବାଦୀମାନଙ୍କ ମୁହଁ ବନ୍ଦ କରିପାରିବା । ତା'ନକରି ଅହେତୁକ, ଅଶାସ୍ତ୍ରୀୟ କଥା କହିଲେ ହେତୁବାଦୀମାନେ, ନାସ୍ତିକମାନେ ଆମକୁ ଲଜ୍ଜିତ କରିଦେବେ, ଧର୍ମରେ ଗ୍ଲାନି ଆସିଯିବ । ଧର୍ମ କଅଣ ଜଣାନଥିବା ଲୋକେ ଆମ କଥାକୁ ବି ନିନ୍ଦା କରିପାରନ୍ତି । ହେତୁବଦ୍ଧ ଭାବରେ (ଜାଣିବାକୁ ଇଚ୍ଛାକରି) କୌଣସି ପ୍ରଶ୍ନ ପଚାରିଲେ ଆମେ ଉତ୍ତର ଦେବାକୁ ପ୍ରସ୍ତୁତ । କ୍ରମହୀନ, ଅହେତୁକ ପ୍ରଶ୍ନକଲେ ଆମେ ଉତ୍ତର ଦେଇପାରିବୁ ନାହିଁ, ଦେବୁ ନାହିଁ । ଏତେ ବେଳଯାଏଁ ଏତେ କଥା କହି ଧର୍ମ କ'ଣ ନଜଣାଇଲେ ଭଲହେବ ନାହିଁ । ତେଣୁ ଧର୍ମ ବାବଦରେ ଥିବା ସତକଥାକୁ ଗୋଟିଏ ବାକ୍ୟରେ କହିଲେ ! ପରମାତ୍ମା ସନ୍ନିଧିକୁ ପଠାଇବା ପାଇଁ ଯେଉଁ ନିୟମ ରହିଛି ତାହା ହିଁ ଧର୍ମ ବୋଲି କହିପାରିବା । ସେସବୁ କଅଣ ତାହା ଭଗବଦ୍ଗୀତାରେ ପରମାତ୍ମା ଜଣାଇଛନ୍ତି ।

ଯଦି ମାନବ ଧର୍ମର ରକ୍ଷା କରିପାରନ୍ତା, ତେବେ ପରମାତ୍ମା କାହିଁକି ଭୂପୃଷ୍ଠରେ ଭଗବାନ ହୋଇ ଜନ୍ମ ନିଅନ୍ତେ ? ପରମାତ୍ମା ଧର୍ମରକ୍ଷଣ ନିମନ୍ତେ ଅବତାର ଗ୍ରହଣ କରିଥା'ନ୍ତି, ତେଣୁ ତୁ ଧର୍ମର ରକ୍ଷା କରିପାରିବୁ ନାହିଁ । ସେଥିଲାଗି

**"ତୁ ଧର୍ମ ଆଚରଣ କର୍, ତାହା ତୋତେ ରକ୍ଷା କରିବ ।"**

*****

# ରୁଦ୍ରାକ୍ଷ

ରୁଦ୍ର କହିଲେ ନାଶନ ବା ବିନାଶ । ରୁଦ୍ରଭୂମି କହିଲେ ଶରୀରକୁ ବିନାଶ କରୁଥିବା ଭୂମି, ଅର୍ଥାତ୍ ଶ୍ମଶାନ (ମଶାଣି) । ରୁଦ୍ର କହିଲେ ରୁଦ୍ରଭୂମିରେ ବାସ କରୁଥିବା ଶିବ । ରୁଦ୍ରଭୂମିରେ ଭୂତ, ପ୍ରେତ, ପିଶାଚ, ଯକ୍ଷ, କିନ୍ନର, କିଂପୁରୁଷ, ଗରୁଡ, ଗନ୍ଧର୍ବ, ଗ୍ରହାଦି ନିବାସ କରିଥା'ନ୍ତି । ରୁଦ୍ର ଏମାନଙ୍କର ଅଧିପତି, ସେହି ରୁଦ୍ର ଧାରଣ କରିଥିବା ଏକ ପ୍ରକାର ଫଳକୁ ରୁଦ୍ରାକ୍ଷ କୁହାଯାଏ । ଆମେ ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ଏହି ପିଶାଚମାନଙ୍କ ଦାଉରୁ ରକ୍ଷା ମିଳିଥାଏ ବୋଲି ବଡମାନେ କହିଥା'ନ୍ତି । ରୁଦ୍ରାକ୍ଷକୁ ପିଶାଚଗଣମାନେ ରୁଦ୍ର ସମାନ ଭାବନା କରିଥା'ନ୍ତି ବୋଲି ମଧ୍ୟ ପୂର୍ବେ କହୁଥିଲେ । ରକ୍ଷାପାଇବା ଆଶାରେ ରୁଦ୍ରଙ୍କ ନାମରେ ପିନ୍ଧାଯାଉଥିବା ଫଳ ହିଁ ରୁଦ୍ରାକ୍ଷ । ଏକ ଯନ୍ତ୍ରକୁ (ତାବିଜ୍‌କୁ) କେହି ଗଳାରେ ଧାରଣ କଲେ, ସେ ତାହା ତାର ରକ୍ଷଣ ନିମନ୍ତେ ଧାରଣ କରିଥାଏ, ଅର୍ଥାତ୍ ପିଶାଚ ପୀଡାରୁ ରକ୍ଷା ପାଇବାକୁ ପିନ୍ଧିଥାଏ ବୋଲି କହନ୍ତି । ଏଭଳି ରକ୍ଷଣ ନିମନ୍ତେ ଗଳାରେ ପିନ୍ଧାଯାଉଥିବା ଏକ ପ୍ରକାରର ଗଛର ଫଳକୁ ରୁଦ୍ରାକ୍ଷ ନାମରେ ସେତେବେଳେ ପିନ୍ଧୁଥିଲେ । ତେଣୁ ରୁଦ୍ରାକ୍ଷକୁ **ରୁଦ୍ର ରକ୍ଷା** ବୋଲି ବିଭାଜନ କରି କହିପାରିବା । ରୁଦ୍ରାକ୍ଷ ପିନ୍ଧିବା ଦ୍ୱାରା ରୁଦ୍ର ହିଁ ରକ୍ଷା କରିଥା'ନ୍ତି ବୋଲି ପିନ୍ଧୁଥିବା ଲୋକଠାରେ ଧୈର୍ଯ୍ୟ ଥାଏ । ପୂର୍ବେ ପିଶାଚ ଭୟରୁ, ପିଶାଚ ପୀଡାରୁ ରକ୍ଷା ପାଇବା ପାଇଁ ଲୋକେ ରୁଦ୍ରାକ୍ଷ ପିନ୍ଧୁଥିଲେ । କାଳକ୍ରମେ ଏହି ଭାବନା ଲୋକମାନଙ୍କଠାରେ ବଦଳିଯାଇଛି । ରୁଦ୍ରାକ୍ଷ ମାଳା ଶିବ ଧାରଣ କରିଥିବାରୁ ଶିବଭକ୍ତମାନେ ପିନ୍ଧିବା ଆରମ୍ଭ କରିଛନ୍ତି । ଶେଷରେ ବେଦାନ୍ତିମାନେ, ପଣ୍ଡିତମାନେ, ସ୍ୱାମୀଜୀମାନେ ମଧ୍ୟ ପିନ୍ଧୁଛନ୍ତି । ଏସବୁ ଦେଖୁଥିବା ଆଜିର ଲୋକମାନେ ଏହା ପିଶାଚଦାଉରୁ ରକ୍ଷା ପାଇବା ପାଇଁ ପିନ୍ଧାଯାଏ ବୋଲି ନଜାଣି, ରୁଦ୍ରାକ୍ଷ ପିନ୍ଧିଥିବା ଲୋକମାନଙ୍କୁ ମୁଣ୍ଡିଆମାରିବା ଆରମ୍ଭ କରିଛନ୍ତି । ଏହିଭଳି ଅନେକ ଦିନରୁ ରୁଦ୍ରାକ୍ଷର ଭାବ ସମାଜରେ ବଦଳିଯାଇଛି ।

ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା କେତେକ ଶରୀର ସମସ୍ୟା ମଧ୍ୟ ଦୂର ହୋଇଥାଏ । ମୁଖ୍ୟ କଥା ହେଉଛି ଭୂତପ୍ରେତଙ୍କ ବାଧାରୁ ମୁକ୍ତ ହେବାପାଇଁ ଏହାକୁ ପିନ୍ଧାଯାଏ । ଭୂତପ୍ରେତଙ୍କୁ ଭୟ କରୁଥିବା ଲୋକମାନେ ପିନ୍ଧିଲେ ଚଳିବ ସିନା, ଆଜି କିଛି ଜ୍ଞାନ ଜାଣିଥିବା ଲୋକମାନେ ରୁଦ୍ରାକ୍ଷ ପିନ୍ଧିବା ଆଶ୍ଚର୍ଯ୍ୟ ଲାଗୁଛି । ଜଣେ ପିନ୍ଧୁଛି ଦେଖି ଅନ୍ୟମାନେ ପିନ୍ଧୁଛନ୍ତି ସିନା ରୁଦ୍ରାକ୍ଷର ସତ୍ୟକୁ ଜାଣି କେହି ପିନ୍ଧୁନାହାନ୍ତି ।

*****

# ଗୁରୁ - ବୋଧକ

"ଯେମିତି କରିବ ସେମିତି ପାଇବ" ବୋଲି ସାଧାରଣ ଲୋକକଥାଟିଏ ସମାଜରେ ରହିଛି । ଆମେ ଯାହା କରୁଛେ ତାର ଉପଯୁକ୍ତ ଫଳ ଥାଏ ବୋଲି ବଡମାନେ ମଧ୍ୟ ଜଣାଇଛନ୍ତି । ଏହା ବସ୍ତବ କଥା ହେଲେହେଁ ଏହା ସମସ୍ତେ ଭୁଲିଯାଇଛନ୍ତି କହିଲେ ଚଳିବ । ସାଧାରଣ ଲୋକେ କରିଥିବା କାର୍ଯ୍ୟର ଫଳକୁ ଭୁଲିଗଲେ କିଛିକଥା ନାହିଁ, କିନ୍ତୁ ଜ୍ଞାନୀମାନେ ମଧ୍ୟ ଏ ସ୍ଥିତିକୁ ଆସିଛନ୍ତି । ଉଦାହରଣ ସ୍ୱରୂପ ଜଣେ ଗୁରୁ ତାଙ୍କ ଶିଷ୍ୟମାନଙ୍କୁ ଅପୂର୍ବ ଜ୍ଞାନ ଜଣାଇ, ସେହି ଅନୁସାରେ ବଞ୍ଚ ବୋଲି କହୁଥିଲେ । ଏମିତି ଗୁରୁ କହୁଥିବା ବେଳେ ଶିଷ୍ୟମାନେ ଶୁଣୁଥିଲେ । ଦିନେ ଗୁରୁ ଶିଷ୍ୟମାନଙ୍କୁ ଡାକି ଆଜି ରୋଷେଇ କରିବା ପାଇଁ କାଠ ନାହିଁ, ଜଙ୍ଗଲକୁ ଯାଇ କାଠ ଆଣ ବୋଲି କହିଲେ । ଗୁରୁଙ୍କ କଥା ଶୁଣି କିଛି ଶିଷ୍ୟମାନେ କାଠପାଇଁ ଜଙ୍ଗଲକୁ ଗଲେ । ସେମାନେ ଜଙ୍ଗଲକୁ ଯାଉଥିବା ରାସ୍ତାରେ ଯାହାସବୁ କଥା ହେଉଥିଲେ ତାହା ତଳେ ପ୍ରଶ୍ନ-ଉତ୍ତର ଭାବେ ଦିଆଯାଇଛି ଲକ୍ଷ୍ୟ କରନ୍ତୁ ।

**ପ୍ର)** ଆମେ ଜ୍ଞାନ ଶୁଣିବାକୁ ଆସିଛେ, ହେଲେ ଆମକୁ ଗୁରୁ ଏମିତି କାମ କରିବାକୁ କାହିଁକି କହୁଛନ୍ତି ?

**ଉ)** ଗୁରୁଙ୍କ କଥା ମାନିବା ଉଚିତ୍, ସେଥିଲାଗି ।

**ପ୍ର)** ହଁ ଶୁଣିବା ଉଚିତ୍ ଯେ, ଆମକୁ କାମ କରିବାକୁ କାହିଁକି କହୁଛନ୍ତି ?

**ଉ)** ଶୁଣିବା ଉଚିତ୍ କହିଲେ ଖାଲି କାନରେ ଶୁଣିବା ନୁହେଁ, ଯାହା କହୁଛନ୍ତି ତାହା କରିବା ମଧ୍ୟ ଗୁରୁଙ୍କ କଥା ଶୁଣିବା ଭଳି ହୋଇଥାଏ ।

**ପ୍ର)** ହେଲେ ମୋର ଶୁଣିବା ଧୈର୍ଯ୍ୟ ଅଛି ସିନା, କରିବା ଧୈର୍ଯ୍ୟ ନାହିଁ ?

**ଉ)** ଗୁରୁ ଯାହା କହୁଛନ୍ତି ତାହା କରିବା ଦ୍ୱାରା ଗୁରୁସେବା କରିବା ଭଳି ହୋଇଥାଏ ।

**ପ୍ର)** ସେବା କହିଲେ ଗୁରୁଙ୍କ ଗୋଡଘଷିବା, ତାଙ୍କୁ ଆରାମ ଲାଗିବା ପାଇଁ ବିଞ୍ଚଣାରେ ବିଞ୍ଚିବା ଇତ୍ୟାଦି ହୋଇଥାଏ, ଏତେ କଷ୍ଟକରି କାଠ ଆଣିବାକୁ ପଠାଉଛନ୍ତି !

**ଉ)** ଗୁରୁଙ୍କଠାରୁ ଜ୍ଞାନ ଜାଣି ଆମେ ଋଣି ହୋଇଛେ, ସେ ଯାହା କହୁଛନ୍ତି ତାହା କରିପାରିଲେ ଗୁରୁଙ୍କ ଋଣ ସୁଝିବା ଭଳି ହେବ ।

**ପ୍ର)** ତୁଣ୍ଡରେ ସେ କହୁଥିବା କଥାରେ ଆମେ କିପରି ଋଣି ହେଲେ ! ସେ କ'ଣ ଆମକୁ ଟଙ୍କା ଦେଇଛନ୍ତି ?

**ଉ)** ଜ୍ଞାନ ଟଙ୍କା ଅପେକ୍ଷା ମହାନ, ଜ୍ଞାନକୁ ଟଙ୍କା ସହିତ ତୁଳନା କରିବା ଉଚିତ୍ ନୁହେଁ ।

**ପ୍ର)** ଆମେ ଆମ ଘରକାମ ଛାଡି ଜ୍ଞାନ ଶୁଣିବାକୁ ଆସୁଛେ, ତଦ୍ୱାରା ଆମ କାମରେ ବାଧା ଆସୁଛି ସିନା, ତାଙ୍କର କ'ଣ ଯାଉଛି ?

**ଉ)** ଆମର ଜ୍ଞାନ ଦରକାର । ସେଥିଲାଗି ଆମେ ଆସୁଛେ । କେବେ କେମିତି ଆମେ ଜ୍ଞାନ ଶୁଣିବାକୁ ଆସୁଛେ, ସେତିକିରେ ଆମ କାମ ବନ୍ଦ ହୋଇଗଲା, ଆମ ଲାଭ ଚାଲିଗଲା କହିଲେ ଆମଭଳି ଅନେକ ଲୋକ ଏଠାକୁ ଆସୁଛନ୍ତି ଜ୍ଞାନବୋଧ କାର୍ଯ୍ୟରେ ଗୁରୁଙ୍କର ମଧ୍ୟ ଥିବା କାମ ବନ୍ଦ

ହେଉଛି, ସେ ଯଦି କହିବେ ମୋ କାମଧନ୍ଦା ବନ୍ଦ ହେଉଛି ମୁଁ ସମୟ ବୃଥା କରି କାହିଁକି ଜ୍ଞାନ କହିବି, ତେବେ ଆମେ ଜ୍ଞାନ ଜାଣିବା କେମିତି !

**ପ୍ର)** ଜ୍ଞାନ କହିଲେ ତାଙ୍କର ପୁଣ୍ୟ ହେଉଛି !

**ଉ)** ଜ୍ଞାନ ଶୁଣିଲେ ଆମର ଲାଭ ହେଉଛି ବୋଲି କାହିଁକି ତୁ ଭାବୁନାହୁଁ । ଆମର ଲାଭ ନାହିଁ, ତାଙ୍କର ପୁଣ୍ୟ ହେଉଛି ବୋଲି କି ବିଚିତ୍ର କଥା ତୁ କହୁଛୁ ।

**ପ୍ର)** ତୋକଥା ଅନୁସାରେ ଆମକୁ ସେ ଜ୍ଞାନ ଜଣାଇବା ଦ୍ୱାରା ତାଙ୍କର ବି ସମୟ ନଷ୍ଟ ହେଉଛି ସତକଥା । ସେଥିଲାଗି ଆମେ ତାଙ୍କ ପାଇଁ କାମ ନକରି ଟଙ୍କା ଆଣି ଦେଇଦେଲେ କ'ଣ କ୍ଷତି ହୁଅନ୍ତା !

**ଉ)** ଏହା ଭୁଲ୍ । ଆମ ଭାବନାରେ ଆମେ ତାଙ୍କୁ ଟଙ୍କା ଦେଇଦେବା ଯେ, ଗୁରୁ କ'ଣ ଜଣେ ଭିକାରି । ସେ ଆମଠାରୁ କେତେ ଉନ୍ନତ । ଗୁର ସାକ୍ଷାତ୍ ପରବ୍ରହ୍ମ, ଆମେ ଏମିତି ଭାବନା କରିବା ମଧ୍ୟ ଭୁଲ୍ । ଆମଠାରୁ ଉଚ୍ଚ ଆସନରେ ଥିବା ଗୁରୁଙ୍କୁ ଆମେ ଯେତେ ଦେଲେ ବି ତାଙ୍କ ଋଣ ସୁଝିପାରିବା ନାହିଁ । ତେଣୁ ଗୁରୁଙ୍କୁ କିଛି ଦେବା ସହିତ ଗୁରୁ ଯାହା କହୁଛନ୍ତି ତାହା କରିବା ଆମ କର୍ତ୍ତବ୍ୟ । ଗୁରୁ ଋଣ ଏତେ ସହଜରେ ସୁଝେ ନାହିଁ, ସେଥିଲାଗି ପୂର୍ବେ ଗୁରୁଙ୍କ ବାବଦରେ ଜାଣିଥିବା ଲୋକମାନେ ନିଜର ସର୍ବସ୍ୱକୁ ଗୁରୁଙ୍କ ପାଦରେ ଅର୍ପଣ କରିଥିଲେ ।

**ପ୍ର)** ଦୁନିଆରେ ଅନେକ ଗୁରୁ ଅଛନ୍ତି, ସେମାନଙ୍କ ଭିତରେ ପ୍ରକୃତ ଗୁରୁ କିଏ ବୋଲି ଜାଣିଲେ ସିନା ତୁ କହୁଥିବା କଥା ଅନୁସାରେ ଚାଲି ପାରିବା, ଏଭଳି ଅନେକ ଗୁରୁଙ୍କ ଭିତରୁ ପ୍ରକୃତ ଗୁରୁଙ୍କୁ କେମିତି ଚିହ୍ନିବା । କିଏ ଲେଖିଥିବା ଗ୍ରନ୍ଥ ପଢି ସେଥିରେ ଥିବା ବିଷୟକୁ କହି ମୁଁ ଜଣେ ଗୁରୁ କହିଦେଲେ କ'ଣ ସିଏ ସତରେ ଗୁରୁ ହୋଇଯିବ ? କି ସ୍ୱୟଂ ଜାଣିଥିବା ଜ୍ଞାନକୁ କହୁଥିବା ବ୍ୟକ୍ତି ଗୁରୁ ହେବ ?

**ଉ)** କିଏ ଲେଖିଥିବା, କିମ୍ବା କିଏ କହିଥିବା କଥା କହୁଥିବା ଲୋକକୁ କେବଳ ବୋଧକ କୁହାଯାଏ । ଗୁରୁ ଆଉ ବୋଧକଙ୍କ ଭିତରେ ଅନେକ ପାର୍ଥକ୍ୟ ରହିଛି । ଯିଏ ପ୍ରକୃତ ଗୁରୁ ସେ ଅନ୍ୟମାନେ କହିଥିବା କଥା କହନ୍ତି ନାହିଁ କି ଅନ୍ୟକେହି ଲେଖିଥିବା ଲେଖାକୁ ପଢି କହନ୍ତି ନାହିଁ । କାହାକୁ ଜଣାନଥିବା ବିଷୟ କହିଥା'ନ୍ତି ଗୁରୁ । ଗୁରୁ ଯାହା କହିଥା'ନ୍ତି ତାହା ଯିଏ ବୋଧ କରାଇଥାଏ ସେ ବୋଧକ । ବୋଧକମାନେ ଅନେକ ସଂଖ୍ୟକ ତିଆରି ହୋଇପାରନ୍ତି, କିନ୍ତୁ ଗୁରୁ ଭୂପୃଷ୍ଠରେ କେବଳ ଜଣେ ଥାଆନ୍ତି । ଗୋଟିଏ ଗାଆଁକୁ ରାସ୍ତା ତିଆରି କରିଥିବା ବ୍ୟକ୍ତି ଜଣେ ହେବାବେଳେ, ସେହି ରାସ୍ତାକୁ କେହି ଅନ୍ୟ ବ୍ୟକ୍ତି ଅନ୍ୟମାନଙ୍କୁ ଚିହ୍ନାଇ ପାରନ୍ତି । ରାସ୍ତା ଦେଖାଇଥିବା ବ୍ୟକ୍ତିକୁ ମହାନ କୁହାଯିବା ବେଳେ, ସେହି ନଥିବା ରାସ୍ତାକୁ ତିଆରି କରିଥିବା ବ୍ୟକ୍ତି ନିଶ୍ଚୟ ଆହୁରି ମହାନ ହେବ । ଯାତ୍ରା ଆରମ୍ଭ କରିବା ସ୍ଥଳ, ପ୍ରକୃତି ହେବାବେଳେ, ଲକ୍ଷ୍ୟ ପରମାତ୍ମା ହୋଇଥା'ନ୍ତି । ପ୍ରକୃତିଠାରୁ ପରମାତ୍ମା ପର୍ଯ୍ୟନ୍ତ ପହଞ୍ଚିବା ରାସ୍ତାକୁ ପ୍ରଥମେ ଚିହ୍ନାଇ ତାକୁ ଶାସ୍ତ୍ରବଦ୍ଧ ଭାବେ ଯିଏ ତିଆରି କରିଥାଏ ସେ ହିଁ ପ୍ରକୃତ ଗୁରୁ, ସେହି ରାସ୍ତା ତିଆରି କରିଥିବା ଗୁରୁଙ୍କ ବାବଦରେ ଅନେକ ବ୍ୟକ୍ତି କହିପାରନ୍ତି, ସେହିମାନେ ହିଁ ବୋଧକ । ଶାସ୍ତ୍ରବଦ୍ଧ ସୂତ୍ରକୁ ପାଇଥିବା ବ୍ୟକ୍ତି ଜଣେ ହେବାବେଳେ, ସେ ପାଇଥିବା ସୂତ୍ରକୁ ଆଉ କେତେକ ଅନ୍ୟମାନଙ୍କୁ ବୋଧ କରି ପାରନ୍ତି । କେତେକ ସୂତ୍ର ଅନୁସାରେ ଆଚରଣ କରି ପାରନ୍ତି । ଦୁନିଆରେ ମଧ୍ୟ କୌଣସି ଏକ ବିଷୟକୁ କେହିଜଣେ ପ୍ରଥମେ ପାଇଥାଏ । ପାଇଥିବା ବ୍ୟକ୍ତିକୁ ଶାସ୍ତ୍ରଜ୍ଞ କିମ୍ବା ପରିଶୀଳକ କୁହାଯାଏ । ସେହି ବିଷୟ ଅନ୍ୟମାନଙ୍କୁ ଯିଏ ଜଣାଇଥାଏ ସେ ବୋଧକ ହୋଇଥାଏ । ସେହିଭଳି ଆଧ୍ୟାତ୍ମିକ ବିଦ୍ୟାରେ ପରିଶୀଳନ ପୂର୍ବକ ଯିଏ ସର୍ବ ପ୍ରଥମେ ଯାହା ପାଇଥାଏ ତାହା ଜଣାଉଥିବା ବ୍ୟକ୍ତି ହିଁ ଗୁରୁ ହୋଇଥା'ନ୍ତି । ସେହିକଥା ତାପରେ ଅନ୍ୟମାନଙ୍କୁ ଜଣାଉଥିବା ବ୍ୟକ୍ତିମାନେ ହିଁ ବୋଧକ । ବୋଧକ

ଆଉ ଗୁରୁଙ୍କ ଭିତରେ ନାନା ଭିନ୍ନତା ଥିଲେ ମଧ୍ୟ, ସାଧାରଣ ଲୋକେ ତାହା ଚିହ୍ନି ନପାରିବା ଦ୍ୱାରା, ଆଧ୍ୟାତ୍ମିକ ବିଦ୍ୟା ଏବଂ ପ୍ରକୃତ ଗୁରୁଙ୍କୁ କେହି ଚିହ୍ନିପାରନ୍ତି ନାହିଁ ।

**ପ୍ର)** ତୋକଥା ଅନୁସାରେ ଏହିଭଳି ଗୁରୁ କ୍ୱଚିତ୍ ମିଳନ୍ତି, କିନ୍ତୁ ବୋଧକମାନେ ଅସଂଖ୍ୟ ଅଛନ୍ତି ବୋଲି ଜଣାପଡୁଛି । ଆଜିର ସମାଜରେ ସଂଖ୍ୟାହୀନ ବୋଧକମାନେ ରହିଛନ୍ତି ବୋଲି କହିପାରିବା । ଜଣେ ଗୁରୁ ବୋଧହୁଏ ଗୋଟିଏ ରାଜ୍ୟରେ ଜଣେ ଥାଇପାରନ୍ତି ବୋଲି ଲାଗୁଛି ।

**ଉ)** ଖାଲି ରାଜ୍ୟରେ ନୁହେଁ କି ଦେଶରେ ନୁହେଁ, ସାରା ଦୁନିଆରେ ଜଣେ ଗୁରୁ ମିଳିବା କଷ୍ଟ ।

**ପ୍ର)** ତାହେଲେ ଆମ ଗୁରୁ ଜଣେ ବୋଧକ କି ଜଣେ ଗୁରୁ ?

**ଉ)** ସେକଥା ତୋତେ ନିଜେ ଜାଣିବାକୁ ପଡିବ । ଏବେ ତୋତେ କହିଥିଲି ପରା ! ଗୁରୁ କିଏ ବୋଧକ କିଏ ! !

**ପ୍ର)** ଆମ ଗାଆଁରେ ଜଣେ ନିଜକୁ ବିକରଣ ମହର୍ଷିଙ୍କ ଭକ୍ତ କହି, ମହର୍ଷିଙ୍କ ବାଣୀ ସମସ୍ତଙ୍କୁ ଶୁଣାଇବା ସହିତ, ନିଜେ କଷାୟବସ୍ତ୍ର ପିନ୍ଧି ବିକରଣ ମହର୍ଷିଙ୍କ ନାଆଁରେ ଲୋକମାନଙ୍କ ଠାରୁ  ଟଙ୍କା ଅସୁଲକରି ସେ ଟଙ୍କାରେ ଆଶ୍ରମଟିଏ ମଧ୍ୟ ତିଆରି କରିଛି, ତାକୁ ମୁଁ ଗୁରୁ ବୋଲି ଭାବୁଥିଲି, କିନ୍ତୁ ମୁଁ ଏବେ ଜାଣିପାରୁଛି ଯେ ସେ ଜଣେ ବୋଧକ ।

**ଉ)** ଏବେ ତୋରି ତୁଣ୍ଡରେ ତୁ କହୁଛୁ ଯେ, ସେ ବିକରଣ ମହର୍ଷିଙ୍କ ଭକ୍ତ, କିନ୍ତୁ ଯିଏ ଗୁରୁ ସେ କାହାର ମଧ୍ୟ ଭକ୍ତ ନୁହେଁ, ସେ ସ୍ୱୟଂ ପରମାତ୍ମାଙ୍କ ସହିତ ଶ୍ରଦ୍ଧାସମ୍ପର୍କ ରଖିଥା'ନ୍ତି, ସେ ଦେଖାଯାଉ ନଥିବା ଦେବତାମାନଙ୍କର, ଦେଖାଯାଉଥିବା ମଣିଷର ଭକ୍ତ ହୋଇନଥା'ନ୍ତି । ସବୁଠାରୁ ଯିଏ ବଡ ଗୁରୁ କେବଳ ତାଙ୍କରି ଆରାଧନା କରିଥା'ନ୍ତି । ଗୁରୁଙ୍କ ବ୍ୟତୀତ କେହି ଏଭଳି କରିପାରି ନଥା'ନ୍ତି ।

**ପ୍ର)** ଆମ ଗୁରୁ ମଧ୍ୟ ଶ୍ରୀକୃଷ୍ଣଙ୍କୁ ଆରାଧନା କରିବା ସହିତ ତାଙ୍କ ବାଣୀ ସମସ୍ତଙ୍କୁ କହୁଛନ୍ତି । ଆଗରୁ କେତେବେଳେ ପରମାତ୍ମା ଜନ୍ମଗ୍ରହଣ କରିଥିବେ, କିନ୍ତୁ ଶ୍ରୀକୃଷ୍ଣ ତ ଜଣେ ମଣିଷ ! ମଣିଷର ବାଣୀ ବୋଧକରୁଥିବା ଲୋକ ତୋ କହିବା ଅନୁସାରେ ବୋଧକ, ତାହେଲେ ଆମ ଗୁରୁ କ'ଣ ଜଣେ ବୋଧକ ?

**ଉ)** ଏମିତି ଯଦି ତୁ ଭାବିବୁ ତାହେଲେ ବଡ ଭୁଲ୍ ହେବ ।

**ପ୍ର)** ତୋ କହିବା ଅନୁସାରେ ମୁଁ ତ କହୁଛି ! ଭୁଲ୍ କେଉଁଠି କହିଲି ?

**ଉ)** ଶ୍ରୀକୃଷ୍ଣ ସାମାନ୍ୟ ମଣିଷ ନୁହନ୍ତି । ସାରା ପ୍ରପଞ୍ଚରେ ଅଣୁଅଣୁ ହୋଇ ବ୍ୟାପିରହିଥିବା ପରମାତ୍ମାଙ୍କ ଅଂଶ ହେଉଛନ୍ତି ସେ । ସେ ମଣିଷ ରୂପରେ ଆସିଥିବା ପରମାତ୍ମା ବୋଲି ଭାବ୍ । ତାଙ୍କୁ ଆରାଧନା କରିବାରେ ଆମ ଗୁରୁଙ୍କର କୌଣସି ଭୁଲ୍ ହୋଇନାହିଁ ।

**ପ୍ର)** ସେ ଶ୍ରୀକୃଷ୍ଣଙ୍କ ବାଣୀ କହୁଛନ୍ତି ପରା ! ତାଙ୍କୁ ବୋଧକ ବୋଲି କେମିତି ନକହିବା ?

**ଉ)** ତୋ ମୁଣ୍ଡରେ ଖାଲି ଗୋବର ଅଛି । ସବୁବେଳେ ବିପରୀତ ବିଷୟ ଆଲୋଚନା କରୁଛୁ । ଆମ ଗୁର ଗୁରୁ ନୁହନ୍ତି ତ ଆଉ କ'ଣ ! ତାଙ୍କ ବାଣୀରେ ସବୁତ ନୂଆ ବିଷୟ ରହିଛି । ଗୋଟିଏ ନୁହେଁ ସେ ଆମକୁ ଶହ ଶହ ନୂଆ ବିଷୟ କହୁଛନ୍ତି । ତାଛଡା ସେ ଯାହା କହୁଛନ୍ତି, ଲେଖୁଛନ୍ତି ସବୁ ନୂଆ ବିଷୟ । ଏବେ ମୁଁ ଯେଉଁ ଗୁରୁ ଆଉ ବୋଧକଙ୍କ ଭିନ୍ନତା କହୁଛି ତାହା ମଧ୍ୟ ସେ କହିଛନ୍ତି । ମୁଖ୍ୟତଃ ମଣିଷ ନିହାତି ଜାଣିବା ବିଷୟ ଯାହା ତାହା ସେ କହୁଛନ୍ତି । ପ୍ରତ୍ୟେକ ଜୀବ ଶରୀରରେ ଥିବା ବ୍ରହ୍ମ, କାଳ, କର୍ମ, ଗୁଣଚକ୍ରର ବିବରଣ ଆମରି ଗୁରୁ ତ ଜଣାଇଛନ୍ତି । ଆଜିଯାଏଁ ଜୀବର ଆକାର ଅଛି, ଆତ୍ମାର ଆକାର ଅଛି, ମନର ରୂପ ଅଛି ବୋଲି ଆଉକିଏ ଆଗରୁ କହିଥିଲେ ? ଏମିତି ଅନେକ ବିଷୟ ଜଣାଇଥିବା ଗୁରୁଙ୍କୁ ଗ୍ରହଣ

କରିପାରୁ ନଥିବା ତୁ ମୋ ମତରେ ଗୋଟିଏ ମୋଟାବୁଦ୍ଧିଆ । ଏଭଳି ମହାନ ଗୁରୁଙ୍କ ପାଖରେ ରହି, ସେ ଆମକୁ କାମ କରିବାକୁ କହିଲେ, ସେ ଆମକୁ କାମ କରିବାକୁ କାହିଁକି କହୁଛନ୍ତି ବୋଲି ତୁ ଭାବିବା ତୋ ଅନ୍ଧତ୍ୱର ନିଦର୍ଶନ ସିନା ଆଉ କିଛି ନୁହେଁ, ତାଙ୍କ ତୁଣ୍ଡରୁ ଆମ ପାଇଁ କି କାର୍ଯ୍ୟ ଅଛି ତାହା ବାହାରି ଆମକୁ ଜଣା ପଡିବା ଆମର ସୌଭାଗ୍ୟ । ଆମେ ସେ କାର୍ଯ୍ୟଗୁଡିକ କରି ନପାରିବା ଆମର ଦୁର୍ଭାଗ୍ୟ ହେବ ।

ପ୍ର) ତାହେଲେ କ'ଣ ମୋ ଭାବନା ସବୁ ଭୁଲ !

ଉ) ଏକଥା ତୁ ବାହାରକୁ ନକହିଲେ ଚଳିବ । ହେଲେ ତୋ ଭିତରେ ତୁ ଭୁଲକୁ ସ୍ୱୀକାର କର୍ ।

ପ୍ର) ମୋର ଗୋଟିଏ ଛୋଟିଆ ପ୍ରଶ୍ନ ରହିଛି । ବର୍ତ୍ତମାନ ସଜୀବ ଥିବା ଆମ ଗୁରୁଙ୍କ ବ୍ୟତୀତ ପୂର୍ବରୁ ଅନେକ ଗୁରୁ ନିଶ୍ଚୟ ଥିବେ ! ସେମାନଙ୍କର ଗୋଟିଏ ଫଟ ରଖି, ତାହାକୁ ଗୁରୁ ଭାବି କେତେକ ନିଜେ ଗୁରୁ ନାମରେ ପରିଗଣିତ ହେଉଛନ୍ତି, ସେମାନଙ୍କୁ କ'ଣ କହିବା ?

ଉ) କାହାର ଫଟ ରଖି ଗୁରୁ ହୋଇଯିବା ସହଜ । ଗୁରମାନେ ପୂର୍ବେ ଯେଉଁଭଳି ଥିଲେ, ସେମାନଙ୍କ ଫଟ ରଖିଦେଲେ କେହି ସେମାନଙ୍କ ଭଳି ହୋଇପାରିବେ ନାହିଁ । ମୁଁ ଆଗରୁ ଗୁରୁଙ୍କଠାରୁ ଶୁଣିଥିବା ସୂତ୍ର ଅନୁସାରେ କହିପାରେ ଯେ କିଏ କଅଣ ? ଆମେ ଗୁରୁ ବୋଲି କହି ଅନେକ ଲୋକ ଗୁରୁ ଭାବରେ ପରିଗଣିତ ହେଉଛନ୍ତି । ସେଥିଲାଗି ଆମେମାନେ ଶିଷ୍ୟ ହେବାରେ ନିହାତି ସତର୍କତା ଅବଲମ୍ବନ କରିବା ଉଚିତ୍ । ପ୍ରକୃତ ଗୁର ମିଳିବା ସହଜ ନୁହେଁ । ମିଳିଲେ ମଧ୍ୟ ତାଙ୍କ ପାଖରେ ଶିଷ୍ୟହୋଇ ରହିବା ଆହୁରି କଷ୍ଟ । ସେଥିଲାଗି ତ ପ୍ରକୃତ ଗୁରୁଙ୍କ ପାଖରେ ଖୁବ୍ କମ୍ ଶିଷ୍ୟମାନେ ଥାଆନ୍ତି ।

ପ୍ର) ଆଜି ଗୁରୁମାନେ ଗାଆଁ ଗାଆଁ ବୁଲି, ନଚେତ କେଉଁଠି କେଉଁଠି

ନାନା ଉପଦେଶ ଦେଉଥାଇ ହଜାର ହଜାର ଶିଷ୍ୟ ଉପୁଜାଉଛନ୍ତି, ହେଲେ ପ୍ରକୃତ ଗୁରୁ କାହିଁକି ଏପରି କରନ୍ତି ନାହିଁ ?

**ଉ)** ପ୍ରକୃତ ଗୁରୁ ଶିଷ୍ୟକୁ ଥରେ ଉପଦେଶ ଦେଇ ଛାଡିଦିଏ ନାହିଁ, ତାକୁ ଜ୍ଞାନୀ କରିବାକୁ ନାନା ଚେଷ୍ଟା କରିଥାଏ, ସେହି ଚେଷ୍ଟାରେ ସେ ଶିଷ୍ୟକୁ ପରୀକ୍ଷା କରିବା ସଦୃଶ ନିଜ ତରଫରୁ ଭୁଲ୍ କଲାଭଳି, ନିଜେ ଗୁରୁ ନହେବା ଭଳି ଅଭିନୟ କରିଥା'ନ୍ତି, ସେହି ପରୀକ୍ଷାକୁ ଶିଷ୍ୟ ବୁଝି ନପାରି ଅର୍ଥାତ୍ ନିଜର ଶ୍ରଦ୍ଧାଲୋପ ଦ୍ୱାରା ଗୁରୁଙ୍କୁ ଭିତରେ ନିନ୍ଦାକରି ପଛଘୁଞ୍ଚା ଦେଇଥାଏ, ତେଣୁ ପ୍ରକୃତ ଗୁରୁଙ୍କ ପାଖରେ ଶିଷ୍ୟମାନଙ୍କ ସଂଖ୍ୟା ଖୁବ୍ କମ୍ ଥାଏ । ସେମାନଙ୍କ କଥା ଛାଡ୍ ଏବେ ତୋକଥା କ'ଣ ତୁ ବୁଝ୍ ।

**ପ୍ର)** ତୋର କହିବା କଥା ଅନୁସାରେ ମୁଁ ଗୁରୁଙ୍କ ନିକଟରେ ବଡ ଭୁଲ୍ କରିଛି । ଆଉ ଏଭଳି ଭୁଲ୍ କରିବି ନାହିଁ ବୋଲି ସଂକଳ୍ପ କରୁଛି । ବହୁତ ଡେରି ହେଲାଣି, ଚାଲ୍ କାଠ ଆଣିବା । ଏହା ତ ତାଙ୍କରି ସେବା ହେବ, ତାଙ୍କ ସେବା କରିବା ଆମର ମହାଭାଗ୍ୟ ।

ଏହିଭଳି ସେ ଦୁହିଁଙ୍କ ଭିତରେ କଥାବାର୍ତ୍ତା ହୋଇଥିଲା । ଗୁରୁ ବୋଧକ ଭିନ୍ନ ଭିନ୍ନ ବୋଲି ସେମାନଙ୍କ କଥାବାର୍ତ୍ତାରୁ ଭଲରେ ବୁଝିହେଲା, ତେଣୁ ଆମକୁ ପ୍ରକୃତ ଗୁରୁ ମିଳିବାବେଳେ, ମାୟାର ଗୁଣଜାଲରେ ନପଡି ଗୁରୁଙ୍କୁ ଅନୁସରଣ କରିବା ଉଚିତ୍ ।

*****

# ରୋଗ - ଯୋଗ

ଜନ୍ମିତ ପ୍ରତି ଜୀବରାଶିର ଅନୁଭବ ବିଷୟକୁ ଆସି ଦେଖିଲେ ସମସ୍ତଙ୍କଠାରେ ଦୁଇ ପ୍ରକାରର ଅନୁଭବ ଥାଏ ବୋଲି ଜଣାଯାଉଛି । ପ୍ରକୃତି

ସମ୍ବନ୍ଧୀୟ ଜାଗତିକ ଅନୁଭବଗୁଡ଼ିକ ଏକ ପ୍ରକାରର ଏବଂ ଦୈବ ସମ୍ବନ୍ଧୀୟ ଆତ୍ମାନୁଭବ ଆଉ ଏକ ପ୍ରକାରର । ପ୍ରକୃତି ସମ୍ବନ୍ଧୀୟ ଅନୁଭବଗୁଡ଼ିକୁ ଜୀବ ନିତ୍ୟ ଭାବରେ ଅନୁଭବ କରିଥାଏ । ସକାଳୁ ଆରମ୍ଭ କରି ରାତିଯାଏଁ କରୁଥିବା ପ୍ରତ୍ୟେକ କାର୍ଯ୍ୟ ପ୍ରକୃତି ସମ୍ବନ୍ଧୀୟ ଅନୁଭବ ହୋଇ ରହିଛି । ପରମାତ୍ମା ସମ୍ବନ୍ଧୀୟ ଆତ୍ମାନୁଭବ ଜୀବର ଏକୈକ ଅନୁଭବ ହେବା ସ୍ଥଳେ, ପ୍ରକୃତି ସମ୍ବନ୍ଧୀୟ ଅନେକ ଅନୁଭବ ରହିଛି । କେବଳ ବ୍ରହ୍ମଯୋଗ କଲାବେଳେ ଜୀବ ଆତ୍ମାର ଅନୁଭୂତି ପାଇଥାଏ । ତେଣୁ ଜୀବ ପାଉଥିବା ଦୈବ ସମ୍ବନ୍ଧୀୟ ଅନୁଭୂତିକୁ ଯୋଗ ବୋଲି କୁହାଯାଏ । ଜୀବ ଅନୁଭବ କରୁଥିବା ଦୁଇ ପ୍ରକାରର ଅନୁଭୂତିରୁ ଗୋଟିକର ନାଆଁ ହେଉଛି ଯୋଗ, ଏଥିରେ ସୁଖ ନଥାଏ କି ଦୁଃଖ ନଥାଏ ।

ଦ୍ୱିତୀୟ ପ୍ରକାରର ଅନୁଭବ ହୋଇଥିବା ଭୌତିକ ଅନୁଭୂତି ଗୁଡ଼ିକୁ ଦେଖିଲେ, ଏଥିରେ ଜୀବ ନାନା ପ୍ରକାରର ସୁଖଦୁଃଖକୁ ଅନୁଭବ କରିଥାଏ, ଅର୍ଥାତ୍ ଏହା ଦୁଃଖସୁଖଯୁକ୍ତ । ଦୁଃଖସୁଖ ବାବଦରେ ଟିକିଏ ଆଲୋଚନା କରିବା । ଶରୀର ଭିତରେ ମନ ଦ୍ୱାରା କୌଣସି ଦାରୁଣ ଘଟଣା ଉପରେ ଚିନ୍ତା କରିବା ବେଳେ ଯନ୍ତ୍ରଣା ଅନୁଭବ ହୋଇଥାଏ, ସେହିଭଳି ଶରୀର ଭିତରେ କୌଣସି ଅବୟବ ଯଦି ରୋଗାଗ୍ରସ୍ତ ହୋଇଗଲା ତେବେ ମଧ୍ୟ ତଦ୍ୱାରା ବାଧାନୁଭବ ହୋଇଥାଏ । ସମସ୍ତଙ୍କୁ ଜଣାଥିବା ଭାଷାରେ ମନ ଦ୍ୱାରା ଜାତ ହେଉଥିବା ବାଧାକୁ ମନୋବାଧା କୁହାଯାଏ, ମନୋରୋଗ ବୋଲି ମଧ୍ୟ କୁହାଯାଏ, ସେହିଭଳି ଶରୀର ଭିତରେ ଉପୁଜିଥିବା ନାନା ପ୍ରକାରର ଅସୁସ୍ଥତାକୁ ଅନେକ ପ୍ରକାରର **"ରୋଗ"** କୁହାଯାଏ । ଏହି ଅନୁସାରେ ଦେଖିଲେ ଜୀବ ଯାହାସବୁ ଅନୁଭବ କରିଥାଏ ତାହା ହେଉଛି ରୋଗ । ପରମାତ୍ମା ସମ୍ବନ୍ଧୀୟ ହୋଇ ଦୁଃଖସୁଖ ରହିତ ଆତ୍ମା ଅନୁଭୁତିକୁ **"ଯୋଗ"** କୁହାଯିବା ବେଳେ, ପ୍ରକୃତି ସମ୍ବନ୍ଧୀୟ ଅନୁଭୂତିକୁ **"ରୋଗ"** ବୋଲି ଆମେ କହୁଛୁ । ଏହିଭଳି ଜୀବର ରହିଥିବା ଦୁଇ ଅନୁଭୂତିରୁ ଗୋଟିକର ନାମ **"ରୋଗ"**, ଅନ୍ୟଟିର ନାମ ହେଉଛି **"ଯୋଗ"** ।

ଏବେ କେତେକ ଏକ ପ୍ରଶ୍ନ ପଚାରି ପାରନ୍ତି, ତାହା ହେଉଛି ! ଶରୀର ଭିତରେ ଯନ୍ତ୍ରଣା ଅନୁଭବକୁ ରୋଗ କହିପାରିବା, କିନ୍ତୁ ସୁଖମୟ ଅନୁଭବକୁ ରୋଗ କହୁଛନ୍ତି କିପରି ? ଏହାର ସମାଧାନ ହେଉଛି ! ଆଜି ସମାଜରେ ଦୁଃଖକଷ୍ଟ ଗୁଡିକୁ ରୋଗ କହି ସୁଖସନ୍ତୋଷକୁ ରୋଗ କହନ୍ତି ନାହିଁ, ଏହା ସତକଥା । ସତକଥାକୁ ଦେଖିଲେ ଆମ ଅଜାଣତରେ ଆମେ ସୁଖକୁ ମଧ୍ୟ ରୋଗ ବୋଲି କହୁଛେ । ପ୍ରତି ଅବୟବର ଯନ୍ତ୍ରଣାଗୁଡିକୁ ରୋଗ କହିବାବେଳେ, ସୁଖର ମଧ୍ୟ କିଛି ନାଆଁ ତ ନିଶ୍ଚୟ ଥିବ ! କିନ୍ତୁ ସେଭଳି କିଏ କହନ୍ତି ବୋଲି କହିପାରିବା ନାହିଁ । ଆମେ ତାକୁ ମଧ୍ୟ ରୋଗ କହୁଛୁ । ପୂର୍ବଜମାନେ ଦୁଇ ଅନୁଭବକୁ ରୋଗ ନାମରେ ହିଁ କହୁଥିଲେ, ଏକଥାର ସତ୍ୟପ୍ରମାଣ ଦେବାକୁ ଆମ ପାଖରେ ଏକ ଉଦାହରଣ ଅଛି । ଆଜି ମଧ୍ୟ କେହି କେହି ସୁଖକୁ ରୋଗ କହିଥା'ନ୍ତି । କେହି କେହି ସନ୍ତୋଷତାର (ଖୁସିରେ) ସହିତ ହସୁଥିଲେ ତାକୁ **"କିରେ ତୋତେ କଣ ହସରୋଗ ହୋଇଛି"**, ବୋଲି କହିଥାନ୍ତି । କେହି ଯଦି ଗୁଣୁଗୁଣୁ ହୋଇ ସବୁବେଳେ ଗୀତଗାଇବା ଅଭ୍ୟାସରେ ପଡିଛି ତାକୁ ଗାଇବା ରୋଗ ହୋଇଛି ବୋଲି କହନ୍ତି । ଏହିଭଳି ଅନେକ ଅଭ୍ୟାସକୁ ଦେଖି ରୋଗ ନାମରେ କହିଥାନ୍ତି । ଏହି ଅନୁସାରେ ଖାଲି ଦୁଃଖ ନୁହେଁ ସୁଖକୁ ମଧ୍ୟ ରୋଗ କହନ୍ତି ବୋଲି ଜଣାପଡୁଛି ।

ରୋଗର ବିବରଣ ଜାଣିବାକୁ ଗଲେ, ଏକ ଜୀବର ଅନୁଭବରେ ଅସନ୍ତୃପ୍ତି, ଅସହନ, ଅଶାନ୍ତି ଆସିବାକୁ ମଧ୍ୟ ରୋଗ କହିପାରିବା । ଯେତେବେଳେ ଜୀବଠାରେ ଶାନ୍ତି ନଥାଏ ସେତେବେଳେ ତାଠାରେ ଅସନ୍ତୃପ୍ତି ସୃଷ୍ଟି ହୋଇଥାଏ, ଯେଉଁଠି ଜୀବ ପାଖରେ ସହନ କରିବା ଶକ୍ତି ନାହିଁ ସେତେବେଳେ ସେ ଜୀବ ରୋଗରେ ପଡିଛି ବୋଲି ଜଣାଯାଉଛି । ଅନେକ ଲୋକ କେତେକ ସ୍ୱତନ୍ତ୍ର ଅନୁଭବକୁ ରୋଗ ନାମରେ କହିଥା'ନ୍ତି ସିନା ମନୋବ୍ୟାଧି ନାମକ କଥାକୁ ଭୁଲିଯାଇଥା'ନ୍ତି, ଅଶାନ୍ତି ନାମକ

ରୋଗଟିଏ ଅଛି ବୋଲି ମଧ୍ୟ ଭୁଲିଯାଇଥା'ନ୍ତି । ଶରୀରରେ ଅଶାନ୍ତି ହିଁ ସବୁଠାରୁ ବଡରୋଗ କିମ୍ବା ଅଶାନ୍ତି ଅନେକ ରୋଗର ଗନ୍ତାଘର ବୋଲି କହିପାରିବା । ଅଶାନ୍ତିକୁ ପରିଶୀଳନ କରି ଦେଖିଲେ ସେଥିରେ ଅନେକ ରୋଗ ରହିଥାଏ ବୋଲି ଜଣାଯାଏ । ଅଶାନ୍ତି କେବଳ ଦୁଃଖରେ ଆସିନଥାଏ, ସୁଖରେ ମଧ୍ୟ ଆସିଥାଏ । ଆମକଥା ସତ୍ୟ ପ୍ରମାଣିତ କରିବା ପାଇଁ ଅନେକ କାରଣ ମଧ୍ୟ ରହିଛି । ଆଜି ସର୍ବସୁଖକୁ ଅନୁଭବ କରୁଥିବା ଜଣେ ଧନିବ୍ୟକ୍ତି ମଧ୍ୟ ଅଶାନ୍ତିରେ କାଳକାଟୁଛି । ତିନି ଗୁଣକୁ ଡେଇଁ ଗୁଣାତୀତ ଭାଗରେ ଥିବା ଏକୈକ ବ୍ରହ୍ମଯୋଗୀ ବ୍ୟତୀତ ଗୁଣରେ ନଥିବା ଲୋକେ କେହି ନାହାନ୍ତି । ତେଣୁ କେତେବଡ ଲୋକ ହେଲେ ମଧ୍ୟ ଭିତରେ ସେ ନିଶ୍ଚୟ ଅଶାନ୍ତିରେ ରହୁଛି । କେହି ଏ ପର୍ଯ୍ୟନ୍ତ ମୁଁ ଶାନ୍ତିରେ ଅଛି ବୋଲି କହିପାରି ନାହିଁ । ଗୁଣଗୁଡିକରେ ଛନ୍ଦିହୋଇ ରହିଥିବା କେହି ଜଣେ ମଧ୍ୟ ମୁଁ ଶାନ୍ତିରେ ଅଛି ବୋଲି କହିପାରିବ ନାହିଁ । କାରଣ କେହି ମଧ୍ୟ ଦୁଇଟି ସ୍ଥିତିରୁ କୌଣସି ଗୋଟିକରେ ଅର୍ଥାତ୍ ରୋଗରେ, କିମ୍ବା ଯୋଗରେ ରହିପାରେ । ଯିଏ ଯୋଗରେ ନାହିଁ ସେ ନିଶ୍ଚୟ ରୋଗରେ ଥାଏ, ଯିଏ ଯୋଗରେ ଥାଏ ସେ ରୋଗରେ ନଥାଏ, ରୋଗରେ ନଥିବା ଲୋକ ଯୋଗରେ ରହିବା ଉଚିତ୍ । ଏହି ସୂତ୍ର ଅନୁସାରେ ପ୍ରତ୍ୟେକ ଜୀବ ପ୍ରଥମେ ରୋଗରେ ଜନ୍ମ ହୋଇଥାଏ ବୋଲି କହିପାରିବା । ରୋଗ ପୀଡନ ଦାୟକ, ସୁଖ ଦୁଖରେ ଏହା ଜୀବକୁ ପୀଡିତ କରିଥାଏ । ଏହି ପୀଡନରୁ ବହିର୍ଗତ ହେବାକୁ ରୋଗରୁ ଯୋଗକୁ ଯାଆନ୍ତୁ ବୋଲି ଜଣାଉଛୁ ।

ରୋଗରୁ ଯୋଗକୁ ବଦଳିଯାଆନ୍ତୁ କହିଲେ ମଧ୍ୟ ରୋଗପାଇଁ ଔଷଧ ଏବଂ ଔଷଧ ଦେବାପାଇଁ ଜଣେ ଡାକ୍ତର ଆବଶ୍ୟକ । ଯଦି ଭଲ ଡାକ୍ତର ଜଣେ ମିଳିଗଲା ତେବେ କେହି ଶୀଘ୍ର ରୋଗରୁ ବହିର୍ଗତ ହୋଇ ଯୋଗରେ ପ୍ରବେଶ କରିଥାଏ । ଏହିଭଳି ଭୂପୃଷ୍ଠରେ ଜୀବ ଅନୁଭବ କରୁଥିବା ସବୁ ରୋଗଗୁଡିକୁ ପୂର୍ବଜମାନେ **ଭବରୋଗ** କହିଥିଲେ ।

ଭବ କହିଲେ ଡୋର ବା ଜାଗତିକ । ତେଣୁ ଭବରୋଗ କହିଲେ ଡୋରି ରୋଗ । କୌଣସି ଗୋଟିଏ ନାଆଁ ନେଇ ଦୁନିଆରେ ପ୍ରତିଷ୍ଠିତ ହୋଇଥିବା ତୁ, ଜାଣିବା ଉଚିତ୍ ଯେ, ଡୋର ରୋଗ ପାଇଁ ବା ଡୋର ଭବରୋଗ ପାଇଁ ଦିବ୍ୟ ଔଷଧ ହେଉଛି ବ୍ରହ୍ମଜ୍ଞାନ । ଜ୍ଞାନ ନାମକ ଏହି ଔଷଧକୁ ଦେଉଥିବା ବୈଦ୍ୟ ହେଉଛନ୍ତି ଗୁରୁ ବା ଯୋଗୀ । ଜଣେ ରୋଗୀ ଜଣେ ଯୋଗୀଙ୍କ ପାଖକୁ ଯାଇ ନିଜର ଚିକିତ୍ସା କରିବା ଉଚିତ୍ । ଛୋଟ ଛୋଟ ରୋଗ ପାଇଁ ଡାକ୍ତରଙ୍କ ପାଖରେ ଅନେକ ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ, ତେଣୁ କହିପରିବା ଯେ, ଭବରୋଗକୁ ଦୂର କରିପାରୁଥିବା ଡାକ୍ତରମାନଙ୍କ ମୂଲ୍ୟ ନିଶ୍ଚୟ ଉପରେ ଅଛି । ସେଥିଲାଗି ଜ୍ଞାନ ସମାନ ମୂଲ୍ୟ କେହି ଦେଇ ପାରିବେ ନାହିଁ ବୋଲି ବଡମାନେ କହିଥିଲେ । ମାନବର ଯାହାକିଛି ଅଛି ତାହା ସବୁ ରୋଗ, **"ରାଜଯୋଗୀ କେବେ ଔଷଧ କିଣନ୍ତି ନାହିଁ"** ବୋଲି ଜଣେ ବେଦାନ୍ତି ତାଙ୍କ ପଦ୍ୟରେ କହିଥିଲେ ।

ଯୋଗ ଗୋଟିଏ ହୋଇଥିବା ସ୍ଥଳେ ରୋଗ ଅନେକ ପ୍ରକାରର ଥାଏ । ଏହି ଅନୁସାରେ ଦେଖିଲେ, ଆମେ ସବୁଦିନ ରୋଗ ହିଁ ଅନୁଭବ କରୁଛେ । ଯୋଗ ନଥିବା ସମସ୍ତ କାଳ ଆମର ରୋଗରେ କଟୁଛି । ନିତ୍ୟ ଭାବରେ ସର୍ବରୋଗକୁ ଅନୁଭବ କରୁଥିବା ଆମେମାନେ ସେହି ରୋଗ ଦାଉରୁ ବହିର୍ଗତ ହେବାପାଇଁ ଭାବୁ ନାହେଁ । ଆମ ଶରୀରରେ ଏକ ରୋଗ ଅଛି ବୋଲି ଡାକ୍ତର କହିବାବେଳେ କେତେ ଦୁଃଖ ଅନୁଭବ କରୁଛେ, ତାହା ଭଲକରିବା ପାଇଁ ନାନା ଚେଷ୍ଟା କରୁଛେ । ମାତ୍ର ଗୋଟିଏ ରୋଗ ଭଲ କରିବା ପାଇଁ ଏତେ ବିକଳ ହୋଇଯାଉଥିବା ଆମେ, ଆମ ଭିତରେ ଅନେକ ରୋଗର ଖଣି ଥିବାବେଳେ, ସେଗୁଡିକୁ ନିତ୍ୟତଃ ଅନୁଭବ କରି ମଧ୍ୟ ଜାଣି ନପାରି ରହିବା ଦ୍ୱାରା ସେଗୁଡିକ ବାବଦରେ ଆମେ କୌଣସି ଆଲୋଚନା ରଖୁନାହେଁ, ସେହି ରୋଗଗୁଡିକରୁ ଭଲହେବା ପାଇଁ ଆମେ ଚେଷ୍ଟା ମଧ୍ୟ କରୁନାହେଁ । ଭବରୋଗ ଦୂର କରିପାରୁଥିବା ବୈଦ୍ୟଙ୍କୁ

ଆମକୁ ଖୋଜିବାକୁ ହେବ । ଏବେ ମଧ୍ୟ ସମୟ ଅଛି, ତୁ ରୋଗରେ ଅଛୁ କି ଯୋଗରେ ଅଛୁ ଆଲୋଚନା କର୍ । ଯଦି ରୋଗରେ ଅଛୁ ତେବେ ଯୋଗରେ ରହିବାକୁ ଚେଷ୍ଟା କର୍ । ରୋଗରୁ ମୁକ୍ତକରି ଯୋଗ ଦିଗରେ ଭଲବାଟ ଦେଖାଇ ପାରୁଥିବା ଗୁରୁଙ୍କ ଆଶ୍ରୟ ନିଏ, ସେ ଦେଉଥିବା ଔଷଧର ମୂଲ୍ୟ ଦେଇ ତୋର ରୋଗ ଦୂର କର୍ ବୋଲି ଜଣାଉଛୁ ।

*****

# ଭଗବାନ କିଏ ?

ଆଦିକର୍ତ୍ତା ପରମାତ୍ମା ସର୍ବ ଜଗତକୁ ସୃଷ୍ଟିକରି, ତାର ଅଧିପତି ହୋଇ, ତାହା ପରିଚାଳିତ ହେବାପାଇଁ ଆବଶ୍ୟକୀୟ ପଦ୍ଧତିର ବନ୍ଦୋବସ୍ତ କରି ରଖିଛନ୍ତି । ସମସ୍ତେ ତାଙ୍କ ପଦ୍ଧତିର ଅନ୍ତର୍ଭୁକ୍ତ ହେବା ଭଳି କରିଛନ୍ତି । ସାରା ଦୁନିଆର ସୃଷ୍ଟିକର୍ତ୍ତା ହୋଇ, ଅଧିପତି ହୋଇ ମଧ୍ୟ ନିଜେ କୌଣସି କାର୍ଯ୍ୟରେ ହସ୍ତକ୍ଷେପ ନକରି ତାହା ଚାଲିବା ଭଳି କରିଛନ୍ତି, ସେ ତିଆରି କରିଥିବା ପଦ୍ଧତିର ଅଧିନରେ ରହି ସମସ୍ତେ ପରିଚାଳିତ ହୋଇଥା'ନ୍ତି । ଏହି ପଦ୍ଧତି ଅନୁସାରେ ସାରା ଦୁନିଆକୁ ଅଧିନ କରି ଖେଳାଇଥା'ନ୍ତି ସ୍ୱୟଂ ପରମାତ୍ମା, ଏହା ହିଁ ପରମାତ୍ମାଙ୍କ ଦ୍ୱାରା ନିର୍ମିତ ସ୍ୱତନ୍ତ୍ର ନିୟମ । ଏହି ନିୟମ ବା ପଦ୍ଧତିର ଏକ ମୁଖ୍ୟ ନାଆଁ ଅଛି, ତାହାକୁ କୁହାଯାଏ ମାୟା । ମାୟାର ଆହୁରି ଅନେକ ନାମ ମଧ୍ୟ ରହିଛି, ଯୀଶୁ ତାର ନାଆଁ **ସାତାନ୍ (ପୈତାନ୍)** କହିଥିବା ସ୍ଥଳେ, ଇସ୍ଲାମ୍ ପ୍ରବକ୍ତା ତାକୁ **ସୈତାନ୍** କହିଥିଲେ ।

ମାୟା ପରମାତ୍ମାଙ୍କ ଦ୍ୱାରା ତିଆରି ହୋଇଛି, ପରମାତ୍ମା ଦେଇଥିବା ପ୍ରଥମ ଅଦେଶାନୁସାରେ ମାୟା ନିଜ କାର୍ଯ୍ୟ ନିଜେ ତୁଲାଇ ଚାଲିଛି । ସାରା ଦୁନିଆରେ ମାୟାର ଅଧିନ ନଥିବା ଜିନିଷ କିଛି ନାହିଁ । ଯାହାସବୁ ଜନ୍ମ ହୋଇଛି ସବୁ ମାୟାର ଅଧିନରେ ରହିଛି । ଯଦିଓ ମାୟାର ଅଧିନରେ କିଏ

ଜଣେ ନାହାନ୍ତି, ତେବେ ସେ ଜଣକ ହେଉଛନ୍ତି ପରମାତ୍ମା । ମାୟା ପଦ୍ଧତି ଅନୁସାରେ ସାଧାରଣତଃ ତା ଅଧିନରେ ଥିବା ସବୁକିଛିକୁ ସେ ପରିଚାଳିତ କରାଇଥାଏ । ତାଛଡା ମାୟାର ବିରୁଦ୍ଧ ହୋଇ ଯେଉଁମାନେ ବଞ୍ଚିବାକୁ ଚେଷ୍ଟା କରିଥା'ନ୍ତି ମାୟା ସେମାନଙ୍କର ବ୍ୟତିରେକ ହୋଇଥାଏ । ପ୍ରକୃତି-ସିଦ୍ଧ ବ୍ୟବସ୍ଥା ହୋଇଥିବା ଜନନମରଣ ଚକ୍ରରୁ ବହିର୍ଗତ ହେବାପାଇଁ ଭାବୁଥିବା ଲୋକମାନେ ହିଁ ମାୟାମାର୍ଗରୁ ଓହ୍ଲାଇଯିବାକୁ ଚେଷ୍ଟା କରିଥା'ନ୍ତି, ତେଣୁ ମୁକ୍ତି ଇଚ୍ଛା କରୁଥିବା ଲୋକମାନେ ମାୟାର ବ୍ୟତିରେକ । ମୁକ୍ତି ପାଇବାକୁ ଚେଷ୍ଟା କରୁଥିବା ପ୍ରପଞ୍ଚାଧିନେତା ମଧ୍ୟ ମାୟାର ଜିଛି କରିପାରେ ନାହିଁ, କିନ୍ତୁ ମାୟା ଇଚ୍ଛାକଲେ କାହାକୁ ମଧ୍ୟ କିପରି ତିଆରି କରିଦେଇ ପାରେ । ତା'ମାନେ କ'ଣ କେହି ମୋକ୍ଷ ପାଇପାରିବେନି ! ବୋଲି ନିଶ୍ଚୟ ସନ୍ଦେହ ଆସିଥାଏ ।

କେହି ମଧ୍ୟ ଜୟ କରିପାରୁ ନଥିବା ବଳଶାଳୀନୀ ମାୟାଠାରୁ ମୁକ୍ତିପାଇବା ପାଇଁ ମରମାତ୍ମା ଏକ ସ୍ୱତନ୍ତ୍ର ନିୟମକୁ ସୃଷ୍ଟି କରିଛନ୍ତି । ତାହା ହେଉଛି ଧର୍ମ (ଜ୍ଞାନ) । ପରମାତ୍ମାଙ୍କ ଧର୍ମ ଆଚରଣ କରୁଥିବା (ମାର୍ଗରେ ଚାଲୁଥିବା) ଲୋକ ଉପରେ ମାୟାର ପ୍ରଭାବ କେତେ ଦୃଢ ରହିଲେ ମଧ୍ୟ ମୋକ୍ଷ ପାଇବାକୁ ଆଶା କରିଥିବା ଯୋଗୀ ମାୟାକୁ ଜିତି ଦୈବମାର୍ଗରେ ଚାଲି ଶେଷରେ ମୋକ୍ଷ ପାଇଥାଏ । ଏଭଳି ପରମାତ୍ମାଙ୍କ ଧର୍ମ ବା ଐଶ୍ୱରୀୟ ଧର୍ମ ଆଚରଣ କରିବାକୁ ହେଲେ ତାହା କଅଣ ବୋଲି ଆମେ ନିହାତି ଜାଣିବା ଦରକାର । ସୃଷ୍ଟ୍ୟାଦିରେ ସାରା ଦୁନିଆକୁ ସୃଷ୍ଟି କରିଥିବା ପରମାତ୍ମା, ମାୟାର ପ୍ରତ୍ୟାର୍ଥୀ ହୋଇ (ବିପକ୍ଷରେ) ରହିବା ପାଇଁ ସୂତ୍ରବଦ୍ଧ ଜ୍ଞାନ, ଧର୍ମକୁ ମଧ୍ୟ ତିଆରି କରିଛନ୍ତି । ମାୟା କାର୍ଯ୍ୟ ମାୟା ପାଇଁ ଧର୍ମକାର୍ଯ୍ୟ ଧର୍ମ ପାଇଁ କିପରି ରହିବା ଉଚିତ୍ ତାହା ମଧ୍ୟ ସୃଷ୍ଟି ଆଦିରୁ ରଖିଛନ୍ତି, ସେହିକାଳରୁ ଯିଏ ଯାହାର କାର୍ଯ୍ୟ କରି ଆସୁଛନ୍ତି । ମାୟାର ବ୍ୟତିରେକ ହୋଇଥିବା ଧର୍ମ ଜଗତରେ ବାସ କରୁଥିବା ଜୀବରାଶିଙ୍କ ପାଇଁ ତିଆରି

କରିଥିଲେ ମଧ୍ୟ, ଜୀବମାନେ ମାୟା ଦ୍ୱାରା ଅଧିକ ପ୍ରଭାବିତ ହୋଇଥାନ୍ତି । ସମସ୍ତେ ମାୟାମୋହିତ ହୋଇ ରହିବା ଦ୍ୱାରା କେହି ପରମାତ୍ମାଙ୍କୁ ପାଇ ପାରନ୍ତି ନାହିଁ । ପରମାତ୍ମା ଦେଇଥିବା ଅଧିକାର ବଳରେ ମାୟା ସମସ୍ତଙ୍କୁ ନିଜର କରିଥାଏ । ମାୟା ପକ୍ଷ ହିଁ ସର୍ବୋତ୍କୃଷ୍ଟ ବୋଲି ସମସ୍ତେ ଭାବିଥା'ନ୍ତି । କାରଣ ! ମାୟାର ଫଳ ପ୍ରତ୍ୟକ୍ଷତଃ ଅଛି, କିନ୍ତୁ ଧର୍ମଫଳ ପ୍ରତ୍ୟକ୍ଷ ଭାବରେ ନାହିଁ । ମାୟା ଏବଂ ତାର ବ୍ୟରିରେକ ହୋଇଥିବା ଜ୍ଞାନ ନିଜ ନିଜର ଅସ୍ତିତ୍ୱକୁ ନହରାଇ ରହିବା ପାଇଁ ସର୍ବଦା ଚେଷ୍ଟାରତ ଥାଆନ୍ତି । ସେହି ଚେଷ୍ଟାରେ ମାୟାଜ୍ଞାନ, ଧର୍ମ ଭଳି ଅଭିନୟ କରି ନିଜର ପ୍ରାବଲ୍ୟତା ବୃଦ୍ଧି କରିଥାଏ । ସେହିଭଳି ଜ୍ଞାନ ମଧ୍ୟ ମାୟା ଭଳି ଅଭିନୟ କରି ନିଜର ଅସ୍ତିତ୍ୱକୁ ସମସ୍ତେ ଜାଣିପାରିବା ଭଳି କରିଥାଏ, କିନ୍ତୁ ଦୁନିଆରେ ଜ୍ଞାନ ଅପେକ୍ଷା ମାୟାର ପ୍ରଭାବ ଅଧିକ ରହିଥାଏ । ତାର କାରଣ ମଧ୍ୟ ରହିଛି । ଜ୍ଞାନର ବଳ ଏକ ହେବାବେଳେ ମାୟାର ବଳ ଏକ ହଜାର ରହିବା ଭଳି ପରମାତ୍ମା ଆଗରୁ ନିର୍ଣ୍ଣୟ କରିଛନ୍ତି, ସେହି ଏକଭାଗର ଜ୍ଞାନ ମଧ୍ୟ ଯେମିତି ରହିବା ଉଚିତ୍ ସେମିତି ନଥାଏ । ଏହି ବିଷୟ ଗୀତାରେ ମଧ୍ୟ ଭଗବାନ ଜଣାଇବାକୁ ଯାଇ କହିଛନ୍ତି ଯେ, ଏକ ହଜାର ଲୋକ ଭିତରେ କେହି ଜଣେ ମୋତେ ପାଇବାକୁ ଚେଷ୍ଟା କରିଥାଏ ।

ଭୂପୃଷ୍ଠରେ କେତେକ ଗୁରୁ ଭାବରେ ପରିଗଣିତ ହୋଇ ଜ୍ଞାନବୋଧ କରିବା, ଉପଦେଶ ଦେବା କାର୍ଯ୍ୟ କରୁଛନ୍ତି । ମାୟା ସେମାନଙ୍କ ଉପରେ ଦୃଷ୍ଟିଦେଇ ଉନ୍ନତ ଜ୍ଞାନୀ ଭାବରେ ପରିଗଣିତ ହେବାଭଳି କରି, ଅନେକ ଲୋକ ସେମାନଙ୍କୁ ଆଶ୍ରୟ କରିବା ଭଳି କରୁଛି । ତାଛଡା ବୋଧ କରୁଥିବା ମାୟାଜ୍ଞାନକୁ ବାସ୍ତବ ଜ୍ଞାନ ବୋଲି ସମସ୍ତେ ବୁଝିପାରିବା ଭଳି, ଜ୍ଞାନ, ଧର୍ମ, ଈଶ୍ୱର, ପରମାତ୍ମା, ମୋକ୍ଷ ଇତ୍ୟାଦି ଶବ୍ଦର ବ୍ୟବହାର କରି କଥା କୁହାଉଛି । ଆଜି ଏକ ସାଧାରଣ ପ୍ରସଙ୍ଗରେ ଯଦି ଏକ ପ୍ରତିଶତ ଦୈବଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ରହିଛି ତେବେ ଶତକଡା ୯୯ ପ୍ରତିଶତ ମାୟାଜ୍ଞାନ

ରହିଛି । ଏହା ଯେ ମାୟାଜ୍ଞାନ, ପରମାତ୍ମାଜ୍ଞାନ ବା ଆତ୍ମଜ୍ଞାନ ନୁହେଁ ବୋଲି କେହି ଚିହ୍ନିପାରନ୍ତି ନାହିଁ । କେତେବଡ ଗୁରୁହେଲେ ମଧ୍ୟ ସମାଜରେ ସର୍ବୋତ୍କୃଷ୍ଟ ଦୈବଜ୍ଞାନ ରହିଥିଲେ ମଧ୍ୟ ସେମାନଙ୍କ ବାଣୀରେ ୯୫ପ୍ରତିଶତ ମାୟାବାଣୀ ରହୁଛି । ଏଭଳି ମହାନ ଦେଖାଯାଉଥିବା ଗୁରୁମାନଙ୍କ ଭିତରେ ରହି ମାୟା ତାର କାର୍ଯ୍ୟକଳାପ ସୁନ୍ଦର ଭାବରେ ଜାରି ରଖିଥିବାରୁ ସମସ୍ତେ ବାସ୍ତବ ଦୈବମାର୍ଗ ଛାଡି ମାୟାମାର୍ଗରେ ଗତିକରିଛନ୍ତି କହିଲେ ଅତ୍ୟୁକ୍ତି ହୁଏନାହିଁ । ଆଜି ରହିଥିବା ଜନସଂଖ୍ୟାରେ କେବଳ  କୋଇ ହଜାରକେ ଜଣେ ଲୋକଠାରେ ଦୈବଜ୍ଞାନ ଜାଣିବାକୁ ଶ୍ରଦ୍ଧା ଉପୁଜିବା ବେଳେ, ସେମାନଙ୍କୁ ମଧ୍ୟ ମାୟା ଗୁରୁରୂପରେ ଦେଖାଦେଇ ନିଜ ଦିଗକୁ ଆକର୍ଷିତ କରିନେଉଛି । ସେଥିଲାଗି ଗୀତାର ବିଜ୍ଞାନ ଯୋଗରେ ମୋକ୍ଷାର୍ଥୀ ମାନଙ୍କ ଭିତରୁ କେହି ଜଣେ ମୋତେ ଜାଣିପାରିଥାଏ ବୋଲି କହିଛନ୍ତି । ମାୟା ଅନେକ ସ୍ଥାନରେ ଅନେକ ପ୍ରକାରର ଗୁରୁଙ୍କୁ ଠିଆକରିବା ଦ୍ୱାରା ମୋକ୍ଷ ଆଶା କରୁଥିବା ଲୋକମାନେ କୌଣସି ଏକ ଗୁରୁଙ୍କୁ ଆଶ୍ରୟ କରି ସେମାନଙ୍କ ପରିଧି ଭିତରେ ରହିଯାଉଛନ୍ତି । ସେଥିଲାଗି ଗୀତାରେ ଅନେକ ଜନ୍ମର ସଂସ୍କାର ବଳରେ ମୋତେ ପାଇପାରିବୁ ବୋଲି କହିଛନ୍ତି । ଅନେକ କହିଲେ ଶହ ଶହ ହୋଇପାରେ, କିମ୍ବା  ହଜାର ହଜାର ହୋଇପାରେ । ଏଠାରେ  ନିଶ୍ଚୟ  କେତେକଙ୍କ ଠାରେ ଏକ ସନ୍ଦେହ ଆସିପାରେ ଯେ, ଗୁରୁମାନଙ୍କୁ ଭ୍ରମିତକରି, ମାୟା ସେମାନଙ୍କ ଦ୍ୱାରା ମାୟାଜ୍ଞାନ ପ୍ରଚ୍ଚର କରିଥାଏ, ତାଛଡା ପରମାତ୍ମାଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ବୋଧ କରିବା ପାତ୍ର କେହି ନଥା'ନ୍ତି, ସେତେବେଳେ ଅନେକ ଜନ୍ମ କହିଲେ ମଧ୍ୟ ସେହି ଜନ୍ମରେ ପରମାତ୍ମାଜ୍ଞାନ ତ ନିଶ୍ଚୟ କେହି ଜଣେ ଜଣାଇବା ଲୋକ ଥିବେ, ନାହିଁ ବୋଲି କହିବା କେମିତି ? ଏହି ପ୍ରଶ୍ନର ସମାଧାନ ହେଉଛି ! ଯଦି ପରମାତ୍ମା ଧର୍ମ ବା ଜ୍ଞାନକୁ ୧୦୦ରୁ ୧୦୦ ପ୍ରତିଶତ ଜଣାଇବା ବ୍ୟକ୍ତି ଭୂପୃଷ୍ଠରେ କେହି ରହନ୍ତେ, ତେବେ ପରମାତ୍ମା ଆଉ ଭୂପୃଷ୍ଠରେ ଜ୍ଞାନ କହିବାକୁ ଜନ୍ମ ହୁଅନ୍ତେ ନାହିଁ । ଏଭଳି ତାଙ୍କ ଧର୍ମବୋଧ କରିପାରୁଥିବା

ଲୋକ କେହି ନଥିବାରୁ ଶେଷରେ ପରମାତ୍ମାଙ୍କୁ ହିଁ ଭଗବାନ ହୋଇ ଆସିବାକୁ ପଡିଥାଏ । ତେଣୁ ଧର୍ମରେ ଗ୍ଲାନି ସୃଷ୍ଟି ହେବାବେଳେ ମୁଁ ଜନ୍ମହୋଇ ମୋର ଧର୍ମକୁ ଜଣାଇଥାଏ ବୋଲି ଗୀତାରେ କହିଛନ୍ତି ।

ଧର୍ମ ତରଫରୁ ପରମାତ୍ମା ହିଁ ସ୍ୱୟଂ ଗୁରୁ ଭାବରେ ଜନ୍ମହୋଇ, ତାଙ୍କ ଧର୍ମଗୁଡିକୁ ସମ୍ପୂର୍ଣ୍ଣ ଜଣାଇବା ଦ୍ୱାରା ମାୟା ପାଇଁ ପ୍ରତିବନ୍ଧକକ ହୋଇ, ଗୁରୁମାନଙ୍କ ଉପରୁ ନିଜର ପଟୁତା ଖସିଯିବା ସମ୍ଭାବନା ଥାଏ, ତେଣୁ ଏଭଳି ପରିସ୍ଥିତି ନଆସିବା ପାଇଁ ମାୟା ମଧ୍ୟ ସ୍ୱୟଂ ଜନ୍ମନେଇ, ଭଗବାନଙ୍କଠାରୁ ଉନ୍ନତ ଭାବରେ ଦେଖାଦେଇ, ନିଜେ ଭଗବାନ ଭାବେ ପରିଗଣିତ ହୋଇଥାଏ । ମାୟାର ଅବତାର ଏତେ ଉନ୍ନତ ହୋଇଥାଏ ଯେ, ସ୍ୱୟଂ ପରମାତ୍ମାଙ୍କ ଅଂଶ ମଧ୍ୟ ତା ଆଗରେ ନିକୃଷ୍ଟ ହୋଇଯାଇଥା'ନ୍ତି, ସେଥିଲାଗି ସେ ସ୍ୱୟଂ ପରମାତ୍ମା ଅଂଶ ଭଗବାନ ବୋଲି ଜ୍ଞାନୀମାନେ ମଧ୍ୟ ଚିହ୍ନିପାରନ୍ତି ନାହିଁ, କିନ୍ତୁ ମାୟାଭଗବାନଙ୍କୁ ଅଜ୍ଞାନୀମାନେ ମଧ୍ୟ ଚିହ୍ନିପାରନ୍ତି । ଭୂପୃଷ୍ଠରେ ଧର୍ମ ଜଣାନଥିବା ବେଳେ, ଅନେକ ଜନ୍ମର ସଂସ୍କାର ବଳରେ ଶେଷରେ ପରମାତ୍ମା ଧର୍ମ ଆବଶ୍ୟକ ହେଉଥିବା ବେଳେ ହଜାର ହଜାର କିମ୍ବା ଲକ୍ଷ ଲକ୍ଷ ବର୍ଷରେ ଥରେ ପରମାତ୍ମାଙ୍କୁ ଭୂପୃଷ୍ଠକୁ ଆସିବାକୁ ପଡିଥାଏ, କିନ୍ତୁ ମାୟା ପରମାତ୍ମାଙ୍କ ଜନ୍ମହେବା ଆଗରୁ, ଜନ୍ମହେବା ପରେ ମଧ୍ୟ ତିନି ଚାରିଗୋଟି ସ୍ଥାନରେ ଜନ୍ମହୋଇ, ସମସ୍ତଙ୍କୁ ନିଜ ଦିଗରେ ଆକୃଷ୍ଟ କରିବାକୁ ଚେଷ୍ଟା କରିଥାଏ । ପରମାତ୍ମା ଭଗବାନ ହୋଇ ଯେଉଁ ଦେଶରେ ଜନ୍ମଗ୍ରହଣ କରନ୍ତି ମାୟା ମଧ୍ୟ ସେହି ଦେଶରେ ଜନ୍ମ ହୋଇଥାଏ । ପରମାତ୍ମା ଯେଉଁ ପ୍ରଦେଶରେ ଜନ୍ମହୁଅନ୍ତି, ମାୟା ମଧ୍ୟ ସେହି ପ୍ରଦେଶର ତିନିଚାରିଗୋଟି ସ୍ଥାନରେ ଜନ୍ମ ହୋଇଥାଏ । ପରମାତ୍ମା କେବଳ ଜ୍ଞାନଧର୍ମକୁ ବୋଧ କରାଉଥିବା ସ୍ଥଳେ, ମାୟା ମଧ୍ୟ ଅଧର୍ମକୁ ଆକର୍ଷଣୀୟ ଭାବରେ ବୋଧ କରାଇଥାଏ । ଖାଉଥିବା ଆହାର ରୁଚିକର ହେଲେ ମଧ୍ୟ ସେଥିରେ ଭିଟାମିନ୍ ନଥିବା ଭଳି ମାୟା ବୋଧ କରାଉଥିବା ଜ୍ଞାନ ମଧୁର ହୋଇଥାଏ ସିନା, ସେଥିରେ ଧର୍ମ ନଥାଏ ।

ମାୟା ଦୁନିଆର ଅଧିପତି ହୋଇ ରହିଛି, ତେଣୁ ଦୁନିଆର କୌଣସି ବିଷୟକୁ ନିଜର ଭାବନା ଅନୁଯାୟୀ କିପରି ମଧ୍ୟ କରିପାରେ । ପରମାତ୍ମାଙ୍କ ଜନ୍ମ କେବଳ ଧର୍ମବୋଧ କରାଉଥିବା ବେଳେ, ମାୟା ନିଜର ହିଁ ପ୍ରକୃତ ଜ୍ଞାନ ବୋଲି ଅଧର୍ମ ବୋଧ କରାଇବା ବ୍ୟତୀତ ଦୁନିଆରେ କୌଣସି ଅଦ୍ଭୁତ କାର୍ଯ୍ୟକରି, ତାହା ହିଁ ଦୈବମାହାତ୍ମ୍ୟ ନାମରେ ଭ୍ରମିତ କରାଇଥାଏ । ସୁନାକୁ ପଥର, ପଥରକୁ ସୁନା କରିଦେଇ ପାରେ, ଥିବା ବସ୍ତୁକୁ ନିଖୋଜ କରିପାରେ, ନଥିବା ବସ୍ତୁକୁ ପ୍ରତ୍ୟକ୍ଷ କରିପାରେ । ରୋଗକୁ ସୃଷ୍ଟି କରି ପାରେ କିମ୍ବା ଭଲ କରିଦେଇ ପାରେ । ଆମେରିକାରେ ରହି ଇଣ୍ଡିଆରେ, ଇଣ୍ଡିଆରେ ରହି ଆମେରିକାରେ ଦେଖାଦେଇ ପାରେ । ତାର ବାଣୀ ଅଧର୍ମ ହୋଇଥିଲେହେଁ ତାହା ଶତପ୍ରତିଶତ ଧର୍ମ ବୋଲି ପ୍ରଚାର କରିପାରେ, ଦୁନିଆର ଅଧିକାରିଣୀ ହୋଇଥିବାରୁ ସେ କୋଟିକୋଟି ଟଙ୍କା ମଧ୍ୟ ସୃଷ୍ଟି କରିଦେଇ ପାରେ । କେତେ ବଡଲୋକ ହେଉପଛେ ମାୟା ସେହି ଲୋକ ଦ୍ୱାରା ନିଜର ପାଦସେବା, ପାଦବନ୍ଦନା କରାଇ ପାରେ । ସେ ହିଁ ପ୍ରତ୍ୟକ୍ଷ ଦୈବ ଭାବରେ ସମସ୍ତଙ୍କ ମନରେ ଭାବନା, ବିଶ୍ୱାସ ଅଣାଇ ପାରେ ।

ପରମାତ୍ମା ଭୂପୃଷ୍ଠରେ ଭଗବାନ (ଗୁରୁ) ହୋଇ ଜନ୍ମନେବା ବେଳେ ସେ ନିଜର ଧର୍ମ ଅନୁସାରେ ଚାଲିଥା'ନ୍ତି । ନିଜର ଧର୍ମ ବୋଧ କରାଇବା ତାଙ୍କର କାର୍ଯ୍ୟ ହୋଇଥିବାରୁ ଲକ୍ଷ ଲକ୍ଷ ଲୋକମାନଙ୍କ ମଧ୍ୟରୁ କେହି ଜଣେ ମଧ୍ୟ ତାଙ୍କୁ ଚିହ୍ନିପାରିଥା'ନ୍ତି ବୋଲି ସମ୍ପୂର୍ଣ୍ଣ ବିଶ୍ୱାସ କରିପାରିବା ନାହିଁ । ଯଦି କାହାଠାରେ ଟିକିଏ ବିଶ୍ୱାସ ଆସିଗଲା ତେବେ ତାମୁଣ୍ଡରେ ଥିବା ମାୟା ତାଠାରେ କୌଣସି ପ୍ରକାରରେ ଅବିଶ୍ୱାସ ଜନ୍ମାଇଥାଏ । ମାୟାକୁ ସୃଷ୍ଟି କରିଥିବା ପରମାତ୍ମା ମାୟା ନିକଟରେ କାହିଁକି ନିକୃଷ୍ଟ ହୋଇଥା'ନ୍ତି ? ବୋଲି କେତେକଙ୍କଠାରେ ପ୍ରଶ୍ନ ଆସିପାରେ । ତାର ଉତ୍ତର ହେଉଛି ! ପରମାତ୍ମା ସର୍ବଦା ମାୟାଠାରୁ ଉନ୍ନତ, କିନ୍ତୁ ପରମାତ୍ମା ଭୂପୃଷ୍ଠରେ ଜନ୍ମହୋଇ ଭଗବାନ ହୋଇ ଆସିବା ବେଳେ ମାୟାଠାରୁ ବଳହୀନ ହୋଇଥା'ନ୍ତି ।

ସ୍ୱୟଂ ପରମାତ୍ମା ଶ୍ରୀକୃଷ୍ଣ ଭାବରେ ଆସିବା ବେଳେ ତାଙ୍କପାଇଁ ମଧ୍ୟ ମାୟା ଶତ୍ରୁ ଉପୁଜାଇ ତାଙ୍କୁ କଂସ ଦ୍ୱାରା ନାନା ନିନ୍ଦାଗାଳି ଶୁଣାଇବା ସହିତ ନାନା ପ୍ରକାରର ପ୍ରତିବନ୍ଧକ ଉପୁଜାଇଛି, ତାଙ୍କୁ ଜାର ଭାବରେ, ଚୋର ଭାବରେ, କପଟିଆ, ଲମ୍ପଟିଆ ଭାବରେ ଦେଖାଇଛି । ତେଣୁ ଭଗବାନ ମଧ୍ୟ ସବୁବେଳେ ବଳହୀନ ଭାବରେ କହୁଛନ୍ତି ଯେ ଏହା ମୋ ରାଜ୍ୟ ନୁହେଁ, ମୋ ରାଜ୍ୟ ଅଲଗା, ମୋ ରାଜ୍ୟରେ ମୁଁ ଅଧିପତି । ତାଛଡା ଏହା ହେଉଛି ଜନନ ମରଣର ସ୍ଥଳ, ଏହାର ଅଧିକାରିଣୀ ମାୟା, ଜନନ ମରଣ ରହିତ ଅନ୍ୟଏକ ସ୍ଥିତି ରହିଛି, ସେଠାକୁ ଆସନ୍ତୁ, ସେଠାରେ ମୋ ବ୍ୟତୀତ ଅନ୍ୟ କେହି ନଥା'ନ୍ତି ବୋଲି କହିଛନ୍ତି ।

ମାୟା ମଧ୍ୟ ଭଗବାନଙ୍କ ଭଳି ଜନ୍ମ ହୋଇଥାଏ ବୋଲି ଜାଣିଛେ । ପରମାତ୍ମା ସଜୀବ ଭାବରେ ଭଗ (ଜୋନି)ରୁ ଜନ୍ମହୋଇ ବାହାରକୁ ଆସିଥା'ନ୍ତି, ତେଣୁ ତାଙ୍କୁ ଭଗବାନ ନାମରେ କୁହାଯାଏ, କିନ୍ତୁ ମାୟା କେଉଁଭଳି ଭାବରେ ଜନ୍ମନିଏ ? ସେ କ'ଣ ଭଗବାନଙ୍କ ଭଳି ଭଗରୁ ସଜୀବ ଭାବରେ ଜନ୍ମନିଏ ? ବୋଲି କେତେକ ପଚାରିପାରନ୍ତି । ଏହାର ସମାଧାନ ହେଉଛି ! ମାୟା ଭଗବାନଙ୍କ ଭଳି ପରିଗଣିତ ହୁଏ ସିନା, ଭଗବାନଙ୍କ ଭଳି ଭଗରୁ ସଜୀବ ଭାବରେ ଜନ୍ମ ହୋଇନଥାଏ, ତେଣୁ ସେ ଭଗବାନ ନୁହେଁ । ସାଧାରଣ ମାନବ ମଧ୍ୟ ଏହିଭଳି ଜନ୍ମ ନେଇନଥା'ନ୍ତି । ମାୟା ମାତୃଗର୍ଭରୁ କିମ୍ବା ମାତୃଗର୍ଭର ବାହାରୁ ଜନ୍ମ ହୋଇନଥାଏ, ସେ କିଭଳି ଜନ୍ମ ହୋଇଥାଏ କହିଲେ ! ଭୂପୃଷ୍ଠରେ ଭଗବାନ ଜନ୍ମହେବା ଅଞ୍ଚଳକୁ ମାୟା ଆଗରୁ ଜାଣିପାରେ, ସେ ଅଞ୍ଚଳକୁ ଆଗରୁ ଜାଣି ପାରିଥିବା ମାୟା, ସେହି ଅଞ୍ଚଳର ପାଖାପାଖି ଅଞ୍ଚଳରେ ଜଣେ ସାଧାରଣ ମଣିଷକୁ ଚିହ୍ନଟକରି, ତାଠାରେ ଧିରେ ଧିରେ ପ୍ରବେଶକରି ସମ୍ପୂର୍ଣ୍ଣ ବ୍ୟାପିଯାଇଥାଏ । ଏଭଳି ମାୟା ପ୍ରବେଶ କରିବା ପାଇଁ ମାୟାକୁ ଛଅମାସରୁ ଏକବର୍ଷ ସମୟ ଲାଗେ । ଶେଷରେ ତାକୁ ସମ୍ପୂର୍ଣ୍ଣ ଅଧିକାରକୁ ନେଇ ତାଠାରେ ନିଜର

କାର୍ଯ୍ୟକ୍ରମ ଆରମ୍ଭ କରିଦିଏ । ଯାହାଠାରେ ମାୟା ପ୍ରବେଶ କରିଥାଏ ସେ ଗରିବ ହୋଇପାରେ, ଧନବାନ ହୋଇପାରେ, ଯୁବକ କିମ୍ବା ବୃଦ୍ଧ ହୋଇ ପାରେ । ମାୟା ଯାହାଠାରେ ପ୍ରବେଶ କରେ ତାଠାରେ ହିଁ ମାୟାର ଜନ୍ମ ହୋଇଥାଏ ବୋଲି କହିପାରିବା । ମାୟା ପ୍ରବେଶ କରିଥିବା ବ୍ୟକ୍ତି ଏହା ଜାଣି ପାରିନଥାଏ । ତେଣୁ ସେହି ବ୍ୟକ୍ତି ଦ୍ୱାରା ହେଉଥିବା କେତେକ ଅଦ୍ଭୁତ କାର୍ଯ୍ୟକୁ ସେ ବ୍ୟକ୍ତି ମଧ୍ୟ ଜାଣି ପାରିନଥାଏ, କିନ୍ତୁ ପରେ ପରେ ଜାଣିଥାଏ ଯେ, ମୋଠାରେ କିଛି ଶକ୍ତି ନିଶ୍ଚୟ ଅଛି, ମୁଁ ସମସ୍ତଙ୍କ ଭଳି ସାମାନ୍ୟ ବ୍ୟକ୍ତି ନୁହେଁ, ମୁଁ ଜଣେ ସ୍ୱତନ୍ତ୍ର ବ୍ୟକ୍ତି । ଏହିଭଳି ମାୟା କେତେକଙ୍କଠାରେ ପ୍ରବେଶ କରିଥାଏ ସିନା, କୌଣସି ନୂଆ ଶରୀରରେ ଜନ୍ମଗ୍ରହଣ କରି ନଥାଏ । ପରମାତ୍ମା ଜନ୍ମହୁଅନ୍ତି ନାହିଁ ତେଣୁ ମାୟା କେବେହେଲେ ଭଗବାନ ହୋଇପାରିବ ନାହିଁ । ଭଗବାନ ଭଳି ଦେଖାଯାଉଥିଲେ ମଧ୍ୟ ସେ ସତରେ ଭଗବାନ ନୁହେଁ ।

ଆଉଏକ ବିଚିତ୍ର କଥା ହେଉଛି ! ମାୟା ଜନ୍ମହେଲେ ଦୁଇ ତିନିଗୋଟି ସ୍ଥାନରେ କିମ୍ବା ଗୋଟିଏ ସ୍ଥାନରେ ରହି ନିଜର ମାହାତ୍ମ୍ୟକୁ ଶତପ୍ରତିଶତ ଦେଖାଇପାରେ, କିନ୍ତୁ ପରମାତ୍ମା ଜନ୍ମହୋଇ ଭୂପୃଷ୍ଠରେ ଥିବାବେଳେ ଶରୀରରେ ଜୀବ ଭାବରେ, ଆତ୍ମା ଭାବରେ, ପରମାତ୍ମା ଭାବରେ ରହି, କେତେକ ସମୟରେ କେବଳ ସାଧାରଣ ଜୀବ ଭଳି ରହି ଦୁଃଖସୁଖକୁ ଅନୁଭବ କରିଥା'ନ୍ତି । କେତେକ ସମୟରେ କେବଳ ଆତ୍ମା ଭାବରେ ଅନୁଭବ ରହିତ ହୋଇ ରହିଥା'ନ୍ତି, ମାତ୍ର କିଛି ସମୟ ପାଇଁ ପରମାତ୍ମାଙ୍କ ଭଳି ରହିଥା'ନ୍ତି । **ଭଗବଦ୍ଗୀତାରେ ଶ୍ରୀକୃଷ୍ଣ ଜୀବ ଭଳି, ଆତ୍ମା ଭଳି, ପରମାତ୍ମା ଭଳି ଏଭଳି ତିନିଗୋଟି ସ୍ଥିତିରେ ଥିଲେ ବୋଲି ଜଣାଯାଏ ।**

ପରମାତ୍ମା ଶରୀରରେ ଜୀବ ଭାବରେ ରହିଥିବା ବେଳେ ମାୟା ତାଙ୍କୁ ହିଂସା କରିଥାଏ । ଆତ୍ମା ଭାବରେ ଥିବା ସମୟରେ ଘୃଣାକରେ ଏବଂ

ତାଙ୍କ ବାଣୀକୁ କଳୁଷିତ କରିବାକୁ ଚେଷ୍ଟାକରେ, କିନ୍ତୁ ପରମାତ୍ମା ପରମାତ୍ମା ଭାବରେ ରହିଥିବା ବେଳେ ମାୟା ତାଙ୍କ ପ୍ରତି ଭକ୍ତି ଏବଂ ବିନୟ ଭାବ ରଖି ତାଙ୍କ କଥା ମାନିଥାଏ । ଶ୍ରିକୃଷ୍ଣ ଜନ୍ମରେ ପଦ୍ମପତ୍ରକୁ ଜଳସ୍ପର୍ଶ ନକରିବା ଭଳି ଜୀବ ଭାବରେ, ଶରୀରରେ ଅଗ୍ନିହୋଇ ଆହାରକୁ ମୁଁ ଜୀର୍ଣ୍ଣ କରିଥାଏ କହି ଆତ୍ମା ଭାବରେ, କ୍ଷୟକାରୀ କାଳ ଭାବରେ ମୁଁ ରହିଛି ଏବଂ ମୋର ଅନୁଗ୍ରହ ଦ୍ୱାରା ମୋର ବିଶ୍ୱରୂପକୁ ତୋତେ ଦେଖାଉଛି ବୋଲି ପରମାତ୍ମା ଭାବରେ କଥା କହିଥିବା ସନ୍ଦର୍ଭ ରହିଛି । ପରମାତ୍ମାଙ୍କ ଅଧିନରେ ଥିବା ମାୟା କେବଳ ପରମାତ୍ମା ଭାବରେ ଥିବାବେଳେ ଭକ୍ତି, ବିନୟତାର ସହିତ ରହି, ଜୀବାତ୍ମା, ଆତ୍ମା ଭାବରେ ଥିବାବେଳେ ନିଜର କର୍ତ୍ତବ୍ୟ ନିର୍ବାହ କରିଥାଏ । ତା ବ୍ୟତୀତ ଜ୍ଞାନ, ଯୋଗ, ଧର୍ମଠାରୁ ଅତୀତ ଭାବରେ ଯେଉଁମାନେ ରହି ପରମାତ୍ମା କିମ୍ବା ଭଗବାନଙ୍କର ଆରାଧନା କରିଥା'ନ୍ତି ମାୟା ସେମାନଙ୍କର କିଛି ମଧ୍ୟ କରିପାରେ ନାହିଁ । କାରଣ ! ସେମାନେ ସିଧା ପରମାତ୍ମାଙ୍କର ଆରାଧନା କରିଥା'ନ୍ତି ଏବଂ ସେହି ଜନ୍ମରେ ହିଁ ସେମାନଙ୍କର ମୋକ୍ଷ ହୋଇଥାଏ । ସେଥିଲାଗି ପରମାତ୍ମା ଗୀତାରେ କହିଛନ୍ତି ***"ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତିତେ"*** ଯେଉଁମାନେ ମୋର ଆରାଧନା କରିଥା'ନ୍ତି ସେମାନେ ମାୟାକୁ ସହଜରେ ଅତିକ୍ରମ କରିପାରନ୍ତି । ତେଣୁ ମାୟାକୁ ତିଆରି କରିଥିବା ପରମାତ୍ମାଙ୍କୁ ହିଁ ଆରାଧନା କରାଯିବା ଉଚିତ୍ । ଏଭଳି ନକରିବା ଦ୍ୱାରା ଜଗତ ଉପରେ ସମ୍ପୂର୍ଣ୍ଣ ଅଧିକାରିଣୀ ହୋଇଥିବା ମାୟା ଜଗତରେ ପ୍ରକୃତ ଦୈବ ଭଳି ଦେଖାଦେଇଥାଏ । ପରମାତ୍ମାଙ୍କ ବିଭୂତି ଯେତିକି ମହାନ, ମାୟାବିଭୂତି ମଧ୍ୟ ସେମିତି ମହାନ ଦେଖାଯାଏ । ଆମେ ଏହି ବିଷୟରେ ଯେତେକରି କହିଲେ ମଧ୍ୟ ସମସ୍ତେ ବୁଝିପାରିବେ ନାହିଁ । ଯେଉଁମାନଙ୍କର ଅନେକ ଜନ୍ମର ସଂସ୍କାରବଳ ଅଛି କେବଳ ସେମାନେ ଏକଥା ବୁଝିପାରିବେ, ସେମାନଙ୍କ ମଧ୍ୟରେ ଆହୁରି ଉନ୍ନତ ସଂସ୍କାର ଥିବା ବ୍ୟକ୍ତିମାନେ ଭଗବାନଙ୍କୁ ବୁଝିପାରିବେ । ମାୟା ଯେତେ ଉନ୍ନତ ମାହାତ୍ମ୍ୟ ପ୍ରଦର୍ଶନ କଲେ ମଧ୍ୟ ମାୟା କଥା ନଶୁଣିବା ଲୋକ କ୍ୱଚିତ୍

ଥାଆନ୍ତି । ଗୀତା ଶେଷରେ ଭଗବାନ *“ ମନ୍ମନାଭାବୋ ମଭକ୍ତୋ ମଦ୍ଯ୍ୟାଜି ମାଂ ନମସ୍କୁରୁ”* ଅର୍ଥାତ ମୋତେ ତୋ ମନରେ ମହାନତା ପ୍ରଦାନ କର୍, ମୋର ଭକ୍ତ ହୁଅ, ମୋତେ ପ୍ରଣାମ କର୍, ମୋଠାରେ ମିଳିତ ହୋଇପାରିବୁ ବୋଲି କହିଛନ୍ତି । ମାୟା ମଧ୍ଯ ଏହି କଥା କହିଥାଏ । ମାୟା ମଧ୍ଯ ମୋତେ ଉନ୍ନତ ଭାବରେ ମନେ ରଖ୍, ମୋତେ ପ୍ରଣାମ କର୍, ମୁଁ ତୋର ସମସ୍ତ କଷ୍ଟ ଦୂର କରିଦେବି ବୋଲି କହିଥାଏ । ତେଣୁ ଆପଣମାନେ ଏବେ ମାୟା କଥା ଶୁଣିବେ କି ପରମାତ୍ମାଙ୍କ କଥା ଶୁଣିବେ ତାହା ଆପଣମାନଙ୍କ ଉପରେ ନିର୍ଭର କରେ ।

*****

# ମନର ଆକାର ଅଛି ?

ଆମ ଶରୀରରେ ମନର ପ୍ରାଧାନ୍ୟତା କେତେ ସମସ୍ତେ ଜାଣନ୍ତି । ମନକୁ ବେଦାନ୍ତ ବିବରଣରେ ନାନା ପ୍ରକାରର ବର୍ଣ୍ଣନା କରାଯାଇଛି । ମନ ଧରାପଡେ ନାହିଁ ବୋଲି କେତେକ ମନକୁ ପାରଦ ସହିତ ତୁଳନା କରିବା ସ୍ଥଳେ, ମନ ବାୟୁବେଗ ସହିତ ସମାନ ବୋଲି ପକ୍ଷିରାଜ ଘୋଡା ସହିତ କେତେକ ତୁଳନା କରିଛନ୍ତି । ମନକୁ ବାନ୍ଧିହୁଏ ନାହିଁ, ପବନକୁ ହାତମୁଠାରେ ବାନ୍ଧିରଖିବା ସମ୍ଭବ ନହେବା ଭଳି ମନକୁ ପବନ ସହିତ ତୁଳନା କରାଯାଇଥିବା ବେଳେ, ନୀଚ ବିଚାର କରେ ବୋଲି ଘୁଷୁରୀ ଭଳି, ଚଞ୍ଚଳ ହୋଇଥିବାରୁ କୁକୁର ଭଳି, ସ୍ଥିର ହୋଇନଥିବାରୁ ପାଗଳ ମାଙ୍କଡ ଭଳି, ଶେଷରେ ଦୃଢ ରହୁଥିବାରୁ ହାତୀ ଭଳି ମଧ୍ଯ ଅନେକ ତୁଳନା କରିଛନ୍ତି । ଯେତେ ଯେଉଁ ପ୍ରକାରରେ କହିଥିଲେ ମଧ୍ଯ ସେସବୁ ବାସ୍ତବ ନୁହେଁ । ପ୍ରକୃତିରେ ମିଶିରହିଥିବା ଆତ୍ମା, ଜୀବାତ୍ମାର ରୂପ ଥିବାବେଳେ, ପ୍ରକୃତି ନିର୍ମିତ ମନର ମଧ୍ଯ ରୂପ ରହିବା ମିଛନୁହେଁ । ମନର ଆକାର ବା

ରୂପ ଅଛି । ମନର ରୂପଅଛି କହିବା ସମସ୍ତଙ୍କୁ ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗୁଥିବ, ତେଣୁ ତା ବାବଦରେ ରହିଥିବା ସତ୍ୟକୁ ଜାଣିବା ଆବଶ୍ୟକତା ରହିଛି । ଆଧ୍ୟାତ୍ମିକ ବିଦ୍ୟାରେ ଅତି ମୁଖ୍ୟ ହୋଇ ରହିଥିବା ମନ ବିଷୟ ଏବେ ଜାଣିବା ।

ଆମ ଶରୀରରେ ମନର କାର୍ଯ୍ୟ ହେଉଛି ଅନ୍ତରେନ୍ଦ୍ରିୟ ଗୁଡିକର ସମସ୍ତ ବିଷୟ ବାହ୍ୟ ଇନ୍ଦ୍ରିୟଗୁଡିକୁ ଏବଂ ବାହ୍ୟ ଇନ୍ଦ୍ରିୟ ଗୁଡିକର ବିଷୟସବୁ ଅନ୍ତେନ୍ଦ୍ରିୟ ଗୁଡିକୁ ଜଣାଇବା । ତେଣୁ ମନ ଭିତର ଇନ୍ଦ୍ରିୟ ଗୁଡିକଠାରୁ ବାହ୍ୟ ଇନ୍ଦ୍ରିୟ ଗୁଡିକ ପର୍ଯ୍ୟନ୍ତ ଏବଂ ବାହ୍ୟ ଇନ୍ଦ୍ରିୟ ଗୁଡିକଠାରୁ ଭିତର ଇନ୍ଦ୍ରିୟ ଗୁଡିକ ପର୍ଯ୍ୟନ୍ତ ବ୍ୟାପିରହିଥାଏ ବୋଲି ସହଜରେ ଜାଣିହେଉଛି, ସେହି ଅନୁସାରେ ଦେଖାଯାଉଥିବା ବାହ୍ୟ ଇନ୍ଦ୍ରିୟଗୁଡିକ ପର୍ଯ୍ୟନ୍ତ ମନକୁ ଚିତ୍ରଣକରି ଦେଖିଲେ ମନ ମଧ୍ୟ ଶରୀରର ଆକୃତିର ବୋଲି ଜଣାପଡେ । ସାରା ଶରୀରରେ ବ୍ୟାପି ରହିଥିବା ଆତ୍ମା ଶରୀରର ଆକୃତି ପାଇଥିବା ଭଳି,ମନ ମଧ୍ୟ ଶରୀରାକୃତି ନେଇ ରହିଛି, ତେଣୁ ଶରୀରରେ ମନ ଏବଂ ଆତ୍ମା ଦୁହେଁ ଗୋଟିଏ ପ୍ରକାରର ଆକୃତି ନେଇ ରହିଛନ୍ତି ବୋଲି ଜଣାପଡୁଛି । ଶରୀରର ନିଦ୍ରା ଏବଂ ଜାଗ୍ରତାବସ୍ଥା ମନର ସ୍ଥିତି ଅନୁସାରେ ସମ୍ଭବ ହୋଇଥାଏ । ଶରୀରରେ ଜୀବ କିମ୍ବା ଆତ୍ମା ନିଦ୍ରା ଯାଇନଥା'ନ୍ତି (ଶୋଇନଥାନ୍ତି), ଉଭୟ ସର୍ବଦା ଗୋଟିଏ ସ୍ଥିତିରେ ରହିଥା'ନ୍ତି । କେବଳ ମନର ନିଦ୍ରା ଏବଂ ଜାଗ୍ରତାବସ୍ଥା ରହିଥାଏ । ଜାଗ୍ରତାବସ୍ଥାରେ ମନ ସାରା ଶରୀରରେ ବ୍ୟାପିରହିଥାଏ ଏବଂ ତାର ରୂପ ଶରୀର ଆକୃତି ଧାରଣ କରିଥାଏ, କିନ୍ତୁ ନିଦ୍ରା ସମୟରେ ଏଭଳି ରହି ନଥାଏ । ଜାଗ୍ରତ ଅବସ୍ଥାରେ ଶରୀର ଆକୃତି ନେଇ ରହିଥିବା ଆତ୍ମା ସହ ସମାନ ଭାବରେ ରହିଥିବା ମନ ନିଦ୍ରା ସମୟରେ ନିଜର ଆକୃତି କ୍ଷୁଦ୍ରକରି ଗୋଟିଏ ବିନ୍ଦୁରେ ପରିଣତ ହୋଇଥାଏ । ଯେତେବେଳେ ତାର ଜାଗ୍ରତାବସ୍ଥା ଫେରିଆସେ ସେତେବେଳେ ପୁନର୍ବାର ଶରୀର ଆକୃତିକୁ ଫେରିଯାଇଥାଏ । ଜାଗ୍ରତାବସ୍ଥାରେ ସାରା ଶରୀରରେ ବ୍ୟାପିରହିଥିବା ମନ

ନିଦ୍ରା ସମୟରେ ପୁନର୍ବାର ବିନ୍ଦୁଟିଏ ହୋଇଯାଇଥାଏ । ଯେଉଁଭଳି ଅଟାକୁ ଦଳିବା ପରେ ଗୋଟିଏ ଅଟାଗୁଳା କରି ତାକୁ ବେଲି କଞ୍ଚା ରୁଟିଟିଏ ତିଆରି କରୁଛେ ଏବଂ ବେଲାଯାଇଥିବା କଞ୍ଚା ରୁଟିକୁ ପୁନର୍ବାର ଯେମିତି ଅଟାଗୁଳା କରିପାରୁଛେ, ଠିକ୍ ସେହିପରି ଗୋଟିଏ ବିନ୍ଦୁ ହୋଇ ରହିଥିବା ମନ ଜାଗ୍ରତାବସ୍ଥାରେ ଅଟାଗୁଳା ବିସ୍ତାରିତ ହେବା ଭଳି ସାରାଶରୀରରେ ବିଛାଇହୋଇ ରହିଥାଏ । ଜାଗ୍ରତାବସ୍ଥାରୁ ନିଦ୍ରାବସ୍ଥାରେ ପହଞ୍ଚିବା ବେଳେ, ପୁନର୍ବାର କଞ୍ଚା ରୁଟିକୁ ଆମେ ଅଟାଗୁଳା କରିପାରୁଥିବା ଭଳି ମନ ସଙ୍କୁଚିତ ହୋଇ ବିନ୍ଦୁରେ ପରିଣତ ହୋଇଥାଏ ।

ଜାଗ୍ରତ ଅବସ୍ଥାରେ ଶରୀରସାରା ବିଛାଇ ହୋଇ ରହିଥିବା ମନ ନିଦ୍ରାଯିବା ସମୟରେ ଶରୀର ଅବୟବ ଗୁଡିକରୁ ସଙ୍କୁଚିତ ହୋଇଯିବା ଆରମ୍ଭ କରେ । ମନ ଅବୟବ ଗୁଡିକରୁ ସଙ୍କୁଚିତ ହେବା ଆରମ୍ଭ କରିବା ବେଳେ ଆମ ହାତରେ ଥିବା ବସ୍ତୁ ଖସିଯାଇଥାଏ, ବସିବା ପଟୁତା ହ୍ରାସହୁଏ, ଅର୍ଥାତ୍ ବସିହୁଏ ନାହିଁ, ମୁଣ୍ଡ କଡକୁ କିମ୍ବା ତଳକୁ ଢଳି ପଡିଥାଏ । ସେଥିଲାଗି ନିଦ୍ରା ଆସିବା ବେଳେ ମଣିଷ ଘୁମାଇଥାଏ । ସେହିଭଳି ହାତର ସ୍ପର୍ଶକୁ ଗ୍ରହଣ କରିପାରି ନଥାଏ । କାରଣ ! ମନ ସେଠାରୁ ସଙ୍କୁଚିତ ହୋଇଯାଇଥାଏ । ମନ ସଙ୍କୁଚିତ ହୋଇଯାଇଥିବାରୁ ହାତରେ ଧରିଥିବା ବସ୍ତୁ ଖସିପଡେ । ଆଖିରୁ ମନ ସଙ୍କୁଚିତ ହୋଇଯାଉଥିବା ବେଳେ ଗାଡି ଚଳାଉଥିବା ଡ୍ରାଇଭରର ଆଗରେ କ'ଣ ଅଛି ସେ ବିଷୟ ମନ ଦ୍ୱାରା ତାର ବୁଦ୍ଧି ପାଖରେ ପହଞ୍ଚି ପାରୁନଥିବାରୁ ଦୁର୍ଘଟଣା ହୋଇଥାଏ । ଏହିଭଳି ନିଦ୍ରା ଆସିବା ବେଳେ ଶରୀରର ଇନ୍ଦ୍ରିୟ ଗୁଡିକରୁ ମନ ସଙ୍କୁଚିତ ହୋଇ ନିଜର ସ୍ୱସ୍ଥାନ ହୋଇଥିବା ବ୍ରହ୍ମନାଡୀରେ ଥିବା ମସ୍ତିଷ୍କର ପିଟ୍ୟୁଟାରି ଗ୍ଲାଣ୍ଡ୍ ନିକଟରେ ବିନ୍ଦୁଟିଏ ହୋଇ ରହିଯାଏ । ସେଥିଲାଗି ଶୋଇବାକୁ ଯିବା ଆଗରୁ ସମସ୍ତେ ନିଜ ନିଜର କାର୍ଯ୍ୟ ସମାପନ କରି ଶୋଇଥା'ନ୍ତି, ନଚେତ କରାଯାଉଥିବା କାର୍ଯ୍ୟଟି ଖରାପ ହୋଇଯିବା, ଦୁର୍ଘଟଣାଗ୍ରସ୍ତ ହେବା

ଇତ୍ୟାଦି ଘଟିଥାଏ । କାରଣ ! ଭିତରର ଆଦେଶ (ଆଜ୍ଞା) ଇନ୍ଦ୍ରିୟଗୁଡିକ ଗ୍ରହଣ କରିପାରି ନଥା'ନ୍ତି । ଏହିଳି ନିଦ୍ରା ସମୟରେ ବୁଦ୍ଧି କୌଣସି ବିଚାର କରିପାରି ନଥାଏ । କାରଣ ! ବାହାର ଇନ୍ଦ୍ରିୟଗୁଡିକର ବିଷୟ ତା'ପାଖରେ ପହଞ୍ଚିପାରି ନଥାଏ । ବାହାର ଏବଂ ଭିତର ସହିତ ସମ୍ପର୍କ ରଖିଥିବା ମନ ନଥିବା ବେଳେ ଭିତର ଏବଂ ବାହାର ଇନ୍ଦ୍ରିୟ ଗୁଡିକର କାର୍ଯ୍ୟ ନଥାଏ, ତେଣୁ ସେଗୁଡିକୁ ବିଶ୍ରାମ ମିଳେ । ଏହା ହିଁ ନିଦ୍ରା । ଜାଗ୍ରତାବସ୍ଥାରେ ମନ ନିଜ କେନ୍ଦ୍ରଠାରୁ ବିକଶିତ ହୋଇ ସମସ୍ତ ଇନ୍ଦ୍ରିୟଗୁଡିକ ପର୍ଯ୍ୟନ୍ତ ବ୍ୟାପି ସେଗୁଡିକର ବିଷୟସବୁ ଭିତରକୁ, ଭିତରର ବିଷୟସବୁ ବାହାରକୁ ଜଣାଇଥାଏ । ସମସ୍ତ ଅବୟବ ଗୁଡିକୁ ମନ ଦ୍ୱାରା କାର୍ଯ୍ୟରୂପ ଦେବା ସ୍ଥିତି ହେଉଛି ଜାଗ୍ରତାବସ୍ଥା । ଏବେ ମନର ରୂପ ଅଛି ବୋଲି ଆପଣମାନେ ବୁଝିପାରିଥିବେ ବୋଲି ଆଶା କରୁଛି । ଯେଉଁ ଲୋକମାନେ ମନର ଆକାର ନାହିଁ ବୋଲି ଯୁକ୍ତି କରନ୍ତି ସେମାନେ ମୋଟାବୁଦ୍ଧିଆ ବୋଲି କହିପାରିବା ।

**ସୂଚନା:-** କେତେକଙ୍କ ମନ ଖୁବ୍ ଶୀଘ୍ର ନିଦ୍ରା ସ୍ଥିତିକୁ ଚାଲିଯାଇଥାଏ, କିନ୍ତୁ ଜାଗ୍ରତାବସ୍ଥାକୁ ଫେରିବା ବିଳମ୍ବ ହୋଇଥାଏ । କେତେକଙ୍କ ମନ ବିଳମ୍ବରେ ନିଦ୍ରା ସ୍ଥିତିକୁ ଯାଇଥାଏ, କିନ୍ତୁ ଖୁବ୍ ଶୀଘ୍ର ଜାଗ୍ରତାବସ୍ଥାକୁ ଫେରିଥାଏ ।

*****

# ଆତ୍ମାର ଆକାର ଅଛି ?

ପ୍ରତ୍ୟେକ ଜୀବଶରୀରରେ ଜୀବ ସହିତ ଆତ୍ମା, ପରମାତ୍ମା ଅଛନ୍ତି । ପରମାତ୍ମା ଶରୀରର ଭିତରେ, ବାହାରେ ରହିଥିବା ସ୍ଥଳେ, ଆତ୍ମା କେବଳ ଶରୀର ପରିଧି ଭିତରେ ଥା'ନ୍ତି । **ଶରୀରର ଜୀବାତ୍ମା, ଆତ୍ମା ମହାଭୂତ ହୋଇଥିବା ସ୍ଥଳେ, ପ୍ରକୃତିର ପାଞ୍ଚ ଭାଗ ଅର୍ଥାତ୍ ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି ପଞ୍ଚଭୂତ ନାମରେ କଥିତ ହୋଇଥା'ନ୍ତି ।** ପଞ୍ଚଭୂତ

ଦ୍ୱାରା ନିର୍ମିତ ଶରୀରରେ ଦୁଇଟି ମହାଭୂତ ନିବାସ କରିଥା'ନ୍ତି । ପରମାତ୍ମା ସମ୍ବନ୍ଧୀୟ ଜୀବାତ୍ମା, ଆତ୍ମା (ଦୁଇ ମହାଭୂତ) ଏବଂ ପ୍ରକୃତି ସମ୍ବନ୍ଧୀୟ ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି ହିଁ ଶରୀରରେ ରହି ଜୀବଜଗତ ନାମରେ କୁହାଯାଉଛନ୍ତି ବୋଲି ଜଣାଯାଉଛି ।

ପ୍ରପଞ୍ଚ କୁହାଯାଉଥିବା ପଞ୍ଚଭୂତ ଗୁଡିକର ରୂପ ଅଛି, ସେହିଭଳି ଶରୀର ଭିତରେ ଥିବା ପଞ୍ଚଭୂତ ଗୁଡିକର ଆକାର ଅଛି । ପ୍ରପଞ୍ଚର ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି ଆମକୁ ଦେଖାଯିବା ଭଳି ଅଛନ୍ତି । ଶରୀର ଭିତରେ ବିଷୟଜ୍ଞାନକୁ ଜଣାଇଦେଉଥିବା ଆଖି, କାନ, ନାକ, ଜିଭ, ଚର୍ମ ନାମକ ଜ୍ଞାନେନ୍ଦ୍ରିୟ ଏବଂ କାର୍ଯ୍ୟ କରୁଥିବା ହାତ, ଗୋଡ, ମୁଖ, ଗୁହ୍ୟ, ଉପସ୍ଥ ନାମକ ପାଞ୍ଚଗୋଟି କର୍ମେନ୍ଦ୍ରିୟ ମଧ୍ୟ ଦେଖାଯାଉଛନ୍ତି । ଶରୀରଶକ୍ତି ପାଇଁ, ପଞ୍ଚବାୟୁ ପାଇଁ ପ୍ରଧାନ ପାତ୍ରପୋଷଣ କରୁଥିବା **ମନ, ବୁଦ୍ଧି, ଚିତ୍ତ ଏବଂ ଅହଂର ମଧ୍ୟ ଆକାର ଅଛି,** ଏଗୁଡିକ ଜ୍ଞାନଦୃଷ୍ଟିରେ ସ୍ୱଷ୍ଟ ଦେଖାଯାଇଥାନ୍ତି । ଏହିଭଳି ଶରୀରର ୨୪ଭାଗ ହୋଇ ରହିଥିବା ଆବୟବ ଗୁଡିକ ସ୍ଥୁଳଦୃଷ୍ଟି ହୋଇଥିବା ଆଖିକୁ, ସୂକ୍ଷ୍ମଦୃଷ୍ଟି ହୋଇଥିବା ଜ୍ଞାନଆଖିକୁ ଜଣାପଡିଥାଏ । ଏହିଭଳି ପଂଚଭୂତର ଆକାର ଅଛି ବୋଲି ଜଣାପଡୁଛି ।

ମହାଭୂତ ହୋଇଥିବା ଜୀବାତ୍ମା, ଆତ୍ମାଙ୍କର ମଧ୍ୟ ସୂକ୍ଷ୍ମାକାର ରହିଛି । ଜୀବାତ୍ମା, ଆତ୍ମାର ରୂପ ଅଛି କହିବା ଟିକିଏ ବିଚିତ୍ର ଲାଗୁଥିଲେ ମଧ୍ୟ, ଶୁଦ୍ଧ ମିଛ ବୋଧ ହେଉଥିଲେ ମଧ୍ୟ ନିରାଟ ସତ୍ୟ । ଏବେ ଶରୀରର ମୁଖ୍ୟପାତ୍ର ହୋଇଥିବା ଆତ୍ମା ବାବଦରେ ଜାଣିବା । ଶରୀରକୁ ଚୈତନ୍ୟଶକ୍ତି ଦେଇଥାଏ ଆତ୍ମା । ଶରୀର ଯଦିଓ ଚଳପ୍ରଚଳ ହୋଇଥାଏ ତାହା ଆତ୍ମାଶକ୍ତି ଦ୍ୱାରା ହୋଇଥାଏ । ଖାଲି ସେତିକି ନୁହେଁ, ମନ ଜଣାଇଥିବା ଆଦେଶ ଅନୁସାରେ ଚଳପ୍ରଚଳ ହେଉଥିବା ଇଚ୍ଛାଧିନ ମାଂସପେଶୀ ବିଶିଷ୍ଟ ହାତଗୋଡ ଇତ୍ୟାଦି ଆତ୍ମାଶକ୍ତି ଦ୍ୱାରା ଚଳପ୍ରଚଳ ହୋଇଥା'ନ୍ତି । ଅସତ୍ ବା ଜଡ ଶରୀରର ସତ୍ତା ହୋଇ ଶରୀରକୁ ସ୍ପନ୍ଦନ ଦେଇଥାଏ ଆତ୍ମା । ମୁଖ୍ୟପାତ୍ର ହୋଇ ଶରୀରକୁ

ଚୈତନ୍ୟଶକ୍ତି ଦେଉଥିବା ଆତ୍ମା ଶରୀରର ନଖାଗ୍ରଠାରୁ କେଶାଗ୍ର ପର୍ଯ୍ୟନ୍ତ ବ୍ୟାପିରହିଛି । ହାତ ପାଦର ମୋଟା ଚମଡାଠାରୁ ଆରମ୍ଭକରି କେଶ ଏବଂ ନଖାଗ୍ର ପର୍ଯ୍ୟନ୍ତ ଆତ୍ମା ବ୍ୟାପିରହିଥିବାରୁ ସେଗୁଡିକର ସ୍ପର୍ଶ ମଧ୍ୟ ଆମେ ଜାଣିପାରୁଛେ । ଆତ୍ମା ଶରୀରର ଆଭ୍ୟନ୍ତରଣ ଅବୟବଠାରୁ ଆରମ୍ଭକରି ଶରୀରର ବାହ୍ୟସୀମା ପର୍ଯ୍ୟନ୍ତ ବ୍ୟାପି ରହିଥିବାରୁ ତାର ଏକ ଚିତ୍ରକୁ ଚିତ୍ରଣକଲେ ଆତ୍ମାର ଆକାରକୁ ଆମେ ଜାଣିପାରିବା ।

ମଣିଷଠାରେ, ଜନ୍ତୁଠାରେ କିମ୍ବା କୌଣସି ସଜୀବ ଶରୀରର ସୀମା ହିଁ ଆତ୍ମାର ଆକାର ବୋଲି ଜଣାଯାଉଛି । ଏହି ଅନୁସାରେ ଦେଖିଲେ କୌଣସି ପାତ୍ରରେ ଥିବା ଜଳର ଆକାର ଆମକୁ ମିଳିଯାଉଥିବା ଭଳି ଶରୀର ଭିତର ଏବଂ ବାହାର ସୀମା ପର୍ଯ୍ୟନ୍ତ ଆତ୍ମା ବ୍ୟାପି ରହିଥିବାରୁ ଆତ୍ମାର ଆକାର ଶରୀର ଆକୃତି ଭଳି ବୋଲି କହିପାରିବା । ଆତ୍ମା ଶରୀର ସୀମା ପର୍ଯ୍ୟନ୍ତ ବ୍ୟାପିରହିଥିବାରୁ ସୁନ୍ଦର ଶରୀରରେ ସୁନ୍ଦର ଆତ୍ମା, ଅସୁନ୍ଦର ଶରୀରରେ ଅସୁନ୍ଦର ଆତ୍ମା ରହିଛି ବୋଲି କହିପାରିବା ।

ଆତ୍ମାର ଆକାର ନଥାଏ ବୋଲି ଅନେକେ କହନ୍ତି । ଯଦି ଆତ୍ମାର ଆକାର ଥିଲା, ତେବେ ବେଦାନ୍ତ ସୂତ୍ର ଲେଖିଥିବା ବଡମାନେ ଏଯାଏଁ କାହିଁକି ଲେଖି ନଥିଲେ ? ସେମାନଙ୍କୁ ଜଣାନଥିବା କଥା ଇଏ କିପରି ଜାଣିଲେ ବୋଲି ଏବେ କେତେକ ପ୍ରଶ୍ନ ମଧ୍ୟ କରିପାରନ୍ତି । ଏହାର ସମାଧାନ ହେଉଛି ! ପୂର୍ବେ ବଡମାନେ ଉଦ୍ଭାବନ କରିନଥିବା ରେଳଗାଡି, ବସ୍, ଉଡାଜାହାଜ, ଟିଭି, ରେଡିଓ, ମୋବାଇଲ୍, କମ୍ପ୍ୟୁଟର ଇତ୍ୟାଦିକୁ ଆଜିର ଲୋକମାନେ କରିପାରିଛନ୍ତି ! ସେହିଭଳି ସେମାନଙ୍କୁ ଜଣାନଥିବା ଜ୍ଞାନ ଆଜି କେହି ଜାଣିନଥିବେ ବୋଲି କୌଣସି ସିଦ୍ଧାନ୍ତ ନାହିଁ ! ଏବେ ବି ଯଦି କାହାଠାରେ ସନ୍ଦେହ ବାକି ରହିଛି, ତେବେ ମୁଁ ପଚାରୁଥିବା କେତୋଟି ପ୍ରଶ୍ନର ଉତ୍ତର ଖୋଜନ୍ତୁ, ଆମ ପ୍ରଶ୍ନଗୁଡିକ ହିଁ ଆପଣଙ୍କର ଉତ୍ତର ହେବ ।

୧. ଆତ୍ମା ସାରା ଶରୀରରେ ବ୍ୟାପିରହିଛି କି ନାଇଁ ?

୨. ପାତ୍ରରେ ଥିବା ଜଳ ପାତ୍ରର ଆକାର ଧାରଣ କରୁଛି କି ନାଇଁ? ସେହିଭଳି ଶରୀରରେ ଥିବା ଆତ୍ମା ଶରୀର ଆକାର ଧାରଣ କରୁଛି କି ନାଇଁ ?

୩. ପାତ୍ର ଅନୁସାରେ ଜଳର ରୂପ ଥିବା ଭଳି, ଶରୀରରେ ଥିବା ଆତ୍ମାର ରୂପ ଅଛି କି ନାଇଁ ?

ଚୈତନ୍ୟ ହୋଇ ରହିଥିବା ଆତ୍ମା ସାରା ଶରୀରରେ ସ୍ପନ୍ଦନଶକ୍ତି ଦେଇଥାଏ, କିନ୍ତୁ କେତେକଙ୍କଠାରେ ସାରା ଶରୀରରେ ବ୍ୟାପି ନରହି, କେବଳ ଗୋଟିଏ ହାତ ପର୍ଯ୍ୟନ୍ତ ରହିଥାଏ, ଅର୍ଥାତ୍ ହାତରେ ନଥାଇ ହାତକୁ ଚଳପ୍ରଚଳ କରିନଥାଏ । ସେହିଭଳି ଯଦି କାହାର ଗୋଡରେ କିମ୍ବା ହାତରେ ନଥାଏ, ସେତେବେଳେ ଆମେ ତାକୁ ଛୋଟା କି କେମ୍ପା ବୋଲି କହୁଛେ । ତୋ ହାତ କାହିଁକି ଚଳୁନାହିଁ ବୋଲି ତାକୁ ପଚାରିଲେ ତା ହାତରେ ସତ୍ତା ନାହିଁ ବୋଲି କହେ । ହାତରେ କିମ୍ବା ଗୋଡରେ ଶକ୍ତି ନଥାଇ ତାହା ଚଳପ୍ରଚଳ ହେଉନଥିଲେ ତାହା ସତ୍ତାହୀନ ହୋଇଯାଇଛି ବୋଲି ବଡମାନେ ସେତେବେଳେ ସେମାନଙ୍କ ଭାଷାରେ କହୁଥିଲେ । ସେମାନେ କହିଥିବା, ଆମେମାନେ ମଧ୍ୟ କୌଣସି ସନ୍ଦର୍ଭରେ ବ୍ୟବହାର କରୁଥିବା **ସତ୍ତା** ହିଁ ଆତ୍ମା ବୋଲି ଜାଣିବା ଉଚିତ୍ । ହାତ ଥାଇ ହାତରେ ଶକ୍ତି ବା ସତ୍ତା ନଥିବା ଲୋକର ଆତ୍ମାସ୍ୱରୂପ ଗୋଟିଏ ମଣିଷର ହାତ ନଥିବା ଚିତ୍ରଭଳି ହେବ । ଶରୀରରେ ହାତ ଥିଲେ ମଧ୍ୟ ଆତ୍ମା ଚିତ୍ରଟି ହାତ ନଥିବା ମଣିଷର ଚିତ୍ରଭଳି ହେବ ବୋଲି ଜାଣିବା ଉଚିତ୍ । (ଏଠାରେ ହାତଟି ଥାଇ ମଧ୍ୟ କାର୍ଯ୍ୟ କରୁନାହିଁ)

ଗୋଟିଏ ଶରୀରର ସମସ୍ତ ଭାଗ ଚଳପ୍ରଚଳ ହେଉଛି, କିନ୍ତୁ ହାତକୁ ସ୍ପର୍ଶ ଜଣାପଡୁ ନାହିଁ, ସେ କୌଣସି ବସ୍ତୁକୁ ଛୁଇଁଲେ ମଧ୍ୟ ସେ ବସ୍ତୁ କ'ଣ ହାତ ଜାଣିପାରୁ ନାହିଁ । ଏଭଳି ସ୍ପର୍ଶ ନଥିବା ବେଳେ ସେ ଶରୀରର ଆତ୍ମାରୂପ କିପରି ଅଛି ଦେଖିଲେ, ଶରୀରର ଆକାର ସମ୍ପୂର୍ଣ୍ଣ, ଆତ୍ମା ହାତ

ପର୍ଯ୍ୟନ୍ତ ବ୍ୟାପିରହି ହାତକୁ ଚଳପ୍ରଚଳ କରୁଛି; ତଥାପି ହାତର ସ୍ପର୍ଶ ନାହିଁ, ତେଣୁ ସ୍ପର୍ଶହୀନ ହାତ ଥିବା ସମ୍ପୂର୍ଣ୍ଣ ଶରୀର ଥିଲେ ମଧ୍ୟ ହାତର ସ୍ପର୍ଶ ନାମକ ତନ୍ମାତ୍ର ନାହିଁ ବୋଲି କହିପାରିବା ସିନା, ଆତ୍ମା ନାହିଁ ବୋଲି କହିପାରିବା ନାହିଁ । ସ୍ପର୍ଶହୀନ ଶରୀରଭାଗ ଥିବା କୌଣସି ଶରୀର ଥିଲେହେଁ, ଅନ୍ୟାନ୍ୟ ଅବୟବ ଗୁଡିକ କାର୍ଯ୍ୟ କରୁଥିଲେହେଁ, ଆତ୍ମା ସେ ଶରୀରର ସ୍ପର୍ଶହୀନ ଅବୟବ ପର୍ଯ୍ୟନ୍ତ ବ୍ୟାପିରହିଛି । ତେଣୁ ସେ ଶରୀରର ଆତ୍ମା ଅସମ୍ପୂର୍ଣ୍ଣ ବା କେମ୍ପା ନୁହେଁ । (ଏଠାରେ ତନ୍ମାତ୍ର ଲୋପ ହୋଇଥାଏ ସିନା ଆତ୍ମା ଥାଏ) ବୁଦ୍ଧି କାର୍ଯ୍ୟ କରୁନଥିବା ଲୋକକୁ ପାଗଳ କହିପାରିବା, ଆଖି କାର୍ଯ୍ୟ କରୁନଥିବା ଲୋକକୁ ଅନ୍ଧ କହିପାରିବା, କାନ କାର୍ଯ୍ୟ କରୁନଥିବା ଲୋକକୁ କାଲା  କହିପାରିବା । ଏହିଭଳି ପାଗଳ, ଅନ୍ଧ, କାଲାଙ୍କ ଶରୀରରେ ମଧ୍ୟ ଆତ୍ମା ସର୍ବତ୍ର ବ୍ୟାପିରହିଛି, ତେଣୁ ଆତ୍ମା ପାଗଳ ନୁହେଁ, କାଲା ନୁହେଁ କି ଅନ୍ଧ ନୁହେଁ, ତାର ଅଙ୍ଗବୈକଲ୍ୟ ନାହିଁ, କିନ୍ତୁ ଆତ୍ମା ବ୍ୟାପିରହି  ନଥିବା ଶରୀରରେ ଆତ୍ମାର ଆକାର ନାହିଁ, ସେଠାରେ ଆତ୍ମା ଅନ୍ଧ, କାଲା ହୋଇପାରେ । ପ୍ରପଞ୍ଚରେ କେବଳ ପରମାତ୍ମାଙ୍କର ଆକାର ନାହିଁ । ଶରୀରରେ ଚୈତନ୍ୟ ହୋଇ, ଶରୀରକୁ ଚଳପ୍ରଚଳ କରାଉଥିବା ଦୈବସ୍ୱରୂପ ଆତ୍ମାର ଆକାର ଅଛି, କେତେକ ଅଙ୍ଗବୈକଲ୍ୟ ଶରୀରର ଆତ୍ମା ମଧ୍ୟ ସେହି ଆକାର ଧାରଣ କରିଛି ବୋଲି ଜାଣିଯିବା ପରେ ଆତ୍ମାର ବିବରଣ ଜାଣିବା ଭଳି ହୋଇଥାଏ । (ଏଠାରେ ଅଙ୍ଗ ହିଁ ନାହିଁ ତେଣୁ ଆତ୍ମାକୁ ଅଙ୍ଗହୀନ ଭାବେ ଦେଖାଇପାରିବା ।)

ଶିଶୁ ଶରୀର ଜନ୍ମହେବା ବେଳେ ସେ ଶରୀରର ଆତ୍ମା ସେହି ଶରୀର ଆକୃତିର ହୋଇଥାଏ, ତାହା ବଢିବା କ୍ରମେ ଆତ୍ମା ମଧ୍ୟ ବଢିଥାଏ, ଶରୀରର ପରିମାଣ ବଢିଥାଏ । ଗୋଟିଏ ଜନ୍ମରେ ଶରୀରର ମନ ସନ୍ଦର୍ଭ ଅନୁସାରେ ବଦଳିଥାଏ, କିନ୍ତୁ ଆତ୍ମା ପରିମାଣ ସନ୍ଦର୍ଭ ଅନୁସାରେ ବଦଳି ନଥାଏ । ଆତ୍ମା ଏକ ଶରୀରରେ ଥିବାବେଳେ ସେହି ଶରୀର ଆକୃତିର ହୋଇଥାଏ । ଜୀବ ଶରୀର ପରିବର୍ତ୍ତନ କଲାବେଳେ ଆତ୍ମା ମଧ୍ୟ ତା ସହିତ

ଶରୀର  ବଦଳାଇଥାଏ, ସେଠାରେ ଯେଉଁ ଶରୀର ଥାଏ ସେହି ଶରୀରର ଆକୃତି ଧାରଣ କରିଥାଏ । ଏହି ଅନୁସାରେ ସ୍ଥିର ଭାବରେ ଆତ୍ମାର ଏକ ଆକାର ରହିଥାଏ, ଜୀବ ଶରୀର ବଦଳାଇବା ବେଳେ ଆତ୍ମା ଜୀବ ଧାରଣ କରିଥିବା ଶରୀର ଆକୃତି ଧାରଣ କରେ ବୋଲି ଜଣାଯାଉଛି । ଶରୀରରେ ଜୀବାତ୍ମାର  ପରିମାଣ, ମାପ ଶରୀରର ବଢିବା କ୍ରମରେ ଥାଏ ସିନା ତାର ଆକୃତି ବଦଳି ନଥାଏ । ପ୍ରଥମ ଜନ୍ମରେ ଯେ ଯେଉଁ ଆକୃତିର ଥାଏ, ଦ୍ୱିତୀୟ ଜନ୍ମରେ ମଧ୍ୟ ସେହି ଆକୃତିର ଥାଏ, କିନ୍ତୁ ଆତ୍ମା ଜୀବ ଧାରଣ କରୁଥିବା ଶରୀର ଅନୁସାରେ ଆକୃତି ବଦଳାଇଥାଏ ।

*****

# ଜହ୍ନମାମୁଁ

ଜହ୍ନ ବା ଚନ୍ଦ୍ରକୁ ସମସ୍ତେ ମାମୁଁ କହନ୍ତି । ମାଆ ତାର ଛୋଟ ଛୁଆକୁ ଖୁଆଇବା ବେଳେ ଜହ୍ନ ଦେଖାଇ ଗୀତଗାଇ ଖୁଆଇଥାଏ । **"ଆ ଜହ୍ନମାମୁଁ ଶରଦଶଶୀ"** ଗୀତଗାଇ ଖାଉନଥିବା ଛୁଆକୁ ମାଆ ଜହ୍ନ ଦେଖାଇବା ବେଳେ ଛୁଆ ଜହ୍ନକୁ ଦେଖି ତାର ଅଜାଣତରେ ଖାଦ୍ୟ ଖାଇଦେଇଥାଏ । **ସମସ୍ତଙ୍କର ମାମୁଁ ଜହ୍ନମାମୁଁ** ବୋଲି ସମସ୍ତେ ଜାଣନ୍ତି । ଏହିଭଳି ଜହ୍ନ ବା ଚନ୍ଦ୍ର ସମସ୍ତଙ୍କର ମାମୁଁ ହୋଇ କାଳକାଳରୁ ରହିଆସିଛି । ଚନ୍ଦ୍ର ସମସ୍ତଙ୍କ ମନରେ ଏପରି ରହିଯିବା ଭଳି ଅଭ୍ୟାସ ଆମ  ବଡମାନେ ହିଁ  ଆମକୁ ଶିଖାଇଛନ୍ତି ।

ଚନ୍ଦ୍ର ଯଦି ମୋର ମାମୁଁ ହେଲା, ମୋ ମାଆର ଭାଇ ହେବା ଉଚିତ୍, ମୋ ପୁଅର ଅଜା ହେବା ଉଚିତ୍, ମୋ ସ୍ତ୍ରୀର ମାମୁଁଶଶୁର ହେବା ଉଚିତ୍, କିନ୍ତୁ ସମସ୍ତେ ସେଭଳି ନକହି ଚନ୍ଦ୍ରକୁ ମାମୁଁ କହନ୍ତି କାହିଁକି ? ମାଆ, ପୁଅ, ସ୍ୱାମୀ, ସ୍ତ୍ରୀ, ଜେଜେବାପା, ଅଜା, ଆଇ ସମସ୍ତେ ଚନ୍ଦ୍ରକୁ ମାମୁଁ ବୋଲି

କାହିଁକି କହନ୍ତି ? ଏଥିରେ କି ରହସ୍ୟ ଅଛି ? ବୋଲି ନିଶ୍ଚୟ ପ୍ରଶ୍ନ ଉଠୁଛି । କିଛି ରହସ୍ୟ ନଥାଇ ବଡମାନେ ଚନ୍ଦ୍ରକୁ ସମସ୍ତଙ୍କର ମାମୁଁ କରାଇ ନାହାନ୍ତି ! ସେହି ରହସ୍ୟ କଅଣ ଏବେ ଆମେ ଜାଣିବା ।

ପ୍ରପଞ୍ଚର କୌଣସି ରୂପଥିବା ସ୍ଥାବର ଜଙ୍ଗମ ଶରୀରକୁ ପଞ୍ଚଭୂତ ହୋଇଥିବା ମାତା ପ୍ରକୃତି ହିଁ ତିଆରି କରିଛି । ଶରୀରର ସୂତ୍ରଧାରୀ ହୋଇ, ଶରୀରକୁ ଚଳନଶକ୍ତି ଦେଉଥିବା ଶକ୍ତି ହେଉଛନ୍ତି ପିତା ପରମାତ୍ମା । ଗୀତାର ଗୁଣତ୍ରୟବିଭାଗ ଯୋଗ ନାମକ ଅଧ୍ୟାୟରେ ଏକଥା ଆରମ୍ଭରୁ କୁହାଯାଇଛି । ଗୋଟିଏ ଶରୀରର ମାତାପିତା ଭାବେ ଉପରକୁ ମଣିଷ କେହି ଦେଖାଗଲେ ମଧ୍ୟ ସମସ୍ତ ଶରୀରର ଦେଖାଯାଉନଥିବା ମାତାପିତା ରହିଛନ୍ତି, ସେମାନେ ପ୍ରକୃତି ଆଉ ପରମାତ୍ମା ବୋଲି ଜାଣିବା ଉଚିତ୍ ।

ମାନବର ଭିନ୍ନ ଭିନ୍ନ ଜନ୍ମରେ ଦେଖାଯାଉଥିବା ଭିନ୍ନ ଭିନ୍ନ ମାତାପିତା ଥାଇପାରନ୍ତି, କିନ୍ତୁ ସବୁ ଜନ୍ମର ଶାଶ୍ୱତ ମାତାପିତା ପ୍ରକୃତି ପରମାତ୍ମା ବୋଲି ଜାଣିବା ଉଚିତ୍ ।

ସମସ୍ତଙ୍କର ପିତା ପରମାତ୍ମା ଆଖିକୁ ଦେଖାନଯାଇ ରହିଛନ୍ତି । ମାତା ହୋଇଥିବା ପ୍ରକୃତି ପଞ୍ଚଭୂତ ଭାବରେ ଦେଖାଯାଉଛି । ଏହି ପ୍ରକୃତି ପୁରୁଷଙ୍କ ବିଷୟ ବିବରଣ ଜାଣିବାକୁ ହେଲେ ଦୈବଜ୍ଞାନ ଆବଶ୍ୟକ । ଜ୍ଞାନ ଦ୍ୱାରା ପ୍ରକୃତିକୁ, ପୁରୁଷ ହୋଇଥିବା ପରମାତ୍ମାଙ୍କୁ ଜାଣିବା ସମ୍ଭବ ହୋଇଥାଏ । ଜ୍ଞାନ ଗୁରୁଙ୍କ ଦ୍ୱାରା ମିଳିଥାଏ । ଗୁରୁ ବୋଧକରିବା ଦ୍ୱାରା ତାଙ୍କ ବାଣୀ ବା ଜ୍ଞାନ କାନ ଦ୍ୱାରା ଭିତରେ ପ୍ରବେଶ କରିଥାଏ । ଶବ୍ଦରୂପର ଦୈବଜ୍ଞାନ ଦୈବ ବା ପରମାତ୍ମାଙ୍କୁ ଜାଣିବାର ଆଧାର ହୋଇ ରହିଛି, ଅର୍ଥାତ୍ ତାହା ଶବ୍ଦରୂପରେ ତୋ ପର୍ଯ୍ୟନ୍ତ ପହଞ୍ଚୁଛି । ଶବ୍ଦ ପ୍ରକୃତିର ହୋଇଥିବାରୁ ଦୈବଙ୍କୁ ଚିହ୍ନାଉଥିବା ଜ୍ଞାନ ମଧ୍ୟ ପ୍ରକୃତିକୁ ଆଧର କରି ଜନ୍ମହୋଇଛି ବୋଲି ଜାଣିବା ଉଚିତ୍ ।

ପ୍ରଥମେ ପରମାତ୍ମା, ତାପରେ ପ୍ରକୃତି ଏବଂ ପ୍ରକୃତି ପରେ ଜ୍ଞାନ । ଜ୍ଞାନ ପ୍ରକୃତିକୁ ଅନୁସରଣ କରି ଜନ୍ମ ହୋଇଛି । ଅନୁଜ କହିଲେ ଅନୁସରଣ କରି ଯିଏ ଜନ୍ମହୋଇଛି ବୋଲି କହିପାରିବା । ଏହି ଅନୁସାରେ ଅନୁଜ କହିଲେ ଭାଇ । ତେଣୁ ପ୍ରକୃତିକୁ ଅନୁସରଣ କରି ଯିଏ ଜନ୍ମହୋଇଛି ସେ ପ୍ରକୃତିର ଭାଇ ହେବ । ଜ୍ଞାନର ଚିହ୍ନ ଭାବରେ ଚନ୍ଦ୍ରକୁ ବ୍ରହ୍ମବିଦ୍ୟାରେ ଏବଂ ଜ୍ୟୋତିଷ ଶାସ୍ତ୍ରରେ କୁହାଯାଇଛି । ତେଣୁ ଜ୍ଞାନ ଏବଂ ଚନ୍ଦ୍ର ଗୋଟିଏ ବୋଲି କହିପାରିବା । ମଣିଷର ଜାତକରେ ସେ ଯଦି ଚନ୍ଦ୍ରର ଅନୁକୁଳିତ ହୋଇ ଜନ୍ମ ହୋଇଥାଏ ତେବେ ତାକୁ ଜ୍ଞାନ ମିଳିଥାଏ ବୋଲି କହନ୍ତି ।

ଜ୍ଞାନର ଚିହ୍ନ ଭାବରେ ଚିହ୍ନିତ ହେଉଥିବା ଚନ୍ଦ୍ରକୁ ଜ୍ଞାନର ମୂଲ୍ୟରେ ତଉଲିବା ଉଚିତ୍ । ଜ୍ଞାନ ପ୍ରକୃତିକୁ ଅନୁସରଣ କରି ଶବ୍ଦଦ୍ୱାରା ଜନ୍ମହୋଇଛି । ପ୍ରକୃତି ପାଇଁ ଜ୍ଞାନ ଅନୁଜ ଭାବରେ ଥିବାବେଳେ, ଜ୍ଞାନର ଚିହ୍ନ ହୋଇଥିବା ଚନ୍ଦ୍ର ପ୍ରକୃତିର ଭାଇ ବୋଲି ଜାଣିବା ଉଚିତ୍ ।

ଭଗବଦ୍ଗୀତାରେ **"ସର୍ବ ଜୀବରାଶିର ମାତା ହେଉଛି ପ୍ରକୃତି ଆଉ ମୁଁ ସମସ୍ତଙ୍କର ପିତା ହୋଇ ରହିଛି"** ବୋଲି ଈଶ୍ୱର ବା ପରମାତ୍ମା ଜଣାଇଛନ୍ତି । ସେହି ଅନୁସାରେ ଆମ ସମସ୍ତଙ୍କର ପିତା ହେଉଛନ୍ତି ପରମାତ୍ମା ଆଉ ମାତା ହେଉଛି ପ୍ରକୃତି । ତୋ ମାତାର, ତୋ ପିତାର, ତୋ ସ୍ତ୍ରୀର, ଭାଇର, ସାଙ୍ଗର, ଅଜାର, ଜେଜେବାପାର ସମସ୍ତଙ୍କର ମାତା ପ୍ରକୃତି, ସମସ୍ତଙ୍କର ପିତା ପରମାତ୍ମା । ଏଠାରେ ସମସ୍ତଙ୍କର ମାତା ଜଣେ, ପିତା ମଧ୍ୟ ଜଣେ ।

ତେଣୁ ତୋ ମାତାର, ପିତାର, ସମସ୍ତଙ୍କର ମାମୁଁ ହେଉଛି ମାତାର ସୋଦର ଚନ୍ଦ୍ର । ସମସ୍ତଙ୍କର ମାତା ପ୍ରକୃତି ହୋଇଥିବା ବେଳେ ମାତାର ଭାଇ ହୋଇଥିବା ଚନ୍ଦ୍ର ସମସ୍ତଙ୍କର **ମାମୁଁ** । ଏହି ବିଷୟ ଅର୍ଥାତ୍ ପ୍ରକୃତି, ପରମାତ୍ମା ଆଉ ଜ୍ଞାନକୁ ସମସ୍ତେ ଭୁଲି ନଯିବା ପାଇଁ ଚନ୍ଦ୍ରକୁ ମାମୁଁ ଭାବରେ କହିଲେ ସବୁକିଛି ମନେପଡିବା ଭଳି ବଡମାନେ ଚନ୍ଦ୍ରକୁ ମାମୁଁ କହିବା

ଅଭ୍ୟାସ ଆମଠାରେ କରାଇଛନ୍ତି । ସାଧାରଣ ଭାବରେ ଆମେ କହୁଥିବା ଜହ୍ନମାମୁଁ ଶବ୍ଦରେ ଏହି ରହସ୍ୟକୁ ଯୋଜନାବଦ୍ଧ ଭାବରେ ବଡମାନେ ହିଁ ରଖାଇଥିଲେ ।

*****

# ମାମୁଁ

ମାମୁଁ ନାମକ ଦୁଇ ଅକ୍ଷର ବିଶିଷ୍ଟ ଶବ୍ଦଟି ସହିତ ସମସ୍ତେ ପରିଚିତ । ମାମୁଁ ଶବ୍ଦ ଯୋଡି ଚନ୍ଦ୍ରକୁ କାହିଁକି ଜହ୍ନମାମୁଁ କହନ୍ତି ବୋଲି ଜାଣିଲେ, ତାଛଡା ଆମ ସମ୍ପର୍କୀୟ ମାଆର ସାନଭାଇ କିମ୍ବା ବଡଭାଇକୁ ଆମେ ମାମୁଁ ବୋଲି କହୁଛେ । ସମାଜରେ ଏକ ରଢି ଭଳି "ମାଆ ନଥିଲେ ମାମୁଁ ଅଛି" ନାମକ ବାକ୍ୟଟିଏ ଅଛି । ସତରେ ସମାଜରେ ଆମର ସବୁଠାରୁ ଅତି ପ୍ରିୟ, ଆମକୁ ଅତି ଭଲପାଉଥିବା ପାତ୍ରୀ ହେଉଛି ମାଆ, ମାଆ ପରେ ମାମୁଁ, ମାମୁଁ ପରେ ପିତା । ଏହା ଏକ ଭୌତିକ ଭାବ ହୋଇଥିବା ସ୍ଥଳେ, ଆଧାତ୍ମିକ ଭାବରେ ମାତା କହିଲେ ପ୍ରକୃତି, ମାମୁଁ କହିଲେ ଆତ୍ମା, ପିତା କହିଲେ ପରମାତ୍ମା । ଏହା ବ୍ରହ୍ମବିଦ୍ୟାରୁ ମିଳୁଥିବା ଭାବ । ଏଇ ଭାବ ଅନୁସାରେ ଯଦି କେହି ପରମାତ୍ମାରେ ମିଳିତ ହେବାକୁ ଚହେଁ ତେବେ ତାକୁ ମାତା ପ୍ରକୃତିକୁ ଛାଡି ଆତ୍ମା ଦ୍ୱାରା ଯାତ୍ରା କରି ପିତା ପରମାତ୍ମାଙ୍କ ପାଖକୁ ଯିବାକୁ ହେବ । ପ୍ରକୃତି ଦ୍ୱାରା ତିଆରି ହୋଇଥିବା ଶରୀରକୁ ଛାଡିବା ହିଁ ମାତାକୁ ଛାଡିବା ଭଳି ହୋଇଥାଏ । ଆତ୍ମା ସହିତ ଯାତ୍ରା କରିବା କହିଲେ ଆତ୍ମାଜ୍ଞାନ ହିଁ ମାର୍ଗ ବୋଲି ଜାଣିବା ଉଚିତ୍ । ଶେଷରେ ଜନ୍ମ ମରଣ ସ୍ଥିତିକୁ ଜୀବାତ୍ମା ଆଉ ପ୍ରାପ୍ତ ନହେବା ହିଁ ପରମାତ୍ମାରେ ମିଳିତହେବା । ଏଠାରେ ଆତ୍ମଜ୍ଞାନ ଜାଣିବା କିମ୍ବା ଆତ୍ମାକୁ ଜାଣିବା ଗୋଟିଏ  କଥା ବୋଲି ଜାଣିବା ଉଚିତ୍ ।

ପ୍ରକୃତି, ଆତ୍ମା, ପରମାତ୍ମାଙ୍କୁ ମାତା, ମାମୁଁ, ପିତା ଭାବରେ ନେଇ ଆମେ ଆମ ଭୌତିକ ସମ୍ପର୍କକୁ ହିସାବ କରୁଛେ । ବାହ୍ୟ ଜଗତରେ ଜଣେ

ମଣିଷର ବାହ୍ୟତଃ ଜଣେ ମାତା ଥାଏ, ମାମୁଁ ଥାଏ, ପିତା ମଧ୍ୟ ଥାଏ । ବାହ୍ୟତଃ କାହିଁକି ଅନ୍ତତଃ ମଧ୍ୟ ଏକ ଜୀବର ଶରୀର ରୂପରେ ବାହାରକୁ ୧୦ଭାଗ ଦେଖାଯିବା ଭଳି, ୧୫ଭାଗ ଦେଖାନଯିବା ଭଳି ପ୍ରକୃତିମାତା ରହିଛି, ସେହିଭଳି ଚୈତନ୍ୟଶକ୍ତି ହୋଇ ମାମୁଁ ସମ୍ପର୍କରେ ଆତ୍ମା ରହିଛି । ଶରୀର ବାହାରେ, ଶରୀର ଭିତରେ କାହାକୁ ଜଣାନଯାଇ ସାକ୍ଷୀ ହୋଇ ପରମାତ୍ମା ପିତା ସମ୍ପର୍କରେ ରହିଛନ୍ତି । ଜୀବଟିଏ ଶରୀରରେ ନିବାସ କରୁଥିବାବେଳେ ପ୍ରକୃତି ହୋଇଥିବା ମାତାକୁ ଛାଡିବା ଉଚିତ୍ ବୋଲି, ପ୍ରକୃତିମାତା ଜୀବର ନୁହେଁ ବୋଲି ଜାଣିବା ଉଚିତ୍ । କାରଣ ସେ ସତରେ ନିଜର ହୋଇନଥିବା ଭଳି ଶରୀରକୁ କିଛିକାଳ ବଢାଇବା ପରେ ଆଉ ବଢାଇନଥାଏ ବୋଲି ଜଣାଯାଉଛି । ଯେମିତି ମାଆପକ୍ଷି ତାର ଛୁଆକୁ କିଛିକାଳ ବଢାଇ ତାପରେ ଆଉ ବଢାଇନଥାଏ, ସେହିଭଳି ପ୍ରକୃତିମାତା ମଧ୍ୟ କରିଥାଏ । ଏହି ଅନୁସାରେ ଜୀବ ଜାଣିବା ଉଚିତ୍ ଯେ, ପ୍ରକୃତି ତାର ନୁହେଁ । ମାଆ ଶବ୍ଦକୁ କେତେକ ଭାଷାରେ "ଅମ୍ମା" କହନ୍ତି । ମୁଖ୍ୟତଃ ରଚନାର ମୂଳଭାଷା ହୋଇଥିବା ତେଲୁଗୁ ଭାଷାରେ ଅମ୍ମା କୁହାଯାଏ । ଅମ୍ମା କୁହାଗଲେ ମଧ୍ୟ ତାହା ଉଚ୍ଚାରଣରେ ବଦଳିଛି ସିନା ପ୍ରକୃତ ମୂଳ ଶବ୍ଦ ହେଉଛି "ଅମା" । ଆମେ ମାଆ ବୋଲି ଆମ ଭାଷାରେ କହୁଥିଲେ ମଧ୍ୟ ମାତାର ମୂଳ ଶବ୍ଦ ହେଉଛି "ଅମା" । ସମ୍ମାନ ଶବ୍ଦରେ "ଅ" ଯୋଗକଲେ ଅସମ୍ମାନ ହେବା ଭଳି, ଅର୍ଥ ବଦଳୁଥିବା ଭଳି "ମା" ଶବ୍ଦରେ "ଅ" ଯୋଗକରି "ଅ..ମା" କହି ଜୀବକଲ୍ୟାଣୀ ଜ୍ଞାନକୁ ବଡମାନେ ଦିନେ ରଖାଇଥିଲେ ବୋଲି ଜଣାଯାଉଛି । "ମା" ଶବ୍ଦର ପ୍ରକୃତ ଅର୍ଥ ହେଉଛି ମୋର । ପୂର୍ବରୁ "ଅ" ଯୋଗ କରିବା ଦ୍ୱାରା ତାହା ନାସ୍ତିବାଚକ ହୋଇ ମୋର ନୁହେଁ ବୋଲି ଅର୍ଥ ସୂଚିତ କରୁଛି । ଏହି ଅନୁସାରେ ଆମେ ମାଆ କହିଲେ କିମ୍ବା ଅମା କହିଲେ, ଯାହା ଆମର ନୁହେଁ ବା ଜୀବର ନୁହେଁ ବୋଲି ବୁଝାଯାଉଛି । ମାଆ କିମ୍ବା ଅମା ଡାକିବାରେ ଶେଷରେ ତାହା ମାଆ (ପ୍ରକୃତି) ତୋର ନୁହେଁ ବୋଲି ଜୀବ ଜାଣିବା ଉଚିତ୍ । ଶରୀରରେ ନିବାସ

କରୁଥିବା ଜୀବକୁ ଯଦି ପ୍ରକୃତି (ଶରୀର) ତାର ନୁହେଁ, ତାହେଲେ ତାର ହେବା ଜିନିଷ କ'ଣ ଜାଣିବା ଉଚିତ୍ ।

ଶରୀରରେ ପ୍ରକୃତି ଏବଂ ଆତ୍ମା ରହିଥାଏ । ପରମାତ୍ମା ଶରୀର ଭିତରେ ବାହାରେ ସବୁଆଡେ ବ୍ୟାପକ ହୋଇ ରହିଥା'ନ୍ତି । ପରମାତ୍ମା ଶରୀର ଭିତରେ କିଛି ଥିଲେ ମଧ୍ୟ ଶରୀର ବାହାରେ ବିଶାଳ ହୋଇ ରହିଥା'ନ୍ତି, ତେଣୁ ତାଙ୍କୁ ଆମେ ଶରୀରବାସୀ ଭାବେ ହିସାବ କରିପାରିବା ନାହିଁ । ତେଣୁ ଶରୀରରେ ଜୀବ ସହିତ ପ୍ରକୃତି ଏବଂ ଆତ୍ମା ସର୍ବଦା ରହିଥାଏ ବୋଲି ଜଣାଯାଉଛି । ଆଧ୍ୟାତ୍ମିକ ଅର୍ଥରେ ଶରୀର ଜୀବର ନୁହେଁ ଜାଣି ପାରିଛେ । ଶରୀରରେ ପ୍ରକୃତି ଭିନ୍ନ ରହିଥିବା ଆତ୍ମା ସର୍ବଦା ଜୀବ ସହିତ ରହିଥାଏ । ତେଣୁ କଥା ସନ୍ଦର୍ଭରେ ଜୀବ ତାର ଭାବକୁ ମୋ ଆତ୍ମା ବୋଲି ବେଳେବେଳେ ବହିର୍ଗତ କରିଥାଏ । ଆତ୍ମା ଜୀବ ସମ୍ବନ୍ଧୀୟ ବୋଲି ଜାଣି ପାରିବା ଭଳି ଆତ୍ମାକୁ "ମାମା" ବା "ମାମୁଁ" ଶବ୍ଦରେ କହିବା ଅଭ୍ୟାସ ବଡମାନେ କରାଇଥିଲେ ବୋଲି ଜଣାଯାଉଛି । "ମାମୁଁ" ଶବ୍ଦଟି ଆଜି କେତେକାଞ୍ଚଳରେ ମାମା ଶବ୍ଦ ହୋଇ ରହିଛି ସିନା ମୂଳତଃ "ମମ" ଥିଲା । କାଳକ୍ରମେ ମାମା, ମାମାରୁ ମାମୁଁ ହୋଇଯାଇଛି । "ମମ" ଶବ୍ଦର ଅର୍ଥ ହେଉଛି "ମୋର" । ଜୀବର ଭାବରେ ତାର ନିଜର କିଏ ବୋଲି ଦେଖିଲେ ଆତ୍ମା ବ୍ୟତୀତ ଶରୀରରେ ତାର ହୋଇ ଆଉ କେହି ନାହାନ୍ତି । ଜୀବ ଜନ୍ମହେବା ବେଳେ ହେଉ କିମ୍ବା ମୃତ୍ୟୁବରଣ କରିବା ବେଳେ ହେଉ ତାସହିତ ସର୍ବଦା ରହିଥାଏ ଆତ୍ମା । ସେଥିଲାଗି ଆତ୍ମାକୁ ଜୀବର ବୋଲି କହିବାକୁ ଯାଇ ଜୀବର ଜ୍ଞାନ ଭାବରେ ଆତ୍ମାକୁ ମାମା ବା ମାମୁଁ କୁହାଯାଇଛି । ମମ ଶବ୍ଦର ଅର୍ଥ ସଂସ୍କୃତରୁ, ଅନ୍ୟାନ ଭାଷାରୁ ମଧ୍ୟ ଗୋଟିଏ ଅର୍ଥ ମିଳିଥାଏ । ଆତ୍ମାକୁ ମାମା ବା ମାମୁଁ କହିବା ଯୋଗ୍ୟତା କେବଳ ଜୀବାତ୍ମାର ଅଛି । ଜ୍ଞାନହୀନମାନେ ମଧ୍ୟ ମାମୁଁ ଶବ୍ଦର ବ୍ୟବହାର କରନ୍ତି, କିନ୍ତୁ ମାମୁଁ ଶବ୍ଦର ଅର୍ଥ କ'ଣ ଜାଣନ୍ତି ନାହିଁ । ଏବେ ଏହି ସନ୍ଦର୍ଭରୁ

ମାଆ ବା ଅମା (ଆମା) କହିଲେ ଯାହା ମୋର ନୁହେଁ, ମାମା ବା ମାମୁଁ କହିଲେ ଯାହା ମୋର ବୋଲି ଅର୍ଥକୁ ଜାଣିବା ଦ୍ୱାରା ତୋ ମାମୁଁ ହୋଇଥିବା ଆତ୍ମା ଦ୍ୱାରା ତୋ ପିତା ପରମାତ୍ମାଙ୍କ ପାଖକୁ ଯିବାକୁ ଚେଷ୍ଟା କରିପାରିବୁ । ତୋର ମାମୁଁ ଆତ୍ମାଙ୍କୁ ଜାଣିବା ହିଁ ପ୍ରକୃତ ଆଧ୍ୟାତ୍ମିକ ।

*****

# ରାତ୍ରି-ଦିନ

କାଳ ଦୁଇଟି ନାଆଁରେ ବିଭାଜିତ ହୋଇ ରହିଥାଏ । ଗୋଟିଏ ହେଉଛି ତାତ୍ରି ଅନ୍ୟଟି ହେଉଛି ଦିନ ବା ଦିବସ, ଏହା ସମସ୍ତେ ଜାଣନ୍ତି । ଏହି ଦୁଇ ପ୍ରକାରର କାଳକୁ ପରମାତ୍ମାଙ୍କ କାଳ ବା ପରମାତ୍ମାଙ୍କ ଦିନରାତି ଏବଂ ପ୍ରକୃତିର କାଳ ବା ପ୍ରକୃତିର ଦିନ ରାତି କହି ଦୁଇଭାଗ କରିପାରିବା । ପରମାତ୍ମାଙ୍କ ଦିନକୁ ଏକ ହଜାରଯୁଗ ଏବଂ ରାତ୍ରିକୁ ଏକ ହଜାରଯୁଗ ଭାବରେ ଭଗବଦ୍ଗୀତାରେ କୁହାଯାଇଛି । ପରମାତ୍ମାଙ୍କ ଦିନ ଏକହଜାର ଯୁଗ କାଳରେ ସାରା ଦୁନିଆ ଆମକୁ ଦେଖାଯାଉଛି । ଜୀବରାଶିଙ୍କ ଜନ୍ମହେବା, ବଞ୍ଚିବା, ମରିବା  ସାଧାରଣତଃ ଏକହଜାର ଯୁଗ କାଳରେ ଘଟିଥାଏ । ପରମାତ୍ମାଙ୍କ ରାତ୍ରି ଏକହଜାର ଯୁଗ କାଳରେ ଏହି ସାରାଦୁନିଆ ନଥାଏ କି ଦେଖାଯାଉଥିବା ପଞ୍ଚଭୂତ ଯଥା- ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି କିଛି ନଥାଏ । ଏହି ସ୍ଥିତି ଶୁନ୍ୟ ମଧ୍ୟ ନୁହେଁ, ତାହା କଅଣ ବୋଲି ଭାବନା କରି ମଧ୍ୟ କହିପାରିବା ନାହିଁ । କୌଣସି ଶାସ୍ତ୍ରବେତ୍ତାର, କୌଣସି ପରିଶୀଳକର ପରିଶୀଳନରେ ମଧ୍ୟ ଆସୁନଥିବା ସ୍ଥିତି ହେଉଛି ଏହି ସ୍ଥିତି । ଭଗବଦ୍ଗୀତାରେ ତାହା ଅବ୍ୟକ୍ତ ସ୍ଥିତି ବୋଲି ମଧ୍ୟ କୁହାଯାଇଛି ।

ପ୍ରକୃତିର ଦିନରାତି ଭାବରେ ମଧ୍ୟ ଆମେ କାଳକୁ ଦୁଇଭାଗରେ ବିଭାଜନ କଲାବେଳେ କହିଥିଲେ। ପ୍ରକୃତିଗତ ଦିନରାତିକୁ ମଧ୍ୟ ଆମେ

ଦୁଇଭାଗ କରି କହୁଛେ, ତାହା ହେଉଛି ୧୨ଘଣ୍ଟା ଦିନ ଏବଂ ୧୨ଘଣ୍ଟା ରାତ୍ରି । ଦିନବେଳେ ସମସ୍ତେ କୌଣସିନା କୌଣସି କାର୍ଯ୍ୟରେ ମଗ୍ନହୋଇ ରହିଥା'ନ୍ତି, ସାରା ଜଗତ କାର୍ଯ୍ୟରତ ବୋଲି ସମସ୍ତେ ଜାଣିଛେ, ସେହିଭଳି ରାତ୍ରିକାଳରେ ସମସ୍ତେ ନିଜ ନିଜର କାର୍ଯ୍ୟକଳାପ ଛାଡି ଶୋଇଥା'ନ୍ତି । ଉପରେ କୁହାଯାଇଥିବା ପରମାତ୍ମାଙ୍କ ଦିନରାତ୍ରି ସହିତ ଜୀବଜଗତର ବା ପ୍ରକୃତିର ଦିନରାତି ସମ୍ବନ୍ଧୀତ ହୋଇ ରହିଛି । ପରମାତ୍ମାଙ୍କ ଦିନରେ ସାରା ପ୍ରପଞ୍ଚ ଦେଖାଯାଉଛି, ଜୀବରାଶିର ପରିବର୍ତ୍ତନ ପରିଣାମ ଜଣାଯାଉଛି । ସେହିଭଳି ପ୍ରକୃତିର ଦିନରେ ଜୀବଜଗତ ଆଖିକୁ ଦେଖାଯାଉଛି, ଜଣେ ଜଣକର ସ୍ଥିତି, ଗତି ବାବଦରେ ଜାଣିପାରୁଛେ । ପରମାତ୍ମାଙ୍କ ରାତ୍ରିରେ କିଛି ନାହିଁ, ଜୀବଜଗତ ନାହିଁ । ସେମିତି ପ୍ରକୃତିର ରାତ୍ରିରେ ମଧ୍ୟ ସବୁଥାଇ କିଛି ଦେଖିପାରୁ ନାହେଁ । ଏଠାରେ ଏକ ପ୍ରଶ୍ନ ମଧ୍ୟ ଆସିଥାଏ ଯେ, ଯିଏ ରାତ୍ରିରେ ନଶୋଇଲା ସେ ତ ସବୁ ଦେଖିପାରୁଛି ! ଆମେ ଦେଖିପାରୁ ନାହେଁ ବୋଲି କେମିତି କହିବା ? ଏହାର ସମାଧାନ ହେଉଛି !

ଏହି ଦିନରାତି ବିଷୟ ସର୍ବ ଜୀବରାଶି ସମ୍ବନ୍ଧୀୟ । ସାଧାରଣତଃ ଆମେ ରାତିରେ ଶୋଉଛେ ଦିନରେ କାର୍ଯ୍ୟରତ ରହୁଛେ, ଏହା ସର୍ବ ଜୀବ ସମ୍ବନ୍ଧୀୟ ବୋଲି ଜାଣିବା ଉଚିତ୍ । ରାତିରେ ସାରା ଦୁନିଆ ନାହିଁ ବୋଲି କହିପାରିବା ନାହିଁ । ଅଛି ! କିନ୍ତୁ ଆମେ ଶୋଇଥିବାରୁ ଜାଣିପାରୁ ନାହେଁ, ସେହିଭଳି ପରମାତ୍ମାଙ୍କ ଦିନ ବା ବ୍ରହ୍ମଦିନରେ ଥିବା ଦୁନିଆ ବ୍ରହ୍ମରାତ୍ରିରେ ନଥାଏ ବୋଲି କହିଛନ୍ତି, ସେତେବେଳେ ଆମେ ନାହେଁ ଅର୍ଥାତ୍ ସବୁକିଛି ଅବ୍ୟକ୍ତ ବୋଲି କହିଛନ୍ତି । ସେ ସ୍ଥିତି ଆମକୁ ଜଣାନଥାଏ, କିନ୍ତୁ ଯେଉଁମାନଙ୍କର ମୁକ୍ତି ହୋଇଯାଇଛି ସେମାନଙ୍କୁ ତାହା କଅଣ ଜଣାଥାଏ, ଯେମିତି ଆମକୁ ରାତ୍ରିର ନିଦ୍ରାରେ କିଛି ଜଣାନଥାଏ ଆଉ ଯିଏ ଚେଇଁ ରହିଲା ସିଏ ଜାଣିଥାଏ, ସେମିତି ପ୍ରଳୟରେ ଜୀବରାଶି ଅଜଣା ସ୍ଥିତିକୁ ଚାଲିଯାଆନ୍ତି ସିନା, ଚେଇଁରହିବା ଲୋକ ରାତ୍ରି ବିଷୟକୁ ଜାଣିପାରିବା

ଭଳି, ମୁକ୍ତି ପାଇଥିବା ଲୋକ ସେତେବେଳେ ବା ମୋକ୍ଷରେ କଅଣ ଅଛି ଜାଣି ପାରିଥାଏ । ରାତ୍ରିର ବିଶେଷତା ଜାଣିପାରିବା ଭଳି ଆମ ବଡମାନେ **ଦିନରାତ୍ରି**କୁ ନାମିତ କରିଛନ୍ତି । ଦିନରାତିର ବିଶେଷତା ଏବେ ଜାଣିବା ।

କାଳକୁ ଭୂତକାଳ, ବର୍ତ୍ତମାନ କାଳ, ଭବିଷ୍ୟତ କାଳ ନାମରେ ତିନି ଭାଗ କରାଯାଇଛି ବୋଲି ସାଧାରଣତଃ ସମସ୍ତେ ଜାଣିଛେ । ବିତିଯାଇଥିବା କାଳକୁ ଭୂତକାଳ, ବିତୁଥିବା କାଳକୁ ବର୍ତ୍ତମାନ କାଳ, ବିତିବାକୁ ଥିବା କାଳକୁ ଭବିଷ୍ୟତ କାଳ ବୋଲି ବଡମାନେ ହିଁ ନାମକରଣ କରିଛନ୍ତି । ଏହି ତିନିକାଳକୁ ତ୍ରିକାଳ ମଧ୍ୟ କୁହାଯାଏ । ଆମେ ଜାଗ୍ରତ ସ୍ଥିତିରେ ରହିବାବେଳେ ଯାହା ଘଟିଛି ତାହା ଜଣାଯାଉଛି, ଯାହା ଘଟୁଛି ତାହା ମଧ୍ୟ ଜଣାଯାଉଛି, କିନ୍ତୁ ଯାହା ଘଟିବାକୁ ବାକିଅଛି ତାହା ଜଣାପଡୁ ନାହିଁ । ନିଦ୍ରା ସ୍ଥିତି ହେଉଛି ଅଗୋଚର ସ୍ଥିତି । ବ୍ରହ୍ମରାତ୍ରି କୁହାଯାଉଥିବା ପ୍ରଳୟକାଳରେ କିଛି ଜଣା ନପଡିବା ଭଳି ନିଦ୍ରା ସ୍ଥିତିରେ କିଛି ଜଣାପଡି ନଥାଏ । ସାଧାରଣତଃ ନିଦ୍ରା ରାତ୍ରି ସମୟରେ ଆସିଥାଏ, ତେଣୁ ସେହି ରାତ୍ରି ସମୟକୁ ଆମେ ବୁଝିପାରିବା ଭଳି ସେହି ସମୟକୁ ବା କାଳକୁ ରାତ୍ରି ନାମକ ଶବ୍ଦରେ ନାମିତ କରାଯାଇଛି । ଭୂତ, ଭବିଷ୍ୟ, ବର୍ତ୍ତମାନ ହୋଇଥିବା ତିନି କାଳୁ **ତ୍ରି**' ନାମରେ ସାଧାରଣତଃ ତିନି ଜିବରାଶିଙ୍କ ପାଇଁ ନଥିବା ସମୟକୁ "**ରାତ୍ରି**" କୁହାଯାଉଛି । "**ତ୍ରି**" କହିଲେ ତିନି (୩), "**ରା**" କହିଲେ ରହିତ । ସେହି ଅନୁସାରେ **ରାତ୍ରି** କହିଲେ ଯାହାପାଇଁ ତିନି କାଳ ନାହିଁ । ବାସ୍ତବରେ ତିନି କାଳ ନଥିବା ବା ତିନି ଅବସ୍ଥା ନଥିବା ସ୍ଥିତି ହେଉଛି ରାତ୍ରି, କିନ୍ତୁ ସବୁ ଜଣାଯାଉଥିବା ସ୍ଥିତି ହେଉଛି ଦିନ ।

ରାତ୍ରି ଶେଷ ହୋଇଯିବା ପରେ ଆସିଥାଏ ଦିନ । ଦିନକାଳରେ ବା ଜାଗ୍ରତ ସ୍ଥିତିରେ ଷଡଗୁଣର ପ୍ରଥମ ଗୁଣ ହୋଇଥିବା "**ଆଶା**" ଏବଂ ଶେଷରେ ଥିବା "**ଅସୂୟା**" (**ମାତ୍ସର୍ଯ୍ୟ**) ଗୁଣ ଅଧିକ କାର୍ଯ୍ୟକରିଥାଏ ।

ଷଡଗୁଣ ଯଥା – କାମ (ଆଶା) କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ନାମକ ଗୁଣଗୁଡିକ ଭିତରୁ ସମସ୍ତଙ୍କର ପ୍ରଥମଗୁଣ ଆଶା ବା କାମଗୁଣ ନଥାଇ ସେମାନଙ୍କ ଜୀବନବଞ୍ଚିବା ନଥାଏ କହିଲେ ଅତ୍ୟୁକ୍ତି ହୁଏ ନାହିଁ । ଭଗବଦ୍ଗୀତାରେ **"କାମାତ୍ କ୍ରୋଧୋଭିଜାୟତେ"** କହିବା ଭଳି ଆଶା ବା କାମଗୁଣ ଦ୍ୱାରା କ୍ରୋଧ ଜନ୍ମ ହୋଇଥାଏ । ମାନବ ଜୀବନରେ କାମ ସହିତ କ୍ରୋଧ ଏବଂ ଶେଷରେ ଥିବା ମାତ୍ସର୍ଯ୍ୟ (ଅସହନ ବା ଅସୂୟା) ନିଶ୍ଚୟ ରହିଥାଏ । ଏହିଭଳି ଷଡଗୁଣର ଏହି ତିନିଗୋଟି ଗୁଣକୁ ଯଥା କାମ, କ୍ରୋଧ, ଅସୂୟା ଗୁଣକୁ ଗୋଟିଏ ଭାଗ କରି ଅନ୍ୟ ଭାଗରେ ଲୋଭ, ମୋହ, ମଦକୁ ରଖିପାରିବା । ଲୋଭ, ମୋହ, ମଦର ବିଶେଷ ପ୍ରଭାବ ନଥାଏ ବୋଲି କହିପାରିବା, କେତେକଙ୍କ ଠାରେ ଏହି ତ୍ରିଗୁଣ ପ୍ରଭାବ ପକାଇଥାଏ, କେତେକଙ୍କଠାରେ ସେତେ ପ୍ରଭାବ ପକାଇନଥାଏ, ନଥିବା ଲୋକେ ମଧ୍ୟ ଅଛନ୍ତି, କିନ୍ତୁ ଏହି ତିନିଗୁଣ ନଥିବା ଲୋକଙ୍କଠାରେ କାମ (ଆଶା), କ୍ରୋଧ, ମାତ୍ସର୍ଯ୍ୟ ଦେଖାଯାଇଥାଏ । ତେଣୁ ଷଡରିପୁ ହୋଇଥିବା ଏହି ଷଡଗୁଣରୁ ତିନିଗୋଟି ପ୍ରଭାବଶାଳୀ ଏବଂ ଅନ୍ୟ ତିନିଗୋଟି ପ୍ରଭାବଶାଳୀ ନହୋଇ ରହିଥା'ନ୍ତି ବୋଲି ଜାଣିବା ଉଚିତ୍ ।

ପ୍ରଭାବଶାଳୀ ହୋଇଥିବା କାମ, କ୍ରୋଧ, ମାତ୍ସଯ୍ୟ (ଅସୂୟା) ନାମକ ତିନିଗୁଣ ପ୍ରତ୍ୟେକଙ୍କଠାରେ କାର୍ଯ୍ୟ କରିଥାଏ । କାମଗୁଣ ଦ୍ୱାରା କ୍ରୋଧଗୁଣ, କ୍ରୋଧଗୁଣ ଦ୍ୱାରା ଅସୂୟା ବା ମାତ୍ସର୍ଯ୍ୟ ଗୁଣ କାର୍ଯ୍ୟ କରିଥାଏ, ଆଶାଗୁଣ ଦ୍ୱାରା ଶେଷ ପରିଣାମରେ ଶତ୍ରୁତ୍ୱ ଉପୁଜିଥାଏ । ଏହାର ପ୍ରଭାବରେ ଛୋଟ ବଡ ସମସ୍ତଙ୍କର କେହିନା କେହି ଶତ୍ରୁ ଉପୁଜିଥା'ନ୍ତି, ତୁ କାହାର ଶତ୍ରୁ ନହେଲେ ମଧ୍ୟ ତୁ କାହା ପାଇଁ ଶତ୍ରୁ ହୋଇପାରୁ । ଧର୍ମରାଜ ଯୁଧିଷ୍ଠିର କାହାର ଶତ୍ରୁ ନଥିଲେ ମଧ୍ୟ ଦୁର୍ଯ୍ୟୋଧନ ପାଇଁ ଶତ୍ରୁ ଥିଲେ । ଗୁଣ ପ୍ରଭାବ ଦ୍ୱାରା ତୁ କାହା ପାଇଁ କିମ୍ବା କେହି ତୋ ପାଇଁ ଶତ୍ରୁ ହୋଇଥା'ନ୍ତି । କାମ, କ୍ରୋଧ, ମାତ୍ସର୍ଯ୍ୟ ନାମକ ତିନି ଗୁଣ ଦ୍ୱାରା ପ୍ରତ୍ୟେକ

ଜୀବରାଶିର ଶତ୍ରୁତ୍ୱ ଉପୁଜିଥାଏ । ଶତ୍ରୁତ୍ୱର ଅନ୍ୟ ନାମ ହେଉଛି ପଙ୍ଗା ବା ପଗା । ଏହି ଶବ୍ଦକୁ ମୂଳ ଦୈବିଭାଷାର ବହୁବଚନ ଅର୍ଥରେ ପଗାଲୁ ବା ପଗଲୁ କୁହାଯାଏ । ଏହା ଦୈବଭାବ ଥିବା ଅର୍ଥ ହୋଇଥିବା ବେଳେ, ତାହାର ଜାଗତିକ ଅର୍ଥରେ ପଗଲୁ ଶବ୍ଦକୁ ଦିନ ବୋଲି ବୁଝନ୍ତି । ପଗଲୁ କହିଲେ ଶତ୍ରୁତ୍ୱ ବା ଦିନ । ଏହି ଅନୁସାରେ ଗୁଣଗୁଡିକର ପ୍ରଭାବ ଦ୍ୱାରା (ଶତ୍ରୁତ୍ୱ ଦ୍ୱାରା) ଆରମ୍ଭ ହେଉଥିବା ଦିବାକାଳକୁ **ପଗଲୁ** ବୋଲି ବଡମାନେ ନାମକରଣ କରିଥିଲେ । ପଙ୍ଗା, ପଗା ବା ଶତ୍ରୁତ୍ୱ ପ୍ରତ୍ୟେକଙ୍କ ଜୀବନରେ ଥାଏ । ତେଣୁ ଦିନର ଜାଗ୍ରତାବସ୍ଥାକୁ ବା ୧୨ଘଣ୍ଟା କାଳକୁ **ପଗଲୁ** (ଦିନ ବା ଦିବସ) ବୋଲି ନାମିତ କରିଥିଲେ । ଶତ୍ରୁତ୍ୱପୂର୍ଣ୍ଣ ଆମ ଜୀବନରେ ଦୈବଚିନ୍ତନ ଆସିବାକୁ ହେଲେ ଗୁଣଗୁଡିକର ପ୍ରଭାବକୁ କମ୍ କରିଦେବା ଉଚିତ୍ ନାମକ ଉଦ୍ଦେଶ୍ୟରେ ତାହାକୁ ପଗଲୁ (ଶତ୍ରୁତ୍ୱ) ନାମରେ ସୂଚିତ କରାଇଥିଲେ । ଗୁଣଗୁଡିକ ଦ୍ୱାରା ଶତ୍ରୁତ୍ୱ ସୃଷ୍ଟି ହୋଇଥାଏ ବୋଲି ୧୨ଘଣ୍ଟା କାଳର ଦିନକୁ ପଗଲୁ ନାମରେ (ଦିନ) ନାମରେ ନାମକରଣ କରିଥିଲେ । ଶତ୍ରୁତ୍ୱରେ ଲାଗିରହିଥିବା ଗୁଣରାଜି ରାତିରେ ନଥା'ନ୍ତି, ତେଣୁ ଦିନ ଅଜ୍ଞାନ ସମ୍ବନ୍ଧୀୟ, ରାତ୍ରି ଜ୍ଞାନ ସମ୍ବନ୍ଧୀୟ । ସେହି ଦୃଷ୍ଟିରୁ କୁହାଯାଇପାରେ ଯେ, ରାତ୍ରି ପରମାତ୍ମା ସ୍ୱରୂପ, ଦିନ ପ୍ରକୃତି ସ୍ୱରୂପ । ଯାହା ରାତ୍ରିରେ ନଥାଏ ତାହା ଦିନରେ ଥାଏ । ଦେଖାଯାଇଥାଏ ମାୟା, ଦେଖାଯାଇ ନଥା'ନ୍ତି ପରମାତ୍ମା । ଏହି ନିର୍ଯ୍ୟାସ ଅନୁସାରେ ଅଜଣା ରାତ୍ରି-ଦୈବସ୍ୱରୂପ, ଜଣାପଡୁଥିବା ଦିନ-ମାୟାସ୍ୱରୂପ । ଜୀବାତ୍ମା ହୋଇଥିବା ଆମେମାନେ ଅଜଣା ପରମାତ୍ମାଙ୍କ ପାଇଁ ଅଜାଗ୍ରତ ହୋଇ, ଜଣାପଡୁଥିବା ମାୟା ପାଇଁ ଜାଗ୍ରତ ହୋଇ ରହିଛେ । ଆମେ ସେଭଳି ନହୋଇ ଜଣାପଡୁନଥିବା ଦୈବ (ପରମାତ୍ମା ବା ଈଶ୍ୱର)ଙ୍କ ପାଇଁ ଜାଗ୍ରତ ହୋଇ ଦୈବତ୍ତ୍ୱ ବା ଈଶ୍ୱର କଅଣ ଜାଣିବା ଉଚିତ୍ । ଜ୍ଞାନ ଜାଣିଥିବା ବଡମାନେ ସେମାନଙ୍କ ଅନୁଭବ ପୂର୍ବକ ବିଚାର କରି ଆମେ ଅଜ୍ଞାନରୁ ଜ୍ଞାନମାର୍ଗରେ ଯିବାପାଇଁ ବିଶେଷ ଅର୍ଥକୁ ରଖି **ଦିନ, ରାତ୍ରି** ନାମରେ କାଳକୁ ଦୁଇଭାଗ କରି ରଖିଥିଲେ, ସେମାନଙ୍କ

ଉଦ୍ଦେଶ୍ୟକୁ ଆମେ ବୁଝିପାରିଲେ ଦିନକୁ ଛାଡି ପ୍ରଶାନ୍ତ ରାତ୍ରିରେ ପ୍ରବେଶ କରିପାରିବା ।

ସବୁକିଛି ସୃଷ୍ଟିହୋଇଛି ପରମାତ୍ମାଙ୍କଠାରୁ, ମାୟା ବା ଗୁଣ ମଧ୍ୟ ତାଙ୍କରିଠାରୁ ଜନ୍ମ ହୋଇଛି । ପ୍ରପଞ୍ଚ ବା ପଞ୍ଚଭୂତରୁ ପରମାତ୍ମା ଜନ୍ମ ହୋଇନାହାନ୍ତି । ପରମାତ୍ମାଙ୍କଠାରୁ ପ୍ରକୃତି ଜନ୍ମହୋଇଛି । ମାୟାର ପ୍ରତିରୂପ ହୋଇଥିବା ଦିନ, ପରମାତ୍ମାଙ୍କୁ ସୂଚିତ କରୁଥିବା ରାତ୍ରିରୁ ହିଁ ଜନ୍ମହୋଇଛି । ଦୈବ, ପରମାତ୍ମା ବା ଈଶ୍ୱରଙ୍କଠାରୁ ଜନ୍ମନେଇଛି ପ୍ରକୃତି । ଦୈବସ୍ୱରୂପ ରାତ୍ରିରୁ ମାୟାସ୍ୱରୂପ ଦିନର ଜନ୍ମହୋଇଛି, ତେଣୁ କ୍ରମାନୁସାରେ ଦିନରାତି ନକହି **ରାତିଦିନ** କହିବା ଉଚିତ୍ । ଦୈବଙ୍କଠାରୁ ଜନ୍ମହୋଇଥିବା ଆମେ ଦିନରେ କେତେ କେଉଁ କାର୍ଯ୍ୟକଲେ ମଧ୍ୟ ଶେଷରେ ରାତିରେ ପହଞ୍ଚିବା ଉଚିତ୍ । ତୁ କେତେ ବଡଲୋକ ହୋଇଥାଆ, ତୋ ପାଖରେ କେତେ ଧନ ଥାଉ, ତୁ କେତେବଡ ପୋଲିସ୍ ଅଫିସର ହୋଇଥାଆ, ତୁ କେତେବଡ ରାଜନେତା ହୋଇଥାଆ ଶେଷରେ ମୋ ପାଖକୁ ଆସିବାକୁ ପଡିବ ନାମକ ସୂତ୍ର ଅନୁସାରେ ଜଣେ କେତେବଡ ଲୋକ ହେଉପଛେ ଶେଷରେ ନିଦ୍ରାଯାଇଥାଏ (ଶୋଇଥାଏ) । କେତେ ବଳୁଆ ଲୋକ ହୋଇଥିଲେ ମଧ୍ୟ ନିଶ୍ଚୟ ଶୋଇଥାଏ, ଅର୍ଥାତ୍ ଶେଷରେ ସମସ୍ତେ ରାତ୍ରିକୁ ବା ପରମାତ୍ମାଙ୍କୁ ଆଶ୍ରୟ କରିବା ସୂଚନା ଏଥିରେ ରହିଛି । ପୁଣି ସକାଳୁ ଉଠି କାର୍ଯ୍ୟରତ ହେଲେମଧ୍ୟ ପୁଣି ରାତିକୁ ଆଶ୍ରୟ କରି କିଛି ନଜାଣିବା ସ୍ଥିତିକୁ ଯିବାକୁ ହୁଏ । ଏହି ନିଦ୍ରା ବାବଦରେ ଜାଣିନଥିବା ଲୋକ କେତେବଡ ଲୋକ ହେଲେ ମଧ୍ୟ ତାକୁ କିଛି ଜଣାନାହିଁ ବୋଲି କହିପାରିବା ।

ଗୁଣଗୁଡିକର ପ୍ରଭାବ ବାବଦରେ, ସେଗୁଡିକ ମଧ୍ୟରୁ ତିନିଗୋଟି ଗୁଣ ପ୍ରଭାବଶାଳୀ ବୋଲି ଜାଣି, ଗୁଣ ରହିତ ରାତି ବାବଦରେ, ନିଦ୍ରା ବାବଦରେ ଜାଣି ନିଦ୍ରାରେ ଜାଗ୍ରତ ରହି ରାତ୍ରିର ସାରାଂଶକୁ ଜାଣିପାରିଲେ ଶେଷରେ ମୋକ୍ଷରେ ପହଞ୍ଚିହେବ ।

*****

# ଜଗଦ୍ଗୁରୁ

ଜଗଦ୍ଗୁରୁ ଶବ୍ଦଟି ପ୍ରାୟ ସମସ୍ତେ ଶୁଣିଥିବେ ବୋଲି ଭାବୁଛି । କାରଣ ! ଅନ୍ୟ ଦେଶଗୁଡିକ ଅପେକ୍ଷା ଆମ ଦେଶରେ ଜଗଦ୍ଗୁରୁ ନାଆଁଟି ପ୍ରାୟ ସମସ୍ତେ କହନ୍ତି । "ଜଗତ" କହିଲେ ପଞ୍ଚଭୂତ ଅନ୍ତର୍ଗତ ଜୀବରାଶି । ପୃଥିବୀର ଗୋଟିଏ ଦେଶକୁ ଆମେ ଜଗତ କହୁନାହେଁ, କିନ୍ତୁ ଗୁରୁମାନଙ୍କ ପାଖକୁ ଆସି ଦେଖିଲେ ଗୋଟିଏ ଦେଶରେ ଥିବା ଜଣେ ଗୁରୁଙ୍କୁ ଜଗଦ୍ଗୁରୁ କହୁଛେ । ଜଗତ କହିଲେ ଜୀବରାଶି ସମୂହ ହୋଇଥିବା ବେଳେ, ଜଗତ୍‌ଗୁରୁ ଜୀବସମୂଦାୟର ଗୁରୁ ହେବା ଉଚିତ୍ । ତାନହୋଇ କେବଳ ଗୋଟିଏ ଦେଶରେ ସିମୀତ ଥିବା ଜଣେ ଗୁରୁଙ୍କୁ ଜଗତ୍‌ଗୁରୁ ବା ଜଗଦ୍ଗୁରୁ କହିବା ଆଶ୍ଚର୍ଯ୍ୟ ଲାଗେ । ଆଜି ଗୋଟିଏ ଦେଶରେ ଅନେକ ଶିଷ୍ୟ ଥିବା ଜଣେ ଗୁରୁଙ୍କୁ ଜଗଦ୍ଗୁରୁ କହୁଛନ୍ତି, କମ୍ ଶିଷ୍ୟ ଥିଲେ ତାଙ୍କୁ କହୁନାହାନ୍ତି । ଶିଷ୍ୟମାନେ ଅଧିକ ଥିଲେ ଜଣେ ଖୁବ୍ ଜଲ୍‌ଦି ଜଗଦ୍ଗୁରୁ ହୋଇପାରେ ବୋଲି କହିପାରିବା । ସେଥିଲାଗି କେତେକ ଗୁରୁ ଗାଆଁ ଗାଆଁ ବୁଲି, ଲୋକଙ୍କୁ ଡାକି ଉପଦେଶ ଦେଇ ଶିଷ୍ୟମାନଙ୍କ ସଂଖ୍ୟା ବଢାଇବାରେ ଲାଗିପଡିଛନ୍ତି । ଗୁରୁ ହୋଇ ମଧ ଜ୍ଞାନକହିବା ଛାଡି ଶିଷ୍ୟମାନଙ୍କ ସଂଖ୍ୟା ବଢାଇବା ହିଁ ଆମ କାମ କହିବା ଭଳି, ଶିଷ୍ୟମାନଙ୍କ ସଂଖ୍ୟା ବଢାଇବା ସେମାନଙ୍କ କାର୍ଯ୍ୟ ହୋଇଯାଇଛି । ଗୁରୁ କହିଲେ ଯିଏ ଜ୍ଞାନକହେ କି ଉପଦେଶ ଦିଏ, କି ଯିଏ ଜ୍ଞାନ କହି ଉପଦେଶ ଦିଏ ବୋଲି ବିଚାରବନ୍ତ ମାନଙ୍କଠାରେ ନିଶ୍ଚୟ ସନ୍ଦେହ ଆସିଥାଏ । ଏହି ସନ୍ଦେହର ସମାଧାନ ମିଳିଗଲେ ଗୁରୁ କିଏ, ଜଗଦ୍ଗୁରୁ କିଏ ଜାଣି କାହାକୁ ଆଶ୍ରୟ କରିବା ଉଚିତ୍ ଜାଣିହେବ । ମୋକ୍ଷପାଇଁ ମାନବଗୁରୁଙ୍କୁ ଆଶ୍ରୟ କରିବା ଅତି ମୁଖ୍ୟବିଷୟ ହୋଇଥାଏ । ମିଳିଥିବା ଗୁରୁ ଅନୁସାରେ ମାର୍ଗ ମଧ ମିଳିଥାଏ । ତେଣୁ ପ୍ରକୃତ ଗୁରୁଙ୍କୁ ଚୟନ କରିବାବେଳେ ପ୍ରକୃତ ମାର୍ଗ ମିଳିପାରିବ । ତେଣୁ ଆମେ ଗୁରୁ ବୋଲି କହୁଥିବା ଲୋକମାନଙ୍କୁ ଟିକିଏ ପରିଶୀଳନ କରି ଦେଖିବା ।

ଆମରି ଦେଶରେ ଅନେକ ଗୁରୁ ଅଛନ୍ତି । ସେମାନଙ୍କ ଭିତରୁ କେତେକ ଗୁରମାନେ କୌଣସି କାର୍ଯ୍ୟ କଳ୍ପନା କରି ଅର୍ଥାତ୍ କୌଣସି ଏକ ନିର୍ମାଣ କରିବା, କରାଇବାଠାରୁ ଆରମ୍ଭକରି, ସେଥିପାଇଁ ଗାଆଁ ଗାଆଁ ବୁଲି ଚାନ୍ଦା ଅସୁଲ କରିବା କାର୍ଯ୍ୟରେ ଲାଗିପଡିଥା'ନ୍ତି, ସେ କାର୍ଯ୍ୟ ଶେଷହେଲା ପରେ କୌଣସି ମୁର୍ତ୍ତି ସ୍ଥାପନ କରିବା କିମ୍ବା ପୂଜା, ଯାଗ ଯଜ୍ଞାଦି କରିବା ନିମନ୍ତେ ଅନ୍ୟ ଉପରେ ଆଧାରହେବା କାର୍ଯ୍ୟରେ ଲାଗିପଡିଥା'ନ୍ତି ।

ଆଉକେତେକ ଡ୍ରାମା ଆକ୍ଟରମାନେ ନାଆଁ ଦେବା ଭଳି, ଆମ ପ୍ରବଚନର ମୂଲ୍ୟ ଏତିକି ବୋଲି ମୂଲ୍ୟ ନିର୍ଦ୍ଧାରଣ କରି ପ୍ରବଚନ ଦେବା କାର୍ଯ୍ୟ କରିଥା'ନ୍ତି । ଡ୍ରାମା ଆକ୍ଟର ତା ଡାଇଲଗ୍ ଘୋଷି ମୁଖସ୍ଥ କରି କହିବା ଭଳି, କେତେକ ଗୁରୁମାନେ କାହାର ଲେଖାକୁ ମନେରଖି ଷ୍ଟେଜ୍ ଉପରେ ତାହା କହି ସେମାନଙ୍କ ପ୍ରାପ୍ୟ ନେବା, ଆଶ୍ରମକୁ ଆସିବା ପରେ ପୁଣି କେଉଁ ନୂଆ ବିଷୟ ମନେରଖିବା କାର୍ଯ୍ୟରେ ଲାଗିଥା'ନ୍ତି । ଆକ୍ଟର ଡାଇଲଗ୍ ମନେରଖି ଷ୍ଟେଜ୍ ଉପରେ ନିତି କହୁଥିଲେ ମଧ୍ୟ ତା ବାସ୍ତବ ଜୀବନରେ ସେ ସେଭଳି ହୋଇନଥିବା ଭଳି, ଏମାନଙ୍କ ପ୍ରବଚନ ଷ୍ଟେଜ୍ ଉପରେ ଥାଏ ସିନା ଜୀବନଚର୍ଯ୍ୟାରେ ନଥାଏ । ଏଭଳି ଅନେକ ପ୍ରବଚନ କହିଥିବା ଜଣେ ଗୁରୁଙ୍କୁ ଆମେ ଭେଟି ଆପଣ ଆପଣଙ୍କ ପ୍ରବଚନରେ ଯାହା କହୁଛନ୍ତି ତାହା ଆପଣଙ୍କ ସ୍ୱଭାବରୁ ଦେଖିବାକୁ ମିଳୁନାହିଁ ବୋଲି ସିଧା ପଚାରିଲୁ, "ଆପଣ ଈଶ୍ୱର ନାହାନ୍ତି କି ଭୂତପ୍ରେତ ନାହାନ୍ତି" ବୋଲି କହିଛନ୍ତି, ଯଦି ଈଶ୍ୱର ନାହାନ୍ତି ତେବେ ଗୀତାଯଜ୍ଞ ନାମରେ ଆପଣ କେଉଁ ପ୍ରବଚନ କହୁଛନ୍ତି ? ବୋଲି ପଚାରିବା ବେଳେ, "ବାସ୍ତବରେ ଈଶ୍ୱରଙ୍କ ଉପରେ ମୋର ଭରସା ନାହିଁ, ଲୋକେ ଜ୍ଞାନ ଶୁଣିବାକୁ ଇଚ୍ଛା କରୁଛନ୍ତି, ସେଥିପାଇଁ ଟଙ୍କା ମଧ୍ୟ ଦେଉଛନ୍ତି, ସେଥିଲାଗି ସେମାନଙ୍କୁ ସୁହାଇଲା ଭଳି ଆମେ ଜ୍ଞାନ କହୁଛୁ,ସେମାନଙ୍କର ଜ୍ଞାନ ଦରକାର,ଆମର ଟଙ୍କା ଦରକାର ସେଥିଲାଗି ଆମକୁ ସେଭଳି କଥା କହିବାକୁ ପଡୁଛି" ବୋଲି କହିଥିଲେ । ଏମାନେ ମଧ୍ୟ କେତେକଙ୍କ ନଜରରେ ଗୁରୁ ହୋଇ ରହିଥା'ନ୍ତି ।

ଆଉକେତେକ ସମାଜ ନିୟମରେ ବଞ୍ଚିନପାରି ସନ୍ନ୍ୟାସୀ ହୋଇଥା'ନ୍ତି, ସେମାନଙ୍କ ଦୃଷ୍ଟିରେ ସନ୍ନ୍ୟାସତ୍ୱ ହିଁ ଗୁରୁତ୍ୱ । ଯାହା ଧଳା ଦେଖାଯାଉଛି ତାହା ଦୁଧ, ଯାହା କଳା ଦେଖାଯାଉଛି ତାହା ଅଙ୍ଗାର ବୋଲି ବିଶ୍ୱାସ କରୁଥିବା ଲୋକମାନେ ମଧ୍ୟ ସନ୍ନ୍ୟାସୀମାନଙ୍କୁ ଭ୍ରମରେ ଗୁରୁ ଭାବନା କରିଥା'ନ୍ତି । ସେଥିଲାଗି କଷାୟ ପିନ୍ଧିଥିବା ଅନେକ ଚୋର, ଡକାୟତଙ୍କୁ, ହତ୍ୟାକରି ଲୁଚି ସନ୍ନ୍ୟାସୀ ଜୀବନ ବିତାଉଥିବା ଲୋକମାନଙ୍କୁ ଅନେକଲୋକ ଆଶ୍ରୟକରି ଗୁରୁ ଭାବିଥା'ନ୍ତି ସିନା, ସେମାନଙ୍କ ଅସଲିରୂପ ଚିହ୍ନିପାରନ୍ତି ନାହିଁ; ତଥାପି ଜ୍ଞାନ ଜଣାଥିବା କେତେକ ସନ୍ନ୍ୟାସୀ ଅଛନ୍ତି, ଲୋକଙ୍କୁ ଠକୁଥିବା ସନ୍ନ୍ୟାସୀମାନେ ମଧ୍ୟ ସମାଜରେ ଅନେକ ଅଛନ୍ତି ।

ଏମିତି ଅନେକଲୋକ ଆଜି ଗୁରୁ ଭାବରେ ପରିଗଣିତ ହେଉଥିବା ସ୍ଥଳେ, ଆଜିର ଲୋକମାନେ ମଧ୍ୟ ଗୁରୁଙ୍କଠାରୁ ଆମକୁ କ'ଣ ମିଳିବ, କେଉଁ ଜଣେ ଗୁରୁପାଖରେ ଶିଷ୍ୟ ହୋଇଗଲେ ହେଲା, ଜଣେ ଗୁରୁ ମିଳିଗଲେ ହେଲା ଭାବ ନେଇ କୌଣସି ଏକ ଗୁରୁ ବୋଲାଉଥିବା ଲୋକକୁ ଆଶ୍ରୟକରି ତାଠାରୁ ଉପଦେଶ (ଦୀକ୍ଷା) ନେଇଯାଉଛନ୍ତି । ଆମକୁ ଶିଷ୍ୟ ମିଳିଗଲେ ହେଲା ଭାବ ନେଇ ରହିଥିବା ଗୁରୁମାନେ ମଧ୍ୟ ସେମାନଙ୍କୁ ତୁରନ୍ତ ଦୀକ୍ଷା ଦେଇ, ଏବେ ତୁମେମାନେ ମୋର ଶିଷ୍ୟ ହୋଇଗଲ, ଅନ୍ୟ କୌଣସି ଗୁରୁ ପାଖକୁ ଆଉ ଯିବ ନାହିଁ, ମୋ କଥା, ମୋ ଲେଖା ଛଡା କାହା କଥା ଶୁଣିବା ଗୁରୁଦ୍ରୋହ ହେବ ବୋଲି କହିଥା'ନ୍ତି । ଏଭଳି ଗୁରମାନଙ୍କର ଦରକାର ହୁଅନ୍ତି କେବଳ ଶିଷ୍ୟମାନେ, ସେହିଭଳି ଶିଷ୍ୟମାନଙ୍କର ମଧ୍ୟ କେବଳ ଗୁରୁ ଦୀକ୍ଷା ଦରକାର ହୋଇଥାଏ । ସେମାନେ ବାସ୍ତବରେ ଜ୍ଞାନ କ'ଣ, ଧର୍ମ କ'ଣ, ଦୈବ ବା ଈଶ୍ୱର କ'ଣ ବୋଲି ଜାଣିନଥା'ନ୍ତି ।

ଆଉ ଜଗଦ୍ଗୁରୁ ବିଷୟ ଆଲୋଚନା କଲେ, ଗୋଟିଏ ପରିବାରରେ ଜନ୍ମ ହୋଇଥିବା ବ୍ୟକ୍ତିକୁ ସେହି ବଂଶର ସାଙ୍ଗିଆ ପରମ୍ପରା କ୍ରମେ ମିଳୁଥିବା ଭଳି, ଏକ ପିଠରେ ବସିଥିବା ଛୋଟ ବୟସର ବ୍ୟକ୍ତିକୁ ମଧ୍ୟ ପିଠାଧିପତି

ନାଆଁ ମିଳିଯାଉଛି । ଗୋଟିଏ  ପିଠରେ ବସିଥିବା ବ୍ୟକ୍ତିକୁ ବା ଗୁରୁକୁ ଜଗଦ୍ଗୁରୁ କହିବା, ସେ ମୃତ୍ୟୁବରଣ କରିବା ପରେ ସେ ପିଠରେ ଆଉଜଣେ ବସିଲେ ବଂଶ ପରମ୍ପରାର ସାଙ୍ଗିଆ ମିଳିବା ଭଳି ତାକୁ ମଧ୍ୟ ଜଗଦ୍ଗୁରୁ କହିବା ଦେଖାଯାଏ । ଏକଥା ମିଛ ନୁହେଁ, ଏଭଳି ଗୁରମାନେ ମଧ୍ୟ ଆଜି ଅନେକ ଅଛନ୍ତି । ଏପରି ବଂଶର ସାଙ୍ଗିଆ ମିଳିବା ଭଳି କେତେକ ବାସ୍ତବରେ ଗୁରୁ କିମ୍ବା ଜଗତ୍‌ଗୁରୁ ନହୋଇ ମଧ୍ୟ ଜଗତ୍‌ଗୁରୁ ହୋଇଯାଉଛନ୍ତି, ପ୍ରଜାମାନେ କିଛି ଆଲୋଚନା ନକରି ସେମାନଙ୍କୁ ଜଗଦ୍ଗୁରୁ କହୁଛନ୍ତି । ବାସ୍ତବରେ ଜଗଦ୍ଗୁରୁ କହିଲେ କଅଣ ? ସତରେ କ'ଣ କେହି ଜଗତର ଗୁରୁ ଅଛନ୍ତି ! ବୋଲି ବିଚାରକଲେ ତାର ବିବରଣ ନିମ୍ନମତେ ଜଣାଯାଏ ।

ଯାହା ଜଣା ନାହିଁ ତାହାକୁ ଆମେ ରହସ୍ୟ ବୋଲି କହୁଛେ । ରହସ୍ୟ ଶବ୍ଦକୁ ଆଜି ଅପେକ୍ଷା ସେତେବେଳେ **ଗୁହ୍ୟ** ନାମରେ ଅଧିକାଂଶ ବ୍ୟବହାର କରୁଥିଲେ । ଗୁହ୍ୟ କହିଲେ ରହସ୍ୟ ବୋଲି ଆଜି ମଧ୍ୟ ଅର୍ଥ ମିଳିଥାଏ । ମାନବକୁ ଯାହା ଜଣା ନାହିଁ ତାହା ରହସ୍ୟ ବା ଗୁହ୍ୟ । ମାନବ ଜନ୍ମହେବା ବେଳେ ତାକୁ କିଛି ଜଣାନଥାଏ, କିନ୍ତୁ ତାର ବୟସ ବଢିବା କ୍ରମେ ସେ ଅନେକ ବିଷୟକୁ  ଅନ୍ୟମାନଙ୍କଠାରୁ ଶୁଣିଥାଏ, ଜାଣିଥାଏ । ଆମେ ସ୍କୁଲ୍ ଯାଉଛେ ସେଠାରେ ଅନେକ ଜଣାନଥିବା ବିଷୟକୁ ଜାଣୁଛେ, ତାହା ନଜାଣିବା ପର୍ଯ୍ୟନ୍ତ କ'ଣ ବୋଲି ଆମକୁ ଜଣାନଥାଏ । ସେହି ରହସ୍ୟ ବିଷୟକୁ ଯିଏ ଜଣାଇଥାନ୍ତି ତାଙ୍କୁ ସ୍କୁଲରେ ଆମେ ଗୁରୁ କହୁଛେ । ଗୁରୁ ନାମକ ଶବ୍ଦ ପୂର୍ବେ କିପରି ଥିଲା ବୋଲି ବିଚାରକଲେ ! **ଯାହା ଜଣା ନାହିଁ ତାହା ରହସ୍ୟ ବା ଗୁହ୍ୟ, ଏହି ଦୃଷ୍ଟିରୁ ଗୁହ୍ୟ ବିଷୟକୁ କହୁଥିବା ପାତ୍ରକୁ ଗୁରୁ କହିବା ହୋଇଛି** । ଯେଉଁଠାରେ ଗୁହ୍ୟ ବିଷୟ ରହିଛି  ସେଠାରେ  ନିଶ୍ଚୟ ଜଣେ ଗୁରୁ ଦରକାର, ନଚେତ ସେ ବିଷୟ ଆମେ ଜାଣିପାରିବା ନାହିଁ । ଅଜଣା କୌଣସି ବିଷୟକୁ ଜାଣିବାକୁ ହେଲେ ଗୁରୁ ଆବଶ୍ୟକ । ସେଥିଲାଗି ପଢିବା ପାଇଁ ଜଣେ ଗୁରୁ, ମେକାନିକ୍ କାମ

ଶିଖିବା ପାଇଁ ଜଣେ ଗୁରୁ, ଆଖଡା ଶିଖିବା ପାଇଁ ଜଣେ ଗୁରୁ, ବୈଦ୍ୟ ପାଇଁ ଜଣେ ଗୁରୁ ଏଭଳି ଅନେକ ପ୍ରକାରର ଗୁରୁ ଆମ ଭୌତିକ ଜୀବନରେ ଦେଖାଦେଇଥା'ନ୍ତି ।

**ମାନବଜୀବନ ପାଇଁ ବ୍ରହ୍ମବିଦ୍ୟା ଗୁହ୍ୟର ଗୁହ୍ୟ ହୋଇ, ଅର୍ଥାତ୍ ରହସ୍ୟର ରହସ୍ୟ ହୋଇ ରହିଛି ବୋଲି ଭଗବଦ୍ଗୀତା କହିଛି ।** ଭୌତିକ ବିଦ୍ୟାରେ ଅଜଣା ରହସ୍ୟଗୁଡିକୁ ଜଣାଇବା ପାଇଁ ଅନେକ ଗୁରୁ ରହିଥିବା ଭଳି, ବ୍ରହ୍ମବିଦ୍ୟା ଶିଖାଇବା ପାଇଁ ମଧ୍ୟ ଗୁରୁ ନିହାତି ଆବଶ୍ୟକ । ବ୍ରହ୍ମବିଦ୍ୟା ଶିଖାଇବା ପାଇଁ ଗୁରୁ ନରହିଲେ ବ୍ରହ୍ମବିଦ୍ୟା ସର୍ବଦା ରହସ୍ୟର ରହସ୍ୟ ବା ଗୁହ୍ୟର ଗୁହ୍ୟ ହୋଇ ରହିଯିବ । ଏଭଳି ଭୌତିକ ବିଦ୍ୟାରେ, ବ୍ରହ୍ମବିଦ୍ୟାରେ ଗୁହ୍ୟକୁ ଜଣାଉଥିବା ପାତ୍ର (ମନେ ପକାଇବା ପାତ୍ର)କୁ **ଗୁର୍ତ୍ତୁ** ନାମରେ କହୁଥିଲେ । ବ୍ରହ୍ମବିଦ୍ୟାକୁ ମନେ ପକାଇଦେଉଥିବା ବ୍ୟକ୍ତିକୁ ସେତେବେଳେ ଭାଷାରେ ଗୁର୍ତ୍ତୁ କହିବା ତାହା କାଳକ୍ରମେ ଗୁରୁ ହୋଇଯିବା ସହିତ ଗୁରୁ ଶବ୍ଦ କହିବା ମଧ୍ୟ ସହଜ ହୋଇଯାଇଛି ।

ସେତେବେଳେ **ଗୁର୍ତ୍ତୁ** କୁହାଯାଉଥିବା ଶବ୍ଦ ଆଜି ଗୁରୁ ହୋଇଛି ବୋଲି ଗ୍ରହଣ କରିବା ଉଚିତ୍ । **ଗୁର୍ତ୍ତୁ** କହିଲେ ମନେ ପକାଇବା । ଏହି ଶବ୍ଦ ଆଜି ମଧ୍ୟ ଭାରତୀୟ ଭାଷାରେ ମନେପକାଇବା ଅର୍ଥଦିଏ । ସେହି ଅନୁସାରେ ଥିବା ରହସ୍ୟ ବିଷୟକୁ ଯିଏ ଜଣାଇଥା'ନ୍ତି ସେ ଗୁରୁ, ବାପା ଶବ୍ଦ ଆଜି ବାବା ହେବା ଭଳି ଗୁର୍ତ୍ତୁ ଶବ୍ଦ ଗୁରୁ ହୋଇଯାଇଛି, ଏହା ମିଛକଥା ବୋଲି ଭାବନ୍ତୁ ନାହିଁ, ଆଖି ଅନୁସାରେ ଦୃଷ୍ଟି ରହିଥାଏ ।

ଅନେକ ଜଣ ଶିଷ୍ୟସଂଖ୍ୟା ଅନୁସାରେ କିମ୍ବା ପିଠ ପରମ୍ପରା ଅନୁସାରେ ଆଜି ଜଗଦ୍ଗୁରୁ କୁହାଯାଉଥିବା ଭଳି ସେତେବେଳେ କୁହାଯାଉ ନଥିଲା । **ସାରା ଜଗତ ପାଇଁ କାର୍ଯ୍ୟକାରୀ ହେଉଥିବା ଜ୍ଞାନକୁ ଯିଏ ଜଣାଉଥିଲେ ତାଙ୍କୁ ଜଗଦ୍ଗୁରୁ କୁହାଯାଉଥିଲା** । ଏଭଳି ଯିଏ ଜଗଦ୍ଗୁରୁ ହୋଇଥା'ନ୍ତି ତାଙ୍କର ଶିଷ୍ୟମାନେ ଥାଇପାରନ୍ତି, ନଥାଇପାରନ୍ତି । କୌଣସି

ପିଠ ଅନୁସାରେ କିମ୍ବା ଶିଷ୍ୟମାନଙ୍କ ସଂଖ୍ୟା ଅନୁସାରେ ଏହି ଉପାଧି ମିଳୁନଥିଲା, ବୋଧ କରୁଥିବା ବାଣୀ (ଜ୍ଞାନ) ଅନୁସାରେ ମିଳୁଥିଲା । ସେହି ଦୃଷ୍ଟିରୁ ଶ୍ରୀକୃଷ୍ଣ ଜଗଦ୍ଗୁରୁ ହୋଇପାରିଥିଲେ । ଅନେକ ମହର୍ଷିଗଣ ମଧ୍ୟ ଶ୍ରୀକୃଷ୍ଣଙ୍କୁ ଜଗଦ୍ଗୁରୁ ବୋଲି କହିଥିଲେ । ସେଦିନ ତାଙ୍କର କେହି ଜଣେ ମଧ୍ୟ ଶିଷ୍ୟ ନଥିଲେ, କିନ୍ତୁ ସେ କହିଥିବା ଜ୍ଞାନ ଜଗତର ଜୀବରାଶି ସମ୍ବନ୍ଧୀୟ ଜ୍ଞାନ ଥିଲା, ସେଥିଲାଗି ସେ ଜଗଦ୍ଗୁରୁ ହୋଇପାରିଥିଲେ । ଆଜି ରହିଥିବା ଜଗଦ୍ଗୁରୁମାନେ କେବଳ ମାନବକୁ ମଧ୍ୟ ସମାନ ଚକ୍ଷୁରେ ଦେଖୁନାହାନ୍ତି, ସେମାନଙ୍କ ଜ୍ଞାନ କୌଣସି ଗୋଟିଏ ମତର ଏକ ବର୍ଗ ପାଇଁ ସିମୀତ ହୋଇଥାଏ । ସେମାନଙ୍କ ଜ୍ଞାନ ଜଣକ ପାଇଁ ଗୋଟିଏ ହେଲେ, ଆଉ ଜଣକ ପାଇଁ ଆଉ ଗୋଟିଏ ହୋଇଥାଏ । ଜ୍ଞାନ ଶିଖିବାର ଅନେକ ନିୟମ ରଖି, ସିଏ ସେଭଳି ଶିଖିବା ଉଚିତ୍, ଇଏ ଏଭଳି ଶିଖିବା ଉଚିତ୍ କହି ଗୋଟିଏ ମତ ଭିତରେ ଅନେକ ଫାଟ ସୃଷ୍ଟି କରୁଛନ୍ତି । ଜାତି, ମତର ଫାଟ ଭିତରେ ଲୋକମାନଙ୍କୁ ବାଣ୍ଟି, ଅମୁକ ଲୋକମାନେ ପାଦଛୁଇଁ ମୁଣ୍ଡିଆ ମାରିବେ, ଅମୁକ ଲୋକ ପାଦ ନଛୁଇଁ କେବଳ ନମସ୍କାର କରିବେ, ଆଉ କିଛି ଲୋକ ଦୂରରୁ ଦଣ୍ଡବତ କରିବେ ଏଭଳି ଅନେକ ନିୟମ ରଖୁଛନ୍ତି, ସେମାନଙ୍କ ଦୃଷ୍ଟିରେ ଉଚ୍ଚନୀଚର ତାରତମ୍ୟ ରହିଛି, ତେଣୁ ସେମାନେ ଛୋଟ ଜାତିର ଲୋକ ଭକ୍ତିରେ କିଛି ଦେଲେ ମଧ୍ୟ ତାହା ଛୁଇଁ ନେଇପାରୁ ନାହାନ୍ତି । ଏଭଳି ସେମାନଙ୍କ ବାଣୀରେ ସର୍ବ ଜୀବରାଶି ସମ୍ବନ୍ଧୀୟ ଜ୍ଞାନ ରହିବା ଦୂରେଥାଉ କେବଳ ମାନବ ଭିତରେ ସମାନ ହୋଇ ରହିପାରୁ ନାହିଁ; ତଥାପି ସେମାନେ ଜଗଦ୍ଗୁରୁ ବୋଲାଉଛନ୍ତି । ଏହାର କାରଣ ! ଆମକୁ ଜଗଦ୍ଗୁରୁ ଶବ୍ଦର ଅର୍ଥ କଅଣ ଅଜଣା ରହିବା ବୋଲି ଜଣାଯାଉଛି । ଚୈତନ୍ୟଯୁକ୍ତ ପ୍ରତ୍ୟେକ ଜୀବରାଶି ପାଇଁ କାର୍ଯ୍ୟକାରୀ ହେଉଥିବା ଜ୍ଞାନକୁ ଯିଏ ଜଣାଉଛି, ଆତ୍ମା ନିବାସ କରୁଥିବା ପ୍ରତ୍ୟେକ ଜୀବରାଶିର ଦୁଃଖସୁଖ, ପାପପୁଣ୍ୟ, ସୁଗୁଣ ଦୁର୍ଗୁଣର ବିବରଣକୁ ଯିଏ ଜଣାଉଛି, ଜୀବଜଗତର

ଆଖିରେ ଯିଏ ସମସ୍ତଙ୍କୁ ସୁହାଇବା ଜ୍ଞାନ କହୁଛି ତାକୁ ଜାଣିପାରିଲେ ସେ ହିଁ ଜଗଦ୍ଗୁରୁ ବୋଲି କହିପାରିବା । ସର୍ବ ଜୀବରାଶି କହିଲେ କେବଳ ମାନବ ନୁହେଁ ! ଜୀବ ଥିବା କୌଣସି ପ୍ରାଣୀ ବୋଲି କହିପାରିବା । ସମସ୍ତଙ୍କ ପାଇଁ କାର୍ଯ୍ୟ କରୁଥିବା ଏହି ପ୍ରକାରର ଜ୍ଞାନକୁ ସେଦିନ ଶ୍ରୀକୃଷ୍ଣ ଭଗବଦ୍ଗୀତାରେ ସମ୍ପୂର୍ଣ୍ଣ ଭାବରେ ଜଣାଇଥିଲେ, ତେଣୁ ଶ୍ରୀକୃଷ୍ଣ ଜଗଦ୍ଗୁରୁ ହୋଇପାରିଥିଲେ । ଜଗତକୁ ରହସ୍ୟ ତଥ୍ୟ ଯୋଗଉଥିବା ପାତ୍ର ହିଁ ଜଗଦ୍ଗୁରୁ, ସମସ୍ତ ଭାଷାରେ ତାଙ୍କୁ ହିଁ ଜଗଦ୍ଗୁରୁ କହିପାରିବା ।

**ଗୁର୍ଡୁ = ଗୁରୁ, ଗୁରୁଡୁ = ଗୁରୁ, ଜଗଦ୍ଗୁର୍ଡୁ = ଜଗଦ୍ଗୁରୁ**

*****

# ସମତା - ସାମତା - ସାମେତା

# (ତୁଳନାତ୍ମକ ରଢି)

(ତୁଳନାତ୍ମକ ରଢିର ତେଲୁଗୁ ଶବ୍ଦ ହେଉଛି ସାମେତା । ତାହା ପୂର୍ବେ ସମତା ଭାବରେ ଥିଲା, କିନ୍ତୁ ପରେ ସାମତା ହୋଇ ଆଜି ସାମେତା ହୋଇଯାଇଛି । ସାମେତା ବା ତୁଳନାତ୍ମକ ରଢିର ଏକ ଉଦାହରଣ ଏହି ବିଷୟରେ ରହିଛି)

ଆମେ ସବୁବର୍ଷ ଅଗଷ୍ଟ, ସେପ୍ଟେମ୍ବର ମାସରେ ଆସୁଥିବା ଗଣେଶ ପୂଜାକୁ ବଡ ଉତ୍ସାହର ସହିତ ପାଳନ କରୁଛେ । ଆଜି ଇନ୍ଦୁ (ହିନ୍ଦୁ)ମାନଙ୍କର ଅତି ପ୍ରିୟ ହୋଇଥିବା ଏହି ପର୍ବ ବାବଦରେ ଅନ୍ୟ ମତାବଲମ୍ବୀ ମାନଙ୍କର ବିମର୍ଶ ମଧ୍ୟ ଅନେକ ରହିଛି । ସେହିଭଳି କେତେଜଣ ବିମର୍ଶକ ଆମ ପାଖକୁ ଆସି **"ଆମେ ଜାଣିବାକୁ ପାଇଛୁ ଯେ, ଆପଣ ସମ୍ପୂର୍ଣ୍ଣ ସତ୍ୟ ହୋଇଥିବା ବିଷୟସବୁ ଜଣାନ୍ତି, ଯାହାକୁ କେହି କାଟି ପାରନ୍ତି**

**ନାହିଁ, ଆମେ କିଛି ପ୍ରଶ୍ନ ନେଇ ଆସିଛୁ । ଦୟାକରି ତାର ଉତ୍ତର ଆମକୁ ଦେଇପାରିବେ କି"** ବୋଲି ପଚାରିଥିଲେ । ସେତେବେଳେ ମୁଁ ସତ୍ୟ ସମେତ ଜ୍ଞାନ ବିଷୟକୁ ଜଣାଇବା ମୋ ଜୀବନର କର୍ତ୍ତବ୍ୟ ବୋଲି ଭାବି ନେଇଛି, ଯଦି ଆପଣମାନଙ୍କ ପ୍ରଶ୍ନର ଜବାବ ଯଦି ମୋ ପାଖରେ ଥାଏ ତେବେ ନିଶ୍ଚୟ କହିବି, ନଚେତ ଜାଣିନାହିଁ କହିବି ବୋଲି କହିଲି । ମୋକଥା ଶୁଣିବା ପରେ ସେମାନେ ଗଣେଶ ଚତୁର୍ଥୀ (ଗଣେଶପୂଜା) ବାବଦରେ ପଚାରିଥିଲେ । ସେମାନେ ପଚାରିଥିବା ପ୍ରଶ୍ନଗୁଡିକ ତଳେ ଅଛି ଦେଖନ୍ତୁ ।

୧) ହିନ୍ଦୁମତରେ ବିଘ୍ନେଶ୍ୱର (ଗଣେଶ) ପୂଜା କରନ୍ତି । ବିଘ୍ନ କହିଲେ ବାଧା, ବ୍ୟାଘାତ ବା ପ୍ରତିବନ୍ଧକ । ବିଘ୍ନେଶ୍ୱର କହିଲେ ସେଗୁଡିକର ଅଧିପତି, ସେଗୁଡିକର ଅଧିପତିକୁ ଶତ୍ରୁ ଭାବି ଘୃଣାକରିବା ବଦଳରେ କାହିଁକି ଲୋକେ ପୂଜା କରୁଛନ୍ତି ? ଦୁଷ୍ଟ ବଳବାନକୁ ଭୟକରି ତା'କୁ ଘୃଣା କରିବା ବଦଳରେ ତା'ର ଗୁଣଗାନ କରିବା ଭଳି, ବିଘ୍ନେଶ୍ୱରଙ୍କୁ ବିଘ୍ନର ଈଶ୍ୱର ବୋଲି ଭୟରେ ପୂଜା କରୁଛନ୍ତି ସିନା, ଭକ୍ତିରେ ପୂଜା କରୁ ନାହାନ୍ତି ବୋଲି ଲାଗୁଛି । ଏ ବାବଦରେ ଆପଣ କ'ଣ କହିବେ ।

୨) କେତେ ଭକ୍ତିରେ କେତେ ଧନ ଖର୍ଚ୍ଚ କରି ଅତି ସୁନ୍ଦର ଭାବରେ ତିଆରି କରିଥିବା ବିଘ୍ନେଶ୍ୱର (ଗଣେଶ)ଙ୍କୁ ଅନନ୍ୟ ଭକ୍ତିରେ ପୂଜା କରି ଆଗରୁ ଦେଖାଇଥିବା ଭକ୍ତିକୁ ପାଣିରେ ପକାଇଲା ଭଳି ଗଣେଶଙ୍କୁ ପାଣିରେ ଫିଙ୍ଗିଦେବା କ'ଣ ଉଚିତ୍ । ତୋ'କାମ ସରିଗଲା କହି ହାତ ଝାଡିଦେବାକୁ କ'ଣ ଭକ୍ତି କହନ୍ତି ?

୩) ଦଶଟଙ୍କା ଦେଇ ଦୈବଜ୍ଞାନ ଜଣାଉଥିବା ଗ୍ରନ୍ଥଟିଏ କିଣିବାକୁ କୁଣ୍ଠା କରୁଥିବା ଲୋକମାନଙ୍କୁ ଆପଣ ଦେଖୁଥିବେ, ସେମାନେ ହଜାର ହଜାର ଟଙ୍କା ଖର୍ଚ୍ଚକରି ଗଣେଶପ୍ରତିମା କିଣି ଶେଷରେ ତାକୁ ଭାଙ୍ଗି ପାଣିରେ ଫିଙ୍ଗିଦେଇ ସେମାନଙ୍କ ଟଙ୍କାକୁ ବୃଥା କରୁଛନ୍ତି । କେତେକ ବଳପୂର୍ବକ

ପ୍ରତିମା କିଣାହେବ କହି ଅନ୍ୟ ମାନଙ୍କଠାରୁ ଟଙ୍କା ଆଦାୟ କରନ୍ତି, ଜବରଦସ୍ତ ଟଙ୍କା ଆଦାୟ କରିବା କ'ଣ ଜବରଦସ୍ତ ଭକ୍ତିନୁହେଁ ?

୪) ଗୋଟିଏ ପ୍ରକାରର, ଗୋଟିଏ ପଦ୍ଧତିର ଅବୟବ ଯୁକ୍ତ ଆମେମାନେ, ଏକ ପରମେଶ୍ୱରଙ୍କ ସନ୍ତାନ ବୋଲି ଭଲିଯାଇ, ମତଦ୍ୱେଷ ବଢାଉଥିବା ଅଧ୍ୟାୟରେ ବିନାୟକ ଚତୁର୍ଥୀ ବା ଗଣେଶ ଚତୁର୍ଥୀକୁ ବ୍ୟବହାର କରୁଛନ୍ତି । ଜ୍ଞାନପ୍ରାପ୍ତ ଯୋଗୀ ଭାବରେ ଆପଣ ଏ ବାବଦରେ କ'ଣ କହିବେ ?

ଏଭଳି ପ୍ରଶ୍ନମାନ ପରିଥିବା ସେମାନଙ୍କୁ ଗଣେଶ ଚତୁର୍ଥୀ ବାବଦରେ ଆମକୁ କହିବାକୁ ପଡିଲା, ସେମାନଙ୍କ ପ୍ରଶ୍ନର ସଠିକ ସମାଧାନ ଦେଇ ନପାରିଲେ ଗଣେଶପୂଜା ବାବଦରେ ସେମାନଙ୍କ ହୃଦୟରେ ଥିବା ଭାବକୁ ଦୂର କରିପାରିବା ନାହିଁ । ତେଣୁ ସେମାନଙ୍କୁ ବାସ୍ତବ କଥା କହିବାକୁ ପଡିଲା । ଯେତେବେଳେ ପ୍ରପଞ୍ଚର ଜନ୍ମ ହେଲା ସେତେବେଳେ କୌଣସି ମତ (ଧର୍ମ) ନଥିଲା । ଦେବତାମାନେ ନଥିଲେ, କିନ୍ତୁ ଦୈବ ବା ପରମାତ୍ମା କେହିଜଣେ ଅଛି ବୋଲି ସମସ୍ତେ ଜାଣିଥିଲେ । କିଛିଦିନ ପରେ ସେହି ଭାବ ମଧ୍ୟ ମଣିଷଠାରୁ ଲୋପ ପାଇବାକୁ ଲାଗିଲା । ସେହି ସମୟରେ ତତ୍ତ୍ୱବେତ୍ତା ହୋଇଥିବା ମହାତ୍ମାମାନେ ବିଚରକରି, ଅଜ୍ଞାନର ବୀଜକୁ ସମାଜରୁ କାଢିଦେବା ପାଇଁ, ଦୈବତ୍ୱ ବାବଦରେ କିଛି ପ୍ରଚର କରିବାକୁ ଭାବିଲେ । ପରମାତ୍ମାଙ୍କର ରୂପ ନାହିଁ, ତେଣୁ ମୁଖନାକ ନଥିବା ଏକ ଗୋଲାକାର ପଥରକୁ (ଲିଙ୍ଗକୁ) ପ୍ରତୀକ ଭାବରେ ରଖି, ପରମାତ୍ମା ଏହିଭଳି ଅରୂପ ବୋଲି ବୋଧ କରିଥିଲେ । ତାଙ୍କର ନାଆଁ ନାହିଁ, ତେଣୁ ସେହି ପଥରକୁ (ଲିଙ୍ଗକୁ) ଈଶ୍ୱର ବୋଲି କହିଥିଲେ । ଏହିଭଳି ସର୍ବସ୍ୱର ଅଧିପତି ଜଣେ ରହିଛି, ସେ ହିଁ ପରମାତ୍ମା ବୋଲି ସେଦିନର ବଡମାନେ ରୂପହୀନ ପଥରକୁ ପରମାତ୍ମାଙ୍କର ପ୍ରତୀକ ଭାବରେ ଚିହ୍ନାଇ ଦୈବତ୍ୱକୁ ପ୍ରଚର କରିଥିଲେ ।

ଏଭଳି ଜ୍ଞାନଦୃଷ୍ଟିରୁ କାହିଁକି ସଙ୍ଘଦୃଷ୍ଟିରୁ ମଧ୍ୟ ମାନବକୁ ଉନ୍ନତ ଦିଗରେ ପରିଚାଳିତ କରିବା ପାଇଁ ସେତେବେଳର ବଡମାନେ ନାନା କୃଷି କରିଥିଲେ । ଆମେ ଆଜି ଅନେକ **ରୂଢ଼ି** ବାକ୍ୟକୁ ଆମ କଥା ପ୍ରସଙ୍ଗରେ ବ୍ୟବହାର କରୁଛେ । ଏହି ରୂଢ଼ି ହେଉଛି ଏକ ତୁଳନା । ଗୋଟିଏ କଥା କହିବାବେଳେ ସେହି କଥାର ଅନ୍ତରାଳରେ ଅସଲକଥା ଲୁଚି ରହିଥାଏ । ଉଦାହରଣ ସ୍ୱରୂପ କୌଣସି କଥାପ୍ରସଙ୍ଗରେ କହିବାବେଳେ **"ଲେମ୍ବୁ ଅତି ଚିପୁଡିଲେ ପିତା"** ବୋଲି ଆମେ କହୁଛେ । ଏଠାରେ ଚାଲିଥିବା ପ୍ରସଙ୍ଗ ସହିତ ଲେମ୍ବୁର ସମ୍ପର୍କ ନାହିଁ, କିନ୍ତୁ କୁହାଯାଇଥିବା ଏହି ରୂଢ଼ିର ଅନ୍ତରାଳରେ ଅଛି ଯେ, ଯାହା ଅତ୍ୟଧିକ ହୋଇଯାଏ ତାହାର ଉପକାରିତା ହ୍ରାସ ପାଇଥାଏ । ସେଥିଲାଗି ଅତି ସର୍ବତ୍ର ଗର୍ହିତମ୍ ବୋଲି ମଧ୍ୟ କହିଥା'ନ୍ତି । ସେହିଭଳି ଅତି ଲୋଭ, ଅତି କଷ୍ଟ, ଅତିବାଦ ମଧ୍ୟ ରହିଛି, ଅର୍ଥାତ୍ ଅତି ବା ଅତ୍ୟଧିକ ସନ୍ଦର୍ଭ ଆସିବା ବେଳେ ଏହି ଲେମ୍ବୁକଥା କହିଥା'ନ୍ତି । କାରଣ ଲେମ୍ବୁକୁ ଅତି ଚିପୁଡିଲେ ପିତା । ଏହା ସତକଥା । କିନ୍ତୁ ସନ୍ଦର୍ଭ ଅନୁସାରେ ଲେମ୍ବୁକୁ ନବୁଝି ଆଲୋଚିତ ହେଉଥିବା ବିଷୟକୁ ବୁଝିବା ଉଚିତ୍ । ଏହି ସନ୍ଦର୍ଭରେ ଜଣେ ଅନ୍ୟଜଣକୁ ଅଧିକ ଗାଳି ଦେଉଥିବା ସତ୍ତ୍ୱେ ଗାଳି ଶୁଣୁଥିବା ବ୍ୟକ୍ତି ଚୁପ୍‌ରହିଛି ବୋଲି ଭାବିବା । ସେତେବେଳେ ଗାଳି ଦେଉଥିବା ବ୍ୟକ୍ତି ପାଖରେ ତା'ର ସାଥି (ଏକ୍ସ) ଅଛି ବୋଲି ଭାବିଲେ, ସେତେବେଳେ ଏକ୍ସ ତା'ର ସାଥିକୁ ସେତିକି ହେଉ, ଆଉ ଗାଳି ଦିଏନାହିଁ, "ଲେମ୍ବୁ ଅତି ଚିପୁଡିଲେ ପିତା" ବୋଲି କହିଥାଏ । ଏଠାରେ ଲେମ୍ବୁର କାର୍ଯ୍ୟ ନଥିଲେ ମଧ୍ୟ ଏକ ତୁଳନା କରାଯାଇଛି । ଏହି ସନ୍ଦର୍ଭରେ ଲେମ୍ବୁ ହେଉଛି ଗାଳି, ଅତି ଚିପୁଡିବା ହେଉଛି ସେ ବ୍ୟକ୍ତି ଅବାରିତ ଭାବରେ ଅଧିକ ଗାଳିଦେବା, ପିତା କହିଲେ ଗାଳି ଶୁଣୁଥିବା ବ୍ୟକ୍ତି ତରଫରୁ କିଛି ପ୍ରତିଶୋଧ ଆସିପାରେ ବା ଗାଳି ଶୁଣୁଥିବା ବ୍ୟକ୍ତି ଅଧିକ ରାଗିଯାଇ କୌଣସି ଉଗ୍ର ପଦକ୍ଷେପ ନେଇପାରେ କିମ୍ବା ମାଡ ମାରିପାରେ । ଏହି ଉପଦ୍ରବରୁ ବଞ୍ଚାଇବା ଉଦ୍ଦେଶ୍ୟରେ ଲେମ୍ବୁ

ଅତି ଚିପୁଡିଲେ ପିତା ବୋଲି କୁହାଯାଇଥାଏ । ଏହିଭଳି କୌଣସି ବାକ୍ୟ ନିଜର ଅର୍ଥକୁ ଛାଡି କୌଣସି ଅନ୍ୟ ଅର୍ଥ ପ୍ରଦାନକଲେ ତାହାକୁ **ଋଢ଼ି** କୁହାଯାଏ । ଏହି ନିୟମରେ ସମାଜରୁ ମନ୍ଦକୁ ଦୂର କରିବା ପାଇଁ ସେଦିନର ବଡମାନେ ସମାଜରେ ଦୃଶ୍ୟରୂପରେ ମଧ୍ୟ କିଛି ପ୍ରଜାମଙ୍ଗଳ କାର୍ଯ୍ୟ କରିଥିଲେ । ସମାଜରେ ରହୁଥିବା ବଳହୀନ ମଣିଷକୁ ମୂଷା ସହିତ ତୁଳନା କରି, ହାତୀକୁ ବଳବାନ ଭାବରେ ଦେଖାଇଥିଲେ । ବଳବାନ ବଳହୀନ ଉପରେ ଅତ୍ୟାଚାର କରୁଛି କହିବା ଅନ୍ତରାଳରେ "ମୂଷା ପିଠିରେ ହାତୀ ସବାରୀ" ନାମକ ଋଢିଟିଏ କହୁଥିଲେ । ଏହା ଏକ ସଙ୍ଘବିଦ୍ରୋହ ଚର୍ଚ୍ଚା ହୋଇଥିବାରୁ ଏଭଳି କରିବା ଉଚିତ ନୁହେଁ ବୋଲି ଜଣାଇବା ପାଇଁ ଏ କଥାକୁ ଖାଲି ତୁଣ୍ଡରେ ନ କହି ଦୃଶ୍ୟରୂପରେ ଆଖିକୁ ଦେଖାଯିବା ଭଳି, ଗୋଟିଏ ଛୋଟ ମୂଷା ରଖି ତା'ଉପରେ ବଡ ହାତୀଟିଏ ବସିବା ଭଳି କରି, ଏ କଥାକୁ ସମସ୍ତେ ଜାଣି ପାରନ୍ତୁ ଉଦ୍ଦେଶ୍ୟରେ ଗାଆଁସାରା ବୁଲାଇ, ଶେଷରେ ଏହି ପଦ୍ଧତି ଉଚିତ ନୁହେଁ ଅର୍ଥରେ ସେହି ଦୃଶ୍ୟକୁ ବିନାଶ କରିଦେଉଥିଲେ, ସେମାନେ ସେଦିନ ମାଟିରେ ତିଆରି କରିଥିବା ମୂର୍ତ୍ତି ଯଦି ନିଆଁରେ ପୋଡିବେ ତେବେ ତାହା ଆହୁରି ଦୃଢ଼ (ଟାଣ) ହୋଇଯିବ, ପାଣିରେ ପକାଇଲେ ମିଳାଇଯିବ ବୋଲି ପାଣିରେ ପକାଇ ଦେଉଥିଲେ । ପାଣିରେ ପକାଇବା ଆଗରୁ ତାହା ପାଣିରେ କିପରି ଶୀଘ୍ର ନଷ୍ଟ ହେଉ ବା ମିଳାଇଯାଉ ବୋଲି ସେହି ମୂର୍ତ୍ତିର ହାତ, ଗୋଡ ଭାଙ୍ଗି ଦେଇ ସମ୍ପୂର୍ଣ୍ଣ ପାଣିରେ ମିଶିଯିବା ଭଳି କରୁଥିଲେ । ଏହା ଥିଲା ସେଦିନର ସଙ୍ଘସଂସ୍କରଣ ଆଚରଣ । ଏହି ଆଚରଣ ସବୁବର୍ଷ ହୋଇ ଆଜିଯାଏଁ ରହିଆସିଛି, କିନ୍ତୁ ଏହାର ଅର୍ଥ କ'ଣ ଆଜି କାହାକୁ ଜଣା ନାହିଁ । ଜଣେ କରୁଛି ବୋଲି ଆଉଜଣେ କରୁଛି ସିନା, ତା'ର ଅର୍ଥ କ'ଣ ଅଛି ବୋଲି କେହି ବିଚାର କରୁନାହାନ୍ତି । ଗୋଟିଏ ମତର (ଧର୍ମର) ଲୋକମାନେ ସେଦିନ ସମାଜରେ ରଖିଥିବା ଆଚରଣରେ କେତେ ମହାନ ଭାବ ରଖିଥିଲେ ସେହି ମତର ଲୋକମାନଙ୍କୁ ଆଜି ଜଣା ନଥିବା ବେଳେ

ଅନ୍ୟ ମତାବଲମ୍ବୀମାନେ ଏକଥାକୁ ବୁଝି ନ ପାରିବାରେ ଭୁଲ୍ ନାହିଁ, କିନ୍ତୁ ଆଚରଣର ପ୍ରକୃତ ଅର୍ଥ ଜାଣିବାବେଳେ ଆଉ ବିମର୍ଶ କରିବାରେ ବା କ'ଣ ଅଛି ! ସବୁ ମତର ଲୋକେ ନିଶ୍ଚୟ ବୁଝିପାରିବେ ।

ଆମେ ଆଗରୁ କହିଛୁ ଯେ, ପୂର୍ବେ କୌଣସି ମତ ନଥିଲା କିନ୍ତୁ ପରମାତ୍ମା ବା ସୃଷ୍ଟିକର୍ତ୍ତା ସମସ୍ତଙ୍କ ପାଇଁ ଜଣେ ହୋଇ ଅଛନ୍ତି ବୋଲି ଭାବନା ସମସ୍ତଙ୍କଠାରେ ରହିଥିଲା । ପରମାତ୍ମାଙ୍କର ରୂପ, ନାମ ନାହିଁ ବୋଲି ଚିହ୍ନିତ କରିବା ପାଇଁ ଈଶ୍ୱରଲିଙ୍ଗ ରଖିଥିଲେ; ତଥାପି କାଳକ୍ରମେ ଧର୍ମ ଅଧର୍ମରେ ପରିଣତ ହୁଏ । ତେଣୁ ଗୀତାବାକ୍ୟ ଅନୁସାରେ କିଛିକାଳ ପରେ ମାନବ ଭିତରେ ଅଜ୍ଞାନ ବଶତଃ ଏକତା ହଜିଯାଇ ଆମେ, ତୁମେ ଭାବ ଜାଗ୍ରତ ହୋଇ ସେମାନେ ଅଲଗା ଅଲଗା ହୋଇ, ନିଜ ନିଜର ନାମ ବା ଚିହ୍ନକୁ ସ୍ୱତନ୍ତ୍ର ସ୍ୱତନ୍ତ୍ର କରି, ଶୈବ, ବୈଷ୍ଣବ ଭାବେ ଦୁଇଦଳ ହୋଇଗଲେ । ଆମେ ଶୈବ କହୁଥିବା ଲୋକମାନେ ସେମାନଙ୍କ ଶୈବ ସଂପ୍ରଦାୟକୁ ଉନ୍ନତ ଦର୍ଶାଇ କିଛି ପୁରାଣ ଲେଖିବା ବେଳେ, ବୈଷ୍ଣବମାନେ ମଧ୍ୟ ସେଥିରୁ ବାଦ୍‌ଯାଇ ନଥିଲେ । ସେହିଭଳି ପୁରାଣଗୁଡ଼ିକ ଭିତରେ ଥିବା ଶୈବସମ୍ପ୍ରଦାୟର "ଶିବପୁରାଣ" ଜନ୍ମ ହୋଇଥିଲା ।

ଏଭଳି ଶୈବ ସମ୍ପ୍ରଦାୟ ଆରମ୍ଭ ହେବାର ଦୁଇ ହଜାର ବର୍ଷ ଆଗରୁ ସମାଜରେ ପ୍ରଜାମଙ୍ଗଳ କାର୍ଯ୍ୟ କରିବା ପାଇଁ ମୂଷା ପିଠିରେ ହାତୀକୁ ବସାଇ ଗାଆଁ ବୁଲାଇ, ପାଣିରେ ଫିଙ୍ଗିବା ପଦ୍ଧତି ପ୍ରଚଳିତ ଥିଲା, ସେହି ଆଚରଣ ସମାଜରେ ଆଚରିତ ହେବା, ସେଦିନର ବଡମାନେ ମୃତ୍ୟୁବରଣ କରିବା, ସେମାନଙ୍କ ଉତ୍ତରାଧିକାରୀମାନେ ସେମାନେ କରିଥିବା ଆଚରଣକୁ ବଜାୟ ରଖିବା ଘଟି ଆସୁଥିବା ବେଳେ, ଶେଷରେ ଏହି ଆଚରଣ କାହିଁକି କରୁଛେ ବୋଲି ଆଜି କାହାକୁ ଜଣାନଥିବା ପରିସ୍ଥିତି ଆସି ପହଞ୍ଚିଯାଇଛି । ଅର୍ଥ ଏଇଆ ବୋଲି ନଜାଣି କେତେଲୋକ ମିଶି ଆନନ୍ଦରେ ମୂଷା ପିଠିରେ ହାତୀକୁ ବସାଇ ଗାଆଁ ବୁଲାଉଛନ୍ତି, କେତେ ଭକ୍ତିରେ ହାତିକୁ ମୁଣ୍ଡିଆ

ମାରୁଛନ୍ତି । ଏକଥା ଆଜି ନୁହେଁ ଶୈବ ସମ୍ପ୍ରଦାୟ ଆରମ୍ଭ ହେବାବେଳକୁ ମଧ୍ୟ  ଅନେକ ଲୋକ ବୁଝି ପାରିନଥିଲେ । ତେଣୁ ଶୈବମାନେ ଶିବ ପୁରାଣରେ ମୂଷା ଆଉ ହାତୀର ବିଶେଷତାକୁ ସ୍ଥାପନ କରାଇ, ହାତୀମୁଣ୍ଡ ଥିବା ଗଣେଶ ବା ବିନାୟକକୁ, ପାର୍ବତୀଙ୍କ ପୁଅ କରି, ଥିବା ଭକ୍ତିକୁ ଆଉ ଟିକିଏ ବଢାଇ ସେମାନଙ୍କ ଭାବରେ ଭଲକାମ କଲେ ବୋଲି ଭାବିଥିଲେ । ସେଦିନଠାରୁ ହାତି ମୂର୍ତ୍ତି ଚାଲିଯାଇ ହାତିମୁଣ୍ଡ ବିଶିଷ୍ଟ ଗଣେଶମୂର୍ତ୍ତି ସ୍ଥାନ ପାଇଲା, ମଣିଷର ଭକ୍ତି ବଢିବାକୁ ଲାଗିଲା, ଗଣେଶ ମୂର୍ତ୍ତି ଗଢିବା ଲୋକେ ସମାଜରେ ଅଧିକ ହୋଇ ପେଟ ପୋଷିଲେ । ଅଧିକ ଟଙ୍କା ଖର୍ଚ୍ଚକରି ଅଧିକ ଭକ୍ତି ଦେଖାଇବା ଲୋକେ ସମାଜରେ ଅଧିକ ହେଲେ ସିନା, ଶେଷରେ ଗଣେଶ ହାତରେ ଧରିଥିବା ଲଡ୍ଡୁକୁ ଛଡାଇ ନେଇ, ତା'ର ଆଖି ଫୁଟାଇ, ହାତ, ଗୋଡ ଭାଙ୍ଗି, ତାକୁ ଲଙ୍ଗଳା କରି, ପାଣିରେ ଫିଙ୍ଗିବା ଆଚରଣକୁ କେହି ଛାଡିପାରିଲେ ନାହିଁ । ଏହି ଆଚରଣ ଛାଡିପାରୁ ନଥିବା ଲୋକମାନେ ଗଣେଶ ବିସର୍ଜନ ନାମରେ ମୂର୍ତ୍ତିକୁ ପାଣିରେ ପକାଇବା ଆରମ୍ଭ କଲେ ସିନା, ବିସର୍ଜନ କହିଲେ ବିଦାୟ ଏବଂ ନିମଗ୍ନ କହିଲେ ସ୍ନାନ ବୋଲି ନବୁଝି କାହିଁକି ସେଭଳି ହାତଗୋଡ ଭାଙ୍ଗିବା ଆଚରଣ କରୁଛନ୍ତି ବୁଝି ପାରିଲେ ନାହିଁ । ଅନ୍ୟମତର ଲୋକେ ଆମକୁ ପଚାରିଥିବା ପ୍ରଥମ ପ୍ରଶ୍ନରେ ବିଘ୍ନଦାୟକ ବିଘ୍ନେଶ୍ୱରଙ୍କୁ ଘୃଣା କରିବା ଉଚିତ୍ ସିନା, କାହିଁକି ହିନ୍ଦୁମାନେ ତାଙ୍କୁ ପୂଜା କରୁଛନ୍ତି ବୋଲି ପଚାରିଥିଲେ । ହେଲେ ତା'କୁ(ଗଣେଶଙ୍କୁ) ଘୃଣା କରିବା ପାଇଁ ସେ ବା ଆମର କ'ଣ କ୍ଷତି କରିଛି ! ତେଣୁ ତାଙ୍କୁ ଘୃଣା ବା ନିନ୍ଦା କରିବା ଆମର ଆବଶ୍ୟକ ନାହିଁ । ଯିଏ ଯାହା ଭକ୍ତିରେ ପୂଜାକଲେ କିଛିକଥା ନାହିଁ, କିନ୍ତୁ ପୂଜା କରୁଥିବା ପାତ୍ରକୁ ପୂଜା କରିବା ଭଳି ସମ୍ମାନ ଦେବା ଉଚିତ୍ ସିନା, ହାତଗୋଡ ଭାଙ୍ଗି ପାଣିକୁ ଫିଙ୍ଗିଦେବା ଠିକ୍ ନୁହେଁ । ସତକଥା କହିବାକୁ ଗଲେ ତାଙ୍କୁ ନିନ୍ଦା କରିବା କିମ୍ବା ପୂଜା କରିବା କଥାକୁ ପଛରେ ରଖିଲେ, ସମାଜର ଅନ୍ୟାୟକୁ ବହିର୍ଗତ କରିବା ପାଇଁ ଗାଆଁ ବୁଲାଇବା, ସେହିଭଳି ବିସର୍ଜନ ନାମକ ବିନାଶ କରିବା କାର୍ଯ୍ୟ

କରିବା ଉଚିତ୍ ଭାବି, ପାଣିରେ ପକାଇ ବିନାଶ କରାଯାଇଥାଏ ବୋଲି ଜାଣିବା ଉଚିତ୍ ।

ସେମାନେ ପଚାରିଥିବା ଦ୍ୱିତୀୟ ପ୍ରଶ୍ନର ଉତ୍ତର ଅନୁସାରେ ଲୋକମାନଙ୍କଠାରୁ ଜବରଦସ୍ତି ଟଙ୍କା ଅସୁଲ୍ କରିବା ଠିକ୍ ନୁହେଁ, ଏହା ଭକ୍ତିରେ ଜବରଦସ୍ତ ଭକ୍ତି ହୋଇଥାଏ ସିନା ମନସ୍ପୂର୍ବକ ଭକ୍ତି ନୁହେଁ ବୋଲି କହିଛନ୍ତି । ଦୁଃଖରେ ଟଙ୍କାଦେବା ଲୋକ ଟଙ୍କା ମାଗୁଥିବା ଲୋକମାନଙ୍କୁ କାହିଁକି, ବିଘ୍ନେଶ୍ୱର ଗଣେଶଙ୍କୁ ମଧ୍ୟ ଘୃଣା କରିବା ଭଳି ହୋଇଥାଏ । ଏଭଳି ଟଙ୍କା ଅସୁଲ ବା ଜବରଦସ୍ତ ନିନ୍ଦା ଆଦାୟ କରିବା ଠିକ୍ ନୁହେଁ ବୋଲି ଆମେ ମଧ୍ୟ ସ୍ୱୀକାର କରୁଛୁ ।

ପୁରାଣ ପ୍ରଭାବରେ ହାତୀମୂର୍ତ୍ତି ଗଣେଶମୂର୍ତ୍ତି ହୋଇଗଲା ସିନା, ପୂର୍ବର ଆଚରଣ ସେମିତି ରହିଯାଇ ଥିବାରୁ ଅନ୍ୟମତର ଲୋକମାନେ ସମାଲୋଚନା କରିବାକୁ ସୁଯୋଗ ରହିଗଲା । ପୂର୍ବର ବଡଲୋକମାନେ କରିଥିବା ଆଚରଣର ଅର୍ଥକୁ ନବୁଝି ଆମେ ଆମ ଇଚ୍ଛା ଅନୁସାରେ ଗଣେଶ ପୂଜା କଲେ । ଏପଟେ ପାଠପଢୁଆ ପିଲାମାନେ, ସେପଟେ ପାଠ ପଢି ନଥିବା ଲୋକମାନେ ସମସ୍ତେ ବଡମାନଙ୍କର ଉଦ୍ଦେଶ୍ୟକୁ ସମାଧି ଦେଇ ଅର୍ଥରହିତ ବିନାୟକ ଚତୁର୍ଥୀ ବା ଗଣେଶ ପୂଜା କରୁଛନ୍ତି ।

*****

# ଶରୀରାନ୍ତର୍ଗତ ଯନ୍ତ୍ରାଙ୍ଗ

**୧) ବୁଦ୍ଧି କର୍ମାନୁସାରିଣୀ (ଭୁଲ୍)**

**୨) ଚିତ୍ତ କର୍ମାନୁସାରିଣୀ (ଠିକ୍)**

**ପ୍ରଶ୍ନ:-** ପ୍ରାରବ୍ଧକର୍ମ ଏବଂ ସଞ୍ଚିତକର୍ମ କିପରି ଦଗ୍ଧ ହୋଇଯାଏ ଆପଣ

ତାହା ଜଣାଇଛନ୍ତି । ଆଗାମୀକର୍ମ ବିଷୟ କିଛି ବୁଝିହେଉ ନାହିଁ, ତାହା କିପରି ନଆସିବ ତାର ଉପାୟ ଜଣାଇବାକୁ ଅନୁରୋଧ ।

**ଉତ୍ତର:-** ଜ୍ଞାନାଗ୍ନି ଦ୍ୱାରା ପ୍ରାରବ୍ଧକର୍ମ, ସଞ୍ଚିତକର୍ମ କିପରି ବିନାଶ ହୁଏ ତାହା ଆପଣ ଜାଣିସାରିଛନ୍ତି । ଆଗାମିକର୍ମ କିପରି ବିନାଶ କରିବାକୁ ହେବ ତାହା ଜାଣିବା ନିହାତି ଆବଶ୍ୟକ । କାରଣ ! ଏବେ ଯେଉଁ କାର୍ଯ୍ୟ କରୁଛେ, ତଦ୍ଦ୍ୱାରା ଆସୁଥିବା କର୍ମ ହେଉଛି ଆଗାମୀକର୍ମ । ତେଣୁ ପ୍ରଥମେ ଏଥିରୁ ବଞ୍ଚିବା ଭଲ । ଆଗାମୀ କର୍ମକୁ କାଟିପାରୁଥିବା ବ୍ୟକ୍ତି ସଞ୍ଚିତ ଏବଂ ପ୍ରାରବ୍ଧ କର୍ମକୁ କାଟିବା ସହଜ ହୋଇଥାଏ । କର୍ମ ନିବାରଣ ସିଦ୍ଧାନ୍ତରେ ଆଗାମୀକର୍ମର ନିବାରଣ କରିବା ଅତି ମୁଖ୍ୟ ବିଷୟ । ଭଗବଦ୍ଗୀତାରେ ମଧ୍ୟ ପରମାତ୍ମା ଭଗବାନଙ୍କ ଦ୍ୱାରା ଆଗାମୀକର୍ମ ନିବାରଣ ବାଣୀ ଅନେକ ଶୁଣାଇଛନ୍ତି । ଭଗବଦ୍ଗୀତାରେ ଭଗବାନ କର୍ମକୁ ପ୍ରାରବ୍ଧ, ଆଗାମୀ, ସଞ୍ଚିତକର୍ମ ଭାବରେ ତିନିଭାଗ କରି ନକହି କେବଳ କର୍ମ କହି, କମର୍ର ନିବାରଣ ବାଣୀ ଶୁଣାଇଛନ୍ତି । ଭଗବାନଙ୍କ ବାଣୀକୁ ଆମେ ବିପୁଳ ଭାବରେ ବୁଝିବା ପାଇଁ କର୍ମକୁ ବିଭାଜନ କରି ବୁଝୁଛେ । ତାଙ୍କ ବାଣୀରେ **"ଯଥୈଧାଂସି ସମିଧୋଗ୍ନିଃ ଭସ୍ମସାତ୍ କୁରୁତେର୍ଜୁନ, ଜ୍ଞାନାଗ୍ନି ସର୍ବ କର୍ମାଣି ଭସ୍ମସାତ୍ କୁରୁତେ ତଥା' ଅର୍ଥାତ୍ ଅଗ୍ନିରେ ଯେପରି କାଠଗୁଡିଏ ଜଳିଯାଏ, ସେହିପରି ଜ୍ଞାନାଗ୍ନିରେ ସମସ୍ତ କର୍ମ ଜଳି ପାଉଁଶ ହୋଇଯାଇଥାଏ** ବୋଲି କହି କର୍ମ ନିବାରଣ ପାଇଁ ଗୋଟିଏ ସୂତ୍ରକୁ କହିଛନ୍ତି, କିନ୍ତୁ ଅନ୍ୟାନ୍ୟ ସନ୍ଦର୍ଭରେ ଗୋଟିଏ ଯାଗାରେ ପ୍ରାରବ୍ଧ ଖଣ୍ଡନ, ଗୋଟିଏ ସ୍ଥାନରେ ଆଗାମୀ ନିବାରଣ, ଆଉ ଗୋଟିଏ ସ୍ଥାନରେ ସଞ୍ଚିତ କର୍ମର ବିନାଶ ବାବଦରେ କହିଛନ୍ତି । ଆମେ ଏହା ପୂର୍ବରୁ **"ପ୍ରବୋଧ"** ନାମକ ଗ୍ରନ୍ଥରେ ପରମାତ୍ମାଙ୍କ ସୂତ୍ର ଅନୁସାରେ ଏହିଭଳି କର୍ମ ନିବାରଣ ହୋଇଯାଏ ବୋଲି ଜଣାଇଛୁ ସିନା, କର୍ମକୁ ବିଭାଜନ କରି ଜଣାଇ ନାହୁଁ । ଏବେ କର୍ମ ବିଭାଜନ ଜଣାଉଛୁ ।

ନିତ୍ୟ ଜୀବନରେ ଛୋଟ କିମ୍ବା ବଡ ପ୍ରତ୍ୟେକ କାର୍ଯ୍ୟ କର୍ମ ଅନୁସାରେ ଘଟିଥାଏ । ଜଣେ ଅନ୍ୟ ଜଣକୁ ହତ୍ୟାକଲା ବୋଲି ଭାବିବା । ସେହି ହତ୍ୟାକାର୍ଯ୍ୟ ହେବାର କାରଣ ତାର କର୍ମ । ପ୍ରାରବ୍ଧକର୍ମରେ ହତ୍ୟାକାରୀ ଏବଂ ମୃତକ ଉଭୟଙ୍କର କର୍ମ ଥିବାରୁ ଏହି କାର୍ଯ୍ୟଟି ଘଟିଛି । ଉଭୟ ନିଜ ନିଜର କର୍ମକୁ ଅନୁଭବ କରିଛନ୍ତି । ଏଭଳି ଭାବରେ ଉଭୟଙ୍କ କର୍ମ ଖର୍ଚ୍ଚ ହୋଇଯାଇଛି । କିନ୍ତୁ ଏହି କାର୍ଯ୍ୟ ଘଟିବା ପରେ ଆଉ କର୍ମ ନଆସିବା ଉଚିତ୍ । କର୍ମକୁ ଅନୁଭବ କରିବା ପାଇଁ ଜୀବରାଶି ଜନ୍ମ ହୋଇଥା'ନ୍ତି, ସେହି କର୍ମକୁ ଅନୁଭବ କରିବା ପାଇଁ କାର୍ଯ୍ୟ କରିଥା'ନ୍ତି । କରୁଥିବା କାର୍ଯ୍ୟ କର୍ମ ଅନୁସାରେ ଭଲ କିମ୍ବା ମନ୍ଦ ହୋଇପାରେ । ଏହିଭଳି ସାରାଜୀବନରେ ଥିବା କର୍ମ ଖର୍ଚ୍ଚ ହେଉଛି, କିନ୍ତୁ ଜୀବ କୌଣସି ନୂଆ କର୍ମ କରୁନାହିଁ, ପ୍ରତ୍ୟେକ କାର୍ଯ୍ୟ ତାର କର୍ମ ଦ୍ୱାରା ପ୍ରେରିତ, ତେଣୁ କର୍ମ ହିଁ କାର୍ଯ୍ୟ କରାଉଛି, ହେଲେ କାର୍ଯ୍ୟ ସହିତ ଜୀବର ସମ୍ପର୍କ ନାହିଁ । କୌଣସି କାର୍ଯ୍ୟକୁ ଜୀବ ସ୍ୱୟଂ କରୁନାହିଁ, ତେଣୁ ନୂଆକର୍ମ ଆସିବା ସମ୍ଭବ ନୁହେଁ ।

ଉଦାହରଣ ସ୍ୱରୂପ ଏକ ହତ୍ୟା କାର୍ଯ୍ୟକୁ ନେବା । ମଳୟ ନାକ ଜଣେ ବ୍ୟକ୍ତି ବିଜୟ ନାମକ ବ୍ୟକ୍ତି ଦ୍ୱାରା ହତ୍ୟା ହେଲା । ଏଠାରେ କର୍ମ କିପରି କାର୍ଯ୍ୟରୂପ ନେଲା ଜାଣିବାକୁ ଇଚ୍ଛାକଲେ, ମଳୟ ଏକା ଯାଉଥିବା ବେଳେ ବିଜୟ ତାକୁ ଦେଖିଲା । ବିଜୟର ଆଖି ମଳୟକୁ ଦେଖିବା ବିଷୟକୁ ନେଇ ପ୍ରଥମେ ସୂର୍ଯ୍ୟଚନ୍ଦ୍ର ନାଡୀରେ ଥିବା ମନକୁ ଜଣାଇଲା । ମନ ମଳୟ ଯାଉଥିବା ବିଷୟକୁ ବ୍ରହ୍ମନାଡୀ ଦ୍ୱାରା ଭିତରେ ଥିବା ଜୀବକୁ ଜଣାଇଲା । ଜୀବ ପାଖରେ ପହଞ୍ଚୁଥିବା ବିଷୟକୁ ଜୀବ ସାକ୍ଷୀ ଭାବେ ଦେଖୁଥାଏ । ଜୀବର ଅତି ନିକଟରେ ଥିବା ବୁଦ୍ଧି ପ୍ରଥମେ ତା ପାଖକୁ ଆସିଥିବା ବିଷୟକୁ ଗ୍ରହଣକରି ତାହାକୁ ଦୁଇ ପ୍ରକାରର ବିଭାଜନ କରି କହିଥାଏ । ମଳୟକୁ ମାରିଦେଲେ ଭଲ, ଏତେଦିନ ହେଲା ଖୋଜିବା ପରେ ସେ ମିଳିଛି, ତାକୁ ନଛାଡି ମାରିଦେବା ଉଚିତ୍, ତାକୁ ମାରିଦେଲେ ତୁ

ପ୍ରତିଶୋଧ ନେଇପାରିବା ଭଳି ହେବ, ସେ ମରିଗଲେ ତୋ ରାସ୍ତାର କଣ୍ଟା ନଥିବ ଇତ୍ୟାଦି ବୁଦ୍ଧି ଗୋଟିଏ ପ୍ରକାରର କହୁଥିବା ବେଳେ, ତାକୁ ମାରିଦେଲେ ତା ନିଜ ଲୋକମାନଙ୍କ ଦ୍ୱାରା ଅସୁବିଧାରେ ପଡିବା ଦୁର୍ଯୋଗ ଅଛି, କେସ୍ ହେବ, କୋର୍ଟ କଚେରିରେ ଖର୍ଚ୍ଚାନ୍ତ ହେବାକୁ ପଡିବ କିମ୍ବା ଆଜୀବନ କାରାଦଣ୍ଡ ହୋଇପାରେ ବୋଲି ଆଉଏକ ପ୍ରକାରର କହିଥାଏ । ଏହିପରି ବୁଦ୍ଧି ଭଲ ମନ୍ଦ, ଲାଭ ନଷ୍ଟ, ଦୁଃଖ ସୁଖ ଇତ୍ୟାଦି ଦୁଇ ପ୍ରକାରର ଆଲୋଚନା କରିଥାଏ । ବୁଦ୍ଧିର ଦୁଇ ପ୍ରକାର ଆଲୋଚନା ଭିତରୁ କେଉଁ ଆଲୋଚନାଟି କାର୍ଯ୍ୟରେ ପରିଣତ ହେବ ତାହା ନିର୍ଣ୍ଣୟ ନେଇଥାଏ ବୁଦ୍ଧିର ପାଖ ପରଦା ହୋଇଥିବା ଚିତ୍ତ । ଚିତ୍ତ ଯାହା ନିର୍ଣ୍ଣୟ ନେଇଥାଏ ତାହା ମନକୁ ଜଣାଇଥାଏ । ମନ ଚିତ୍ତ ଜଣାଇଥିବା ନିର୍ଣ୍ଣୟ ବାର୍ତ୍ତାକୁ ନେଇ କର୍ମେନ୍ଦ୍ରିୟ ଗୁଡିକରେ ପହଞ୍ଚାଇଥାଏ । କର୍ମେନ୍ଦ୍ରିୟ ଗୁଡିକ ସେହି କାର୍ଯ୍ୟ କରିଥା'ନ୍ତି । ଏହିଭଳି ଘଟିଥିବା ହତ୍ୟାକାର୍ଯ୍ୟରେ ବିଜୟ ନାମକ ଜୀବ ଦୋଷୀ କି ? ବୋଲି ପ୍ରଶ୍ନକଲେ, ତାର କିଛି ଦୋଷ ନାହିଁ, ତାର କାର୍ଯ୍ୟରେ କୌଣସି ସମ୍ପର୍କ ନାହିଁ ବୋଲି କହିପାରିବା । କାରଣ ! ଜୀବ କେବଳ ସାକ୍ଷୀ ହୋଇ ଦେଖୁଛି, ତାର ଜ୍ଞାନେନ୍ଦ୍ରିୟ, ମନ, ବୁଦ୍ଧି, ଚିତ୍ତ, କର୍ମେନ୍ଦ୍ରିୟ ଗୁଡିକ ମିଶି ଏହି କାର୍ଯ୍ୟକୁ କରିଛନ୍ତି, ତାର ଜ୍ଞାନେନ୍ଦ୍ରିୟ ଦେଖି ମନକୁ କହିବାବେଳେ, ମନ ନେଇ ବୁଦ୍ଧିକୁ କହିଛି, ବୁଦ୍ଧି ଠିକ୍ ଭୁଲ୍ ବିଚାର କରିବାବେଳେ, ଚିତ୍ତ ଯାହା ନିର୍ଣ୍ଣୟ ନେବା ଉଚିତ୍ ତାହା ନିର୍ଣ୍ଣୟ ନେଇ ମନକୁ କହିବାରୁ ମନ ନେଇ ତାହା ପୁଣି କର୍ମେନ୍ଦ୍ରିୟ ଗୁଡିକୁ ଜଣାଇଛି ଏବଂ କର୍ମେନ୍ଦ୍ରିୟ ଗୁଡିକ କାର୍ଯ୍ୟକରି ମଳୟକୁ ମାରିଦେଇଛନ୍ତି ସିନା, ଜୀବର ଏହି କାର୍ଯ୍ୟରେ କୌଣସି ହସ୍ତକ୍ଷେପ ନାହିଁ, ତେଣୁ ଜୀବ ଦୋଷୀ ନୁହେଁ, କି ହତ୍ୟାପାପରେ ଭାଗୀ ନୁହେଁ । ତାମାନେ ଆମେ ନିତ୍ୟ ଭାବରେ କରୁଥିବା କାର୍ଯ୍ୟରୁ କ'ଣ ପାପପୁଣ୍ୟ ମିଳେ ନାହିଁ ? ବୋଲି ପ୍ରଶ୍ନକଲେ, ଜୀବ ପାପପୁଣ୍ୟ ଅର୍ଜନ କରିଥାଏ ବୋଲି କହିପାରିବା । ପୁରୁଣା କର୍ମକୁ ଅନୁଭବ କରୁକରୁ ପୁଣି ନୂଆ କର୍ମକୁ ଜୀବ ଏଇଠାରେ ଅର୍ଜନ କରିଥାଏ । ସେଥିଲାଗି ଜୀବ

ଜନ୍ମ ମରଣ ଚକ୍ରରେ ଘୂରିବୁଲୁଛି । ତାହେଲେ ଜୀବର ସମ୍ବନ୍ଧ ନଥିବା କାର୍ଯ୍ୟରୁ ଜୀବପାଇଁ ପାପପୁଣ୍ୟ କିପରି ସମ୍ଭବ ହେଉଛି ? ଏହାର ସମାଧାନ ନିମ୍ନମତେ ଜାଣିବା ।

ବୁଦ୍ଧି ବିଚାର କରିଥିବା ବିଷୟରୁ କୌଣସି ଏକ ବିଷୟକୁ ଚିତ୍ତ ନିର୍ଣ୍ଣୟ ନେଲାବେଳେ କାର୍ଯ୍ୟ ହେଉଛି । ହେଉଥିବା କାର୍ଯ୍ୟର କାରଣ ହେଉଛି ଚିତ୍ତ । ତେବେ ହତ୍ୟା କରିବା ଠିକ୍ ବୋଲି ଚିତ୍ତ କାହିଁକି ନିର୍ଣ୍ଣୟ ନେଲା ? ହତ୍ୟା କରିବା ଠିକ୍ ନୁହେଁ ବୋଲି କାହିଁକି ନିର୍ଣ୍ଣୟ ନେଲା ନାହିଁ ? ବୋଲି ପ୍ରଶ୍ନକଲେ, ଚିତ୍ତ କର୍ମ ଅନୁସାରେ ନିର୍ଣ୍ଣୟ ନେଇଛି । ମରିବା କର୍ମ ମଳୟର ଥିବାବେଳେ, ମାରିବା କର୍ମ ବିଜୟର ଥିବା ବେଳେ ସେହି କର୍ମ ହିଁ ଚିତ୍ତ ଦ୍ୱାରା ନିର୍ଣ୍ଣୀତ ହେଉଛି । ଏହିଭଳି ହେଉଥିବା ଭିତର କାର୍ଯ୍ୟରେ ଚିତ୍ତ ପାଖରେ ଥିବା ଅହଂ ଏହି କାର୍ଯ୍ୟ ତୋ'ରି କାରଣରୁ ହେଲା, ତୁ ନଥିଲେ ଏ କାର୍ଯ୍ୟ ହୋଇନଥା'ନ୍ତା, ଏହି କାର୍ଯ୍ୟର କର୍ତ୍ତା ତୁ ବୋଲି ଜୀବ ଭାବିତ ହେବା ଭଳି କରିଥାଏ । କାର୍ଯ୍ୟରେ କୌଣସି ହସ୍ତକ୍ଷେପ କରିନଥିବା ଜୀବ ଏଇଠାରେ ଅହଂ କଥା ଶୁଣି, ତା ସହିତ ତାଦାତ୍ମ୍ୟ ହୋଇ, ହଁ ! ହଁ ! ଏ କାର୍ଯ୍ୟ ମୁଁ କରିଛି ବୋଲି ସ୍ୱୀକାର କରିଥାଏ । ଜୀବ ଏହିଭଳି ଅହଂ ସହିତ ମିଳିତ ହେବା ଦ୍ୱାରା, କରି ନଥିବା କାର୍ଯ୍ୟକୁ ମୁଁ କରୁଛି ବୋଲି ଅହଂର ଭାବ ଅହଂଭାବ ବା ଅହଂକାର ଦ୍ୱାରା ତାପାଇଁ ପାପପୁଣ୍ୟ ସଞ୍ଚୟ କରୁଛି । ଅଜ୍ଞାନ ଦ୍ୱାରା ଜୀବ କର୍ମ ବନ୍ଧନରେ ପଡୁଛି । ଜୀବ ଅଜ୍ଞାନରେ ରହିବା ଦ୍ୱାରା ଏହିପରି ପ୍ରତ୍ୟେକ କାର୍ଯ୍ୟରୁ ଆସୁଥିବା ପାପପୁଣ୍ୟ ନାମକ କର୍ମ ବନ୍ଧନରେ ପଡୁଛି । ଅଜ୍ଞାନକୁ ଛାଡିଥିବା ଜୀବ ନିଜେ କାର୍ଯ୍ୟର କର୍ତ୍ତା ନୁହେଁ, ପ୍ରତ୍ୟେକ କାର୍ଯ୍ୟ ଜ୍ଞାନେନ୍ଦ୍ରିୟଠାରୁ ଆରମ୍ଭକରି ଅନ୍ତଃକରଣ ପର୍ଯ୍ୟନ୍ତ କରୁଛନ୍ତି, ମୁଁ ଅହଂ କଥା ଶୁଣିବା ଉଚିତ୍ ନୁହେଁ ବୋଲି ଜୀବ ଯଦି ଭାବୁଥାନ୍ତା ତେବେ କର୍ମବନ୍ଧନରେ ପଡନ୍ତା ନାହିଁ । ସେଥିଲାଗି ଭଗବଦ୍‌ଗୀତାରେ **"ଯସ୍ୟ ନାହଂକୃତୋ ଭାବୋ ବୁର୍ଦ୍ଧିଯସ୍ୟ**

**ନଲିପ୍ୟତେ, ହତ୍ୱାପିସ ଇମାନଲୋକାନ୍ ନ ହନ୍ତି ନ ନିବଧ୍ୟତେ"** ବୋଲି କହିଛନ୍ତି । ଅର୍ଥାତ୍ ଯିଏ ଅହଂଭାବ ସହିତ ତାଦାତ୍ମ୍ୟ ହୁଏ ନାହିଁ, ଫଳ ଉପରେ ଯାହାର ବୁଦ୍ଧି କାର୍ଯ୍ୟ କରୁ ନାହିଁ ସେ ଏ ମୁଲକର ସମସ୍ତଙ୍କୁ ମାରିଦେଲେ ମଧ୍ୟ ହତ୍ୟାକାରୀ ନୁହେଁ । ତାର ପାପ ହୁଏ ନାହିଁ ବୋଲି ପରମାତ୍ମା କହିଛନ୍ତି । ପ୍ରଥମେ କର୍ମାନୁସାରେ ହତ୍ୟା ଘଟିଛି ସିନା ଜୀବର କୌଣସି ହସ୍ତକ୍ଷେପ ନାହିଁ । ତେଣୁ ଜୀବ ପାପକର୍ମରେ ପଡିବ ନାହିଁ ବୋଲି ଭଗବାନ କହିଥିବା ଶ୍ଳୋକ ଅନୁସାରେ ଜଣାଯାଉଛି । ଜୀବ ଯେତେବେଳେ ଅହଂଯୁକ୍ତ ହୋଇଯିବ ସେତେବେଳେ କର୍ମବନ୍ଧନରେ ପଡିବ । ଜୀବ ତା ଶରୀରରେ ଥିବା ଅହଂ ବାବଦରେ ଜାଣି, ସେ କହୁଥିବା ବିଷୟ ସହିତ ତାର କୌଣସି ସମ୍ପର୍କ ନାହିଁ ବୋଲି ଜାଣିପାରିଲେ, କର୍ମ ଅନୁଭବରେ କାଳକାଟି ପୁରୁଣା କର୍ମ ଶେଷ ହୋଇଗଲେ ମୋକ୍ଷ ପାଇପାରିବ । ଏହି ପଦ୍ଧତିକୁ ଭଗବଦ୍ଗୀତାରେ କର୍ମଯୋଗ ବୋଲି କୁହାଯାଇଛି ।

**ପ୍ରଶ୍ନ :-** ହେଉଥିବା କାର୍ଯ୍ୟକୁ ଜ୍ଞାନେନ୍ଦ୍ରିୟ ଗୁଡିକ ଆରମ୍ଭ କରୁଥା'ନ୍ତି ବୋଲି ଆପଣଙ୍କ କଥାରୁ ସ୍ପଷ୍ଟ ହେଉଛି । ଚିତ୍ତ କର୍ମେନ୍ଦ୍ରିୟ ଗୁଡିକ ଦ୍ୱାରା କାର୍ଯ୍ୟ କରାଇଥାଏ କିନ୍ତୁ ଏଥିରେ ମନର ପାତ୍ର ସାଧାରଣ ପାତ୍ର ହେବା ଭଳି ଲାଗୁଛି ସିନା, ମନ ମୁଖ୍ୟ ପାତ୍ରଧାରି ନୁହେଁ ! ତାଛଡା ପ୍ରକୃତି ଦ୍ୱାରା ଜାତହେଉଥିବା ଗୁଣରାଜିର କାର୍ଯ୍ୟ ଏଥିରେ କିଛି ନାହିଁ ବୋଲି ଲାଗୁଛି । ମୋଟାମୋଟି ଭାବେ ଚିତ୍ତ ହିଁ କର୍ମେନ୍ଦ୍ରିୟ ଗୁଡିକୁ ନେଇ କାର୍ଯ୍ୟ କରୁଛି ବୋଲି ଆପଣଙ୍କ କଥାରୁ ବୁଝିହେଉଛି । ଏହା ପୂର୍ବରୁ ଆପଣ ଲେଖିଥିବା ପ୍ରବୋଧ ଗ୍ରନ୍ଥରେ କାର୍ଯ୍ୟର କାରଣ ଗୁଣରାଜି ବୋଲି କହିଛନ୍ତି, କିନ୍ତୁ ଏଠାରେ ଗୁଣବିଷୟ ନକହି ସବୁର କାରଣ କର୍ମ କହିଛନ୍ତି ! ମୋଠାରେ ଆସିଥିବା ଏହି ସନ୍ଦେହକୁ ବିବରଣାତ୍ମକ ବୁଝାଇଦେବେ ବୋଲି ଆଶାକରୁଛି ।

**ଉତ୍ତର :-** ଏବେ ଆପଣ ପଚାରୁଥିବା ପ୍ରଶ୍ନ ଅନୁସାରେ ଆପଣଙ୍କ ବୁଦ୍ଧିରେ ମୁଁ କହୁଥିବା ବିଷୟ ଖୁବ୍ ବିପରିତ ହେଉଛି ବୋଲି ଜଣାଯାଉଛି । ଏବେ

ଆପଣଙ୍କ ପ୍ରଶ୍ନର ଉତ୍ତର କହୁଛି ଶୁଣନ୍ତୁ । ବାସ୍ତବରେ କର୍ମ ବିଷୟରେ ସମ୍ପୂର୍ଣ୍ଣ ଅବଗତ ହେବା ମହାନ ଜ୍ଞାନ ହୋଇଥାଏ । କର୍ମ ରହିବା କାରଣରୁ ଜୀବକୁ ଦେହଟିଏ ମିଳିଥାଏ । କର୍ମ ନଥିଲେ ଜନ୍ମ ନଥାଏ । ଜୀବର ଦୁଇଟି ଲକ୍ଷ୍ୟ ରହିଥାଏ । **ଗୋଟିଏ ହେଉଛି କର୍ମ, ଅନ୍ୟଟି ମୁକ୍ତି** । କର୍ମରେ ଥିବା ଜୀବ ମୁକ୍ତି ପାଇପାରେ ସିନା, ମୁକ୍ତି ହୋଇଯାଇଥିବା ଜୀବ କର୍ମ ଅନୁଭବ କରିବାକୁ ଯାଏ ନାହିଁ । କର୍ମ ବିଷୟରେ ଜାଣିପାରିଥିବା ଜୀବର ମୁକ୍ତି ନିଶ୍ଚୟ ହୋଇଥାଏ । କର୍ମ ବାବଦରେ ଜାଣିବା ହିଁ ଉନ୍ନତ ଜ୍ଞାନ ହୋଇଥାଏ ।

ପ୍ରତ୍ୟେକ କ୍ଷଣରେ କର୍ମ ବିନିଯୋଗ ହୋଇଥାଏ । ବିତୁଥିବା ପ୍ରତି କାଳରେ କ୍ଷଣ କ୍ଷଣ ପାଇଁ କର୍ମ ହିଁ କାରଣ ହୋଇ ରହିଥାଏ, କର୍ମ ନଥିଲେ କାଳ ହିଁ ନଥାଏ । କାଳ ଏବଂ କର୍ମ ଉଭୟ ପରସ୍ପର ସମ୍ବନ୍ଧୀତ । ପ୍ରତ୍ୟେକ କାଳରେ ଜୀବରାଶି କର୍ମକୁ ଅନୁଭବ କରିଥା'ନ୍ତି, ଅର୍ଥାତ୍ ଶୋଇବା ବେଳେ, ନିଦ୍ରାଯିବା ବେଳେ, ଚୁପ୍ ରହିବା ବେଳେ, କୌଣସି କାର୍ଯ୍ୟ କରୁଥିବା ବେଳେ, ନକରୁଥିବା ବେଳେ, କଥା କହୁଥିବା ବେଳେ, ଶ୍ୱାସ ଛାଡିବା ବେଳେ, ଆଖିପତା ମଧ୍ୟ ପଡିବା ବେଳେ, କୌଣସି ଛୋଟ କାର୍ଯ୍ୟଠାରୁ ଆରମ୍ଭ କରି ବଡ ବଡ କାର୍ଯ୍ୟ କରିବା ପର୍ଯ୍ୟନ୍ତ ଜୀବ ଅନୁକ୍ଷଣ କର୍ମ ଅନୁଭବ କରିଥାଏ । କିଛି ନକରି ଚୁପ୍ ରହିବା ମଧ୍ୟ କର୍ମ ! ବୋଲି କେତେକଙ୍କ ଠାରେ ସନ୍ଦେହ ଆସୁଥିବ, କିନ୍ତୁ ନଗ୍ନସତ୍ୟ ହେଉଛି ସବୁ କାର୍ଯ୍ୟର କାରଣ କର୍ମ । କାଳ ବିତୁଛି ମାନେ ହିଁ କର୍ମ ଅମଳ ହେଉଛି । ଏହି ସୂତ୍ର ଅନୁସାରେ କିଛି ନକରି ଚୁପ୍ ବସିବା ସମୟରେ ମଧ୍ୟ କାଳ ବିତିଯାଉଛି ! ସେତେବେଳେ ମଧ୍ୟ ଶରୀରରୁ କର୍ମ ଅମଳ ଘଟୁଛି ବୋଲି ଜାଣିବା ଉଚିତ୍ । ଚୁପ୍ ବସିବା ମଧ୍ୟ କର୍ମ ବୋଲି ଗ୍ରହଣ କରିବା ଆଗରୁ କାଳହିଁ କର୍ମମୟ ବୋଲି ଆମେ ଜାଣିବା ଉଚିତ୍ ।

ପ୍ରତ୍ୟେକ କାର୍ଯ୍ୟର କାରଣ କର୍ମ ବୋଲି ଏବେ ବୁଝି ପାରିଛେ । ପ୍ରତ୍ୟେକ କାର୍ଯ୍ୟ ହେବାପାଇଁ ଶରୀରର ଯେଉଁ ଯେଉଁ ଅବୟବଗୁଡିକ

କାର୍ଯ୍ୟ କରୁଛନ୍ତି ସେମାନେ ମଧ୍ୟ କର୍ମ ଅନୁସାରେ କରୁଛନ୍ତି ବୋଲି ଜାଣିବା ଉଚିତ୍ । ଚଳଚିତ୍ରରେ ପ୍ରୋଜେକ୍ଟରର ଫିଲ୍ମ (ଚିତ୍ର)ର କାରଣ ହୋଇ ରହିଥାଏ । ଚିତ୍ରଟିଏ ପରଦା ଉପରେ ପଡିବା ପାଇଁ ପ୍ରୋଜେକ୍ଟରର ସମସ୍ତଭାଗ କାର୍ଯ୍ୟକରୁଛି । ସୂକ୍ଷ୍ମ ଭାବରେ ଥିବା ପ୍ରୋଜେକ୍ଟରର ଫିଲ୍ମ ପ୍ରୋଜେକ୍ଟର କାର୍ଯ୍ୟ କରିବା ବେଳେ ପରଦା ଉପରେ ଚିତ୍ର ହୋଇ ପଡିବା ଭଳି, ଆମ କପାଳରେ ସୂକ୍ଷ୍ମ ଭାବରେ ଥିବା କର୍ମ ବାହ୍ୟତଃ କାର୍ଯ୍ୟରୂପ ଧାରଣ କରୁଛି । ଛୋଟ ଫିଲ୍ମଟିଏ ପ୍ରତିବିମ୍ବିତ ହେବାପାଇଁ ପ୍ରୋଜେକ୍ଟର ଯେପରି କାର୍ଯ୍ୟକରୁଛି, ସେପରି କୌଣସି କର୍ମ କାର୍ଯ୍ୟରୂପ ଧାରଣ କରିବା ପାଇଁ ଆମ ଶରୀରଭାଗ ଗୁଡିକ କାର୍ଯ୍ୟ କରିଥା'ନ୍ତି । କର୍ମ ଆମ ଶରୀରର କେଉଁ କେଉଁ ଭାଗଗୁଡିକୁ ବ୍ୟବହାର କରି କାର୍ଯ୍ୟରୂପ ହେବାରେ ସହାୟ ହେଉଛି ତାହା ଏବେ କହୁଛି ଶୁଣନ୍ତୁ ।

ଆମ ଶରୀରର କର୍ମ ଆଚରଣରେ ମୁଖ୍ୟ ପାତ୍ରପୋଷଣ କରିଥାଏ ମନ । ବାହ୍ୟେନ୍ଦ୍ରିୟ କୁହାଯାଉଥିବା ଆଖି, କାନ, ନାକ ଇତ୍ୟାଦି ଇନ୍ଦ୍ରିୟ ଗୁଡିକ ଜଣାଉଥିବା ବିଷୟ ଗୁଡିକୁ ଗ୍ରହଣକରି ଅନ୍ତରେନ୍ଦ୍ରିୟ ହୋଇଥିବା ବୁଦ୍ଧି, ଚିତ୍ତ ପାଖରେ ପହଞ୍ଚାଇଥାଏ । ମନ ବାହ୍ୟେନ୍ଦ୍ରିୟ ଏବଂ ଅନ୍ତରେନ୍ଦ୍ରିୟ ଗୁଡିକର ମଧ୍ୟବର୍ତ୍ତୀ ଭଳି । ଜଣେ ମଧ୍ୟବର୍ତ୍ତୀ ନଥିଲେ ଦୁଇ ବର୍ଗ ମଧ୍ୟରେ ଥିବା ବିଷୟ ଯେମିତି ବେକାର ହୋଇଯାଇଥାଏ ବା ଯାହା କଥା ଯାହା ପାଖରେ ରହିଯାଇଥାଏ, ସେମିତି ମନ ନଥିଲେ ବାହ୍ୟେନ୍ଦ୍ରିୟ ଗୁଡିକର ବିଷୟ ଅନ୍ତରେନ୍ଦ୍ରିୟ ଗୁଡିକରେ, ଅନ୍ତରେନ୍ଦ୍ରିୟ ଗୁଡିକର ବିଷୟ ବାହ୍ୟେନ୍ଦ୍ରିୟ ଗୁଡିକରେ ପହଞ୍ଚି ପାରିନଥାଏ । ନିଦ୍ରା ସମୟରେ ମନ ସୂର୍ଯ୍ୟଚନ୍ଦ୍ର ନାଡୀରେ ନରହି ବ୍ରହ୍ମନାଡୀରେ ରହିଯାଇଥାଏ । ତେଣୁ ସେତେବେଳେ ବାହ୍ୟେନ୍ଦ୍ରିୟ ଗୁଡିକର ବିଷୟ ଅନ୍ତରେନ୍ଦ୍ରିୟରେ, ଅନ୍ତେନ୍ଦ୍ରିୟ ଗୁଡିକର ବିଷୟ ବାହ୍ୟେନ୍ଦ୍ରିୟ ଗୁଡିକରେ ପହଞ୍ଚି ପାରିନଥାଏ । ସେଥିଲାଗି ନିଦ୍ରା ସମୟରେ କୌଣସି କାର୍ଯ୍ୟ ହୋଇନଥାଏ । ନିଦ୍ରା ସମୟରେ ମଧ୍ୟ ବାହ୍ୟେନ୍ଦ୍ରିୟ ହୋଇଥିବା ଆଖି, କାନ, ନାକ, ଜିଭ, ଚର୍ମଗୁଡିକ କାର୍ଯ୍ୟ କରିଥା'ନ୍ତି । କାନକୁ ଶବ୍ଦ

ଶୁଣାଯାଇଥାଏ, କିନ୍ତୁ ସେହି ଶବ୍ଦକୁ ଗ୍ରହଣକରି ଭିତରକୁ ନେଉଥିବା ମନ ନଥିବାରୁ, ସେଠାରେ କି ଶବ୍ଦ ହେଉଛି ତାହା ଭିତରେ ଥିବା ବୁଦ୍ଧି, ଚିତ୍ତ କିମ୍ବା ଜୀବକୁ ଅଜଣା ରହିଯାଇଥାଏ । ସେହିଭଳି ନିଦ୍ରା ସମୟରେ ନାକକୁ ବାସନା ଆସୁଥିଲେ ମଧ୍ୟ, ତାହା ଗ୍ରହଣକରି ଭିତରକୁ ପଠାଉଥିବା ମନ ନଥିବାରୁ ଜୀବକୁ ବାସନାର ବିବରଣୀ ଜଣାନଥାଏ । ଏହିଭଳି ଜ୍ଞାନେନ୍ଦ୍ରିୟ ଗୁଡିକ ଅହର୍ନିଶୀ କାର୍ଯ୍ୟ କରୁଥିଲେ ମଧ୍ୟ, ସେଗୁଡିକର ବିଷୟକୁ ଗ୍ରହଣ କରୁଥିବା ମନ ନଥିବାରୁ ଜୀବ ପାଖରେ କି ବୁଦ୍ଧି ପାଖରେ ସେ ବିଷୟ ପହଞ୍ଚିପାରୁ ନାହିଁ । ନିଦ୍ରା ସମୟରେ ଆମେ କିଛି ଜାଣି ପାରୁନାହେଁ ବୋଲି ଯେ ଇନ୍ଦ୍ରିୟଗୁଡିକର କାର୍ଯ୍ୟ ବନ୍ଦ ହୋଇଯାଇଛି ଭାବିବା ଉଚିତ୍ ନୁହେଁ । ଶରୀରରେ ଚୈତନ୍ୟଶକ୍ତି ରହିଥିବା ପର୍ଯ୍ୟନ୍ତ ଜ୍ଞାନେନ୍ଦ୍ରିୟ ଗୁଡିକ ନିଜ ନିଜର କାର୍ଯ୍ୟ କରିଥା’ନ୍ତି । ମନ କିଛିସମୟ ସ୍ୱସ୍ଥାନ ହୋଇଥିବା ବ୍ରହ୍ମନାଡୀରେ, ସେହିଭଳି କିଛି ସମୟ ପରସ୍ଥଳ ହୋଇଥିବା ସୂର୍ଯ୍ୟନାଡୀରେ ଅବସ୍ଥାନ କରିଥାଏ । ସୂର୍ଯ୍ୟଚନ୍ଦ୍ର ନାଡୀ ଉପରେ ଥିବା ବେଳେ ବାହ୍ୟେନ୍ଦ୍ରିୟ ଗୁଡିକର ଖବର ଅନ୍ତରେନ୍ଦ୍ରିୟ ଗୁଡିକୁ, ଅନ୍ତରେନ୍ଦ୍ରିୟ ଗୁଡିକର ବିଷୟ ବାହ୍ୟେନ୍ଦ୍ରିୟ ଗୁଡିକୁ ଜଣାଇଥାଏ ।

ଏକ କାର୍ଯ୍ୟ ହେବାକୁ ହେଲେ ବାହାର ବିଷୟ ପ୍ରଥମେ ଭିତରକୁ ଯିବା ଆବଶ୍ୟକ ଏବଂ ଭିତର ବିଷୟ ବାହାରକୁ ଆସିବା ଆବଶ୍ୟକ । ପ୍ରଥମେ ଏହି କାର୍ଯ୍ୟ ନହେଲେ ବାହ୍ୟତଃ କାର୍ଯ୍ୟଟିଏ ହୋଇପାରି ନଥାଏ । ଯଦି ମନ ନାହିଁ ତେବେ ଭିତର ବିଷୟ ଭିତରେ ବାହାର ବିଷୟ ବାହାରେ ରହିଯାଏ, ସେତେବେଳେ କୌଣସି କାର୍ଯ୍ୟ ହୋଇପାରେ ନାହିଁ । ଶରୀର ଜଡ ଭାବରେ ରହିଯାଏ । ତେଣୁ ଏକ କର୍ମ କାର୍ଯ୍ୟରୂପ ନେବାରେ ମନ ମୁଖ୍ୟ ହୋଇଥାଏ ବୋଲି ମୁଁ ଦୃଢତାର ସହିତ କହୁଛି । ମନ ଖାଲିଯେ ମୁଖ୍ୟପାତ୍ର ତାନୁହେଁ, ବାହ୍ୟେନ୍ଦ୍ରିୟ, ଅନ୍ତରେନ୍ଦ୍ରିୟ କରିପାରୁନଥିବା କାର୍ଯ୍ୟ ମଧ୍ୟ କରିଥାଏ । ତାହା କଅଣ କହୁଛି ଶୁଣନ୍ତୁ ।

ଜ୍ଞାନେନ୍ଦ୍ରିୟ ଗୁଡିକ ପାଇଁ ବର୍ତ୍ତମାନ କାଳରେ ଘଟୁଥିବା ବିଷୟ ସମ୍ବନ୍ଧୀତ ହୋଇ ରହିଥାଏ । ବାହ୍ୟଦୁନିଆ ସହିତ ସମ୍ବନ୍ଧୀତ ହୋଇ ରହିଥିବା ଜ୍ଞାନେନ୍ଦ୍ରିୟ ଗୁଡିକର ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ନାମକ ପଞ୍ଚ ତନ୍ମାତ୍ର ଗୁଡିକ ମନର ଆଧାର । ବାସ୍ତବରେ ମନ ବାହାର ଜ୍ଞାନେନ୍ଦ୍ରିୟ ଗୁଡିକରୁ ଆସୁଥିବା ତନ୍ମାତ୍ର ଗୁଡିକର ବିଷୟଗୁଡିକୁ ନେଇ ଜୀବ ପାଖରେ ପହଞ୍ଚଇଥାଏ । ଜୀବ ସେହି ବିଷୟ ଗୁଡିକୁ କେବଳ ସାକ୍ଷୀ ଭାବରେ ଦେଖୁଥିବା ସ୍ଥଳେ ବୁଦ୍ଧି ସେହି ବିଷୟ ଗୁଡିକୁ ବିଚାର କରିଥାଏ । ସେତେବେଳେ ବୁଦ୍ଧିର ଦୁଇ ବିଷୟରୁ କୌଣସି ବିଷୟକୁ ନିର୍ଣ୍ଣୟ ନେବା ବେଳେ, ପୁଣି ସେହି ବିଷୟ ମନ ପାଖରେ ପହଞ୍ଚିଥାଏ । ଭିତର ବିଷୟ ବାହାରକୁ ପଠାଉଥିବା ମନ ସେହି ବିଷୟ ଗୁଡିକୁ ନେଇ କର୍ମେନ୍ଦ୍ରିୟ ଗୁଡିକ ପାଖରେ ପହଞ୍ଚାଇଥାଏ । କର୍ମେନ୍ଦ୍ରିୟ ଗୁଡିକରେ ବିଷୟ ବା ଆଦେଶ ପହଞ୍ଚିବା କ୍ଷଣରେ ସେଗୁଡିକ କାର୍ଯ୍ୟକରିବା ଆରମ୍ଭ କରିଥା'ନ୍ତି । କର୍ମେନ୍ଦ୍ରିୟ ଗୁଡିକ ସେହି କାର୍ଯ୍ୟ ସମାପ୍ତ ହୋଇଯିବା ପରେ ଅନ୍ୟ ଏକ କାର୍ଯ୍ୟରେ ଲଗ୍ନହୋଇ ପ୍ରଥମ କାର୍ଯ୍ୟର ଅନୁଭବକୁ ଭୁଲିଯାଇଥା'ନ୍ତି, କିନ୍ତୁ ମନ ସମସ୍ତ କାର୍ଯ୍ୟକୁ ସ୍ମୃତିରେ ରଖିଥାଏ । ବାହ୍ୟେନ୍ଦ୍ରିୟ ଗୁଡିକର, ଭିତରେ ଥିବା ଅନ୍ତରେନ୍ଦ୍ରିୟ ଗୁଡିକର ନଥିବା ସ୍ମୃତିଶକ୍ତି ଏକୈକ ମନର ରହିଥାଏ । ସ୍ମୃତିଶକ୍ତି ବୋଲି ଯାହାକୁ କହୁଛେ ତାହା ହିଁ ମନୋଶକ୍ତି । ସ୍ମୃତିଯୁକ୍ତ ହୋଇ ରହିବାକୁ ହିଁ ସତର୍କତାରେ ରହିବା ବୋଲି କୁହାଯାଏ । ଆମେ ନିତ୍ୟଭାବରେ ଯେଉଁ ବିଷୟ ସହିତ ସମ୍ବନ୍ଧୀତ ହେଉଛେ, ସେହି ବିଷୟଗୁଡିକୁ ମନ ସ୍ମୃତିରେ ରଖିଥାଏ । ତେଣୁ ଭଗବାନ ଭଗବଦ୍ଗୀତାରେ **"ତସ୍ମାତ୍ ସର୍ବେଷୁ କାଲେଷୁ ମାମନୁସ୍ମର ଯୁଧ୍ୟଚ । ମୟାର୍ପିତ ମନୋବୁଦ୍ଧିର୍ମାମେବୈଶ୍ୟସ୍ୟସଂଶୟଃ "** ବୋଲି କହିଛନ୍ତି, ଅର୍ଥାତ୍ ମୋତେ ସ୍ମରଣ କରିବା ଦ୍ୱାରା, ବୁଦ୍ଧି ମୋ ବିଷୟରେ ଆଲୋଚନା କରିବା ଦ୍ୱାରା ସେହି ବିଷୟ ତୋର ମନସ୍ମୃତିରେ ରହିବ । ସବୁବେଳେ ମୋତେ ମନେପକାଇବା ଦ୍ୱାରା ଶେଷରେ ମୋଠାରେ ଐକ୍ୟ ହୋଇପାରିବୁ ବୋଲି କହିଛନ୍ତି ।

ମନେରଖିବା ଶକ୍ତି ବା ସ୍ମୃତିଶକ୍ତି ମନର ଥାଏ, ତେଣୁ ପରମାତ୍ମା ମଧ୍ୟ ମନ, ବୁଦ୍ଧିକୁ ମୋତେ ଅର୍ପଣକର୍ ଅର୍ଥାତ୍ ମୋପାଇଁ ବିନିଯୋଗକର ବୋଲି କହିଛନ୍ତି । ବୁଦ୍ଧିକୁ ତାଙ୍କଠାରେ ବିନିଯୋଗ କରିବାବେଳେ, ବୁଦ୍ଧିର ବିଷୟରାଜିକୁ ମନ ତାର ସ୍ମୃତିରେ ରେକର୍ଡ କରିଥାଏ । ସବୁ ସମୟରେ ବୁଦ୍ଧି, ମନକୁ ପରମାର୍ଥ ଚିନ୍ତନରେ ରଖିଲେ ସେହି ସ୍ମୃତି ରହିରହି ଶେଷରେ ଅର୍ଥାତ୍ ମରଣ ସମୟରେ ଆସିଥାଏ । ଖାଲି ପରମାତ୍ମା ଚିନ୍ତା କାହିଁକି କୌଣସି ବିଷୟ ମଧ୍ୟ ଏହିପରି ଆସିଥାଏ । ଜୀବନକାଳରେ ଯେଉଁ ବିଷୟ ଉପରେ ଅଧିକ ସମ୍ବନ୍ଧୀତ ହୋଇଥିବ,ସେହି ବିଷୟସବୁ ଶେଷ ସମୟରେ ସ୍ମୃତିରେ ଆସିଥାଏ । ଏହି ବିବରଣୀ ଅନୁସାରେ ଶରୀରରେ ମନର ଭୂମିକା କେତେ ମହାନ ତାହା ଜାଣିହୁଏ ।

ଘଟିଥିବା ବିଷୟକୁ ମନ ସ୍ମୃତିରେ ଦେଖାଇଥାଏ ବୋଲି ବୁଝି ପାରିଛେ । ବେଳେବେଳେ ବାହ୍ୟେନ୍ଦ୍ରିୟ ଗୁଡିକ କାର୍ଯ୍ୟ କରୁଥିବା ବେଳେ ମଧ୍ୟ ମନ ସେ ବିଷୟକୁ ଗ୍ରହଣ କରିବା ବନ୍ଦ କରିଦେଇ ପଛକଥାକୁ ସ୍ମୃତିରେ ଦେଖାଇଥାଏ । ସେ ସମୟରେ ବାହ୍ୟେନ୍ଦ୍ରିୟ ସହିତ ଅନ୍ତରେନ୍ଦ୍ରିୟ ଗୁଡିକର ସମ୍ପର୍କ ତୁଟି ଯାଇଥାଏ । ବାହାର କୌଣସି ବିଷୟ ବୁଦ୍ଧି ପାଖରେ ପହଞ୍ଚି ପାରେ ନାହିଁ । ଉଦାହରଣ ସ୍ୱରୂପ ଗୋଟିଏ ବହି ପଢୁଥିବା ସମୟରେ ଆଖି ବହିର ଲେଖାକୁ ଦେଖୁଥିବା ବେଳେ ରୂପ ନାମକ ତନ୍ମାତ୍ର ତାହା ମନ ପାଖରେ ପହଞ୍ଚୁଛି । ମନ ତାହା ନେଇ ବୁଦ୍ଧି ପାଖରେ, ଜୀବ ପାଖରେ ପହଞ୍ଚାଉଛି । ଠିକ୍ ଏହି ସମୟରେ ମନ ଅନ୍ୟ ଏକ ବିଷୟ ଆଲୋଚନାରେ ରହିଗଲା ବୋଲି ଭାବିବା । ସେତେବେଳେ ବାହ୍ୟେନ୍ଦ୍ରିୟ ହୋଇଥିବା ଆଖି ବହିର ଲେଖା ଉପରେ ଅଛି ଆଉ ସେ ବିଷୟ ମନ ପାଖରେ ପହଞ୍ଚୁଛି, କିନ୍ତୁ ମନ ସେ ବିଷୟକୁ ଗ୍ରହଣ ନକରି ଅନ୍ୟ ବିଷୟରେ ଥିବାବେଳେ, ବହିର ବିଷୟ ବୁଦ୍ଧି ପାଖରେ କିମ୍ବା ଜୀବ ପାଖରେ ପହଞ୍ଚିପାରୁ ନାହିଁ । ଆଖି ଦେଖୁଛି, ମୁଖରୁ ପଢିବା କାର୍ଯ୍ୟ ହେଉଛି, କିନ୍ତୁ ସେ ବିଷୟ ବୁଦ୍ଧିରେ

ପହଞ୍ଚୁନାହିଁ ଅର୍ଥାତ୍ ସେଠାରେ ମଧ୍ୟବର୍ତ୍ତୀ ମନ ଅନ୍ୟ ଧ୍ୟାନରେ ଅଛି ବୋଲି ଜାଣିବା ଉଚିତ୍ । ସେ ସମୟରେ ପଢୁଥିବା ବିଷୟ ମନକୁ ଜଣା ନାହିଁ, ତେଣୁ ମନ ସେ ବିଷୟକୁ ପୁଣି ଥରେ ସ୍ମୃତିରେ ଦେଖାଇପାରିବ ନାହିଁ ବା ମନେପକାଇ ପାରିବ ନାହିଁ । କେତେକ ବିଦ୍ୟାର୍ଥୀମାନେ କେତେ ପଢିଲେ ମଧ୍ୟ ପରିକ୍ଷାରେ ପ୍ରଶ୍ନପତ୍ରର ଉତ୍ତର ଲେଖି ପାରୁନାହାନ୍ତି । ପଢିଥିବା ବିଷୟ ମନେ ନପଡିବାର କାରଣ ହେଉଛି ସେମାନେ ପଢିବାବେଳେ ସେମାନଙ୍କର ମନ ପଢାବିଷୟ ଉପରେ ନରହି ଅନ୍ୟ ବିଷୟ ଉପରେ ରହିବା । ଆମେ ମଧ୍ୟ କୌଣସି କାର୍ଯ୍ୟ କରିବାବେଳେ ସେ କାର୍ଯ୍ୟ ଉପରେ ଯଦି ଧ୍ୟାନ ନଦେବା ତେବେ ସେ କାର୍ଯ୍ୟର ଦୁଃଖସୁଖକୁ ଜାଣିପାରିବା ନାହିଁ । ତାଛଡା କାଳ କେତେ ବିତିଲାଣି ମଧ୍ୟ ଜାଣି ପାରିବା ନାହିଁ । ଏହି ବିଷୟ ପ୍ରବୋଧ ଗ୍ରନ୍ଥରେ ମଧ୍ୟ ବିଚାରିତ ହୋଇଛି ।

ଜୀବ ଜାଗ୍ରତାବସ୍ଥାରେ ରହିବାବେଳେ ଯଦି ବାହ୍ୟେନ୍ଦ୍ରିୟ ଏବଂ ଅନ୍ତରେନ୍ଦ୍ରିୟ କାର୍ଯ୍ୟ କରୁନାହାନ୍ତି, ବା ମଧ୍ୟବର୍ତ୍ତୀ ମନ ଯଦି କାର୍ଯ୍ୟ ନକରୁଛି ସେତେବେଳେ ମନ ବିଶ୍ରାମ ନେଉଛି ବୋଲି ମଧ୍ୟ କେତେକ ଭାବିପାରନ୍ତି, କିନ୍ତୁ ମନର ବିଶ୍ରାମ ଜାଗ୍ରତାବସ୍ଥାରେ ନାହିଁ । ବ୍ରହ୍ମନାଡୀରେ ମନ ଥିବାବେଳେ ହିଁ ବିଶ୍ରାମ ନେଇଥାଏ । ସୂର୍ଯ୍ୟ, ଚନ୍ଦ୍ରନାଡୀ ଉପରେ ଥିବାବେଳେ ବା ଜାଗ୍ରତାବସ୍ଥାରେ ଥିବାବେଳେ ମନର ବିଶ୍ରାମ ନଥାଏ । ମଧ୍ୟବର୍ତ୍ତୀର କାର୍ଯ୍ୟ ନଥିବାବେଳେ ସେ (ମନ) ବିଶ୍ରାମ ନନେଇ କ'ଣ କରେ ? ବୋଲି ପ୍ରଶ୍ନ କଲେ, ସେତେବେଳେ ସେ ତାର ସ୍ମୃତି ଖୋଲି ଅତୀତ ବିଷୟକୁ ଆଣି ବୁଦ୍ଧିକୁ, ଜୀବକୁ ଜଣାଇଥାଏ । ମନ ଆଣି ଦେଉଥିବା ବିଷୟ ଉପରେ ଚିତ୍ତର କୌଣସି ହସ୍ତକ୍ଷେପ ନଥାଏ, ତେଣୁ ମନ ଆଣିଥିବା ବିଷୟ ସେତେବେଳେ କାର୍ଯ୍ୟରୂପ ନିଏ ନାହିଁ । ମନ ତାର କାର୍ଯ୍ୟ କରିଚାଲିଥାଏ । ମନ ଆଣିଥିବା କେତେକ ବିଷୟରେ ବୁଦ୍ଧି ବିଚାର କରିଥାଏ । ବୁଦ୍ଧିର ବିଚାର ଶେଷ ହେଉ ହେଉ ମନ ପୁଣି କୌଣସି ଏକ ନୂଆ ବିଷୟ ଆଣିଥାଏ । ବେଳେବେଳେ ବୁଦ୍ଧି ସମ୍ପୂର୍ଣ୍ଣ ବିଚାର କରିବା

ଆଗରୁ ମନ ଅନ୍ୟ କୌଣସି ବିଷୟ ଆଣିନଥାଏ । ବୁଦ୍ଧି ବିଚାର କରିଥିବା ସବୁ ବିଷୟକୁ ଚିତ୍ତ ମଧ୍ୟ ଗ୍ରହଣ କରେ ନାହିଁ । ସେଥିଲାଗି ମନ ଆଣିଥିବା ସବୁ ବିଷୟ କାର୍ଯ୍ୟରୂପ ଧାରଣକରେ ନାହିଁ । କେବଳ କର୍ମ ଥିବା ବିଷୟ କାର୍ଯ୍ୟରୂପ ନେଇଥାଏ । କୌଣସି କାର୍ଯ୍ୟ ହେଉ ପ୍ରଥମେ ତାହା ମନ ତାର ସ୍ମୃତିରେ ଆଣିଥାଏ ।

କୌଣସି କାର୍ଯ୍ୟରେ ଗୁଣପ୍ରଭାବ କିପରି ଥାଏ ଏବେ ଜାଣିବା । ମନ ଜଣାଇଥିବା ବିଷୟ ଗୁଣରାଜି ଭିତରେ ନିବାସ କରୁଥିବା ଜୀବ ଏବଂ ତା ପାଖରେ ଥିବା ବୁଦ୍ଧିକୁ ଜଣାପଡେ । ବୁଦ୍ଧିର କାର୍ଯ୍ୟ ହେଉଛି ଜାଣିଥିବା ବିଷୟର ବିଚାର କରିବା କିମ୍ବା ଆଲୋଚନା କରିବା । ସେଠାରେ ଯେଉଁ ବିଚାର ହୁଏ ତାହା ଗୁଣ ଅନୁସାରେ ହୋଇଥାଏ । ଜୀବ ସାତ୍ତ୍ୱିକ ଭାଗରେ ଥିବାବେଳେ ବୁଦ୍ଧି ସାତ୍ତ୍ୱିକ ଗୁଣ ଦ୍ୱାରା ବିଚାର କରିଥାଏ । ରାଜସ ଭାଗରେ ଥିବାବେଳେ ରାଜସଗୁଣରେ ବିଚାର କରିଥାଏ । ସେହିଭଳି ତାମସ ଭାଗରେ ରହିବାବେଳେ ତାମସଗୁଣରେ ବିଚାର କରିଥାଏ । ବୁଦ୍ଧି ଯେଉଁ ବିଚାର କରିଥାଏ ତାହାକୁ ଚିତ୍ତ କର୍ମ ଅନୁସାରେ ନିର୍ଣ୍ଣୟ ନିଏ ସିନା, ଗୁଣ ସହିତ ଚିତ୍ତର କୌଣସି ସମ୍ପୃକ୍ତ ନଥାଏ । ଚିତ୍ତ କେବଳ ବୁଦ୍ଧି ସହିତ ସମ୍ପର୍କିତ ହୋଇ ରହିଥାଏ । ଗୁଣଗୁଡିକର ପ୍ରଭାବ ବୁଦ୍ଧି ଉପରେ ଥାଏ । ଜୀବ ଗୁଣରାଜି ଭିତରେ ଥିଲେ ମଧ୍ୟ ଗୁଣଗୁଡିକ ସହିତ ସମ୍ପର୍କିତ ନୁହେଁ । ଏହିଭଳି ଅହଂ ମଧ୍ୟ ଗୁଣଗୁଡିକ ସହିତ ସମ୍ବନ୍ଧୀତ ନୁହେଁ । ଗୁଣଗୁଡିକ ଭିତରେ ଥିବା ଜୀବ, ବୁଦ୍ଧି, ଚିତ୍ତ, ଅହଂ ନାମକ ଚାରି ଅନ୍ତଃକରଣ ଭିତରୁ କେବଳ ବୁଦ୍ଧି ଗୁଣଗୁଡିକ ସହିତ ସମ୍ବନ୍ଧିତ ରହି ଗୁଣଗୁଡିକ ଦ୍ୱାରା ବିଚାର କରିଥାଏ । ବୁଦ୍ଧିର ବିଚାର ଅନୁସାରେ ଚିତ୍ତ, ଅହଂ କାର୍ଯ୍ୟ କରିଥା'ନ୍ତି । ଜୀବ ଶରୀର କାର୍ଯ୍ୟରେ କେବେ ମଧ୍ୟ ହସ୍ତକ୍ଷେପ କରିନଥାଏ ।

ଶରୀରକାର୍ଯ୍ୟ ସହିତ ଜୀବର କୌଣସି ସମ୍ପର୍କ ନାହିଁ ବୋଲି ଯିଏ ଜାଣିଯାଏ ସେ କୌଣସି କର୍ମବନ୍ଧନରେ ପଡେ ନାହିଁ । ଏ ବିଷୟ ନଜାଣି

ଜୀବର ସମ୍ପର୍କ ଅଛି, ଜୀବ ହିଁ ସବୁକିଛି କରୁଛି, କର୍ମେନ୍ଦ୍ରିୟ ଗୁଡିକର କାର୍ଯ୍ୟ ମଧ୍ୟ ଜୀବ ଦ୍ୱାରା ହେଉଛି ବୋଲି ଭାବୁଥିବା କୌଣସି ବ୍ୟକ୍ତି କୌଣସି ଛୋଟ କାର୍ଯ୍ୟ କଲେ ମଧ୍ୟ କର୍ମବନ୍ଧନରେ ପଡିଥାଏ । ଏଇଠାରେ କେତେକଙ୍କଠାରେ ଏକ ଛୋଟ ପ୍ରଶ୍ନ ଉଭବ ହୋଇପାରେ । ତାହା ହେଉଛି ! ଶରୀରକାର୍ଯ୍ୟ ସହିତ ଜୀବର କୌଣସି ସମ୍ପର୍କ ଯଦି ନାହିଁ, ତାର ପ୍ରମେୟ ନଥାଇ ଯଦି ସବୁକାର୍ଯ୍ୟ ହେଉଛି, ତେବେ ଜୀବ ଶରୀରରେ ନରହିଲେ କ୍ଷତି କ'ଣ ! ଜୀବ ଅଯଥା ଶରୀର ଭିତରେ କାହିକି ରହିଛି ? ଏହି ପ୍ରଶ୍ନ ପାଇଁ ଆମସମାଧାନ ହେଉଛି ! କର୍ମ ଅନୁସାରେ ଶରୀରର ୨୪ଗୋଟି ଭାଗ କାର୍ଯ୍ୟ କରୁଛନ୍ତି, କିନ୍ତୁ ଜୀବ କୌଣସି କାର୍ଯ୍ୟ କରୁନାହିଁ । କୌଣସି କାର୍ଯ୍ୟରେ ଜୀବର ପାତ୍ର କିଛି ନାହିଁ; ତଥାପି ଯଦି ସବୁ ପ୍ରକାରର କାର୍ଯ୍ୟ ହେଉଛି, ସମସ୍ତ ଅବୟବ କାର୍ଯ୍ୟ କରୁଛନ୍ତି ତେବେ ସେମାନେ କେବଳ ଜୀବ ପାଇଁ କରୁଛନ୍ତି । ଜୀବ ଶରୀରରେ ନଥିଲେ କୌଣସି କାର୍ଯ୍ୟ ହେବା ଆବଶ୍ୟକ ନାହିଁ । କାରଣ ! ପ୍ରତ୍ୟେକ କାର୍ଯ୍ୟର ଅନୁଭୂତିକୁ ଜୀବ ଅନୁଭବ କରିଥାଏ । ପ୍ରତି ଛୋଟ କାର୍ଯ୍ୟଠାରୁ ଆରମ୍ଭକରି ବଡ ବଡ କାର୍ଯ୍ୟ ପର୍ଯ୍ୟନ୍ତ ୨୪ଗୋଟି ଅବୟବ କରିଥା'ନ୍ତି ସିନା, ଜୀବ କିଛି ନକରି ସମସ୍ତେ କରୁଥିବା କାର୍ଯ୍ୟର ଦୁଃଖସୁଖକୁ ଅନୁଭବ କରିଥାଏ । ଜୀବ ଦୁଃଖସୁଖକୁ ଅନୁଭବ କରିବା ପାଇଁ ହିଁ ଅବୟବ ଗୁଡିକ ଅଛନ୍ତି, ଶରୀର ଯନ୍ତ୍ରାଙ୍ଗ ହିଁ ଜୀବ ପାଇଁ ନିର୍ମିତ ହୋଇଛି ବୋଲି ଜାଣିବା ଉଚିତ୍ । ଜୀବ ନଥିଲେ ୨୪ଗୋଟି ଅବୟବ ମଧ୍ୟ ରହିବା ଆବଶ୍ୟକ ନାହିଁ ।

ଶରୀର ଯନ୍ତ୍ରାଙ୍ଗରେ ମନର ପାତ୍ର ମୁଖ୍ୟ ବୋଲି ଜଣାଯାଇଛି । ମୋକ୍ଷ ପାଇବାକୁ ହେଲେ ପ୍ରଥମେ ମନକୁ ବଶୀଭୂତ କରିବା ନିହାତି ଆବଶ୍ୟକ ବୋଲି ବଡମାନେ ମଧ୍ୟ କହିଛନ୍ତି । ଶରୀରରେ କୌଣସି କାର୍ଯ୍ୟ ନକରି ରହିବା ହିଁ ମନକୁ ନରହିବା ଭଳି କରିବା ହୋଇଥାଏ, ଏହାକୁ ଯୋଗ ମଧ୍ୟ କୁହାଯାଏ । ସଂକଳ୍ପ କେବଳ ମନ ଦ୍ୱାରା ଜାତ ହୋଇଥାଏ, ତେଣୁ ମନକୁ

ବଶୀଭୂତ କରିବା ହିଁ ବିଷୟସ୍ମୃତିକୁ ନରଖିବା ଭଳି ହୋଇଥାଏ । ଏଭଳି କରିପାରିଲେ ଅବୟବ ଗୁଡିକର କାର୍ଯ୍ୟ ବନ୍ଦ ହୋଇଯାଏ । ତେଣୁ ମନକୁ ଜୟ କରିବା ହିଁ ଯୋଗ ବୋଲି ଯୋଗୀ ବେମନ ତାଙ୍କ ପଦ୍ୟରେ ତଳେ ଦିଆଯାଇଥିବା ବିବରଣୀ ଅନୁସାରେ ଜଣାଇଛନ୍ତି ।

**କୁକୁର ଭକ୍ଷକ ଗୁରୁ ହୋଇଥାଏ**
**ସୂକର ଭକ୍ଷକ ଯୋଗୀରେ ଗଣା ।**
**କୁଞ୍ଜର ଭକ୍ଷକ ମହାନ ସୁଜ୍ଞାନୀ**
**ବିଶ୍ୱଧାଭିରାମା ଶୁଣରେ ବେମା ॥**

ଯୋଗୀ ବେମନ ଜଣାଇଥିବା ଏହି ପଦ୍ୟର ବିବରଣୀ ହେଉଛି ! କୁକୁରର ଅଭ୍ୟାସ ବୁଲିବା । ଗୋଟିଏ ସ୍ଥାନରେ ସ୍ଥିର ନରହି ଅନେକ ସ୍ଥାନକୁ ଯାଇଥାଏ । କୁକୁର ଭଳି ଆମ ମନ ମଧ୍ୟ ସଞ୍ଚାର ସ୍ୱଭାବର । ଗୋଟିଏ ବିଷୟ ଉପରେ ସ୍ଥିର ନରହି ଅନେକ ବିଷୟ ଉପରେ ଭ୍ରମଣ କରିଥାଏ, ତେଣୁ ମନକୁ କୁକୁର ସହିତ ତୁଳନାକରି ମନକୁ ନିଗ୍ରହ କରିବା ଅର୍ଥାତ୍ ମନରେ କୌଣସି ସଂକଳ୍ପ ବିକଳ୍ପ ନ କରିବା ପାତ୍ର ହିଁ ଗୁରୁ ବୋଲି କହିଛନ୍ତି, ସେଥିଲାଗି କୁକୁର ଅର୍ଥାତ୍ ମନକୁ ଯିଏ ଜୟ କରିଛି ସେ ଗୁରୁ । ବେମନ କହିଥିବା ପଦ୍ୟର ଅନ୍ତରାର୍ଥ ଜାଣିନଥିବା ଗୁରୁମାନଙ୍କୁ, ଯୋଗୀମାନଙ୍କୁ, ଜ୍ଞାନୀମାନଙ୍କୁ କେବଳ ନୀଚ ମାଂସାହାରୀ ଭାବରେ ତୁଳନା କରିପାରିବା । ବୁଦ୍ଧି ଉପଯୋଗ କରି ବେମନଙ୍କ ପଦ୍ୟବିବରଣ ଜାଣିବା ଉଚିତ୍ ।

ଆମ ମନକୁ ଅତି ନୀଚ ସ୍ଥଳରେ ଭ୍ରମଣ କରୁଥିବା ଘୁଷୁରୀ ସହିତ ତୁଳନା କରି, ସେଭଳି ମନକୁ ଜୟ କରିଥିବା ପାତ୍ର ପରମଯୋଗୀ ବୋଲି କହିବାକୁ ଯାଇ ଘୁଷୁରୀ ଭକ୍ଷକ ପରମ ଯୋଗୀ ବୋଲି ଛୋଟ ବାକ୍ୟଟିରେ ମହାନ ଜ୍ଞାନ ସନ୍ଦେଶ ଦେଇଛନ୍ତି ।

ସଞ୍ଚାର ସ୍ୱଭାବ ଏବଂ ଅତି ନୀଚ ବିଷୟ ସହିତ ସ୍ମୃତିବନ୍ତ ମନକୁ ଜୟ କରିବା ଉଚିତ୍ । ମନକୁ ବଶୀଭୂତ କରିବାକୁ ଇଚ୍ଛା କରୁଥିବା ଲୋକର ମନ ବଶୀଭୂତ ହେବା ବଡ ଦୁଃସାଧ୍ୟ । ମନକୁ ସଂଯତ କରିବାକୁ ଚାହିଁଲେ ମଧ୍ୟ ସେ ସାଧାରଣ ଭାବରେ ନାନା ପ୍ରକାରର ସଂକଳ୍ପ ଆଣିଥାଏ । ତେଣୁ ମନର ବଳ ଅଧିକ ଥାଏ ବୋଲି ନକହି ରହିପାରିବା ନାହିଁ । ମନ ବଳୁଆ ଏବଂ ସାଧାରଣ ଭାବରେ ବଶୀଭୂତ ହୁଏନାହିଁ ବୋଲି ମନକୁ ବଳଶାଳୀ ହାତୀ ସହିତ ତୁଳନା କରି, ତାକୁ ଜୟ କରିଥିବା ବ୍ୟକ୍ତି ମହା ସୁଜ୍ଞାନୀ ବୋଲି କହିବାକୁ ଯାଇ କୁଞ୍ଜର ଭକ୍ଷକ ମହା ସୁଜ୍ଞାନୀ ବୋଲି କହିଛନ୍ତି । ଏହି ବିଷୟ ଜଣାଇଥିବା ଯୋଗୀ ବେମନ ମନ କିଭଳି ତାହା ଜାଣିପାରି ତାର ବିବରଣୀ ଦେଇଛନ୍ତି । ଆଜି ଆମେ ମନ ବାବଦରେ ଜାଣିଥିବା ବିଷୟକୁ ବେମନ କେତେ ଆଗରୁ ଜଣାଇଛନ୍ତି ଦେଖନ୍ତୁ । (ବେମନଙ୍କ ପଦ୍ୟର ଭାବାନୁବାଦ) –

**ଲୁହାରେ ତିଆରି ସେ ମହଣ ଛଡି**
**ମଝି ଗୁହାଳକୁ ଗାଈଏ ଗଡି ।**
**ପାକୁଳାନ୍ତି ଦେଖ ଦୁବଘାସକୁ**
**କୁହ ବେମାରେଡ୍ଡି ଏ ରହସ୍ୟକୁ ॥**

ଆମ ମନ ତା ନିଜ ଇଚ୍ଛା ଅନୁସାରେ ଇତର ବିଷୟରେ ଭ୍ରମଣ କରିଥାଏ । ଚଞ୍ଚଳ, ନୀଚ, ଦୃଢ ହୋଇଥିବା ମନକୁ ମଣିଷ ବଶୀଭୂତ କରିବା ଦୁଃସାଧ୍ୟ । ଏତେ ଚଞ୍ଚଳ ହୋଇଥିବା ମନକୁ ଅଟକାଇବା ପବନକୁ ହାତମୁଠାରେ ରଖିବା ଭଳି ହୋଇଥାଏ ବୋଲି ଗୀତାରେ ଅର୍ଜୁନ ମଧ୍ୟ କହିଛନ୍ତି । ଅନେକ ବିଷୟରେ ଭ୍ରମଣ କରୁଥିବା ମନକୁ ସାଧନା ଦ୍ୱାରା ଅଭ୍ୟାସ କରି ଅଟକାଇବା ପରେ କୌଣସି ଅନ୍ୟ ବିଷୟ ଉପରକୁ ନଯାଇ ଏକ ବିଷୟ ଉପରେ ସ୍ଥିର ରହିଯାଇଥାଏ । ଏଭଳି କୌଣସି ବିଷୟ

ଉପରକୁ ଯିବାକୁ ନଦେଇ ଆଜ୍ଞାଧାନରେ ରଖିପାରୁଥିବା ବ୍ୟକ୍ତି ହିଁ ଯୋଗୀ ବୋଲାଇଥାଏ । ଯୋଗୀମାନଙ୍କ ଦ୍ୱାରା ମଧ୍ୟ କଷ୍ଟରେ ବଶୀଭୂତ ହେଉଥିବା ମନ ବଶୀଭୂତ ହେବା ପରେ କିପରି ଥାଏ ତାହା ଜାଣିପାରି, ବଶୀଭୂତ ମନ, ବଶୀଭୂତ ହେଉ ନଥିବା ମନ ବାବଦରେ ଜଣାଇବା ଉଦ୍ଦେଶ୍ୟରେ ତାହା ବେଳେବେଳେ ଏପରି ଥାଏ, ବେଳେବେଳେ ସେପରି ଥାଏ ବୋଲି କହିବାକୁ ଯାଇ, ମନକୁ ଗୋଟିଏ ଛଡି କହି ତାହା ଲୁହା ଭଳି, ମହଣ (ନରମ ଅଠାଳିଆ ପଦାର୍ଥ) ଭଳି ଅଛି ବୋଲି ବେମନ ଜଣାଇଛନ୍ତି । ଚଞ୍ଚଳମନ ମହଣଛଡି ଭଳି, ଇଚ୍ଛା ଅନୁସାରେ ବଙ୍କା ହୋଇଯାଏ । ଚଞ୍ଚଳ ନହୋଇ ସ୍ଥିର ହୋଇ ରହୁଥିବା ମନ ଅତି ଦୃଢମନ ହୋଇଥିବାରୁ ତାହା ଲୁହାରେ ତିଆରି ଛଡ ଭଳି । ଲୁହାଛଡ ସହଜରେ ବଙ୍କା ହୋଇନଥାଏ ।

ବାହାରେ ଥିବା ଜ୍ଞାନେନ୍ଦ୍ରିୟ ଗୁଡିକ ଦ୍ୱାରା ନାନା ବିଷୟ ଆସି ମନରେ ପହଞ୍ଚିଥାଏ । ଏପରି ମନରେ ଆସି ପହଞ୍ଚିଥିବା ବିଷୟଗୁଡିକୁ ମନ ଗ୍ରହଣ କରି ଭିତରେ ଥିବା ବୁଦ୍ଧି, ଚିତ୍ତ ଏବଂ ଜୀବକୁ ଜଣାଇଥାଏ । ବୁଦ୍ଧି, ଚିତ୍ତ ଦେଉଥିବା ପ୍ରତ୍ୟୁତରକୁ ମନ ପୁନଃ ଗ୍ରହଣ କରି ବାହାରେ ଥିବା କର୍ମେନ୍ଦ୍ରିୟ ଗୁଡିକୁ ଜଣାଇଥାଏ । ମନ ଏହିପରି ଅନ୍ତରେନ୍ଦ୍ରିୟ ଏବଂ ବାହ୍ୟେନ୍ଦ୍ରିୟଗୁଡିକର ମଧ୍ୟବର୍ତ୍ତୀ ଭାବରେ ରହିଥାଏ । ବ୍ରହ୍ମନାଡୀ କୁଣ୍ଡଳିକା ଶକ୍ତି ଆରମ୍ଭ ହେଉଥିବା ଭ୍ରୂମଧ୍ୟ ସ୍ଥାନର ପାଖରେ ଥିବା ସୂର୍ଯ୍ୟ, ଚନ୍ଦ୍ରନାଡୀ ଉପରେ ରହିଥାଏ । ସେଥିଲାଗି ମଝି ଶବ୍ଦଟି କହିଛନ୍ତି । ସମସ୍ତ ବିଷୟ ନାଡୀଗୁଡିକ ଦ୍ୱାରା ମନ ପାଖରେ ପହଞ୍ଚିଥାଏ । ସେଥିଲାଗି ବିଷୟଗୁଡିକୁ ଗାଇଗୋଠ ସହିତ ତୁଳନା କରି ଗାଈଏ କହି, ସେଗୁଡିକ ପହଞ୍ଚିବା ସ୍ଥଳ ହୋଇଥିବା ମନକୁ ଗୁହାଳ ଭାବରେ ବର୍ଣ୍ଣନା କରିଛନ୍ତି ।

ମନ ବାହାରର ବିଷୟଗୁଡିକୁ ସଂଗ୍ରହ କରି ଭିତରକୁ, ଭିତରର ବିଷୟଗୁଡିକୁ ସଂଗ୍ରହ କରି ବାହାରକୁ ଛାଡିବା ସହିତ ସମସ୍ତ ବିଷୟକୁ ମନେ ପକାଇବା କ୍ଷମତା ନେଇ ରହିଥାଏ, ନୂଆ ବିଷୟଗୁଡିକୁ ମଧ୍ୟ ମନେ

ପକାଇବା ଶକ୍ତି ବିଶିଷ୍ଟ ହୋଇ ରହିଥାଏ । ମନ ପ୍ରଥମେ ଗୋଟିଏ ବିଷୟକୁ ମନେ ପକାଏ, ତୁରନ୍ତ ସେହି ବିଷୟକୁ ଛାଡି ପ୍ରଥମ ବିଷୟ ସହିତ ସମ୍ବନ୍ଧିତ ହୋଇଥିବା ଆଉଏକ ବିଷୟ ଆଣିଥାଏ । ପୁଣି ସେହି ବିଷୟର ଅନୁବନ୍ଧ ବିଷୟକୁ ମଧ୍ୟ ଆଣେ । ଏହିପରି ଗୋଟିକ ସହିତ ସମ୍ବନ୍ଧୀତ ହୋଇ ରହିଥିବା ଅନେକ ବିଷୟ ଆଣୁଥିଲେ ମଧ୍ୟ, ଶେଷରେ ପ୍ରଥମ ବିଷୟ ଏବଂ ଶେଷ ବିଷୟକୁ ଦେଖିଲେ ତାହା ପରସ୍ପର ଅସମ୍ବନ୍ଧୀତ ହୋଇ ରହିଥାଏ ବୋଲି ଜଣାପଡିଯାଏ । ମନ ଗୋଟିଏ ବିଷୟରୁ କଥା ଆରମ୍ଭ କରିଥାଏ ସିନା, ଶେଷରେ ସେ ରହିଥିବା ବିଷୟ ସହିତ ଆରମ୍ଭ ହୋଇଥିବା ବିଷୟର କୌଣସି ସମ୍ପର୍କ ନଥାଏ । ମନ ଅହରହ ନାନା ବିଷୟକୁ ଆଣିଥାଏ ।

ଦୁବଘାସ ଉପରକୁ ଦେଖାଯାଉଥିଲେ ମଧ୍ୟ ମାଟି ଭିତରେ ତାର ଚେର ଗୋଟିକ ସହିତ ଗୋଟିଏ ମିଶି କେଉଁଠୁ କେଉପର୍ଯ୍ୟନ୍ତ ବ୍ୟାପି ରହିଥାଏ । ଦୁବଘାସର ଚେର ଭଳି ରହିଥାଏ ମନ । ସେଥିଲାଗି ମନକୁ ଦୁବଘାସ ସହିତ ତୁଳନା କରିଛନ୍ତି । ମନକୁ ତା ଇଚ୍ଛାରେ ଛାଡିଦେଲେ ସୀମାହୀନ ଚିନ୍ତା ଆଣିଥାଏ । ସେଥିଲାଗି ବିଷୟ ରୂପକ ଗାଈ ମନ ରୂପକ ଦୁବଘାସକୁ ପାକୁଳାଇବା ସଦୃଶ ବିଚଳିତ କରିଥାନ୍ତି ବୋଲି ଜଣାଇ, ଏହି ରହସ୍ୟକୁ ଆମେମାନେ ଜାଣିବାପାଇଁ ଉପର ପଦ୍ୟରେ ସୂଚିତ କରିଛନ୍ତି ।

ଶରୀରରେ ଥିବା ମନକୁ ଛାଡିଦେଲେ ତାହା ତାର ଇଚ୍ଛା ଅନୁସାରେ ଯାଇଥାଏ । କିପରିନା ! ପ୍ରଥମେ କୌଣସି ଗୋଟିଏ ବିଷୟ ମନେପଡେ, ତାପରେ ସେହି ବିଷୟ ସହିତ ସମ୍ବନ୍ଧୀତ ଆଉ ଏକ ବିଷୟ ମନେପଡେ । ଏଭଳି ଗୋଟିକ ସହିତ ଗୋଟିଏ ସମ୍ବନ୍ଧୀତ ହେବା ଭଳି ଅନେକ ବିଷୟ ଆସିଥାଏ । ଉଦାହରଣ ସ୍ୱରୂପ ଏକ ଚୋରି ବିଷୟ ମନେ ପଡିଲା ବୋଲି ଭାବିବା, ସେତେବେଳେ ସେହିଭଳି କେତେବେଳେ ଥରେ ରେଳଯାତ୍ରାରେ ଥିବା ବେଳେ ଘଟିଥିବା ଚୋରିକାର୍ଯ୍ୟ ମନେ ପଡିବ । ତାପରେ ବସ୍‌ରେ ଗଲାବେଳେ କେବେ ହୋଇଥିବା ଚୋରି ଘଟଣା ମନେ

ପଡିବ, ସେତେବେଳେ ଚୋରର ଭୟରେ ତା ହାତରେ ପିନ୍ଧିଥିବା ହାତଘଣ୍ଟାଟି ଲୁଚାଇଦେଇଥିଲା ବୋଲି ମନେ ପଡିବ । ଚୋର ଆସି ତା ହାତର ଘଣ୍ଟା ପିନ୍ଧା ଚିହ୍ନକୁ ଦେଖି ତାକୁ ତୋ ଘଣ୍ଟା କେଉଁଠି ରଖିଛୁ ପଚାରିବା ବିଷୟ ମନେ ପଡିବ, ସେ ସେତେବେଳେ ଭୟକରି ଘଣ୍ଟାଟି ଦେଇଦେବା ବିଷୟ ମନେ ପଡିବ, ତାପରେ ସେହି ହାତର ଚିହ୍ନକୁ ଦେଖୁଦେଖୁ ହାତରେ ଘଣ୍ଟା ଅପେକ୍ଷା ଚେନ୍ ପିନ୍ଧିଲେ ଭଲ, ତାହା ଚେନ୍ନଇରେ ମିଳେ, ସେଠାରେ ବିଦେଶୀ ରେଡିଓ ମଧ୍ୟ ବିକ୍ରିହୁଏ, ଆହୁରି ଅନେକ ନୂଆ ନୂଆ ଜିନିଷ ବିକ୍ରିହୁଏ, ଥରେ ଚେନ୍ନଇ ଗଲାବେଳେ ତା ସାଙ୍ଗ ତାକୁ ଭଲ ଜିନିଷ କିଣି ଦେଇଥିଲା, ସାଙ୍ଗର ସ୍ନେହ କିପରି ଥିଲା, ସାଙ୍ଗର ସ୍ନେହ ପାଇଁ କି କାମ କରିବି, ସତେବେଳେ ସାଙ୍ଗର ସାନଭାଇ ପାଇଁ ତାଙ୍କ ଗାଆଁରେ ଭଲ ଝିଅଟିଏ ଖୋଜିବାକୁ ହେବ ଏମିତି ଗୋଟିକ ପରେ ଗୋଟିଏ ବିଷୟ ଅବାରିତ ଭାବରେ ଆସିବ । ଶେଷରେ ଦେଖିଲା ବେଳକୁ ପ୍ରଥମ ବିଷୟ ସହିତ ଶେଷ ବିଷୟର କୌଣସି ସମ୍ପର୍କ ନଥିବ । ଆରମ୍ଭ ହୋଇଥିଲା ଚୋରି ବିଷୟ, ହେଲେ ପାଞ୍ଚମିନିଟ୍ ହୋଇ ନାହିଁ ମନ ପହଞ୍ଚିଲାଣି ବାହାଘର ବିଷୟରେ । ଏହିଭଳି ଲଗାମଛଡା ମନ ଗୋଟିକ ପରେ ଗୋଟିଏ ବିଷୟକୁ ଆଣିଥାଏ ।

ଦୁବଘାସକୁ ପ୍ରାୟ ସମସ୍ତେ ଦେଖିଥିବେ, ତାର ଚେର ମାଟିରେ ଥାଏ, ଘାସ ଉପରକୁ ଦେଖାଯାଏ । ଉପରେ ଗୋଟିଏ ଘାସ ସହିତ ଅନ୍ୟ ଘାସର ସମ୍ପର୍କ ନଥିବା ଭଳି ଦେଖାଯାଏ ସିନା ମାଟିରେ ଲାଗି ରହିଥିବା ଚେରସବୁ ପରସ୍ପର ଲାଗିରହିଥାଏ । ଏମିତି ସେ ଘାସ ଅନେକ ଅଞ୍ଚଳ ଅଧିକାର କରି ରହିଥିଲେ ମଧ୍ୟ ଚେର ଗୋଟିଏ । ଗୋଟିଏ ଚେର ମାଟିରେ ଜାଲଭଳି ରହି ଉପରକୁ କେବଳ ଘାସଗଛ ଦେଖାଯାଇଥାଏ । ଆମ ମନ ମଧ୍ୟ ଦୁବଘାସ ଭଳି ଗୋଟିଏ ପରେ ଗୋଟିଏ ବିଷୟ ଜନ୍ମ କରାଇଥାଏ । ଏହିଭଳି ମନର ସମସ୍ତ ବିଷୟକୁ ଜାଣିପାରିଥିବା ଯୋଗୀ ବେମନ ମନକୁ ଦୁବଘାସ ସହିତ ମଧ୍ୟ ତୁଳନା କରିଥିଲେ ।

ଏପର୍ଯ୍ୟନ୍ତ ରହସ୍ୟମୟ ଶରୀର ଆଭ୍ୟନ୍ତରୀଣ ଘଟୁଥିବା ଅନ୍ତଃକରଣ ଗୁଡିକର କାର୍ଯ୍ୟାକାର୍ଯ୍ୟ ବାବଦରେ ଜାଣିଲେ । ଏହି ଅନ୍ତର୍ଗତ ରହସ୍ୟ କାର୍ଯ୍ୟ ଖାଲି ମାନବଠାରେ ନୁହେଁ ସର୍ବ ଜୀବରାଶିଠାରେ ଘଟିଥାଏ । ଯିଏ ଜ୍ଞାନୀ ନୁହେଁ ସେ ଯୋଗୀ ହୋଇପାରିବ ନାହିଁ ନାମକ ଗୀତାବାକ୍ୟ ଅନୁସାରେ ଅନ୍ତଃକରଣ ପାଞ୍ଚଗୋଟିକୁ ଏବଂ ସେଗୁଡିକର କାର୍ଯ୍ୟ ବିବରଣୀକୁ ଜାଣି ପାରିଥିବା ବ୍ୟକ୍ତି ଯୋଗୀ ହୋଇପାରିବ । ନିଜ ଶରୀର ଭିତରେ ଘଟୁଥିବା ପ୍ରକ୍ରିୟାକୁ ଯିଏ ଜାଣିନାହିଁ ସେ ରହସ୍ୟମୟ ଆତ୍ମାକୁ କିପରି ଜାଣିବ ?

**ଇନ୍ଦ୍ରିୟରାଜିର କାର୍ଯ୍ୟକୁ ଜାଣି**
**ହୋଇପାରିବୁ ତୁ ବଡ ସୁଜ୍ଞାନୀ ।**
**ଏହି ଜ୍ଞାନ ଅଟେ ତୁଙ୍ଗର ତୁଙ୍ଗ**
**ଅଖିଳ ଜୀବ ସଙ୍ଗ ଆତ୍ମଲିଂଗ ॥**

ଆମ ଶରୀରରେ ସମସ୍ତ ଇନ୍ଦ୍ରିୟଗୁଡିକ କିପରି କାର୍ଯ୍ୟ କରୁଛନ୍ତି, କାହାର କାର୍ଯ୍ୟ କ'ଣ ସେ ସମସ୍ତ ବିଷୟକୁ ଜାଣି, ସେଗୁଡିକ ସହିତ ମିଶି ରହିଥିବା ପରମାତ୍ମାଙ୍କୁ ଜାଣିବା ଉଚିତ୍ ବୋଲି ଆତ୍ମଲିଂଗ ଶତକ ନାମକ ପଦ୍ୟାବଳୀର ଭାବାର୍ଥରେ ଏହିଭଳି କୁହାଯାଇଛି ।

ଆଜିର କାଳରେ କେତେକ ଅନ୍ତଃକରଣ ହୋଇଥିବା ମନ, ବୁଦ୍ଧି, ଚିତ୍ତ ଇତ୍ୟାଦି ଅଲଗା ଅଲଗା ରହିଛନ୍ତି ବୋଲି ନଜାଣି ବୁଦ୍ଧିକୁ ମନ ବୋଲି ଭାବିଥା'ନ୍ତି, ମନକୁ ଚିତ୍ତ ଭାବିଥା'ନ୍ତି, ବେଳେବେଳେ ଜୀବ ହିଁ ମନ ହୋଇ ରହୁଛି ଏହିଭଳି ବିଭିନ୍ନ ପ୍ରକାରର ଅଶାସ୍ତ୍ରୀୟ କଥା କହୁଛନ୍ତି । ମଦପିଇ ଚାଲିବା ଭଳି କୁହାଯାଉଥିବା ଭ୍ରାନ୍ତ ବାଣୀକୁ ଛାଡି, ଯାହା ଶାସ୍ତ୍ର ପ୍ରମାଣ ହୋଇ ରହିଛି, ଯେଉଁ ବିଷୟକୁ ଜ୍ଞାନନେତ୍ର ଦେଖୁଛି, ଯାହା କେବେ ମଧ୍ୟ ସନ୍ଦେହ ଆଣିନଥାଏ ସେହିଭଳି ବାଣୀର ଆଶ୍ରୟ କରିବା ଉଚିତ୍ ।

**ପ୍ରଶ୍ନ :-** ବୁଦ୍ଧି କର୍ମାନୁସାରିଣୀ ବୋଲି ସମସ୍ତେ କହନ୍ତି, କ'ଣ ଏକଥା ସତ ? ବୁଦ୍ଧି କର୍ମାନୁସାରିଣୀ କିପରି ହୁଏ ? ଟିକିଏ ବୁଝାଇ କୁହନ୍ତୁ ।

**ଉତ୍ତର :-** ସମସ୍ତେ କହୁଛନ୍ତି ବୋଲି ସେକଥା ସତ ଭାବନ୍ତୁ ନାହିଁ । ବିଷୟକୁ ବିବରଣାତ୍ମକ ଜାଣିବା ଉଚିତ୍ । ମିଛକୁ ସମସ୍ତେ ସତ ବୋଲି କହିଲେ ମଧ୍ୟ ତାହା ସତ ହୋଇଯିବ ନାହିଁ । ସତ୍ୟକଥାକୁ ଜଣେ କହିଲେ ମଧ୍ୟ ତାହା ସତ୍ୟକଥା । ବୁଦ୍ଧି କର୍ମାନୁସାରିଣୀ ସମସ୍ତେ କହିଲେ ମଧ୍ୟ ମିଛକଥା । ଧର୍ମ ଦିନେ ଅଧର୍ମରେ ପରିଣତ ହୋଇଥାଏ ବୋଲି ପରମାତ୍ମା କହିଥିବା ଭଳି, ଆଜି ଧର୍ମ ସ୍ଥାନରେ ଅଧର୍ମ ମୁଣ୍ଡଟେକି ରହିଛି । ତେଣୁ ତାଙ୍କ ଧର୍ମକୁ ଜଣାଇବା ପାଇଁ ପରମାତ୍ମା କୌଣସି ସମୟରେ ଆସିପାରନ୍ତି । ସେ ଆସିଲେ ଧର୍ମ ସ୍ଥାନରେ ମୁଣ୍ଡଟେକିଥିବା ଅଧର୍ମକୁ ସେ ଦୂର କରିବେ ।

ମଣିଷଠାରେ ଅଜ୍ଞାନ ବଢିଯାଇ, କେବଳ କିଛିକାଳ ରହୁଥିବା ଜୀବନ ଉପରେ ଅର୍ଥାତ୍ ପେଟପୋଷିବା ପାଇଁ ସମସ୍ତେ ଲଗ୍ନହୋଇ ରହିଛନ୍ତି । ପ୍ରକୃତ ଧର୍ମ କଅଣ ନଜାଣି, ଜଣାଇଥିବା ଧର୍ମ ବାବଦରେ ଚିନ୍ତା ନକରି, ଅଧର୍ମକୁ ବିଶ୍ୱାସ କରି ନିଜେ ନିଜକୁ ଠକୁଛନ୍ତି, ନିଜେ ନିଜର ଅମଙ୍ଗଳ କରୁଛନ୍ତି । ଜ୍ଞାନର ନିନ୍ଦାକରିବା ଉଚିତ୍ ନୁହେଁ, ଜ୍ଞାନକୁ ନିନ୍ଦାକଲେ ବଡମାନଙ୍କ ସହିତ ଦ୍ରୋହ କରିବା ଭଳି ହେବ, ଯାହା କୁହାଯାଇଛି, କୁହାଯାଉଛି ତାହା ଶୁଣିବା ଉଚିତ୍ ସିନା, ତର୍କ କରିବା ଉଚିତ୍ ନୁହେଁ ବୋଲି କହିବା ଦ୍ୱାରା, ଜଣେ ଲୋକ ବାଟ ଭୁଲି ଚାଲିଲେ ସମସ୍ତେ ମେଣ୍ଢାପଲ ଭଳି ସେହି ବାଟରେ ଯାଉଛନ୍ତି, ଏହା ଆଜି ପରମ୍ପରା ହୋଇଯାଇଛି । ପ୍ରଥମ ଥର ଏହି ସମସ୍ୟା ଆସିବା ବେଳେ ଯଦି ଟିକିଏ ପଛକୁ ଫେରି ଦେଖିଥା'ନ୍ତେ, ତେବେ ତାକୁ ଅନୁସରଣ କରିଥିବା ଲୋକମାନେ ମଧ୍ୟ ସଠିକ ବାଟରେ ଥାଆନ୍ତେ । ବ୍ରହ୍ମବିଦ୍ୟାର ପ୍ରାମାଣିକ ଗ୍ରନ୍ଥ ହୋଇଥିବା ଭଗବଦ୍ଗୀତାର **"ପରିପ୍ରଶ୍ନେନ"** ନାମକ ବାକ୍ୟର ଅର୍ଥ ଅନୁସାରେ ପ୍ରଶ୍ନ ପଚାରିବା ଉଚିତ୍ ବୋଲି କୁହାଯାଇଥିବା ବେଳେ, କେହି

ପ୍ରଶ୍ନ ପଚାରିବା ଉଚିତ୍ ନୁହେଁ, ଯାହା କୁହାଯାଉଛି ତାହା ଶୁଣିବା ଉଚିତ୍ ବୋଲି  କହୁଥିବା ଲୋକମାନଙ୍କ ଠାରୁ ଆମେ କି ବ୍ରହ୍ମବିଦ୍ୟା ଶୁଣିବା ? **ମାଷ୍ଟ୍ରେ ଶୋଇବାଷଣ୍ଢେ, ଛାତ୍ରେ ଖାଇବାଷଣ୍ଢ** କହିବା ଭଳି ବ୍ରହ୍ମବିଦ୍ୟାକୁ ବୋଧ କରୁଥିବା ବୋଧକମାନେ ସେମାନଙ୍କ ଇଚ୍ଛା ଅନୁସାରେ ବୋଧ କରାଇ ଚାଲିଥିବା ବେଳେ, ଶୁଣୁଥିବା ଲୋକମାନେ କିଛି ଆଲୋଚନା ନକରି ଆହା ! ଏ ଜ୍ଞାନ କି ମଧୁର ବୋଲି ଭାବୁଛନ୍ତି, ହେଲେ ଏ ଜ୍ଞାନ କେଉଁ ଉଠାଣିକୁ ଉଠିବ ! ବ୍ରହ୍ମବିଦ୍ୟା ଆଜି ଅଧର୍ମରେ ପରିଣତ ହେବାର ମୂଳ କାରଣ  ହେଉଛନ୍ତି ଶୁଣୁଥିବା ଲୋକମାନେ !, ତାପରେ ବୋଧ କରୁଥିବା ଗୁରୁମାନେ ! ! କୁହୁକବିଦ୍ୟା ଦେଖାଉଥିବା ଲୋକ ହେଇଟି ସାପ, ହେଇଟି ମୂଷା କହୁଥିବା ବେଳେ, ସାପ କି ମୂଷାକୁ ନଦେଖି ତାଳିମାରୁଥିବା ଦର୍ଶକମାନଙ୍କ ଭଳି, କୁହାଯାଉଥିବା ବିଷୟ ସତ କି ମିଛ ନଦେଖି, ଟିକିଏ ଆଲୋଚନା ନକରି ଗ୍ରହଣ କରିବା ଦ୍ୱାରା ଆଜି ବ୍ରହ୍ମବିଦ୍ୟାର ପରିସ୍ଥିତି ଏଭଳି ହୋଇଯାଇଛି । ପିଲାମାନଙ୍କୁ "ଉ.. ଆସିବ" କାହାଣୀ ବୁଢିମା ଶୁଣାଉଥିବା ଭଳି ସମସ୍ତେ କାଳକ୍ଷେପ କରୁଛନ୍ତି । ପିଲାମାନେ ଚତୁର ହୋଇ "ଉ.." କିପରି ଜୀବ ପଚାରିବା ବେଳେ ବୁଢିମା କିଛି ଉତ୍ତର ଦେଇପାରୁ ନଥିବା ଭଳି, ଆଜି ବ୍ରହ୍ମବିଦ୍ୟାରୁ ଆଣି ପ୍ରଶ୍ନଟିଏ ପଚାରିଲେ କାହା ପାଖରେ ସମାଧାନ  ନାହିଁ । ପ୍ରକୃତ  ଜୀଜ୍ଞାସୀ ମାନଙ୍କୁ ବାସ୍ତବ ଜ୍ଞାନ କହିବାବାଲା ଆଜି ନାହାନ୍ତି । ଜାତିଧର୍ମ ଭେଦରେ, ରୀତିନୀତି ନାମରେ ସର୍ବ ଜୀବରାଶି ସମ୍ବନ୍ଧୀୟ ବ୍ରହ୍ମବିଦ୍ୟାକୁ ମାତ୍ର କେଇଜଣଙ୍କ ଠାରେ ସିମୀତ କରିଦେଇଛନ୍ତି କେତେକ ଧର୍ମଦ୍ରୋହୀମାନେ । ସର୍ବ ମାନବ ଜାତିର  ମଙ୍ଗଳ ନିମନ୍ତେ ପରମାତ୍ମା ଗୀତାଶାସ୍ତ୍ର କହି, ସେଥିରେ ସର୍ବ ଜୀବ ସମ୍ବନ୍ଧୀୟ ବାଣୀ କହି, ଗୀତାକୁ ବ୍ରହ୍ମବିଦ୍ୟାର ପ୍ରାମାଣିକ ଗ୍ରନ୍ଥ ଭାବେ ଭଗବାନ ଶ୍ରୀକୃଷ୍ଣ କହିଥିବା ବେଳେ, ଶେଷରେ ହିନ୍ଦୁମାନେ ହିଁ ସେହି ଗୀତାକୁ ଅନାଦର କରି,ମୂଲ୍ୟ ନଦେଇ ବେଦକୁ ପ୍ରାମାଣିକ ଗ୍ରନ୍ଥ ବୋଲି କହୁଛନ୍ତି । **ଦିନେନାଦିନେ ସ୍ୱୟଂ**

**ପରମାତ୍ମା ଆସି ଏହାର ବିଚାର କରିବେ ସିନା, ଆଉକେହି କରି ପାରିବେ ନାହିଁ । କାରଣ ! ବ୍ରହ୍ମବିଦ୍ୟାର କେବେ ବିନାଶ ନାହିଁ ।**

ଏବେ ଆପଣ ପଚାରିଥିବା ପ୍ରଶ୍ନ ବୁଦ୍ଧି କର୍ମାନୁସାରିଣୀ ଠିକ୍ କି ଭୁଲ୍ ତାର ଉତ୍ତର କହୁଛି ଶୁଣନ୍ତୁ । ଶରୀରଯନ୍ତ୍ରାଙ୍ଗରେ ବାହ୍ୟ ବିଷୟଗୁଡ଼ିକ ମନ ଦ୍ୱାରା ଗୁଣଗୁଡ଼ିକ ଭିତରେ ଥିବା ବୁଦ୍ଧି ପାଖରେ ପହଞ୍ଚେ ବୋଲି ଆଲୋଚନା କରିସାରିଛେ । ବୁଦ୍ଧି ପାଖରେ ପହଞ୍ଚିଥିବା ବିଷୟକୁ ଜୀବ କେବଳ ସାକ୍ଷୀ ଭାବରେ ଦେଖୁଥିବା ବେଳେ, ବୁଦ୍ଧି ସେଠାରେ ଥିବା ଗୁଣ ଅନୁସାରେ ଦୁଇ ପ୍ରକାରର ବିଚାର କରିଥାଏ । ବୁଦ୍ଧିର ଦୁଇ ବିଚାର ଭିତରୁ ଚିତ୍ତ କର୍ମାନୁସାରେ କୌଣସି ଗୋଟିଏକୁ ନିର୍ଣ୍ଣୟକରେ । ଚିତ୍ତ ପ୍ରାରବ୍ଧ କର୍ମ ଅନୁସାରେ ଯାହା ଅନୁଭବ କରିବାକୁ ଅଛି ସେହି ବିଷୟକୁ ନିର୍ଣ୍ଣୟ କରେ । ସମସ୍ତ କାର୍ଯ୍ୟର କାରଣ କର୍ମ ହୋଇଥିଲେ ମଧ୍ୟ, ସେହି କର୍ମ କାର୍ଯ୍ୟରୂପ ଧାରଣ କରିବାକୁ ଶରୀର ଯନ୍ତ୍ରାଙ୍ଗର **ବୁଦ୍ଧି ଗୁଣ ଅନୁସାରେ ବିଚାର କରିଥାଏ, ଚିତ୍ତ କର୍ମାନୁସାରେ ନିର୍ଣ୍ଣୟ ନିଏ** । ତେଣୁ ବୁଦ୍ଧି କର୍ମାନୁସାରିଣୀ କହିବା ଜ୍ଞାନ କି ଅଜ୍ଞାନ ଆପଣ ବିଚାର କରନ୍ତୁ । ବୁଦ୍ଧି କର୍ମାନୁସାରିଣୀ ହେଲେ ଚିତ୍ତ କଅଣ ନିର୍ଣ୍ଣୟ ନେବ ? ଏହା ଅନ୍ତଃକରଣକୁ ଜ୍ଞାନନେତ୍ରରେ ଦେଖିଥିବା ବ୍ୟକ୍ତି ହିଁ ଜାଣିଥାଏ । ଏପରି ନଦେଖି ଭାବନାମାର୍ଗରେ ଗଲେ ତାହା ଅଜ୍ଞାନ ହିଁ ହେବ । ଜ୍ଞାନମାର୍ଗ ଅନୁସାରେ '**ଚିତ୍ତ କର୍ମାନୁସାରିଣୀ**' ଏବଂ '**ବୁଦ୍ଧି ଗୁଣାନୁସାରିଣୀ**' ବୋଲି କୁହାଯାଏ ।

ଶରୀରରେ ଘଟୁଥିବା ଯନ୍ତ୍ରାଙ୍ଗଗୁଡ଼ିକର କାର୍ଯ୍ୟ ବିବରଣୀକୁ ସାଂଖ୍ୟ କୁହାଯାଏ । ଗୀତାରେ ଭଗବାନ ମଧ୍ୟ ସାଂଖ୍ୟକୁ ମୁଖ୍ୟ ଜ୍ଞାନ ଭାବରେ କହିବାକୁଯାଇ "**କ୍ଷେତ୍ର କ୍ଷେତ୍ରଜ୍ଞର୍ୟୋଜ୍ଞାନଂ ଯତଦ୍ ଜ୍ଞାନଂ ମତଂ ମମ**" ବୋଲି କହିଛନ୍ତି । ଅର୍ଥାତ୍ କ୍ଷେତ୍ର କହିଲେ ଶରୀର, କ୍ଷେତ୍ରଜ୍ଞ କହିଲେ ସେଥିରେ ଥିବା ଆତ୍ମା । ଶରୀରକୁ, ଶରୀରରେ ଥିବା ଆତ୍ମାକୁ ଜାଣିବା ଜ୍ଞାନ ହିଁ ପ୍ରକୃତ ଜ୍ଞାନ । ତେଣୁ ଜ୍ଞାନ ଜୀଜ୍ଞାସୀମାନେ ଶରୀର ବାବଦରେ, ସେଥିରେ

ନିବାସ କରୁଥିବା ଆତ୍ମା ବାବଦରେ ପ୍ରଥମେ ଜାଣିପାରିଲେ, ତାପରେ ସେହି ଶରୀରରେ ଥିବା ପରମାତ୍ମାଙ୍କୁ ମଧ୍ୟ ଜାଣିପାରିବେ । ଭଗବଦ୍ଗୀତାର ସମସ୍ତ ବାଣୀ ଶରୀର ଭିତରର ସିନା ଶରୀର ବାହାରର ନୁହେଁ ।

**ପ୍ରଶ୍ନ :-** ଭୌତିକ ଦୁନିଆ ସହିତ ସମ୍ବନ୍ଧୀତ ହୋଇଥିବା ଜ୍ଞାନେନ୍ଦ୍ରିୟ ପାଞ୍ଚଗୋଟି ରହିଥାଏ । ଜ୍ଞାନେନ୍ଦ୍ରିୟ ନଥିଲେ ଭୌତିକ ଦୁନିଆ ସହିତ ସମ୍ପର୍କ ତୁଟିଯାଇଥାଏ ବୋଲି ଜାଣିପାରିଲୁ, କିନ୍ତୁ ଏହି ୫ଗୋଟି ଇନ୍ଦ୍ରିୟ ଭିତରୁ ଭୌତିକ ଜୀବନ ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଉଥିବା ଇନ୍ଦ୍ରିୟ କେଉଁଟି ?

**ଉତ୍ତର :-** ଭୌତିକ ଜୀବନ ଉପରେ ପ୍ରଭାବ ପକାଉଥିବା ମୁଖ୍ୟ ଅବୟବ ଗୁଡିକ ହେଉଛନ୍ତି ୧) ଆଖି, ୨) କାନ । ଜାଗ୍ରତାବସ୍ଥାରେ ଅଧିକତଃ ଆଖି ଦ୍ୱାରା ଭୌତିକ ଜୀବନ ପ୍ରଭାବିତ ହୋଇଥାଏ । ଦ୍ୱିତୀୟ ସ୍ଥାନରେ ରହିଥାଏ କାନ । ଆଖି, କାନ ନଥିଲେ ଆପଣ ମୋତେ ଦେଖିପାରନ୍ତେ ନାହିଁ କି ମୋ କଥା ଶୁଣିପାରନ୍ତେ ନାହିଁ । ଏ ଦୁଇ ଅବୟବ ନଥିଲେ ମୋ ସହିତ ଆପଣଙ୍କର ସମ୍ପର୍କ ରହିବ ନାହିଁ । ଚର୍ମ ସହିତ କୌଣସି ବସ୍ତୁ ବା ଶରୀର ସମ୍ପର୍କିତ ହେଲେ ବା ଛୁଇଁଲେ ଜାଣିହେବ । ଜିଭ ଉପରେ କୌଣସି ପଦାର୍ଥ ଲାଗିଲେ ସ୍ୱାଦ ବାରିହେବ । ନାକରେ କୌଣସି ବାସନା ଆସି ବାଜିଲେ ସେ ବାସନା ବିଷୟ ଭିତରେ ଥିବା ଜୀବ ପାଖରେ ପହଞ୍ଚିବ । ସ୍ପର୍ଶ, ରସ, ଗନ୍ଧ ଶରୀର ସହିତ ସମ୍ପର୍କିତ ହେବାବେଳେ ସେଗୁଡିକର ବିଷୟକୁ ଜୀବ ଜାଣିପାରିବ । ଆଖି, କାନ ସେଭଳି ନୁହେଁ, ବାହାରୁ ଅନେକ ବିଷୟ ଗ୍ରହଣ କରି କେଉଁଠି ଭିତରେ ଥିବା ଜୀବକୁ ଜଣାଇଥା'ନ୍ତି । ଏଭଳି ଅନେକ ଦୃଷ୍ଟିକୋଣରୁ ଦେଖିଲେ ଜ୍ଞାନେନ୍ଦ୍ରିୟ ଗୁଡିକ ଭିତରୁ ଆଖି ଆଉ କାନ ଭୌତିକ ଜୀବନରେ ଅଧିକ ପ୍ରଭାବ ପକାଇଥା'ନ୍ତି ବୋଲି କହିପାରିବା । "ସର୍ବେନ୍ଦ୍ରିୟାନାଂ ନୟନଂ ପ୍ରଧାନମ୍" ବୋଲି ବଡମାନେ ବି କହିଥା'ନ୍ତି । ସ୍ପର୍ଶ, ରସ, ଗନ୍ଧକୁ ଗ୍ରହଣ କରି ପାରୁଥିବା ଚର୍ମ, ଜିଭ, ନାକ

କାର୍ଯ୍ୟ ନକଲେ ମଧ ବଞ୍ଚିହେବ, କିନ୍ତୁ ଦୃଷ୍ଟି ଗ୍ରହଣ କରୁଥିବା ଆଖି, ଶବ୍ଦ ଗ୍ରହଣ କରୁଥିବା କାନ ନଥିଲେ ଜଗତରେ ବଞ୍ଚିବା କଷ୍ଟ ହୋଇଥାଏ । ଅତ୍ୟଧିକ ପାପ କରିଥିବା ଲୋକମାନଙ୍କର ଏହି ଦୁଇଟି ଅବୟବ ନଥାଏ ବୋଲି ଗ୍ରହଣ କରିପାରିବା ।

*****

# ପଞ୍ଚାକ୍ଷରୀ

ପଞ୍ଚାକ୍ଷରୀ କହିଲେ "ଓଁ ନମଃଶିବାୟ" ବୋଲି ସମସ୍ତେ ଜାଣନ୍ତି । ଆଜିର କାଳରେ ଅନେକ ଗୁରୁ ଏହି ପଞ୍ଚାକ୍ଷରୀକୁ ଉପଦେଶ ଦେବାରେ ବିନିଯୋଗ କରିଥା'ନ୍ତି । କାହା ଦ୍ୱାରା କାନରେ ଶୁଣି ଉପଦେଶ ବା ଦୀକ୍ଷା ଗ୍ରହଣ କରିଥିବା ଲୋକମାନେ ଏହି ପଞ୍ଚାକ୍ଷରୀ ମନ୍ତ୍ରକୁ ଜପ କରିଥା'ନ୍ତି । ଆଜି ଏହା ଗୁରୁଦୀକ୍ଷା ଭାବରେ ଥିବାବେଳେ, ପୂର୍ବେ ଛୋଟପିଲା ମାନଙ୍କୁ ବିଦ୍ୟାଭ୍ୟାସ କରାଇବା ବେଳେ ଏହି ମନ୍ତ୍ରରୁ ହିଁ ଲେଖା ଶିଖାଇବା ଆରମ୍ଭ କରୁଥିଲେ । ପ୍ରଥମଲିପି, ପ୍ରଥମଭାଷା ଭାବରେ ପ୍ରତ୍ୟେକ ଭାଷାଭାଷିର ଲୋକେ ପୂର୍ବେ ଏହି **ଓଁ ନମଃଶିବାୟ** ପଦକୁ ଉଚ୍ଚାରଣ କରିବା, ଲେଖିବାଠାରୁ ଆରମ୍ଭ କରୁଥିଲେ । ଏହା କିଛିକାଳ ସେହିପରି ରହି ପରେ ଟିକିଏ ବଦଳି ପିଲାମାନେ ଲେଖିବା ବେଳେ **'ଓଁ ନମଃ ଶିବାୟଃ'** ଲେଖୁଥିଲେ । ଶିବାୟ ଶବ୍ଦକୁ ଭୁଲ୍ ବଶତଃ ଶିବାୟଃ ଲେଖୁଥିଲେ, କିନ୍ତୁ ଆଜି ଏକଥା ସମସ୍ତେ ଭୂଲିଯାଇ ଅ, ଆ, ଇ, ଈ ଅକ୍ଷରଠାରୁ ଆରମ୍ଭ କରୁଛନ୍ତି । ଅକ୍ଷର ଏଇ ଅ, ଆ, ଇ, ଈ ଠାରୁ ଆରମ୍ଭ ହୋଇଥାଏ ବୋଲି କହନ୍ତି, ହେଲେ ଏ ପଞ୍ଚାକ୍ଷରୀ କ'ଣ ? ତାକୁ ପୂର୍ବେ କାହିଁକି ପିଲାମାନଙ୍କ ଦ୍ୱାରା ଲେଖାଉଥିଲେ, କୁହାଉଥିଲେ ବୋଲି ଅନେକ ଜାଣନ୍ତି ନାହିଁ, କେହି ଜାଣନ୍ତି ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ ।

**ଯାହା ଜଣାଅଛି ତାହା ଭୁଲିଯିବା ସମସ୍ତଙ୍କଠାରେ ଘଟୁଥିବା ସ୍ଥଳେ, ଯାହା କାହାକୁ ଜଣାନଥାଏ ତାହା ଜଣେ ଜଣାଇଥାଏ ବୋଲି ବଡମାନେ ବେଳେବେଳେ କଥା ପ୍ରସଂଗରେ କହିଥା'ନ୍ତି** । ଏହି ବାକ୍ୟ ଅନୁସାରେ, ଏବେ ସେହି ଜଣକର ପାତ୍ରପୋଷଣ କରି ଜଣାଇବାକୁ ଚାହୁଁ ଯେ, ପ୍ରତ୍ୟେକ ପତ୍ର ଔଷଧ ହେବା ଭଳି, ପ୍ରତ୍ୟେକ କଥା ମଧ୍ୟ ଏକ ମନ୍ତ୍ର ହୋଇଥାଏ । ତେଣୁ **'ଓଁ ନମଃ ଶିବାୟ'** ପଦଟି ମଧ୍ୟ ଏକ କଥା ହୋଇଥିବାରୁ ଏହାକୁ ମନ୍ତ୍ରଟିଏ ବୋଲି କହିଥିଲେ, ଏହାକୁ ହିଁ ପଞ୍ଚାକ୍ଷରୀ ନାମରେ କହିଥିଲେ । ସେହିଭଳି **'ଓଁ ନମୋନାରାୟଣାୟ'** ନାମକ ମନ୍ତ୍ରକୁ ଅଷ୍ଟାକ୍ଷରୀ, **'ଓଁ ନମଃ ଶିବାୟ'** କୁ ପଞ୍ଚାକ୍ଷରୀ ବୋଲି କହିଥିଲେ । ଏହିଭଳି ପଞ୍ଚାକ୍ଷରୀ, ଅଷ୍ଟାକ୍ଷରୀ ନାମରେ କାହିଁକି କୁହାଯାଏ ବୋଲି ଆମେ ପଚାରିବା ବେଳେ ଆଜିର କେତେକ ଜଣାଶୁଣା ଲୋକେ **"ଓଁ ନମଃଶିବାୟ ମନ୍ତ୍ରରେ ୫ଗୋଟି ଅକ୍ଷର ରହିଛି, ତେଣୁ ତାହା ପଞ୍ଚାକ୍ଷରୀ, ସେହିଭଳି ଓଁ ନମୋନାରାୟଣାୟରେ ୮ଗୋଟି ଅକ୍ଷର ରହିଥିବାରୁ ଅଷ୍ଟାକ୍ଷରୀ କୁହାଯାଉଛି, ଶୈବମାନେ ପଞ୍ଚାକ୍ଷରୀ ଏବଂ ବୈଷ୍ଣବମାନେ ଅଷ୍ଟାକ୍ଷରୀ ମନ୍ତ୍ର ଉପଦେଶ ଦେଇଥା'ନ୍ତି"** ବୋଲି କହିଥିଲେ ।

ପ୍ରଥମେ ପଞ୍ଚାକ୍ଷରୀ ନାମରେ କହିଥିବା ଓଁ ନମଃ ଶିବାୟକୁ ହିସାବ କଲେ (୧) ଓଁ (୨) ନ (୩) ମଃ (୪) ଶି (୫) ବା (୬) ୟ ହୋଇଥାଏ, କିନ୍ତୁ ଅଷ୍ଟାକ୍ଷରୀକୁ ହିସାବକଲେ (୧) ଓଁ (୨) ନ (୩) ମୋ (୪) ନା (୫) ରା (୬) ୟ (୭) ଣା (୮) ୟ ହୋଇଥାଏ । ଏହି ହିସାବରେ ଅଷ୍ଟାକ୍ଷରୀ ଠିକ୍ ଅଛି କିନ୍ତୁ ପଞ୍ଚାକ୍ଷରୀରେ କିଛି ଭୁଲ୍ ଥିବା ଭଳି ଲାଗୁଛି । ଏଠାରେ ଭାଷା ଲିପିକୁ ମଧ୍ୟ ସ୍ପଷ୍ଟତଃ ଜାଣିହେଉଛି, କିନ୍ତୁ ଛଅଗୋଟି ଅକ୍ଷର ବିଶିଷ୍ଟ ଓଁ ନମଃଶିବାୟକୁ ବଡମାନେ ପଞ୍ଚାକ୍ଷରୀ ନାମରେ କାହିଁକି କହିଥିଲେ ବୋଲି ପ୍ରଶ୍ନ ଆସୁଛି ।

ପଞ୍ଚାକ୍ଷରୀ ମନ୍ତ୍ରକୁ ଆଗରୁ ପଛରୁ ବିଚାରକଲେ ପୂର୍ବର ଜ୍ଞାନୀମାନେ ବିଶେଷ ଅର୍ଥର ସହିତ ପଞ୍ଚାକ୍ଷରୀକୁ ନିର୍ଣ୍ଣୟ କରିଥିଲେ ବୋଲି ଜଣାଯାଏ । ଆଜିର କାଳରେ ମଧ୍ୟ ରହିଥିବା ସବୁ ମନ୍ତ୍ରର ପୂର୍ବରୁ ଦିନେ ରହିଥିଲା ଏହି ପଞ୍ଚାକ୍ଷରୀ ମନ୍ତ୍ର । ପଞ୍ଚାକ୍ଷରୀ ମନ୍ତ୍ର ଆସିବାର କିଛିକାଳ ପରେ ଆଉ କେତେକ ଅନ୍ୟାନ୍ୟ ମନ୍ତ୍ରଗୁଡ଼ିକୁ ତିଆରି କରିଥିଲେ ବୋଲି ଜଣାଯାଉଛି । ପ୍ରଥମେ ଯେଉଁମାନେ ପଞ୍ଚାକ୍ଷରୀ ତିଆରି କରିଥିଲେ ଏବଂ ତାର ଭାବ ବିବରଣୀ କହିଥିଲେ ତାହା ହେଉଛି ! କ୍ଷର କହିଲେ ବିନାଶୀ, ଅକ୍ଷର କହିଲେ ଅବିନାଶୀ । ଏହି ଅନୁସାରେ ଦେଖିଲେ ପଞ୍ଚାକ୍ଷରୀ କହିଲେ ଯାହା ପାଞ୍ଚଗୋଟି (୫)ଦ୍ୱାରା ବିନାଶ ହୋଇନଥାଏ । ପାଞ୍ଚଗୋଟି କ'ଣ କ'ଣ ଦ୍ୱାରା ଏବଂ କିଏ ଅବିନାଶୀ ବୋଲି ଦେଖିଲେ, **"ଓମିତ୍ୟେକାକ୍ଷରଂ ବ୍ରହ୍ମ"** ବୋଲି ଭଗବଦ୍ଗୀତାରେ କୁହାଯାଇଛି । ତେଣୁ ଓଁ ହେଉଛି ଅକ୍ଷର ବା ଅବିନାଶୀ, ତାହା ହିଁ ଅବିନାଶୀ ବ୍ରହ୍ମ ବା ଦୈବ । ସେଥିଲାଗି ପଞ୍ଚାକ୍ଷରୀ ମନ୍ତ୍ରରେ "ଓଁ" ହେଉଛି ଦୈବ, ବ୍ରହ୍ମ, ଈଶ୍ୱର ବା ପରମାତ୍ମା । ଯିଏ ପାଞ୍ଚଗୋଟି ଦ୍ୱାରା ବିନାଶ ହୋଇନଥା'ନ୍ତି ସେ କିଏ ତ ଜାଣିଲେ, ହେଲେ ପାଞ୍ଚଗୋଟି ଜିନିଷ ସବୁ କଅଣ ?

ପ୍ରକୃତି ପରମାତ୍ମାଙ୍କ ଭିତରୁ ଦେଖାଯାଇଥାଏ କେବଳ ପ୍ରକୃତି । ଆଖିକୁ ଦେଖା ନଯାଇ ସର୍ବତ୍ର ବ୍ୟାପିରହିଛନ୍ତି ପରମାତ୍ମା । ପ୍ରକୃତି ପାଞ୍ଚ ଭାଗରେ ବିଭକ୍ତ ହୋଇଛି । (୧) ଆକାଶ (୨) ବାୟୁ (୩) ଅଗ୍ନି (୪) ଜଳ (୫) ଭୂମି । ଏହି ପାଞ୍ଚଭାଗର ପ୍ରକୃତିରେ ସର୍ବ ଜୀବରାଶି ଜନ୍ମ ହୋଇଥା'ନ୍ତି ଏବଂ ମୃତ୍ୟୁବରଣ କରିଥା'ନ୍ତି । ତେଣୁ ପ୍ରକୃତିର ଏହି ପଞ୍ଚଭୂତ ଦ୍ୱାରା ସମସ୍ତେ ଜନ୍ମହେବା ଏବଂ ବିନାଶହେବା ଘଟିଥାଏ । ଏହାକୁ ଆମେ ପ୍ରତ୍ୟକ୍ଷତଃ ଦେଖୁଛେ । ପବନର ବିଶୃଂଖଳାରେ କେତେ ବଡ ବିପତ୍ତି ଆସିପାରେ, ତଦ୍ଦ୍ୱାରା ଅନେକ ପ୍ରାଣନଷ୍ଟ ଘଟିପାରେ । ସେହିଭଳି ଜଳର ବିଶୃଙ୍ଖଳାରେ ସମସ୍ତେ ସଲିଳସମାଧି ହୋଇପାରନ୍ତି । ଏହିଭଳି ପ୍ରକୃତିର

ପାଞ୍ଚଗୋଟି ଭାଗ ଜଣେ ଜଣକଠାରୁ ବଳି କହିଲେ ଅତ୍ୟୁକ୍ତି ହୁଏ ନାହିଁ, ସେମାନଙ୍କ କ୍ରୋଧ ଗୋଟିଏ କ୍ଷଣରେ ସର୍ବସ୍ୱକୁ ବିନାଶ କରିଦେଇ ପାରେ । ଏହି ପ୍ରକୃତିର ପାଞ୍ଚଭାଗକୁ ତିଆରି କରିଥିବା ପରମାତ୍ମାଙ୍କର କୌଣସି କ୍ଷତି କରିପାରେ ନାହିଁ ପ୍ରକୃତି । ସର୍ବ ଜୀବରାଶିଙ୍କ ଭଳି ପରମାତ୍ମା ବିନାଶ ହୋଇନଥା'ନ୍ତି । ଏକଥା ଆମମାନଙ୍କୁ ଜଣାଇବା ପାଇଁ ପୂର୍ବର ଜ୍ଞାନୀମାନେ ପରମାତ୍ମାଙ୍କ ନିମନ୍ତେ ଭାଷାଲିପିର ଏକ ବୀଜାକ୍ଷର ସୃଷ୍ଟିକରି ଏହି **"ଓଁ"** ନାମକ ଅକ୍ଷର ତିଆରି କରିଥିଲେ । ସେହିଭଳି ପ୍ରକୃତି ପାଇଁ ପାଞ୍ଚ (୫) ଗୋଟି ବୀଜାକ୍ଷର ନିର୍ଣ୍ଣୟ କରିଥିଲେ, ସେଗୁଡିକୁ କ୍ରମାନ୍ୱୟରେ ଦେଖିଲେ, ପ୍ରଥମେ "ଆକାଶ ପାଇଁ **'ନ'**, ଦ୍ୱିତୀୟରେ ବାୟୁ ପାଇଁ **'ମଃ'**, ତୃତୀୟରେ ଅଗ୍ନି ପାଇଁ **'ଶି'**, ଚତୁର୍ଥରେ ଜଳ ପାଇଁ **'ବା'**, ପଞ୍ଚମରେ ଭୂମି ପାଇଁ **'ୟଃ'** ରହିଛି ବୋଲି ଜଣାଯାଏ । ପଞ୍ଚଭୂତର ବୀଜାକ୍ଷର **'ନମଃଶିବାୟ'**କୁ ସେତେବେଳେ ସମସ୍ତେ ଜାଣିଥିଲେ । ଏହି ପାଞ୍ଚଗୋଟି ବୀଜାକ୍ଷରର ପ୍ରଥମ ଦୁଇଟି ଅକ୍ଷରକୁ ଗୋଟିଏ ପଦ ଏବଂ ଶେଷରେ ଥିବା ତିନିଗୋଟି ଅକ୍ଷରକୁ ଗୋଟିଏ ପଦ ନାମରେ କହିବାରେ ମଧ୍ୟ ବିଶେଷତାକୁ ସ୍ଥାନ ଦେଇଥିଲେ । ପଞ୍ଚଭୂତ ଗୁଡିକ ଭିତରୁ ଆଖିକୁ ଦେଖାଯାଇ ନଥାଏ ଆକାଶ ଏବଂ ବାୟୁ । ତେଣୁ ଏ ଦୁଇଟିକୁ ଗୋଟିଏ ପଦ ଭାବରେ, ସେହିଭଳି ଆଖିକୁ ଦେଖାଯାଉଥିବା ଅଗ୍ନି, ଜଳ, ଭୂମିକୁ ମିଶାଇ ଆଉଗୋଟିଏ ପଦ କରି, ଦୁଇଟି ପଦକୁ ମିଶାଇ **ନମଃଶିବାୟ** କହିଥିଲେ । ଏଭଳି କହିବା ଦ୍ୱାରା ଏହାର ତାରତମ୍ୟକୁ ସମସ୍ତେ ଜାଣିପାରିବା ଭଳି କରିଥିଲେ ।

ଏପର୍ଯ୍ୟନ୍ତ ପଞ୍ଚଭୂତର ବୀଜାକ୍ଷର ନମଃଶିବାୟ ବାବଦରେ ଜାଣି ପାରିଲେ । ସେହିପରି ପଞ୍ଚଭୂତ ଦ୍ୱାରା ବିନାଶ ହେଉନଥିବା ଈଶ୍ୱରଙ୍କୁ **'ଓଁ'** ନାମକ ବୀଜାକ୍ଷର ଦ୍ୱାରା ଜଣାଇ ପୂର୍ବର ଜ୍ଞାନୀମାନେ ରଖିଥିଲେ ବୋଲି ଜାଣିପାରିଲେ । ପଞ୍ଚଭୂତ ଦ୍ୱାରା କେବଳ ଈଶ୍ୱର, ଦୈବ ବା ପରମାତ୍ମା ବିନାଶ ହୋଇପାରନ୍ତି ନାହିଁ, ଏକଥା ମଣିଷ ଜାଣିବା ପାଇଁ **'ଓଁ'** କୁ

ଅବିନାଶୀ ଭାବରେ ନେଇ, ଯିଏ କାହା ଦ୍ୱାରା ବିନାଶ ହୋଇନଥା'ନ୍ତି ତାଙ୍କୁ ଚିହ୍ନାଇବା ଭଳି ଜଣାଇ **"ଓଁ ନମଃଶିବାୟ"** ଲେଖିଥିଲେ । କେବଳ ପରମାତ୍ମା ଅବିନାଶୀ ବୋଲି ଏହି ମନ୍ତ୍ରର ଅର୍ଥ ଜଣାଇଥାଏ । ତେଣୁ କେବଳ ଓଁକାରକୁ ପଞ୍ଚାକ୍ଷରୀ କୁହାଯାଇଥିଲା ବୋଲି ଆମେ ଗ୍ରହଣ କରିବା ଉଚିତ୍ । ଯାହା ପଞ୍ଚଭୂତ ଦ୍ୱାରା ବିନାଶ ହୋଇନଥାଏ ତାହା ପଞ୍ଚାକ୍ଷରୀ । ଏହା ଥିଲା ଆମ ପୂର୍ବଜମାନଙ୍କର ଭାବ । ଓଁକାରକୁ ହିଁ ଅକ୍ଷର (ଅବିନାଶୀ) କୁହାଯାଏ । ଓଁ କାହା ଦ୍ୱାରା ବିନାଶ ହୋଇନଥାଏ କହିଲେ, ତାର ବିବରଣ କହିବାକୁ ଯାଇ, ପରମାତ୍ମାଙ୍କ ବୀଜାକ୍ଷରୀ ହୋଇଥିବା 'ଓଁ'କୁ ପଞ୍ଚଭୂତର ବୀଜାକ୍ଷର **'ନମଃ ଶିବାୟ'** ପୂର୍ବରୁ ଲଗାଇ ମୋଟ ଛଅଗୋଟି ଅକ୍ଷର ଲେଖି ତାହାକୁ ପଞ୍ଚାକ୍ଷରୀ କହିଥିଲେ । ହିସାବରେ ଛଅଗୋଟି ଅକ୍ଷର ହେଉଥିଲେ ମଧ୍ୟ ତାହାକୁ ପଞ୍ଚାକ୍ଷରୀ, ଓଁକାର ହିଁ ପଞ୍ଚାକ୍ଷରୀ, ପଞ୍ଚାକ୍ଷରୀରେ ବିଶେଷ ଅର୍ଥ ମିଶିରହିଛି ବୋଲି ଜାଣିବା ଉଚିତ୍ ।

ପୂର୍ବେ ପ୍ରତିଷ୍ଠା ହୋଇଥିବା ଈଶ୍ୱରଲିଙ୍ଗ ହିଁ ଆମର ପ୍ରଥମ ଦେବାଳୟ (ମନ୍ଦିର) । ଈଶ୍ୱରଲିଙ୍ଗ ବାସ୍ତବରେ ପୁରାଣରେ କୁହାଯାଇଥିବା ଶିବଙ୍କର ଶାପଗ୍ରସ୍ତ ପ୍ରତିମା ନୁହେଁ । ପ୍ରକୃତି ପରମାତ୍ମାଙ୍କର ଚିହ୍ନ ଭାବରେ ଏହି ଲିଙ୍ଗ ପ୍ରତିଷ୍ଠା ହୋଇଥିଲା । ଆଜିର ଯୁଗରେ ସମସ୍ତେ ଶଙ୍କର (ଶିବ)ଙ୍କ ପ୍ରତିମା ଭାବି ପୂଜା କରିଥା'ନ୍ତି । ଏହା ଦ୍ୱାରା ପୂର୍ବର ଜ୍ଞାନୀମାନେ ତାହା କେଉଁ ଉଦ୍ଦେଶ୍ୟରେ ପ୍ରତିଷ୍ଠା କରିଥିଲେ ଆମେ ସମ୍ପୂର୍ଣ୍ଣ ଭୁଲିଯାଇଛେ କହିଲେ ଅତ୍ୟୁକ୍ତି ହେବନାହିଁ । ବାସ୍ତବରେ କାଳକ୍ରମେ ସେମାନଙ୍କ ଉଦ୍ଦେଶ୍ୟକୁ ଆମେ ଭୁଲିଯାଇଛେ । ପୂର୍ବେ ଲିଙ୍ଗକୁ ପରମାତ୍ମାଙ୍କ ସଂକେତ ଭାବୁଥିଲେ । ଏକଥା ଆମ ରଚନା ଗୁଡିକରେ ମଧ୍ୟ ଅନେକ ଥର ଲେଖିଛୁ । ପୂର୍ବେ ଏହି ଲିଙ୍ଗ ପ୍ରତିଷ୍ଠା ବାବଦରେ ସମସ୍ତେ ଜାଣିଥିଲେ, ସମସ୍ତେ ଲିଙ୍ଗ ନିକଟକୁ ଯାଇ, ତାହା ଦେଖି , ପଞ୍ଚଭୂତ ଦ୍ୱାରା ମଧ୍ୟ ବିନାଶ ହେଉନଥିବା ପରମାତ୍ମାଙ୍କ ସଂକେତ ବୋଲି ଭାବନା କରି, **'ଓଁ ନମଃଶିବାୟ'** କହି

ପ୍ରଣାମ କରୁଥିଲେ । ବୀଜାକ୍ଷରକୁ ତୁଣ୍ଡରେ କହିବା ଦ୍ୱାରା ତାହା ମନ୍ତ୍ର ଭାବରେ, ପଞ୍ଚାକ୍ଷରୀ ନାମରେ ନାମିତ ହୋଇଥିଲା । ଏହି ପଞ୍ଚାକ୍ଷରୀ ଆଜି ମଧ୍ୟ ରହିଛି, କିନ୍ତୁ ପୂର୍ବଜମାନେ ସେଥିରେ ରଖିଥିବା ଭାବ ଆଉ ନାହିଁ । ଯାହା ରହିଛି ତାହା ଭ୍ରାନ୍ତ ଭାବ ।

ଆଜି ମଧ୍ୟ ଭଗବଦ୍ଗୀତାରେ ଓଁ କୁ ଅକ୍ଷର, ତାହା ହିଁ ଦୈବ ବୋଲି କହିବା ପାଇଁ ଭଗବଦ୍ଗୀତାରେ ଅକ୍ଷର କହିଲେ ଅବିନାଶୀ ବୋଲି ପ୍ରମାଣ ରହିଛି; ତଥାପି ଓଁ ଦୈବ ବା ପରମାତ୍ମା ହେବାବେଳେ, ସେହି ଦୈବ କାହା ଦ୍ୱାରା ବିନାଶ ହୁଅନ୍ତି ନାହିଁ, ଆମେ କାହା ଦ୍ୱାରା ବିନାଶ ହୋଇଯାଉଛେ ? ବୋଲି ପ୍ରଶ୍ନକଲେ, ସେହି ଗୀତାରେ "ପ୍ରକୃତି ପଞ୍ଚଭୂତରୁ ସର୍ବ ଜୀବରାଶି ମରି ଜନ୍ମ ହୋଇଥା'ନ୍ତି, ଜୀବରାଶିଙ୍କୁ ଜନ୍ମ କରାଇ, ମାରୁଛି ପ୍ରକୃତି ଏବଂ ମୁଁ ନିମିତ୍ତମାତ୍ର ହୋଇ ଦେଖୁଛି, ପ୍ରକୃତି ବିନାଶ ହୋଇଗଲେ ମଧ୍ୟ ମୁଁ ଅବିନାଶୀ ହୋଇ ରହିଥାଏ" ପରମାତ୍ମା ଜଣାଇଛନ୍ତି ବୋଲି ଉତ୍ତର ମିଳିଥାଏ, ସେତେବେଳେ ପାଞ୍ଚଗୋଟି ଦ୍ୱାରା ଯିଏ କ୍ଷରି ହୋଇନଥା'ନ୍ତି ବା ବିନାଶ ହୋଇନଥା'ନ୍ତି ସେ ହିଁ ଅକ୍ଷର ବା ପଞ୍ଚାକ୍ଷରୀ ବୋଲି ସହଜରେ ବୁଝି ହୋଇଯାଏ, କିନ୍ତୁ ଏହି ରହସ୍ୟକୁ ଆମେ କେବେ ମଧ୍ୟ ବୁଝିବାକୁ ଇଚ୍ଛା କରୁନାହେଁ ।

ପୂର୍ବେ କେବଳ ଏହି ପଞ୍ଚାକ୍ଷରୀ ମନ୍ତ୍ରଟି ରହିଥିଲା । ଅନ୍ୟ ମନ୍ତ୍ରସବୁ ନଥିଲା । କାଳକ୍ରମେ ଅନ୍ୟାନ୍ୟ ମନ୍ତ୍ରଗୁଡିଏ ସୃଷ୍ଟିହେବା, ପଞ୍ଚାକ୍ଷରୀ ଶୈବମାନଙ୍କ ପାଖକୁ ଚାଲିଯିବା ଘଟିଯାଇଛି । ଓଁ ନମଃଶିବାୟ ମନ୍ତ୍ର ପରେ ବୈଷ୍ଣବମାନେ ଖାଲି ତମର ମନ୍ତ୍ର ଅଛି, କ'ଣ ଆମର ନାହିଁ କହିବା ଭଳି **"ଓଁ ନମୋନାରାୟଣାୟ"** ସୃଷ୍ଟି କରିଛନ୍ତି । ଏଭଳି ଅନେକଲୋକ ଅନେକ ମନ୍ତ୍ର ତିଆରି କରିଛନ୍ତି ଏବଂ ତାହା ଆଜି ଶୁଣିବାକୁ ମିଳୁଛି । ଆଜି ଯେତେ ମନ୍ତ୍ର ରହିଲେ କ'ଣ ହେବ, ପଞ୍ଚାକ୍ଷରୀ ଭଳି କେହି ହୋଇପାରିବେ ନାହିଁ । ପଞ୍ଚାକ୍ଷରୀର ଅର୍ଥ ଜାଣିଯିବା ପରେ ସମସ୍ତେ କହିବେ ଏହା

କେଉଁଭଳି ମନ୍ତ୍ର । ତେଣୁ **"ଓଁ ନାମଃଶିବାୟ"** ମନ୍ତ୍ରକୁ ଭଲ ଭାବରେ ବୁଝିବାକୁ ଚେଷ୍ଟାକରନ୍ତୁ । ନୂଆକଥା ଶୁଣାଇ ଆମ ମୁଣ୍ଡଖରାପ କରୁଛନ୍ତି ବୋଲି ଭାବନ୍ତୁ ନାହିଁ । ପ୍ରକୃତ ଭାବର ସହିତ ଏହି ମନ୍ତ୍ରକୁ ଉଚ୍ଚାରଣ କରିପାରିଲେ ଏହା ହିଁ ମହାମନ୍ତ୍ର ହୋଇପାରିବ । ଭାବ ଜାଣି ଏହି ମନ୍ତ୍ର ଉଚ୍ଚାରଣକଲେ ପରମାତ୍ମା ଶୁଣିପାରିବେ, ନଚେତ ଶଙ୍କରଙ୍କ ନାମକୀର୍ତ୍ତନ ହେବା ସିନା, ପରମାତ୍ମାଧର୍ମ ଆଚରଣ ହୋଇପାରିବ ନାହିଁ ।

| **ଓଁ** | **ନ** | **ମଃ** | **ଶି** | **ବା** | **ୟ** |
|---|---|---|---|---|---|
| ↓ | ↓ | ↓ | ↓ | ↓ | ↓ |
| **ପରମାତ୍ମା** | **ଆକାଶ** | **ବାୟୁ** | **ଅଗ୍ନି** | **ଜଳ** | **ଭୂମି** |

*****

# ଅଣ୍ଡିରା

ସମାଜରେ କେହି କେହି ସ୍ତ୍ରୀ, ପୁରୁଷଙ୍କୁ ଉଦ୍ଦେଶ୍ୟ କରି ମାଈ, ଅଣ୍ଡିରା କହିଥା'ନ୍ତି । ଏକ କାର୍ଯ୍ୟକୁ ସମର୍ଥବନ୍ତ ଭାବରେ ଯିଏ କରିପାରେ ତା ବାବଦରେ କେହି କେହି କାହାକୁ କହିବା ବେଳେ "ତାକୁ ହିଁ କହନ୍ତି ଅଣ୍ଡିରା" ବୋଲି କହିଥା'ନ୍ତି । ସମର୍ଥବନ୍ତ ଭାବରେ କରି ପାରୁନଥିବା ବ୍ୟକ୍ତିକୁ ମଧ୍ୟ ସ୍ତ୍ରୀ ସହିତ ତୁଳନା କରିଥା'ନ୍ତି । ତାଛଡା କେହି କେହି ଅଧିକ ଶୋଉଥିବା ଲୋକକୁ ସେ ଶୋଇବାରେ ଅଣ୍ଡିରା, ଯିଏ ଅଧିକ ଖାଉଛି ତାକୁ ଖାଇବାରେ ଅଣ୍ଡିରା ଇତ୍ୟାଦି ଅନେକ କଥା କହିଥା'ନ୍ତି । ତେଣୁ କୌଣସି କାର୍ଯ୍ୟରେ ହେଉ ଯିଏ ସମର୍ଥବନ୍ତ ଭାବରେ କରେ ତାର କାର୍ଯ୍ୟ ପୂର୍ବରୁ ଅଣ୍ଡିରା ଶବ୍ଦ ଯୋଗକରି ତାର ନାମ କହିଥା'ନ୍ତି । ଗତକାଳରେ ଜଣେ ଗୁରୁଙ୍କ ପାଖରେ କେତେକ ଶିଷ୍ୟ ଥିଲେ, ସେମାନଙ୍କ ଭିତରେ ଏହିଭଳି ଖାଇବା ଅଣ୍ଡିରା, କହିବା ଅଣ୍ଡିରା, ଶୋଇବା ଅଣ୍ଡିରା ଇତ୍ୟାଦି

ଅନେକ ଅଣ୍ଡିରା ଥିଲେ । ଗୁରୁ ମହାଶୟ ଯେତେ ଜ୍ଞାନ କହନ୍ତି ସେମାନେ ସବୁ ଶୁଣୁଥିଲେ ମଧ୍ୟ ସେମାନଙ୍କଠାରେ କୌଣସି ପରିବର୍ତ୍ତନ ଦେଖାଯାଉ ନଥିଲା, ସେମାନେ ଏମିତି ଦିନକୁଦିନ ନିଜ ନିଜ ଅଯୋଗ୍ୟ ପଣିଆରେ ଅଣ୍ଡିରା ହୋଇଯାଉଛନ୍ତି ବୋଲି ଗୁରୁ ଜାଣିପାରି ମଧ୍ୟ, ହୁଏତ ଆଉ କିଛିଦିନ ପରେ ବଦଳିବେ ବୋଲି ଆଶାକରି ରହିଥିଲେ । ଏମିତି ଅନେକ କାଳ ବିତିଯାଉଥିଲେ ମଧ୍ୟ ସେମାନଙ୍କଠାରେ କୌଣସି ପରିବର୍ତ୍ତନ ଆସିଲା ନାହିଁ । ଏସବୁକୁ ଅନୁଧ୍ୟାନ କରୁଥିବା ଗୁରୁ ଦିନେ ସେମାନଙ୍କୁ ପାଖକୁ ଡାକି କହିଲେ !

ସାରା ଦୁନିଆରେ ଜନ୍ମହୋଇଥିବା ସମସ୍ତ ଜୀବରାଶି ପ୍ରକୃତିରେ ମିଳିତ ହୋଇ, ନିଜର ସ୍ୱରୂପ ପୁରୁଷ ବୋଲି ଜାଣିପାରନ୍ତି ନାହିଁ । ପ୍ରକୃତିର ଧର୍ମ ନିଜଠାରେ ରହିବା ଦ୍ୱାରା ଜୀବ ମଧ୍ୟ ପ୍ରକୃତିର ଗୋଟିଏ ଭାଗ ହୋଇଯାଇଛି । ଜୀବ ପୁରୁଷ ହେଲେ ମଧ୍ୟ ସ୍ତ୍ରୀ ଭଳି ରହିଛି । ସ୍ତ୍ରୀ ଲକ୍ଷଣ ବିଶିଷ୍ଟ ହୋଇଯାଇଥିବା ଜୀବାତ୍ମା ତାକୁ ଜନ୍ମ କରିଥିବା ପୁରୁଷ କିଏ ବୋଲି ଜାଣିବା ପରେ ତାଠାରେ ମିଶିବାକୁ ଚେଷ୍ଟାକରି, ଯେତେବେଳେ ମିଶିଯିବ ସେତେବେଳେ ପୁରୁଷ ହେବ । ଏହିଭଳି ଖାଇବା ଅଣ୍ଡିରା, କହିବା ଅଣ୍ଡିରା, ଶୋଇବା ଅଣ୍ଡିରା ଇତ୍ୟାଦି ନାନା ପ୍ରକାରର ଅଯୋଗ୍ୟ ଅଣ୍ଡିରା ନହୋଇ ଜ୍ଞାନରେ ଅଣ୍ଡିରା ହୁଅ ବୋଲି ମୋର ଚେଷ୍ଟା ଆଉ ଆଶା ରହିଛି, ନାନା ପ୍ରକାରର ଭୌତିକ ଆଶାରେ ସମ୍ପୂର୍ଣ୍ଣ ଲଗ୍ନହୋଇ ଆଶାରେ ଅଣ୍ଡିରା ହୋଇଯାଇଥିବା ତୁମେମାନେ ଜ୍ଞାନରେ ଅଣ୍ଡିରା ହେବା ଉଚିତ୍ । ଆଶାରେ ଅଣ୍ଡିରା ବୋଲାଇବା ଛାଡି କେବଳ ଅଣ୍ଡିରା (ପୁରୁଷ) ହେବାକୁ ଚେଷ୍ଟାକର, ତେଣୁ ନିଜ ନିଜର ଅଯୋଗ୍ୟ ଅଣ୍ଡିରା ପଣିଆ ଛାଡି ବାସ୍ତବତାକୁ ଗ୍ରହଣ କର । ଭୌତିକ ବିଦ୍ୟାରେ ଯିଏ ଯେତେ ଅଣ୍ଡିରା ହେଲେ ବି ଯଦି ଆଧ୍ୟାତ୍ମିକ ବିଦ୍ୟା ନାହିଁ ତେବେ ସେ ବାସ୍ତବରେ ସ୍ତ୍ରୀ (ମାଈ) । ଆତ୍ମବିଦ୍ୟା ବା ଆତ୍ମଜ୍ଞାନରେ ପାରଙ୍ଗମ ହୋଇପାରିଲେ, ସବୁବିଦ୍ୟାଠାରୁ ଉନ୍ନତ ହୋଇଥିବା ବ୍ରହ୍ମବିଦ୍ୟାରେ ମୁଁ ଅଣ୍ଡିରା ବୋଲି

ଗର୍ବର ସହିତ କହି ପାରିବ । ବ୍ରହ୍ମବିଦ୍ୟାରେ ଯିଏ ଆତ୍ମାକୁ ଜାଣି ନାହିଁ ସେ ଯେତେ ଯେଉଁ ବିଦ୍ୟାରେ ଉନ୍ନତ ହେଲେବି କିଛି ପ୍ରୟୋଜନ ନାହିଁ । ସତରେ ସେ ମାଇ (ସ୍ତ୍ରୀ) ବୋଲାଇବ । ଦିନେ ମିରାବାଈ ଜଣେ ଗୁରୁଙ୍କ ଶିଷ୍ୟମାନଙ୍କୁ **"ଏକୈକ ଶ୍ରୀକୃଷ୍ଣଙ୍କୁ ପୁରୁଷ ବୋଲି ଭାବିଥିଲି, ହେଲେ ଏଠାରେ ଆପଣମାନେ ଆଉ ଆପଣମାନଙ୍କ ଗୁରୁ ପୁରୁଷ ହୋଇ ଅଛନ୍ତି ବୋଲି ଜାଣିନଥିଲି"** କହି ହସିଥିଲେ । ଶିଷ୍ୟମାନେ ଏକଥା ଶୁଣି ତାଙ୍କ ଗୁରୁଙ୍କୁ କହିବା ପରେ ଗୁରୁ ବାସ୍ତବତାକୁ ଜାଣିପାରି ଶେଷରେ ନିଜର ଭୁଲ୍ ସ୍ୱୀକାର କରି ମିରାବାଈଙ୍କୁ ଆସି ପ୍ରଣାମ କରିଥିଲେ, ଆଉ କହିଥିଲେ ସତରେ ମାଆ ! ଆମେ କେହି ପୁରୁଷ ନୁହଁ, ସମସ୍ତେ ପ୍ରକୃତିରେ ତିଆରି ହୋଇଥିବା ଜଣେ ଜଣେ ସ୍ତ୍ରୀ । ଆମେ ବାସ୍ତବରେ ପୁରୁଷ (ପରମାତ୍ମାଙ୍କ ଅଂଶ) ହୋଇଥିଲେ ମଧ୍ୟ, ଭୌତିକତଃ ପୁରୁଷ ଶରୀର ପାଇଥିଲେ ମଧ୍ୟ, ପ୍ରକୃତି ସହିତ ମିଶି ସ୍ତ୍ରୀ ହୋଇ ରହିଛେ ବୋଲି ଜଣେ ମହାନ ଗୁରୁ ସ୍ୱୀକାର କରିଥିଲେ । ଏବେ ତୁମେମାନେ କେଉଁଥିରେ ପୁରୁଷ ହୋଇଛ ଆଉ ବ୍ୟାଖ୍ୟା କରିବା ଦରକାର ନାହିଁ । ତୁମେମାନେ ପୁରୁଷ ହେବାକୁ ମୁଁ କେତେ ଚେଷ୍ଟା କଲେ ମଧ୍ୟ ତୁମମାନଙ୍କର ଲକ୍ଷଣରେ କୌଣସି ପରିବର୍ତ୍ତନ ଆସୁ ନାହିଁ । ଏବେ ବି ସମୟ ଅଛି । ଭୌତିକ ପୁରୁଷଲକ୍ଷଣ ଉପରେ ଧ୍ୟାନ ନଦେଇ, ପ୍ରକୃତିଲକ୍ଷଣ ଏବଂ ତାର ଧର୍ମକୁ ଛାଡି, ଆତ୍ମାଦିଗରୁ ପୁରୁଷତ୍ୱ ଅର୍ଜନ କରି ପୁରୁଷୋତ୍ତମ ହେବାକୁ ଚେଷ୍ଟା କର । ଏବେ କିଏ କେଉଁଥିରେ ଅଣ୍ଡିରା ହୋଇ ଅଛ ଟିକିଏ ପଛକୁ ଫେରିଦେଖ, ଯେଉଁ ବିଷୟରେ ଅଣ୍ଡିରାହେବା ଉଚିତ୍ ସେହି ବିଷୟରେ ଅଣ୍ଡିରା ହୁଅ । ଏପର୍ଯ୍ୟନ୍ତ ଯଦି ସ୍ତ୍ରୀ ହୋଇ ଅଛ; ତଥାପି କିଛିକଥା ନାହିଁ, ମୋ ପାଖରେ ଅଣ୍ଡିରା ପଣିଆର ଔଷଧ ଅଛି ବୋଲି ଶେଷରେ ସେ ଗୁରୁ କହିଥିଲେ । ଏବେ ସେ ଗୁରୁଶିଷ୍ୟଙ୍କ କଥାଛାଡି ଆମକଥା ଦେଖିବା, ଆମେ ବି ପୁରୁଷ ହେବା ।

*****

# ଅବଧୂତ (ଅବଦୂତ)

ଇନ୍ଦୁମତରେ (ହିନ୍ଦୁଧର୍ମ)ରେ, ଇସ୍ଲାମ ଧର୍ମ (ମତ)ରେ, ଖ୍ରୀଷ୍ଟ ମତରେ ଥିବା ସମସ୍ତେ ଦୂତ ଶବ୍ଦ ସହିତ ପରିଚିତ । ଦୂତ କହିଲେ ଯିଏ ସମାଚାର (ଖବର, ବାରତା) ନେଇ ଆସିଥାଏ ବା ଯାଇଥାଏ । ଇସ୍ଲାମଧର୍ମରେ ଈଶ୍ୱର (ଅଲ୍ଲାଃ)ଙ୍କଠାରୁ ପ୍ରେରିତ ସମାଚାର ବାହକକୁ ଦୂତ କହନ୍ତି । ଖ୍ରୀଷ୍ଟ ଧର୍ମରେ ମଧ୍ୟ ସେହି ଗୋଟିଏ କଥା । ସବୁ ଧର୍ମରେ ଦେବଦୂତ ନାମକ ପଦ ମଧ୍ୟ ରହିଛି, କିନ୍ତୁ ଇନ୍ଦୁ (ହିନ୍ଦୁ) ଧର୍ମରେ ଦେବଦୂତ ନକହି ଅବଦୂତ ବା ଅବଧୂତ କହନ୍ତି । (ଆମ ଓଡିଆରେ ଅବଧୂତ ହିଁ କହନ୍ତି ।) ଅବଧୂତ କହିଲେ ତା'ର ବାସ୍ତବତା ନିର୍ଦ୍ଧାରଣ ଆମକୁ ଜଣା ନାହିଁ କହିଲେ ଚଳିବ । ଇନ୍ଦୁମତରେ ଅବଧୂତ କହିଲେ କେତେକ ପାଗଳ ଭାବନ୍ତି କହିଲେ ବି ଚଳିବ । ଏହି ହିସାବରେ ପଚ୍ଚ ନାଳରୁ ପାଣି ପିଉଥିବା ଲୋକକୁ, ପରିଷ୍କାର ପରିଚ୍ଛନ ନରହି ମାଟିଲଗା ଦେହରେ ବୁଲୁଥିବା ଲୋକକୁ, କଅଣ ଅହାର, କ'ଣ ଆହାର ନୁହେଁ ଜାଣିନଥିବା ଲୋକକୁ, ଶେଷରେ ମତିସ୍ଥିମିତ ନଥିବା ଲୋକକୁ ହିଁ ଅବଧୂତ କହୁଛନ୍ତି । ନିଜ ଶରୀର ଉପରେ, ପରିଷ୍କାର ପରିଚ୍ଛନ୍ନତା ଉପରେ ଜ୍ଞାନ ନଥିବା ଲୋକକୁ ଅବଧୂତ କହିବା ସହିତ, ସେମାନଙ୍କଠାରେ ଦୈବତ୍ତ୍ୱ ଅଛି, ମାହାତ୍ମ୍ୟ ଅଛି କହି ତାକୁ ପ୍ରଣାମ କରିବା, ପୂଜା କରିବା ସମ୍ପୂର୍ଣ୍ଣ ଅଜ୍ଞାନ ହୋଇଥାଏ । କଅଣ ଜ୍ଞାନ, କଅଣ ଅଜ୍ଞାନ ଜଣାନଥିବା ଲୋକକୁ ଜ୍ଞାନୀ ସହିତ ତୁଳନା କରିବା, ବେଶ, ନିଶ ଦାଢି ଦେଖି ତାଠାରେ ଦୈବତ୍ୱ ଅଛି ଭାବିବା ହିନ୍ଦୁ ସମାଜରେ ସାଧାରଣ ହୋଇଯାଇଛି । **ସେଥିଲାଗି ଏତେ ଜ୍ଞାନସମ୍ପନ୍ନ ଇନ୍ଦୁମତକୁ ବୁଝିନପାରି ହିନ୍ଦୁଧର୍ମ କରିଦେଇଛେ ।**

ଅଜ୍ଞାନରେ ବୁଡିଯାଇଥିବା ଇନ୍ଦୁମତକୁ ଉଦ୍ଧାର କରିବା ପାଇଁ ପାଞ୍ଚହଜାର ବର୍ଷ ପୂର୍ବେ ଶ୍ରୀକୃଷ୍ଣ ଆସିଥିଲେ । ଶ୍ରୀକୃଷ୍ଣଙ୍କୁ ଇସ୍ଲାମମତ ଭାଷାରେ ପୈଗମ୍ବର ବା ଖଲିଫା କହିପାରିବା, ଖ୍ରୀଷ୍ଟମତ ଅନୁସାରେ ଦେବଦୂତ ବା ପରମେଶ୍ୱରଙ୍କ ପୁତ୍ର କହିପାରିବା । ଇନ୍ଦୁମତ ଅନୁସାରେ

ତାଙ୍କୁ ଅବଦୂତ ବା ଭଗବାନ ବୋଲି କହିପାରିବା । ଭଗବାନ ନାମକ ଶବ୍ଦର ବିପ୍ଲବାତ୍ମକ ଅର୍ଥ ରହିଥିବା ବେଳେ, ଭଗବାନ କହିଲେ କଅଣ ତାହା ଆମକୁ ଅଜଣା ରହିଯାଇଛି । ସେହିଭଳି ଅବଦୂତ ନାମକ ଶବ୍ଦର ଅର୍ଥ ଅଜଣା ରହିଯାଇଥିବାରୁ ପାଗଳକୁ ଅବଧୂତ, ସ୍ୱାମୀଜୀମାନଙ୍କୁ ଭଗବାନ କହୁଛେ ସିନା କେତେବଡ ସ୍ୱାମୀଜୀ ହେଲେ ମଧ୍ୟ ସେ ଭଗବାନ ନୁହେଁ, ପାଗଳମାନେ ଅବଧୂତ ନୁହନ୍ତି । ଅଣୁ ଅଣୁରେ ବ୍ୟାପି ରହିଥିବା ପରମାତ୍ମାଙ୍କ ଠାରୁ ଯିଏ ଆସିଥାନ୍ତି ତାଙ୍କୁ ଭଗବାନ କିମ୍ବା ଅବଧୂତ କହିପାରିବା । ଭଗବାନଙ୍କ ବାବଦରେ ଆଗରୁ ଆଲୋଚନା କରିସାରିଛେ, ତେଣୁ ଏଠାରେ ଅବଦୂତ (ଅବଧୂତ) ଶବ୍ଦର ଅନ୍ତରାର୍ଥ ଆଲୋଚନା କରି ଜାଣିବା । ଯିଏ ଈଶ୍ୱର ବା ପରମାତ୍ମାଙ୍କ ଠାରୁ ଆସିଛନ୍ତି ବା ପରମାତ୍ମାଙ୍କ ସମାଚାର ଆଣି ଆସିଛନ୍ତି ତାଙ୍କୁ ଆମେ ଅବଦୂତ କହୁଛୁ । ପରମାତ୍ମା ସର୍ବତ୍ର ବ୍ୟାପିରହିଛନ୍ତି ବୋଲି ଆମେ କହୁଛୁ । ସର୍ବତ୍ର କହିଲେ ସବୁଆଡେ ବା ସବୁଠାରେ । ସବୁଠାରେ ଦେଖାଯାଇଥାଏ ପ୍ରକୃତି, ପ୍ରକୃତିହିଁ ପ୍ରପଞ୍ଚ ବା ପଞ୍ଚଭୂତ । ସର୍ବତ୍ର ବ୍ୟାପିରହିଥିବା ପରମାତ୍ମା କେଉଁଠାରୁ କେଉଁଯାଏଁ ବ୍ୟାପି ରହିଛନ୍ତି ତାହା କାହାକୁ ଜଣା ନାହିଁ । ଜୀବାତ୍ମାର, ଆତ୍ମାର ଆକାର ବା ରୂପ ଅଛି ବୋଲି କହିଥିବା ଆମେ, ପରମାତ୍ମାଙ୍କର ଜୀବାତ୍ମା, ଆତ୍ମାଙ୍କ ଭଳି କୌଣସି ରୂପ ନାହିଁ କି ଅବଧି ନାହିଁ ବୋଲି କହୁଛୁ । ପରମାତ୍ମାଙ୍କର ଅବଧି ନାହିଁ, ଆକାର ନାହିଁ କି ନାମ ମଧ୍ୟ ନାହିଁ । ଏକଥା ସବୁ ମତ (ଧର୍ମ)ରେ କୁହାଯାଉଛି । ଅବଧିହୀନ ପରମାତ୍ମାଙ୍କ ସମାଚାର ବୋହିନେଇ ଆସୁଥିବା ପାତ୍ରଙ୍କୁ ଦୂତ କହୁଛୁ । ଅବଧିହୀନ ପରମାତ୍ମାଙ୍କ ବିଷୟ କେବଳ ପରମାତ୍ମାଙ୍କୁ ଜଣାଥାଏ ସିନା, କୌଣସି ମାନବକୁ ଜଣାନଥାଏ । ତେଣୁ ଯିଏ ଦୂତହୋଇ ଜନ୍ମ ହୋଇଥା'ନ୍ତି ସେ ନିଶ୍ଚୟ ପରମାତ୍ମାଙ୍କ ଅଂଶ ବା ପରମାତ୍ମା ସମାନ ହୋଇଥିବେ । କୌଣସି ଶରୀର ନଥିବା ପରମାତ୍ମା ଏକ ଶରୀର ଧାରଣକରି ଜନ୍ମହେଲେ ସେହି ଜନ୍ମକୁ ଅବଧୂତ ଜନ୍ମ ବୋଲି କହୁଛୁ । ଏହି

ଜନ୍ମ ନେଇ ଆସିଥିବା ପାତ୍ର ହିଁ କେବଳ ପରମାତ୍ମାଙ୍କ ବାବଦରେ ଅର୍ଥାତ୍ ନିଜ ବାବଦରେ ସମସ୍ତ ବିବରଣ ଦେଇପାରନ୍ତି । ଏଭଳି ଦୂତ ହୋଇନଥିବା କୌଣସି ମଣିଷ ଭୂପୃଷ୍ଠରେ କେତେବଡ ସ୍ୱାମୀଜୀ ହେଲେମଧ୍ୟ ତାଠାରେ ପରମାତ୍ମାଜ୍ଞାନ ନଥାଏ । ଶ୍ରୀକୃଷ୍ଣଙ୍କ ଭଳି, ଯୀଶୁଙ୍କ ଭଳି ଯେଉଁମାନେ ଦୂତ ନୁହନ୍ତି ସେମାନେ କେତେବଡ ସ୍ୱାମୀଜୀ ହୁଅନ୍ତୁ, କେତେବଡ ମଞ୍ଚରେ କେତେ ସୁନ୍ଦର ପ୍ରବଚନ ଦେଇପାରନ୍ତୁ ପଛେ, ସେମାନଙ୍କୁ ପରମାତ୍ମାଜ୍ଞାନ ବା ଆତ୍ମଜ୍ଞାନ କିଛି ଜଣାନଥାଏ ବୋଲି କହିପାରିବା । ପରମାତ୍ମାଙ୍କ ବାବଦରେ ବାସ୍ତବ ତଥ୍ୟକୁ କହିବା କ୍ଷମତା କେବଳ ଅବଦୂତ (ଅବଧୂତ, ଭଗବାନ)ଙ୍କର ଥାଏ । ଅବଧିହୀନଙ୍କ ବାବଦରେ ଥିବା ସମାଚର ବା ଜ୍ଞାନକୁ ଆଣି ଜନ୍ମ ହୋଇଥିବା ପାତ୍ରକୁ ଜ୍ଞାନୀମାନେ ଅବଧୂତ ନାମରେ କହିଥିଲେ । ସେହି ଅବଧୂତ ହିଁ ଭଗବାନ । ଏହିଭଳି ଅବଧିହୀନ ଜ୍ଞାନକୁ ଆଣି ଆସିଥିବା ପାତ୍ର ଅବଧୂତ ଯେ କି, ପରମାତ୍ମାଙ୍କ ଅଂଶ ହୋଇ ଶରୀର ଧାରଣ କରି ମାତୃଗର୍ଭରୁ ସଜୀବ ଭାବରେ ଜନ୍ମ ହୋଇଥା'ନ୍ତି । ସେ ଭଗରୁ (ଗର୍ଭରୁ) ଜନ୍ମ ହୋଇଥିବାରୁ ତାଙ୍କୁ ଭଗବାନ୍ କୁହାଯାଏ । ଯିଏ ମାତୃଗର୍ଭରୁ ଜନ୍ମହୁଏ ଏବଂ ଅବଧିହୀନ ଜ୍ଞାନ ନେଇ ଆସିଥାଏ ସେ ଭଗବାନ କିମ୍ବା ଅବଧୂତ ନାମକୁ ଯୋଗ୍ୟହେବ ସିନା, ଏହି ଲକ୍ଷଣ ଯାହାଠାରେ ନାହିଁ ସେ କଦାପି ଭଗବାନ କିମ୍ବା ଅବଧୂତ ବୋଲାଇବାକୁ ଯୋଗ୍ୟ ହୋଇପାରିବ ନାହିଁ । ଆଜି ଅନେକ ସ୍ୱାମୀଜୀମାନେ ସେମାନଙ୍କ ନାଆଁ ଆଗରୁ ଭଗବାନ ନାମକ ଶବ୍ଦକୁ ଲଗାଇ ରଖିଛନ୍ତି । ପ୍ରକୃତ ଭଗବାନ ବା ଅବଧୂତ ଭୂପୃଷ୍ଠରେ ଜନ୍ମହେବା ବେଳେ ମୁଁ ଭଗବାନ କି ଅବଧୂତ ବୋଲି କହିନାହାନ୍ତି । ଭଗବାନଙ୍କୁ ଚିହ୍ନିବାକୁ ହେଲେ ଅନେକ ଜନ୍ମର ସଂସ୍କାର ବଳ ଆବଶ୍ୟକ । ତେଣୁ ସାଧାରଣ ମାନବ କେହି ମଧ୍ୟ ଭଗବାନଙ୍କୁ ଚିହ୍ନି ପାରିବେ ନାହିଁ । ପରମାତ୍ମାଙ୍କ ଅଂଶ ଭୂପୃଷ୍ଠକୁ ଆସିବା ବେଳେ ଚୋର ଭଳି କେହି ଜାଣିନପାରିବା ଭଳି ଆସି ଚାଲିଯାଆନ୍ତି । ଏକଥା ଗୀତାର ବିଜ୍ଞାନ

ଯୋଗରେ "ଅବଜାନନ୍ତି ମାଂ ମୁଢାଃ ମାନୁଷୀଂ ତନୁମାଶ୍ରିତମ୍, ପରଂ ଭାବ ମଜାନନ୍ତୋ ମମଭୂତ ମହେଶ୍ୱରମ୍" ନାମକ ଶ୍ଳୋକରେ କୁହାଯାଇଛି । ଅବଧିହୀନ ଅବଧୂତଙ୍କୁ ଚିହ୍ନିନପାରି ପାଗଳକୁ ଅବଧୂତ କହିବା ଭୁଲ୍, ମଣିଷକୁ ଭଗବାନ କହିବା ଭୁଲ୍ । ଭଗବାନ ବା ଅବଧୂତଙ୍କୁ ଚିହ୍ନିବା ସହଜ ନୁହେଁ, ତାଙ୍କୁ ଏତେ ସହଜରେ ବୁଝିହୁଏ ନାହିଁ ବୋଲି ଜାଣିବା ଉଚିତ୍ ।

*****

# ନାରୀ – ସୌଭାଗ୍ୟ

ଜଗଭର୍ତ୍ତା ବା ଜଗତ୍ ଭର୍ତ୍ତା କହିଲେ ଯିଏ ଜଗତ ଆଖିରେ ସମସ୍ତଙ୍କର ସ୍ୱାମୀ । '**ଜ**' କହିଲେ ଜନ୍ମହେବା । '**ଗତ**' କହିଲେ ମୃତ୍ୟୁବରଣ କରିବା ଅର୍ଥରେ ବ୍ୟବହୃତ ହୁଏ ବୋଲି ଅନେକଙ୍କୁ ଜଣାଥାଏ । ଜନ୍ମହେବା, ମୃତ୍ୟୁବରଣ କରିବା ଅର୍ଥରେ ହିଁ ଜଗତ ନାମିତ ହୋଇଛି । ଜନ୍ମହୋଇ ମୃତ୍ୟୁବରଣ କରୁଥିବା ଆମମାନଙ୍କର ଏବଂ ସମସ୍ତ ପ୍ରାଣୀକୋଟିର ଜଣେ ପତି ବା ସ୍ୱାମୀ ରହିଥା'ନ୍ତି । ପତି ବା ସ୍ୱମୀଙ୍କୁ ହିଁ ଭର୍ତ୍ତା କୁହାଯାଏ । ସମସ୍ତଙ୍କର ଭରଣାକରୀ ଭର୍ତ୍ତା ବା ସ୍ୱାମୀ ଯିଏ, ସେ ହିଁ ଜଗତ୍‌ଭର୍ତ୍ତା । ସାରା ଜଗତର ଭର୍ତ୍ତା ଏକୈକ ପରମାତ୍ମା ହୋଇପାରନ୍ତି । ଦୁନିଆରେ ସ୍ତ୍ରୀ ମୁଣ୍ଡରେ ସିନ୍ଦୁର ଲଗାଇଥିବା ପତି ବା ସ୍ୱାମୀକୁ ଭୌତିକ ଭର୍ତ୍ତା କୁହାଯିବା ବେଳେ, ଜ୍ଞାନଦୃଷ୍ଟିରୁ ଆମକୁ ଜନ୍ମଦେଇଥିବା ପରମାତ୍ମା ହିଁ ସମସ୍ତଙ୍କର ଭର୍ତ୍ତା ଜଗଭର୍ତ୍ତା ବୋଲି ଜାଣିବା ଉଚିତ୍ । ଆମେ ଭାବିଲେ କି ନଭାବିଲେ ମଧ୍ୟ, ବିଶ୍ୱାସ କଲେ କି ନକଲେ ମଧ୍ୟ, ସମସ୍ତଙ୍କର ସ୍ୱାମୀ ହେଉଛନ୍ତି ଏକୈକ ପୁରୁଷୋତ୍ତମ ପରମାତ୍ମା । ସ୍ତ୍ରୀର ସୌଭାଗ୍ୟ ତାକୁ ସିନ୍ଦୁର ଦେଇଥିବା ପତି ହେବାବେଳେ, ସ୍ତ୍ରୀ, ପୁରୁଷ ସମସ୍ତଙ୍କର ସୌଭାଗ୍ୟ ହେଉଛନ୍ତି ସେହି ପୁରୁଷୋତ୍ତମ । ପରମାତ୍ମା ପୁରୁଷ ହୋଇଥିବା ବେଳେ ଆମେ ସ୍ତ୍ରୀ, ପୁରୁଷ, ନପୁଂସକ ସମସ୍ତ ଜାତି ମିଶି ସ୍ତ୍ରୀଜାତି ବୋଲି ଜାଣିବା ଉଚିତ୍ ।

**ସୂଚନା:-** ସ୍ତ୍ରୀ ଜାତିକୁ ମୂଳଭାଷା ତେଲୁଗୁରେ ଆଡ କୁହାଯାଏ । ସମସ୍ତେ ମିଶି ସ୍ତ୍ରୀଜାତି ବୋଲି ଉପର ଅନୁଚ୍ଛେଦର ଶେଷବାକ୍ୟରେ ଲେଖାଯିବା ବଦଳରେ ଆଡଜାତି ବୋଲି ମୂଳ ଭାଷାରେ ଲେଖାଯାଇଛି ଏବଂ ତଳ ଅନୁଚ୍ଛେଦରେ ଆଡ ଶବ୍ଦର ଭାବବିବରଣ ଦିଆଯାଇଛି ।

ହିନ୍ଦି, ଉର୍ଦ୍ଦୁ ଏବଂ ଅନେକ ଭାଷାରେ **ଆଡ** କହିଲେ ପ୍ରତିବନ୍ଧକ । ପୂର୍ବେ ତେଲୁଗୁ ଭାଷାରେ ମଧ୍ୟ ଆଡ କୁହାଯାଉଥିଲା, ଏବେ ଆଡ୍ଡ କୁହାଯାଉଛି । ଆଡ କହିଲେ ଆଧ୍ୟାତ୍ମିକ ବିଦ୍ୟାରେ କ'ଣ ବୋଲି ଆଲୋଚନା କଲେ, ଜ୍ୟୋତିଷଶାସ୍ତ୍ରରେ ପ୍ରଥମ ସ୍ଥାନାଧିପତିର ସପ୍ତମ ସ୍ଥାନାଧିପତି ବ୍ୟତିରେକ ହେବା ଭଳି, ଯୋଗଶାସ୍ତ୍ରରେ ପରମାତ୍ମାଙ୍କ ପାଇଁ ପ୍ରକୃତି ବା ମାୟା ବ୍ୟତିରେକ ହୋଇ ରହିଛି । ଜଗତରେ ପରମାତ୍ମା ପକ୍ଷ ଏବଂ ପ୍ରକୃତି ପକ୍ଷ ନାମକ ଦୁଇ ପକ୍ଷ ଭିତରୁ ଆମେ ସର୍ବଦା ପ୍ରକୃତି ପକ୍ଷରେ ରହିଛେ । ଯୋଗଶାସ୍ତ୍ରରେ ପରମାତ୍ମାଙ୍କ ପାଇଁ ପ୍ରକୃତି ବ୍ୟତିରେକୀ ହୋଇ ରହିବା ଭଳି, ପ୍ରକୃତି ପକ୍ଷରେ ଥିବା ଅମେମାନେ ନିଶ୍ଚୟ ପରମାତ୍ମାଙ୍କ ବ୍ୟତିରେକ ହୋଇ ଚାଲୁଛେ । ଆମ ଭିତରୁ କେହି ପରମାତ୍ମା ପକ୍ଷରେ ଯିବାକୁ ଚେଷ୍ଟାକଲେ, ସମସ୍ତେ ତାର ବୈରି ହେବା ଥୟ । ଘରେ ଯଦି କେହି ଜଣେ ପରମାତ୍ମା ପକ୍ଷରେ ଯିବାକୁ ବାହାରିଲା ତେବେ ତାପାଇଁ ତା ସ୍ତ୍ରୀ ହେଉ, ପୁଅ ହେଉ, ବାପା ହେଉ କି ମାଆ ହେଉ, ସ୍ୱାମୀ ହେଉ କେହିନା କେହି ଶତ୍ରୁହେବା ଭଳି ତିଆରି ହେବେ, ଏହା ନିରାଟ ସତ୍ୟ । ସ୍ତ୍ରୀ, ପୁରୁଷ ସମସ୍ତେ ମିଶି ପ୍ରକୃତି ପକ୍ଷରେ ରହିବା କାରଣରୁ ଯିଏବି ହେଉନା କାହିଁକି, ପରମାତ୍ମା ପକ୍ଷରେ ଚାଲୁଥିବା ଲୋକପାଇଁ ଅଡୁଆ ସାଜିବା ନିର୍ଦ୍ଧାର୍ଯ୍ୟ । ଏହି ଅଡୁଆ ସାଜିବାକୁ ପ୍ରତିବନ୍ଧକ ହେବା ବୋଲି କହନ୍ତି ! ଆଡ, ଆଡୁଆଳ, ଅଡୁଆ ଭିତରେ ବା କ'ଣ ପାର୍ଥକ୍ୟ ଅଛି । ଏହି ଅଡୁଆ ବା ପ୍ରତିବନ୍ଧକ ଶବ୍ଦ ହିଁ ସ୍ତ୍ରୀଜାତି ବୋଲି ପ୍ରତିବନ୍ଧକ ସାଜୁଥିବା ଲୋକମାନଙ୍କୁ ପୂର୍ବେ **ଆଡ** ନାମ ଦିଆଯାଇଥିଲା । ଆଜି ଆଡଜାତି କହିଲେ ତାର ଅର୍ଥ କେହି

ନଜାଣିଲେ ମଧ୍ୟ, କେତେକ ଭାଷାରେ ଆଡ କହିଲେ ସ୍ତ୍ରୀଜାତିକୁ ବୁଝୁଛନ୍ତି, କିନ୍ତୁ ଜ୍ଞାନଦୃଷ୍ଟିରେ ଆଡଜାତି କହିଲେ ଯେଉଁମାନେ ପ୍ରକୃତିପକ୍ଷରେ ଅଛନ୍ତି ବୋଲି ବୁଝିବା ଉଚିତ୍ । ପରମାତ୍ମା ପୁରୁଷ, ପ୍ରକୃତି ସ୍ତ୍ରୀ ବୋଲି ଭଗବତ୍ ଗୀତାର ଗୁଣତ୍ରୟବିଭାଗ ଯୋଗରେ ମଧ୍ୟ କୁହାଯାଇଛି । ପ୍ରକୃତି ଦିଗରେ ଥିବା ଆଡ ଶବ୍ଦର ଅର୍ଥ ହେଉଛି ସ୍ତ୍ରୀ ବା ନାରୀଜାତି । ଏହି ଅନୁସାରେ ଆଡ କହିଲେ କେବଳ ଭୌତିକ ସ୍ତ୍ରୀ ଜାତିଙ୍କୁ ବୁଝିବା, ପୁରୁଷ କହିଲେ ପୁରୁଷ ଜାତିଙ୍କୁ ବୁଝିବା ଭୁଲ୍ ହେବ । ଆଡ ଜାତି କହିଲେ ପ୍ରକୃତି ପକ୍ଷରେ ଥିବା ସମସ୍ତେ ବୋଲି ବୁଝିବା ଉଚିତ୍ ।

ସ୍ତ୍ରୀ, ପୁରୁଷ ଉଭୟଙ୍କୁ ସ୍ତ୍ରୀଜାତି ବୋଲି କିପରି କହୁଛନ୍ତି ! ମୁଁ ପ୍ରତ୍ୟକ୍ଷ ପୁରୁଷ ହୋଇଥିବା ବେଳେ ସ୍ତ୍ରୀ ଭଳି କେମିତି ତୁଳିତ ହେବି ବୋଲି ପୁରୁଷଜାତି ଟିକିଏ ଦୁଃଖ କରିପାରନ୍ତି । ଏହାର ସମାଧାନ ହେଉଛି ! ବାସ୍ତବରେ ତୁ ଏକ ଶରୀର ନୋହୁଁ । ତୁ ଏକ ଜୀବାତ୍ମା । ବାସ କରୁଥିବା ଶରୀର ଅନୁସାରେ ମୁଁ ପୁରୁଷ କି ସ୍ତ୍ରୀ ବୋଲି କେବଳ ଆମେ ଭାବୁଛେ । ଶରୀର ଅନୁସାରେ ଭୌତିକ ଦୃଷ୍ଟିରୁ ଭାବିପାରିବା ସିନା, ଆଧ୍ୟାତ୍ମିକରେ ତାହା ଚଳିବନି । ଏମିତି ଏ ଶରୀର ଭେଦ କାହିଁକି ଥାଏ ବୋଲି କେତେକଙ୍କଠାରେ ପ୍ରଶ୍ନ ଆସିପାରେ । ସେଥିପାଇଁ ଆମ ସମାଧାନ ହେଉଛି ! ପରମାତ୍ମା ସୃଷ୍ଟି ଆଦିରେ ପ୍ରକୃତିକୁ ତିଆରି କରି, ତାକୁ ନିଜର ସମକକ୍ଷ କରଛନ୍ତି । ପ୍ରକୃତି ଦ୍ୱାରା ହିଁ ସବୁକିଛିକୁ ତିଆରି କରିଛନ୍ତି । ପରମାତ୍ମା ନିଜକୁ ପୁରୁଷ ଆଉ ପ୍ରକୃତିକୁ ସ୍ତ୍ରୀ କହିବାକୁ ଯାଇ, ମୋ କାରଣରୁ ପ୍ରକୃତି ଦ୍ୱାରା ସମସ୍ତେ ସୃଷ୍ଟି ହୋଇଛନ୍ତି ବୋଲି କହିଛନ୍ତି । ସୃଷ୍ଟି ହୋଇଥିବା ଜୀବାତ୍ମାମାନଙ୍କୁ ପୁରୁଷ କହିଲେ କଅଣ,ସ୍ତ୍ରୀ କହିଲେ କଅଣ ବୁଝାପଡେ ନାହିଁ । ତେଣୁ ପରମାତ୍ମା ଜୀବମାନଙ୍କୁ ସୃଷ୍ଟି ବିଷୟ ଜାଣିପାରିବା ଭଳି, ସ୍ତ୍ରୀ ଗର୍ଭଧାରଣ କରେ, ପୁରୁଷ ବୀଜଦାତା ହୁଏ, ସ୍ତ୍ରୀ (ମାଈ) ପୁରୁଷ (ଅଣ୍ଡିରା)ଙ୍କ ମିଶ୍ରଣରେ ସମସ୍ତେ ସୃଷ୍ଟି ହୁଅନ୍ତି ବୋଲି ଜାଣିପାରିବା ଭଳି

କରିଛନ୍ତି । ଆମର ଥିବା ଭୌତିକ ଶରୀରଗୁଡିକ ପ୍ରକୃତି ପରମାତ୍ମାଙ୍କ ଚିହ୍ନ ବୋଲି ଜାଣିନପାରି, ଆଧ୍ୟାତ୍ମିକରେ ଏହା ସୃଷ୍ଟିବିଷୟ ହୋଇଥିବା ପ୍ରକୃତି ପୁରୁଷଙ୍କ ଚିହ୍ନକୁ ଚିହ୍ନାଏ ବୋଲି ନବୁଝି, ଶରୀର ଅନୁସାରେ ମୁଁ ପୁରୁଷ କି ସ୍ତ୍ରୀ ଭାବିବା ଅଜ୍ଞାନ ହୋଇଥାଏ । କେତେଜଣ ଶିଷ୍ୟ ଆସି ଆମ ଗୁରୁ ହେଉଛନ୍ତି ପୁରୁଷ, ତାଙ୍କ ପାଖକୁ ସ୍ତ୍ରୀମାନେ ଯିବା ନିଷେଧ, ସ୍ତ୍ରୀମାନଙ୍କୁ ତାଙ୍କ ଦର୍ଶନ ନାହିଁ କହିବା ବେଳେ, ମିରାବାଈ ହସି ହସି "ଏକୈକ ଶ୍ରୀକୃଷ୍ଣଙ୍କୁ ପୁରୁଷ ବୋଲି ଭାବିଥିଲି, ହେଲେ ଏଠାରେ ଆପଣମାନେ ଆଉ ଆପଣମାନଙ୍କ ଗୁରୁ ପୁରୁଷ ହୋଇ ଅଛନ୍ତି ବୋଲି ଜାଣି ନଥିଲି" । ଶିଷ୍ୟମାନେ ଏକଥା ଶୁଣି ତାଙ୍କ ଗୁରୁଙ୍କୁ କହିବା ପରେ ଗୁରୁ ବାସ୍ତବତାକୁ ଜାଣିପାରି ଶେଷରେ ନିଜର ଭୁଲ୍ ସ୍ୱୀକାରକରି ମିରାବାଈଙ୍କୁ ଆସି ପ୍ରଣାମ କରିଥିଲେ, ନିଜର ଭୁଲ୍ ପାଇଁ କ୍ଷମାମାଗି, **ମୁଁ ପୁରୁଷ ନୁହେଁ, ଜଗତର ସମସ୍ତେ ସ୍ତ୍ରୀ ବୋଲି ସ୍ୱୀକାର କରିଥିଲେ ।**

ପରମାତ୍ମା ନିଜ ବିଷୟ ଜଣାଇବାପାଇଁ ସ୍ତ୍ରୀ ପୁରୁଷ ଶରୀର ତିଆରି କରିଛନ୍ତି, ବାସ୍ତବରେ ଆମେମାନେ ସମସ୍ତେ ସ୍ତ୍ରୀ । ସ୍ତ୍ରୀପଣିଆ ପ୍ରକୃତିର, ପ୍ରକୃତି ଦିଗରୁ ଆମେ ପରମାତ୍ମା ଦିଗରେ ଯିବା ଉଚିତ୍, ଯିଏ ଯିବାକୁ ଇଚ୍ଛାକରୁଛି ତାର ପ୍ରତିବନ୍ଧକ ହେବା ଉଚିତ୍ ନୁହେଁ ବୋଲି ଜାଣିବା ଉଚିତ୍ । ସାଧାରଣତଃ ସ୍ତ୍ରୀ ଶରୀରକୁ ଯୁକ୍ତବୟସ ହେଉ ହେଉ ପୁରୁଷଶରୀର ଉପରେ ଧ୍ୟାନ ଯିବା ଆରମ୍ଭ ହୋଇଥାଏ, ସେ ସ୍ତ୍ରୀଟି ନିଶ୍ଚୟ ପୁରୁଷଟିଏ ପାଇବାକୁ ଇଚ୍ଛା କରିବ, ଚେଷ୍ଟା ମଧ୍ୟ କରିବ । ପୁରୁଷଟିଏ ପାଇବାକୁ ଇଚ୍ଛା ଏବଂ ଚେଷ୍ଟା କରୁଥିବା ସ୍ତ୍ରୀକୁ କେହି ଆଡଦେଲେ ମଧ୍ୟ ସେ ଖାତିରି କରିବ ନାହିଁ । ଯଦି କେହି ବଳପୂର୍ବକ ଅଡୁଆ ହୁଏ; ତଥାପି ପୁରୁଷଟିଏ ପାଇବାର ଇଚ୍ଛାକୁ ତାଠାରୁ କେହି ହଟାଇ ପାରିବେ ନାହିଁ । ସେହିଭଳି ଆମେମାନେ ସମସ୍ତେ ପ୍ରକୃତି ଦେଶର ସ୍ତ୍ରୀ । ସ୍ତ୍ରୀର ଯୁକ୍ତବୟସ ଆସି ତାର ପୁରୁଷ ପାଇବାକୁ ଇଚ୍ଛା ହେବାଭଳି, ଆମମାନଙ୍କ ଭିତରୁ କେହି କେହି ଜ୍ଞାନବୟସରେ ପହଞ୍ଚି

ପୁରୁଷୋତ୍ତମଙ୍କୁ ପାଇବାକୁ ଇଚ୍ଛାକରିଥା'ନ୍ତି । ଏଭଳି ଲୋକଟିର ସ୍ତ୍ରୀ, ପିଲା, ବାପା, ମାଆ, ବନ୍ଧୁବାନ୍ଧବ ଯେତେଯିଏ ଆସି ବାଟ ରୋକିଲେ ବି ସେ କାହାକୁ ମାନିବ ନାହିଁ । ବାହାରେ ତାର କେହି ପ୍ରତିବନ୍ଧକ ହୋଇଗଲେ ମଧ୍ୟ ଭିତରେ ସେ ତାର ପୁରୁଷୋତ୍ତମଙ୍କୁ ପାଇବା ଇଚ୍ଛାକୁ କଦାପି ଛାଡିବ ନାହିଁ, ତାଙ୍କୁ ପାଇବାକୁ ବିବିଧ ଚେଷ୍ଟା କରୁଥିବ । ଯଦି ତୁ ତୋର ପୁରୁଷକୁ ପାଇବାକୁ ଇଚ୍ଛା କରୁଛୁ ତେବେ ତୋ ଘରର ଲୋକମାନେ ହୁଅନ୍ତୁ, ତୋ ଗାଆଁ ଲୋକମାନେ ହୁଅନ୍ତୁ, ତୋ ବନ୍ଧୁମିତ୍ର ହୁଅନ୍ତୁ ସମସ୍ତେ ତୋତେ ହେଳା କରିବେ । ଶେଷରେ ତୋ ସ୍ତ୍ରୀ(ଭାରିଜା) ମଧ୍ୟ ଖାଇବାକୁ ଦେଇନପାରେ, ତୋ ଶଶୁର ମୁର୍ଖ ଜୁଆଁଇଟା କଲି ବୋଲି ତୋ ସାମ୍ନାରେ କହିପାରେ, ମୋ ଗର୍ଭମନ୍ଦ ବୋଲି ତୋ ମାଆ କହିପାରେ, ଏମିତି ତୋ ପାଇଁ ସମସ୍ତେ ଓଲଟି ପାରନ୍ତି, ତୋ ପାଇଁ କୌଣସି ପ୍ରତିବନ୍ଧକ ମଧ୍ୟ ଆସିପାରେ । ଏଭଳି କେତେ କେଉଁ ପ୍ରତିବନ୍ଧକ ଆସି ତୋ ସଫା ବାଟକୁ ଅଡୁଆ କଲେମଧ୍ୟ, ସ୍ତ୍ରୀ ଧ୍ୟାନରେ ପୁରୁଷଟିଏ ଆସିବା ପରେ ତା ପାଖରେ ପହଞ୍ଚିବା ପାଇଁ ସ୍ତ୍ରୀ କୌଣସି ଏକ ବାଟ ଖୋଜିବା ଭଳି, ପରମାତ୍ମା ଚିନ୍ତନରେ ରହିଥିବା ଲୋକପାଇଁ କେତେ ବିପଦ ଆସିଲେ ମଧ୍ୟ ସେ ପଛଘୁଞ୍ଚା ଦେବନାହିଁ ।

ଯୋଗଶାସ୍ତ୍ର ଅନୁସାରେ ଆମେ ସମସ୍ତେ ପ୍ରକୃତିଗତ ସ୍ତ୍ରୀଜାତି । ତୋପାଇଁ, ମୋପାଇଁ, ସମସ୍ତଙ୍କ ପାଇଁ ପୁରୁଷ ଦରକାର, ସେହି ପୁରୁଷଙ୍କୁ ନପାଇବା ପର୍ଯ୍ୟନ୍ତ ଆମ ତପସ୍ୟା ବନ୍ଦହେବ ନାହିଁ, ସେପର୍ଯ୍ୟନ୍ତ ଆମ ପାଖରେ ଧନଧାନ୍ୟ ଥାଉ, ପଦବୀ ଥାଉ, ଅଧିକାର ଥାଉ ଏମିତି ଯାହା ବି ଥାଉ କିଛି ଗୋଟାଏ କମ୍ ରହିଯାଇଛି ବୋଲି ଲାଗିବ । ସୁଖ ମିଳିଲେ ମଧ୍ୟ ସୌଭାଗ୍ୟ (ସମ୍ପୂର୍ଣ୍ଣ ସନ୍ତୋଷକର ସ୍ଥିତି) ନଥିଲା ଭଳି ଲାଗିବ । ସ୍ତ୍ରୀ ପାଇଁ ସୌଭାଗ୍ୟ ହୋଇଥାଏ ତାର ସ୍ୱାମୀ ବା ପତି । ସର୍ବଗୁଣସମ୍ପନ୍ନ ସ୍ୱାମୀଟିଏ ମିଳିଗଲା ପରେ ସ୍ତ୍ରୀ ର ତୃପ୍ତିରେ ପରିପୂର୍ଣ୍ଣତା ଆସିଥାଏ । (**ସୂଚନା:-** ଏଠାରେ ଆଇଦୋତନମ୍ ନାମକ ପଦଟିଏ ବ୍ୟବହାର କରାଯାଇଛି । ମୂଳ

ଭାଷରେ ଆଇଦୋତନମ୍‌ର ଅର୍ଥ ହେଉଛି ସ୍ତ୍ରୀର ସୌଭାଗ୍ୟ । ଏହି ପଦଟି ମୂଳ ଭାଷାରେ ପାଞ୍ଚ ଅଙ୍କକୁ ସୂଚିତ କରିବା ସହିତ ସୌଭାଗ୍ୟ ବା ସ୍ୱାମୀକୁ ବୁଝାଇଥାଏ । ସ୍ତ୍ରୀର ଆଇଦୋତନମ୍ କହିଲେ ଏହି ଭାଷାରେ ସୌଭାଗ୍ୟବତୀ ବା ପତି ଥିବା ସ୍ତ୍ରୀ ବୋଲି ବୁଝନ୍ତି ।) ଜ୍ଞାନ ଜଣାନଥିବା ଲୋକମାନଙ୍କ ପାଇଁ ଆମକଥା ଅଡୁଆ ଲାଗିପାରେ । ଆମେ ବିବାହ କରିଛୁ, ସ୍ୱାମୀ ସ୍ତ୍ରୀ ହୋଇ ରହିଛୁ, ସ୍ତ୍ରୀ ପାଇଁ ପୁରୁଷ, ପୁରୁଷ ପାଇଁ ସ୍ତ୍ରୀ ରହିଥିବା ବେଳେ, ପୁଣି ଏ ନୂଆକଥା କ'ଣ ବୋଲି ଭାବି ପାରନ୍ତି, ତାର ସମାଧାନ ହେଉଛି ! ବାସ୍ତବରେ ବିବାହ କାର୍ଯ୍ୟଟି ପୁଅଝିଅଙ୍କ ବାହାଘର ନୁହେଁ, ଦୈବତ୍ୱ ଶିଖାଉଥିବା ଏକ ଆଚରଣ । ତୁମେମାନେ ନିଜକୁ ଭାର୍ଯ୍ୟାଭର୍ତ୍ତା ଭାବିବା ମଧ୍ୟ ଭୁଲ୍ । ଭାର୍ଯ୍ୟାଭର୍ତ୍ତା ହେଉଛି ପ୍ରକୃତି ଏବଂ ପରମାତ୍ମାଙ୍କୁ ବୁଝାଉଥିବା ଯୁଗ୍ମଶବ୍ଦ । ଭର୍ତ୍ତା କହିଲେ ଯିଏ ଭରଣକରେ (ପୋଷେ), ଭାର୍ଯ୍ୟା କହିଲେ ଯିଏ ଭରିତ ହୁଏ (ପୋଷିତ ହୁଏ) । ଏହି ଅନୁସାରେ ତୁ ଯଦି ପୁରୁଷ ତେବେ ଚିନ୍ତାକର ଯେ, ତୁ କାହାକୁ ଭରଣ କରୁଛୁ ? ସତକଥା କହିଲେ ତୋର ନିଜକୁ ଭରଣକରିବା ଶକ୍ତି ହିଁ ନାହିଁ । ତୋତେ ଭରଣ କରିବାବାଲା ତୋ ଶରୀର ଭିତରେ ଅଛି । ସେ ତୋତେ ପୋଷୁଥିବା ପର୍ଯ୍ୟନ୍ତ ତୁ ଥିବୁ, ଆମେ ସମସ୍ତେ ଏହିପରି ଅଛେ । ସମସ୍ତଙ୍କର ଭର୍ତ୍ତା ଜଣେ ଥାଏ, ସେ ହିଁ ସମସ୍ତଙ୍କର ସୌଭାଗ୍ୟ (ଆଇଦୋତନମ୍) । ଏହି ସୌଭାଗ୍ୟ କଥା ଅନେକ ସନ୍ଦର୍ଭରେ ଆମେ ଶୁଣୁଛେ । ଏହାର ବାସ୍ତବ ଅର୍ଥ କଅଣ ? । ଏପରି ଆଇଦୋତନମ୍ ନକହି ତିନି କିମ୍ବା ଚାରି କିମ୍ବା ଅନ୍ୟ କୌଣସି ଅଙ୍କ ସୂଚିତ କରୁଥିବା ଭଳି କାହିଁକି କୁହାଯାଇ ନାହିଁ ? ଏହି ଭାଷା ବ୍ୟବହୃତ ହେଉଥିବା ଅଞ୍ଚଳର ଲୋକଙ୍କୁ ମଧ୍ୟ ଏହି ପଦ ବାବଦରେ ପଚାରିଲେ କାହିଁକି ଉତ୍ତର ଦେଇପାରନ୍ତି ନାହିଁ ? ଏବେ ସେ ବିଷୟରେ ଟିକିଏ ଜାଣିବା ।

ଆପଣ କେଉଁଯାଏ ପଢିଛନ୍ତି ବୋଲି ଦିନେ ମୋତେ ଜଣେ ପଚାରିଲା । ସେତେବେଳେ ମୁଁ ତାକୁ ଦୁଇଟି ଅର୍ଥ ବୁଝାଇବା ଭଳି ଉତ୍ତର

ଦେଲି । ଭୌତିକତଃ ଏକାଦଶ ପଢିଛି, ଆଧ୍ୟାତ୍ମିକତଃ ଚତୁର୍ଥରେ ପଢୁଛି, ହେଲେ ପଞ୍ଚମ ଶ୍ରେଣୀକୁ ଯିବାକୁ ଇଚ୍ଛାକରୁଛି ବୋଲି କହିଲି । ମୋ କଥାକୁ ଟିକିଏ ବ୍ୟାଖ୍ୟାକଲେ, ଆମ ଶରୀରରେ ଆମେ ତିନିଗୋଟି ଗୁଣଭାଗରେ ଅଛେ, ତାଛଡା ଚତୁର୍ଥ ଗୁଣଭାଗ ମଧ୍ୟ ଅଛି । ଏହି ଭାଗଗୁଡିକ ଜୀବ ପାଇଁ ଏକ ଏକ ଶ୍ରେଣୀ ଭଳି । ଜ୍ଞାନରେ ତିନି ଗୁଣଭାଗକୁ ଯିଏ ଅତିକ୍ରମ କରିଥାଏ ବା ତିନିଗୁଣକୁ ଯିଏ ଅତିକ୍ରମ କରିଥାଏ ତାକୁ ତ୍ରିଗୁଣାତୀତ କୁହାଯାଏ, ଅର୍ଥାତ୍ ସେ ତିନିଗୋଟି ଶ୍ରେଣୀକୁ ଅତିକ୍ରମ କରିଯାଇଛି । ଏହି ତିନି ଶ୍ରେଣୀ ହେଉଛି ତାମସ, ରାଜସ, ସାତ୍ତ୍ୱିକ । ଚତୁର୍ଥ ଶ୍ରେଣୀ ହେଉଛି ଯୋଗ । ଯୋଗ ଶ୍ରେଣୀରୁ ମଧ୍ୟ ଉତ୍ତୀର୍ଣ୍ଣ ହେବାକୁ ପଡିଥାଏ । ଯିଏ ଏହି ଚତୁର୍ଥ ଶ୍ରେଣୀକୁ ଉତ୍ତୀର୍ଣ୍ଣ କରିଯାଏ ସେ ଯୋଗୀଶ୍ୱର ହୋଇଯାଏ । ଯୋଗରେ ଯିଏ ରହିଥାଏ ସେ ଯୋଗୀ । ମୁଁ ଚତୁର୍ଥ ପାସ୍ କଲେ ପଞ୍ଚମକୁ ଯିବି ବୋଲି କହିଥିଲି । ଯୋଗ ପରେ ରହିଥାଏ ମୋକ୍ଷ । ପଞ୍ଚମଶ୍ରେଣୀ ହୋଇଥିବା ମୋକ୍ଷକୁ ହିଁ ମୁକ୍ତି, ପରମପଦ, ପରଲୋକ ଇତ୍ୟାଦି କହିଥା'ନ୍ତି । ଭୌତିକ ପାଠ ପଢାରେ ଯେତେ ଶ୍ରେଣୀ ଥିଲେ ମଧ୍ୟ, ତାହାସବୁ ଯୋଗଶାସ୍ତ୍ର ଅନୁସାରେ ତୃତୀୟଶ୍ରେଣୀ ଭିତରେ ଥାଏ ବୋଲି ଜାଣିବା ଉଚିତ୍ । କେତେବଡ ଡିଗ୍ରୀ ହାସଲ କରିଥିଲେ ମଧ୍ୟ ଚତୁର୍ଥ ଶ୍ରେଣୀକୁ ଯିବା କଷ୍ଟ ହୋଇଥାଏ । ସବୁ ତୃତୀୟ ପର୍ଯ୍ୟନ୍ତ ଥାଏ । ମୁଁ ଯୋଗଶାସ୍ତ୍ରରେ ଚତୁର୍ଥ ପଢି, ପଞ୍ଚମକୁ ଯିବାକୁ ଅପେକ୍ଷା କରିଛି ।

ଏହିଭଳି ଜୀବପାଇଁ ପାଞ୍ଚଗୋଟି ଶ୍ରେଣୀ ରହିଥାଏ । ଶେଷ ଶ୍ରେଣୀକୁ ହିଁ ବଡମାନେ ପଞ୍ଚମଶ୍ରେଣୀ ବୋଲି କହିଥିଲେ । ସେଥିଲାଗି ସବୁଠାରୁ ଉନ୍ନତ ସୌଭାଗ୍ୟ ହେଉଛି ଏହି ପଞ୍ଚମଶ୍ରେଣୀ, ପାଞ୍ଚପଣିଆ ବା ପଞ୍ଚମ ଶ୍ରେଣୀ ହେଉଛି ଏହି ସୌଭାଗ୍ୟ । ସୌଭାଗ୍ୟ କହିଲେ ହିଁ ପ୍ରକୃତ ସ୍ୱାମୀଯୁକ୍ତ ହେବା । ବାସ୍ତବରେ ବାହାରେ ଦେଖାଯାଉଥିବା ସ୍ୱାମୀ ଜୀବର ସୌଭାଗ୍ୟ ନୁହେଁ । ତାହା କାହିଁକିନା ! ସମସ୍ତେ ତୃତୀୟ ଶ୍ରେଣୀ

ଭିତରେ ହିଁ ରହିଥା'ନ୍ତି । ସମସ୍ତଙ୍କର ପ୍ରକୃତ ସ୍ୱାମୀ ବା ଭର୍ତ୍ତା ହେଉଛନ୍ତି ପରମାତ୍ମା, ସେହି ପରମାତ୍ମାଙ୍କୁ ପାଇ ଆମେ ସୌଭାଗ୍ୟ ଅର୍ଜନ କରିବା ଉଚିତ୍ । ଦୁନିଆରେ ବାସକରୁଥିବା ସମସ୍ତ ପୁରୁଷନାରୀଙ୍କ ପାଇଁ ଏହି ସୌଭାଗ୍ୟ ଆବଶ୍ୟକ । ଅନେକ ଲୋକ ତାମସ ହୋଇଥିବା ପ୍ରଥମ ଶ୍ରେଣୀରେ, ରାଜସ ହୋଇଥିବା ଦ୍ୱିତୀୟ ଶ୍ରେଣୀରେ, ସାତ୍ତ୍ୱିକ ହୋଇଥିବା ତୃତୀୟ ଶ୍ରେଣୀରେ ଅଟକି ରହିଥା'ନ୍ତି । ଅତି କମରେ ଚତୁର୍ଥ ଶ୍ରେଣୀରେ ମଧ୍ୟ କେହି ପଢିବାକୁ ଋହାନ୍ତି ନାହିଁ । ଅଧିକାଂଶ ଲୋକେ ଦ୍ୱିତୀୟ ଶ୍ରେଣୀ ମଧ୍ୟ ଉତ୍ତୀର୍ଣ୍ଣ ହୋଇପାରନ୍ତି ନାହିଁ, ଏକ ହିସାବରେ ଶତକଡା ୯୯ଭାଗର ଲୋକେ ଏହି ଶ୍ରେଣୀରେ ହିଁ ରହିଯାଆନ୍ତି । ଏଭଳି ଲୋକମାନେ ଚତୁର୍ଥକୁ କେତେବେଳେ ଯିବେ ! ଯଦି ବି କେହି ଚତୁର୍ଥକୁ ଆସିଗଲା ତେବେ ତାକୁ ନାନା ଅସୁବିଧା ସମ୍ମୁଖୀନ କରିବାକୁ ହେବ, ଚତୁର୍ଥରେ ହିଁ ସମସ୍ତେ ଫେଲ୍ ହୋଇଯାଆନ୍ତି । କେତେକ ପ୍ରଥମରେ ଥାଇ ମଧ୍ୟ ଆମେ ପଞ୍ଚମରେ ଅଛୁ ବୋଲି କହିଥା'ନ୍ତି । ଆମ ଗୁରୁ ଆମକୁ ପଞ୍ଚମରେ ବସାଇଛନ୍ତି ବୋଲି କହିଥା'ନ୍ତି । ବାସ୍ତବରେ ଯିଏ ପଞ୍ଚମକୁ ଯାଇଛି ସେ ଆଖିକୁ ଦେଖାନଯାଇ ପରମାତ୍ମାରେ ଲୀନ ହୋଇଯାଇଥାଏ । ତେଣୁ ଆଖିକୁ ଦେଖାଯାଉଥିବା ଗୁରୁ, ଦେଖାଯାଉଥିବା ଶିଷ୍ୟମାନେ ଯଦି ଆମେ ମୋକ୍ଷରେ ଅଛୁବୋଲି କହୁଛନ୍ତି, ତେବେ ସେ ଗୁରୁ ଶିଷ୍ୟ ସମସ୍ତେ ପ୍ରଥମ ଶ୍ରେଣୀରେ ହିଁ ଅଛନ୍ତି ବୋଲି କହିପାରିବା । ଏମିତି କିଏ କ'ଣ କହିଲେ ମଧ୍ୟ କାହା ତୁଣ୍ଡକୁ ବନ୍ଦ କରିପାରିବା ନାହିଁ, ହେଲେ **ତୁ ତୋକଥା ବୁଝ୍, ତୋ ଭର୍ତ୍ତାକୁ ଦେଖ୍, ତାକୁ ହିଁ ପ୍ରଣାମ କର୍, ତା'ରି ସେବା କର୍, ତୋ' ସୌଭାଗ୍ୟ ରହିବା ଭଳି ଦେଖ୍, ବିଧବା ଭଳି ଜୀବନ ବଞ୍ଚ୍ ନାହିଁ । ଆମେ ସମସ୍ତେ ନାରୀ, ଆମ ସମସ୍ତଙ୍କର ସୌଭାଗ୍ୟ ଆବଶ୍ୟକ ବୋଲି ଜାଣ୍ ।**

*****

# ବ୍ରାହ୍ମଣ - ନାପିତ ବ୍ରାହ୍ମଣ

ବ୍ରାହ୍ମଣମାନଙ୍କୁ ଏବଂ ନାପିତ (ବାରିକ ବା ଭଣ୍ଡାରି) ମାନଙ୍କୁ ସମସ୍ତେ ଜାଣନ୍ତି । କାରଣ ! ସମସ୍ତେ ଦିନେ ସେମାନଙ୍କ ନିକଟକୁ ଯିବାକୁ ହୁଏ । ଘରେ କେହି ଜନ୍ମହେଲେ ତାର ନାମକରଣ ପାଇଁ, ଜାତକ କରିବା ପାଇଁ, କେହି ମୃତ୍ୟୁବରଣ କଲେ ତା'ର ଦଶାହ (କର୍ମତନ୍ତ୍ର) କରାଇବା ଇତ୍ୟାଦି କାର୍ଯ୍ୟ ପାଇଁ ବ୍ରାହ୍ମଣମାନଙ୍କ ନିକଟକୁ ଯିବାକୁ ହୋଇଥାଏ । ନିଶଦାଢି ବଢିଯିବା ବେଳେ, ମୁଣ୍ଡର କେଶ ବଢିଯିବା ବେଳେ ଅତି କମ୍‌ରେ ମାସକୁ ଥରେ ନାପିତମାନଙ୍କ ପାଖକୁ ଯିବାକୁ ହୋଇଥାଏ । ସେଥିଲାଗି ବ୍ରାହ୍ମଣ ଏବଂ ନାପିତମାନେ ସମାଜରେ ସବୁଲୋକଙ୍କ ସହିତ ସୁପରିଚିତ ବୋଲି କହିପାରିବା । ଆଜିର କାଳରେ ସେମାନଙ୍କ କାର୍ଯ୍ୟକଳାପ କାହାକୁ ବା ଜଣାନାହିଁ ! ସମସ୍ତେ ସେମାନଙ୍କ ବାବଦରେ ଜାଣନ୍ତି; ତଥାପି ପୂର୍ବକାଳରେ ସେମାନେ କରୁଥିବା କାର୍ଯ୍ୟ କଅଣ ? ସେମାନେ ଏଭଳି ନାମରେ କିପରି ନାମିତ ହେଲେ ? ବୋଲି ପ୍ରଶ୍ନକଲେ କିଛି ନୂଆ ବିଷୟ ବହିର୍ଗତ ହେଉଛି, ତାହା କ'ଣ ଜାଣିବା ।

ପୂର୍ବେ ସତ୍ୟଯୁଗ ପରେ ତ୍ରେତୟାଯୁଗରେ ବ୍ରାହ୍ମଣକୁଳ ସବୁଠାରୁ ବଡକୁଳ ଭାବରେ କୁହାଯାଉଥିଲା । ସବୁ କୁଳ ଅପେକ୍ଷା ସେମାନଙ୍କ କୁଳ କାହିଁକି ବଡକୁଳ ଥିଲା ବୋଲି ଚିନ୍ତାକଲେ, ସେତେବେଳେ ମୁଖ୍ୟତଃ ସେମାନେ ହିଁ କେବଳ ବ୍ରହ୍ମବିଦ୍ୟା ବୋଧ କରୁଥିଲେ । ସବୁ ବିଦ୍ୟାଠାରୁ ବ୍ରହ୍ମବିଦ୍ୟା ବଡ ବିଦ୍ୟା ହୋଇଥିବାରୁ ସେମାନେ ବ୍ରହ୍ମବିଦ୍ୟା ଶିଖିଥିବାରୁ ସେମାନଙ୍କ କୁଳ ମଧ୍ୟ ବଡ ଭାବରେ ପରିଗଣିତ ହେଉଥିଲା, ସେମାନେ ବ୍ରହ୍ମବିଦ୍ୟା ବୋଧ କରୁଥିବାରୁ ବ୍ରାହ୍ମଣ କୁହାଯାଉଥିଲେ । ସେତେବେଳର ରାଜାମାନଙ୍କ ନିକଟରେ ମଧ୍ୟ ଗୁରୁ ହୋଇ, ଆସ୍ଥାନ ପଣ୍ଡିତ ହୋଇ ବ୍ରାହ୍ମଣମାନେ ସ୍ଥାନ ପାଇଥିଲେ । ବ୍ରାହ୍ମଣମାନଙ୍କ କଥା ଉପରେ ରାଜାମାନେ ମଧ୍ୟ କଥା କହିପାରୁ ନଥିଲେ । ବ୍ରାହ୍ମଣମାନଙ୍କ କଥା ହିଁ ରାଜାଙ୍କର

ଶୀରୋଧାର୍ଯ୍ୟ ହେଉଥିଲା । ଏହିଭଳି କିଛିକାଳ ବିତିଯିବା ପରେ, ଭୂପୃଷ୍ଠରେ ଦେବାଳୟ (ମନ୍ଦିର) ଗୁଡିଏ ଅଧିକ ତିଆରି ହୋଇଥିଲା । ପ୍ରତ୍ୟେକ ଦେବାଳୟର ଦେବତା ସହିତ ଦୁଇଜଣ ଦେବଭାର୍ଯ୍ୟା ଦୁଇକଡରେ ପ୍ରତିଷ୍ଠିତ ହେଉଥିଲେ । ଦେବାଳୟ ନିର୍ମାଣ ଏବଂ ସେଥିରେ ପ୍ରତିମା ସ୍ଥାପନ କାର୍ଯ୍ୟ ମଧ୍ୟ ସେତେବେଳର ବ୍ରାହ୍ମଣମାନେ କରୁଥିଲେ । ପ୍ରଜାମାନଙ୍କର ଦେବତା ଭଳି ରହିଥିବା ବ୍ରାହ୍ମଣମାନେ ମଧ୍ୟ ସେତେବେଳେ ମନ୍ଦିରରେ ଥିବା ଦେବତାମାନଙ୍କ ଭଳି ଦୁଇଜଣ ସ୍ତ୍ରୀଙ୍କୁ ବିବାହ କରିବା ଆରମ୍ଭ କରିଦେଲେ । ମନ୍ଦିରରେ ବା ଦେବାଳୟରେ ଦେବତାର ଦୁଇଜଣ ସ୍ତ୍ରୀ ରହିବା ଭଳି ସେଦିନ ବ୍ରାହ୍ମଣମାନଙ୍କର ଦୁଇ ଦୁଇ ଜଣ ଭାରିଜା ରହିବା ଦ୍ୱାରା ବ୍ରାହ୍ମଣମାନେ ମଧ୍ୟ ଭୂପୃଷ୍ଠରେ ଥିବା ଦେବତା ଭାବେ, **ଭୂ-ସୁର** ନାମରେ ନାମିତ ହୋଇଥିଲେ । ବହୁଭାର୍ଯ୍ୟା ଗ୍ରହଣ କରିବା ପରମ୍ପରା ସେତେବେଳେ ବ୍ରହ୍ମଣମାନେ ହିଁ ସେମାନଙ୍କ ପାଇଁ ସମାଜରେ ରଖିଥିଲେ । ବ୍ରାହ୍ମଣମାନଙ୍କ ଭଳି ବ୍ରାହ୍ମଣମାନଙ୍କୁ ସମାଜରେ ଉଚ୍ଚରେ ରହିବାକୁ ସୁଯୋଗ ଦେଉଥିବା ରାଜାମାନେ ମଧ୍ୟ କେତେକ ବହୁଭାର୍ଯ୍ୟା ଗ୍ରହଣ କରୁଥିଲେ । ତ୍ରେତାଯୁଗରେ ଦଶରଥ ମଧ୍ୟ ତିନିଜଣ ସ୍ତ୍ରୀଙ୍କୁ ବିବାହ କରିଥିଲେ ବୋଲି ସମସ୍ତେ ଜାଣନ୍ତି । ସେଦିନର ରାଜାମାନେ ହୁଅନ୍ତୁ, ବ୍ରାହ୍ମଣମାନେ ହୁଅନ୍ତୁ ସେମାନଙ୍କଠାରୁ ଜନ୍ମ ହୋଇଥିବା ବଡପୁଅକୁ ସେମାନେ ଅଧିକ ପ୍ରାଧାନ୍ୟତା ଦେଉଥିଲେ, ସେହି ବିଧି ଅନୁସାରେ ବଡରାଣୀଙ୍କଠାରୁ ଜନ୍ମ ହୋଇଥିବା ରାମକୁ ରାଜଭାର ଦେବା ପାଇଁ ଦଶରଥ ଭାବିବା, ସେଥିପାଇଁ ତାଙ୍କ ସାନରାଣୀ ସ୍ୱୀକାର ନକରିବା ଇତିହାସକୁ ମଧ୍ୟ ସମସ୍ତେ ଜାଣନ୍ତି ।

ସେଦିନ ବ୍ରାହ୍ମଣମାନେ ମଧ୍ୟ ସେମାନଙ୍କ ବଡ ସ୍ତ୍ରୀଠାରୁ ଜନ୍ମ ହୋଇଥିବା ପୁଅକୁ ପ୍ରାଧାନ୍ୟ ଦେଉଥିଲେ, ସେହି ଅନୁସାରେ ମନ୍ଦିରରେ ବ୍ରହ୍ମଜ୍ଞାନ ବୋଧ କରିବା କାର୍ଯ୍ୟକୁ ଦୁଇ ଭାଗରେ ବିଭାଜନ କରିଥିଲେ, ସେ ଦୁଇଟିରୁ ଗୋଟିଏ ହେଉଛି, ବ୍ରହ୍ମଜ୍ଞାନକୁ ମନ୍ଦିର ଭିତରେ ବୋଧକରିବା,

ଆଉଗୋଟିଏ ହେଉଛି ମନ୍ଦିର ବାହାରେ କାର୍ଯ୍ୟରୂପରେ ବ୍ରହ୍ମଜ୍ଞାନକୁ ବୋଧ କରାଇବା । ତେଣୁ ବ୍ରାହ୍ମଣମାନଙ୍କ ଦୁଇପତ୍ନୀଙ୍କ ଭିତରୁ ବଡ ପତ୍ନୀର ପୁଅକୁ ମନ୍ଦିର ଭିତର କାର୍ଯ୍ୟ, ସାନ ପତ୍ନୀର ପୁଅକୁ ମନ୍ଦିର ବାହାରର କାର୍ଯ୍ୟ କରିବାରେ ନିୟୋଜିତ କରୁଥିଲେ । **ସେହିଦିନୁ ମନ୍ଦିର ଭିତରର କାର୍ଯ୍ୟ ଏବଂ ମନ୍ଦିର ବାହାରେ ଦୃଶ୍ୟ ରୂପରେ ହେଉଥିବା କାର୍ଯ୍ୟକୁ ବ୍ରାହ୍ମଣମାନେ ହିଁ କରିଆସୁଥିଲେ,** କିନ୍ତୁ କାଳକ୍ରମେ ମନ୍ଦିର ଭିତରର କାର୍ଯ୍ୟ ଯେଉଁମାନେ କରୁଥିଲେ ସେମାନଙ୍କୁ ବ୍ରାହ୍ମଣ କୁହାଗଲା, ମନ୍ଦିର ବାହାରେ କାର୍ଯ୍ୟ କରୁଥିବା ଲୋକମାନଙ୍କୁ ନାପିତବ୍ରାହ୍ମଣ ବା ନାଇବ୍ରାହ୍ମଣ କୁହାଗଲା । ନାପିତ ବା ନାଇବ୍ରାହ୍ମଣ ଏବଂ ବ୍ରାହ୍ମଣମାନେ ହିଁ ତ୍ରେତାଯୁଗରେ ବ୍ରାହ୍ମଣର ସନ୍ତାନ ଥିଲେ ବୋଲି ଆଜି କାହାକୁ ଜଣା ନାହିଁ । ସେଦିନ ପିତା ଦ୍ୱାରା ଆସିଥିବା କାର୍ଯ୍ୟ ସୋଦର ବ୍ରାହ୍ମଣ ହୋଇଥିବା ବ୍ରାହ୍ମଣ ଏବଂ ନାପିତ ଉଭୟେ କ୍ରମଚ୍ୟୁତ ନହୋଇ ମନ୍ଦିର ଭିତରର କାର୍ଯ୍ୟ, ମନ୍ଦିର ବାହାରର କାର୍ଯ୍ୟ ଅର୍ଥାତ୍ ବ୍ରହ୍ମବିଦ୍ୟା ସମ୍ବନ୍ଧୀୟ କାର୍ଯ୍ୟ କରିଆସୁଥିଲେ । ଏଭଳି ଦ୍ୱାପରଯୁଗ ଆସି ପହଞ୍ଚିଲା । ତା'ପରେ କ'ଣ ହେଲା ତଳ ବିବରଣୀକୁ ଦେଖିବା ।

ବ୍ରହ୍ମଜ୍ଞାନ ଜାଣିଥିବା ବା ଜଣାଉଥିବା ଲୋକକୁ ବ୍ରାହ୍ମଣ କୁହାଯାଉଥିଲା ବୋଲି ଆମେ ଜାଣିଲେ ! ସେହି ଅନୁସାରେ ଅନ୍ୟମାନଙ୍କୁ ବ୍ରହ୍ମଜ୍ଞାନ ଜଣାଇବା କାର୍ଯ୍ୟକୁ ଜୀବନର ମୁଖ୍ୟକାର୍ଯ୍ୟ ବୋଲି ଭାବି ଜୀବନ ନିର୍ବାହ କରୁଥିଲେ । ମାନବ ଜୀବନର ଲକ୍ଷ୍ୟ ହେଉଛି ମୋକ୍ଷ, ଏହା ମାନବ ନିହାତି ଜାଣିବା ଆବଶ୍ୟକ ବୋଲି ସେମାନେ ବୋଧ କରୁଥିଲେ, ସେତେବେଳ ପ୍ରଜାମାନେ ରହୁଥିବା ସ୍ଥଳକୁ ପୁର କୁହାଯାଉଥିଲା, ପୁରରେ ବାସ କରୁଥିବା ପୌର (ପ୍ରଜାମାନେ) ମାନଙ୍କୁ ସେମାନଙ୍କ ଜୀବନର ମୁଖ୍ୟାଂଶ ହୋଇଥିବା **ଦୈବପ୍ରାପ୍ତି ନିମନ୍ତେ ହିତବାଣୀ ବୋଧ କରୁଥିବାରୁ ବ୍ରାହ୍ମଣମାନଙ୍କୁ ପୌରହିତ ବା ପୁରୋହିତ କୁହାଯାଉଥିଲା** । ପ୍ରଜାମାନଙ୍କୁ

ହିତ ବୋଧକରି ପୁରର ହୀତ ସାଧନ କରି ପୁରୋହିତ ଭାବେ ନାମିତ ହୋଇଥିବା ବ୍ରାହ୍ମଣମାନେ, ସମସ୍ତଙ୍କ ମୁଣ୍ଡରେ ଦୈବଙ୍କର ନିବାସ ରହିଛି, ଆମ ମୁଣ୍ଡରେ ଗୁଣଗୁଡିକ ରହିଥିବା ପର୍ଯ୍ୟନ୍ତ ଆମେ ତାଙ୍କୁ ପାଇପାରିବା ନାହିଁ । ଗଣି ହେଉନଥିବା ଗୁଣଗୁଡିକର ଆଲୋଚନାକୁ ଆମେ ଅଟକାଇ ଦେବାବେଳେ, ମୁଣ୍ଡରେ ବାସ କରୁଥିବା ଆତ୍ମା ଅନୁଭବ ହୋଇ ଜଣା ପଡିଥା'ନ୍ତି, ଆତ୍ମଦର୍ଶନ ହେଉନଥିବା ଜୀବନ ବ୍ୟର୍ଥ ବୋଲି ବୋଧ କରୁଥିଲେ । ବ୍ରାହ୍ମଣମାନେ ଏହିଭଳି ପ୍ରଜାମାନଙ୍କୁ ଦୈବଜ୍ଞାନ ବୋଧ କରିବା ବେଳେ, ସେମାନଙ୍କୁ ଦେଖି ନାପିତ ବ୍ରାହ୍ମଣମାନେ ଆମେ କ'ଣ ତୁମଠାରୁ କମ୍ କହିବା ଭଳି ସେମାନେ ମନ୍ଦିର ଭିତରେ ଏଭଳି ବୋଧ କରାଉଥିବା ସ୍ଥଳେ ନାପିତମାନେ ମନ୍ଦିର ବାହାରେ ସେହି କାର୍ଯ୍ୟକୁ ଦୃଶ୍ୟ ରୂପରେ କରି ଦେଖାଇବା ଆରମ୍ଭକଲେ । ବ୍ରାହ୍ମଣମାନଙ୍କ ସହିତ ସେମାନଙ୍କର ଏକ ପ୍ରକାରର ପ୍ରତିଯୋଗୀତା ଆରମ୍ଭ ହୋଇଯିବା ଭଳି ହୋଇଗଲା ।

ଏହିଭଳି ବ୍ରହ୍ମଜ୍ଞାନ ବୋଧ କରୁଥିବା ଲୋକମାନେ ଦୁଇ ଦଳରେ ବିଭାଜିତ ହୋଇଗଲେ । ଗୋଟିଏ ଦଳର ଲୋକମାନେ ବ୍ରହ୍ମଜ୍ଞାନକୁ ମୁଖ ଦ୍ୱାରା ବୋଧ କରୁଥିବା ସ୍ଥଳେ, ଅନ୍ୟଦଳର ଲୋକମାନେ ମୁଖ ଦ୍ୱାରା ବୋଧ ନକରି ହାତରେ କରି (ଦୃଶ୍ୟ ରୂପରେ) ବୁଝାଉଥିଲେ । ବୋଧ କରୁଥିବା ଲୋକମାନଙ୍କ ଅପେକ୍ଷା ଦେଖାଉଥିବା ଲୋକମାନେ ହିଁ ବଡ ବୋଲି କିଛିଲୋକେ କହୁଥିଲେ, ଦେଖାଇ ବୁଝାଉଥିବା ଲୋକମାନଙ୍କଠାରୁ କହୁଥିବା ଲୋକମାନେ ହିଁ ବଡ ବୋଲି ଆଉକିଛି ଲୋକେ କହୁଥିଲେ, ପରସ୍ପର ଯୁକ୍ତି କରୁଥିଲେ, ସେମାନେ ଯେପରି ରହି ଯାହା କଲେ ମଧ୍ୟ ବ୍ରହ୍ମବିଦ୍ୟା ବୋଧ କରୁଥିବା ବ୍ରାହ୍ମଣ ହୋଇଥିବାରୁ ସେମାନଙ୍କୁ ବ୍ରାହ୍ମଣ ସୋଦର କୁହାଯାଉଥିଲା । ଦୁଇଦଳର ଏହି ବ୍ରାହ୍ମଣମାନେ ବେଳେବେଳେ ମୁଁ ବଡ ମୁଁ ବଡ ବୋଲି ପରସ୍ପର ଯୁକ୍ତିତର୍କ କରୁଥିଲେ । ଯିଏ ଯାହାକୁ ବଡ ଭାବୁଥିଲେ । ସେହି ଅନୁସାରେ ଅନେକ ଆଲୋଚନା ଆମରି ମୁଣ୍ଡରେ

ରହିଛି, ସେହି ଆଲୋଚନା ଗୁଡିକୁ ବିନାଶ କରିବା ଉଚିତ୍, ଏହା ଦ୍ୱାରା ଆତ୍ମଦର୍ଶନ ହୋଇଥାଏ ବୋଲି ବ୍ରାହ୍ମଣମାନେ ଜଣାଉଥିବା ବେଳେ, ଅନେକ ଆଲୋଚନାର ସଙ୍କେତ ହେଉଛି ଏଇ ମୁଣ୍ଡରେ ଥିବା ଅଗଣିତ କେଶ, ସେହି କେଶଗୁଡିକୁ ଖଣ୍ଡନ କରିବା ପରେ ଏକ କିଛିନଥିବା **ନୂଆ ସ୍ଥାନ** ଗୋଚର ହୋଇଥାଏ ଅର୍ଥାତ୍ ସେହିଭଳି ଆଲୋଚନା ନଥିବା ସ୍ଥାନରେ ନୂଆ **ଆତ୍ମା** ଦର୍ଶନ ହୋଇଥାଏ ବୋଲି ସମ୍ପୂର୍ଣ୍ଣ ବିବରଣ ବୁଝିହେବା ଭଳି, ମଣିଷର ମୁଣ୍ଡରେ ଥିବା କେଶକୁ ସମ୍ପୂର୍ଣ୍ଣ ଖଣ୍ଡଣ (ମୁଣ୍ଡନ) କରି ଦେଖାଇ, ଭିତରୁ ମଧ୍ୟ ଆଲୋଚନା ରହିତ ହୋଇଯାଅ ବୋଲି ନାପିତ ବ୍ରାହ୍ମଣମାନେ ଭାବ ପ୍ରଦର୍ଶନ କରୁଥିଲେ ।

ଏହିଭଳି ଅନେକ ବିଷୟରେ ବ୍ରାହ୍ମଣ, ନାପିତବ୍ରାହ୍ମଣ ପରସ୍ପର ପ୍ରତିଦ୍ୱନ୍ଦୀ ହେବା ଭଳି କାର୍ଯ୍ୟ କରୁଥିଲେ, ସେହି କାର୍ଯ୍ୟଗୁଡିକ କିପରି ଥିଲା ତାହା ଏବେ ଟିକିଏ ଆଲୋଚନା କରିବା । ବ୍ରାହ୍ମଣମାନେ ପ୍ରାତଃ କାଳରେ ମନ୍ଦିର ଭିତରକୁ ଯାଇ ପ୍ରତିମା ସମ୍ମୁଖରେ ବସି ବ୍ରହ୍ମବିଦ୍ୟା ପାରାୟଣ କରିବା ପୂର୍ବକ ଅନେକ ଶ୍ଳୋକ ପଢି, ଆରାଧନା କରିବା ସହିତ ସେଠାକୁ ଆସିଥିବା ପ୍ରଜାମାନେ ଦୈବମନ୍ତ୍ର ଉଚ୍ଚାରଣରେ ସେମାନଙ୍କର ମନୋଲଗ୍ନ କରି ଆରାଧନା କରିବା ଉଚିତ୍, ଜ୍ଞାନମନ୍ତ୍ରର ଶବ୍ଦ ଦୈବସମାନ, ସେହି ନାଦ ହିଁ ବ୍ରହ୍ମନାଦ ବା **ବ୍ରହ୍ମ** ବୋଲି ବୁଝାଉଥିଲେ । ନାପିତବ୍ରାହ୍ମଣମାନେ ଶବ୍ଦ ଅପେକ୍ଷା ମହାନ ନାଦଭାବେ ଆଉ ଏକ ନାଦ ରହିଛି, ଜ୍ଞାନମନ୍ତ୍ରର ନାଦ ଅପେକ୍ଷା ଆମେ ବାଦ୍ୟବାଦନ ଦ୍ୱାରା କରୁଥିବା ନାଦ ଅତି ମଙ୍ଗଳମୟ ବୋଲି କହୁଥିଲେ । ମଙ୍ଗଳବାଦ୍ୟରୁ ଶୁଣିବାକୁ ମିଳୁଥିବା ନାଦରେ ମନୋଲଗ୍ନ କଲେ, ସବୁଦିନ ଆମକୁ ପିଡୀତ କରୁଥିବା ବିଷୟଗୁଡିକୁ ଆମେ ଭୂଲି, ଭୌତିକ ବିଷୟରୁ ସହଜରେ ବାହାରକୁ ଯାଇ ଏକ ମହାନ ଅନୁଭୂତି ପାଇପାରିବା, ସେହି ଅନୁଭୂତି ହିଁ ଦୈବସନ୍ନିଧି, ଆମେ କରୁଥିବା ଏହି ନାଦ ହିଁ ଉନ୍ନତ ବୋଲି ପ୍ରଜାମାନଙ୍କୁ କହି ଏକ ପ୍ରକାରର ନୂଆ ନାଦ

କରି ପ୍ରଜାମାନଙ୍କୁ ମନ୍ଦିର ନିକଟରେ ଶୁଣାଉଥିଲେ । ବାଦ୍ୟନାଦ ଶୁଣାଇବା କାର୍ଯ୍ୟ କରିବା ସହିତ ଆତ୍ମଦର୍ଶନ ହୁଏ ନାମକ ଅର୍ଥରେ ମଣିଷର ମୁଣ୍ଡରେ ଥିବା କେଶକୁ ଖଣ୍ଡନକରି ଦେଖାଉଥିଲେ । କେଶମୁଣ୍ଡନ କରିବା ସାମଗ୍ରୀ ସବୁବେଳେ ସେମାନଙ୍କ ପାଖରେ ରହୁଥିଲା, ବାଦ୍ୟନାଦ କରିବା ପାଇଁ ବାଦ୍ୟଯନ୍ତ ମଧ୍ୟ ଅନୁକୁଳ ଭାବରେ ରଖୁଥିଲେ ।

ମନ୍ଦିର ଭିତରେ ତୁମେମାନେ ମନ୍ତ୍ର ପଢିଲେ, ମନ୍ଦିର ବାହାରେ ଆମେ ବାଦ୍ୟବାଦନ କରିବୁ ବୋଲି ନାପିତ-ବ୍ରାହ୍ମଣମାନେ କାଳକ୍ରମେ ଜିଦ୍ ଧରିବାକୁ ଲାଗିଲେ । ସେହିଭଳି ବିବାହ ସମୟରେ ବ୍ରାହ୍ମଣମାନେ ମନ୍ତ୍ରପାଠ କରିବା ବେଳେ ନାପିତ ବ୍ରାହ୍ମଣମାନେ ଅନ୍ୟାନ୍ୟ ଶୁଭକାର୍ଯ୍ୟ କରିବା ସହିତ ବାଦ୍ୟବାଦନ କାର୍ଯ୍ୟ କରୁଥିଲେ । ତୁମେମାନେ ବାହାଘର କଲେ ବାହାହେବାକୁ ଯାଉଥିବା ବର, କନ୍ୟାଙ୍କୁ ଆମେ ସଜାଇବୁ ବୋଲି କହି ପ୍ରତିଦ୍ୱନ୍ଦୀ ହେବା ପୂର୍ବକ ତୁମେ ବାହାଘର କରିବା ଆଗରୁ ଆମେ ନଥିଲେ ବରକନ୍ୟା ନାହାନ୍ତି ତେଣୁ ତୁମମାନଙ୍କଠାରୁ ଆମେ ବଡ ବୋଲି କହୁଥିଲେ । ସେତେବେଳେ ବରକୁ ସଜାଇବା କାର୍ଯ୍ୟ ନାପିତବ୍ରାହ୍ମଣର ଥିଲା । ଆଜି ମଧ୍ୟ ବିବାହ କାର୍ଯ୍ୟରେ ବ୍ରାହ୍ମଣଙ୍କ ସମକକ୍ଷ ଭାବରେ ନାପିତବ୍ରାହ୍ମଣ ବା ଭଣ୍ଡାରୀମାନେ ସେମାନଙ୍କ କାର୍ଯ୍ୟ କରୁଛନ୍ତି । ସେହିଭଳି ଜଣେ ମଣିଷ ମୃତ୍ୟୁବରଣ କଲେ ଦଶାହ ଦିନ ବ୍ରାହ୍ମଣମାନେ କର୍ମମନ୍ତ୍ର ପଢି ମୃତ୍ୟୁବରଣ କରିଥିବା ଲୋକଠାରୁ ବଞ୍ଚିରହିଥିବା ଲୋକମାନଙ୍କର ସମ୍ପର୍କ ତୁଟାଇ ଦେଉଥିଲେ । ଏତେବେଳଯାଏଁ ଏଇଠାରେ ବିଚରଣ କରୁଥିବା ଜୀବାତ୍ମା, ଆଜିଠାରୁ ସଂସାରରେ ରହିଥିବା ଲୋକମାନଙ୍କଠାରୁ ସମ୍ପୂର୍ଣ୍ଣ ଭାବେ ସମ୍ପର୍କ ଛିନ୍ନ କରିଦେଇଥାଏ ବୋଲି ବୁଝାଉଥିଲେ । ସେହିଭଳି ନାପିତବ୍ରାହ୍ମଣମାନେ କୌଣସି ଲୋକ ମୃତ୍ୟୁବରଣ କଲାବେଳେ ତା'ର ସମ୍ପର୍କୀୟମାନଙ୍କୁ ନିଶ, ଦାଢି, ନଖ, ମୁଣ୍ଡର କେଶ ବଢାଇବା ପାଇଁ କହି ଦଶାହ ଦିନରେ ତାହା ମୁଣ୍ଡନ କରୁଥିଲେ । ତା'ର ଅର୍ଥରେ ସେମାନେ

କହୁଥିଲେ ଯେ, ଏତେଦିନଯାଏଁ ତୋ'ର ମୁଖକୁ ଘୋଡାଇ ରଖିଥିବା ନିଶ, ଦାଢି, ମୁଣ୍ଡର କେଶ ଯେମିତି ଏବେ ତୋ ସହିତ ସମ୍ବନ୍ଧୀତ ହୋଇ ରହିନାହିଁ, ସେମିତି ମୃତ୍ୟୁବରଣ କରିଥିବା ଜୀବାତ୍ମା ଆଜିଠାରୁ ତୁମମାନଙ୍କ ସହିତ କୌଣସି ସମ୍ପର୍କ ନରଖି ଚାଲିଯିବ ବୋଲି କର୍ମତନ୍ତ୍ର କରି ଦେଖାଉଥିଲେ । ଏହିଭଳି ଅହୁରି ଅନେକ କଥା ରହିଛି । ଯେଉଁଠାରେ ବ୍ରାହ୍ମଣମାନଙ୍କ ଆଧିପତ୍ୟ ରହିଛି ସେଠାରେ ନାପିତ ବା ଭଣ୍ଡାରୀମାନଙ୍କ ଆଧିପତ୍ୟ ରହିଛି, ପ୍ରତ୍ୟେକ ଶୁଭକାର୍ଯ୍ୟରେ ସେମାନେ ହିଁ ଖୋଜା ଯାଆନ୍ତି । ଆଜି ସେମାନଙ୍କ କାର୍ଯ୍ୟରେ ଅନେକ ଭିନ୍ନତା, ଉଚ୍ଚ, ନୀଚ ଭେଦ ଦେଖାଯାଉଥିଲେ ହେଁ ସେମାନେ ଏକ ବୋଲି କାହାକୁ ଜଣା ନାହିଁ ।

ଅନେକ ସ୍ଥାନରେ ପରସ୍ପର ପ୍ରତିଦ୍ୱନ୍ଦୀ ହୋଇ ରହିଥିବା ଦୁଇ ଦଳର ବ୍ରାହ୍ମଣମାନେ ନିଜ ନିଜର ଆଧିପତ୍ୟକୁ ବଢାଉଥିଲେ । ଗୋଟିଏ ଦଳର ବ୍ରାହ୍ମଣମାନେ ଆମେ **ଭୂସୁର** ବୋଲି କହୁଥିଲେ । ଭୂପୃଷ୍ଠର ପ୍ରତ୍ୟକ୍ଷ୍ୟ ଦେବତା ଆମେମାନେ ବୋଲି ବ୍ରାହ୍ମଣମାନେ କହୁଥିବା ସ୍ଥଳେ, ନାପିତମାନେ ମଧ୍ୟ ଆମେ ବ୍ରାହ୍ମଣମାନଙ୍କ ଠାରୁ ଉନ୍ନତ, ସବୁ ମାଙ୍ଗଳିକ କାର୍ଯ୍ୟରେ ଆମେ ନରହିଲେ ହୁଏ ନାହିଁ, ଆମେ ହିଁ ଭଦ୍ରାକର (ଲଣ୍ଡା) କରୁଥିବା ଲୋକ, ଜ୍ଞାନର ଭଣ୍ଡାର, ଏଭଳି ଆମେ ମଙ୍ଗଳ କୁଳର, ଅତି ପବିତ୍ର କୁଳର ଏବଂ ଶୁଭକାରକ ବୋଲି କହୁଥିଲେ । ସର୍ବପ୍ରଥମେ ଉଭୟଙ୍କୁ ବ୍ରାହ୍ମଣ କୁହାଯାଉଥିଲା । ନାପିତବ୍ରାହ୍ମଣ ନାମକ ନାଆଁ ମଙ୍ଗଳ କୁଳ, ଭଣ୍ଡାରି ବା ବାରିକ କୁଳ ହୋଇ ମଝିରେ ଆସି ପହଞ୍ଚିଲା ସିନା ଆଗରୁ ନଥିଲା । ପୂର୍ବକାଳରେ ସେହି ବ୍ରାହ୍ମଣମାନଙ୍କ ଭିତରେ ଉପୁଜିଥିବା କଳହ ବା ଭେଦାଭିପ୍ରାୟରୁ **ଭୂ-ସୁର** ବୋଲି ଗୋଟିଏ ଦଳର ଲୋକମାନଙ୍କୁ କୁହାଯିବା ବେଳେ ଅନ୍ୟ ଦଳର ଲୋକମାନଙ୍କୁ **ଭଣ୍ଡାରି** ବୋଲି କୁହାଗଲା । ଭଣ୍ଡାରି ବୋଲି ସେମାନଙ୍କ ନାଆଁ ସେମିତି ରହିଯିବା ବେଳେ, ଭୂ-ସୁର ଭାବେ ନାମିତ ହୋଇଥିବା ବ୍ରାହ୍ମଣମାନେ ଶେଷରେ ଭୂ-

ସୁରରୁ ବ୍ରାହ୍ମଣ ହୋଇଗଲେ । ଆମେବଡ ଆମେବଡ ବୋଲି ଉଭୟଙ୍କ ଭିତରେ ସବୁବେଳେ ପ୍ରତିଦ୍ୱନ୍ଦିତା ଲାଗି ରହିବା ସହିତ ପରସ୍ପରକୁ ନିନ୍ଦା କରିବାକୁ ପଛେଇଲେ ନାହିଁ । କିଏ କୌଣସି ଶୁଭକାର୍ଯ୍ୟରେ ବାହାରକୁ ଗଲେ ଯଦି ବାଟରେ ଭଣ୍ଡାରି ଦେଖାଦିଏ ତେବେ ତା'ର ଶୁଭକାର୍ଯ୍ୟ ଅଶୁଭରେ ପରିଣତ ହୋଇଯିବ ବା ଶକୁନ ଅପଶକୁନ ହୋଇଯିବ, କାର୍ଯ୍ୟଟି ହୋଇପାରିବ ନାହିଁ ବୋଲି ଗୋଟିଏ ଦଳର ବ୍ରାହ୍ମଣମାନେ ପ୍ରଚାର କରିବାକୁ ଲାଗିଲେ । ସେହିଭଳି ଅନ୍ୟଦଳର ବ୍ରାହ୍ମଣ ହୋଇଥିବା ଭଣ୍ଡାରିମାନେ ଅନ୍ୟଦଳର ବ୍ରାହ୍ମଣ ହୋଇଥିବା ଭୂ-ସୁରମାନଙ୍କୁ ଅପବାଦ ଦେବାକୁ ସ୍ଥିରକରି କିଏ କୌଣସି ଶୁଭକାର୍ଯ୍ୟ କରିବାକୁ ଯିବାବେଳେ ଯଦି ବ୍ରାହ୍ମଣ ଦେଖାଦିଏ ତେବେ ସବୁ ଶକୁନ ଅପଶକୁନ ହୋଇ ହେବାକୁ ଥିବା କାର୍ଯ୍ୟ ତ ହେବନାହିଁ ବରଂ କ୍ଷତି ସହିବାକୁ ପଡିବ ବୋଲି ପ୍ରଚାର କରିବାକୁ ଲାଗିଲେ । ଆଜି ମଧ୍ୟ ଭଣ୍ଡାରିମାନଙ୍କୁ, ବ୍ରାହ୍ମଣମାନଙ୍କୁ ଦେଖିଲେ ଅପଶକୁନ ହୁଏ ବୋଲି ସମାଜରେ କେହି କେହି କହୁଥିବା ଜଣାଯାଏ ।

ଏହିଭଳି କାଳ ବିତୁଥିବା କ୍ରମରେ ପୁରୁଣା ଲୋକମାନେ ମୃତ୍ୟୁବରଣ କରି, ନୂଆ ଲୋକମାନେ ଜନ୍ମହୋଇ ପୂର୍ବରୁ ଥିବା ଅଭିପ୍ରାୟକୁ ବଦଳାଇ, ପୂର୍ବେ ସେମାନଙ୍କ ବାପା ଜେଜେବାପା କ'ଣ କରିଥିଲେ ତାହା ନକରି ଜୀବନ ବଞ୍ଚିବା ଆରମ୍ଭକଲେ । ସେମାନଙ୍କ ପିତୃପିତାମହମାନେ ପ୍ରଜାହୀତ ବ୍ରହ୍ମଜ୍ଞାନ ବୋଧ କରୁଥିବା ସ୍ଥଳେ, ଏମାନେ ତା'କୁ ଛାଡି ପେଟପୋଷିବା ପାଇଁ ମନ୍ଦିରରେ ପୂଜାଠାରୁ ଆରମ୍ଭକରି ନାନାକାର୍ଯ୍ୟ କରୁଥାଇ ଶେଷରେ ମୃତ୍ୟୁବରଣ କରିଥିବା ଲୋକର କର୍ମତନ୍ତ୍ରକାର୍ଯ୍ୟ କରୁଛନ୍ତି । ସେଦିନର ଲୋକମାନେ କରୁଥିବା କାର୍ଯ୍ୟରେ, ଆଜିର କାଳରେ ହେଉଥିବା କାର୍ଯ୍ୟରେ ଆକାଶ ପାତାଳ ଭିନ୍ନତା ଆସିଛି । ବ୍ରାହ୍ମଣମାନେ ବ୍ରହ୍ମଜ୍ଞାନ ଛାଡି ବେଦମନ୍ତ୍ରରେ ପଡିଯାଇଛନ୍ତି, ଭଣ୍ଡାରୀମାନେ ମଧ୍ୟ ଅର୍ଥ ଜାଣିନଥିବା ଆଚରଣ କରୁଛନ୍ତି । ଭଣ୍ଡାରିମାନେ ବାଦ୍ୟବାଦନ କରୁଥିଲେ ବୋଲି

ଆଜି ପଚରିଲେ ମଧ୍ୟ ଭଣ୍ଡାରିମାନେ କହି ପାରିବେ ନାହିଁ, ସେମାନେ ପୂର୍ବେ କରୁଥିବା ଅନେକ କାର୍ଯ୍ୟ ଆଜି ମଧ୍ୟ କରୁଛନ୍ତି, ସେମାନେ କିଛି ପୂର୍ବକାର୍ଯ୍ୟକୁ ବଜାୟ ରଖିଥିଲେ ମଧ୍ୟ ତାହା ସେତେବେଳ ଭଳି ଭାବଯୁକ୍ତ ହୋଇ ରହିନାହିଁ । ଆଜି ତା'ର ଭାବ ହଜିଯାଇ ବୃତ୍ତିବିଦ୍ୟା ହୋଇଯାଇଛି । ଏହିଭଳି ଦୁଇଦଳର ବ୍ରାହ୍ମଣମାନେ ପଥହୁଡି ପୂର୍ବ ବିଧିକୁ, ଭାବକୁ ଭୁଲି କାର୍ଯ୍ୟ କରୁଛନ୍ତି ।

ପୂର୍ବେ ବ୍ରାହ୍ମଣମାନେ, ଭଣ୍ଡାରିମାନେ ଉଭୟ ସମାନ ଭାବରେ ପ୍ରତିଦ୍ୱନ୍ଦୀ ହୋଇ ବା ପରସ୍ପର ସମକକ୍ଷ ହୋଇ ରହିଥିଲେ ମଧ୍ୟ କିଛିକାଳ ପରେ ଭଣ୍ଡାରିମାନେ ଅଧିକ ଲୋକପ୍ରିୟ, ରାଜାପ୍ରିୟ ହୋଇ ସମାଜରେ ଅଗ୍ରହସ୍ତ ଭାବରେ ରହିଥିଲେ, ସେମାନଙ୍କୁ ଦେଖି ବ୍ରାହ୍ମଣମାନେ ପଟୁତାର ସହିତ ଭଣ୍ଡାରିମାନଙ୍କୁ ତଳକୁ ଠେଲିଦେଇ ନିଜେ ଉପରକୁ ଯିବାପାଇଁ ବୁଦ୍ଧି ଉପଯୋଗ କରି ତଦନୁଗୁଣ ଯୋଜନା ତିଆରି କଲେ, ସେମାନେ ମଧ୍ୟ ରାଜାମାନଙ୍କ ସହିତ ସମ୍ପର୍କ ବଢାଇ, ଅଧିକାରକୁ ନିଜ ଦିଗରେ ଆଣି ସେମାନଙ୍କର ପ୍ରାବଲ୍ୟତା ବିସ୍ତାର କରିବାକୁ ଚେଷ୍ଟାକଲେ, ସେମାନଙ୍କ ଜୋଜନା ଅନୁଯାୟୀ ସେହିଦିନ ଠାରୁ ସେମାନେ ରାଜାଙ୍କ ପାଖରେ ପହଞ୍ଚି, ରାଜାଙ୍କୁ ଅନେକ ଭଲ ବିଷୟ ବୋଧକରି, ରାଜାଙ୍କ ନିକଟରେ ଆସନ ସମ୍ପାଦନ କରି ଉଚ୍ଚ ସ୍ଥିତିରେ ଗୁରୁଭାବରେ ପରିଗଣିତ ହୋଇ ଭଣ୍ଡାରିମାନଙ୍କ ଅପେକ୍ଷା ଅଧିକ ମାନ ସମ୍ମାନର ପାତ୍ର ହୋଇ, ଭଣ୍ଡାରି ମାନଙ୍କଠାରୁ ଅଧିକଗୁଣରେ ବଡ ବୋଲି ସମୟକ୍ରମେ ଭାବିବାକୁ ଲାଗିଲେ । ଭଣ୍ଡାରିମାନେ କୌଣସି ଯୋଜନା ନକରି ସାଧାରଣତଃ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟ କରୁଥାଇ କିଛିକାଳ ପରେ ନିଜକୁ ବ୍ରାହ୍ମଣଙ୍କଠାରୁ ଛୋଟ ବୋଲି ଭାବିବାକୁ ଲାଗିଲେ । କାଳକ୍ରମେ ସେମାନେ ମଧ୍ୟ କୌଣସି ଉପାୟରେ ଆମେ ବ୍ରାହ୍ମଣମାନଙ୍କ ସହିତ ସମାନ ସ୍ଥାନରେ ରହିବା, ରାଜାଙ୍କ ନିକଟରେ ସମ୍ମାନର ଅଧିକାରୀ

ହେବା ବୋଲି ଭାବିଲେ । ଦିନେ କୃଷ୍ଣଦେବରାୟଙ୍କ ଆସ୍ଥାନରେ ପହଞ୍ଚି ଜଣେ ଭଣ୍ଡାରି "ଆମେମାନେ ମଧ୍ୟ ଦିନେ ବ୍ରାହ୍ମଣ ଥିଲୁ, ତେଣୁ ଆମକୁ ମଧ୍ୟ ବ୍ରାହ୍ମଣଙ୍କ ସହିତ ସମାନ ଆଦର ମିଳିବା ଉଚିତ"ବୋଲି କହିବାରୁ ତାହା ରାଜା ଶୁଣିଲେ ମଧ୍ୟ ସେମାନଙ୍କ ପୂର୍ବକଥା ତାଙ୍କୁ ଜଣାନଥିବାରୁ ବ୍ରାହ୍ମଣମାନଙ୍କୁ ଡାକି ଏହାକୁ ମଧ୍ୟ ବ୍ରାହ୍ମଣ କରିଦିଅ ବୋଲି ଆଦେଶ ଦେଲେ । ସେତେବେଳେ ରାଜାଙ୍କ ଆଜ୍ଞା ଅନୁସାରେ ତା'କୁ ତୁଙ୍ଗଭଦ୍ରା ନଦୀକୁ ନେଇ ମନ୍ତ୍ରପଢି ତା' ଉପରେ ନଦୀପାଣି ଢାଳିଲେ । ଏହା ଦ୍ୱାରା ତା'ର ନୀଚତ୍ୱ ଚାଲିଯିବ ଆଉ ବ୍ରାହ୍ମଣତ୍ୱ ଆସିଯିବ ବୋଲି ମନ୍ତ୍ର ପଢୁଥିଲେ । ଏହି ବିଷୟ ଜଣେ ବ୍ରାହ୍ମଣ ହୋଇଥିବା ତେନାଲି ରାମଲିଙ୍ଗ (ତେନାଲି ରାମକୃଷ୍ଣ)ଙ୍କ ପାଖକୁ ଗଲା । **ଭଣ୍ଡାରିମାନେ** କ'ଣ ଆମ ସହିତ ସମାନ ? ବୋଲି କ୍ରୋଧିତ ହୋଇଯାଇଥିବା ରାମକୃଷ୍ଣ ସେହି କାର୍ଯ୍ୟ ଭଙ୍ଗ କରିବାକୁ ବିଚାର କରି ସାଙ୍ଗରେ କୁକୁରଟିଏ ନେଇ ସେ ନିଜେ ମଧ୍ୟ ତୁଙ୍ଗଭଦ୍ରା ନଦୀକୁ ଗଲେ । ସେଠାରେ ଘଟୁଥିବା ଘଟଣାକୁ ଦେଖି, ସେ ମଧ୍ୟ ସେମାନେ ଭଣ୍ଡାରିକୁ ମନ୍ତ୍ରପଢି ପାଣି ଢାଳୁଥିବା ସ୍ଥାନରୁ ମାତ୍ର କେଇଗଜ ଦୂରରେ ସାଥିରେ ନେଇଥିବା କୁକୁର ବେକରେ ଦଉଡି ବାନ୍ଧି, ସେହି ଦଉଡିକୁ ଗୋଡରେ ଚାପିଧରି, ସେମାନେ ମନ୍ତ୍ରପଢି ପାଣି ଢାଳିବା ଭଳି ମନ୍ତ୍ରପଢି କୁକୁର ଉପରେ ପାଣି ଢାଳିବା ଆରମ୍ଭକଲେ । ମୋର ଏହି କୁକୁର କାମଧେନୁ (ଗାଈ) ହୋଇଯାଉ କହି କୁକୁର ମୁହଁରେ ରାମକୃଷ୍ଣ ପାଣି ଢାଳୁଥିଲେ । କୁକୁରଟି ତା' ମୁହଁରେ ପଡୁଥିବା ପାଣିକୁ ସହି ନପାରି ଛଟପଟ ହେବା ସହିତ ଖୁବ୍ ଜୋରରେ ଭୁକୁଥିଲା । କୁକୁର ଗୋଡଗୁଡିକୁ ନଦୀପାଣିରେ ଛାଟିବା ଦ୍ୱାରା କୁକୁର ଦ୍ୱାରା ଛିଟିକି ପଡୁଥିବା ପାଣିଛିଟା ପାଖରେ ଥିବା ଅନ୍ୟ ବ୍ରାହ୍ମଣମାନଙ୍କ ଉପରେ ପଡୁଥିଲା । ତା'ଛଡା କୁକୁର ଭୁକିବା, କୁକୁର ଦେହର ପାଣିଛିଟିକା ଆସି ସେମାନଙ୍କ ଦେହରେ ପଡିବା ଦେଖି ସେମାନେ ରାମକୃଷ୍ଣଙ୍କୁ ଦୂରକୁ ଯିବାକୁ କହିବା ସହିତ ତୋ' ଦ୍ୱାରା

ଆମ  କାର୍ଯ୍ୟରେ  ବିଘ୍ନ ଆସୁଛି ବୋଲି, କୁକୁର ଦେହର ପାଣି ଆମ ଦେହରେ ପଡି ଅଶୁଦ୍ଧ ହୋଇଯାଉଛି ବୋଲି କହୁଥିଲେ ମଧ୍ୟ ରାମକୃଷ୍ଣ ସେମାନଙ୍କ କଥା ଶୁଣୁନଥିଲେ, ଉପରେପଡି ତେନାଲିରାମ (ରାମକୃଷ୍ଣ ସେମାନଙ୍କ ସହିତ ଯୁକ୍ତି କରିଥିଲେ । ସେତେବେଳେ ସେମାନେ ଆଉ କିଛି କରିନପାରି ରାମକୃଷ୍ଣ ଦ୍ୱାରା ଆମେ କରୁଥିବା କାର୍ଯ୍ୟରେ ଏଭଳି ବିଘ୍ନ ଆସୁଛି ବୋଲି ରାଜାଙ୍କୁ  ଆସି କହିଲେ । ସେତେବେଳେ ରାଜା କୃଷ୍ଣଦେବରାୟ ମଧ୍ୟ  ରାମକୃଷ୍ଣଙ୍କ ଉପରେ କ୍ରୋଧିତ ହୋଇ ତାଙ୍କୁ ରାଜସଭାକୁ ଡକାଇଲେ, ଆଉ ସଭାରେ କହିଲେ ଯେ, ମୁଁ ଭଣ୍ଡାରିକୁ ବ୍ରାହ୍ମଣ କରିବା ପାଇଁ ସେମାନଙ୍କୁ ଆଦେଶ ଦେଇଥିଲି, ତାହା ତୁମେ ଭଙ୍ଗ କରିଥିବାରୁ ତୁମକୁ ଦଣ୍ଡିତ କରୁଛି । ସେତେବେଳେ ବିନୟର ସହିତ ମହାରାଜ ! ମୁଁ ମଧ୍ୟ କୁକୁରକୁ ଗାଈ କରିବାକୁ ଶୁଦ୍ଧିମନ୍ତ୍ର ପଢି ସେହିକାର୍ଯ୍ୟ କରୁଥିଲି । ସେତେବେଳେ ରାଜା ତାଙ୍କୁ ପଚାରିଲେ ମନ୍ତ୍ରୋଦକରେ କୁକୁର କିପରି ଗାଈ  ହୋଇପାରିବ ? ରାଜାଙ୍କ ପ୍ରଶ୍ନରେ ରାମକୃଷ୍ଣ ମଧ୍ୟ କହିଲେ ମନ୍ତ୍ରୋଦକରେ **"ଭଣ୍ଡାରି ଯେମିତି ବ୍ରାହ୍ମଣ ହୋଇପାରିବ"** ଠିକ୍ ସେହିଭଳି ମୋ'କୁକୁର ମଧ୍ୟ ଗାଈ ହୋଇପାରିବ । ରାଜା ଆଉ କିଛି କହିନପାରି ଶେଷରେ କହିଲେ, ତୁ ଯାହା ବି କଲେ କୁକୁର ଗାଈ ହେବା ଅସମ୍ଭବ । ସେତେବେଳେ ରାମକୃଷ୍ଣ ମଧ୍ୟ କହିଲେ  ଆପଣ ଯେତେ ଯାହା କଲେ ମଧ୍ୟ ଭଣ୍ଡାରି କେବେ ବ୍ରାହ୍ମଣ ହୋଇପାରିବ ନାହିଁ । ଶେଷରେ ରାମକୃଷ୍ଣଙ୍କ ଚତୁରତାରେ ହାର ମାନି ତାଙ୍କୁ ହିଁ ପଚାରିଲେ ଯେ, ମୁଁ ଭଣ୍ଡାରିକୁ ଯେଉଁ କଥାଦେଇଛି ତାହା କ'ଣ ହେବ ? ସେଥିପାଇଁ ରାମକୃଷ୍ଣ ଏକ ଉପାୟ କହି ରାଜାଙ୍କୁ ସନ୍ତୋଷ ଲାଗିବା ଭଳି ପ୍ରଭୁ ! 'ଭଣ୍ଡାରିକୁ ବ୍ରାହ୍ମଣ କରିବା ପାଇଁ ଆପଣ କଥା ଦେଇଛନ୍ତି । ଏଭଳି  କରନ୍ତୁ ବୋଲି ଆଦେଶ ମଧ୍ୟ ଦେଇଛନ୍ତି, କିନ୍ତୁ ସେ କାର୍ଯ୍ୟ ହେବାରେ ମୋ' କୁକୁର ଅବରୋଧ ହୋଇଛି ତେଣୁ ଆପଣଙ୍କ କଥା ବେକାର ନଯାଇ, କୁକୁର କାରଣରୁ ସେହି କାର୍ଯ୍ୟ

ଅଟକିଯାଇଥିବାରୁ ଭଣ୍ଡାରିମାନେ **"ନାୟିବ୍ରାହ୍ମଣ"** ଭାବରେ କୁହାଯାଆନ୍ତୁ ବୋଲି ରାଜ୍ୟରେ ଢୋଲ ପିଟି ଜଣାଇଦିଅନ୍ତୁ । ଭଣ୍ଡାରି ବ୍ରାହ୍ମଣ ହେବାପାଇଁ କୁକୁର ଅବରୋଧ ହୋଇଥିବାରୁ ସେମାନଙ୍କୁ ନାୟିବ୍ରାହ୍ମଣ ବୋଲି ଅମୁକ ରାଜାଙ୍କ କାଳରୁ ଡେଙ୍ଗୁରା (ଢୋଲ) ପିଟାଯାଇଥିଲା ବୋଲି ଆପଣଙ୍କ ନାଆଁ ଚୀରସ୍ଥାୟି ହୋଇ ରହିଯିବ" ବୋଲି କହିଥିଲେ । ରାମକୃଷ୍ଣଙ୍କର କଥାରେ ଖୁସିହୋଇ ସେଦିନ କୃଷ୍ଣଦେବରାୟ ସେହିକାର୍ଯ୍ୟ କରିବା ପୂର୍ବକ ରାଜ୍ୟସାରା ସମସ୍ତଙ୍କୁ ଜଣାଇ ଦେଲେ ଯେ, "ଆଜିଠାରୁ **ଭଣ୍ଡାରିମାନଙ୍କୁ** ନାୟିବ୍ରାହ୍ମଣ କୁହାଗଲା" । ପୂର୍ବରୁ ଭଣ୍ଡାରିମାନଙ୍କର ସେହି ନାଆଁ ନଥିଲେ ମଧ୍ୟ କୃଷ୍ଣଦେବରାୟଙ୍କ କାଳରେ ଅର୍ଥାତ୍ ୧୬୦୦ ମସିହାରୁ ନାୟିବ୍ରାହ୍ମଣ ଭାବରେ ଭଣ୍ଡାରିମାନେ କୁହାଗଲେ ।

ପୂର୍ବେ ସେମାନେ ବାସ୍ତବରେ ବ୍ରାହ୍ମଣ ଥିଲେ ମଧ୍ୟ, ଆଚାର ବ୍ୟବହାରରେ ଭିନ୍ନ ହୋଇ ଆଉ ଗୋଟିଏ ଦଳ ହୋଇଯାଇଥିବା ସେମାନେ ଆଜି ଭଣ୍ଡାରୀକୁଳ ବା ମଙ୍ଗଳିକୁଳ କୁହାଯାଉଥିଲେ ମଧ୍ୟ ସେମାନଙ୍କ ନାଆଁ ପଛରେ ଏଇ ନାୟି ନାମକ ଶବ୍ଦ ଯୋଡି ହୋଇଯାଇଥିଲା, ସେମାନଙ୍କୁ ଏହି ନାଆଁ ଦେଇଥିବା କୃଷ୍ଣଦେରାୟ ସେତେବେଳେ ହମ୍ପିରେ ଶାସନ କରୁଥିଲେ । ହମ୍ପି ଆଜି କର୍ଣ୍ଣାଟକରେ ରହିଛି । ସେଦିନର ହମ୍ପି ମଧ୍ୟ ଆନ୍ଧ୍ରପ୍ରଦେଶ ଭୁକ୍ତ ଥିଲା । କାନାଡା ଭାଷାରେ ନାୟି କହିଲେ କୁକୁର । ଆଜି ବ୍ରାହ୍ମଣମାନେ ସମାଜରେ ଉଚ୍ଚ କୁହାଯାଉଥିବା ବେଳେ ନାୟିବ୍ରାହ୍ମଣମାନେ ସେମାନଙ୍କଠାରୁ ନୀଚରେ ରହିଛନ୍ତି । ଏସବୁ କାଳକ୍ରମେ ବଦଳିଥିବା ବିଚିତ୍ର ବିଷୟ । ଆଜି ଟଙ୍କା ନେଇ ପ୍ରତିଫଳ ଦେଇଥା'ନ୍ତି ନାୟିବ୍ରାହ୍ମଣ ବା ନାପିତମାନେ (ଭଣ୍ଡାରି ବା ବାରିକମାନେ), ଆଉ ଟଙ୍କା ନେଇ କେବଳ କଥାକହି ସନ୍ତୁଷ୍ଟ କରିଥା'ନ୍ତି ବ୍ରାହ୍ମଣମାନେ ବୋଲି ପ୍ରଜାମାନେ ଭାବୁଛନ୍ତି ।

ଏଇକଥା ଯୋଗୀ ବେମନ ମଧ୍ୟ ତାଙ୍କ ପଦ୍ୟାବଳୀରେ ମନ୍ତ୍ରଜଳ ଅପେକ୍ଷା ନାପିତ ଭଲ ବୋଲି କହିଥିଲେ । ବ୍ରାହ୍ମଣ ଟଙ୍କା ନେଇ ମୁଣ୍ଡରେ ପାଣି ସିଞ୍ଚିଲେ ତଦ୍ୱାରା ସୁଖ ଦେଖାଯାଇ ନଥାଏ, ସେହି ଟଙ୍କା ନେଇ ନାପିତ ବା ଭଣ୍ଡାରିମାନେ ମୁଣ୍ଡରେ ପାଣିସିଞ୍ଚି କେଶଖଣ୍ଡନ କଲେ ଭାରି ଆନନ୍ଦ ଲାଗେ । ସେଥିପାଇଁ ବେମନ ଏଭଳି କହିଥିଲେ । ଆଜି ଭଣ୍ଡାରିମାନେ ବ୍ରାହ୍ମଣମାନଙ୍କ ଅପେକ୍ଷା ଅଧିକ ସମାଜମଙ୍ଗଳ କାର୍ଯ୍ୟ କରୁଛନ୍ତି । ପୂର୍ବକଥା କାହାକୁ ଜଣା ନଥିବାରୁ ବ୍ରାହ୍ମଣ ଆଉ ଭଣ୍ଡାରିମାନେ ଗୋଟିଏ ଜାତିର ବୋଲି କେହି ଜାଣିପାରି ନାହାନ୍ତି । ଭଣ୍ଡାରି ବା ନାପିତମାନଙ୍କୁ ଆଜି ନିଜକଥା ଜଣା ନାହିଁ । ବ୍ରାହ୍ମଣଙ୍କ ଅପେକ୍ଷା ସେମାନଙ୍କ ନାଆଁ ହୋଇଥିବା ଭଣ୍ଡାରି, ବାରିକ, ନାପିତ, ଭଦ୍ରାକର, ମଙ୍ଗଳି ଇତ୍ୟାଦି ମହାନ ବୋଲି ଆଜି ଭଣ୍ଡାରିମାନଙ୍କୁ ଜଣା ନାହିଁ । ବ୍ରାହ୍ମଣ କହିଲେ କେବଳ ଜ୍ଞାନ ବୋଲି ମଙ୍ଗଳି କହିଲେ ମୋକ୍ଷ ବୋଲି କେହି ଜାଣନ୍ତି ନାହିଁ । ଜ୍ଞାନ ମାର୍ଗ ହୋଇଥିବା ବେଳେ ମୋକ୍ଷ ଲକ୍ଷ୍ୟ ହୋଇଥାଏ । ସାରା ପ୍ରପଞ୍ଚର ଉନ୍ନତ ଶବ୍ଦ ହେଉଛି ମଙ୍ଗଳ ଶବ୍ଦ । ଆଜି ଭଣ୍ଡାରିମାନେ ସେମାନଙ୍କ ନାଆଁ ବାବଦରେ ନଜାଣି, ସମାଜରେ ମହାନ କାର୍ଯ୍ୟ କରିଥା'ନ୍ତି ବୋଲି ନଜାଣି, ଆମେ ନୀଚକାର୍ଯ୍ୟ କରୁଛୁ ଭାବିବା ଦ୍ୱାରା ନିଜେ ନିଜକୁ ଛୋଟ ଭାବୁଛନ୍ତି । ପୂର୍ବେ ମନ୍ଦିରରୁ ଆରମ୍ଭ ହୋଇଥିବା କେଶଖଣ୍ଡନ କାର୍ଯ୍ୟ ଆଜି ବଜାରରେ ବଞ୍ଚିବା ବୃତ୍ତି ହୋଇଯାଇଛି । ଆଜି କେତେକ ଅଞ୍ଚଳରେ ନାପିତମାନେ ସେମାନଙ୍କ ସଂଘର ନାଆଁ ନାୟିବ୍ରାହ୍ମଣ ସଂଘ ରଖୁଛନ୍ତି ସିନା, ନାୟି କହିଲେ କୁକୁର ବୋଲି ସେମାନଙ୍କୁ ଜଣା ନାହିଁ । ଏଭଳି ପୂର୍ବେ ସମାଜରେ ଘଟିଥିବା କେତୋଟି ବିଷୟ ଲୋକଲୋଚନକୁ ଆସିଛି; ତଥାପି ଅନେକ ବିଷୟକୁ କେହି ଜାଣିପାରି ନାହାନ୍ତି । ଭଣ୍ଡାରିମାନେ ଆଜି ନିଜକୁ ଛୋଟ ଭାବିବା ପଛରେ ନାନା କୁଚକ୍ରାନ୍ତ ହୋଇଥିଲା ବୋଲି ସେମାନଙ୍କୁ ମଧ୍ୟ ଜଣା ନାହିଁ । କିଛିଦିନ ପୂର୍ବରୁ ଭୋଜନ ପଂକ୍ତିରୁ ଅଇଁଠାଖଲି ଉଠାଇବା କାର୍ଯ୍ୟ

ଭଣ୍ଡାରିମାନେ କରୁଥିଲେ । ଏଭଳି କାର୍ଯ୍ୟ କରିବା ପଛରେ ସେଦିନର କିଛି କୁଟନୀତି କାର୍ଯ୍ୟ କରିଥିଲା ବୋଲି କହି ପାରିବା, ସେମାନେ ଅତି ସରଳ ହୋଇଥିବାରୁ, କାର୍ଯ୍ୟକରି ଦୃଶ୍ୟ ଦ୍ୱାରା ସେମାନେ ସମାଜମଙ୍ଗଳ କରିବା ଅଭ୍ୟାସରେ ପଡିଥିବାରୁ, ସେମାନଙ୍କ ବାକ୍ ଚତୁର୍ଯ୍ୟ ବ୍ରାହ୍ମଣମାନଙ୍କ ଅପେକ୍ଷା ନିରସ ହୋଇଥିବାରୁ ସମାଜରେ ସେମାନଙ୍କ ସ୍ଥାନ ଏଭଳି ସ୍ଥିତିରେ ରହିଯାଇଥିଲା ବୋଲି କହିପାରିବା । ବାସ୍ତବରେ ସେମାନେ ନୀଚକୁଳର ନୁହନ୍ତି କି ସେମାନଙ୍କ କାର୍ଯ୍ୟ ନୀଚ ନୁହେଁ । ସମାଜର ମଙ୍ଗଳ କାର୍ଯ୍ୟରେ ସେମାନଙ୍କ ହସ୍ତ ଆଜି ଉଚ୍ଚରେ । ସେମାନେ ପୂର୍ବ ଭଳି ସ୍ଥିତିକୁ ଫେରିବାକୁ ହେଲେ ପୂର୍ବେ ଜାଣୁଥିବା ଦୈବଜ୍ଞାନ ଆଜି ସେମାନେ ଜାଣିବାକୁ ହେବ, ସେମାନଙ୍କ କାର୍ଯ୍ୟ ଖାଲି ସ୍ଥୁଳମଙ୍ଗଳ କାର୍ଯ୍ୟ ନୁହେଁ ସୂକ୍ଷ୍ମମଙ୍ଗଳ କାର୍ଯ୍ୟ ବୋଲି ଜାଣିପାରିଲେ ସେମାନଙ୍କ ପୂର୍ବସ୍ଥିତିକୁ ସେମାନେ ଫେରିପାଇବେ ବୋଲି ଆଶାକରୁଛୁ ।

*****

# ଗୁରୁ ପୂର୍ଣ୍ଣିମା

ଅନ୍ତ କହିଲେ କ'ଣ ସମସ୍ତେ ଜାଣନ୍ତି । ପ୍ରପଞ୍ଚରେ ଥିବା ସବୁକିଛିର ଆଦି ଅନ୍ତ ରହିଥାଏ । ଆଦି ଅନ୍ତ ନଥିବା ଜିନିଷ ପ୍ରପଞ୍ଚରେ କିଛି ବି ନାହିଁ । ଏହି ସାରା ପ୍ରପଞ୍ଚ ହିଁ ଆଦିଅନ୍ତ ଯୁକ୍ତ ହୋଇ ରହିଛି । ନାଆଁର ଗାଆଁର, ଲେଖାର ପଢାର, ଗୀତର ଶୀତର, କାର୍ଯ୍ୟର ଧାର୍ଯ୍ୟର, ଖେଳର ମାଳର, ଋଷର ବାସର ସବୁକିଛିର ଆଦି ଅନ୍ତ ନିଶ୍ଚୟ ରହିଛି । ବୋଧହୁଏ ସେଇଥିପାଇଁ କେହି କେହି କୌଣସି କ୍ରୋଧିତ ସନ୍ଦର୍ଭରେ ମୁଁ ତୋର ଅନ୍ତ ଦେଖିବି ବୋଲି କହିଥା'ନ୍ତି । ତେଣୁ ସବୁକିଛିର ନିଶ୍ଚୟ ଅନ୍ତ ରହିଛି ବୋଲି ଜଣାଯାଉଛି । ଥିବା ସବୁକିଛିର ଅନ୍ତ ଅଛି କିନ୍ତୁ ଗୋଟିଏ ଜିନିଷର

କଦାପି ଅନ୍ତ ନାହିଁ । ତାହା ହେଉଛି ଗୋଲକ ବା ଗୋଳ (ଉଦା:- ପେଣ୍ଡୁ ଏକ ଗୋଲକ) । ଏହି ଗୋଳ, ଗୋଲକ ବା ଗୋ..ଲ ନାମକ ଶବ୍ଦରୁ ଗୁରୁ ନାମକ ଶବ୍ଦ (ପଦ) ଜନ୍ମ ହୋଇଛି । ପରମାତ୍ମାଙ୍କର ମଧ୍ୟ ଆଦି ଅନ୍ତ ନାହିଁ । ଆଦିମଧ୍ୟାନ୍ତ ରହିତ ପରମାତ୍ମା ଭୂପୃଷ୍ଠରେ ଭଗବାନ ହୋଇ ଜନ୍ମ ହେଲାବେଳେ ତାଙ୍କୁ ଆମେ ଗୁରୁ କହୁଛୁ । ପରମର ପରମାତ୍ମା, ଇହର ହୋଇଥିବା ଗୁରୁଙ୍କର ଆଦି ଅନ୍ତ ନାହିଁ । ଏହି ଅନୁସାରେ ପରମାତ୍ମା, ଭଗବାନ, ଗୁରୁ ଏ ତିନିଜଣ ଗୋଟିଏ ବୋଲି ଜାଣିବା ଉଚିତ୍ ।

ପୂର୍ବର କେତେକ ଜ୍ଞାନୀମାନେ ଗୁରୁ ଗୋଲାକାର ପଥର ଭଳି ବୋଲି ରଢ଼ିଟିଏ କହୁଥିଲେ । ଗୋଲାକାର ପଥରର ମଧ୍ୟ ଆଦି ଅନ୍ତ ନଥାଏ, ସେଥିଲାଗି ସେମାନେ ଗୁରୁଙ୍କୁ ଗୋଲ ପଥର ସହିତ ତୁଳନା କରିଥିଲେ । ଗୁରୁ କହିଲେ କେନ୍ଦ୍ର ବୋଲି ମଧ୍ୟ ବୁଝିବାକୁ ହୁଏ । ଜ୍ଞାନର କେନ୍ଦ୍ର ହେଉଛନ୍ତି ଗୁରୁ । ଜ୍ଞାନ କେଉଁଠାରେ କାହା ଦ୍ୱାରା ଜଣାଯାଉଥିଲେ ମଧ୍ୟ ଅର୍ଥାତ୍ ଜ୍ଞାନକୁ କୌଣସି ବୋଧକ କହୁଥିଲେ ମଧ୍ୟ ତାହା ପ୍ରଥମ ଜ୍ଞାନକେନ୍ଦ୍ର ଗୁରୁଙ୍କଠାରୁ ହିଁ ଆସିଥାଏ । ଅପାର ଜ୍ଞାନକେନ୍ଦ୍ର, ପ୍ରକୃତ ଧର୍ମନିଳୟ ହିଁ ଗୁରୁ । ପରମାତ୍ମା ଭୂପୃଷ୍ଠରେ ଅବତାର ଗ୍ରହଣ କଲାବେଳେ, ଭଗରୁ ଜନ୍ମ ହୋଇଥିବାରୁ ତାଙ୍କୁ ଭଗବାନ କୁହାଯାଏ । ତାଙ୍କର ଆଦି ଅନ୍ତ ନଥିବାରୁ ସେ ଗୁରୁ ବୋଲାଇଥା'ନ୍ତି । ଜ୍ୟୋତିଷଶାସ୍ତ୍ର ଅନୁସାରେ ଜ୍ଞାନର ଚିହ୍ନ ହେଉଛି ଚନ୍ଦ୍ର । ସମ୍ପୂର୍ଣ୍ଣ ଜ୍ଞାନର ଚିହ୍ନ ହେଉଛି ପୂର୍ଣ୍ଣିମାର ଚନ୍ଦ୍ର ବା ପୂର୍ଣ୍ଣଚନ୍ଦ୍ର । ପୂର୍ଣ୍ଣଚନ୍ଦ୍ର ପରିପୂର୍ଣ୍ଣତାର ଚିହ୍ନ । ମାନବ ପରମାତ୍ମାଙ୍କୁ ଗୁରୁ ଭାବରେ ଚିହ୍ନିବା ପାଇଁ ବର୍ଷକରେ ଥରେ ଏକ ପୂର୍ଣ୍ଣିମାକୁ ବଡମାନେ ଗୁରୁପୂର୍ଣ୍ଣିମା ଭାବରେ ନିର୍ଣ୍ଣୟ କରିଥିଲେ ।

ଆଦି ଅନ୍ତ ନଥିବା ଦୈବଙ୍କୁ ଗୁରୁ ଭାବରେ ଚିହ୍ନି ସମ୍ପୂର୍ଣ୍ଣ ଜ୍ଞାନ ଭାବରେ ପୂର୍ଣ୍ଣଚନ୍ଦ୍ରର ଦିନ ହୋଇଥିବା ପୂର୍ଣ୍ଣିମାକୁ ଗୁରୁପୂର୍ଣ୍ଣିମା ଭାବି, ଭଗବାନ ହୋଇଥିବା ଗୁରୁଙ୍କୁ ଆରାଧନା କରିବା ହେଉଛି ଗୁରୁ ପୂର୍ଣ୍ଣିମାର ପ୍ରକୃତ

ଅର୍ଥ । ଆଚରଣ ରହି ତା'ର ଅର୍ଥ ଜାଣି ନଥିବା ପ୍ରଜାମାନଙ୍କୁ ଗୁରୁ କହିଲେ କ'ଣ, ଗୁରୁପୂର୍ଣ୍ଣିମା କହିଲେ କ'ଣ ଜଣା ନାହିଁ । ଅର୍ଥ, ଅନ୍ତରାର୍ଥ ଜଣାନଥିବା ପ୍ରଜାମାନଙ୍କୁ ପରମାତ୍ମା ବା ଦୈବ କ'ଣ ?, ଦେବତା କ'ଣ ?, ଭଗବାନ କିଏ ?, ଗୁରୁ କିଏ ? ବୋଧକ କିଏ ? ଜଣା ନାହିଁ । ମଣିଷର ଅଜ୍ଞାତ ସ୍ଥିତିକୁ ଆସରା କରି ମାୟା ନିଜେ ଗୁରୁ ଭାବେ ପ୍ରଚ୍ଛରିତ ହୋଇଥାଏ, ଜ୍ଞାନ ଧର୍ମ ତା'ପାଖରେ ନଥିଲେ ମଧ୍ୟ ନିଜର ମାହାତ୍ମ୍ୟ ହିଁ ଜ୍ଞାନ ବୋଲି, ସେ କରୁଥିବା ଦାନ ହିଁ ଧର୍ମ ବୋଲି ସମସ୍ତଙ୍କୁ ବୁଝାପଡିବା ଭଳି କରି ସମସ୍ତଙ୍କୁ ନିଜ ଦିଗରେ ଟାଣି, ନିଜେ ହିଁ ଗୁରୁ ବୋଲି ମାନବ ଜାଣିବା ଭଳି କରିବା ଦ୍ୱାରା ସମସ୍ତେ ପ୍ରକୃତ ଦୈବଙ୍କୁ ଛାଡି ମାୟାଗୁରୁକୁ ଆଶ୍ରୟ କରିଛନ୍ତି, ମାୟାଗୁରୁକୁ ଗୁରୁପୂର୍ଣ୍ଣିମା ଦିନ ମଣିଷ ଆରାଧନା କରୁଛି । ଗୁରୁପୂର୍ଣ୍ଣିମା ଦିନ ଅନେକ ସ୍ଥାନରେ ଗୁରୁପୂଜା ହେଉଥିଲେ ହେଁ, କୌଣସି ଗୋଟିଏ ସ୍ଥାନରେ ପ୍ରକୃତ ଗୁରୁଙ୍କ ଆରାଧନା ହେଉଛି ବୋଲି ବିଶ୍ୱାସ କରାଯାଇ ପାରେ ନାହିଁ । ପରମାତ୍ମାଙ୍କର ବ୍ୟତିରେକ ହୋଇଥିବା ମାୟା ପରମାତ୍ମାଙ୍କ ଦିଗରେ କାହାକୁ ମଧ୍ୟ ଯିବାକୁ ନଦେଇ ନିଜ ଦିଗରେ ଯିବା ଭଳି, ନାନା ଉପାୟରେ ନାନା ପ୍ରଜାମଙ୍ଗଳ କାର୍ଯ୍ୟ କରୁଥାଇ ସମସ୍ତଙ୍କୁ ନିଜ ଦିଗରେ ଟାଣି ନେଇଥାଏ । ମାୟାମାର୍ଗରେ ପଡିଥିବା ଅନେକ ଲୋକ ଗୁରୁଙ୍କୁ ଚିହ୍ନି ନପାରିବା ଛଡା ଗୁରୁ ହୋଇଥିବା ପ୍ରତ୍ୟକ୍ଷ ପରମାତ୍ମାଙ୍କୁ ଗୁରୁ ବୋଲି ନକହି ନିନ୍ଦା ଅପମାନ ଦେଇ ମାୟାକୁ ଗୁରୁ ଭାବି ଭାରି ଆନନ୍ଦରେ ଆରାଧନା କରିଥା'ନ୍ତି । ଭକ୍ତି କରୁଛୁ କହୁଥିବା ସମସ୍ତେ ସେମାନଙ୍କର ଭକ୍ତିକୁ ଦେବତାମାନଙ୍କ ଉପରେ, ମାହାତ୍ମ୍ୟ ଦେଖାଉଥିବା ବାବାମାନଙ୍କ ଉପରେ, ପୁରାଣ ବୋଧକରୁଥିବା ବୋଧକମାନଙ୍କ ଉପରେ ଦେଖାଇ ପ୍ରକୃତ ଗୁରୁଙ୍କୁ ସମ୍ମାନ ପ୍ରଦାନ କରନ୍ତି ନାହିଁ । ଦେବତାମାନଙ୍କ ପଦବୀ ଏକ ଏକ ସାମାନ୍ୟ ପଦବୀ ହୋଇଥିବା ବେଳେ, ଦେବତାମାନଙ୍କର ଦୈବ, ଦେବତାମାନଙ୍କର ଆରାଧ୍ୟ ହୋଇଥିବା ଗୁରୁଙ୍କୁ ନିଜ ପାଖରେ ଛିଡା କରାଇ ଅତି କମ୍‌ରେ

ଟିକିଏ ବସିବାକୁ ନକହି ଅତି ଅବହେଳିତ ଭାବରେ କଥା କହୁଛନ୍ତି । ମାୟାପ୍ରଭାବ ମାନବ ଭିତରେ ଥିବା ପର୍ଯ୍ୟନ୍ତ ସେମାନଙ୍କୁ ମାୟାଗୁରୁ ମହାନ ଲାଗିବା, ଭଗବାନ ହୋଇଥିବା ପ୍ରକୃତ ଗୁରୁ ନୀଚ ବୋଧହେବା ସାଧାରଣ କଥା । ମାୟା ଆଉ ପରମାତ୍ମାଙ୍କ ଭିତରେ ହେଉଥିବା ଖେଳରେ ସମସ୍ତେ ମାୟା ସପକ୍ଷରେ ଥିବାବେଳେ, ଏକୈକ ଜ୍ଞାନଧର୍ମ ପରମାତ୍ମାଙ୍କ ସପକ୍ଷରେ ରହିଥାଏ । ମାୟା ପାଖରେ ମାହାତ୍ମ୍ୟ, ଦାନ, ଧନ, କାମନାପୂର୍ଣ୍ଣ ଇତ୍ୟାଦି ଏଭଳି ଅନେକ ଆୟୁଧ ରହିଥିବା ବେଳେ, ପରମାତ୍ମାଙ୍କ ପାଖରେ କେବଳ ଧର୍ମ ନାମକ ଆୟୁଧ ରହିଥାଏ । ଏହି ବିଷୟର ଉଦାହରଣ ଭାବରେ ଦ୍ୱାପର ଯୁଗର ମହାଭାରତ ଯୁଦ୍ଧରେ ମୋ’ ସହିତ ସମାନ ହୋଇଥିବା ଦଶହଜାର ସୈନିକ ଗୋଟିଏ ଦିଗରେ ଆଉ ମୁଁ ଏକା ଗୋଟିଏ ଦିଗରେ ରହିବି ବୋଲି ଭଗବାନ କହିଥିଲେ । ଦଶହଜାର ସୈନିକ ନାନା ପ୍ରକାରର ଆୟୁଧ ଧରି ଯୁଦ୍ଧ କରୁଥିବାବେଳେ, ମୁଁ ଆୟୁଧ ନଧରି ଖାଲି କଥା କହିବି ବୋଲି କହିଥିଲେ । ସେଦିନ ଭଗବାନ କହିଥିବା କଥାର ଅନ୍ତରାର୍ଥ କ’ଣ ବୋଲି ବିଚାର କଲେ, ମୋ’ଦ୍ୱାରା ତିଆରି ହୋଇଥିବା ମୋର ମାୟା, ମୋ’ସହିତ ଅନେକ ପ୍ରଜାନୁକୂଳ ଘଟଣା ନାମକ ଆୟୁଧରେ ଯୁଦ୍ଧକରି ଜୀବମାନଙ୍କୁ ନିଜ ଦିଗରେ ଟାଣିନେଇ ଯୁଦ୍ଧରେ ଜିତିବାକୁ ଚେଷ୍ଟା କରୁଛି । ମୁଁ କୌଣସି ଘଟଣାୟୁଧ ନଧରି ଧର୍ମବାଣୀ ନାମକ ଆୟୁଧରେ ଯୁଦ୍ଧ କରିବି ବୋଲି କହିଥିଲେ ।

ଆଜି ମାୟା ଅନେକ ମାର୍ଗରେ ମଣିଷକୁ ନିଜ ଦିଗରେ ଟାଣି ନେଉଥାଇ, ନିଜେ ହିଁ ଦୈବ (ଈଶ୍ୱର) ଭାବରେ ପରିଗଣିତ ହେଉଥାଇ, ନାନା ମନ୍ଦିରମାନ ତିଆରି କରାଇ, ନିଜର ରଙ୍ଗ ବଦଳାଇ ଦେଖାଦେଉଛି । କୌଣସି ମଣିଷ ଚିହ୍ନିପାରୁ ନଥିବା ମାୟାକୁ ସେହି ପରମାତ୍ମା ହିଁ ଚିହ୍ନିବେ । ସେହି ପରମାତ୍ମା ଏଇ ହିଁ ମାୟା ବୋଲି ଚିହ୍ନାଇ କହିଲେ ମଧ ପରମାତ୍ମାଙ୍କ ଭଳି ଥିବା ମାୟାକୁ ପରମାତ୍ମା ବୋଲି ବିଶ୍ୱାସ କରୁଥାଇ, ପରମାତ୍ମାଙ୍କୁ ମାୟା

ବୋଲି ଭାବୁଥିବା ଲୋକମାନେ ସମାଜରେ ଅନେକ ରହିଥା'ନ୍ତି । ଏହିଭଳି ପରିସ୍ଥିତିରେ ଆଜି ଆମେମାନେ ମଧ୍ୟ ଅଛେ । ଏହି ସ୍ଥିତିରେ କିଏ ମାୟା ଆଉ କିଏ ଗୁରୁ ତାହା ଚିହ୍ନିବା କାଠିକର ପାଠ । ଯଦି ତୁ ମାୟାକୁ ଛାଡି ପରମାତ୍ମାଙ୍କ ଦିଗରେ ଯିବାକୁ ଭାବିବୁ; ତଥାପି ତୁ ଅନେକ ବର୍ଷରୁ ଗୁରୁଙ୍କୁ ଚିହ୍ନି ଆସିଥିଲେ ମଧ୍ୟ ମାୟା ଇଚ୍ଛାକଲେ ତୋତେ ପରମାତ୍ମାଙ୍କୁ ମାୟା ଆଉ ମାୟାକୁ  ପରମାତ୍ମା ବୋଲି ତୋ'ରି ତୁଣ୍ଡରୁ କୁହାଇବ । ପରମାତ୍ମା ସବୁ ପ୍ରକାରର ଅସ୍ତ୍ର ମାୟାକୁ ଦେଇଦେଇଛନ୍ତି । ତାଙ୍କ ପାଖରେ କେବଳ କଥା ଛଡା ଆଉ କିଛି ନାହିଁ । କେବଳ କଥା ଆମର କ'ଣ ହେବ, ପୂର୍ଣ୍ଣ ଗଣ୍ଠିଲି ଦେଇଥିବା ମାୟା ପାଖକୁ ଯିବେ କି ଖାଲି କଥା ଶୁଣିବା ପାଇଁ ପରମାତ୍ମାଙ୍କ (ଗୁରୁ) ପାଖକୁ ଯିବେ ତାହା ଆପଣମାନେ ନିର୍ଣ୍ଣୟ କରନ୍ତୁ । ସମସ୍ତଙ୍କର ମାତା ହେଉଛି ପ୍ରକୃତି ଆଉ ପିତା ହେଉଛନ୍ତି ପରମାତ୍ମା ଏକଥା ବୋଧହୁଏ ସମସ୍ତେ ଜାଣିଥିବେ । ବାସ୍ତବରେ  ବାପା  ଗଣ୍ଠିଲି  ମାଆ ଗଣ୍ଠିଲି ବୋଲି ଦୁଇଟି ଜିନିଷ ଅଛି । ବାପାର ଖାଲି ଗଣ୍ଠିଲି ଦରକାର କି ମାଆର ପୂର୍ଣ୍ଣ ଗଣ୍ଠିଲି ଦରକାର ତାହା ଆପଣମାନେ ହିଁ ନିର୍ଣ୍ଣୟ କରନ୍ତୁ ।

*****

# ଉପନିଷଦ

ଉପନିଷଦ ନାମକ ଶବ୍ଦଟି ପ୍ରାୟ ସମସ୍ତେ ଶୁଣିଥିବେ । ଉପନିଷଦ ଗୁଡିକୁ ଅନେକ ଜ୍ଞାନୀମାନେ, ବେଦାନ୍ତିମାନେ, ଋଷିମାନେ ଲେଖିଥିଲେ । ଅନେକଙ୍କ ଦ୍ୱାରା ଲେଖାଯାଇଥିବା ଉପନିଷଦଗୁଡିକ ଏତିକି ବୋଲି ସଠିକ କହିହୁଏ ନାହିଁ, କିନ୍ତୁ ୧୧୦୮ ଗୋଟି ଅଛି ବୋଲି ଶୁଣିବାକୁ ମିଳେ । ଏଭଳି ୧୧୦୮ଗୋଟି  ଉପନିଷଦ  ପଢିବା  ଅସମ୍ଭବ ବୋଲି କେଉଁ ବିଚାରରେ କହିଥିଲେ ଜଣା ନାହିଁ; ତଥାପି ସେଗୁଡିକ ଭିତରୁ ୧୦୮ଗୋଟି ଉପନିଷଦ

ଆମର ମୁଖ୍ୟ ଉପନିଷଦ ବୋଲି କେତେକ କହିଥାନ୍ତି । ଉପନିଷଦ ଗୁଡିକ ବେଦ ଅପେକ୍ଷା ମହାନ, ବେଦର ସାର, ଏହା ହିଁ ବେଦାନ୍ତ ଏହା ଦୈବତ୍ତ୍ୱକୁ ବା ଈଶ୍ୱରଙ୍କୁ ଚିହ୍ନାଏ ବୋଲି କହି ଏଗୁଡିକ ଭିତରୁ କେତୋଟିକୁ ମୁଖ୍ୟ, ଅନ୍ୟଗୁଡିକ ସାଧାରଣ କହିବା ବିଚିତ୍ର ଲାଗେ । ଏହି ବିଷୟକୁ ସାଧାରଣ ଲୋକେ ବିଚାରକଲେ, ଆଜ୍ଞା ଇଏ କି କଥା ! ଉପନିଷଦ ତ ମହାନ, ତା ଭିତରେ ପୁଣି କିଛି ମୁଖ୍ୟ ରହି ଅନ୍ୟଗୁଡିକୁ ସାଧାରଣ କହିଲେ ଉପନିଷଦର ମହାନତା କେମିତି ରହିବ ? ବୋଲି ପ୍ରଶ୍ନ ଉଭବ ହୋଇପାରେ । କେତୋଟିକୁ ମୁଖ୍ୟ କହିବାବେଳେ, ମୁଖ୍ୟ ହୋଇନଥିବା ଉପନିଷଦ ଗୁଡିକରେ ନିଶ୍ଚୟ କିଛିନାକିଛି ତ୍ରୁଟି ରହିଛି ବୋଲି ସନ୍ଦେହ ଆସୁଛି । ତେଣୁ କ'ଣ ଏସବୁ ମଣିଷର ଦରକାର ? ବୋଲି ପ୍ରଶ୍ନ ମଧ୍ୟ ଗୋଟିଏ ଦିଗରୁ ଆସୁଛି । ତାଛଡା ଆଉ ଏକ ମୁଖ୍ୟ ବିଷୟ ହେଉଛି ମୁଖ୍ୟ କୁହାଯାଉଥିବା ୧୦୮ଗୋଟି ଉପନିଷଦ ଭିତରୁ ମୁଖ୍ୟ ଭାବରେ ମାତ୍ର ଦଶଗୋଟି ଉପନିଷଦକୁ ସୂଚିତ କରିବା । ବିଚିତ୍ର ଲାଗୁଥିଲେ ମଧ୍ୟ ପ୍ରଥମେ ସେହି ଦଶଗୋଟି ଉପନିଷଦ କ'ଣ ଜାଣିବା ।

| | |
|---|---|
| ୧. ଈଶାବ୍ୟାସୋପନିଷଦ | ୬. ମାଣ୍ଡୁକ୍ୟୋପନିଷଦ |
| ୨. କେନୋପନିଷଦ | ୮. ଐତେରୀୟପପନିଷଦ |
| ୩. କଠୋପନିଷଦ | ୭. ତୈତେରୀୟୋପନିଷଦ |
| ୪. ପ୍ରଶ୍ନୋପନିଷଦ | ୯. ଛାନ୍ଦୋଗ୍ୟୋପନିଷଦ |
| ୫. ମୁଣ୍ଡକୋପନିଷଦ | ୧୦. ବୃହଦାରଣ୍ୟକୋପନିଷଦ |

ଅନେକ ଉପନିଷଦ ଥିବାବେଳେ କେବଳ ୧୦ଗୋଟି ଉପନିଷଦ ନାଆଁ କହିବା ବିଚିତ୍ର ବୋଧ ହେଉଥିବା ବେଳେ, ସବୁଠାରୁ ବଡବିଚିତ୍ର କଥା ଆଉଗୋଟିଏ ଅଛି । ତାହା ହେଉଛି ଉପନିଷଦ ଭାବରେ କୁହାଯାଉଥିବା ଭଗବଦ୍ଗୀତା ଏହି ୧୦ଗୋଟି ଭିତରେ ନାହିଁ । ଏହା ଭିତରେ କାହିଁକି

୧୦୮ଗୋଟି ଉପନିଷଦ ଭିତରେ ମଧ୍ୟ ଭଗବଦ୍ଗୀତା ନରହିବା ଶୋଚନୀୟ ବିଷୟ । ସେ ଯାହାବି ହେଉ, ମୁଖ୍ୟ କୁହାଯାଉଥିବା ୧୦୮ଗୋଟି ଉପ-ନିଷଦ ସବୁ କ'ଣ କ'ଣ ସେଗୁଡିକୁ କ୍ରମାନ୍ୱୟରେ ଜାଣିବା ।

୧. ଈଶାବ୍ୟାସୋପନିଷଦ
୨. କେଶୋପନିଷଦ
୩. କଠୋପନିଷଦ
୪. ପ୍ରଶ୍ନୋପନିଷଦ
୫. ମଣ୍ଡୁକୋପନିଷଦ
୬. ମାଣ୍ଡୁକ୍ୟୋପନିଷଦ
୭. ତୈତ୍ତେରୀୟୋପନିଷଦ
୮. ଐତ୍ତେରୀୟୋପନିଷଦ
୯. ଛାନ୍ଦୋଗ୍ୟୋପନିଷଦ
୧୦. ବୃହଦାରାଣ୍ୟକୋପନିଷଦ
୧୧. ବ୍ରହ୍ମୋପନିଷଦ
୧୨. କୈବଲ୍ୟୋପନିଷଦ
୧୩. ଜୁବାଲୋପନିଷଦ
୧୪. ଶ୍ୱେତାଶ୍ୱତରୋପନିଷଦ
୧୫. ହଂସୋପନିଷଦ
୧୬. ଆରୁଣିକୋପନିଷଦ
୧୭. ଗର୍ଭୋପନିଷଦ
୧୮. ନାରାୟଣୋପନିଷଦ
୧୯. ପରମହଂସିପନିଷଦ
୨୦. ଅମୃତବିନ୍ଦୁପନିଷଦ
୨୧. ଅମୃତାନନ୍ଦୋପନିଷଦ
୨୨. ଅଥର୍ବଶିରୋପନିଷଦ
୨୩. ଅଥର୍ବଶିଖୋପନିଷଦ
୨୪. ମୈତ୍ରାୟଣ୍ୟୁପନିଷଦ
୨୫. କୌଷୀତକୀବ୍ରହ୍ମ-ଣୋପନିଷଦ
୨୬. ବୃହଜ୍ଜାବାଲୋପନିଷଦ
୨୭. ୧) ନୃସିଂହତାପିନ୍ୟୁପନିଷଦ
୨) ନୃସିଂହଉତ୍ତରତାପି-ନ୍ୟୁପନିଷଦ
୨୮. କାଲାଗ୍ନିରୁଦ୍ରୋପନିଷଦ
୨୯. ମୈତ୍ରେୟୋପନିଷଦ
୩୦. ସୁବାଲୋପନିଷଦ
୩୧. କ୍ଷୁରିକୋପନିଷଦ
୩୨. ମନ୍ତ୍ରିକୋପନିଷଦ
୩୩. ସର୍ବସାରୋପନିଷଦ
୩୪. ନିରାଲମ୍ବୋପନିଷଦ
୩୫. ଶୁକରହସ୍ୟୋପନିଷଦ
୩୬. ବଜ୍ରସୂଚିକୋପନିଷଦ

୩୭. ତେଜୋବିନ୍ଦୁପନିଷଦ
୩୮. ନାଦବିନ୍ଦୁପନିଷଦ
୩୯. ଧ୍ୟାନବିନ୍ଦୁପନିଷଦ
୪୦. ବ୍ରହ୍ମବିଦ୍ୟାପନିଷଦ
୪୧. ଯୋଗତତ୍ତ୍ୱୋପନିଷଦ
୪୨. ଆତ୍ମବୋଧୋପନିଷଦ
୪୩. ନାରଦପରିବ୍ରାଜକୋପନିଷଦ
୪୪. ତ୍ରିଶିଖିବ୍ରାହ୍ମଣୋପନିଷଦ
୪୫. ସୀତୋପନିଷଦ
୪୬. ଯୋଗଚୂଡାମଣ୍ୟୁପନଷଦ
୪୭. ନିର୍ବାଣୋପନିଷଦ
୪୮. ମଣ୍ଡଳ ବ୍ରହ୍ମଣୋପନିଷଦ
୫୩. ଅଦ୍ୱୟତାରକୋପନିଷଦ
୫୪. ରାମରହସ୍ୟପୋନିଷଦ
୫୫. ରାମତାପିନ୍ୟୁପନିଷଦ
୫୬. ବାସୁଦେବୋପନିଷଦ
୫୭. ମଦ୍ଗଲୋପନିଷଦ
୫୮. ଶାଣ୍ଡିଲ୍ୟୋପନିଷଦ
୫୯. ପୈଙ୍ଗଲୋପନିଷଦ
୬୦. ଭିକ୍ଷୁକୋପନିଷଦ
୬୧. ମହୋପନିଷଦ
୬୨. ଶାରୀରକୋପନିଷଦ
୬୩. ଯୋଗଶିଖୋପନିଷଦ
୬୪. ତୁରୀୟାତୀତୋପନିଷଦ
୬୫. ସନ୍ୟାସୋପନିଷଦ
୬୬. ପରମହଂସ ପରିବ୍ରାଜ-
କୋପନିଷଦ
୬୭. ଅକ୍ଷମାଳିକୋପନିଷଦ
୬୮. ଅବ୍ୟକ୍ତୋପନିଷଦ
୬୯. ଅନ୍ନପୂର୍ଣ୍ଣୋପନିଷଦ
୭୦. ସୂର୍ଯ୍ୟୋପନିଷଦ
୭୧. ଏକାକ୍ଷରୋପନିଷଦ
୭୨. ଅକ୍ଷ୍ୟୁପନିଷଦ
୭୩. ଆଧ୍ୟାତ୍ମୋପନିଷଦ
୭୪. କୁଣ୍ଡିକୋପନିଷଦ
୭୫. ସାବିତ୍ର୍ୟୁପନିଷଦ
୭୬. ଆତ୍ମୋପନିଷଦ
୭୭. ପାଶୁବତ ବ୍ରହ୍ମୋପନିଷଦ
୭୮. ପରବ୍ରହ୍ମୋପନିଷଦ
୭୯. ଅବଧୂତୋପନିଷଦ
୮୦. ତ୍ରିପୁରାତାପିନ୍ୟୁପନିଷଦ
୮୧. ଦେବ୍ୟୁପନିଷଦ
୮୨. ତ୍ରିପୁରୋପନିଷଦ
୮୩. କଠରୂଦ୍ରୋପନିଷଦ
୮୪. ଭାବନୋପନିଷଦ
୮୫. ରୂଦ୍ରହୃଦୟୋପନିଷଦ
୮୬. ଯୋଗକୁଣ୍ଡଲ୍ୟୁପନିଷଦ

| | |
|---|---|
| ୮୭. ଭସ୍ମଜାବାଲୋପନିଷଦ | ୮୮. ରୂଦ୍ରାକ୍ଷଜାବାଲୋପନିଷଦ |
| ୮୯. ଗଣପତ୍ୟୁପନିଷଦ | ୯୦. ଦର୍ଶନୋପନିଷଦ |
| ୯୧. ତାରସାରୋପନିଷଦ | ୯୨. ମହାବାକ୍ୟୋପନିଷଦ |
| ୯୩. ପଂଚବ୍ରହ୍ମୋପନିଷଦ | ୯୪. ପ୍ରାଣାଗ୍ନିହୋତ୍ରୋପନିଷଦ |
| ୯୫. ଗୋପାଲତାପିନ୍ୟୁପନିଷଦ | ୯୬. କୃଷ୍ଣୋପନିଷଦ |
| ୯୭. ଯାଜ୍ଞବଲ୍କ୍ୟୋପନିଷଦ | ୯୮. ବରାହୋପନିଷଦ |
| ୯୯. ଶାଟ୍ୟାୟନିୟୋପନିଷଦ | ୧୦୦. ହୟଗ୍ରୀବୋପନିଷଦ |
| ୧୦୧. ଦତ୍ତାତ୍ରେୟୋପନିଷଦ | ୧୦୨. ଗରୁଡୋପନିଷଦ |
| ୧୦୩. କଳିସନ୍ତୋର-ଣୋପନିଷଦ | ୧୦୪. ଜାବାଲ୍ୟୁପନିଷଦ |
| ୧୦୫. ସୌଭାଗ୍ୟଲକ୍ଷ୍ମ୍ୟୁ-ପନିଷଦ | ୧୦୬. ସରସ୍ୱତିରହସ୍ୟୋ-ପନିଷଦ |
| ୧୦୭. ବହ୍ୱୃଚୋପନିଷଦ | ୧୦୮. ମୁକ୍ତିକୋପନିଷଦ |

ଯୋଗଶାସ୍ତ୍ର ନାମରେ କୁହାଯାଉଥିବା, ସାକ୍ଷାତ୍ ପରମାତ୍ମା କହିଥିବା **ଭଗବଦ୍ଗୀତୋପନିଷଦ** ମୁଖ୍ୟ କୁହାଯାଉଥିବା ଉପନିଷଦଗୁଡିକ ଭିତରେ କାହିଁକି ନାହିଁ ବିଚାରବନ୍ତମାନେ ଜାଣିପାରନ୍ତି, ସେମାନଙ୍କଠାରେ ଯଦି ଏକ ପ୍ରଶ୍ନ ଆସେ, ତେବେ ତା ପାଖରେ ଆଉ ଗୋଟିଏ, ତା ପାଖରେ ଆଉ ଗୋଟିଏ, ପୁଣି ଆଉ ଗୋଟିଏ ନିଶ୍ଚୟ ଆସିଥାଏ । ସମାଧାନ ନପାଇବା ପର୍ଯ୍ୟନ୍ତ ସେମାନେ ପ୍ରଶ୍ନ କରିଚାଲିଥା'ନ୍ତି ।

ଏମିତି ଯାହାଠାରେ ଯେତେ ବିଚାର ଆସିଲେ ମଧ୍ୟ ସମସ୍ତେ ଜାଣିବା ବିଷୟ ନିଶ୍ଚୟ କିଛି ରହିଥାଏ । ତାହା ହେଉଛି ! ଉପନିଷଦର ଅର୍ଥ କଅଣ ? ଉପନିଷଦ କାହା ଦ୍ୱାରା ଲେଖାଯାଇଛି ? ଉପନିଷଦରେ କ'ଣସବୁ ଅଛି ? ଉପନିଷଦଗୁଡିକ ଶାସ୍ତ୍ର କି ଅଶାସ୍ତ୍ର ? ଏହିଭଳି ଅନେକ

ପ୍ରଶ୍ନର ସମାଧାନ ଆମକୁ ଜାଣିବାକୁ ହେବ । ଯଦି ଆମକୁ ଏହି ପ୍ରଶ୍ନଗୁଡିକର ଉତ୍ତର ମିଳୁନାହିଁ ତେବେ ଉପନିଷଦଗୁଡିକୁ କେବଳ ବିଶ୍ୱାସ କରିବା ଭଳି ହେବ, କିନ୍ତୁ ବିଶ୍ୱାସ ସତ ହୋଇପାରେ, ମିଛ ହୋଇପାରେ ବୋଲି ଜାଣି ଆମେ ସତ୍ୟକୁ ଖୋଜିବା ଉଚିତ୍ ।

ଏବେ ଉପନିଷଦ ଶବ୍ଦର ଅର୍ଥ ଜାଣିବା । ଉପନିଷଦ (ଉପନିଷତ୍) ଶବ୍ଦକୁ ବିଭାଜନ କରି ଦେଖିଲେ ତାହା ଉପ + ନି + ଷତ୍ ବୋଲି କହି ପାରିବା । ୧) ଉପ କହିଲେ ସମୀପରେ ବା ପାଖରେ, ୨) ନି କହିଲେ ଭଲରେ ୩) ଷତ୍ କହିଲେ ପହଞ୍ଚିବା ବା ପାଇବା । ସମ୍ପୂର୍ଣ୍ଣ ଅର୍ଥକୁ ଦେଖିଲେ ମୂଳ ଭାଷାରେ ଉପନିଷଦ୍ (ତ୍)ର ଅର୍ଥ ହେଉଛି ଯାହା ସମୀପରେ ଅଛି ତାହାକୁ ଭଲରେ ପାଇବା । ଆମେମାନେ ଜୀବାତ୍ମା, ଆମର ଅତି ସମୀପରେ ରହିଛି ଆତ୍ମା । ଜୀବାତ୍ମା ହୋଇଥିବା ଆମେ ଆମ ପାଖରେ ଥିବା ଆତ୍ମା ସହିତ ଐକ୍ୟ ହେବା ପାଇଁ ଯାହା ଉପଯୋଗ ହୋଇଥାଏ ତାହା ଉପନିଷଦ । (ଏହା ପ୍ରାଥମିକ ଭାବରେ ଆପଣମାନେ ବୁଝିପାରିବା ପାଇଁ ଜଣାଇଛୁ ସିନା, ଉପନିଷଦର ପ୍ରକୃତ ରହସ୍ୟକୁ ଆପଣମାନେ ଆମ ରଚିତ "ଉପନିଷଦରେ ତ୍ରୁଟି" ନାମକ ଗ୍ରନ୍ଥରୁ ପଢି ପାରିବେ ।) **"ତ୍ରୈଗୁଣ୍ୟ ବିଷୟା ବେଦା"** ଅର୍ଥାତ୍ ତିନି ଗୁଣରାଜିର ବିଷୟ ବେଦ ବୋଲି ଗୀତାର ସାଂଖ୍ୟ ଯୋଗରେ ରହିଛି । ତେଣୁ ଗୁଣାତୀତ ଭାବରେ ଗୁଣରାଜିର ଶେଷରେ ଥିବା ଆତ୍ମାକୁ ଜଣାଇଥାଏ ଉପନିଷତ୍ । ବେଦ ପରେ ବା ଗୁଣରାଜି ପରେ ଯାହା ଅଛି ତାହାକୁ ଜଣାଉଥିବାରୁ ତାକୁ ବେଦାନ୍ତ ମଧ୍ୟ କୁହାଯାଏ । ତୋର ଅତି ସମୀପରେ ଯାହା ଅଛି ତାହାକୁ (ଆତ୍ମାକୁ) ଭଲରେ ଚିହ୍ନାଇ ତା ସହିତ ଐକ୍ୟହେବା ଭଳି କରାଇଥାଏ ଉପନିଷତ୍ । ଉପନିଷଦ (ତ୍)ର ପ୍ରକୃତ ଅର୍ଥ ଏଭଳି ଥିବାବେଳେ, ସେଭଳି ଉପନିଷଦ ଗୁଡିକରେ ଆତ୍ମାକୁ ଚିହ୍ନାଉଥିବା ଧର୍ମ ଭରିରହିଛି ବୋଲି ବୁଝାଯାଉଛି । ଉପନିଷତ୍‌ର ଅର୍ଥ ଅନୁସାରେ ନଥିବା ପୁସ୍ତକଗୁଡିକ ଉପନିଷତ୍ ହେବା

ଉଚିତ୍ ନୁହେଁ । ଉପନିଷତ୍‌ର ଅର୍ଥ ଅନୁସାରେ ଯେଉଁ ପୁସ୍ତକ ରହିଛି ତାହା ଉପନିଷତ୍ ହୋଇପାରିବ । ଅର୍ଥ ଅନୁସାରେ କ'ଣ ଉପନିଷତ୍, କ'ଣ ଉପନିଷତ୍ ନୁହେଁ ତାହା ଆପଣମାନେ ନିର୍ଣ୍ଣୟ କରିପାରିବେ ।

କେତେକେଉଁ ମହାନୁଭବମାନେ ଉପନିଷଦ (ଉପନିଷତ୍) ଲେଖିଛନ୍ତି, ଲେଖିଥିବା ଲୋକମାନଙ୍କ ନାମ ଅନୁସାରେ ସେଗୁଡିକର ନାମକରଣ ହୋଇଛି, ସେହି ନାମଗୁଡିକ ଆପଣ ଉପରେ ଦେଖିପାରିଛନ୍ତି । ୧୦୮ ଗୋଟି ମୁଖ୍ୟ ଉପନିଷଦରେ ଭଗବାଦ୍ଗୀତା ନାହିଁ । କ'ଣ ଭଗବଦ୍ଗୀତା ଉପନିଷଦ ନାମକୁ ଯୋଗ୍ୟ ନୁହେଁ? ବୋଲି ପ୍ରଶ୍ନ କରି ଦେଖିଲେ, ଗୀତା ସବୁଦିଗରୁ ଆତ୍ମଧର୍ମ ହିଁ ବୋଧକରିଛି । ତେଣୁ ଭଗବଦ୍ଗୀତାଠାରୁ ବଳି ଉପନିଷଦ ନାହିଁ ବୋଲି ଜଣାଯାଉଛି । ଅନ୍ୟ ୧୦୮ ଗୋଟି ଉପନିଷଦକୁ ସେହି ଦୃଷ୍ଟିରେ ପରିଶୀଳନ କଲେ, ସେଗୁଡିକରେ ଅନେକ ତ୍ରୁଟି ଦେଖାଦେଇ, ସେଗୁଡିକ ଉପନିଷଦ ନୁହେଁ ବୋଲି ଲାଗୁଛି । ସତକଥା ହେଉଛି ଯେଉଁଗୁଡିକୁ ମୁଖ୍ୟ ବୋଲି କହିଛନ୍ତି ଯଦି ଆମେ ସେଗୁଡିକରେ ଥିବା ତ୍ରୁଟିକୁ ଦେଖାଉଛୁ ତେବେ ଆମକଥାକୁ ପ୍ରତ୍ୟାଖ୍ୟାନ କରି ନିନ୍ଦା କରିବେ ବୋଲି ଆମକୁ ଜଣାଅଛି; ତଥାପି କିଏ ନିନ୍ଦାକଲେ ମଧ୍ୟ ଥିବା ସତ୍ୟକୁ ଆମେ ଲୁଚାଇପାରିବୁ ନାହିଁ । ଗୀତାର ମୁଖ୍ୟ ସ୍ଥାନ ନଥିଲେ ମଧ୍ୟ ତାହା କ'ଣ ବୋଲି ପ୍ରଶ୍ନ କରି ପାରୁନଥିବା ଲୋକେ ଉପନିଷଦ ମୁଖ୍ୟ ନୁହେଁ କହୁ କହୁ ଜଳି ଉଠୁଛନ୍ତି । ପାଠକପାଠିକା ଭାବରେ ପାଠକରୁଥିବା ଆପଣମାନେ ଏ ସମସ୍ୟାର ନ୍ୟାୟ କରି, ଧର୍ମ ବୋଧ କରୁଥିବା ଉପନିଷଦ କଅଣ, ଅଧର୍ମ ବୋଧ କରୁଥିବା ଉପନିଷଦ କଅଣ ନିର୍ଣ୍ଣୟ କରନ୍ତୁ ।

ଉଦାହରଣ ପାଇଁ ଆମେ ଗୋଟିଏ ଉପନିଷଦର ବିବରଣୀ ଜାଣିବା, ତାହା ଉପନିଷଦ କି ନୁହେଁ ବିଚାର କରିବା । ଆମ ଶରୀର ଦୁଇଭାଗ ହୋଇ ରହିଛି । ଗୋଟିଏ ସ୍ଥୁଳଶରୀର, ଗୋଟିଏ ସୂକ୍ଷ୍ମଶରୀର । ସ୍ଥୁଳ କହିଲେ ଯାହା ଆଖିକୁ ଦେଖାଯାଉଛି । ସୂକ୍ଷ୍ମ କହିଲେ ଯାହା ଆଖିକୁ ଦେଖାଯାଉ

ନାହିଁ । ଉପରକୁ  ଦେଖାଯାଉଥିବା ଶରୀରକୁ ସ୍ଥୁଳଶରୀର କୁହାଯାଏ । ଆମ ଶରୀରର ମୋଟ ୨୫ଭାଗରୁ ସ୍ଥୁଳଶରୀର ଭାଗଗୁଡିକ ହେଉଛନ୍ତି ପାଞ୍ଚଗୋଟି ଜ୍ଞାନେନ୍ଦ୍ରିୟ ଏବଂ ପାଞ୍ଚଗୋଟି କର୍ମେନ୍ଦ୍ରିୟ । **ଜ୍ଞାନେନ୍ଦ୍ରିୟ ଗୁଡିକ ୧) ଆଖି ୨) କାନ ୩) ନାକ ୪) ଜିଭ ଓ ୫) ଚର୍ମ । କର୍ମେନ୍ଦ୍ରିୟ ଗୁଡିକ ହେଉଛନ୍ତି ୧) ଗୋଡ ୨) ହାତ ୩) ମୁଖ ୪) ଗୁହ୍ୟ ଓ ୫) ଉପସ୍ଥ** । ଏଗୁଡିକ ସମ୍ପୂର୍ଣ୍ଣ ବାହାରକୁ ଦେଖାଯାଉଥିବାରୁ ଏ ସମସ୍ତଙ୍କୁ ମିଶାଇ ସ୍ଥୁଳ ଶରୀର କୁହାଯାଏ । ସେହିଭଳି ଆଖିକୁ ଦେଖାନଯାଇ ରହିଥିବା **ସୂକ୍ଷ୍ମ ଶରୀର ହେଉଛି ୧୫ଗୋଟି ଅବୟବର ସମାହାର । ୧) ବ୍ୟାନବାୟୁ ୨) ସମାନବାୟୁ ୩) ଉଦାନବାୟୁ ୪) ଅପାନବାୟୁ ୫) ପ୍ରାଣବାୟୁ ଏଗୁଡିକୁ ପଞ୍ଚପ୍ରାଣ କୁହାଯାଏ । ତାପରେ ଆଉ ୫ଗୋଟି ହେଉଛନ୍ତି ୧) ଦୃଷ୍ଟି ୨) ଶ୍ରବଣ ୩) ଘ୍ରାଣ ୪) ରୁଚି ୫) ସ୍ପର୍ଶ ନାମକ ପଞ୍ଚତନ୍ମାତ୍ର କୁହାଯାଉଥିବା ଜ୍ଞାନେନ୍ଦ୍ରିୟ ଗୁଡିକର ଶକ୍ତି । ସେହିଭଳି ୧) ମନ ୨) ବୁଦ୍ଧି ୩) ଚିତ୍ତ ୪) ଅହଂ ୫) ଜୀବ** ନାମକ ଅନ୍ତଃକରଣ ଗୁଡିକ ମିଶି ମୋଟ ୧୫ ଭାଗର ଶରୀର ହେଉଛି ସୂକ୍ଷ୍ମଶରୀର । ଶରୀରକୁ ଏହିଭଳି ବୁଝାଇ କହିବା ପରେ କୌଣସି ଛୋଟ ପିଲା ମଧ୍ୟ ଏହା ସ୍ଥୁଳଶରୀର, ତାହା ସୂକ୍ଷ୍ମ ଶରୀର ବୋଲି କହିପାରିବ । ଉଦାହରଣ ସ୍ୱରୂପ ଆମେ ଯଦି ମନ କହିବା ତେବେ ଆଖିକୁ ଦେଖାଯାଉ ନଥିବାରୁ ତାହା ସୂକ୍ଷ୍ମଶରୀରର ଏକ ଭାଗ ବୋଲି କହିପାରିବା । ସେହିଭଳି ଗୋଡ କହିଲେ ତାହା ଆଖିକୁ ଦେଖାଯାଉଥିବାରୁ ସ୍ଥୁଳଶରୀରର ଏକ ଭାଗ ବୋଲି କହିପାରିବା । ଏବେ ଶରୀର ଉପରେ ଆପଣଙ୍କର ମଧ୍ୟ ଜ୍ଞାନ ଆସିଯାଇଥିବ । ଏବେ ସ୍ଥୁଳ ଆଉ ସୂକ୍ଷ୍ମର ଅସଲ ବିଷୟ ଉପରକୁ ଯିବା । ମୁଖ୍ୟ କୁହାଯାଉଥିବା ୧୦୮ଗୋଟି ଉପନିଷଦ ଭିତରୁ **ଯୋଗଚୂଡାମଣି ଉପନିଷଦ** ଅନ୍ୟତମ । ସେଥିରେ ଥିବା ଗୋଟିଏ ଶ୍ଲୋକ କହୁଛି  ଯେ, **"ଜ୍ଞାନକର୍ମେନ୍ଦ୍ରିୟୈହପ୍ରାଣାଦି ପଞ୍ଚ ବାୟୁ ମନୋବୁଦ୍ଧିଷ୍ଟ ସୂକ୍ଷ୍ମଲିଙ୍ଗ ମିତ୍ୟୁଚ୍ୟତେ"** ଅର୍ଥାତ୍ ପାଞ୍ଚଗୋଟି

ଜ୍ଞାନେନ୍ଦ୍ରିୟ, ପାଞ୍ଚଗୋଟି କର୍ମେନ୍ଦ୍ରିୟ ଏବଂ ପାଞ୍ଚଗୋଟି ପ୍ରାଣବାୟୁ ସହିତ ମନ, ବୁଦ୍ଧି ମିଶି ମୋଟ ୧୭ଗୋଟି ଭାଗର ସୂକ୍ଷ୍ମଶରୀର ଥାଏ, ହେଲେ ହାତଗୋଡ ଦେଖାଯାଏ ନାହିଁ? କି ଦେଖାଯାଏ? ବୋଲି ପ୍ରଶ୍ନକଲେ ତାର ଉତ୍ତର ସମସ୍ତଙ୍କୁ ଜଣାଥାଏ । ମନ, ବୁଦ୍ଧି ଏବଂ ପଞ୍ଚବାୟୁ ଆଖିକୁ ଦେଖାଯାଏ ନାହିଁ ବୋଲି ମଧ୍ୟ ସମସ୍ତେ ଜାଣିଛନ୍ତି । ସେହିଭଳି ଆଖିକୁ ଦେଖାଯାଉଥିବା ଜ୍ଞାନେନ୍ଦ୍ରିୟ, କର୍ମେନ୍ଦ୍ରିୟ ଗୁଡିକ ସମସ୍ତଙ୍କୁ ଦେଖାଯାଉଛି । ଏଭଳି ସମସ୍ତଙ୍କୁ ଦେଖାଯାଉଥିବା ସତ୍ୟକୁ ଲୁଚାଇଦେଇ ଜ୍ଞାନେନ୍ଦ୍ରିୟ, କର୍ମେନ୍ଦ୍ରିୟ ଗୁଡିକ ସୂକ୍ଷ୍ମ ବୋଲି କହିବା କେତେଦୂର ଠିକ୍ ଆପଣ ଚିନ୍ତା କରନ୍ତୁ । ଯଦି ଏହି ୧୭ଭାଗ ସୂକ୍ଷ୍ମଶରୀର ହେଲା ତେବେ ସ୍ଥୁଳଶରୀର କହିଲେ ବଳକା ଥିବା ଆଠଗୋଟି ଭାଗକୁ କହିବାକୁ ପଡିବ । ତାହେଲେ ଜୀବତ୍ମା କ'ଣ ଆଖିକୁ ଦେଖାଯାଏ? ଚିତ୍ତ ଦେଖାଯାଏ? ଅହମ୍ ଦେଖାଯାଏ? ଏହି ୮ଗୋଟିରୁ କେହି ମଧ୍ୟ ଦେଖାଯାଆନ୍ତି ନାହିଁ । ଏଭଳି ଦେଖାଯାଉଥିବା ପ୍ରତ୍ୟକ୍ଷ ଅସତ୍ୟକୁ ଯଦି ୧୦୮ ଗୋଟି ମୁଖ୍ୟ ଉପନିଷଦ ଭିତରୁ ଗୋଟିଏ ଉପନିଷଦ କହୁଛି, ତେବେ ତାହା କେତେ ବଡ ଶୋଚନୀୟ ବିଷୟ! ୧୦୮ଗୋଟି ଉପନିଷଦରେ ଏହିଭଳି ଅନେକ ତ୍ରୁଟି ଥିବାବେଳେ ଛାଡିଦେଇଥିବା ୧୦୦୦ଗୋଟି ଉପନିଷଦର ବାସ୍ତବତା କିପରି ଥିବ ଆପଣମାନେ ହିଁ ବିଚାର କରନ୍ତୁ ।

ଏଭଳି ପରିଶୀଳନ କରିଚାଲିଲେ ନିରୂପଣହୀନ ଅନେକ ବିଷୟ ଅନେକ ଉପନିଷଦରେ ରହିଛି ବୋଲି ସହଜରେ ଜାଣିପାରିବେ । ଅସତ୍ୟ ବିଷୟରେ ପୂର୍ଣ୍ଣହୋଇ ରହିଥିବା ପୁସ୍ତକଗୁଡିକ କ'ଣ ଉପନିଷଦ? କ'ଣ ସେ ନାଆଁ ପାଇଁ ସେଗୁଡିକ ଯୋଗ୍ୟ? ବୋଲି ପ୍ରଶ୍ନକଲେ ଛୋଟ ପିଲା ମଧ୍ୟ ନାଇଁ ବୋଲି କହିପାରିବ । ସତ୍ୟକୁ ଖୋଜିପାରୁନଥିବା କେତେକ ଆମ କଥାକୁ ଅସ୍ୱୀକାର କରିପାରନ୍ତି, କିନ୍ତୁ ଆଗରୁ ଆସିଥିବା କାନ ଅପେକ୍ଷା ପଛରେ ଆସିଥିବା ଶିଙ୍ଗକୁ ବଡ ବୋଲି କହିପାରିବା । ଆଗରୁ ଆସିଥିବା

କାନଗୁଡିକ ବୟସରେ ବଡ ହୋଇପାରେ ସିନା, ଉଚ୍ଚତାରେ ବଡନୁହେଁ । ପଛରେ ଆସିଥିବା ଶିଙ୍ଗ ବୟସରେ ଛୋଟ ହେଲେ ବି ଉଚ୍ଚତାରେ ବଡ । ସେହିଭଳି ଯେଉଁମାନେ ଅସତ୍ୟ ତଥ୍ୟକୁ ଦେଇଛନ୍ତି ସେମାନେ କେତେ ଆଗରୁ ଥିଲେ ମଧ୍ୟ ସତ୍ୟ କହୁଥିବା ଲୋକଠାରୁ ଛୋଟ ବୋଲି ଜାଣିବା ଉଚିତ୍ । ମହର୍ଷିମାନେ କହିଥିଲେ ବୋଲି ଅସତ୍ୟକୁ ଗ୍ରହଣ କରିବା ଆବଶ୍ୟକ ନାହିଁ । ହେତୁବଦ୍ଧ ଭାବରେ ବିଚାର କରି, ଦେଖି ଯାହା ସତ୍ୟ, ଶାସ୍ତ୍ରବଦ୍ଧ ଆଉ ପ୍ରମାଣିତ ହୋଇପାରେ ତାହାକୁ ଗ୍ରହଣ କରିବା ଉଚିତ୍ । ଯଦି ଅନ୍ଧଭାବରେ ବିଶ୍ୱାସ କରିବା ତେବେ ସେ ବିଷୟ କିଭଳି ବି ରହି ପାରେ । କେତେକ ଏହା ସତ୍ୟ ନୁହେଁ ମିଛକଥା ବୋଲି ଜାଣିଥିଲେ ମଧ୍ୟ, ଅଭିଜ୍ଞତା ଅନୁସାରେ ସେଗୁଡିକ ଉପରେ ଥିବା ମହାନତାକୁ ମୁର୍ଖଙ୍କ ଭଳି କହି ଯୁକ୍ତି କରିଥା'ନ୍ତି । ଧାଡିନାଡୀ ନଥିବା ସେମାନଙ୍କ ଯୁକ୍ତିକୁ ଛାଡି ଆମେ ସତ୍ୟ ମିଥ୍ୟା ଉପରେ ବିଚାର କରି ସତ୍ୟକୁ ଗ୍ରହଣ କରିବା ଉଚିତ୍ । ସତ୍ୟକୁ ଜାଣିବା ଦ୍ୱାରା ଆମେ ପ୍ରକୃତ ମାର୍ଗରେ ଗତି କରି ପରମାତ୍ମାଙ୍କୁ ପାଇ ପାରିବା । ଆପଣମାନେ କେବଳ ଆପଣମାନଙ୍କ ଠାରେ ବିଚାର ଆଣିବା ପାଇଁ ଗୋଟିଏ ଉପନିଷଦର ଉଦାହରଣ ଲେଖିଛୁ । ବାସ୍ତବତାକୁ ଜାଣିବା ପରେ ଭଗବଦ୍ଗୀତା ହିଁ ପ୍ରକୃତ ଉପନିଷଦ ବୋଲି ଜାଣିପାରିବେ । ଭଗବଦ୍ଗୀତାରେ ଥିବା ସମସ୍ତ ଧର୍ମ ଆତ୍ମାକୁ ଜାଣିବା ପାଇଁ ଲେଖାଯାଇଛି । କେତେକ ଉପନିଷଦରେ ଭଗବଦ୍ଗୀତାର ବିପରୀତ ବିଷୟ ଲେଖାଯାଇଛି । ଏହିଭଳି ଅନେକ କୋଣରୁ ବିଚାରକରି ଦେଖିଲେ ଉପନିଷଦ ଗୁଡିକରେ ଅସତ୍ୟ ବିଷୟ ଅନେକ ଲେଖାଯାଇଛି, ଭଗବଦ୍ଗୀତାରେ ଥିବା ସମସ୍ତ ଧର୍ମ ସତ୍ୟବଦ୍ଧ ଭାବରେ ରହିଛି । ତେଣୁ ଭଗବଦ୍ଗୀତା ସବୁଠାରୁ ଉନ୍ନତ ହୋଇଥିବା ଉପନିଷଦ ବୋଲି କହିପାରିବା । ଉପନିଷଦର ଅର୍ଥକୁ ସମ୍ପୂର୍ଣ୍ଣ ଭାବରେ ବୁଝି ଯିଏ ପ୍ରକୃତ ଉପନିଷଦ କ'ଣ ବୋଲି ଜାଣି ପାରିଥାଏ ସେ **ଉପଦେଶ**ର ଅର୍ଥ ମଧ୍ୟ ଜାଣିପାରିଥାଏ । ସଂସାରସମୁଦ୍ରରେ ଉପନିଷଦ

ଏକ ଡଙ୍ଗା ହେଲେ, ଉପଦେଶ ବିଦେଶର ଉପକୂଳ ଭଳି । ଉପନିଷଦ ଆଧାରରେ ଉପଦେଶ ନାମକ ଦ୍ୱିତୀୟ ଦେଶର ଉପକୂଳରେ ପହଞ୍ଚି ପାରିଲେ, ତାପରେ ଆମେ ସେହି ଦେଶ ଭିତରକୁ ଯାଇପାରିବା । ପାଖରେ ଡଙ୍ଗାଟିଏ ନଥାଇ, ଉପଦେଶର କୂଳରେ ନପହଞ୍ଚି ସେହି ଦେଶରେ ସଞ୍ଚରଣ କରିପାରିବା ନାହିଁ । ତେଣୁ ଉପନିଷଦକୁ, ଉପଦେଶକୁ ଜାଣି, ଶେଷରେ ମୋକ୍ଷପ୍ରାପ୍ତ ହୁଅନ୍ତୁ ବୋଲି ଆଶାକରୁଛି । ଆମ ରଚନାର "ଉପନିଷଦରେ ତ୍ରୁଟି" ନାମକ ଗ୍ରନ୍ଥରେ ଉପନିଷଦ ବାବଦରେ ସମ୍ପୂର୍ଣ୍ଣ ଜାଣିପାରିବେ ।

*****

# ଯୁଗାଦି

## (ସୃଷ୍ଟିର ଆଦ୍ୟ ଦିବସ ବା ରାଷ୍ଟ୍ରିୟ ନବବର୍ଷ)

ଆଖିକୁ ଦେଖାଯାଉଥିବା ଏହି ଜଗତ ଦିନେ ଆରମ୍ଭ ହୋଇ ସେ ଦିନରୁ ଅଧାବଧି ରହିଆସୁଛି । ପ୍ରପଞ୍ଚରେ ବା ସାରା ଦୁନିଆରେ ଥିବା ସମସ୍ତ ଜୀବରାଶିର ଜନ୍ମ ମରଣ ରହିଥାଏ, ସେଥିଲାଗି ଏହି ଜୀବରାଶିଙ୍କୁ ଜଗତ କୁହାଯାଏ । '**ଜ**' କହିଲେ ଜନ୍ମ, '**ଗତ**' କହିଲେ ମରଣ । ଜଗତ ନାମକ ଏହି ଶାଶ୍ୱତ ନାମ ଧାରଣ କରି ଦେଖାଯାଉଥିବା ଜୀବସମୂଦାୟ ଦିନେ ଜନ୍ମହୋଇଛି ଆଉ କୌଣସି ଦିନେ ଅଦୃଶ୍ୟ ହୋଇଯିବ ବୋଲି ଜାଣିବା ଉଚିତ୍ । ଜଣେ ମଣିଷ ଜନ୍ମହୋଇ କିଛିଦିନ ପରେ ମୃତ୍ୟୁବରଣ କରିଥାଏ, ଏହା ସମସ୍ତେ ଜାଣିଥିବା ସତ୍ୟ । ସେ ବଞ୍ଚୁଥିବା ସେହି କିଛିକାଳକୁ ତା'ର ଆୟୁସ କୁହାଯାଏ । ମଣିଷର ଆୟୁସ ମାପ ଭାବରେ ନିମିଷରୁ ଆରମ୍ଭକରି ବର୍ଷ ପର୍ଯ୍ୟନ୍ତ ରହିଥାଏ । ସେହିଭଳି ଦିନେ ଜନ୍ମ ହୋଇ କିଛିକାଳ ପରେ ରହୁନଥିବା ପ୍ରପଞ୍ଚ (ପଞ୍ଚଭୂତ)ର ମଧ୍ୟ ଆୟୁସ ରହିଛି । ତାର ମାପ ଯୁଗ

ନାମରେ ରହିଥାଏ । ମଣିଷ ଜନ୍ମ ହେଉଥିବା ଦିନକୁ ଜନ୍ମଦିନ ନାମରେ କହିଥା'ନ୍ତି । ସେହିଭଳି ପ୍ରପଞ୍ଚ ଜନ୍ମ ହୋଇଥିବା ଦିନକୁ ଯୁଗ ଆଦି ବୋଲି ପୂର୍ବେ କୁହାଯାଉଥିଲା, ସେହି **"ଯୁଗ ଆଦି"** କୁ କିଛିକାଳ ପରେ **"ଯୁଗାଦି"** କୁହାଗଲା । ଆଜି ତାହା ମଧ୍ୟ ବଦଳି କେତେକାଞ୍ଚଳରେ **"ଉଗାଦି"** କୁହାଯାଉଛି । ଆଗତ କାଳରେ ଆଉ କେଉଁଭଳି ବଦଳିବ କିଛି କହିପାରିବା ନାହିଁ ।

ଆଜିର ସମସ୍ତେ ନିଜର ଜନ୍ମଦିନକୁ ଏକ ଉତ୍ସବ (ପର୍ବ) ଭାବରେ ପାଳନ କରିଥା'ନ୍ତି, ସେଦିନ ଘରେ ପିଠା, ମିଠାଦି କରି ସାଙ୍ଗସାଥିଙ୍କୁ ଡାକି ଆଜି ମୋର ଜନ୍ମଦିନ ବୋଲି ଜଣାଇଥା'ନ୍ତି । ଏହି ଉତ୍ସବ ଆଜି କିଭଳି ପାଳନ କରୁଛନ୍ତି ତାହା ସମସ୍ତେ ଜାଣନ୍ତି, ତେଣୁ ଏହାଠାରୁ ଆଉ ଅଧିକ କହିବା ଦରକାର ନାହିଁ, କିନ୍ତୁ ପୂର୍ବେ ଏଭଳି ଜନ୍ମଦିନ ଉତ୍ସବ ପାଳନ କରୁଥିବା ଇତିହାସ ନାହିଁ । ଶ୍ରୀକୃଷ୍ଣାଷ୍ଟମି, ଶ୍ରୀରାମ ନବମିକୁ ସେମାନେ (ଶ୍ରୀକୃଷ୍ଣ, ରାମ) ବଞ୍ଚିଥିବା ବେଳେ ଏକ ଏକ ଉତ୍ସବ ଭାବରେ ପାଳନ କରିଥିବା ପ୍ରମାଣ ମଧ୍ୟ ନାହିଁ । ପୂର୍ବେ ଜନ୍ମଦିନକୁ କେହି ମଧ୍ୟ ବ୍ୟକ୍ତିଗତ ଭାବରେ ପାଳନ ନକରି ସମଷ୍ଟିଗତ ଭାବରେ ପ୍ରପଞ୍ଚର ଜନ୍ମଦିନ ହୋଇଥିବା ଯୁଗାଦି ଉତ୍ସବ ପାଳନ କରୁଥିଲେ । ସେହି ଦିନକୁ **"ଯୁଗ ଆଦି"** ଭାବରେ ନାମିତ କରି ସବୁଠାରୁ ସ୍ୱତନ୍ତ୍ର ଭାବରେ, ତାଠାରୁ ବଳି ଆଉ ଉତ୍ସବ ନାହିଁ ବୋଲି ଭାବ ନେଇ ପାଳନ କରୁଥିଲେ । କାଳକ୍ରମେ ନାନା ପର୍ବ ସମାଜରେ ଦେଖାଦେଲା । ସବୁ ପର୍ବ ଭଳି ଏହା ମଧ୍ୟ ଏକ ପର୍ବ ବୋଲି ଆଜି ସମସ୍ତେ ଭାବୁଛନ୍ତି । ଏହା ଏକ ସାଧାରଣ ପର୍ବ ବୋଲି ଭାବନା କରିବା ସହିତ ଏହି ପର୍ବ ସମାଜରେ ଅଛି ବୋଲି ମଧ୍ୟ କେତେକ ଜାଣିନାହାନ୍ତି । ଆଉ କିଛିକାଳ ପରେ ଯୁଗ ଆଦି ବା ଯୁଗାଦି ନାମକ ଏକ ପର୍ବ ହୁଏତ ସମାଜରେ ରହିବ ନାହିଁ । ଆଜିକୁ ଏହି ପର୍ବରେ ଅନେକ ପରିପବର୍ତ୍ତନ ଆସିସାରିଛି । ପର୍ବର ଆଚରଣରେ ମଧ୍ୟ ଅନେକ ପରିବର୍ତ୍ତନ ଆସିସାରିଛି । ବିଦେଶୀ ପରମ୍ପରାକୁ

ଆପଣାର କରି ଜାନୁଆରୀ ମାସର ୧ ତାରିଖ ବର୍ଷର ଆରମ୍ଭଦିନ ଭାବରେ ବଡ ଧୂମ୍‌ଧାମ୍‌ରେ ଆଜି ପାଳିନ କରୁଛନ୍ତି । ଭବିଷ୍ୟତରେ ଏହି ଯୁଗ ଆଦି ପର୍ବକୁ ହିନ୍ଦୁସମାଜ ଦିନେ ହରାଇ ନଦେବ ବୋଲି କହିପାରିବା ନାହିଁ ।

ଇନ୍ଦୁମାନେ ହିନ୍ଦୁ ଭାବରେ ବଦଳି ନିଜର ସଂସ୍କୃତିକୁ ଭୁଲିଯାଇଥିଲେ ମଧ୍ୟ, ଆଦିରେ ଜନ୍ମହୋଇଥିବା ଇନ୍ଦୁଜାତି ଆଜି କୌଣସି ଜାତିର ହୋଇଯାଇଥିଲେ ମଧ୍ୟ, ଇନ୍ଦୁ ସଂସ୍କୃତିକୁ ମଣିଷ ଭୁଲିଗଲେ ମଧ୍ୟ, ସେହି ସଂସ୍କୃତି ମଣିଷକୁ ଛାଡି ରହିନାହିଁ କହିବାପାଇଁ କେତେକ ପ୍ରମାଣ ଅଦ୍ୟାବଧି ବଞ୍ଚିରହିଛି, ସେଗୁଡିକ ଭିତରୁ କେତୋଟିକୁ ଆଲୋଚନା କରିବା ।

ଆଜି ଭୂପୃଷ୍ଠରେ ଅନେକ ଦେଶ ରହିଛି । ସେହିଭଳି ଅନେକ ମତ (ଧର୍ମ) ରହିଛି, ନାନା ସଂସ୍କୃତି, ନାନା ଭାଷା, ନାନା ପରମ୍ପରା ମଧ୍ୟ ରହିଛି । ଏଭଳି ଭୂପୃଷ୍ଠର ମାନବ କେତେ କେଉଁ ପ୍ରକାରର ରହିଲେ ମଧ୍ୟ ସମସ୍ତଙ୍କପାଇଁ ଦିନ ରାତି ଗୋଟିଏ ହୋଇ ରହିଛି । ତା'ଛଡା ସପ୍ତାହକ ସାତଦିନ, ମାସକ ତିରିଶି ଦିନ, ବର୍ଷକ ବାର ମାସ ସର୍ବସାଧାରଣ ହୋଇ ରହିଛି । ଆଉ ମୁଖ୍ୟ ଭାବରେ ଜାଣିବା କଥା ହେଉଛି ! ସାରା ଦୁନିଆରେ ବାସ କରୁଥିବା ସମସ୍ତଙ୍କ ପାଇଁ ସପ୍ତାହର ଦିନଗୁଡିକ ମଧ୍ୟ ଗୋଟିଏ ହୋଇ ରହିଛି । ବିଶେଷ କଥା ହେଉଛି କୌଣସି ଦେଶବାସୀ ପାଇଁ, କୌଣସି ମତାବଲମ୍ବୀ ପାଇଁ ସପ୍ତାହର ଦିନଗୁଡିକ ଆଦି (ରବି), ସୋମ, ମଙ୍ଗଳ, ବୁଧ, ଗୁରୁ, ଶୁକ୍ର, ଏବଂ ଶନି ହୋଇ ରହିଛି । ସାରା ଦୁନିଆରେ ସର୍ବ ପ୍ରଥମେ ଦିନେ ଇନ୍ଦୁମାନେ ତିଆରି କରିଥିବା ଦିନଗୁଡିକ ପ୍ରଚଳିତ ଅଛି । ଏଥିପାଇଁ ଏହା ଇନ୍ଦୁମାନଙ୍କର ଏକ ଗର୍ବକରିବା ବିଷୟ କହିଲେ ଅତ୍ୟୁକ୍ତି ହୁଏ ନାହିଁ ।

ସୃଷ୍ଟିର ଆରମ୍ଭ ଦିନ ହେଉଛି ଆଦ୍ୟ (ଆରମ୍ଭ)ବାର,ଆଦିବାର ବା ରବିବାର । ଆଦ୍ୟବାର ସର୍ବପ୍ରଥମ ଦିନ ହୋଇଥିବାରୁ ସେହି ଦିନକୁ ପୂର୍ବେ ପ୍ରତ୍ୟେକ ସପ୍ତାହରେ ଏକ ଛୋଟ ପର୍ବ ଭାବରେ ପାଳନ କରୁଥିଲେ ।

ପ୍ରପଞ୍ଚ ଆଦିରେ ଆରମ୍ଭ ହୋଇଥିବା ଦିନକୁ ଆଦ୍ୟବାର କୁହାଯାଉଥିଲା । ଆଦି କହିଲେ ପ୍ରଥମ । ଯେଉଁଦିନ ସୃଷ୍ଟି ପ୍ରାରମ୍ଭ ହୋଇଥିଲା ତାହା ହିଁ ଆଦ୍ୟ ବା ପ୍ରଥମ ଦିନ ହୋଇଥିବାରୁ ସମସ୍ତେ ସେହି ଦିନକୁ ଏକ ଛୋଟ ପର୍ବ ଭାବରେ ପାଳନ କରୁଥିଲେ । ସେଦିନ କାମଧନ୍ଦା ନକରି ସନ୍ତୋଷରେ କାଳକାଟି, ଚୁନାଚାଉଳରେ ଭଲ ରାନ୍ଧଣା କରି, ଈଶ୍ୱରଙ୍କୁ ତାହା ନୈବେଦ୍ୟ ଭାବରେ ସମର୍ପଣକରି ନିଜେ ଖାଉଥିଲେ । ସପ୍ତାହର ସାତଦିନରୁ ଅନ୍ୟ ଛଅଦିନକୁ କାର୍ଯ୍ୟ କରିବା ଦିନ ଭାବରେ ହିସାବ କରି, କଠିନ ପରିଶ୍ରମ କରି ଆଦ୍ୟବାର ଦିନ କିଛି ନକରି ଏକ ପର୍ବଦିନ ଭାବରେ ପାଳନ କରୁଥିଲେ । ପ୍ରତ୍ୟେକ ଆଦ୍ୟବାର ବା ଆଦିବାର (ରବିବାର) ସେମାନଙ୍କର ଏକ ପର୍ବଭଳି ହୋଇ ରହିଥିଲା, ହେଲେ ସେହି ପର୍ବଦିନ ଆଜିର କାଳରେ ଛୁଟିଦିନ ହୋଇ ମାଂସାହାରୀ ଲୋକମାନଙ୍କର ପର୍ବରେ ପରିଣତ ହୋଇଯାଇଛି । ପୂର୍ବେ ଏହି ଦିନକୁ ସୃଷ୍ଟିର ଆରମ୍ଭ ଦିନ କହି ସମସ୍ତେ ଏକ ପବିତ୍ର ଦିନ ଭାବନା କରୁଥିଲେ । ପବିତ୍ରତାର ସହିତ ଦିନଟି ଅତିବାହିତ କରୁଥିଲେ । ଆଜି ସବୁ ତା'ର ବିପରୀତ ହୋଇଯାଇଛି । ଆଜି ଯାହା ବି ହେଉ ପୂର୍ବର ବିଶେଷତା ବଜାୟ ରହିଛି, ଆଦିବାର (ରବିବାର) ଏକ ଛୁଟିଦିନ ବୋଲି ଆଜି ପ୍ରମାଣ ଦେଉଛି । ତା'ଛଡା ସପ୍ତାହକ ସାତଦିନ ହୋଇ, ଆଦିବାର ପ୍ରଥମଦିନ ହୋଇ, ଆଜି ପ୍ରତ୍ୟେକ ଦେଶବାସୀ ପାଇଁ ରହିଥିବାରୁ କିଏ କିଭଳି ବଦଳିଥିଲେ ମଧ୍ୟ ଇନ୍ଦୁମାନଙ୍କର ପବିତ୍ରଦିନ ଆଜି ମଧ୍ୟ ସମସ୍ତଙ୍କର ଛୁଟିଦିନ ହୋଇ ପର୍ବ ଭଳି ବଞ୍ଚିରହିଛି । ତେଣୁ ମଣିଷ ନିଜର ପରମ୍ପରାକୁ ଭୁଲିଯାଇଥିଲେ ମଧ୍ୟ, ପରମ୍ପରା ମଣିଷକୁ ଭୁଲିନାହିଁ ବୋଲି କହିପାରିବା । ସାରା ଦୁନିଆରେ ଇନ୍ଦୁମାନଙ୍କର ପରମ୍ପରା ଏହିଭଳି ସମସ୍ତଙ୍କ ପାଖରେ ଏବେ ବି ରହିଛି । ସୃଷ୍ଟି ଆଦିରେ ସାରା ଦୁନିଆରେ ଇନ୍ଦୁମାନେ ବ୍ୟାପି ରହିଥିଲେ, ପରେ ପରେ ସେମାନେ ନାନା ମତରେ ବଦଳିଯାଇଛନ୍ତି, ହୋଲି ବିତିଯାଇଥିଲେ ମଧ୍ୟ ଦେହରେ ରଙ୍ଗ

ବଳକା ରହିଯାଇଥିବା ଭଳି, ମଣିଷଠାରୁ ଇନ୍ଦୁତ୍ୱ ଚାଲିଯାଇଥିଲେ ମଧ୍ୟ ଇନ୍ଦୁତ୍ତ୍ୱର ବାସନା ଏବେ ବି ଅଛି ବୋଲି ଜଣାଯାଉଛି ।

ଆଦିରେ ପରମେଶ୍ୱର ବା ପରମାତ୍ମାଙ୍କ ଦ୍ୱାରା ଆସିଥିବା ଜ୍ଞାନରେ ତିଆରି ହୋଇଥିଲା ଇନ୍ଦୁତ୍ୱ । ଏତେ ବିଶାଳ ଭୂଖଣ୍ଡରେ, ରହିଥିବା ଦେଶଗୁଡିକ ଭିତରେ ଆଜି ଆମେ ବାସ କରୁଥିବା ଦେଶରେ ହିଁ ଇନ୍ଦୁତ୍ୱ ଦିନେ ପ୍ରକାଶିତ ହୋଇଥିଲା । ସେଥିଲାଗି କେବଳ ଏଇ ଦେଶ ଇନ୍ଦୁଦେଶ ହୋଇପାରିଥିଲା । ଏଇ ଭୂଖଣ୍ଡରେ ଆମେ ଆମ ପୂର୍ବପୁରୁଷଙ୍କ ବଂଶଧର ଭାବେ ନିବାସ କରି ମଧ୍ୟ ଆମ ପୂର୍ବ ପଦ୍ଧତିଗୁଡିକୁ ଭୁଲିଯିବା, ସୃଷ୍ଟିଆଦିରେ ଯେଉଁଦିନ ଥିଲା ତାର ବିଶେଷତାକୁ ନଜାଣିବା, ଶେଷରେ ସପ୍ତାହରେ ଥରେ ଆସୁଥିବା ଆଦିବାର ବା ରବିବାର ମଧ୍ୟ କ'ଣ ନଜାଣି ଏକ ଛୁଟିଦିନ ବୋଲି ଭାବିବା, ରବିବାର କେବଳ ଏକ ବିଶ୍ରାମଦିନ ବୋଲି ଭାବିବା, ରବିବାରକୁ କାହିଁକି ଛୁଟିଦିନ ଭାବରେ ରଖିଛନ୍ତି ଅତିକମ୍‌ରେ ତା ବାବଦରେ ବିଚାର ନକରିବା, ଏ ବାବଦରେ ସ୍ୱାମୀଜୀମାନେ, ମଠ ଅଧିପତିମାନେ, ଗୁରୁମାନେ, ପିଠାଧିପତିମାନେ ମଧ୍ୟ ଆମକୁ ନଜଣାଇବା, ବିଷୟକୁ ଦେଖିଲେ ଆମ ପୂର୍ବପୁରୁଷମାନେ ନିଶ୍ଚୟ ଦୁଃଖିତ ହେବେ, ସେମାନଙ୍କ ବଂଶଧର ହୋଇଥିବା ଆମକୁ ମଧ୍ୟ ନିଶ୍ଚୟ ଲାଜ ଲାଗିବା ଉଚିତ୍ ।

ଏବେ ବି ଆମ ପାଖରେ ସମୟ ଅଛି । **ଆଦି**ରୁ ଆରମ୍ଭ ହୋଇଥିବାରୁ ଏହି ଦିନର ନାମ ଆଦିବାର ହୋଇଛି ବୋଲି ଜାଣି, ସୃଷ୍ଟିଆଦିରେ ଆରମ୍ଭ ହୋଇଥିବା ଆଦିବାର ହିଁ ଯୁଗାଦି ଭାବରେ ଆମପାଇଁ ବର୍ଷକୁ ଥରେ ଫେରି ଆସିଥାଏ, ଅନ୍ୟ ବାରଗୁଡିକରେ ପଡୁଥିବା ଯୁଗାଦିପର୍ବ ଅପେକ୍ଷା ଆଦିବାର ଦିନ ପଡୁଥିବା **ଯୁଗାଦି** ପର୍ବ ଅତି ସ୍ୱଚ୍ଛ ବୋଲି ଜାଣି, ଅନ୍ୟକୁ ଜଣାଇବାକୁ ଚେଷ୍ଟା କରିବା ଉଚିତ୍ । ତୁ ଯଦି ପ୍ରକୃତ ଇନ୍ଦୁମାନଙ୍କର ବଂଶଧର ତେବେ ଆଦିବାରରୁ ଆରମ୍ଭ ହୋଇଥିବା ଯୁଗାଦି ଏବେ ମଧ୍ୟ ଆସୁଥିବାରୁ

ସେହି ଦିନକୁ ଏକ ପବିତ୍ର ଦିନ ଭାବରେ ଗଣନା କରି ପବିତ୍ରତାର ସହିତ ବିତାଇବା ଉଚିତ୍ । ସେଦିନ ଆଦିର ରହସ୍ୟକୁ ଜାଣିବାକୁ ଚେଷ୍ଟା କରିବା ଉଚିତ୍ । ଗପ କରିବାରେ, କବିତା ଲେଖିବାରେ, ଗୀତ ଗାଇବାରେ, ନାଟକରେ, ପାଞ୍ଜି ସୁଣିବାରେ କାଳବ୍ୟର୍ଥ ନକରି ଦୈବଜ୍ଞାନରେ ବିତାଇବା ଉଚିତ୍ । ପ୍ରକୃତ ଇନ୍ଦୁର ବଂଶଧର ହେବାକୁ, ଇନ୍ଦୁଭାବରେ ବଞ୍ଚିବାକୁ, ତୋଠାରେ କିଛି ଇନ୍ଦୁତ୍ୱ ସଜୀବ ଅଛି ବୋଲି ପ୍ରମାଣ ଦେବାକୁ, ଆଦିବାର ଏବଂ **ଯୁଗ ଆଦିର** ଅର୍ଥ ବ୍ୟର୍ଥ ହୋଇଯାଇଥିବା ଆଜିର କାଳରେ ସେହି ଦିନର ବିଶେଷତାରେ କାଳକାଟିବାକୁ ହେବ । ସେଦିନ (ଯୁଗାଦି ପର୍ବ) ନୂଆବସ୍ତ୍ର ପିନ୍ଧି, ଏହା ସୃଷ୍ଟିର ନୂଆଦିନ, ସୃଷ୍ଟି ଆରମ୍ଭ ହୋଇଥିବା ଦିନ ବୋଲି ଜାଣିନଥିବା ଲୋକମାନଙ୍କୁ ଜଣାଇବା ଉଚିତ୍ ।

*****

# ଆତ୍ମା
# ସର୍ବଜୀବରାଶି ପାଇଁ କ'ଣ ସମାନ ?

ଏକ ଜୀବ ନିଜର ଆତ୍ମାକୁ ଦେଖିଲେ ତାକୁ ଯେମିତି ଜାଣିପାରେ, ସେମିତି ଅନ୍ୟ ଜୀବରାଶିର ଆତ୍ମାକୁ ମଧ୍ୟ ଜାଣିପାରେ । **ଜୀବ ଦୃଷ୍ଟିରେ ଆତ୍ମା ସର୍ବସମାନ, କିନ୍ତୁ ଆତ୍ମା ଦୃଷ୍ଟିରେ ଜୀବରାଶି ସମାନ ନୁହନ୍ତି** । ସର୍ବ ଜୀବ ଶରୀରରେ ଥିବା ଆତ୍ମାର କର୍ମ ନାହିଁ । କର୍ମ କେବଳ ଜୀବାତ୍ମାର ଥାଏ । ତେଣୁ ଜୀବାତ୍ମାମାନଙ୍କ ସହିତ ରହୁଥିବା ଆତ୍ମାଗୁଡ଼ିକ ସମାନ ଅଂଶ ହୋଇ, ଜୀବାତ୍ମାର କର୍ମ ଅନୁସାରେ ଧର୍ମବଦ୍ଧ କାର୍ଯ୍ୟ କରିଥା'ନ୍ତି । ତେଣୁ ଜୀବାତ୍ମା ପାଇଁ ଆତ୍ମା ସମାନ ହେଲେ ମଧ୍ୟ, ଆତ୍ମା ପାଇଁ ଜୀବାତ୍ମା ସମାନ ନୁହେଁ । ଆକାରରେ ଆତ୍ମାଗୁଡ଼ିକ ଜୀବଶରୀର ଆକୃତି ଅନୁସାରେ ଅନେକ ଆକାରରେ ଥିଲେ ମଧ୍ୟ, ସେଗୁଡ଼ିକର ଅଂଶ, ଧର୍ମ ସବୁ ଗୋଟିଏ

ପ୍ରକାରର ଥାଏ । ତେଣୁ ଏକ ଶରୀରର ଜୀବାତ୍ମା ନିଜ ଶରୀରର ଆତ୍ମାକୁ ଜାଣି ପାରିଲେ ସେ ସର୍ବଜୀବରାଶିଙ୍କ ଶରୀରରେ ଥିବା ଆତ୍ମାକୁ ଜାଣି ପାରିବା ଭଳି ହେବ । ସର୍ବ ଜୀବଶରୀରର ଆତ୍ମା ଏକ ଅଂଶ, ଏକଧର୍ମ ନେଇ ରହିଥିବାରୁ ଆତ୍ମା କହିଲେ କଅଣ, ସେ ଅନ୍ୟ ଶରୀର ଗୁଡିକର ଆତ୍ମା ହୋଇ କିପରି ରହିଛି, ନିଜ ଶରୀରର ଆତ୍ମାକୁ ଜାଣିପାରିଥିବା ବ୍ୟକ୍ତିକୁ ବୁଝାପଡିଯିବ ।

ଜଗତରେ ଥିବା ସମସ୍ତ ଜୀବରାଶିଙ୍କ ଆତ୍ମା ଏକ ଅଂଶ ଏକଧର୍ମ ନେଇ ରହିଥାଏ, ତେଣୁ ସେଗୁଡିକୁ ଅଲଗା ଅଲଗା କହିପାରିବା କିମ୍ବା ସମସ୍ତଙ୍କୁ ମିଶାଇ ଗୋଟିଏ କରି କହି ପାରିବା । ବୁଝିବା ପାଇଁ ଅଲଗା ଅଲଗା କହିଲେ ଭଲ ବୋଲି ଭାବୁଛି । ସମସ୍ତଙ୍କ ଆତ୍ମା ସେମାନଙ୍କର ଶରୀର ଆକୃତି ହୋଇ ରୂପରେ ଭିନ୍ନ ଥିଲେ ମଧ୍ୟ, ଅଂଶ ଏବଂ ଧର୍ମରେ କୌଣସି ଭିନ୍ନତା ନାହିଁ । ଉଦାହରଣ ସ୍ୱରୂପ ଶାଳନିଆଁରେ ରଖାଯାଇଥିବା ଲୁହା ଉପକରଣ ଗୁଡିକରେ ଅଗ୍ନି ପ୍ରବେଶ କଲାବେଳେ ସେହି ଉପକରଣ ଗୁଡିକ ତାତି ଲାଲ୍ ହୋଇ ନିଆଁ ଭଳି ଦେଖାଯାଇଥାଏ, ସେହି ବସ୍ତୁ ବା ଉପକରଣ ଗୁଡିକର ଆକାରକୁ ଅଗ୍ନି ଧାରଣ କରୁଛି, ଠିକ୍ ସେହିଭଳି ଆତ୍ମା ଶରୀରରେ ପ୍ରବେଶ କରି ଶରୀର ଆକୃତି ଧାରଣ କରୁଛି । ଅଗ୍ନି କୌଣସି ବସ୍ତୁରେ ପ୍ରବେଶ କଲେ ମଧ୍ୟ ସେ ତାର ଧର୍ମକୁ ନ ହରାଇବା ଭଳି, ଆତ୍ମା କୌଣସି ଶରୀରରେ ପ୍ରବେଶ କଲେ ମଧ୍ୟ ନିଜର ଧର୍ମକୁ ହରାଇ ନଥାଏ । ଉପକରଣ ଗୁଡିକ ପାଇଁ ଅଗ୍ନି ଏକଧର୍ମ ହୋଇ ଉତ୍ତାପ ଦେଇଥାଏ, କିନ୍ତୁ ଅଗ୍ନି ପାଇଁ ଉପକରଣ ଗୁଡିକ ଏକା ଭଳି ନୁହେଁ । ଅଗ୍ନିତେଜ ବାଜିବାବେଳେ ଗୋଟିଏ ବଙ୍କା ହୋଇଯାଇ ପାରେ, ଗୋଟିଏ ଫୁଲିଯାଇ ପାରେ, ଗୋଟିଏ ଫାଟିଯାଇ ପାରେ, ଗୋଟିଏ ଟାଣ୍ ହୋଇଯାଇପାରେ,ଗୋଟିଏ ପତଳା ହୋଇଯାଇପାରେ । ଏହିଭଳି ଅନେକ ଉପକରଣ ବା ବସ୍ତୁ ଅଗ୍ନି ଦ୍ୱାରା ବଦଳି ପାରନ୍ତି । ସେହିଭଳି ଆତ୍ମା

ସର୍ବ ଜୀବରାଶି ପାଇଁ ନିଜର ଚୈତନ୍ୟଦେବା ଧର୍ମକୁ ବଜାୟ ରଖିଥିଲେ ମଧ୍ୟ, ଜୀବରାଶିଙ୍କ କର୍ମ ଅଲଗା ଅଲଗା ହୋଇଥିବାରୁ, ଶରୀର ମଧ୍ୟ ଅଲଗା ଅଲଗା ହୋଇଥିବାରୁ, ଆତ୍ମା ଏକ ଏକ ଜୀବ ଜାତିକୁ ଏକ ଏକ ପ୍ରକାରର ଆତ୍ମଚୈତନ୍ୟ ଦେବା ଦ୍ୱାରା ଆତ୍ମା ଜୀବମାନଙ୍କ ପାଇଁ ସମାନ ନୁହେଁ ବୋଲି କହିପାରିବା ।

ଉଦାହରଣ ଭାବରେ ଜନ୍ତୁଜାତିର ହରିଣକୁ ନେବା । ହରିଣ ଜନ୍ମ ହେଉହେଉ ଉଠି ଛିଡା ହୋଇଥାଏ । ସେମିତି ମାତ୍ର କିଛି ସମୟ ପରେ ଦୌଡିପାରେ, କିନ୍ତୁ ମଣିଷଜାତିକୁ ଦେଖିଲେ ମଣିଷ ଜନ୍ମ ହେଉ ହେଉ ଉଠି ଛିଡା ହୋଇପାରେ ନାହିଁ କି ଦୌଡିପାରେ ନାହିଁ । ଜନ୍ମହେବାର କିଛି ଦିନ ପରେ ହରିଣ ପାଣିରେ ପହଁରି ପାରେ, ମଣିଷ ପହଁରି ପାରେନାହିଁ । ଚଳପ୍ରଚଳ ହେବା ପାଇଁ ସମସ୍ତଙ୍କ ଶରୀର ସ୍ପନ୍ଦନର କାରଣ ଆତ୍ମା ହୋଇଥିବା ବେଳେ, ମଣିଷ ଶରୀରର ଆତ୍ମା ମଣିଷ ପାଇଁ ଏକ ପ୍ରକାରର, ହରିଣ ଶରୀରର ଆତ୍ମା ହରିଣ ପାଇଁ ଆଉଏକ ପ୍ରକାରର ଚୈତନ୍ୟ ଦେଇଥାଏ । ମଣିଷ ଶରୀରର ଆତ୍ମା ମଣିଷକୁ ଜନ୍ମ ହେଉ ହେଉ ଚଲାଇନଥାଏ, କିନ୍ତୁ ହରିଣ ଶରୀରର ଆତ୍ମା ହରିଣକୁ ଚଲାଇଥାଏ । ଏଭଳି ଏକ ଏକ ଜାତିକୁ ଏକ ଏକ ପ୍ରକାରର ଚୈତନ୍ୟଶକ୍ତି ଦେଉଥିବା ଆତ୍ମା ସର୍ବଜୀବରାଶିଙ୍କ ପାଇଁ ସମାନ ନୁହେଁ ବୋଲି ସ୍ପଷ୍ଟ ଜଣାଯାଉଛି । କେତେକ ଶରୀରରେ ଆତ୍ମା କରୁଥିବା କାର୍ଯ୍ୟକୁ, କେତେକ ଶରୀରରେ ଶିଖିବାକୁ ପଡିଥାଏ । ଉଦାହରଣ ସ୍ୱରୂପ କୌଣସି ଜନ୍ତୁ କିମ୍ବା ପକ୍ଷୀ ପାଣିରେ ପଡିଗଲେ ହଠାତ୍ ପହଁରି ପାରନ୍ତି । ଏହି ପହଁରିବା କାର୍ଯ୍ୟ ସେମାନଙ୍କ ଶରୀରରେ ସ୍ୱୟଂ ଆତ୍ମା କରିଥାଏ । ଜନ୍ତୁ କିମ୍ବା ପକ୍ଷୀ ଏହି ବିଦ୍ୟାକୁ ନ ଶିଖିଲେ ମଧ୍ୟ ସେମାନଙ୍କଠାରେ ଥିବା ଆତ୍ମାକୁ ଜଣାଥାଏ । ସେହିଭଳି ମଣିଷଠାରେ ରହିଥିବା ଆତ୍ମାକୁ ସମସ୍ତ ବିଦ୍ୟା ଜଣାଥିଲେ ମଧ୍ୟ ପହଁରିବା ବିଦ୍ୟା ମଣିଷକୁ ଶିଖିବାକୁ ପଡେ । ପାଣିରେ ପଡିଯାଇଥିବା ପଶୁପକ୍ଷୀଗୁଡିକ ସେମାନଙ୍କ

ଗୋଡଛାଟି ପହଁରି ବାହାରକୁ ଆସିପାରନ୍ତି । ଏମିତି ଗୋଡଛାଟିବା ପଦ୍ଧତି ସେମାନଙ୍କଠାରେ ଥିବା ଆତ୍ମାକୁ ଜଣାଥାଏ । ପହଁରା ଜାଣିନଥିବା ମଣିଷ ପାଣିରେ ପଡିଲେ ହାତଗୋଡ ଛାଟେ, କିନ୍ତୁ ପଦ୍ଧତି ପ୍ରକାରରେ ଛାଟିପାରି ନଥାଏ, ସେଥିଲାଗି ବୁଡିଯାଇଥାଏ । ମଣିଷ ଭିତରେ ଥିବା ଆତ୍ମାକୁ ମଣିଷ ବାହାରକୁ ଆସିବା ପାଇଁ ଦରକାରି ପଦ୍ଧତି ଜଣାଥିଲେ ମଧ୍ୟ, ତାହା ଏଠାରେ ବ୍ୟବହାର କରେ ନାହିଁ । କାରଣ ! ସେ ପଦ୍ଧତିକୁ ମଣିଷର ଇଚ୍ଛା ଉପରେ ଛାଡିଦେଇଥାଏ । ତେଣୁ ପହଁରା ଶିଖିଥିବା ଲୋକ ହିଁ ବାହାରକୁ ଆସିପାରେ । ପଶୁପକ୍ଷୀଙ୍କ ଶରୀରର ଆତ୍ମା ଏହି ପଦ୍ଧତିକୁ ନିଜ ଇଚ୍ଛାରେ ରଖିଛି, ତେଣୁ ସେମାନେ ପହଁରା ନଶିଖି ମଧ୍ୟ ବାହାରକୁ ଆସିପାରନ୍ତି ।

ଏହିଭଳି ପରିଶୀଳନ କରିଦେଖିଲେ ଆତ୍ମା ନିଜର ଚୈତନ୍ୟଶକ୍ତିକୁ ମାନବ ପାଇଁ ଏକ ପ୍ରକାରର, ପଶୁପକ୍ଷୀଙ୍କ ପାଇଁ ଅନ୍ୟ ଏକ ପ୍ରକାରର ଦେଇଥାଏ ବୋଲି ଜଣାଯାଉଛି । ଏ ବିଷୟରେ ଆଉଟିକିଏ ବିଚାରକଲେ ଜଣାପଡେ ଯେ, ଜୀବାତ୍ମାର ଇଚ୍ଛାରେ କାର୍ଯ୍ୟ କରୁଥିବା ମାଂସପେଶୀ, ଅନିଚ୍ଛାରେ କାର୍ଯ୍ୟ କରୁଥିବା ମାଂସପେଶୀ ନାମକ ଦୁଇ ପ୍ରକାରର ମାଂସପେଶୀ ସର୍ବଜୀବରାଶିଙ୍କର ଅଛି । ଜୀବକୁ ଜଣାପଡି ବୁଦ୍ଧି, ଚିତ୍ତ ଦ୍ୱାରା ହେଉଥିବା କାର୍ଯ୍ୟଗୁଡିକୁ ଇଚ୍ଛାଧିନ ମାଂସପେଶୀ ଦ୍ୱାରା ହେଉଥିବା କାର୍ଯ୍ୟ ବୋଲି କୁହାଯାଏ । ସେହିଭଳି ଜୀବର ଅଜାଣତରେ ବୁଦ୍ଧି, ଚିତ୍ତର ସମ୍ପର୍କହୀନ ଭାବରେ ସ୍ୱୟଂ ଆତ୍ମା କରୁଥିବା କାର୍ଯ୍ୟଗୁଡିକୁ ଅନିଚ୍ଛାଧିନ ମାଂସପେଶୀର କାର୍ଯ୍ୟ ଦ୍ୱାରା ହେଉଥିବା କାର୍ଯ୍ୟ ବୋଲି କୁହାଯାଏ । କୌଣସି କାର୍ଯ୍ୟ ହେଉ ତାହା କର୍ମାନୁସାରେ ହେଉଥିଲେ ମଧ୍ୟ, କାର୍ଯ୍ୟଗୁଡିକ ଦୁଇ ପ୍ରକାରରେ ବିଭାଜିତ ହୋଇ କେତେକ ଇଚ୍ଛାଧିନ ମାଂସପେଶୀ ଦ୍ୱାରା, କେତେକ ଅନିଚ୍ଛାଧିନ ମାଂସପେଶୀ ଦ୍ୱାରା ହେବାଭଳି ପରମାତ୍ମା ନିର୍ଣ୍ଣୟକରି ରଖିଛନ୍ତି, ତାଙ୍କ ନିର୍ଣ୍ଣୟ ଅନୁସାରେ ଜଗତ ବଞ୍ଚିଛି । ଏକଥା ଆହୁରି ବିପୁଳ ଭାବରେ ଜାଣିବା ।

କର୍ମ ଅନୁସାରେ ପ୍ରତ୍ୟେକ ସ୍ପନ୍ଦନ ରହିଥାଏ, ଶେଷରେ ଗୋଟିଏ ପାଖଣ୍ଡ ଆଗକୁ ଚାଲିବାକୁ, ଆଖିପତା ଖୋଲି ପକାଇବାକୁ ମଧ୍ୟ କର୍ମର ହିସାବ ରହିଛି ବୋଲି **ଭଗବଦ୍ଗୀତା**ରେ କୁହାଯାଇଛି । ଏଭଳି ଥିବା କର୍ମ କିଛି ମନ, ବୁଦ୍ଧି, ଚିତ୍ତ ଦ୍ୱାରା ଆଚରଣରେ ଅସିଥାଏ । ସେଭଳି ଆଉ କିଛି କର୍ମ ମନ, ବୁଦ୍ଧି, ଚିତ୍ତର ପ୍ରମେୟ ନଥାଇ ଆଚରଣରେ ଆସିଥାଏ । ଏହିଭଳି ପଶୁପକ୍ଷୀ ଆଉ ମଣିଷ ଭିତରେ ଅନେକ ଭିନ୍ନତା କ୍ରମେ କାର୍ଯ୍ୟାଚରଣ ଘଟେ । କର୍ମ ଦୁଇ ପ୍ରକାରର, ଜୀବର ଶରୀରରେ ଆଚରଣରେ ଆସୁଥିବା ପଦ୍ଧତିକୁ ବିଭାଜନ କରିଦେଖିଲେ ଜଣାଯାଏ ଯେ ! ଇଚ୍ଛାଧିନ ମାଂସପେଶୀ ଦ୍ୱାରା ମନ, ବୁଦ୍ଧି, ଚିତ୍ତର ହସ୍ତକ୍ଷେପ ରହି ହେଉଥିବା କାର୍ଯ୍ୟ ଗୋଟିଏ ଥାଏ । ଉଦାହରଣ ସ୍ୱରୂପ ଦେଖିଲେ, ଦୌଡିବା କାର୍ଯ୍ୟ କର୍ମ ଅନୁସାରେ ହେଉଥିଲେ ମଧ୍ୟ, ଚିତ୍ତ ଦ୍ୱାରା ମୁଣ୍ଡ ଭିତରୁ ଆଦେଶ ଆସିବା ବେଳେ ମଣିଷ ଦୌଡି ପାରିଥାଏ । ଉପରକୁ ଦୌଡିବା କାର୍ଯ୍ୟ ହେବା ବେଳେ ଶରୀର ଭିତରେ ମନ ଦ୍ୱାରା ମିଳିଥିବା ବିଷୟକୁ ବୁଦ୍ଧି ବିଚାର କରିବା ପରେ, ଏବେ ଦୌଡିବା ଉଚିତ୍ ବୋଲି ଚିତ୍ତ ନିର୍ଣ୍ଣୟ ନେବା ବେଳେ, ପୁଣି ସେହି ନୀର୍ଣ୍ଣିତ ବିଷୟକୁ ମନ ଆଣି କର୍ମେନ୍ଦ୍ରିୟରେ ପହଞ୍ଚାଇବା ପରେ, ଭିତରର ଆଦେଶ ଅନୁସାରେ ଗୋଡ ଦୌଡିବା ଆରମ୍ଭ କରିଥାଏ । ଭିତରେ ଚିତ୍ତର ଆଦେଶ ଅନୁସାରେ ଏହି କାର୍ଯ୍ୟ ଘଟୁଥିବାରୁ ଏହାକୁ ଇଚ୍ଛାଧିନ କାର୍ଯ୍ୟ କୁହାଯାଏ । ଏହି କାର୍ଯ୍ୟଗୁଡିକୁ କରୁଥିବା ହାତ, ଗୋଡ, ମୁଖ, ଗୁଦ, ଲିଙ୍ଗ ନାମକ ପାଞ୍ଚଗୋଟି ଅବୟବକୁ ଇଚ୍ଛାଧିନ ମାଂସପେଶୀ ଥିବା ଅବୟବ ବୋଲି କହୁଛୁ । ଇଚ୍ଛାଧିନ ହେଉ କି ଅନିଚ୍ଛାଧିନ ହେଉ ସବୁକାର୍ଯ୍ୟ କର୍ମାନୁସାରେ ହୋଇଥାଏ ବୋଲି ଆଗରୁ ଜାଣିସାରିଛେ । କର୍ମ ଅନୁସାରେ ଦୌଡିବା ବେଳେ ତାହା ଅନ୍ତରେନ୍ଦ୍ରିୟ ହୋଇଥିବା ମନ, ବୁଦ୍ଧି, ଚିତ୍ତ ଦ୍ୱାରା ଏବଂ ବାହାରେ କର୍ମେନ୍ଦ୍ରିୟ ଗୁଡିକ ଦ୍ୱାରା କାର୍ଯ୍ୟ ଆଚରଣରେ ଆସିଥାଏ । ଏଥିରେ ଜୀବର କୌଣସି ଇଚ୍ଛା ବା ହସ୍ତକ୍ଷେପ ନଥାଏ; ତଥାପି ଏହି କାର୍ଯ୍ୟଗୁଡିକ ହେଉଥିବା ବେଳେ କିମ୍ବା ହୋଇଯିବା ପରେ ମିଳୁଥିବା

ସୁଖ କିମ୍ବା ଶ୍ରମକୁ ଅନୁଭବ କରିବା କେବଳ ଜୀବର କର୍ତ୍ତବ୍ୟ ହୋଇ ରହିଥାଏ । କାର୍ଯ୍ୟ ସହିତ ଜୀବ ଇଚ୍ଛାର କୌଣସି ସମ୍ପର୍କ ନଥାଏ, କିନ୍ତୁ କାର୍ଯ୍ୟସବୁ ମୋ ଇଚ୍ଛା ଅନୁସାରେ ହେଉଛି, ସବୁକାର୍ଯ୍ୟ କରିବାରେ ମୋ ନିର୍ଣ୍ଣୟ ହିଁ କାର୍ଯ୍ୟକରୁଛି ବୋଲି ଜୀବ ଭାବନା କରିଥାଏ । ଜୀବକୁ ଏଭଳି ଭାବନା ଦେବାରେ ପ୍ରତ୍ୟେକ ଶରୀରର ଅହମ୍ ନାମକ ଅବୟବର କର୍ତ୍ତବ୍ୟ ହୋଇ ରହିଥାଏ । ଶରୀରର ପ୍ରତ୍ୟେକ ଭାଗ ପାଇଁ ଏକ ଏକ କାର୍ଯ୍ୟ ରହିବା ଭଳି, ଅହମର ମଧ୍ୟ ଏକ କାର୍ଯ୍ୟ ରହିଥାଏ । ସବୁକାର୍ଯ୍ୟ ଜୀବ କରୁଛି, ସବୁ ଜୀବର ନିର୍ଣ୍ଣୟ ଅନୁସାରେ ହେଉଛି ବୋଲି ଜୀବକୁ ଭ୍ରମିତ କରିବା ଅହମର କର୍ତ୍ତବ୍ୟ । ଅହମ୍ ଦ୍ୱାରା ଭ୍ରମିତ ହେଉଥିବା ଜୀବ ସବୁକିଛିର କାରଣ ମୋ'ରି ନିର୍ଣ୍ଣୟ, ସବୁ ମୋ ଦ୍ୱାରା ହୁଏ ବୋଲି କିଛି ନକରି ମଧ୍ୟ ଅଯଥା ନିଜ ଉପରକୁ ନେଇଥାଏ । ଜୀବ ଅଜ୍ଞାନରେ ଏଭଳି ଭାବନା କରିବା ଦ୍ୱାରା କରୁଥିବା କାର୍ଯ୍ୟରୁ ନୂଆ କର୍ମ ଜନ୍ମହୋଇ, ତାର କର୍ମଚକ୍ରରେ ଅବସ୍ଥାନ କରି ଶେଷରେ ଅନୁଭବ କରିବା ପାଇଁ ଅନ୍ୟ ଜନ୍ମର କାରଣ ହୋଇଥାଏ । ଏହିଭଳି ଇଚ୍ଛାଧିନ ମାଂସପେଶୀ ଗୁଡିକର କାର୍ଯ୍ୟ ଉପରେ ଅହମର ପ୍ରଭାବ ରହିଥାଏ, ଯଦ୍ୱାରା ଜୀବ କର୍ମବନ୍ଧନରେ ପଡିଥାଏ ।

ଆଉ ଗୋଟିଏ କାର୍ଯ୍ୟ ହେଉଛି ଅନିଚ୍ଛାଧିନ କାର୍ଯ୍ୟ । ଏ ସନ୍ଦର୍ଭରେ ଅନିଚ୍ଛାଧିନ ମାଂସପେଶି ଗୁଡିକ କଅଣ, ସେଗୁଡିକର କାର୍ଯ୍ୟ ବିବରଣ କଅଣ ଦେଖିବା । ଆମ ଶରୀରରେ ହୃତ୍ପିଣ୍ଡ ସ୍ପନ୍ଦିତ ହେଉଛି, ଶ୍ୱାସ ଚାଲୁଛି, ଖାଉଥିବା ଆହାର ଜୀର୍ଣ୍ଣ ହେଉଛି । ଏଭଳି ମନ, ବୁଦ୍ଧି, ଚିତ୍ତର ସମ୍ପର୍କ ନରହି ଅନେକ କାର୍ଯ୍ୟ ଶରୀରରେ ହେଉଛି । ଏହି କାର୍ଯ୍ୟଗୁଡିକୁ କରୁଥିବା ହୃତ୍ପିଣ୍ଡ, ଫୁସ୍‌ଫୁସ୍, ଜୀର୍ଣ୍ଣାଶୟ ଇତ୍ୟାଦି ଅବୟବ ଗୁଡିକୁ ଅନିଚ୍ଛାଧିନ ମାଂସପେଶୀ ବୋଲି କହୁଛୁ । ଏହି କାର୍ଯ୍ୟଗୁଡିକୁ ସ୍ୱୟଂ ଆତ୍ମା ନିଜର ଚୈତନ୍ୟ ଦ୍ୱାରା କରାଇଥାଏ । ଆମେ ଜାଗ୍ରତାବସ୍ଥାରେ ଥିବାବେଳେ କିମ୍ବା ଶୋଇଥିବା ବେଳେ ଆମ ଅଜାଣତରେ ହୃତ୍ପିଣ୍ଡ ସ୍ପନ୍ଦିତ ହେବା ବିଷୟ ସମସ୍ତେ ଜାଣିଛେ,

କିନ୍ତୁ ଏଠାରେ ଅହମ୍ ଜୀବକୁ ଭ୍ରମିତ କରିପାରେ ନାହିଁ । ସେଥିଲାଗି ଜୀବ ସେହି କାର୍ଯ୍ୟକୁ କରୁଛି ବୋଲି ଭାବି ନଥାଏ । ତେଣୁ ଜନ୍ମହେବା ଠାରୁ ଆରମ୍ଭ କରି ମୃତ୍ୟୁବରଣ କରିବା ପର୍ଯ୍ୟନ୍ତ ଆତ୍ମା କରାଉଥିବା ଅନିଚ୍ଛାଧିନ କାର୍ଯ୍ୟରୁ ଜୀବ କର୍ମବନ୍ଧନରେ ପଡିନଥାଏ । କେବଳ ଇଚ୍ଛାଧିନ ଅବୟବ ଗୁଡିକର କାର୍ଯ୍ୟରେ ଅହମ୍ ଦ୍ୱାରା କର୍ମବନ୍ଧରେ ପଡିଯିବା ଘଟିଥାଏ ସିନା, ଅନିଚ୍ଛାଧିନ ଅବୟବ ଗୁଡିକର କାର୍ଯ୍ୟ ଦ୍ୱାରା କର୍ମବନ୍ଧନ ନଥାଏ ।

**ଅନିଚ୍ଛାଧିନ ମାଂସପେଶୀ ବା ଅବୟବ ଗୁଡିକୁ ଅଧିକ ଏବଂ ଇଚ୍ଛାଧିନ ଅବୟବ ଗୁଡିକୁ କମ୍ ରଖି ଜନ୍ତୁମାନଙ୍କୁ, ଇଚ୍ଛାଧିନ ଅବୟବ ଅଧିକ ଏବଂ ଅନିଚ୍ଛାଧିନ ଅବୟବ କମ୍ ରଖି ମଣିଷମାନଙ୍କୁ ଦେହ ଦେଇଛନ୍ତି ପରମାତ୍ମା** । ଏହା ଦ୍ୱାରା ଜନ୍ତୁମାନଙ୍କ ଶରୀରରେ ଆତ୍ମା ଅଧିକ କାର୍ଯ୍ୟ କରୁଥାଇ, ମଣିଷ ଶରୀରରେ କମ୍ କାର୍ଯ୍ୟ କରିଥାଏ । ମଣିଷର ମନ, ବୁଦ୍ଧି, ଚିତ୍ତ ଅଧିକ କାର୍ଯ୍ୟ କରିଥାଏ, ଜନ୍ତୁମାନଙ୍କ ଶରୀରର କମ୍ କାର୍ଯ୍ୟ କରିଥାଏ । ସେଥିଲାଗି ମଣିଷର ବୁଦ୍ଧି ଥିବା ଭଳି ଜନ୍ତୁମାନଙ୍କର ନଥାଏ । ବୁଦ୍ଧି କୁଶଳତା ଅଧିକ ଥିବା ମଣିଷଜାତି, ବୁଦ୍ଧିର କାର୍ଯ୍ୟ କମ୍ ଥିବା ଅନ୍ୟ ଜୀବଜାତିଙ୍କୁ ନିଜର ବଶୀଭୂତ କରିପାରିଛି । ବୁଦ୍ଧି କୁଶଳତା ଅଧିକ ଥିବା ମଣିଷଜାତି ନିଜର ଚତୁରତାରେ ସାଇକେଲଠାରୁ ରକେଟ ପର୍ଯ୍ୟନ୍ତ ଉଦ୍ଭାବନ କରିପାରିଛି, କମ୍ପ୍ୟୁଟର, ରୋବୋଟ ଇତ୍ୟାଦି ତିଆରି କରିପାରିଛି, କିନ୍ତୁ ବୁଦ୍ଧି କୁଶଳତା ନଥିବା ଅନ୍ୟ ଜୀବଜାତି କିଛି ତିଆରି କରିପାରି ନାହାନ୍ତି । ମାନବ ଅନେକ ଜିନିଷ ତିଆରି କରିପାରିଥିଲେ ମଧ୍ୟ ନିଜେ ଅହମ୍ ସହିତ ତାଦାତ୍ମ୍ୟ ହୋଇ ଅଧିକ କର୍ମ ଅର୍ଜନ କରିଥାଏ । ଆତ୍ମାଶକ୍ତି ଦ୍ୱାରା କାର୍ଯ୍ୟ କରୁଥିବା ଅନ୍ୟ ଜୀବଜାତି ନିଜର ଥିବା କର୍ମକୁ ଖର୍ଚ୍ଚ କରିଥା'ନ୍ତି, ଅଥଚ କର୍ମ ଅର୍ଜନ କମ୍ କରିଥା'ନ୍ତି ।

ମାନବଜାତି ସବୁଠାରୁ ଉନ୍ନତ ଜାତି କହିବା ଭୁଲ୍ କହିଲେ ଚଳିବ, କାହିଁକିନା ! ବୁଦ୍ଧିରେ ଉନ୍ନତହୋଇ ମଧ୍ୟ ମଣିଷ ନିଜପାଇଁ କିଛି କରିପାରି

ନାହିଁ । ଏକ ପ୍ରକାରରେ କହିବାକୁ ଗଲେ ଈଶ୍ୱରଙ୍କୁ ଜାଣିବା ପାଇଁ, ଦୈବଜ୍ଞାନ ଅର୍ଜନ କରିବା ପାଇଁ ସୁଯୋଗ ଥିବା ଜନ୍ମ ବୋଲି ମଧ୍ୟ ମଣିଷ ଜନ୍ମକୁ କହିପାରିବା ନାହିଁ । ଦୈବଜ୍ଞାନ ଜାଣିବାରେ ପଶୁ ବି ମଣିଷ ସହିତ ସମାନ । ମଣିଷ ଅପେକ୍ଷା ଈଶ୍ୱରଙ୍କୁ ଜାଣିବାରେ ଅନ୍ୟ ଜୀବଜାତି ଆଗରେ ଅଛନ୍ତି ବୋଲି କହିପାରିବା । ଈଶ୍ୱରଙ୍କୁ ଜାଣିବା ସମ୍ବନ୍ଧୀୟ ବୁଦ୍ଧି ସେମାନଙ୍କଠାରେ ଅଛି । ବାସ୍ତବରେ ମାନବ ଈଶ୍ୱରଙ୍କୁ ଜାଣିବାଠାରୁ ଦୂରରେ ଅଛି । ଈଶ୍ୱର ଜଣେ ବୋଲି ନଜାଣି ନାନା ଦେବତାଙ୍କ ଆରାଧନା କରୁଛି, ସେଥିଲାଗି ସେ ତାଙ୍କୁ ଜାଣିବାଠାରୁ ଦୂରରେ ଅଛି । ଜୀବଜନ୍ତୁମାନଙ୍କ ଭାଷା ଆମକୁ ଜଣାନାହିଁ, ତାବୋଲି ସେମାନେ ଦୈବମାର୍ଗରେ ଆମଠାରୁ ପଛରେ ଅଛନ୍ତି କହିବା ଭୁଲ୍ ହେବ ।

ପ୍ରତ୍ୟକ୍ଷତଃ ଦେଖାଯାଉଥିବା କିଛି ବିଷୟକୁ ପରିଶୀଳନ କଲେ, ମାନବ ସବୁଦିନ ଅହମ୍‌ର ବଶୀଭୂତ ହୋଇ ନାନା କର୍ମବନ୍ଧନରେ ପଡୁଛି, କିନ୍ତୁ ଅନ୍ୟ ଜୀବଜାତି କେବଳ କର୍ମକୁ ଅନୁଭବ କରି କାଟିଥା'ନ୍ତି ସିନା, ଅଧିକ କର୍ମବନ୍ଧନରେ ପଡିନଥା'ନ୍ତି । ଅନ୍ୟ ଜୀବଜାତିମାନେ ସକାଳୁ ଉଠିଲେ କେବଳ ଖାଇବା ଚିନ୍ତାରେ ଥାଆନ୍ତି, ସେମାନଙ୍କ ପେଟ ପୁରିଗଲେ ସବୁ ଭଲ, କିନ୍ତୁ ମଣିଷ କାଲିର ଚିନ୍ତାଠାରୁ ଆରମ୍ଭକରି ଭବିଷ୍ୟତର ନାତୀନାତୁଣୀଙ୍କ ସୁଖ ସନ୍ତୋଷ କଥା ଚିନ୍ତା କରୁଥାଇ ନାନା କର୍ମାର୍ଜନ କରୁଛି । ଏଭଳି ମାନବ ଅନୁଭବ କରିଥାଏ କମ୍ କର୍ମ, ଅର୍ଜନ କରିଥାଏ ଅଧିକ କର୍ମ । ସେଥିଲାଗି ଦିନକୁଦିନ ଦୈବମାର୍ଗରୁ ଦୂର ହେଉଛି ।

ମାନବ ଅପେକ୍ଷା ଅନ୍ୟ ଜୀବଜାତି ମହାନ କହିବାପାଇଁ ନିଦର୍ଶନତଃ ଆତ୍ମା ସେମାନଙ୍କ ଶରୀରରେ ସ୍ୱୟଂ କାର୍ଯ୍ୟ କରୁଛି । ଜନ୍ମିତ ଛୁଆକୁ ମଧ୍ୟ କ୍ଷୀର ଖାଇବାକୁ ମାଆର ସ୍ତନ କେଉଁଠି ଅଛି ଦେଖାଇଦେଉଛି । ଛୁଆଠାରେ କ୍ଷୀର ପିଇବାର ପରିଜ୍ଞାନ ଯୋଗାଇଦେଉଛି । ମାନବଠାରେ ଆତ୍ମା ଏଭଳି ସ୍ୱୟଂ କାର୍ଯ୍ୟ ନକରି ତାର ବୁଦ୍ଧି ଉପରେ ଛାଡିଦେଉଥିବାରୁ, ବୁଦ୍ଧି କାର୍ଯ୍ୟ

କରୁନଥିବା ମାନବଶିଶୁ ମାଆର ସ୍ତନକୁ ମଧ୍ୟ ଦେଖିପାରୁ ନାହିଁ । ଏହି ଆଲୋଚନା ଅନୁସାରେ ସକଳ ଜୀବଜାତି ପାଇଁ ଆତ୍ମା କାର୍ଯ୍ୟ କରୁଥିବା ଭଳି ମାନବଠାରେ କାର୍ଯ୍ୟ କରୁନାହିଁ, ଆତ୍ମା ସମସ୍ତଙ୍କ ପାଇଁ ସମାନ ନୁହେଁ ବୋଲି ସନ୍ଦେହ ନରହି ଜାଣିହେଉଛି । ସମସ୍ତ ସ୍ଥାବର ଜୀବରାଶିଙ୍କୁ ନିଜର ଚୈତନ୍ୟ ଦ୍ୱାରା ଚଳପ୍ରଚଳ କରାଉଥିବା ଆତ୍ମା, ଚଳପ୍ରଚଳ ହୋଇପାରୁ ନଥିବା ଜଙ୍ଗମଜାତିର ବୃକ୍ଷଲତାର ଜୀବନ ବିଧାନକୁ ନିଜର ଅଧିନରେ ରଖିଛି । ଜନ୍ତୁମାନଙ୍କ ଅପେକ୍ଷା ବୁଦ୍ଧିରେ କମ୍ ହୋଇଥିବା ବୃକ୍ଷଲତା ଗୁଡିକ ଜନ୍ତୁମାନଙ୍କ ଅପେକ୍ଷା କର୍ମ ଅର୍ଜନ କମ୍ କରିଥା'ନ୍ତି, ଅଧିକ ଅନୁଭବ କରିଥା'ନ୍ତି । ଏକ ଆଘାତର ଅନୁଭୂତି ସବୁଠାରୁ ଅଧିକ ଥାଏ ମାନବର, ସେହି ଆଘାତ ଜନ୍ତୁମାନଙ୍କୁ କମ୍ ଅନୁଭୂତି ଦେଇଥାଏ, କିନ୍ତୁ ବୃକ୍ଷଠାରେ ସବୁଠାରୁ କମ୍ ହୋଇଥାଏ । ଏହି ବିଷୟଗୁଡିକୁ ପରିଶୀଳନ କରିବା ପରେ ଜୀବ ପାଇଁ ଆତ୍ମା ସମାନ ହେଲେ ମଧ୍ୟ, ଆତ୍ମା ପାଇଁ ଜୀବ ସମାନ ନୁହେଁ ବୋଲି ଜଣାଯାଉଛି ।

*****

# ଇନ୍ଦୁ

ଜ୍ୟୋତିଷଶାସ୍ତ୍ର ଅନୁସାରେ ଜ୍ଞାନର ଅଧିପତି ହେଉଛି ନବଗ୍ରହ ଭିତରେ ଥିବା ଚନ୍ଦ୍ର । ଭୂପୃଷ୍ଠରେ ମାନବର କର୍ମ ଅନୁସାରେ ସବୁକିଛିର ବନ୍ଦୋବସ୍ତ କରିଥା'ନ୍ତି ନବଗ୍ରହମାନେ । ମାନବଠାରେ ନୂଆ ଜ୍ଞାନ ଆସିବାରେ ଚନ୍ଦ୍ରର ଭୂମିକା କିଛି ନଥିଲେ ମଧ୍ୟ, ଗତ ଜନ୍ମରେ ଅର୍ଜନ କରିଥିବା ଜ୍ଞାନକୁ ଏ ଜନ୍ମରେ ଦେବା ଦାୟିତ୍ୱ ଚନ୍ଦ୍ରର । ମାନବକୁ ଜ୍ଞାନ ଯୋଗାଇଦେବା ଅଧିକାର କେବଳ ଚନ୍ଦ୍ରର ଥାଏ । ସେଥିଲାଗି ଜ୍ୟୋତିଷଶାସ୍ତ୍ରରେ ଜ୍ଞାନର ଅଧିପତି ହୋଇ ରହିଥାଏ ଚନ୍ଦ୍ର । ଚକ୍ଷୁଦୃଷ୍ଟିର, ଜଳର, ଆକାଶର

ଅଧିପତ୍ୟ ବହନକରି, ମାନବର କର୍ମ ଅନୁସାରେ ତାକୁ ସେଗୁଡିକ ଯୋଗାଇ ଦେବାରେ ଚନ୍ଦ୍ରର ନାଆଁ ନାହିଁ, କିନ୍ତୁ ଏକୈକ ଜ୍ଞାନର ଅଧିପତି ହୋଇ ରହିଥିବାରୁ ଚନ୍ଦ୍ରର ନାଆଁ ଇନ୍ଦୁ ହୋଇଛି । ଏହି ଅନୁସାରେ ଆକାଶରେ ଦେଖାଯାଉଥିବା ଚନ୍ଦ୍ର ହିଁ ଇନ୍ଦୁ ବୋଲି ଜାଣିବା ଉଚିତ୍ ।

ଯୋଗଶାସ୍ତ୍ର ଗୀତାରେ ଈଶ୍ୱର ବା ପରମାତ୍ମା ତାଙ୍କର ବିଶ୍ୱରୂପ ବାବଦରେ ଜଣାଇବା ବେଳେ, ତାହାକୁ ସୂର୍ଯ୍ୟତେଜ ସହିତ ତୁଳନା କରି କହିଛନ୍ତି । ସେହିଭଳି ପରମାତ୍ମାଙ୍କ ଜ୍ଞାନ ବାବଦରେ କହିବା ବେଳେ ଚନ୍ଦ୍ରତେଜ ସହିତ ତୁଳନା କରି କହିଛନ୍ତି । ଏହି ତୁଳନା ପଛରେ କାରଣ ରହିଛି । ସୂର୍ଯ୍ୟ ସ୍ୱୟଂ ପ୍ରକାଶିତ, ସେ ସ୍ୱୟଂ ଜଳୁଥିବା ଏକ ଅଗ୍ନିପିଣ୍ଡ । ଚନ୍ଦ୍ରର ସ୍ୱୟଂତେଜ ନଥାଏ । ସୂର୍ଯ୍ୟକିରଣ ଚନ୍ଦ୍ର ଉପରେ ପଡିବା ବେଳେ ହିଁ ସେ ତେଜଯୁକ୍ତ ହୋଇଥାଏ । ସୂର୍ଯ୍ୟକିରଣ ଚନ୍ଦ୍ର ଉପରେ ଯେତେ ଅଞ୍ଚଳ ନେଇ ପଡିଥାଏ ଚନ୍ଦ୍ରରେ ସେତେ ଅଞ୍ଚଳ ଆଲୋକିତ ହୋଇଥାଏ । ଏହି ଦୈବି ବନ୍ଦୋବସ୍ତ ଆମ ପାଇଁ  କୌଣସି ଅନ୍ୟ ଗ୍ରହର ନାହିଁ । ସୂର୍ଯ୍ୟ ସାମ୍ନାକୁ ଚନ୍ଦ୍ର ଯେତେ ଅଧିକ ଯାଏ, ସେତେ କିରଣ ଚନ୍ଦ୍ର ଉପରେ ପଡି ଚନ୍ଦ୍ର ଆଲୋକିତ ହୁଏ । ସୂର୍ଯ୍ୟ ଆଉ ଚନ୍ଦ୍ର ମଝିରେ ରହିଥାଏ ପୃଥିବୀ । ଚନ୍ଦ୍ର ପୃଥିବୀର ପଛରେ ରହିବାବେଳେ ସୂର୍ଯ୍ୟକିରଣ ଚନ୍ଦ୍ର ଉପରେ ପଡି ନଥାଏ, ତେଣୁ ପ୍ରକାଶିତ ହୋଇପାରେ ନାହିଁ । ଚନ୍ଦ୍ର ପୃଥିବୀର ଛାଇକୁ ଛାଡି କଡକୁ ଯେତେ ଆସିଥାଏ ସେତେ ପ୍ରକାଶିତ ହୋଇଥାଏ । ଏହା ସବୁ ମାସରେ ଅମାବାସ୍ୟା, ପୂର୍ଣ୍ଣିମାର ଆଗମନରୁ ଲକ୍ଷ୍ୟ କରିପାରୁଛେ । ସୂର୍ଯ୍ୟ ଦୈବସମ  ହୋଇଥିବା ସ୍ଥଳେ, ଜ୍ଞାନ ଜାଣୁଥିବା ମାନବ ଚନ୍ଦ୍ର ସହିତ ସମାନ । ସେହିଭଳି ପୃଥିବୀ ଦୈବ ଏବଂ ମାନବ ମଝିରେ ଥିବା ମାୟା ସହିତ ସମାନ ବୋଲି ଜାଣିପାରିବା ଭଳି, ପ୍ରତ୍ୟକ୍ଷତଃ ଅମାବାସ୍ୟା ଏବଂ ପୂର୍ଣ୍ଣିମାର ରୂପ ଦୁନିଆରେ ରହିଛି ।

ସୂର୍ଯ୍ୟ ସର୍ବଦା ପ୍ରକାଶିତ ହୋଇଥାଏ । ସେହିଭଳି ପରମାତ୍ମା ସବୁବେଳେ ରହିଥା'ନ୍ତି । ଚନ୍ଦ୍ର ମଝିରେ ଆଢୁଆଳ ହୋଇ ରହିଥିବା ପୃଥିବୀର ଛାଇକୁ ଛାଡି କଡକୁ ଯିବା କ୍ରମରେ ସୂର୍ଯ୍ୟକିରଣ ଦ୍ୱାରା ଆଲୋକିତ ହୋଇଥାଏ । ସେହିଭଳି ମାନବ ମାୟାକୁ ଛାଡି ଈଶ୍ୱରଙ୍କ ଉପରେ ଶ୍ରଦ୍ଧା ରଖିବା କ୍ରମରେ ସେହି ଶ୍ରଦ୍ଧା ହିଁ ତାର ଜ୍ଞାନଜାତ କରାଇଥାଏ । ପୃଥିବୀର ଛାଇକୁ ସମ୍ପୂର୍ଣ୍ଣ ଛାଡିଆସିଥିବା ଚନ୍ଦ୍ରବିମ୍ବ ସମ୍ପୂର୍ଣ୍ଣ ପ୍ରକାଶିତ ହୋଇ ପୂର୍ଣ୍ଣିମା ହୋଇଥାଏ । ସେହିଭଳି ଯିଏ ସମ୍ପୂର୍ଣ୍ଣ ମାୟା ପ୍ରଭାବକୁ ଛାଡି, ଈଶ୍ୱରଙ୍କ ଉପରେ ଶ୍ରଦ୍ଧା ବଢାଏ ସେ ସମ୍ପୂର୍ଣ୍ଣ ଜ୍ଞାନୀରେ ଗଣାହୁଏ । ଚନ୍ଦ୍ର ପୃଥିବୀର ଛାଇକୁ ଛାଡି ଯେତେ ଯାଇଥାଏ, ତାଠାରେ ସେତେ ଅନ୍ଧାର ହୋଇଥାଏ । ଚନ୍ଦ୍ର ପୃଥିବୀର ଛାଇକୁ ସମ୍ପୂର୍ଣ୍ଣ ଯିବାବେଳେ ଅମାବାସ୍ୟା ହୋଇଥାଏ । ଅମାବାସ୍ୟାରେ ଚନ୍ଦ୍ର ଥାଇ ମଧ ନଥିବା ଭଳି ହୋଇଥାଏ । ସମ୍ପୂର୍ଣ୍ଣ ମାୟା ପ୍ରଭାବରେ ମଣିଷ ଗୁଣ ଦିଗରେ ଯିବା କ୍ରମରେ ତାଠାରେ ଅଜ୍ଞାନ ଦେଖାଦେଇଥାଏ । ମାୟା ଦିଗରେ ଥିବା ମଣିଷ ସମ୍ପୂର୍ଣ୍ଣ ଅଜ୍ଞାନ ହୋଇ, ଥାଇ ନଥିବା ଭଳି ହୋଇଥାଏ । ପ୍ରତ୍ୟକ୍ଷ ଭାବରେ ଏହି ବିଷୟ ବୁଝିହେବା ଭଳି ପ୍ରଥମେ ଈଶ୍ୱର, ତାପରେ ଅଜ୍ଞାନ, ତାପରେ ଜ୍ଞାନର କ୍ରମ ରହିବା ଭଳି, ପ୍ରଥମେ ସୂର୍ଯ୍ୟ, ମଝିରେ ପୃଥିବୀ, ତାପରେ ଚନ୍ଦ୍ର ରହିଛନ୍ତି ।

ବିଷୟ ଏଭଳି ଜ୍ଞାନମୟ ହୋଇ ରହିଥିବାବେଳେ କେତେକ ବାହ୍ୟତଃ ସୂର୍ଯ୍ୟକୁ ପୂଜା କରିଥା'ନ୍ତି, ନିତ୍ୟପ୍ରଣାମ କରିଥା'ନ୍ତି । ସେହିଭଳି ବାହାରେ ଚନ୍ଦ୍ରର ଗୁଣଗାନ କରିଥା'ନ୍ତି, କିନ୍ତୁ ଜ୍ଞାନ ଗ୍ରହଣ କରନ୍ତି ନାହିଁ, ଈଶ୍ୱରଙ୍କ ଉପାସନା କରନ୍ତି ନାହିଁ । କେତେକ ଈଶ୍ୱରଙ୍କ ମୂଲ୍ୟକୁ ଜାଣି, ମାୟାବନ୍ଧନକୁ ଚିହ୍ନି, ଈଶ୍ୱରଙ୍କ ଉପରେ ଶ୍ରଦ୍ଧାବହି ଦୈବଜ୍ଞାନ ମଧ ପାଉଛନ୍ତି । ଏଭଳି ଲୋକ ଭୂମଣ୍ଡଳରେ ଯେଉଁଠି ଥାଆନ୍ତୁ ନା କାହିଁକି, ସେମାନଙ୍କୁ ଜ୍ଞାନୀ କହାଯାଏ । ଦୈବତ୍ୱକୁ ଯେଉଁମାନେ ଜାଣନ୍ତି ସେମାନେ ହେଉଛନ୍ତି ଜ୍ଞାନୀ । ଦୈବତ୍ୱ ବୋଲି କିଛି ଗୋଟିଏ ମାହାନ ଜିନିଷ ରହିଛି

ବୋଲି ଜାଣି, ଜ୍ଞାନ ଉପରେ ଶ୍ରଦ୍ଧା ଲଗାଇ ଯେଉଁମାନେ ତାହା ଜାଣିଥା'ନ୍ତି ସେମାନେ କେହି ହେଲେ ମଧ୍ୟ ଜ୍ଞାନୀ କୁହାଯାଇଥା'ନ୍ତି, ସେ ଆମେରିକାର ଖ୍ରୀଷ୍ଟିଆନ ହେଉ, ଗଲ୍ଫର ମୁସ୍ଲିମ୍ ହେଉ, ଚାଇନାର ବୌଦ୍ଧ ହେଉ କିମ୍ବା ଅନ୍ୟ କେହି ହେଉ ସମସ୍ତଙ୍କୁ ଜ୍ଞାନୀ ହିଁ କୁହାଯାଇଥାଏ ।

ଦୈବଜ୍ଞାନକୁ ବା ଐଶ୍ୱରୀୟ ଜ୍ଞାନକୁ ଯିଏ ପ୍ରାପ୍ତ ହୋଇଥାଏ ସେ ଜ୍ଞାନୀ, ତାକୁ ହିଁ ବ୍ରହ୍ମବିଦ୍ୟା ନିୟମରେ ଇନ୍ଦୁ କୁହାଯାଏ । ଦୈବଜ୍ଞାନକୁ ପାଇଥିବା କୌଣସି ବ୍ୟକ୍ତି ଆକାଶରେ ସୂର୍ଯ୍ୟକିରଣ ପାଉଥିବା ଚନ୍ଦ୍ର ସହିତ ସମାନ । ସେଥିଲାଗି ଚନ୍ଦ୍ରର ଅନ୍ୟ ନାମ ଇନ୍ଦୁ ଶବ୍ଦ ଜ୍ଞାନୀପାଇଁ ପ୍ରଯୁଜ୍ୟ ହୋଇଥାଏ । ଜ୍ଞାନୀ ପାଇଁ ଚନ୍ଦ୍ରର ନାମକୁ ମଧ୍ୟ ଗୀତାରେ ବ୍ୟବହାର କରିଛନ୍ତି । **"ତତ୍ର ଚନ୍ଦ୍ର ମସଂ ଜ୍ୟୋର୍ତିଯୋଗି ପ୍ରାପ୍ୟ ନିବର୍ତ୍ତତେ"** ବୋଲି ଗୀତାର ଅକ୍ଷରପରବ୍ରହ୍ମ ଯୋଗର ୨୫ତମ ଶ୍ଲୋକରେ କହିଛନ୍ତି । ଏହାର ଅର୍ଥ ହେଉଛି ପୂର୍ବଜନ୍ମର ଯୋଗୀ ଯଦି ମୋକ୍ଷ ପାଇ ନପାରିଲା ତେବେ ସେ ଚନ୍ଦ୍ରତେଜରେ ତେଜିଆନ ହୋଇ ପୁଣି ଜନ୍ମ ହୋଇଥାଏ । ଚନ୍ଦ୍ରତେଜ ଆକାଶରେ କିରଣ ରୂପରେ, ମଣିଷଠାରେ ଜ୍ଞାନ ରୂପରେ ରହିଥାଏ । ସେଥିଲାଗି ଦୈବଜ୍ଞାନ ଜଣାଥିବା ଲୋକକୁ ଇନ୍ଦୁ ନାମରେ କୁହାଯାଏ ।

ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ କ୍ରମରେ ଈଶ୍ୱର, ଜ୍ଞାନ ଏବଂ ମାୟାକୁ ବୁଝି ପାରିବା ଭଳି ତିଆରି କରିଥିବା ପରମାତ୍ମା ମାନବକୁ ଜ୍ଞାନୀ କରିବା ପାଇଁ ଆସିଥା'ନ୍ତି ବୋଲି ସୂଚନା ଦେଇଛନ୍ତି; ତଥାପି ମାନବ ତାହା ଜାଣି ନପାରିଲେ ମଧ୍ୟ, ଭୂପୃଷ୍ଠରେ କେତେକ ଦୈବସୂତ୍ରକୁ ଗ୍ରହଣ କରି ପାରିଛନ୍ତି । ଅନେକ ଦେଶ ଭାବରେ ରହିଥିବା ଏହି ଭୂଗୋଳରେ କେବଳ ଭାରତ ଦେଶର ଲୋକମାନେ ସେହି ଜ୍ଞାନସୂତ୍ରକୁ ଚିହ୍ନି, ଜ୍ଞାନ ଗ୍ରହଣ କରି ଅଧିକ ରହିଥିଲେ । ପୂର୍ବେ ଏକୈକ ଭାରତରେ ଥିବା ଲୋକମାନେ ଜ୍ଞାନ ପାଇଛନ୍ତି, ଦୈବତ୍ୱର କେନ୍ଦ୍ରବିନ୍ଦୁ ଭାରତ ବୋଲି ସମସ୍ତେ ଜାଣି ପାରିଥିଲେ । ଭାରତ ଜ୍ଞାନର ନୀଳୟ ହୋଇଥିବାରୁ, ଜ୍ଞାନର କେନ୍ଦ୍ର ହୋଇ

ରହିଥିବାରୁ, ଭାରତକୁ ଅନ୍ୟ ଦେଶର ଲୋକେ "ଇନ୍ଦୁଦେଶ" ନାମରେ କହୁଥିଲେ ।

ଯିଏ ଜ୍ଞାନ ଜାଣିଛି ସେ ଚନ୍ଦ୍ର ସମାନ ବା ଇନ୍ଦୁ ବୋଲି ବ୍ରହ୍ମବିଦ୍ୟାରେ ରହିଛି । ତେଣୁ ଜ୍ଞାନୀମାନଙ୍କ ଦେଶ ଭାରତ ଇନ୍ଦୁଦେଶ ଭାବରେ କଥିତ ହେଉଥିଲା । ଏହିଭଳି ପୂର୍ବେ ଏକୈକ ଭାରତ ଦେଶ ଥିଲା ଇନ୍ଦୁଦେଶ ।

'**ଇ**' ଅକ୍ଷରରୁ ଆରମ୍ଭ ହୋଇ ନାମିତ ହୋଇଥିବା ଇନ୍ଦୁଦେଶ ଆଜି '**ହି**' ରୁ ଆରମ୍ଭ ହୋଇ ହିନ୍ଦୁଦେଶ ହୋଇଯାଇଛି । ସେଦିନ ଜ୍ଞାନ ସମ୍ବନ୍ଧୀୟ ଆକାଶର ଚନ୍ଦ୍ର ନାମରେ କୁହାଯାଉଥିବା ଇନ୍ଦୁଦେଶ ଭୂପୃଷ୍ଠର ଏକ ନଦୀର ନାମରେ ଦିନେ ସିନ୍ଧୁଦେଶ ହୋଇ, ଆଜି ହିନ୍ଦୁଦେଶ ହୋଇଯାଇଛି ବୋଲି କହୁଛନ୍ତି । ହିନ୍ଦୁଦେଶ ବୋଲି ଏ ଦେଶ କିପରି ନାମିତ ହେଲା କେତେକ ପରିଶୀଳକମାନଙ୍କ ବୁଦ୍ଧିରେ ବୁଝାନପଡି, ଏହା ସିନ୍ଧୁନଦୀ ଅନୁସାରେ ହୋଇଥିବ ବୋଲି ଅନୁମାନ ଲଗାଉଥିବା ବେଳେ, ସିନ୍ଧୁନଦୀ ଅନୁସାରେ ହିନ୍ଦୁଦେଶ ହୋଇଛି ବୋଲି ସେମାନଙ୍କ କଥାକୁ ପ୍ରଜାମାନେ ବିଶ୍ୱାସକରି କହୁଛନ୍ତି । ଏତେ ଜ୍ଞାନ ଇତିହାସ ନେଇ ରହିଥିବା ଦେଶ ହୋଇଥିବାରୁ, ଜ୍ଞାନୀମାନେ ଋଷି, ମହର୍ଷି, ବ୍ରହ୍ମର୍ଷିମାନେ ଏହି ଦେଶରେ ରହିଥିବାରୁ, ଏହି ଦେଶ ଜ୍ଞାନର ନୀଳୟ ହୋଇଥିବାରୁ, ଏହି ଦେଶକୁ ପୂର୍ବେ ଇନ୍ଦୁଦେଶ କୁହାଯାଉଥିଲା ବୋଲି କେହି ଜାଣିପାରୁ ନାହାନ୍ତି । କାଳକ୍ରମେ ହିନ୍ଦୁ ଭାବରେ ଯେଉଁମାନେ ବଦଳିଯାଇ ଅଛନ୍ତି ସେମାନେ ବାସ୍ତବ ଜ୍ଞାନକୁ ଜାଣି ପୁନର୍ବାର ଇନ୍ଦୁ ହେବା ପାଇଁ ଅଭିଳଷିତ ହେବା ଉଚିତ୍ । ଏହା ହିନ୍ଦୁଦେଶ ନୁହେଁ ଇନ୍ଦୁଦେଶ ବୋଲି ପ୍ରମାଣିତ କରିବା ଉଚିତ୍ ଏବଂ ଆପଣମାନେ ଦିନେ ପ୍ରମାଣିତ କରିବେ ବୋଲି ଆଶା କରୁଛୁ । ସିନ୍ଧୁନଦୀ ପାକିସ୍ତାନରେ ଅଛି । ପାକିସ୍ତାନରେ ସିନ୍ଧୁରାଜ୍ୟ ବୋଲି ସିନ୍ଧୁନଦୀ ନାଆଁରେ ଏକ ରାଜ୍ୟ ରହିଛି । ପାକିସ୍ତାନରେ ଥିବା ସିନ୍ଧୁ ନାମକୁ ଆମେ ଆଣି ଆମ ଦେଶରେ କାହିଁକି ଲଗାଇବା ବୋଲି ବିଚାର କରିବା ଉଚିତ୍ । ଇଂରେଜମାନେ ଆମ

ଦେଶକୁ ଇଣ୍ଡିଆ କହିଥିଲେ ସିନା, ହିଣ୍ଡିଆ କହିନଥିଲେ । ତେଣୁ ଆମେ ଇନ୍ଦୁ ବୋଲି ଜାଣିବା ଉଚିତ୍ ।

*****

# ମତ ସାମ୍ୟତା

ସର୍ବସୃଷ୍ଟିର ଆଦିକର୍ତ୍ତା ଜଣେ ରହିଛନ୍ତି, ସେ ହିଁ ସମସ୍ତ ମତରେ (ଧର୍ମରେ) ଈଶ୍ୱର କୁହାଯାଉଛନ୍ତି । ସର୍ବସମ୍ମତ ଏକେଶ୍ୱର ସାରା ଦୁନିଆର ଅଧିପତି ହୋଇରହି ସର୍ବଜୀବରାଶିଙ୍କୁ ଶାସନ କରିଥା'ନ୍ତି । ରାତି ଦିନ ବଦଳିବା ଭଳି କରି, ଦିନ କାର୍ଯ୍ୟ କରିବା ପାଇଁ, ରାତିରେ ଶୋଇବା ପାଇଁ ନିୟମ ନିର୍ଣ୍ଣୟ କରିଛନ୍ତି, ତାଙ୍କ ମହାନତା ବଖାଣିବାକୁ ମଣିଷର ବୁଦ୍ଧି କମ୍ ହୋଇଯାଏ । ମାନବର ବୁଦ୍ଧିଠାରୁ ସେ ଅତୀତ ହୋଇଥିବାରୁ ତାଙ୍କ ବିଷୟରେ ଆମେ କହିପାରିବା ସମ୍ଭବ ନୁହେଁ । ତାଙ୍କ ବିଷୟ ଆମେ କିଛି କହୁଥିଲେ ବି ତାଙ୍କ ବାବଦରେ ଆମକୁ ଅନେକ କିଛି ଜଣାନାହିଁ । ତାଙ୍କ ମହାନତାରୁ **"ଏକାଂଶେନ ସ୍ଥିତଂ ଜଗତ୍"** ନାମକ ଗୀତାବାକ୍ୟ ଅନୁସାରେ ଈଶ୍ୱରଙ୍କ ଗୋଟିଏ ଅଂଶରେ ହିଁ ଏହି ସାରା ଦୁନିଆ କଳ୍ପିତ ହୋଇଛି । ଯେହେତୁ ଅନ୍ତହୀନ ଈଶ୍ୱରଙ୍କ ଗୋଟିଏ ଅଂଶ ଦ୍ୱାରା ଏ ସମସ୍ତ ତିଷ୍ଟି ରହିଛି, ସେହତୁ ସେ କେତେ ମହାନ ଆମକୁ ଜଣା ନାହିଁ । ମଣିଷର ବୁଦ୍ଧି ପର୍ଯ୍ୟାପ୍ତ ହୋଇଥିବାରୁ ତାଙ୍କୁ ଆଲୋଚନା କରିବା ଶକ୍ତି ମଧ ମଣିଷର ନାହିଁ ବୋଲି କହିପାରିବା । ମଣିଷ ସ୍ଥୁଳବିଷୟ ଉପରେ ଅନେକ ପରିଶୀଳନ କରି କିଛି ଉଦ୍ଭାବନ କରିପାରେ, ଅନେକ କ୍ଷେତ୍ରରେ ଉନ୍ନତି କରିପାରେ, କିନ୍ତୁ କୌଣସି ସୂକ୍ଷ୍ମ ଉପାୟରେ ମଧ ଈଶ୍ୱରଙ୍କୁ ଉଦ୍ଭାବନ କରିପାରିବ ନାହିଁ । ଈଶ୍ୱରଙ୍କ ଅସ୍ତିତ୍ୱ ଅଛି ବୋଲି କେବଳ ବିଶ୍ୱାସ କରାଯାଇ ପାରେ, କିନ୍ତୁ ତାଙ୍କୁ ଜାଣିପାରିବା କ୍ଷମତା ମଣିଷର ନାହିଁ । ଗୋଟିଏ ବାକ୍ୟରେ କହିବାକୁ ଗଲେ ରୂପ, ନାମ, କ୍ରିୟା ନଥିବା ଈଶ୍ୱରଙ୍କୁ ମଣିଷ କିମ୍ବା

କୌଣସି ଜୀବରାଶି ବଞ୍ଚିଥିବା ଅବସ୍ଥାରେ ଜାଣିପାରିବ ନାହିଁ । ଏଭଳି କିଛି ହୋଇନଥିବା ଈଶ୍ୱରଙ୍କୁ ମଣିଷ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଜାଣିବା ଅସମ୍ଭବ, ଏହା ହିଁ ତାଙ୍କର ଶାସନ (ନିୟମ) । ସମ୍ପୂର୍ଣ୍ଣ ସ୍ଥିତିରେ ଈଶ୍ୱର କିଏ ମଣିଷକୁ ଜଣାନଥିବା ବେଳେ ସେ ମୋର ଈଶ୍ୱର, ଇଏ ମୋର ଈଶ୍ୱର କହି ପ୍ରତ୍ୟେକ ମତର (ଧର୍ମର) ଲୋକମାନେ କହିବା, ଜଣକ ଉପରେ ଜଣେ ଦ୍ୱେଷ ପୂରିତ ଭାବରେ ରହିବା, ମତ ମତ ଭିତରେ ଘର୍ଷଣ ସୃଷ୍ଟି କରିବା କ'ଣ ବୁଦ୍ଧିହୀନ କାର୍ଯ୍ୟ ନୁହେଁ ?

ଈଶ୍ୱରଙ୍କ ମହାନତାରୁ ଯଦି କିଛି ଆମେ ଜାଣିବାକୁ ଇଚ୍ଛାକରିବା ତେବେ ସ୍ୱୟଂ ଈଶ୍ୱର ହିଁ ଆସି କହିଲେ ଜାଣିପାରିବା । ତେଣୁ ଈଶ୍ୱର ହିଁ ତାଙ୍କ ବିଷୟକୁ (ତାଙ୍କ ଜ୍ଞାନକୁ) ସ୍ୱତନ୍ତ୍ର କାଳରେ, ସ୍ୱତନ୍ତ୍ର ଦେଶରେ, ସ୍ୱତନ୍ତ୍ର ବ୍ୟକ୍ତିମାନଙ୍କୁ କହିଛନ୍ତି । ଏମିତି ସେ କେଉଁ କେଉଁ ଦେଶରେ, କେଉଁ କେଉଁ ସମୟରେ, କେଉଁ କେଉଁ ବ୍ୟକ୍ତିମାନଙ୍କୁ କହିଥିଲେ ତାହା ସବୁ ଆମକୁ ଜଣା ନାହିଁ । ଲକ୍ଷ ଲକ୍ଷ, କୋଟି କୋଟି ବର୍ଷ ପୂର୍ବେ କ'ଣ ହୋଇଥିଲା ଆମକୁ ଜଣା ନାହିଁ, କିନ୍ତୁ କେତେହଜାର ବର୍ଷ ପୂର୍ବରୁ ଈଶ୍ୱରଙ୍କ ପରମ, ପବିତ୍ର, ପରିଶୁଦ୍ଧ ବାକ୍ୟସବୁ କେଉଁଠାରେ, କେତେବେଳେ କାହାକୁ କୁହାଯାଇଛି ତାହା କିଛି ପରିମାଣରେ ବୁଝିହେଉଛି । ଏଇଭଳି ସନ୍ଦର୍ଭ କେତୋଟି ଆମକୁ ଜଣାପଡିଛି । ପାଞ୍ଚହଜାର ଦେଢସହ ବର୍ଷପୂର୍ବେ ଭାରତରେ ଥିବା ପଞ୍ଜାବର କୁରୁକ୍ଷେତ୍ର ନାମକ ଯୁଦ୍ଧଭୂମିରେ ଶ୍ରୀକୃଷ୍ଣଙ୍କ ଦ୍ୱାରା ବା ଐଶ୍ୱରୀୟ ଜ୍ଞାନ (ଦୈବଜ୍ଞାନ) କୁହାଯାଇଥିଲା ବୋଲି ଜଣାଯାଉଛି । ଦ୍ୱିତୀୟରେ ଦୁଇହଜାର ବର୍ଷ ପୂର୍ବେ ଇଜ୍ରାଏଲ୍ ଦେଶରେ ଯୀଶୁଙ୍କ ଦ୍ୱାରା ତାଙ୍କ ଶିଷ୍ୟମାନଙ୍କୁ କୁହାଯାଇଥିଲା ବୋଲି ଜଣାଯାଉଛି, ସେହିଭଳି ତୃତୀୟ ଥର ୧୪ଶହ ବର୍ଷ ପୂର୍ବେ ଆରବ ଦେଶର ମକ୍କାରେ ୧୩ବର୍ଷ ଏବଂ ମଦିନାରେ ୧୦ବର୍ଷ ହଜରତ୍ ମହମ୍ମଦଙ୍କ ଦ୍ୱାରା କୁହାଯାଇଥିଲା ବୋଲି ଜଣାଯାଉଛି । ଏହିଭଳି ତିନିଗୋଟି କାଳରେ, ତିନିଗୋଟି

ଦେଶରେ ତିନିଜଣ ବ୍ୟକ୍ତିଙ୍କ ଦ୍ୱାରା କୁହାଯାଇଥିବା ଜ୍ଞାନ ଗୋଟିଏ, ତାହା ହିଁ ଐଶ୍ୱରୀୟ ଜ୍ଞାନ । କହିଥିବା ପାତ୍ର ଜଣେ ଈଶ୍ୱର ହୋଇଥିବା ବେଳେ, କୁହାଯାଇଥିବା ସାରାଂଶ ମଧ୍ୟ ଗୋଟିଏ । ସେହି ଜ୍ଞାନରେ ସର୍ବସ୍ୱର ଅଧିପତି, ସର୍ବବ୍ୟାପୀ, ସର୍ବେଶ୍ୱର, ଆଦିମଧ୍ୟାନ୍ତରହିତ ଈଶ୍ୱରଙ୍କ ବାବଦରେ ଥିଲା ସିନା, ଅନ୍ୟ କିଛି ନଥିଲା । ଐଶ୍ୱରୀୟ ଜ୍ଞାନକୁ କେତେକ ଚିହ୍ନି ନପାରି ଯାହା ଜ୍ଞାନ ନୁହେଁ ତାହାକୁ ବିଶ୍ୱାସ କରିଥାଇ ପାରନ୍ତି । ସେଭଳି ବ୍ୟକ୍ତିମାନେ ପ୍ରତ୍ୟେକ ମତରେ (ଧର୍ମରେ) ଥିଲେ, ଏବେ ମଧ୍ୟ ଅଛନ୍ତି । ସେମାନଙ୍କୁ ଇନ୍ଦୁମତରେ ଅଜ୍ଞାନୀ, କ୍ରୈସ୍ତବମତରେ ଅବିଶ୍ୱାସୀ, ଇସ୍ଲାମମତରେ କୁଫ୍ର ବା କାଫିର୍ ବୋଲି କୁହାଯାଉଛି । ବିଭିନ୍ନ ପ୍ରଦେଶରେ, ବିଭିନ୍ନ ଭାଷାରେ, ବିଭିନ୍ନ କାଳରେ, ବିଭିନ୍ନ ବ୍ୟକ୍ତିମାନଙ୍କ ଦ୍ୱାରା ଐଶ୍ୱରୀୟ ଜ୍ଞାନ କୁହାଯିବା ଦ୍ୱାରା, ଯେଉଁମାନଙ୍କ ଦ୍ୱାରା କୁହାଯାଇଛି ସେମାନେ ମଧ୍ୟ ବିଭିନ୍ନ ଈଶ୍ୱର ହୋଇଥିବେ ବୋଲି ମଣିଷ ମୁଣ୍ଡରେ ଭାବିବା ଭଳି ମାୟା କୁଟଚକ୍ରାନ୍ତ କରିଥାଏ । ମାୟା ପ୍ରଭାବରେ ମଣିଷ ଐଶ୍ୱରୀୟ ବିଷୟରେ ତାରତମ୍ୟ ବଢାଇ, ବୁଝି ନପାରି ନିଜର ମତାମତ ନେଇ ଗୋଟିଏ ଗୋଟିଏ ନିୟମର ପରିଧି ସୃଷ୍ଟିକରି, ତାହାକୁ ମୋ ମତ (ଧର୍ମ) ବୋଲି କହୁଛି । ମାୟା ବା ସାତାନ୍ ପ୍ରଭାବ ଦ୍ୱାରା ମଣିଷ ଈଶ୍ୱରଙ୍କ ଏକତ୍ୱକୁ ମଧ୍ୟ ବିଭିନ୍ନତ୍ୱରେ ବଦଳାଇ ଆମ ଈଶ୍ୱର, ତୁମ ଈଶ୍ୱର କହିବା ସ୍ଥିତିକୁ ନେଇଯାଇଛି । ସର୍ବ ସୃଷ୍ଟିର ମୂଳ ହୋଇଥିବା ଈଶ୍ୱରଙ୍କୁ ଛାଡି, ଅଜ୍ଞାନ ଅନ୍ଧକାରରେ ରହି ନିଜର ଭାବନାରେ ଅନେକ ଈଶ୍ୱର ଅଛନ୍ତି ବୋଲି କହୁଛି ।

ଆଜିର ସମୟରେ ଯାହା ମତ ଯାହା ପାଇଁ ମହାନ ଦେଖାଯାଉଛି, ଯାହାର ଆରାଧ୍ୟ ଯାହାକୁ ମହାନ ଦେଖାଯାଉଛନ୍ତି । ହିନ୍ଦୁମାନେ, ଖ୍ରୀଷ୍ଟିଆନମାନେ, ମହମ୍ମଦୀୟମାନେ ଜଣେ ଜଣକୁ ନୀଚ ଭାବନା କରୁଛନ୍ତି, ଅନ୍ୟ ମତ ଅପେକ୍ଷା ଆମେ ମହାନ ବୋଲି କହୁଛନ୍ତି । ସର୍ବ ମାନବଜାତି ମୋଦ୍ୱାରା ସୃଷ୍ଟି ହୋଇଛନ୍ତି ବୋଲି ସବୁ ମତଗ୍ରନ୍ଥରେ

କୁହାଯାଇଥିଲେ ମଧ୍ୟ ସମସ୍ତେ ଦୈବବାଣୀକୁ ଭୁଲିଯାଇଛନ୍ତି । ଆମେ ସମସ୍ତେ ଈଶ୍ୱରଙ୍କ ସନ୍ତାନ, ଈଶ୍ୱର ହିଁ ଆମ ସମସ୍ତଙ୍କର ପିତା ବୋଲି କେହି ଭାବୁ ନାହାନ୍ତି । ଈଶ୍ୱରଙ୍କ ବ୍ୟତିରେକ ଭାବ ମାୟା ହିଁ ଆମ ଭିତରେ ପ୍ରବେଶ କରାଇଛି ବୋଲି କେହି ମଧ୍ୟ ଆଲୋଚନା କରୁନାହାନ୍ତି । ସମସ୍ତେ ଏଭଳି ରହିବା ଦ୍ୱାରା ନାନା ମତ ସୃଷ୍ଟିହୋଇ, ମତ ମତ ଭିତରେ ସମାନତା ନରହି ଈଶ୍ୱରଙ୍କ ଜ୍ଞାନକୁ କେହି ବୁଝିପାରି ନାହାନ୍ତି । ଶେଷରେ ନିଜ ନିଜ ମତ ଉପରେ ମଧ୍ୟ ବିଶ୍ୱାସ କରିପାରୁନଥିବା ଲୋକେ ତିଆରି ହେଲେଣି । ଆଜିର କାଳରେ ମୁଖ୍ୟ ହୋଇ ରହିଥିବା ତିନିଗୋଟି ମତ କିପରି ରହିଛି ସେଗୁଡିକ ବାବଦରେ ଥିବା ସଂକ୍ଷିପ୍ତ ବିବରଣୀ ଜାଣିବା ।

**ହିନ୍ଦୁମତ :-** ବାସ୍ତବରେ ଏହା ଦିନେ ଇନ୍ଦୁମତ ଥିଲା । କାଳକ୍ରମେ ହିନ୍ଦୁମତ ହୋଇଯାଇଛି । ଇନ୍ଦୁ କହିଲେ ଚନ୍ଦ୍ର, ଚନ୍ଦ୍ର ଜ୍ଞାନର ସଂକେତ, ଯାହାଠାରେ ଜ୍ଞାନ ଅଛି ସେ ଇନ୍ଦୁ ବୋଲି ପୂର୍ବଜମାନଙ୍କର ଭାବନା ଥିଲା । ଜାତିମତ ଭେଦରେ ଐଶ୍ୱରୀୟ ଜ୍ଞାନ ବା ଦୈବଜ୍ଞାନ ଜାଣିଥିବା ପ୍ରତି ବ୍ୟକ୍ତି ଜଣେ ଇନ୍ଦୁ ବୋଲି ସେମାନ ବୁଝୁଥିଲେ । ହଜାର ହଜାର ବର୍ଷ ପୂର୍ବେ ଶହରେ ନବେଜଣ ଦୈବଜ୍ଞାନ ଜାଣିଥିବା ଲୋକେ ଭାରତରେ ରହିଥିଲେ । ସେଥିଲାଗି ଜ୍ଞାନୀମାନଙ୍କର ଦେଶ ଭାବରେ ଅନ୍ୟଦେଶର ଲୋକେ ଭାରତକୁ ଇନ୍ଦୁଦେଶ ନାମରେ କହୁଥିଲେ । ଆଜି ଇନ୍ଦୁଦେଶ ହିନ୍ଦୁସ୍ତାନ୍ ହୋଇଯାଇଛି । ନାଆଁରେ ଖାଲି ନୁହେଁ, ଜ୍ଞାନରେ ମଧ୍ୟ ଦିଗହରା ହୋଇଯାଇଛି । ହଜାରକେ କେହି ଜଣେ ଜ୍ଞାନୀ ଅଛନ୍ତି ବୋଲି ମଧ୍ୟ ବିଶ୍ୱାସ ହେଉନାହିଁ । ହିନ୍ଦୁମାନଙ୍କର ମୁଖ୍ୟ ଗ୍ରନ୍ଥ ହୋଇଥିବା ଭଗବଦ୍ଗୀତାକୁ ଜାଣିନଥିବା ହିନ୍ଦୁମାନେ ଶହେରେ ଅନେଶତ ଜଣ ଅଛନ୍ତି କହିବା ଅତିଶୟୋକ୍ତି ନୁହେଁ । ଯୁବକ, ଯୁବତୀମାନେ ପାଠପଢିବା ଛଡା ଦୈବଜ୍ଞାନ କ'ଣ ଜାଣନ୍ତି ନାହିଁ । ବୟୋବୃଦ୍ଧମାନଙ୍କୁ କହିଲେ ଏବେ ଦୈବଜ୍ଞାନ ଜାଣିବାକୁ ଆମର ସମୟ ହେଇନି ବୋଲି ଶହେ ଦେଢଶହ ବର୍ଷ ବଞ୍ଚିବାରେ ଗ୍ୟାରେଣ୍ଟି ଦେବା ଭଳି କଥା କହୁଛନ୍ତି ।

ଅନେକ ସ୍ଥାନ ଜମାଇ ସ୍ୱାମୀଜୀମାନେ, ଗୁରୁମାନେ ଥିଲେ ମଧ୍ୟ ସେମାନେ ପେଟ ପୋଷିବା ପାଇଁ ଗପ, ପୁରାଣ କହି କାଳ କାଟୁଛନ୍ତି ସିନା, ଜ୍ଞାନ କ'ଣ ଜାଣନ୍ତି ନାହିଁ । ପ୍ରତ୍ୟେକ ସ୍ୱାମୀଜୀ ଅଲଗା ଅଲଗା କଥା କହୁଛନ୍ତି, ସେମାନଙ୍କ ଜ୍ଞାନ ଜାଣି କେଉଁ ମାର୍ଗରେ ଯିବାକୁ ହେବ, ଦୈବମାର୍ଗ କେଉଁଟି ବୋଲି ଜାଣିବା ଅସମ୍ଭବ ହୋଇଯାଉଛି । କେତେକ ରାମାୟଣ, ଭାଗବତ ପଢି ଏହାଠାରୁ ଜ୍ଞାନ ଆଉ କିଛି ନାହିଁ ବୋଲି ଭାବୁଛନ୍ତି । ଈଶ୍ୱର ଜଣାଇଥିବା ଜ୍ଞାନକୁ ଭୁଲି ରାମାୟଣ ଆଗରେ ଭଗବଦ୍ଗୀତା କି କାମରେ ଆସିବ ବୋଲି କହୁଥିବା ଲୋକେ ମଧ୍ୟ ଅଛନ୍ତି ।

ସର୍ବବ୍ୟାପୀ ସର୍ବେଶ୍ୱର ହୋଇଥିବା ପରମାତ୍ମା ସମସ୍ତଙ୍କର ପ୍ରଭୂ ହୋଇ ଏକେଶ୍ୱର ଉପାସନା ନାମରେ ପ୍ରତ୍ୟେକ ମତପାଇଁ ଆରାଧନାକୁ ଖଞ୍ଜିଥିବା ବେଳେ, ହିନ୍ଦୁମାନେ ଏକେଶ୍ୱର ଉପାସନା ଛାଡି ଇତର ଦେବତାମାନଙ୍କ ଉପାସନା କରୁଛନ୍ତି । ଭଗବଦ୍ଗୀତାରେ କୁହାଯାଇଥିବା ଏକେଶ୍ୱର ଉପାସନାକୁ ସମସ୍ତେ ଭୁଲିଯାଇଛନ୍ତି । ଭଗବଦ୍ଗୀତାରେ **"ଭକ୍ତିର୍ ବ୍ୟଭିଚାରିଣୀ"** କହିବା ଭଳି ନିଜର ଭକ୍ତିରେ ବ୍ୟଭିଚାର ସୃଷ୍ଟିକରି, ଜଣେ ବ୍ୟଭିଚାରିଣୀ ସ୍ତ୍ରୀ ତାର ପତିକୁ ଛାଡି ଅନ୍ୟମାନଙ୍କ ସହିତ ଦୈହିକ ସମ୍ପର୍କ ରଖୁଥିବା ଭଳି, ଜଗଭର୍ତ୍ତା ହୋଇଥିବା ପରମାତ୍ମାଙ୍କୁ ଛାଡି ନାନା ଦେବତାରାଧନା କରୁଛନ୍ତି । ପରମେଶ୍ୱର ପରମାତ୍ମା ହୋଇଥିବା ଜଗଭର୍ତ୍ତା ପୁରୁଷୋତ୍ତମଙ୍କୁ ଛାଡି, ଭଗବଦ୍ଗୀତାରେ କୁହାଯାଇଥିବା ତାଙ୍କ ବାଣୀକୁ ନମାନି, ନାନା କାମନା ପୁରଣ ନିମନ୍ତେ ନାନା ଦେବତାମାନଙ୍କୁ ସୃଷ୍ଟି କରିଦେଇଛନ୍ତି । ଏହିଭଳି ହିନ୍ଦୁମତରେ କୁହାଯାଇଥିବା ଜ୍ଞାନସାରାଂଶ ହିନ୍ଦୁମାନଙ୍କୁ ଅଜଣା ରହିଯାଇଥିବା ସ୍ଥଳେ, ପରମତରେ କୁହାଯାଇଥିବା ଜ୍ଞାନକୁ ବା କ'ଣ ବୁଝିବେ । ସେଥିଲାଗି ପରମତ ଉପରେ ଦ୍ୱେଷ ରଖିବା, ସେମାନଙ୍କ ପାଇଁ ହିଂସୁକ ହେବା ହିନ୍ଦୁମତରେ ମଧ୍ୟ ରହିଛି ବୋଲି କହି ପାରିବା । ଇନ୍ଦୁ ଗୁରୁ ଭାବରେ ଥିବା ଆମେ କହୁଥିବା ଜ୍ଞାନକୁ ମଧ୍ୟ ବୁଝି

ନପାରି ଏହା ପରମତ ପ୍ରଚାର ବୋଲି କହି ଆମ ଉପରେ ମଧ୍ୟ ଆକ୍ରମଣ କରିବାକୁ ପଛାଇ ନାହାନ୍ତି । ହିନ୍ଦୁମାନେ ଏବେ କେଉଁ ସ୍ଥିତିରେ ଅଛନ୍ତି ଆଉ ଅଧିକ କହିବା ଦରକାର ନାହିଁ ।

**ଖ୍ରୀଷ୍ଟମତ :-** ଭାରତରେ ଭଗବଦ୍ଗୀତା ଦ୍ୱାରା ଐଶ୍ୱରୀୟ ଜ୍ଞାନ କୁହାଯାଇଥିବା ଭଳି, ଇଜ୍ରାଏଲ୍ ଦେଶରେ ବାଇବେଲ ଦ୍ୱାରା ମଧ୍ୟ ଐଶ୍ୱରୀୟ ଜ୍ଞାନ କୁହାଯାଇଛି । ଏଠାରେ ଏକ ମୁଖ୍ୟ ବିଷୟ ଉପରେ ଧ୍ୟାନ ଦେବାକୁ ହୁଏ ଯେ, ଭଗବଦ୍ଗୀତା ଶ୍ରୀକୃଷ୍ଣଙ୍କ ଦ୍ୱାରା କୁହାଯାଇଥିବା ବେଳେ, ବାଇବେଲ ଯୀଶୁପ୍ରଭୁଙ୍କ ଦ୍ୱାରା କୁହାଯାଇଛି । ଏହି ଦୁଇଜଣ ଗୋଟିଏ ପ୍ରକାରର, ଇସ୍ଲାମ ମତପ୍ରବକ୍ତା ଅନ୍ୟ ଏକ ପ୍ରକାରର । କାରଣ ! ଦୂତ-ଜିବ୍ରାଇଲ୍ଙ୍କ ଦ୍ୱାରା ପ୍ରବକ୍ତା ହଜରତ୍ ମହମ୍ମଦ୍ ମହାଶୟଙ୍କୁ କୋରାନ କୁହାଯାଇଛି, କିନ୍ତୁ ଭଗବଦ୍ଗୀତା କିମ୍ବା ବାଇବେଲ୍ ସେଭଳି ଦେବଦୂତମାନଙ୍କ ଦ୍ୱାରା କୁହାଯାଇ ନାହିଁ । ଭଗବଦ୍ଗୀତାକୁ ଶ୍ରୀକୃଷ୍ଣଙ୍କ ଦ୍ୱାରା ପରମାତ୍ମା କୁହାଇଥିବା ସ୍ଥଳେ, ବାଇବେଲକୁ ଯୀଶୁପ୍ରଭୂଙ୍କ ଶରୀରରୁ କୁହାଇଥିଲେ । ଶ୍ରୀକୃଷ୍ଣ ପରମାତ୍ମା ବା ଇଶ୍ୱରଙ୍କ ବିଷୟରେ, ଯୀଶୁପ୍ରଭୂ ୟହୋବାଙ୍କ ବିଷରେ କହିବା ସହିତ ସେହି ଦୁଇ ନାଆଁକୁ ଈଶ୍ୱର ବା ପରମାତ୍ମା ଭାବରେ କହିଛନ୍ତି । ପରମାତ୍ମା କିମ୍ବା ୟହୋବା କହିଲେ ଗୋଟିଏ ଅର୍ଥ ବୁଝାଏ ବୋଲି ଜାଣିନଥିବା ଲୋକମାନଙ୍କୁ ପରମେଶ୍ୱର ସମସ୍ତଙ୍କର ପିତା ବୋଲି ଯୀଶୁ ବାଇବେଲରେ କହିଥିବା ସ୍ଥଳେ, ଗୀତାରେ ମୁଁ ସର୍ବ ଜୀବରାଶିର ପିତା ବୋଲି ଶ୍ରୀକୃଷ୍ଣ କହିଛନ୍ତି । ଶ୍ରୀକୃଷ୍ଣ, ଯୀଶୁ ଉଭୟ ଅଲଗା ଅଲଗା ପ୍ରବକ୍ତା ହୋଇଥିଲେ ମଧ୍ୟ ଜଣେ ଈଶ୍ୱରଙ୍କ ବାବଦରେ କହିଛନ୍ତି । ଯାହା ଯୀଶୁ କହିଥିଲେ ତାହା ହିଁ ଶ୍ରୀକୃଷ୍ଣ ଆଗରୁ କହିଥିଲେ ବୋଲି କ୍ରୈସ୍ତବମାନଙ୍କୁ ଅଜଣା ରହିଯିବା ଦ୍ୱାରା, ସାତାନକୁ ସୁବର୍ଣ୍ଣ ସୁଯୋଗ ମିଳିଯିବାରୁ କ୍ରୈସ୍ତବମାନଙ୍କ ଦ୍ୱାରା ପରଲୋକର ପିତା ପରମାତ୍ମାଙ୍କୁ ସେମାନେ ପରୋକ୍ଷ ଭାବରେ ନିନ୍ଦା କରିବା ଭଳି କରିଦେଇଛି । ସାତାନ୍ ପ୍ରଭାବ କାରଣରୁ ସେମାନେ ଆମ

ଈଶ୍ୱର, ତୁମ ଈଶ୍ୱର କହୁଛନ୍ତି । ସର୍ବସୃଷ୍ଟିର ମୂଳ ପରମେଶ୍ୱର ବୋଲି ସେମାନଙ୍କ ତୁଣ୍ଡରୁ ଶୁଣିବାକୁ ମିଳୁଥିଲେ ମଧ୍ୟ ସେମାନେ ତାଙ୍କୁ ଖଣ୍ଡ ଖଣ୍ଡ କରିଦେଇଛନ୍ତି, ସେମାନେ ବିଶ୍ୱାସର ସହିତ ୟହୋବାଙ୍କ ସ୍ତୁତି ଗୋଟିଏ ଦିଗରେ କରୁଥିବା ସ୍ଥଳେ, ଆଉଗୋଟିଏ ଦିଗରେ ନିନ୍ଦା କରୁଛନ୍ତି । ଜ୍ଞାନଦୃଷ୍ଟିରେ ଦେଖିଲେ ଶ୍ରୀକୃଷ୍ଣଙ୍କ ଶରୀରରୁ, ଯୀଶୁଙ୍କ ଶରୀରରୁ ଗୋଟିଏ ଈଶ୍ୱର ଗୋଟିଏ ଜ୍ଞାନ କହିଛନ୍ତି ବୋଲି ଜାଣିପାରିବେ । ଖ୍ରୀଷ୍ଟିୟମାନେ ଯଦି ଶ୍ରୀକୃଷ୍ଣଙ୍କୁ ବୁଝୁନାହାନ୍ତି, ତେବେ ଜଣେ ଆରାଧ୍ୟାକୁ ଆଗରୁ ପ୍ରଣାମକରି ପଛରୁ ଗୋଇଠା ମାରିବା ଭଳି ହେଉଛି । ବାସ୍ତବରେ ଶ୍ରୀକୃଷ୍ଣ ଆଉ ଯୀଶୁଙ୍କ ଭିତରେ ଆମେ କୌଣସି ଭିନ୍ନତାକୁ ଦେଖିପାରି ନାହୁଁ । ଆମକୁ ଶ୍ରୀକୃଷ୍ଣଙ୍କ ବାଣୀ ଯେତିକି ମୁଗ୍ଧ କରୁଛି, ଯୀଶୁଙ୍କ ବାଣୀ ମଧ୍ୟ ସେତିକି ସନ୍ତୋଷକର ଲାଗୁଛି । ଖ୍ରୀଷ୍ଟିୟମାନେ ଏ ଦୁଇଜଣ ଜଣେ ବୋଲି ଜାଣି ନପାରିବା ଛଡା, ଯୀଶୁ କହିଥିବା ବାଣୀକୁ ମଧ୍ୟ ବୁଝିପାରି ନାହାନ୍ତି । ଯୀଶୁ କହିଥିବା ବିଷୟକୁ ଆଚରଣରେ ନଆଣି, ସେମାନଙ୍କ ମତ ବିସ୍ତାର ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଥାଇ ଇହଲୋକ ସମ୍ବନ୍ଧୀୟ ସୁଖ ପାଇଁ ଯୀଶୁଙ୍କୁ ପ୍ରାର୍ଥନା କରିଥା'ନ୍ତି । ଏଭଳି ପରିସ୍ଥିତିରେ ଯଦି ସ୍ୱୟଂ ଯୀଶୁପ୍ରଭୁ ଆସି ସେମାନଙ୍କୁ ଜ୍ଞାନ କହନ୍ତି ତେବେ ଆଜିର କାଳରେ ଥିବା ଖ୍ରୀଷ୍ଟିଆନମାନେ "ଆସ୍ ତୋତେ ଆମେ ବାପ୍ତିଶ୍ମ (ଉପଦେଶ) ଦେଇପାରିବୁ" କହିବା ସ୍ଥିତିରେ ଅଛନ୍ତି । ଏକ ପ୍ରକାରର କହିଲେ ହିନ୍ଦୁମାନଙ୍କ ଅପେକ୍ଷା ଈଶ୍ୱରଙ୍କ ଉପରେ ଅଧିକ ବିଶ୍ୱାସ ଖ୍ରୀଷ୍ଟିଆନମାନଙ୍କର ଅଛି, ଅନ୍ୟ ମତାବଲମ୍ବୀ ମାନଙ୍କୁ ହିଂସା କରିବା ସେମାନଙ୍କଠାରେ ନାହିଁ ବୋଲି କହିପାରିବା ।

**ଇସ୍ଲାମ ମତ :-** ଇସ୍ଲାମମତ ହଜରତ୍ ମହମ୍ମଦ ପ୍ରବକ୍ତାଙ୍କ ଦ୍ୱାରା ୧୩ ବର୍ଷ ମକ୍କାରେ, ଦଶବର୍ଷ ମଦିନାରେ କୁହାଯାଇଥିଲା । ସୃଷ୍ଟିକର୍ତ୍ତା ପରମାତ୍ମା ଏଠାରେ ଏକ ଅଦ୍ଭୁତ କାର୍ଯ୍ୟ କରିଥିଲେ ବୋଲି କହିପାରିବା । ଇନ୍ଦୁ, କ୍ରୈସ୍ତବ(ଖ୍ରୀଷ୍ଟ) ମତରେ ଥିବା ପ୍ରବକ୍ତାମାନଙ୍କ ଶରୀରରୁ ସମୟ ସନ୍ଦର୍ଭ

ନେଇ ଜ୍ଞାନ କୁହାଇଥିବା ପରମାତ୍ମା ଇସ଼୍୍ଲାମ ମତରେ ସେଭଳି ନକରି ତାଙ୍କର ଜଣେ ସ୍ୱତନ୍ତ୍ର ଦୂତଦ୍ୱାରା ହଜରତ୍ ମହମ୍ମଦଙ୍କୁ ଜ୍ଞାନ ଜଣାଇଛନ୍ତି । ଜଣେ ସଚ୍ଚା ପୁରୁଷ ହୋଇଥିବା ନିରକ୍ଷର ମହମ୍ମଦ୍ ମହାଶୟଙ୍କୁ ନିଜର ସନ୍ଦେଶ ଜଣାଇବାକୁ ବାଛିଛନ୍ତି । ଅନ୍ୟ ଦୁଇ ମତର ପ୍ରବକ୍ତାମାନଙ୍କ ମଝିରେ ଦୂତ ନାହାନ୍ତି, କିନ୍ତୁ ଇସ୍ଲାମ ମତରେ ସ୍ୱତନ୍ତ୍ର ଭାବରେ ପ୍ରବକ୍ତାଙ୍କ ମଝିରେ ତାଙ୍କ ଦୂତକୁ ପ୍ରବେଶ କରାଇଛନ୍ତି । ଏହି ବିଷୟ ଜାଣିନଥିବାରୁ ମୁସ୍ଲିମ ମତର ଲୋକେ ଅନ୍ୟ ମତରେ ଜ୍ଞାନବୋଧ କରିଥିବା ସାକାରମାନଙ୍କୁ ଚିହ୍ନିପାରି ନାହାନ୍ତି । ସତକଥା କହିଲେ ଆଜି ହିନ୍ଦୁମତରେ ଈଶ୍ୱର ବିଶ୍ୱାସୀ ଯଦି ହଜାରକେ କେହି ଜଣେ ବାହାରନ୍ତି, ତେବେ ଇସ୍ଲାମ ମତରେ ଶହେରୁ ନବେଜଣ ଈଶ୍ୱର ବିଶ୍ୱାସୀ ଅଛନ୍ତି ବୋଲି ମାନିବାକୁ ହେବ । ଇସ୍ଲାମ ମତରେ ସେମାନେ ସେମାନଙ୍କ ଜ୍ଞାନକୁ ଚିହ୍ନି ନପାରିଥିଲେ ମଧ୍ୟ, ସେମାନଙ୍କ ମତର ସଂଘ ନିୟମକୁ କ୍ରମଶିକ୍ଷଣର ସହିତ ଆଚରଣରେ ଆଣି ଏକେଶ୍ୱର ଉପାସନା (ତୌହିଦ୍) କରୁଛନ୍ତି ।

ସେ ମତରେ ନିର୍ଣ୍ଣୀତ ହୋଇ ରହିଥିବା ନୀୟମାବଳୀ ଅନ୍ୟ ମତଗୁଡିକରେ ଦେଖାଯାଏ ନାହିଁ । **"ଲା ଇଲାହା ଇଲ୍ଲାଲ୍ଲାଃ"** (ଈଶ୍ୱର ଜଣେ) ନାମକ ସୂତ୍ର ସେମାନଙ୍କ ମତରେ ରହିଥିବାରୁ ମୁସ୍ଲିମମାନେ ସମସ୍ତେ ଗୋଟିଏ ମାର୍ଗରେ ଚାଲିପାରିଛନ୍ତି । ଜଣେ ଜ୍ଞାନୀକୁ ଇନ୍ଦୁ କୁହାଯିବା ଭଳି ଈଶ୍ୱରଙ୍କ ଆଜ୍ଞାକୁ ଶୀରୋଧାର୍ଯ୍ୟ କରୁଥିବା ଲୋକକୁ ମୁସ୍ଲିମ୍ କୁହାଯାଏ । ଈଶ୍ୱରବିଶ୍ୱାସୀ ହୋଇନଥିବା ଲୋକ ଇସ୍ଲାମ ମତରେ ଥିଲେ ମଧ୍ୟ ସେ ମୁସ୍ଲିମ୍ ନୁହେଁ ବୋଲି ସେମାନଙ୍କ ଧାରଣା ରହିଥାଏ । ଈଶ୍ୱର ଜଣେ (**ଲା ଇଲାହା ଇଲ୍ଲାଲ୍ଲାଃ**) ବୋଲି ବିଶ୍ୱାସ କରୁଥିବା କୌଣସି ବ୍ୟକ୍ତି କୌଣସି ମତରେ ରହିଲେ ମଧ୍ୟ ସେ ମୁସ୍ଲିମ୍ । ସେହିଭଳି ଦୈବଜ୍ଞାନ ଜାଣି ଈଶ୍ୱର ଜଣେ ବୋଲି ବିଶ୍ୱାସ କରୁଥିବା କୌଣସି ବ୍ୟକ୍ତି କୌଣସି ମତରେ ରହିଲେ ମଧ୍ୟ ସେ ଜଣେ ଇନ୍ଦୁ ବୋଲି କହିପାରିବା । ଇନ୍ଦୁ, ମୁସ୍ଲିମ୍ ନାମକ

ଦୁଇ ଶବ୍ଦ ଈଶ୍ୱରଙ୍କ ଉପରେ ବିଶ୍ୱାସ ଥିବା ଅନୁଯାୟୀ ରହିଆସିଛି ସିନା, ମତ ନିୟମ ଅନୁସାରେ ଆସି ନାହିଁ । ଇସ୍ଲାମ ଅନୁସାରେ ବାସ୍ତବ ତୌହୀଦ୍ ଜାଣିଥିବା କୌଣସି ବ୍ୟକ୍ତିକୁ ମୁସ୍ଲିମ୍ କୁହାଯାଏ । ସେହିଭଳି ଇସ୍ଲାମ ମତରେ ଈଶ୍ୱରଙ୍କ ଜ୍ଞାନ ଜାଣି ଈଶ୍ୱରଙ୍କୁ ବିଶ୍ୱାସ କରୁଥିବା ବିଶ୍ୱାସୀକୁ ଇନ୍ଦୁ ବୋଲି କହିପାରିବା । ଏମିତି କ୍ରୈସ୍ତବ ମତର କେତେକ ଉପରକୁ ଆମେ ପ୍ରକୃତ ଈଶ୍ୱର ବିଶ୍ୱାସୀ ବୋଲି କହିଥା'ନ୍ତି । ବିଶ୍ୱାସ ମୁଖ୍ୟ ହୋଇଥିବାରୁ ଏଭଳି ଇନ୍ଦୁ, ମୁସ୍‌ଲିମ୍, କ୍ରୈସ୍ତବ କହିଲେ ମଧ୍ୟ କିଛି ଯାଏଆସେ ନାହିଁ । ସେହିଭଳି ସେମାନେ ବିଶ୍ୱାସୀ ହୋଇଥିଲେ ସେମାନଙ୍କୁ ଇନ୍ଦୁ କହିପାରିବା । ଈଶ୍ୱରଙ୍କ ଉପରେ ଥିବା ବିଶ୍ୱାସକୁ ଜ୍ଞାନ ଅନୁସାରେ କହିବା ଉଚିତ୍ ।

ଆମର ଏହି ଅନୁଭବରେ ସମସ୍ତ ମତ ପାଇଁ ଗୋଟିଏ ସାରାଂଶ ରହିଛି ବୋଲି ଜଣାଯାଉଛି, ତାହା ବୁଝିନପାରିବା ବେଳେ ମଣିଷ ମଣିଷ ଭିତରେ ଭେଦଭାବ ସୃଷ୍ଟି ହେଉଛି ବୋଲି ଜଣାଯାଉଛି । ପ୍ରତ୍ୟେକ ମତରେ ସେହି ଜଣେ ଈଶ୍ୱର, ଗୋଟିଏ ମାୟା ରହିଛି । ଦୈବମାର୍ଗରୁ ମଣିଷକୁ ତଳକୁ ଖସାଇବା ପାଇଁ ମାୟା ବା ସାତାନ୍ ସବୁବେଳେ ଅପେକ୍ଷା କରି ରହିଛି । ସେଥିଲାଗି କେତେ ପବିତ୍ରତାର ସହିତ ରହିଥିବା ପ୍ରତ୍ୟେକ ମତରେ ମାୟା କାର୍ଯ୍ୟକରି, ବୈଷମ୍ୟ ବଢାଇ, ମଣିଷ ମଣିଷ ଭିତରେ ଦ୍ୱେଷ ବଢାଉଛି । ଈଶ୍ୱରଙ୍କ ଉପରେ ରହିବାକୁ ଥିବା ଦୃଷ୍ଟିକୁ ବଦଳାଇ, ମତବୃଦ୍ଧି କରିବା ଉଚିତ୍ ବୋଲି ଭ୍ରମିତ କରୁଛି । ଉଦାହରଣ ସ୍ୱରୂପ ଇସ୍ଲାମମତରେ ଈଶ୍ୱର ମଣିଷ କେତୋଟି ମୁଖ୍ୟବିଧିକୁ ଜୀବନର ଆଚରଣରେ ଆଣିବା ପାଇଁ ନିର୍ଣ୍ଣୟ କରିଛନ୍ତି । ସେଗୁଡିକ କ୍ରମାନ୍ୱୟରେ **୧) ନମାଜ୍ ୨) ରୋଜା ୩) ଜକାତ୍, ୪- ହଜ୍ ୫) ଜେହାଦ୍** । ପ୍ରଥମଟି ଈଶ୍ୱରଙ୍କ ଆରାଧନା ବା ପ୍ରାର୍ଥନା, ଦ୍ୱିତୀୟରେ ଉପବାସକୁ ରୋଜା, ତୃତୀୟରେ ନିଜର ଥିବା ଧନରୁ କିଛି ଈଶ୍ୱରଙ୍କ ମାର୍ଗରେ ଖର୍ଚ୍ଚ କରିବାକୁ ଜକାତ୍, ଚତୁର୍ଥରେ ପୁଣ୍ୟକ୍ଷେତ୍ର ଯାତ୍ରାକୁ ହଜ୍, ପଞ୍ଚମରେ ମତ ରକ୍ଷଣକୁ ଜେହାଦ୍ କୁହାଯାଉଛି । ଏହି

ନିୟମଗୁଡିକ ଭିତରୁ ସମସ୍ତେ ଆଚରଣରେ ଆଣିପାରୁଥିବା ନିୟମଗୁଡିକ ହେଉଛି ନମାଜ ଆଉ ରୋଜା, କିନ୍ତୁ ସମସ୍ତେ ଆଚରଣରେ ଆଣି ପାରୁ ନଥିବା ନିୟମ ହେଉଛି ଜକାତ୍, ହଜ୍ ଏବଂ ଜେହାଦ୍ । ଏହି ନିୟମଗୁଡିକ ଈଶ୍ୱରଙ୍କ ପବିତ୍ରତା ନେଇ ରହିଛି ବୋଲି କୁହାଯାଉଥିବା ବେଳେ,ଜେହାଦ ନିୟମ କେତେକଙ୍କ ଚେଷ୍ଟାରେ କଳୁଷିତ ହୋଇଯାଉଛି । ମତରକ୍ଷଣ କରିବାକୁ ଯଦି ଈଶ୍ୱର ସେଠାରେ ସୂଚିତ କରିଛନ୍ତି, ତେବେ ସେମାନେ ମତପାଇଁ କୌଣସି ବିପଦ ନଥିବା ବେଳେ, ମତ କ'ଣ ଜାଣିନଥିବା ସରଳ ଲୋକମାନଙ୍କ ଦ୍ୱାରା, କେତେକ ମୁଖ୍ୟ ଲୋକମାନେ ଆଚରଣ କରାଇବା ଦ୍ୱାରା ମାନବ ଜୀବନ ରକ୍ତଶିକ୍ତ ହୋଇଯାଉଛି । ମତପାଇଁ ବିପଦ ସୃଷ୍ଟି କରୁଥିବା ଲୋକମାନଙ୍କ ଉପରେ ବଳ ପ୍ରୟୋଗ କଲେ ଚଳିବ, କିନ୍ତୁ କୌଣସି କ୍ଷତି କରୁନଥିବା ସରଳ ପ୍ରଜାମାନଙ୍କୁ ମାରିଦେବା ପାଇଁ ଈଶ୍ୱର କହିନାହାନ୍ତି । ଏଭଳି ଆଚରଣ କରୁଥିବା ଲୋକମାନଙ୍କ ଅଜ୍ଞାନତାକୁ ଈଶ୍ୱର ସହନ୍ତି ନାହିଁ । ଦୈବବାଣୀକୁ ବୁଝିନପାରି କିଛି ଭୁଲ୍ କହିଦେଉଥିବା ଲୋକକୁ ପ୍ରକୃତ ଦୈବବାଣୀର ରହସ୍ୟ ବୁଝାଇ କହିବା ଉଚିତ୍, ସେମାନଙ୍କଠାରେ ଈଶ୍ୱରଙ୍କ ଉପରେ ବିଶ୍ୱାସ ଅଣାଇବା ଉଚିତ୍, କିନ୍ତୁ ଜୀବନରେ ମାରିଦେବା ଉଚିତ୍ ନୁହେଁ ବୋଲି ଦୈବସନ୍ଦେଶରେ ଲେଖାରହିଛି; ତଥାପି ସେକଥା ବୁଝିପାରୁ ନଥିବା ଲୋକମାନଙ୍କୁ ଈଶ୍ୱର ନିଶ୍ଚୟ ଦଣ୍ଡଦେବେ । ସମସ୍ତଙ୍କୁ ଦଣ୍ଡ ଦେବା ପାଇଁ ଈଶ୍ୱର ଥିବାବେଳେ ତାଙ୍କ ଉପରେ ତାହା ଛାଡି ନଦେଇ ଆମେ ନିଜକୁ କର୍ତ୍ତା ଭାବିବା ଉଚିତ୍ ନୁହେଁ ।

ବିଶ୍ୱସାରା ବ୍ୟାପିଥିବା ପ୍ରତି ଶରୀରର ମୂଳାଧାର ଶକ୍ତି ହିଁ ଈଶ୍ୱର ବୋଲି ଜାଣିପାରିଥିବା ଲୋକମାନେ, ସମସ୍ତଙ୍କ ଶରୀରରେ ଈଶ୍ୱର ରହିଛନ୍ତି ବୋଲି ଜାଣିପାରି, କୌଣସି ମତଘର୍ଷଣର କାରକ ହୁଅନ୍ତି ନାହିଁ । ମତଗୁଡିକ ଈଶ୍ୱରଙ୍କୁ ଚିହ୍ନିବା ମାର୍ଗ ହୋଇ ରହିଥାଏ, କିନ୍ତୁ ମତ ଈଶ୍ୱର ନୁହଁନ୍ତି, ମତାତୀତ ଭାବରେ ଯିଏ ଥାଆନ୍ତି ସେ ଈଶ୍ୱର ବୋଲି ଜାଣିଥିବା

ବ୍ୟକ୍ତି ପ୍ରକୃତ ଈଶ୍ୱରବିଶ୍ୱାସୀ ବା ପ୍ରକୃତ ଇନ୍ଦୁ, ତାକୁ ହିଁ ପ୍ରକୃତ ଏକେଶ୍ୱର ଉପାସନା କରୁଥିବା ମୁସ୍ଲିମ୍ କୁହାଯାଏ । ଏତେକଥା କହୁଥିବା ମୁଁ କେଉଁ ମତର ଜାଣନ୍ତି ? ଯଦି ଜାଣି ନାହାନ୍ତି ତେବେ ଜାଣିବାକୁ ଚେଷ୍ଟା କରନ୍ତୁ ।

*****

# ଯଜ୍ଞ କହିଲେ କଅଣ ?

କେତେକ ଯଜ୍ଞ କହିଲେ ଆରାଧନା (ଉପାସନା) ଭାବନ୍ତି, କେତେକ ଦେବତାମାନଙ୍କୁ ଦ୍ରବ୍ୟ ସମର୍ପଣ କରିବା ବିଧି ବୋଲି କହିଥା'ନ୍ତି । ତାଛଡା ଯଜ୍ଞକୁଣ୍ଡ ତିଆରିକରି, ସେଥିରେ ନିଆଁ ଜଳାଇ, ମନ୍ତ୍ରଯୁକ୍ତ ଭାବରେ କିଛି ବସ୍ତୁକୁ ନେଇ ନିଆଁରେ ପକାଇବା ବୋଲି କେତେକ କହିବା ଅଭ୍ୟାସରେ ରହିଥା'ନ୍ତି । ତାହା ଯାହାବି ହେଉ ଗୋଟିଏ ଜାଗାରେ ଛୋଟ ବର୍ଗାକାର ଗାତଟିଏ କରି, ସେଥିରେ ଅଗ୍ନି ଜଳାଇ, ମନ୍ତ୍ରପଢିବା ସହିତ ବସ୍ତୁଗୁଡିଏ ପକାଇ ସ୍ୱାହା କହିବା କାର୍ଯ୍ୟକୁ ଯଜ୍ଞ କହନ୍ତି ବୋଲି ଆଜି ସମସ୍ତଙ୍କ ଭାବରେ ରହିଛି । ଭଗବାନ ଭଗବଦ୍ଗୀତାରେ କହିଥିବା ଅନୁସାରେ ଆମେ କରୁଥିବା ଯଜ୍ଞସବୁ ଧର୍ମଯୁକ୍ତ କି ଅଧର୍ମ ତାହା ଜାଣିବା ଉଚିତ୍ । ଆମ୍ଭାକୁ ଜାଣିବା ନିମନ୍ତେ ସାଧନା କଲେ ହୋଇଯାଆନ୍ତା, ହେଲେ ଏତେପାଲା କାହିଁକି ବୋଲି କେତେକଙ୍କଠାରେ ନିଶ୍ଚୟ ସନ୍ଦେହ ଆସିଥାଏ । ସେମାନଙ୍କ ସନ୍ଦେହର ସମାଧାନ ହେଉଛି ! ଆମେ ଯଦି ଦୈବଧର୍ମ ନଜାଣିବା ତେବେ ଧର୍ମ ଉପରେ ଆଧାରିତ ହୋଇ ରହିଥିବା ଈଶ୍ୱର ବା ଦୈବ କେମିତି ଜଣାପଡିବେ ! ସେଥିଲାଗି ବିଶ୍ୱବ୍ୟାପୀ ହୋଇ ରହିଥିବା ଈଶ୍ୱର ଶରୀର ଧାରଣ କରି, ଆମମାନଙ୍କ ଭିତରେ ଆସି ତାଙ୍କ ଧର୍ମଗୁଡିକୁ ଜଣାଇଛନ୍ତି, ତାଙ୍କ ଧର୍ମଗୁଡିକ ବାବଦରେ ଜାଣି ସମ୍ପୂର୍ଣ୍ଣ ଜ୍ଞାନୀ ନହେବା ଯାଏଁ କେହି ତାଙ୍କୁ ଜାଣିପାରନ୍ତି ନାହିଁ, ସେ ହିଁ ସ୍ୱୟଂ କହିଛନ୍ତି **"ଶ୍ରେୟୋହି ଜ୍ଞାନ**

ମଭ୍ୟାସାତ୍" । ତେଣୁ ପ୍ରତ୍ୟେକ ବିଷୟକୁ ଧର୍ମସମ୍ମତ ଭାବରେ ଜାଣି, ଅଧର୍ମକୁ ଛାଡିପାରିଲେ ଇଶ୍ୱରଙ୍କୁ ଜାଣିପାରିବା ସୁଯୋଗ ମିଳିପାରେ, ନଚେତ ଅସମ୍ଭବ । ତେଣୁ ଯଜ୍ଞ ଆଚରଣ ଧର୍ମ କି ଅଧର୍ମ ବିଚାର କରି ଜାଣିବାକୁ ପଡିବ ।

ଧର୍ମର ବଳ ହେଉଛନ୍ତି ଏକୈକ ଈଶ୍ୱର, ଅଧର୍ମର ବଳ ହେଉଛି ସାରାଦୁନିଆ,ସେଥିଲାଗି ସମସ୍ତେ ଅଧର୍ମ ଉପରେ ପ୍ରାଧାନ୍ୟ ଦିଅନ୍ତି । ଧର୍ମରେ କଳଙ୍କ ଲାଗିବା ବେଳେ ଧର୍ମ ବଳହୀନ ହୋଇଯାଇଥାଏ, ସତେବେଳେ ଧର୍ମକୁ ବଳଦେବା ପାଇଁ ସେହି ଈଶ୍ୱର ହିଁ ଅବତାର ନେଇ ଆସିବାକୁ ପଡିଥାଏ । ଈଶ୍ୱର ଅବତାର ନେଇ ଧର୍ମଜ୍ଞାନ ବୋଧ କରିଥା'ନ୍ତି । ଅଧର୍ମ ମଣିଷ ଦ୍ୱାରା ବ୍ୟାପିଥାଏ । ଈଶ୍ୱର ଜଣେ ମଣିଷ ହୋଇ ଆସି ଧର୍ମବୋଧ କରିବାବେଳେ, କିଛିଲୋକ ଆମେ ଯାହା କହୁଛୁ ତାହା ବାସ୍ତବ ଧର୍ମ ବୋଲି କହି ଅଧର୍ମ ବୋଧକରି, ମଣିଷ ହୋଇ ଆସିଥିବା ଈଶ୍ୱରଙ୍କ ବାଣୀର ବ୍ୟତିରେକ ପ୍ରଚାର କରିଥା'ନ୍ତି । ଦୈବାଂଶଯୁକ୍ତ ଏକ ମଣିଷ ଦ୍ୱାରା କୁହାଯାଇଥିବା ଧର୍ମଗୁଡିକର ବ୍ୟତିରେକ ଭାବରେ ମାୟାବଳ ଥିବା ଅନେକ ମଣିଷଙ୍କ ଦ୍ୱାରା କୁହାଯାଉଥିବା ଅଧର୍ମ ଦ୍ୱାରା ଧର୍ମହାନୀ ଘଟିଥାଏ । ସେଥିଲାଗି ସ୍ୱୟଂ ଈଶ୍ୱର ବେଳେବେଳେ ତାଙ୍କ ଧର୍ମର ରକ୍ଷା କରିବାକୁ ଭୂପୃଷ୍ଠକୁ ଆସିଥା'ନ୍ତି ବୋଲି ଗୀତାରେ କୁହାଯାଇଛି ।

କୌଣସି ସାଧାରଣ ମାନବ ଧର୍ମ କିମ୍ବା ଅଧର୍ମର ପ୍ରଚାର କରି ପାରିବ ନାହିଁ, କିନ୍ତୁ ଏଠାରେ ଅଧର୍ମକୁ ଧର୍ମରେ ବଦଳାଉଥିବା ଈଶ୍ୱରବାଣୀର ବ୍ୟତିରେକ ବାଣୀ ପ୍ରଚାର କରିବାପାଇଁ କେବଳ ବୋଧ କରିପାରୁଥିବା କେତେକଙ୍କଠାରେ ସୁଯୋଗ ଥାଏ । ଲୋକେ ବୋଧକରୁଥିବା ଲୋକମାନଙ୍କ କଥା ଶୁଣନ୍ତି, ସେହି ଅନୁସାରେ ଚାଲନ୍ତି, ସେମାନଙ୍କ ସହିତ ଯୁକ୍ତିକରିବା ବଳ ଶୁଣୁଥିବା ଲୋକମାନଙ୍କ ପାଖରେ ନଥାଏ । ଏହିଭଳି ବାତାବରଣରେ ଅଧର୍ମ ସହଜରେ ବଢିଯାଇ ପ୍ରଜାମାନସରେ ରହିଯାଏ ।

ଏମିତି ଅନେକଙ୍କ ଦ୍ୱାରା କୁହାଯାଉଥିବା ଅଧର୍ମର ବିନାଶ କରିବା ପାଇଁ ଈଶ୍ୱର ଆସି ଯେତେବେଳେ ଅଧର୍ମକୁ ଖଣ୍ଡନ କରନ୍ତି, ସେତେବେଳେ ପ୍ରଜାମାନଙ୍କୁ ସେ ସାଧାରଣ ମଣିଷଟିଏ ବୋଲି ବୁଝାପଡନ୍ତି । ସମସ୍ତେ ଯାହା କହୁଛନ୍ତି ତାହା ମିଛ ହୋଇ ତୁ ଯାହା କହୁଛୁ ତାହା କେମିତି ସତହେବ ? ଯାହା ବଡମାନେ କହିଛନ୍ତି ତାହାକୁ ଅସ୍ୱୀକାର କରିପାରିବୁ ? ବୋଲି କେତେକ କହିଥା'ନ୍ତି, କିନ୍ତୁ ମଣିଷ ବେଶଧାରୀ ଈଶ୍ୱର କ'ଣ କହୁଛନ୍ତି ? ଏହା ପୂର୍ବରୁ ଆମେ କଅଣ ଶୁଣିଥିଲେ ? ବୋଲି ବିଚାର ନକରି ପ୍ରମାଣିତ ହୋଇ ରହିଥିବା ସତ୍ୟକୁ ପ୍ରତ୍ୟାଖ୍ୟାନ କରିଥା'ନ୍ତି । ତେଣୁ ପରମାତ୍ମା ଶ୍ରୀକୃଷ୍ଣ ହୋଇ ଜନ୍ମ ହେବାବେଳେ ତାଙ୍କ ଧର୍ମକୁ ଯଦି ପ୍ରଜାମାନଙ୍କୁ କହିବେ ତେବେ, ପୂର୍ବରୁ ଅନେକ ବିଜ୍ଞମାନେ କହିଥିବା କଥାକୁ ପ୍ରତ୍ୟାଖ୍ୟାନ କରି ତୁ ଯାହା କହୁଛୁ ତାହା କେତେ ସତ ? ବୋଲି ପଚାରିବେ, ତୁ ଯାହା କହୁଛୁ ତାହା କ'ଣ ଧର୍ମ ? ବୋଲି ପ୍ରଶ୍ନ କରିବେ, ତୋ ଆଗରୁ ଯେଉଁମାନେ ଆସିଥିଲେ କ'ଣ ସେମାନେ ଅଧର୍ମ କହିଥିଲେ ବୋଲି ପଚାରିବେ, କଠୋର ବ୍ରହ୍ମଚାରୀମାନେ, ମହର୍ଷିମାନେ ସାରା ଜୀବନକାଳ ଗୋଟିଏ ଆଚରଣରେ ରହି ଯାହାସବୁ କହିଥିଲେ କ'ଣ ତାହା ଅଧର୍ମ ଥିଲା ? ବୋଲି ପଚାରିବେ, ଅନେକ ସ୍ତ୍ରୀ ସାଙ୍ଗତ୍ୟ କରୁଥିବା ତୁ କି ଧର୍ମ କହିବୁ, ସବୁଥିରେ ମୁଣ୍ଡ ଖେଳାଉଥିବା ତୁ କି ଧର୍ମବାଣୀ ବୋଧକରିବୁ ? ବୋଲି ପ୍ରଶ୍ନ କରିବେ । ଏଭଳି ଅନେକ ପ୍ରଶ୍ନ ଆସିବ ବୋଲି ଜାଣିପାରିଥିବା ଶ୍ରୀକୃଷ୍ଣ ସୁଯୋଗ ମିଳିବା ବେଳେ କେବଳ ଅର୍ଜୁନଙ୍କୁ ଧର୍ମ ଜଣାଇଥିଲେ ସିନା, ସମସ୍ତଙ୍କୁ କହିନଥିଲେ । ଶାସନ, ସିଦ୍ଧାନ୍ତ, ପ୍ରମାଣ ରହିଥିବା ଶ୍ରୀକୃଷ୍ଣଙ୍କ ବାଣୀରେ ମଧ୍ୟ ଆଜି ବକ୍ରଭାଷ୍ୟ ପ୍ରବେଶ କରିଯାଇଛି । ଆଗରୁ ଜନ୍ମନେଇ ଦାଢିବଢାଇ କହିଥିବା ଲୋକମାନଙ୍କ କଥାକୁ ସ୍ୱୀକାର କରି ତାହାକୁ ବେଦ, ଉପନିଷଦ, ବ୍ରହ୍ମସୂତ୍ର କହି, ସେଥିରେ ଥିବା ବାକ୍ୟଗୁଡିକୁ ଧର୍ମ ବୋଲି ପ୍ରଚାର କରିଛନ୍ତି, ତେଣୁ ସେହି ପ୍ରଭାବରେ ଆଜି ସତ୍ୟାସତ୍ୟକୁ ବିଚାର

କରି ନପାରି ଭଗବଦ୍ଗୀତା ଭଳି ଖାଣ୍ଟିସୁନାକୁ ମଧ୍ୟ କଡକୁ ଠେଲିଦେବା ଭଳି କରିଛନ୍ତି । ପିପ୍ପଳାଦ ମହର୍ଷି କହିଥିବା ଗର୍ଭୋପନିଷଦର ବାକ୍ୟକୁ ଅନ୍ଧବତ୍ ବିଶ୍ୱାସକରି ଗୀତାରେ **"ବାସାଂସି ଜୀର୍ଣ୍ଣାନି ଯଥା.."** ନାମକ ଶ୍ଳୋକରେ ଭଗବାନ ଜଣାଇଥିବା ସତ୍ୟକୁ ଅର୍ଥରହିତ କରିଦେଇଛନ୍ତି । ଜୀବ କିପରି ଶରୀର ପାଏ ସେହି ବିଷୟ ଶ୍ଳୋକରେ ଥିବାବେଳେ, ଶ୍ଳୋକର ସତ୍ୟଭାବକୁ ସମାଧି ଦେଇଦେଇଛନ୍ତି । ସିଏ ଏମିତି କହିଛି, ଇଏ ଏମିତି କହିଛି ବୋଲି ପ୍ରଜାମାନେ ଉଦାହରଣ ଦିଅନ୍ତି ସିନା ବିଚାର କରନ୍ତି ନାହିଁ । କେତେକଙ୍କ ଭାବରେ ଶ୍ରୀକୃଷ୍ଣକୁ ଜଣେ ସାଧାରଣ ମଣିଷ ଭାବରେ ନେଇଥା'ନ୍ତି । ସାଧାରଣ ମଣିଷକୁ ସମ୍ମାନ ଦେଉଥିବା ଲୋକେ, ପ୍ରକୃତ ଈଶ୍ୱର ଭଗବାନ ହୋଇ ଆସିଥିବା ବେଳେ, ତାଙ୍କ କଥାକୁ ସଠିକ ବୁଝିନପାରି ହେଳିତ କଥାବାର୍ତ୍ତା କରିଥାନ୍ତି । ଏଇଭଳି ଲୋକମାନଙ୍କୁ ସମାଜରେ ଦେଖି ସତରେ ଆମେ ଖୁବ୍ ଦୁଃଖିତ । ଏବେ ଧର୍ମଯୁକ୍ତ ଭାବେ, ଶାସ୍ତ୍ରବଦ୍ଧ ଭାବେ ରହିଥିବା ଯଜ୍ଞ କଅଣ ସେ ବାବଦରେ ଜାଣିବା ।

ଯଜ୍ଞ କହିଲେ ସିଧା ଅର୍ଥରେ ପୋଡିବା ବୋଲି ବୁଝାଇଥାଏ । ଯଦି ଯଜ୍ଞ କେଉଁଠାରେ ହେଉଛି ତେବେ ସେଠାରେ ପ୍ରଥମେ ଅଗ୍ନି ଦରକାର । ଦ୍ୱିତୀୟରେ ଜାଳିବା ପାଇଁ କିଛି ବସ୍ତୁ ଦରକାର, ତୃତୀୟରେ ଜଳାଇବା ପାଇଁ ଜଣେ ମଣିଷ ଦରକାର । ଏହିଭଳି ୧) ଅଗ୍ନି ୨) ଯାହା ଜଳିଯିବ ୩) ଯିଏ ଜଳାଇବ । ଏହି ତିନୋଟି ବିଷୟ ଯଜ୍ଞରେ ନିହାତି ଆବଶ୍ୟକ ବୋଲି ସମସ୍ତେ ଜାଣନ୍ତି । ଯଜ୍ଞ ଯେଉଁଠାରେ ହେଲେମଧ୍ୟ ଯଜ୍ଞକୁଣ୍ଡରେ ଅଗ୍ନି ଥାଏ । ଅଗ୍ନିକୁଣ୍ଡରେ ପକାଇ ଜଳାଇବା ପାଇଁ କାଠ ଠାରୁ ଆରମ୍ଭ କରି ମହାନ ଔଷଧୀୟ ଜିନିଷ, ପଟ୍ଟବସ୍ତ୍ର, ସୁବର୍ଣ୍ଣ, ଘିଅ ଇତ୍ୟାଦି ଥାଏ । ପୁଣି ସେଗୁଡିକୁ ଯଜ୍ଞକୁଣ୍ଡରେ ପକାଇବା ପାଇଁ ଜଣେ ଋତ୍ୱିକ୍‌ର ଆବଶ୍ୟକ ହୋଇଥାଏ । ଏଭଳି ବାହାରେ ହେଉଥିବା ଯଜ୍ଞ ବାବଦରେ ଅଳ୍ପବହୁତେ ସମସ୍ତେ ଜାଣିଥିଲେ ମଧ୍ୟ ଯଜ୍ଞ ଧର୍ମ କି ଅଧର୍ମ ଆମେ ଜାଣିନାହେଁ, କିନ୍ତୁ

ଯୋଗଶାସ୍ତ୍ର ଭଗବଦ୍ଗୀତାରେ ଯାହା କୁହାଯାଇଛି ତାହା ଧର୍ମବନ୍ଧ । ଯୋଗଶାସ୍ତ୍ର ଭଗବଦ୍ଗୀତା ଅନୁସାରେ ଯଜ୍ଞକୁ ଦୁଇଭାଗରେ ବିଭକ୍ତ କରାଯାଇଛି । ୧) ଦ୍ରବ୍ୟଯଜ୍ଞ ୨) ଜ୍ଞାନଯଜ୍ଞ । ଦ୍ରବ୍ୟଯଜ୍ଞ ପ୍ରକୃତି ସମ୍ବନ୍ଧୀୟ, ପରମାତ୍ମାଙ୍କୁ ପାଇବା ପାଇଁ ଏହି ଯଜ୍ଞ କାମରେ ଆସେ ନାହିଁ । ପ୍ରକୃତିରୁ ଜନ୍ମ ହୋଇଥିବା ଦ୍ରବ୍ୟଗୁଡିକ ଏହି ଯଜ୍ଞରେ ବ୍ୟବହୃତ ହେଉଥିବାରୁ ଏହାକୁ ଦ୍ରବ୍ୟଯଜ୍ଞ ଭାବେ ନାମିତ କରାଯାଇଛି । ଏହି ଯଜ୍ଞ ଦ୍ରବ୍ୟଗୁଡିକୁ ଜଳାଉଥାଇ, ଜନ୍ମର କାରଣ ହୋଇଥିବା କର୍ମବୃଦ୍ଧି କରାଇଥାଏ, କିନ୍ତୁ ଜନ୍ମିତ ଜୀବରାଶିଙ୍କୁ ନିଶ୍ଚୟ ଦ୍ରବ୍ୟଯଜ୍ଞ କରିବାକୁ ପଡିଥାଏ । ଦ୍ରବ୍ୟଯଜ୍ଞ ଅପେକ୍ଷା ସବୁଦିଗରୁ ଉନ୍ନତ ହୋଇଥିବା ଯଜ୍ଞ ହେଉଛି ଜ୍ଞାନଯଜ୍ଞ । ଏହି ଯଜ୍ଞ ଆତ୍ମା ସମ୍ବନ୍ଧୀୟ । ଏହି ଯଜ୍ଞରେ ସମସ୍ତ କର୍ମ ଜଳିଯାଏ ଏବଂ ମୁକ୍ତିମିଳେ । ଏକଥା ଭଗବଦ୍ଗୀତାର ଜ୍ଞାନଯୋଗରେ ଥିବା ୩୩ତମ ଶ୍ଳୋକରେ..

**ଶ୍ଳୋକ:- ଶ୍ରେୟାନ୍ ଦ୍ରବ୍ୟମୟାଦ୍ ଯଜ୍ଞାତ୍ ଜ୍ଞାନଯଜ୍ଞଃ ପରନ୍ତପ ! ।**
**ସର୍ବଂ କର୍ମାଖିଳଂ ପାର୍ଥ ଜ୍ଞାନେ ପରିସମାପ୍ୟତେ ॥**

ବୋଲି କୁହାଯାଇଛି । ଶ୍ଳୋକର ଭାବାର୍ଥ ହେଉଛି "ଦ୍ରବ୍ୟଯଜ୍ଞ ଅପେକ୍ଷା ଜ୍ଞାନଯଜ୍ଞ ଶ୍ରେଷ୍ଠ । କାହିଁକିନା ! ସମସ୍ତ କର୍ମ ଜ୍ଞନାଗ୍ନିରେ ସମାପ୍ତ ହୋଇଥାଏ" । ଏହିଭଳି ଈଶ୍ୱର ଜଣାଇଥିବା ଜ୍ଞାନଯଜ୍ଞ କଅଣ ? କେଉଁଠାରେ ହୁଏ ? କିପରି ହୁଏ ? କିଏ କରେ ? ନିଶ୍ଚୟ ଜାଣିବା ଉଚିତ୍ । ଏହି ବିଷୟ ଜଣେ ଜାଣିଗଲେ ଆଜି ଯଜ୍ଞରେ ସେ କଦାପି ଠକାଇବ ନାହିଁ ।

ଭଗବଦ୍ଗୀତାର ଅକ୍ଷରପରବ୍ରହ୍ମ ଯୋଗରେ ଥିବା ୪ର୍ଥତମ ଶ୍ଳୋକରେ **"ଅଧିଯଜ୍ଞୋହମେବାତ୍ର ଦେହୀଦେହଭୃତାମ୍ବର"** ଅର୍ଥାତ୍ ସର୍ବ ଶରୀରରେ ହେଉଥିବା ଯଜ୍ଞର ଭୋକ୍ତା ମୁଁ ବୋଲି କୁହାଯାଇଛି । ଈଶ୍ୱରଙ୍କ କଥା ଅନୁସାରେ ଆମ ଶରୀରରେ ଦୁଇପ୍ରକାରର ଯଜ୍ଞ ହୋଇଥାଏ ବୋଲି ଜଣାଯାଉଛି । ତାହା କିପରି ହେଉଛି ଦେଖିଲେ, ଦ୍ରବ୍ୟଯଜ୍ଞ ପ୍ରତି ଜୀବ

ଶରୀରରେ ଥିବା ଜୀର୍ଣ୍ଣାଶୟର ଜଠରାଗ୍ନି ଦ୍ୱାରା ହେଉଛି । ଜୀର୍ଣ୍ଣାଶୟରେ ମିଶୁଥିବା ରସ କାରଣରୁ ଅଗ୍ନିପ୍ରଭାବ ସୃଷ୍ଟିହୋଇ ଆମେ ନିତ୍ୟ ଭାବରେ ଖାଉଥିବା ଆହାରପଦାର୍ଥ ଗୁଡିକୁ ଭସ୍ମିଭୂତ କରୁଛି । ଜୀର୍ଣ୍ଣାଶୟରେ କିଛି ଅଗ୍ନି ରହିଛି ବୋଲି କହିବା ପାଇଁ, ପ୍ରମାଣତଃ ପେଟ ଭିତରର ଉତ୍ତାପ ଆମ ମୁଖଦ୍ୱାରା ବାହାରକୁ ଆସୁଥିବା ବେଳେ ଅନୁଭବ କରିହେଉଛି । ମୁଖଦ୍ୱାରା ଆମେ ଭିତରକୁ ପଠାଉଥିବା ବିଭିନ୍ନ ପ୍ରକାରର ଆହାର ପଦାର୍ଥ ଯଜ୍ଞକୁଣ୍ଡ ହୋଇଥିବା ଜୀର୍ଣ୍ଣାଶୟରେ ପଡି ଜଳିଯାଇ ବଦଳୁଛି । ଏହି ଦ୍ରବ୍ୟଯଜ୍ଞ ଆମେ ଦିନକୁ ୩ କିମ୍ବା ୪ଥର ଆମ ଅଜାଣତରେ କରିଆସୁଛେ । ଏହି ଯଜ୍ଞରେ ଜଳୁଥିବା ଅଗ୍ନି ଆତ୍ମଚୈତନ୍ୟ ଦ୍ୱାରା ସ୍ରାବିତହୋଇ ମିଶୁଥିବା ରସ ଦ୍ୱାରା ସୃଷ୍ଟି ହୋଇଥାଏ । ତେଣୁ ଏହି ଅଗ୍ନିକୁ ଜଠରାଗ୍ନି କୁହାଯାଏ । ଯାହାସବୁ ଖାଉଛେ ତାହା ଅଗ୍ନିରେ ଆହୁତି ଦେଉଥିବା ଦ୍ରବ୍ୟରାଶି ବୋଲି ଜାଣିହେଉଛି । ଏହି ଦ୍ରବ୍ୟଯଜ୍ଞ ବାବଦରେ ଭଗବଦ୍ଗୀତାର ପୁରୁଷୋତ୍ତମ ପ୍ରାପ୍ତି ଯୋଗର ୧୪ତମ ଶ୍ଳୋକରେ **"ଅହଂ ବୈଶ୍ୱନରୋ ଭୂତ୍ୱା ପ୍ରାଣିନାଂ ଦେହ ମାଶ୍ରିତଃ । ପ୍ରାଣାପାନ ସମାଯୁକ୍ତଃ ପଚାମ୍ୟନ୍ନଂ ଚତୁର୍ବିଧମ୍ ॥"** ଅର୍ଥାତ୍ ସର୍ବପ୍ରାଣୀର ଦେହରେ ମୁଁ ଅଗ୍ନିସ୍ୱରୂପ ହୋଇ, ସେମାନେ ଖାଉଥିବା ଚାରିପ୍ରକାରର ଆହାରକୁ ଜୀର୍ଣ୍ଣ କରିଥାଏ ବୋଲି ଭଗବାନ କହିଛନ୍ତି ।

ଈଶ୍ୱର ଜଣାଇଥିବା ଏହି ଦ୍ରବ୍ୟଯଜ୍ଞକୁ ଆମେ ନିତ୍ୟ ଭାବରେ ଆମ ଅଜାଣତରେ କରିଆସୁଛେ କହିଲେ ଆଶ୍ଚର୍ଯ୍ୟ ଲାଗୁଛି ! ସତରେ ଆମ ମହର୍ଷିମାନେ କହିଥିବା ମିଠାକଥା ଗୁଡିକ ଈଶ୍ୱରଙ୍କ ବାଣୀର ବ୍ୟତୀରେକ ହୋଇ ଆମଠାରେ ମିଶିଯାଇଛି । ସେଥିଲାଗି ଗାତ ଖୋଳି ସେଥିରେ ଅଗ୍ନି ଲଗାଇ, କାଠ ପୋଡିବାକୁ ଆମେ ଯଜ୍ଞ ଭାବୁଛେ । ତେଣୁ ଆଶ୍ଚର୍ଯ୍ୟ ଲାଗୁଛି । ଦ୍ରବ୍ୟଯଜ୍ଞ ଆମ ଜୀବନରେ ନିତ୍ୟ ଭାବରେ, ନିୟମ ପ୍ରକାରରେ ନିହାତି କରିବାକୁ ପଡିଥାଏ । ଏଥିପାଇଁ ଦ୍ରବ୍ୟଗୁଡିଏ ଦରକାର ହୋଇଥାଏ, ତେଣୁ ମାନବ ଅନେକ ପ୍ରକାରର କାର୍ଯ୍ୟ କରିଥାଏ । କର୍ମ ଦ୍ୱାରା ପ୍ରେରିତ

ହେଉଥିବା କାର୍ଯ୍ୟସମୂହ ଦ୍ୱାରା ହିଁ ଯଜ୍ଞକାର୍ଯ୍ୟ ହୋଇପାରୁଛି । କର୍ମ ଦ୍ୱାରା ହେଉଥିବା କୌଣସି କାର୍ଯ୍ୟ ଦ୍ୱାରା ପୁନର୍ବାର ନୂତନ କର୍ମ ଆସିବା ସମ୍ଭବ ହୋଇଥାଏ । ଯଜ୍ଞ କରିବା ଦ୍ୱାରା ପୁଣି ନୂଆ କର୍ମ ଆସେ ବୋଲି ଶୁଣି ପୁଣି ଆଶ୍ଚର୍ଯ୍ୟ ହୋଇଯାଉଥିବେ । ଆଶ୍ଚର୍ଯ୍ୟ ହେବାରେ କିଛିନାହିଁ ! କର୍ମ ଅର୍ଜନ ହିଁ ହେଉଛି । ଏହା ନିରାଟ ସତ୍ୟ ହୋଇଥିଲେ ମଧ୍ୟ ଦ୍ରବ୍ୟଯଜ୍ଞ ଦ୍ୱାରା ସମ୍ଭବ ହେଉଥିବା କର୍ମକୁ କାଟିବା ପାଇଁ ଉପଯୁକ୍ତ ପଦ୍ଧତିକୁ ଅନୁସରଣ କରିବା ଦ୍ୱାରା କର୍ମବନ୍ଧନରୁ ମୁକୁଳିଯାଇ ପାରିବା । ପେଟପାଇଁ ନାନା ନାଟ କହିବା ଭଳି ଯଜ୍ଞ ପାଇଁ କରାଯାଉଥିବା କାର୍ଯ୍ୟଗୁଡିକରୁ ଆଖିକୁ ଦେଖାଯାଉନଥିବା କର୍ମ ଆମ କର୍ମଚକ୍ରରେ ପ୍ରବେଶ କରୁଛି । ଆମେ ସବୁଦିନ କରୁଥିବା ନାନା କାର୍ଯ୍ୟ ଭିତରେ କିଛି ଭଲକାର୍ଯ୍ୟ ରହିଥାଏ, କିଛି ଖରାପକାର୍ଯ୍ୟ ରହିଥାଏ । ଭଲ କାର୍ଯ୍ୟ କରିବା ଦ୍ୱାରା ପୁଣ୍ୟ, ଖରାପ କାର୍ଯ୍ୟ କରିବା ଦ୍ୱାରା ପାପ ଆମ କର୍ମଚକ୍ରରେ ପ୍ରବେଶ କରିଥାଏ । ଏହା ହିଁ ଦ୍ରବ୍ୟଯଜ୍ଞ ସାରାଂଶ । ଦ୍ରବ୍ୟଯଜ୍ଞ ଦ୍ୱାରା ସମ୍ଭବ ହେଉଥିବା କର୍ମକୁ ବିନାଶକରି, ଜନ୍ମରୁ ବହିର୍ଗତ ହେବାକୁ ହେଲେ ନିହାତି ଜ୍ଞାନଯଜ୍ଞ ନାମକ ଯଜ୍ଞ କରିବା ଉଚିତ୍ ।

ଜ୍ଞାନଯଜ୍ଞ ଶରୀରର ମୁଣ୍ଡରେ ହୋଇଥାଏ । ଏହି ଯଜ୍ଞରେ ମଧ୍ୟ ଅଗ୍ନି, ଜଳିଯାଉଥିବା ପଦାର୍ଥ, ଜଳାଉଥିବା ପାତ୍ର ରହିଥା'ନ୍ତି । ଏଥିରେ ଥିବା ଅଗ୍ନି ପାପପୁଣ୍ୟ ନାମକ କର୍ମକୁ ଜାଳିଦେଇଥାଏ । ଜ୍ଞାନ ନାମକ ଅଗ୍ନି (ଜ୍ଞାନଶକ୍ତି) କର୍ମକୁ ଜାଳିଥାଏ । ଏହି ଯଜ୍ଞ କରିଥାଏ ଜୀବ । ଜ୍ଞାନଯଜ୍ଞରେ ଦ୍ରବ୍ୟଯଜ୍ଞରେ ହୋଇଯାଇଥିବା କର୍ମ ବା ପାପପୁଣ୍ୟ ବିନାଶ ହୋଇଯାଇଥାଏ, ଗୀତାର ଜ୍ଞାନଯୋଗ ନାମକ ଅଧ୍ୟାୟରେ ଥିବା ୩୭ତମ ଶ୍ଲୋକରେ **"ଜ୍ଞାନାଗ୍ନି ସର୍ବକର୍ମାଣିଭସ୍ମସାତ୍ କୁରୁତେ ତଥା"** କହି, ଜ୍ଞାନ ନାମକ ଅଗ୍ନିରେ ସମସ୍ତ ପ୍ରକାରର କର୍ମ ଜଳିଯାଇଥାଏ ବୋଲି କହିଛନ୍ତି ।

ଆଜି ସମସ୍ତେ ଦ୍ରବ୍ୟଯଜ୍ଞ କରି କର୍ମବନ୍ଧନରେ ପଡୁଥିଲେ ମଧ୍ୟ ଜ୍ଞାନଯଜ୍ଞ କରି କେହି ବହିର୍ଗତହେବା ଦେଖିବାକୁ ମିଳୁନାହିଁ । ପ୍ରତ୍ୟେକ

ଶରୀରରେ ଜଠରାଗ୍ନି ଅଛି ସିନା, ମୁଣ୍ଡରେ କାହାର ଜ୍ଞାନାଗ୍ନି ନାହିଁ । ସେଥିଲାଗି କେହି ଜ୍ଞାନଯଜ୍ଞ କରିପାରୁ ନାହାନ୍ତି, ଅର୍ଜିତ କର୍ମକୁ ଜଳାଇପାରୁ ନାହାନ୍ତି । ଆମେ ପ୍ରବୋଧା ଗ୍ରନ୍ଥରେ **"ଯୋଗୀ କିଏ ?"** ନାମକ ବିଷୟ ଲେଖିବା ବେଳେ ସେଥିରେ ଯୋଗୀକୁ ଯୋଗଶକ୍ତି (ଜ୍ଞାନଶକ୍ତି) ଦ୍ୱାରା କର୍ମଗୁଡିକୁ ଭସ୍ମିଭୂତ କରିପାରୁଥିବା ପାତ୍ର ବୋଲି କହିଥିବା ବେଳେ, ସତରେ କ'ଣ ସେଭଳି ଲୋକ ଭୂପୃଷ୍ଠରେ ଅଛନ୍ତି ! ବୋଲି ଆଶ୍ଚର୍ଯ୍ୟ ହୋଇ ପ୍ରୋଦ୍ଦୁଟୁରୁ ନାମକ ଗ୍ରାମରୁ ଜଣେ ପ୍ରଶ୍ନ କରିଥିଲେ । ଈଶ୍ୱର ଜଣାଇଥିବା ମାର୍ଗରେ ଚାଲି ଜ୍ଞାନଯଜ୍ଞ କଲେ କର୍ମ ଜଳିଯିବ । ଈଶ୍ୱରବଚନ ଅସତ୍ୟ ନୁହେଁ, ସେ କହିଥିବା ଅନୁସାରେ ଜ୍ଞାନଯଜ୍ଞ କଲେ କୌଣସି ସମୟରେ ମଧ୍ୟ କର୍ମକୁ ଜାଳିଦେବା ଶକ୍ତି ମଣିଷଠାରେ ଆସିଥାଏ । କେବଳ ନିୟମ ନାଜାଣି ଆମେ ଜ୍ଞାନଯଜ୍ଞ କରିପାରୁ ନାହେଁ ସିନା, ଆମର ସାମର୍ଥ୍ୟ ନାହିଁ ବୋଲି ଭାବିବା ଉଚିତ୍ ନୁହେଁ । ସତ କହିଲେ ବାହ୍ୟଯଜ୍ଞ ଗୁଡିକରେ ଆମକୁ ନିମଗ୍ନ କରି, ଶରୀର ଭିତରେ ହେଉଥିବା ଅନ୍ତଃଯଜ୍ଞକୁ ନକରିବା ଭଳି ଶିଖାଇଥିବା ଆମ ପୂର୍ବଜମାନଙ୍କର ଭୁଲ୍ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଜ୍ଞାନଯଜ୍ଞ କରିବାକୁ ହେଲେ ପ୍ରଥମେ ଆମେ ଜ୍ଞାନାଗ୍ନି ନାମକ ଅଗ୍ନି ଯୋଗାଡ କରିବାକୁ ପଡିବ । ଅଗ୍ନି ବା ନିଆଁ ନଥିବା ଚୁଲୀରେ ନିଆଁ ଜଳାଇବାକୁ ହେଲେ ଆଉକାହା ଚୁଲୀରୁ ନିଆଁ ଆଣିବାକୁ ହୋଇଥାଏ । ସେହିଭଳି ଜ୍ଞାନଗ୍ନି ଗଚ୍ଛିତ ଥିବା ଯୋଗୀମାନଙ୍କ ପାଖରୁ କିଛି ଜ୍ଞାନାଗ୍ନି ଆଣି ଆମ ମୁଣ୍ଡ ନାମକ ଚୁଲୀ ଜଳାଇ, କର୍ମ ବନ୍ଧନରୁ ମୁକୁଳିବା ଉଚିତ୍ । ସେଥିପାଇଁ ଜ୍ଞାନାଗ୍ନି ଥିବା ଗୁରୁମାନଙ୍କ ପାଖକୁ ମଣିଷ ଯାଏ । କିଛିଲୋକ ଗୁରୁମାନଙ୍କ ପାଖକୁ ଯାଆନ୍ତି, କିନ୍ତୁ ଜ୍ଞାନାଗ୍ନି ଆଣିବା ପାଇଁ ଯାଆନ୍ତି ନାହିଁ, ସେମାନେ କୌଣସି ଜପମନ୍ତ୍ରକୁ ଉପଦେଶ ବା ଦୀକ୍ଷା ଭାବରେ ଆଣିବା ପାଇଁ ଯାଆନ୍ତି । ବାସ୍ତବରେ ଜ୍ଞାନାଗ୍ନି ଦାନ ହିଁ ଉପଦେଶ ବୋଲି ନଜାଣି ମନ୍ତ୍ର ଦାନକୁ ସେମାନେ ଗୁରୁଦୀକ୍ଷା କହିଥା'ନ୍ତି । ଉପରୋକ୍ତ

ସମାଚାର ଦ୍ୱାରା ଆପଣମାନେ ଜାଗ୍ରତ ହୋଇପାରିବେ, ଅଧର୍ମକୁ କରିପାରିବେ । ଧର୍ମର ଆଚରଣ କରନ୍ତୁ, ଅନ୍ଧ ଭାବରେ କାହାକଥା ବିଶ୍ୱାସ ନକରି ସତ୍ୟକୁ ଗବେଷଣା କରି ଜାଣନ୍ତୁ । କୌଣସି ବିଷୟରୁ ବିଚାର ଦ୍ୱାରା ଧର୍ମ ବାହାର କରନ୍ତୁ । ଏସବୁ ମୋର ଉପଦେଶ ନୁହେଁ, ଏହା ଯୋଗଶାସ୍ତ୍ର ଭଗବଦ୍ଗୀତାରେ କୁହାଯାଇଥିବା ଦୈବବାଣୀ ବୋଲି ଜାଣନ୍ତୁ ଏବଂ ଭୁଲି ନଯାଆନ୍ତୁ । ଦୈବବାଣୀରୁ ଆତ୍ମାର ମହାନତାକୁ ଖୋଜନ୍ତୁ ।

**ଯଜ୍ଞ : ଥିବା ଜିନିଷକୁ ଦେଖାନଯିବା ଭଳି ପୋଡିଦିଏ (ଶରୀର ଭିତରେ ହୋଇଥାଏ) - ଗୀତାର ଅକ୍ଷର ରବ୍ରହ୍ମ ଯୋଗର ୪ର୍ଥତମ ଶ୍ଳୋକ ।**

**ଦ୍ରବ୍ୟଯଜ୍ଞ : ଜଠରାଗ୍ନିରେ ଆହାରପଦାର୍ଥ ଗୁଡିକ ଜଳିଯିବା (ପେଟ ଭିତରେ)- ଗୀତାର ପୁରୁଷୋତ୍ତମ ପ୍ରାପ୍ତି ଯୋଗ, ୧୪ତମ ଶ୍ଳୋକ ।**

**ଜ୍ଞାନଯଜ୍ଞ : ଜ୍ଞାନାଗ୍ନିରେ କର୍ମଗୁଡିକ ଜଳିଯାଏ (ମୁଣ୍ଡରେ ହୋଇଥାଏ) - ଗୀତାର ଜ୍ଞାନଯୋଗରେ ଥିବା ୩୭ତମ ଶ୍ଳୋକ ।**

**କରିଥାଏ : ଜୀବାତ୍ମା ।**

**ଅଧିପତି : ଆତ୍ମା ।**

*****

# ଋଣ

ଋଣ କହିଲେ ବାକି । ଋଣ ଅନେକ ପ୍ରକାରର ରହିଥାଏ । ଅନେକ ପ୍ରକାରର ରହିଥିବା ଋଣଗୁଡିକୁ ଦୁଇଭାଗରେ ବିଭାଜନ କରିପାରିବା ।

ଗୋଟିଏ ଭୌତିକଋଣ, ଅନ୍ୟଟି ପରମାତ୍ମା ସମ୍ବନ୍ଧୀୟ ଋଣ ବା ଦୈବଋଣ । ଭୌତିକ ଋଣକୁ ପରିଶୀଳନ କଲେ, ଜଣେ ବ୍ୟକ୍ତି ଆଉଜଣେ ବ୍ୟକ୍ତିଠାରୁ ଏକ ଫଳ ପ୍ରାପ୍ତ ହୋଇ, ତାର ପ୍ରତିଫଳ ରୂପେ କିଛି ଦେବା । ଏହା ଦେଉଥିବା ବ୍ୟକ୍ତି ଏବଂ ନେଉଥିବା ବ୍ୟକ୍ତି ଭିତରେ ହୋଇଥିବା ସର୍ତ୍ତ ବା ଚୁକ୍ତି ରୂପେ ରହିଥାଏ । ଉଦାହରଣଟିଏ କହିଲେ, ଜଣେ ଆଉ ଜଣକୁ ବାଇଗଣ ଦେଲା ବୋଲି ଭାବିବା । ନେଉଥିବା ବ୍ୟକ୍ତି ବାଇଗଣର ପ୍ରତିଫଳ ଭାବରେ ୫ଟଙ୍କା ଦେବା ପାଇଁ ରାଜି ବା ଚୁକ୍ତିବଦ୍ଧ ହୋଇଥିବା ଉଚିତ୍ । ହୋଇଥିବା ଚୁକ୍ତି ଅନୁସାରେ ବାଇଗଣ ନେଉଥିବା ବ୍ୟକ୍ତି ସେତେବେଳେ ବାଇଗଣ ନେଇ ୫ଟଙ୍କା ଦେବାକୁ ପଡିବ । ୫ଟଙ୍କା ଦେଇଦେଲେ ତାର ବାକି ନାହିଁ, ନଦେଲେ ବାକି ରହିଲା । ଏହି ନିୟମ ଅନୁସାରେ ବସ୍ତୁ ରୂପରେ, ଧନ ରୂପରେ ଅନେକ ପ୍ରକାରର ବାକି ନେବା, ଦେବା, ସୁଝିବା ଇତ୍ୟାଦି ସମାଜରେ ଘଟିଥାଏ ।

ଭୌତିକଋଣ ଅନେକ ପ୍ରକାରରେ ଥିଲେ ମଧ୍ୟ, ପରମାତ୍ମା ସମ୍ବନ୍ଧୀୟ ଋଣ ଗୋଟିଏ ପ୍ରକାରର ଥାଏ । ତାହା ହେଉଛି ! ଜଣକଠାରୁ ଆଉଜଣେ ଜ୍ଞାନ ଜାଣିବା ଜ୍ଞାନଋଣ । ଜଣେ ଜଣକଠାରୁ ସର୍ବପ୍ରଥମେ କୁହାଯାଇଥିବା ବା ଯାହା ଆଗରୁ କେହି କହି ନଥିବା ଜ୍ଞାନବିଷୟକୁ ଜାଣିବା ଦ୍ୱାରା ମଣିଷ ଦୈବଋଣୀ ହୋଇଥାଏ । ଆଗରୁ କାହା ଦ୍ୱାରା କୁହାଯାଇଥିବା ବିଷୟ, ତାପରେ କିଏ କାହାକୁ ଜଣାଇବା ଦ୍ୱାରା ଜ୍ଞାନକୁ ଋଣଦେବା ଭଳି ହୋଇନଥାଏ, କି ନେବା ଭଳି ନହୋଇ ଦାନ ହୋଇଯାଏ । ଉଦାହରଣ ସ୍ୱରୂପ ଜଣେ ଗୁରୁ କାହାକୁ ଜଣାନଥିବା ରହସ୍ୟ ଜ୍ଞାନକୁ ପ୍ରଥମେ ଜଣାଇଲେ ବୋଲି ଭାବିବା, ସେହି ବିଷୟକୁ ଯେଉଁମାନେ ପ୍ରଥମେ ଜାଣନ୍ତି ସେମାନେ ସେ ଗୁରୁଙ୍କର ଋଣୀ ହୋଇଯିବେ । ତାପରେ ସେହି ଜ୍ଞାନ ଆଉ କିଏ କାହାକୁ କହିଲେ ମଧ୍ୟ ତାହା ଋଣଦେବା ଭଳି ହେବ ନାହିଁ । ଜଣକଠାରୁ ପ୍ରଥମେ ଜାଣିବା ଦ୍ୱାରା ଜଣେ ବାକିଦାର ହେବାବେଳେ, ତାପରେ ସେହି

ବିଷୟକୁ ଜଣକଠାରୁ ଜଣେ ଜାଣିଲେ, ତାହା ବାକି ବା ଋଣ କାହିଁକି ହେବ ନାହିଁ ? ବୋଲି କିଛିଲୋକ ପ୍ରଶ୍ନ କରିପାରନ୍ତି । ତାର ସମାଧାନ ହେଉଛି ! ପ୍ରଥମେ ଜଣକଠାରୁ ଜଣାପଡିଥିବା କୌଣସି ବିଷୟ, ତାପରେ ଅନ୍ୟ କେତେକଙ୍କ ଦ୍ୱାରା ଜଣାଇ ଦିଆଗଲେ ମଧ୍ୟ, ତାହା ଜ୍ଞାନଦାନ ହୋଇଥାଏ ସିନା, ଜ୍ଞାନଋଣ ହୋଇ ନଥାଏ । ସର୍ବପ୍ରଥମେ ଯିଏ ଜଣାଇଥିବ ସେ ଋଣ ଦାତା ହେବ, ଯିଏ ଜାଣିବ ସେ ଋଣଗ୍ରହୀତା ହେବ ।

ପରମାତ୍ମା ସର୍ବପ୍ରଥମେ ଜ୍ଞାନରହସ୍ୟ ସୂର୍ଯ୍ୟଙ୍କୁ ଜଣାଇଥିଲେ ବୋଲି ଭଗବଦ୍ଗୀତାର ଜ୍ଞାନଯୋଗରେ କହିଛନ୍ତି । ତାପରେ ସୂର୍ଯ୍ୟ ମନୁଙ୍କୁ, ମନୁ ଇକ୍ଷାକୁ ନାମକ ରାଜାଙ୍କୁ, ସେ ରାଜା ଅନ୍ୟମାନଙ୍କୁ ଜଣାଇବା ପରେ ଜ୍ଞାନକୁ ପରମ୍ପରା କ୍ରମେ ସମସ୍ତେ ଜାଣିଥିଲେ । ଏହିଭଳି ସେହି ଜ୍ଞାନକୁ ଅନେକ ବ୍ୟକ୍ତି ଜାଣିଥିଲେ ମଧ୍ୟ, ପ୍ରଥମେ ପରମାତ୍ମାଙ୍କ ପାଖରେ ଋଣୀ ହୋଇଥିଲେ ସୂର୍ଯ୍ୟ । ତାପରେ ସେହି ଜ୍ଞାନ ଜଣେ ଜଣକୁ ଦାନ କରିଛନ୍ତି । ଏହା ଦାନ ହୋଇଥିବା ସ୍ଥଳେ ଦାନର ପ୍ରତିଦାନ ମଧ୍ୟ ଆବଶ୍ୟକ । ଜଣେ ତୋତେ ଲେମ୍ବୁ ସରବତ ଦେଲାବେଳେ, ଯଦି ତୋପାଖରେ ଲେମ୍ବୁସରବତ ଦେବାକୁ ଶକ୍ତି ନାହିଁ ତେବେ ତାକୁ ଖାଲି ପାଣି ଗ୍ଲାସଟିଏ ଦେଇପାରିବୁ । ଜଣେ ଗୁରୁଙ୍କ ପାଖରୁ ଜ୍ଞାନଦାନ ପାଇଥିବା ବ୍ୟକ୍ତି ନିହାତି କିଛି ଦକ୍ଷିଣା ଦେବା ଉଚିତ୍ । ଏହି ନିୟମ ଅନୁସାରେ ପୂର୍ବେ ଜ୍ଞାନବୋଧ କରୁଥିବା ବୋଧକମାନେ ଶିଷ୍ୟଠାରୁ ଚାରି ପ୍ରକାରର ସେବାକୁ ଦକ୍ଷିଣା ଭାବରେ ନେଉଥିଲେ ।

ଜ୍ଞାନକୁ ଦାନ ଭାବରେ ଆଣିଥିବା ଲୋକେ ଯାହାଠାରୁ ଆଣୁଥିଲେ ତାକୁ ଗୁରୁ ଭାବନା କରୁଥିଲେ । ତଦ୍ଦ୍ୱାରା କହିଥିବା ପାତ୍ର ଗୁରୁ, ଶୁଣୁଥିବା ପାତ୍ର ଶିଷ୍ୟ ହେଉଥିଲେ ।  ଜ୍ଞାନମାର୍ଗକୁ ଦେଖାଉଥିବା ପାତ୍ର ଗୁରୁ, ସେହି ମାର୍ଗକୁ ଗୁରୁ ଦ୍ୱାରା ଜାଣିଥିବା ପାତ୍ର ଶିଷ୍ୟ ଭାବରେ ହିସାବ ହେଉଥିଲେ । ଏହିଭଳି ଗୁରୁଶିଷ୍ୟ ସମ୍ପର୍କ ଅନେକ କାଳରୁ  ରହିଆସିଛି, ଆଗରୁ କୁହାଯାଇଥିବା ଜ୍ଞାନକୁ କହି ସମସ୍ତେ ଗୁରୁ ହେଉଛନ୍ତି । ଏଭଳି ଜଣେ ଆଗରୁ

ଦେଖାଇ ଦିଆଯାଇଥିବା ମାର୍ଗକୁ ଜାଣିନଥିବା ଶିଷ୍ୟମାନଙ୍କୁ ଜଣାଇ ଜଣେ ଜଣେ ଏମିତି ଅନେକ ଗୁରୁ ତିଆରି ହୋଇଯାଉଥିବା ବେଳେ, ଯିଏ ସର୍ବ ପ୍ରଥମେ ଜ୍ଞାନମାର୍ଗକୁ ଦେଖାଇଥିଲା ସେ କଣ ହେବ?, ତାକୁ କଣ ଗୁରୁ କୁହାଯିବ ନାହିଁ? ଏହି ପ୍ରଶ୍ନର ଉତ୍ତରରେ କୁହାଯାଇପାରେ ଯେ, ଜଣାଇ ଦିଆଯାଇଥିବା ଜ୍ଞାନକୁ ଜାଣି କହୁଥିବା ପାତ୍ର ଜଣେ ବୋଧକ ହୋଇପାରେ, କିନ୍ତୁ ପ୍ରଥମେ ଯିଏ ଜଣାଇଥିଲା ସେ କେବଳ ଗୁରୁ ହେବ ।

ଜ୍ଞାନମାର୍ଗ କହି ଏଇ ହିଁ ପ୍ରକୃତ ଜ୍ଞାନମାର୍ଗ, ଏ ମାର୍ଗ ବ୍ୟତୀତ ଅନ୍ୟମାର୍ଗ ନାହିଁ ବୋଲି ଜଣାଇଥିବା ପାତ୍ର ଗୁରୁ । ସେ ଗୁରୁ କିଏ ବୋଲି ଖୋଜି ଦେଖିଲେ, ପ୍ରଥମେ କାହାକୁ ଜଣାନଥିବା ଜ୍ଞାନମାର୍ଗକୁ ଯିଏ ଜଣାଇଥା'ନ୍ତି ସେ ଆଉକେହି ନୁହନ୍ତି ସ୍ୱୟଂ ପରମାତ୍ମା । ଏକଥା ଗୀତାରେ ସ୍ପଷ୍ଟ ଭାବରେ କୁହାଯାଇଛି । କେଉଁଠି କାହା ଦ୍ୱାରା କୁହାଯାଇନଥିବା ଜ୍ଞାନ ପ୍ରଥମେ ପରମାତ୍ମାଙ୍କ ଦ୍ୱାରା କୁହାଯାଇଥାଏ । ଯଦି କୌଣସି ବ୍ୟକ୍ତି କେଉଁଠି ନଥିବା ନୂଆ ଜ୍ଞାନ ଜାଣୁଛି, ତାହା ସେ କାହାଠାରୁ ଦାନ ଆଣୁନାହିଁ ! କରଜ ବା ଋଣ ଆଣୁଛି । ତାହା ଦାନ ହୋଇଥିଲେ ଦକ୍ଷିଣା ଦେଇ ସୁଝିପାରନ୍ତେ । ଋଣ ହୋଇଥିଲେ ତା ସମାନ ଜିନିଷ କିଛି ଦେଇପାରନ୍ତେ, କିନ୍ତୁ ଗୁରୁ ବା ପରମାତ୍ମା ଜଣାଉଥିବା ଜ୍ଞାନର ସମାନ ଭୂପୃଷ୍ଠରେ କିଛି ମଧ୍ୟ ନାହିଁ । ତେଣୁ ସେ ଋଣ କେହି ମଧ୍ୟ ସୁଝିପାରନ୍ତି ନାହିଁ ।

ଭୌତିକ ଋଣ ହୋଇଥିଲେ ତା ସମାନ କିଛି ଦେଇପାରନ୍ତେ, କିନ୍ତୁ ପରମାତ୍ମାଙ୍କ ଜ୍ଞାନର ମୂଲ୍ୟ ସହିତ ଭୌତିକ ଦୁନିଆର କୌଣସି ଜିନିଷକୁ ମଧ୍ୟ ତୁଳନା କରିପାରିବା ନାହିଁ । ତେଣୁ ସେ ଋଣର ମୂଲ୍ୟ କହିପାରିବା ଅସମ୍ଭବ । ଗୋଟିଏ ନୂଆ ଜ୍ଞାନବିଷୟର ମୂଲ୍ୟ ଦେବା ସମ୍ଭବ ନୁହେଁ । ଟଙ୍କାରେ ହିସାବ କଲେ କୋଟି କୋଟି ଟଙ୍କା ସମାନ ହେବନାହିଁ । ବସ୍ତୁ ରୂପରେ ଦେଲେ ହୀରା, ମୋତି, ମାଣିକ୍ୟ ସମାନ ହେବନାହିଁ । କରଜ ତ ସୁଝିବା ଉଚିତ୍, ହେଲେ ଏତେବଡ କରଜ ଆମେ ସୁଝିପାରିବା ! ବୋଲି

ସନ୍ଦେହ ଆସେ । ସତରେ ଏକ ପ୍ରକାରର ବିଚାର କଲେ, ଆମେ କିଛ ବି କଲେ ମଧ୍ଯ ସେ ଋଣ କଦାପି ସୁଝିପାରିବା ନାହିଁ । ଆଉଗୋଟିଏ ଦିଗର ବିଚାରରେ କିଛି ଉପାୟ ମଧ୍ଯ ଅଛି । ତାହା କ'ଣନା ! ଜଣେ ଜଣକଠାରୁ ଦଶଲକ୍ଷ ଟଙ୍କା ଆଣି ଋଣୀ ହେଲା ବୋଲି ଭାବିବା । ଏବେ ଋଣୀ ପାଖରେ ମାତ୍ର ହଜାରେ ଟଙ୍କା ଅଛି । ସେତେବେଳେ ସେ ଦଶଲକ୍ଷ ଟଙ୍କା କିପରି ସୁଝିବ ! ସୁଝିପାରିବନି ବୋଲି ଯେ ! ସେ ଆଣିଥିବା ଋଣ ସୁଝିବ ନାହିଁ ବୋଲି କହିପାରିବା ନାହିଁ । ଯେହେତୁ ଆଣିଛି ପରିଶୋଧ ତ କରିବାକୁ ହେବ । ଯେତିକି ଅଛି ସେତିକିରେ ନ୍ୟାୟପୂର୍ବକ ଋଣ ସୁଝିବାକୁ ହେଲେ ମୋପାଖରେ ଏତିକି ଅଛି, ତୁ ମୋତେ ଜୀବନରେ ମାର୍ କି ରଖ୍ କିମ୍ୱା ମୋତେ ନେଇ ଯାହା କରିବା କଥା କର, ତୋ ଜମିରେ ଖଟା..ଆ କି ତୋଟା ଜଗୁଆଳି କର୍, ଏମିତି ତୁ ତୋର କୌଣସି ସେବାରେ ଲଗାଇଲେ ବି ମୋର କିଛି କରିବାରେ ନାହିଁ ବୋଲି କହି ଉପରକୁ ହାତ ଉଠାଇବାକୁ ପଡିବ, ସେ ତାର ହାତକୁ ଉଠାଇଦେବା ବେଳେ ତାର ଯାହା କରଜ ଅଛି ତାହା ଟଙ୍କାକର ପଇସା ଭାଗଟିଏ ହେଲେ ମଧ୍ଯ ପଇସାଟିଏ ସୁଝିବା ଭଳି ହେବ । ସେତେବେଳେ ଟଙ୍କାକ ସହିତ ପଇସାଟିଏ ସମାନ ହୋଇଯିବ । ଥିବା ଋଣ ସୁଝିଯିବା ଭଳି ହୋଇଯିବ । ଏହିଭଳି ପରମାତ୍ମାଙ୍କ ପାଖରେ ଜ୍ଞାନଋଣୀ ହୋଇଥିବା ବ୍ୟକ୍ତି ତାଙ୍କୁ କିଛି ଦେଇ ମଧ୍ଯ ଋଣ ସୁଝିପାରିବ ନାହିଁ ତେଣୁ ପାଖରେ ଥିବା ଜିନିଷକୁ ଦେଇ ମଧ୍ଯ ହାତ ଟେକିବାକୁ ପଡିବ । ଭୌତିକ ଜଗତକଥା ହେଲେ କୋର୍ଟରେ ନ୍ୟାୟ ହୁଏ ନିଶ୍ଚୟ ସୁଝିବାକୁ ପଡିବ, କିନ୍ତୁ ପରମାତ୍ମାଙ୍କ ନ୍ୟାୟ କିପରି ବୋଲି ବିଚାର କରିବା ଦରକାର ନାହିଁ । ଏଭଳି ପରମାତ୍ମାଙ୍କ ଦ୍ଵାରେ ଅନେକ ବିଚରିତ ହୋଇଛନ୍ତି । ତେଣୁ ସେମାନେ ଯାଇଥିବା ବାଟରେ ଯିବାକୁହେବ । ଏଠାରେ ନିଜର ଯାହା ଅଛି ସବୁ ତାଙ୍କୁ ଦେଇଦେବା ହିଁ ଉଚିତ୍ ନ୍ୟାୟ ହୋଇଥାଏ । ଯାହା ନିଜର ହୋଇ ଅଛି, ତାହା ମୋର ନୁହେଁ, ଯିଏ ଜ୍ଞାନ ଦେଇଛି ସବୁ ତାହାର ଭାବିବା ହିଁ

ନ୍ୟାୟ ହୋଇଥାଏ । ସେତେବେଳେ ତାହା କେତେବଡ ଋଣ ହୋଇଥିଲେ ମଧ୍ୟ ସୁଝିଦେବା ଭଳି ହେବ । ଏହା ହିଁ ଛୋଟ ଉପାୟରେ ବଡଋଣ ସୁଝିବା ହୋଇଥାଏ । ବାହାର ଋଣରେ ସମର୍ପଣ ମାର୍ଗ ହୋଇଥିବା ବେଳେ, ଭିତର ଋଣରେ ମୋର କିଛି ନାହିଁ, ମୁଁ ତୋ'ର, ମୋ ଉପରେ ତୋ'ର ସମ୍ପୂର୍ଣ୍ଣ ଅଧିକାର ଅଛି ଭାବିବା ଦ୍ୱାରା ଗୁରୁଋଣ ସୁଝାପଡିଯାଇଥାଏ ।

ଜଣାଥିବା ଜ୍ଞାନକୁ ଜଣାଉଥିବା ପାତ୍ର ଗୁରୁ ନୁହେଁ, ବୋଧକ । ବୋଧକମାନେ ଉପଦେଶ ଦେଇପାରନ୍ତି । ପ୍ରଥମେ ଜ୍ଞାନମାର୍ଗକୁ ଦେଖାଇଥିବା ପାତ୍ର ଗୁରୁ, କିନ୍ତୁ ସେ କାହାକୁ ଉପଦେଶ ଦିଅନ୍ତି ନାହିଁ । କୌଣସି ସନ୍ଦର୍ଭରେ ଯଦି ତାଙ୍କ ବାଣୀ ଉପଦେଶ ବୋଧହୁଏ ତେବେ ତାହା କେବଳ ବୋଧକମାନଙ୍କ ମାର୍ଗଦର୍ଶକତା ପାଇଁ ହୋଇଥାଏ । ବୋଧକମାନେ ଏଭଳି ଉପଦେଶ ଦେବା ଉଚିତ୍ ବୋଲି କହିଥା'ନ୍ତି ସିନା, ନିଜେ ଉପଦେଶ ଦେଇ ନଥା'ନ୍ତି । ବୋଧକମାନଙ୍କ ପାଇଁ ହଜାର ହଜାର, ଲକ୍ଷ ଲକ୍ଷ ଶିଷ୍ୟ ଉପୁଜିପାରନ୍ତି । ଗୀତାବୋଧ କରିଥିବା ଶ୍ରୀକୃଷ୍ଣଙ୍କର ଜଣେ ମଧ୍ୟ ଶିଷ୍ୟ ନଥିଲେ ବୋଲି ଗ୍ରହଣ କରିପାରିବା । ଶ୍ରୀକୃଷ୍ଣ ଜଣେ ବୋଧକ ନଥିଲେ, ନୂତନ ଜ୍ଞାନ କହିଥିବା ଗୁରୁ ଥିଲେ ।

ଜଣାଇ ଦିଆଯାଇଥିବା ଜ୍ଞାନମାର୍ଗକୁ ଜାଣି, ଜଣାଉଥିବା ବୋଧକମାନଙ୍କୁ ବୋଧଗୁରୁ କହିପାରିବା, କିନ୍ତୁ ଦୁନିଆରେ ସମସ୍ତଙ୍କ ପାଇଁ କାର୍ଯ୍ୟ କରୁଥିବା ନୂତନଜ୍ଞାନ ଜଣାଉଥିବା ପାତ୍ରକୁ କେବଳ ଗୁରୁ କିମ୍ବା ଜଗଦ୍ଗୁରୁ କୁହାଯାଏ । ଜଗତ ଦୃଷ୍ଟିରେ ଶାସନ ଭଳି ରହିଥିବା ଜ୍ଞାନମାର୍ଗକୁ ପ୍ରଥମେ ଦେଖାଇଥିବା ପାତ୍ର ଜଗଦ୍ଗୁରୁ ହେବା ସ୍ଥଳେ, ପରେ ସେହି ଜ୍ଞାନମାର୍ଗକୁ ଜଣାଉଥିବା ପାତ୍ର କେବଳ ବୋଧଗୁରୁ ବା ବୋଧକ ହୋଇଥାଏ । ପ୍ରଥମେ କୁହାଯାଇଥିବା ଜ୍ଞାନ ଅନୁସାରେ ଜଗତରେ ଗୁରୁ କିମ୍ବା ବୋଧକ ନିର୍ଣ୍ଣୟ କରାଯାଇଥାଏ । ଗୁରୁଙ୍କ ପାଖରେ ଜ୍ଞାନ ଜାଣିଲେ ଜଣେ ଜ୍ଞାନଋଣୀ ହୋଇଥାଏ । ବୋଧକମାନଙ୍କ ପାଖରୁ ଜ୍ଞାନଜାଣିବା

ସେମମାନଙ୍କଠାରୁ ଦାନଗ୍ରହଣ କରିବା ଭଳି ହୋଇଥାଏ । ପରମ୍ପରାଗତ ଭାବରେ ବୋଧକମାନଙ୍କ ପାଖରେ ଜ୍ଞାନ ପହଞ୍ଚିଥାଏ । ପ୍ରକୃତ ଗୁରୁଙ୍କ ଜ୍ଞାନ କେବଳ ତାଙ୍କରିଠାରୁ ବାହାରକୁ ଆସିଥାଏ ।

ବୋଧକମାନଙ୍କଠାରୁ ଜ୍ଞାନଗ୍ରହଣ କଲେ ଗ୍ରହଣର ପ୍ରତ୍ୟାର୍ପଣ ଭାବରେ ଦକ୍ଷିଣା ଦେବାକକୁ ପଡିଥାଏ । ଏଠାରେ ବୋଧକ ତାକୁ ଶିଷ୍ୟ କହିଥାଏ । ତେଣୁ ଶିଷ୍ୟ ଗୁରୁର ସେବା କରିପାରେ, କିନ୍ତୁ ଜଗଦ୍ଗୁରୁଙ୍କ ଜ୍ଞାନ ଜାଣିବା ପରେ ତା ବଦଳରେ ସେବା କିମ୍ବା, କିଛି ପରିଶୋଧ କରିବାକୁ ପଡିନଥାଏ । କାରଣ ! ଏଠାରେ ଶିଷ୍ୟ ହିଁ ନଥାଏ । ମୁଁ ଅଲଗା ବୋଲି ଭାବ ହିଁ ରହିବା ଉଚିତ୍ ନୁହେଁ । ମୁଁ ଅଛି କି ମୋର କିଛି ଅଛି ଭାବ ରହିବା ଉଚିତ୍ ନୁହେଁ । ତେଣୁ ଜଗଦ୍ଗୁରୁଙ୍କ ପାଖରେ ନିଜର ସର୍ବସ୍ୱକୁ ସମର୍ପଣ କରିଦିଆଯାଏ ସିନା, ତାଙ୍କର ସେବା କରିବା ଦରକାର ନାହିଁ । ଏଭଳି ମୁଁ ନଥିବା ଭାବରେ ରହିପାରିଲେ ଜ୍ଞାନଋଣ ପରିଶୋଧ କରିପାରିବା ।

*****

# ବ୍ରହ୍ମଚାରୀ

ବ୍ରହ୍ମ କହିଲେ ଯାହା ସର୍ବବୃହତ, ଆମଧ୍ୟାତ୍ମିକ ଅର୍ଥରେ ପରମାତ୍ମା ବୋଲି ସମସ୍ତେ ବୁଝନ୍ତି । ପରମାତ୍ମାଙ୍କ ଜ୍ଞାନ ଅନୁସାରେ ଯିଏ ଆଚରଣ କରିଥାଏ ସେ ବ୍ରହ୍ମଚାରୀ । ସେ ବ୍ରହ୍ମର ଆଚରଣ କରୁଥିବାରୁ ବ୍ରହ୍ମଚାରୀ ବୋଲି କୁହାଯାଏ । ଏହା ପୂର୍ବଜମାନେ କହିଥିବା କଥା, କିନ୍ତୁ ଆଜିର କାଳରେ ବ୍ରହ୍ମଚାରୀ କହିଲେ ଯିଏ ସଂସାର କରୁନାହିଁ ଅର୍ଥାତ୍ ବିବାହରୁ ବଞ୍ଚିତ ରହିବା ସହିତ କୌଣସି ସ୍ତ୍ରୀ ସାଙ୍ଗତ୍ୟ କରିନଥାଏ ବୋଲି ବୁଝୁଛନ୍ତି । ଏହା ଭୌତିକ ଅର୍ଥ ହୋଇପାରେ, କିନ୍ତୁ ଯିଏ ବିବାହ କରିନାହିଁ, ସ୍ତ୍ରୀ ସଙ୍ଗ କରେନାହିଁ ସେ ବ୍ରହ୍ମଚାରୀ ନୁହେଁ କହିବା ଉଚିତ୍ ନୁହେଁ । ବ୍ରହ୍ମବିଦ୍ୟାର

ଅର୍ଥ ଅନୁସାରେ ପୁରୁଷ କହିଲେ ପରମାତ୍ମା, ସ୍ତ୍ରୀ କହିଲେ ପ୍ରକୃତି । ପ୍ରକୃତି ସମ୍ବନ୍ଧୀୟ ବିଷୟ ଗୁଡିକରେ ସମ୍ବନ୍ଧୀତ ନହୋଇ ଯିଏ ସର୍ବଦା ପରମାତ୍ମା ବିଷୟ ଉପରେ ରହିଥାଏ ତାକୁ ବ୍ରହ୍ମଚାରୀ କୁହାଯାଏ । ପ୍ରକୃତି ନାମକ ସ୍ତ୍ରୀ ସାଙ୍ଗତ୍ୟ ରଖୁନଥିବା ପାତ୍ରକୁ ବଡମାନେ ବା ଜ୍ଞାନୀମାନେ ବ୍ରହ୍ମଚାରୀ ବୋଲି କହୁଥିଲେ । ଆଜି ଏହି ଅର୍ଥକୁ ସମସ୍ତେ ଭୁଲିଯାଇ ବାହ୍ୟ ଭୌତିକ ଅର୍ଥରେ ସ୍ତ୍ରୀଲୋକମାନଙ୍କ ସହିତ ସମ୍ପର୍କ ରଖୁନଥିବା ଲୋକ ବୋଲି ବୁଝିବା ଭୁଲ୍ । ସ୍ତ୍ରୀ ତତ୍ତ୍ୱ ହୋଇଥିବା ପ୍ରକୃତିର ସମ୍ବନ୍ଧହୀନ ଭାବରେ ବଞ୍ଚିବାକୁ ବ୍ରହ୍ମଚର୍ଯ୍ୟ ଜୀବନ କୁହାଯାଏ ବୋଲି ବୁଝିବା ଉଚିତ୍ ।

ବ୍ରହ୍ମଚର୍ଯ୍ୟ କହିଲେ ବ୍ରହ୍ମର ଆଚରଣରେ ଜୀବନ ବିତାଇବା । ଆଜିର ଅର୍ଥକୁ ନେଇ କିଛିବର୍ଷ ପୂର୍ବକୁ ଫେରିଲେ ସେତେବେଳେ ପରମାତ୍ମା ଜ୍ଞାନ ବା ଦୈବଜ୍ଞାନ ଜାଣିଥିବା ଲୋକମାନେ ସେମାନଙ୍କ ବୁଦ୍ଧିକୁ ଦୈବଚିନ୍ତନରେ ଲଗାଉଥିଲେ, ସେମାନଙ୍କ ବୁଦ୍ଧି ପ୍ରାବୀଣ୍ୟତା ପରମାତ୍ମା ବିଷୟ ଉପରେ ଥିଲା । ଭୌତିକ ବିଷୟ ଉପରେ ନଥିଲା । ଅନ୍ୟମାନଙ୍କ ଭଳି ସେମାନେ ଧନ ସଞ୍ଚୟରେ ଲାଗିପାରୁ ନଥିଲେ, ଅନେକ ସ୍ଥାନରେ ଅନ୍ୟମାନଙ୍କୁ ବିଶ୍ୱାସ କରି ଠକାମିରେ ପଡୁଥିଲେ । ଭୌତିକ ବୁଦ୍ଧି ପ୍ରାବୀଣ୍ୟତା ନଥିବାରୁ ଅନେକ ସ୍ଥାନରେ ଭୁଲ୍ କରୁଥିଲେ । ଏଭଳି ବ୍ରହ୍ମଚାରୀମାନେ ଅନ୍ୟମାନଙ୍କ ଅପେକ୍ଷା ବୁଦ୍ଧିହୀନ ଦେଖାଯାଉଥିଲେ । ଏଭଳି ଲୋକମାନଙ୍କୁ ବାହ୍ୟ ବିଷୟ କିଛି ଜଣାନାହିଁ ବୋଲି ଅନେକ ଲୋକ ବୁଝୁଥିଲେ । ମଦୁଆ ମଦପିଇ କିଛି ଜାଣି ପାରୁନଥିବା ବେଳେ ମଦୁଆଙ୍କ ସାଙ୍ଗେ କି କଥାବାର୍ତ୍ତା ହେବା କହିବା ଭଳି ସେତେବେଳେ ବ୍ରହ୍ମଚାରୀମାନଙ୍କୁ ଦେଖିଲେ ସେ ବ୍ରହ୍ମଚାରୀ ତା ସହିତ ଭୌତିକ ବିଷୟରେ କ'ଣ କଥାହେବା ବୋଲି କିଛିଲୋକ ଭାବୁଥିଲେ, କିନ୍ତୁ ବ୍ରହ୍ମଚାରୀ ଅସାଧାରଣ ବୋଲି ସେମାନେ ଜାଣି ପାରୁନଥିଲେ । ବ୍ରହ୍ମଚାରୀଙ୍କୁ କିଛି ଜଣା ନାହିଁ ବୋଲି ଭାବିବା ଭୁଲ୍ । କାରଣ ! ସେମାନେ ସବୁଜାଣି ମଧ୍ୟ ଭୌତିକ ଦୁନିଆରେ ନଜାଣିବା ଭଳି ଆଚରଣ କରିଥା'ନ୍ତି ।

ବ୍ରହ୍ମଚାରୀ ଶବ୍ଦ ଆଜି ମଧ୍ୟ ଶୁଣାଯାଏ, କିନ୍ତୁ ସେତେବେଳେ ବ୍ରହ୍ମଚାରୀ କହିଲେ କ'ଣ ବୋଲି ଲୋକେ ଜାଣିଥିଲେ, ହେଲେ ଆଜି ଅନ୍ୟ ଅର୍ଥରେ ବୁଝୁଛନ୍ତି ।

**ସୂଚନା:** (ତେଲୁଗୁ ଆଞ୍ଚଳିକ ଭାଷାରେ ଅତୀତରେ ଐଶ୍ୱରୀୟ ଜ୍ଞାନର ଆଚରଣ କରୁଥିବା ବ୍ୟକ୍ତି ଯଦି କିଛି ଭୁଲ୍ କରେ କିମ୍ବା କହେ, ଅଥବା କେଉଁଠି ଠକାମିରେ ପଡେ ସେତେବେଳେ ସେ ବ୍ୟକ୍ତିକୁ **"ସେ ଅବ୍ରାଚରରେ ପଡିଯାଇଛି, ତା କଥା କଣ କହିବା"** ନାମକ ରଢିଟିଏ କହୁଥିଲେ । ଏହି ଅବ୍ରାଚର କାଳକ୍ରମେ ବଦଳି ବୋବାଚର ହୋଇଯାଇଛି ଏବଂ ଭାବ ମଧ୍ୟ ବଦଳିଯାଇଛି । ଆଜି ବୁଦ୍ଧିହୀନମାନଙ୍କ ଉଦ୍ଦେଶ୍ୟରେ କୁହାଯାଉଛି । ପୂର୍ବକାଳର ଏହି ବୋବାଚର (ଅବ୍ରାଚର) ଆଜି ଭାବ ବଦଳି ରହିଥିଲେ ମଧ୍ୟ କେହି କେହି କଥାପ୍ରସଙ୍ଗରେ ବ୍ୟବହାର କରୁଥିବାରୁ ଆମ ପୂର୍ବରୀତି ଏବେ ମଧ୍ୟ ବଞ୍ଚି ରହିଛି । ଅବ୍ରାଚରୀ କହିଲେ ବ୍ରହ୍ମଚାରୀ ବୋଲି ଏହି ରଢିବାକ୍ୟଟି ପ୍ରମାଣ ଦେଉଛି । -ଅନୁବାଦକ )

*****

# ବାୟୁ - ଆୟୁ

ପଞ୍ଚଭୂତଗୁଡିକ ଭିତରୁ ଅନ୍ୟତମ ହୋଇଥିବା ଆକାଶକୁ ସ୍ପର୍ଶ କରିହୁଏ ନାହିଁ, ଦେଖିହୁଏ ନାହିଁ । ଏହା କିଛି ହୋଇନଥିବା ଶୁନ୍ୟ ହୋଇଥିବାରୁ ପ୍ରଥମ ସ୍ଥାନରେ ରହିଛି । ଦ୍ୱିତୀୟରେ ରହିଛି ବାୟୁ । ବାୟୁ ଆଖିକୁ ଦେଖାଯାଏ ନାହିଁ, କିନ୍ତୁ ସ୍ପର୍ଶ ଦ୍ୱାରା ଜାଣିହୁଏ । ତୃତୀୟରେ ରହିଛି ଅଗ୍ନି । ଅଗ୍ନିର ରଙ୍ଗ, ରୂପ ରହିଛି ବୋଲି ଗୋଟିଏ ଦୃଷ୍ଟିରୁ କହିପାରିବା । ଅଗ୍ନି ସ୍ପର୍ଶ ଦ୍ୱାରା, ଦୃଷ୍ଟି ଦ୍ୱାରା ଜଣାପଡିଥାଏ । ଚତୁର୍ଥ ସ୍ଥାନରେ ରହିଛି ଜଳ । ଜଳ ଦୃଷ୍ଟି, ସ୍ପର୍ଶ ଏବଂ ସ୍ୱାଦ ଦ୍ୱାରା ଜାଣିହୁଏ । ପଞ୍ଚମରେ

ଥିବା ଭୂମି ଦୃଷ୍ଟି, ସ୍ପର୍ଶ, ସ୍ୱାଦ ଦ୍ୱାରା ଜଣାପଡିବା ସହିତ ବାସନାଯୁକ୍ତ ବା ଗନ୍ଧଯୁକ୍ତ ହୋଇ ରହିଥାଏ । ଏହିଭଳି ପଞ୍ଚଭୂତ ସହିତ ମଣିଷର ରହିଥିବା ସମ୍ପର୍କ ଅନୁସାରେ ସେଗୁଡିକର କ୍ରମ ନିର୍ଣ୍ଣୟ ହୋଇଛି ।

ମାନବ ଶରୀରରେ ପଞ୍ଚଭୂତର ଏହି ପାଞ୍ଚଗୋଟି ଭାଗ ମିଶିରହିଛି । ଏଗୁଡିକ ଶରୀରରେ ରହି ପ୍ରତ୍ୟେକ ଏକ ଏକ ବିଶେଷତା ବହନକରି ନିଜ ନିଜର କାର୍ଯ୍ୟ କରିଥା'ନ୍ତି । ଏଗୁଡିକ ଶରୀର ଆରୋଗ୍ୟ, ଅନାରୋଗ୍ୟର କାରଣ ହୋଇ ମାନବ ଜୀବନରେ ଏକ ଏକ ଭୂମିକା ନିର୍ବାହ କରିଥା'ନ୍ତି । ଶରୀରରେ ଦେଖାଯାଉ ନଥିବା ଖାଲିସ୍ଥଳ ହୋଇ ଜୀବାତ୍ମା ରହିଥିବା ବେଳେ, ଜୀବର ଜୀବନକାଳକୁ ମାପିବା ପାଇଁ ବାୟୁ ବିଶେଷ ଭୂମିକାରେ ରହିଥାଏ । ତେଲକୁ ମାପିବା ପାଇଁ ଲିଟର, କପଡା ମାପିବା ପାଇଁ ମିଟର ଥିବା ଭଳି ଜୀବର ଜୀବନକାଳକୁ ମାପିବା ପାଇଁ  ଶ୍ୱାସ ନାମକ ମାପକୁ ନିଆଯାଇଥାଏ ।

ଚଉକିଟିଏ ଏତେ ଲମ୍ବା କି ଏତେ ଚଉଡା, ଟାଉଲଟିଏ ହେଲେ ଏତେ ଲମ୍ବା କି ଚଉଡା ବୋଲି ଆମେ କହିପାରିବା ଭଳି ଯେମିତି ଏକ ଏକ ମାପ ରହିଥାଏ, ସେମିତି ମଣିଷର ଏତେ, କୁକୁରର ଏତେ କି ମଶାର କେତେ ଜୀବନକାଳ କହିପାରିବା ପାଇଁ ସେମାନଙ୍କ ଆୟୁସକୁ ଆମେ ମାପ ଭାବରେ ନେଉଛେ । ପ୍ରତ୍ୟେକ ଜୀବର ଆୟୁସରେ ଭିନ୍ନତା ରହିଥାଏ । ଏହା ଆମେ ସମସ୍ତେ ଜାଣିଥିବା ବିଷୟ । ମଣିଷର ଶହେବର୍ଷ, କୁକୁରର କୋଡିଏ ବର୍ଷ, ମଶାର ଏକ ସପ୍ତାହ ବୋଲି ଏକ ଅନୁମାନିକ ଆୟୁସ ନିର୍ଣ୍ଣୟ ଥିଲେ ମଧ୍ୟ, ସେମାନଙ୍କ କର୍ମାନୁସାରେ ମଣିଷ ଶହେବର୍ଷ ବଞ୍ଚିବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ । ମଶା ଏକ ସପ୍ତାହ ବଞ୍ଚିବ ବୋଲି କହିପାରିବା ନାହିଁ । ପ୍ରମାଦବଶତଃ ମଣିଷ ତାର କର୍ମ ଅନୁସାରେ ଛଅଦିନରେ ମରିଯାଇ ପାରେ, ମଶା ତିନିଦିନରେ ମରିଯାଇ ପାରେ ।

କର୍ମ ଅନୁସାରେ ସବୁ ଆଗରୁ ନୀର୍ଣ୍ଣିତ ହୋଇ ରହିଥିବା ଭଳି, କିଏ କେତେକାଳ ବଞ୍ଚିବ ମଧ୍ୟ ନୀର୍ଣ୍ଣିତ ହୋଇ ରହିଛି । ସେହି ନିର୍ଣ୍ଣୟ ଶ୍ୱାସ ନାମକ ମାପ ହୋଇ ରହିଛି । ଶ୍ୱାସର ଆଧାରରୂପ ହେଉଛି ବାୟୁ । ତେଣୁ ପ୍ରତ୍ୟେକଙ୍କର ଜୀବନକାଳ କିଛି ଲମ୍ବର ବାୟୁ ଦ୍ୱାରା ତିଆରିହୋଇ ରହିଛି, ସେ କେତେ ବାୟୁ ଗ୍ରହଣ କରିବ ତାହା ଆଗରୁ ତାର କର୍ମ ଅନୁସାରେ ନୀର୍ଣ୍ଣିତ ହୋଇ ରହିଛି ।

ମାନବର ଜୀବନକାଳ ବାୟୁ ଦ୍ୱାରା ନୀର୍ଣ୍ଣିତ । ତେଣୁ ଅମୁକର ବାୟୁ କେତେ ବୋଲି ଦେଖିବାକୁ ପଡିବାବେଳେ, ତା ବାବଦରେ ଜ୍ୟୋତିଷକୁ ପଚାରି ବୁଝୁଥିଲେ । ଜ୍ୟୋତିଷ ଜଣକ ଜ୍ୟୋତିଷଶାସ୍ତ୍ର ଅନୁସାରେ ଲଗ୍ନର ଆଠଭାଗକୁ ଦେଖି, ସେଥିରେ ଥିବା ଗ୍ରହଗୁଡିକର ସ୍ଥିତିଗତି ଜାଣି ଏହାର ଆୟୁ ଏତିକି, ଇଏ ଯୁବକାବସ୍ଥାରେ ମୃତ୍ୟୁବରଣ କରିବ କି ବୃଦ୍ଧାବ୍ୟରେ ମୃତ୍ୟୁବରଣ କରିବ ବୋଲି କହିପାରୁଥିଲେ । ଏହି ଅନୁସାରେ ଦେଖିଲେ, ମାନବର ନିର୍ଣ୍ଣୟ ହୋଇ ରହିଥିବା ବାୟୁ ହିଁ ସମସ୍ତଙ୍କ ତୁଣ୍ଡରୁ ଆୟୁ ଭାବରେ ଶୁଣିବାକୁ ମିଳେ ବୋଲି ଜଣାଯାଏ । ଏହାର ବାୟୁ କେତେ ବୋଲି ଆଜି କେହି କହନ୍ତି ନାହିଁ, ଏହାର ଆୟୁ କେତେ ବୋଲି କହନ୍ତି । ବାସ୍ତବରେ ବାୟୁ ନାମକ ଶବ୍ଦ ହିଁ ଆଜି **ଆୟୁ** ହୋଇଯାଇଛି । ବାୟୁ ନାମକ ଦୁଇ ଅକ୍ଷରରୁ ପ୍ରଥମ ଅକ୍ଷରଟି **ବ** + ଆ = ବା ହୋଇ ରହିଛି । ଏହା ଭିତରୁ କେବଳ ବ ସ୍ଥାନରେ ବ ନରହି କେବଳ ଆ ରହିଯାଇଛି, ତେଣୁ **ବାୟୁ ଆୟୁ** ହୋଇଯିବା ସହଜ ହୋଇଛି । ଏହି ଆୟୁ ହିଁ ବାୟୁ ଥିଲା ବୋଲି ଜାଣିବା ଉଚିତ୍ ।

ସମସ୍ତେ ଜାଣିପାରିବା ଭଳି ବାୟୁ ଆମ ଶରୀରରେ ଶ୍ୱାସ ରୂପରେ ରହିଛି । ଏହି ବାୟୁ ଶ୍ୱାସ ନାମକ ମାପହୋଇ ଦିନକୁଦିନ ଶେଷ ହୋଇଯାଉଛି । ଶ୍ୱାସ ଶେଷ ହୋଇଯାଉଥିବା କ୍ରମରେ ଆମର ନିର୍ଣ୍ଣୟ ହୋଇ ରହିଥିବା ବାୟୁ ଶେଷହୋଇ ଆସୁଛି । ଅର୍ଥାତ୍ ପ୍ରତ୍ୟେକ ଶ୍ୱାସରେ

ଆମେ ମୃତ୍ୟୁର ନିକଟବର୍ତ୍ତୀ ହେଉଛେ ବୋଲି ଜଣାଯାଉଛି; ଅଥଚ ସେହି ବାୟୁ ଉପରେ ଆମର କାହାର ନଜର ନାହିଁ । ଆମର ବାୟୁ କମ୍ ହୋଇ ଆସୁଥିଲେ ମଧ୍ୟ ଆମେ ସତର୍କ ରହୁନାହେଁ । ଏହା ଶେଷ ହୋଇଯାଉଥିବା କ୍ରମେ ଆମେ ସତର୍କ ହେବା ବିଷୟରେ ସତର୍କ ନରହି, ଭୌତିକ ଦୁନିଆର ବିଷୟରେ ବୁଡିରହିଛେ । କାଳ ବିତିବା ଅନୁସାରେ କର୍ତ୍ତବ୍ୟକୁ ପ୍ରାଧାନ୍ୟ ଦେଇ ରହିଛେ ସିନା, ବାୟୁ ଉପରେ କାହାର ଧ୍ୟାନ ନାହିଁ । ବାୟୁକୁ ଭୁଲିବା ଦ୍ୱାରା ମରଣ ଭୟ ନାହିଁ, ତେଣୁ ଆମେ ଚୀରକାଳ ବଞ୍ଚିରହିଥିବା ଭାବନା ନେଇ ସମସ୍ତେ ରହିଛେ ସିନା, ଆମ ଅଜାଣତରେ ଦିନେ ବାୟୁ ଶେଷ ହୋଇଯାଇ ଆମର ମରଣ ହୋଇଯାଉଛି ।

**ବେଳଥାଉ ବାଟ ଖୋଜ, ଦୀପ ଜଳୁଛି ଘର ସଜାଡ** ବୋଲି ବଡମାନେ କହିଥିବା ବାଣୀକୁ ଭୁଲି, ଆୟୁ ଥିବାବେଳେ ପରମାତ୍ମାଙ୍କ ଚିନ୍ତା ନକରି, ଶରୀର ଗୃହକୁ ଆତ୍ମାଧନରେ ନସଜାଡି, ବୋହି ନେଇହେଉ ନଥିବା ଭୌତିକ ଧନରେ ଭାଙ୍ଗିଯାଉଥିବା ଘରକୁ ପୂର୍ଣ୍ଣ କରିବାରେ ଲାଗିପଡିଛେ । ଏବେ ବି ସମୟ କୁଆଡେ ପଳାଇଯାଇ ନାହିଁ, ତୋ ବାୟୁ ଉପରେ ଟିକେ ଧ୍ୟାନ ଦେ.., ମୁଁ ଜନ୍ମ ହେଲାବେଳେ କେତେ ବାୟୁ ଆଣିଥିଲି, ସେଥିରୁ ଅନେକ ଶେଷ ହୋଇଯିବଣି, ଆଉ କେତେ ଅଛି ଜଣା ନାହିଁ, ବୋଧହୁଏ ଶେଷ ହୋଇଆସିଲାଣି ବୋଲି ବିଚାର କରି, ପ୍ରତ୍ୟେକ ଶ୍ୱାସର କାଳକୁ ଦୈବଚିନ୍ତାରେ ବିନିଯୋଗ କରିବାକୁ ପ୍ରଯତ୍ନ କର୍ । ତୋ ଭିତରେ ତୋର, ତୋ ଆୟୁର ଯିଏ ଅଧିପତି ହୋଇ ରହିଛି ତାକୁ ଜାଣ୍, ଜାଣି ନଭୁଲି ରହ । ସବୁ ଈଶ୍ୱରଙ୍କ ହାତରେ ବୋଲି କହିଥିବା ବଡମାନଙ୍କ କଥା କେବେ ବି ଭୁଲିଯାଆ ନାହିଁ ।

*****

# ପୁଣ୍ୟ ! କି ଜ୍ଞାନ !

ନିତ୍ୟ ଭାବରେ ସମସ୍ତେ ଅନେକ କାର୍ଯ୍ୟ କରିଥା'ନ୍ତି । କାର୍ଯ୍ୟଗୁଡିକ ଭିତରୁ କିଛି ଭଲକାର୍ଯ୍ୟ, କିଛି ଖରାପକାର୍ଯ୍ୟ ଥାଏ । ଭଲକାର୍ଯ୍ୟ ଗତଜନ୍ମର ପୁଣ୍ୟ ଦ୍ୱାରା, ଖରାପକାର୍ଯ୍ୟ ଗତଜନ୍ମର ପାପ ଦ୍ୱାରା ହୋଇଥାଏ । ଏହି ପାପପୁଣ୍ୟ କାର୍ଯ୍ୟାଚରଣରେ ଆସିବା ବେଳେ ହେଉଥିବା କାର୍ଯ୍ୟରୁ ପୁଣି ପାପପୁଣ୍ୟ ଆସିଥାଏ । ଏହା ସାଧାରଣତଃ ଦୁନିଆରେ ଘଟୁଥିବା ବିଷୟ । ଏହା ବ୍ୟତୀତ କ୍ୱଚିତ୍ ଘଟୁଥିବା ବିଷୟ ଆଉଗୋଟିଏ ରହିଛି, ଏହା କେବଳ ଶ୍ରଦ୍ଧା ସମ୍ବନ୍ଧୀୟ । ଶ୍ରଦ୍ଧା ଦୈବ ସମ୍ବନ୍ଧୀୟ ବା ଐଶ୍ୱରୀୟ ହୋଇ ରହିଥାଏ । ଗୁଣଗୁଡିକ ଭିତରେ ଥିବା ଭୌତିକଶ୍ରଦ୍ଧା ଦ୍ୱାରା ପାପପୁଣ୍ୟ ସମ୍ଭବ ହୋଇଥାଏ । ଦୈବିକ ଶ୍ରଦ୍ଧା ଅନୁସରଣ କରି କାର୍ଯ୍ୟକଲେ ପାପପୁଣ୍ୟ ଆସିନଥାଏ ଏବଂ କାର୍ଯ୍ୟଗୁଡିକରୁ ଦୈବଜ୍ଞାନ ମିଳିଥାଏ । ଦୈବସମ୍ବନ୍ଧୀୟ କାର୍ଯ୍ୟ କରିବା ଦ୍ୱାରା ଦୈବ ବା ଈଶ୍ୱର ନିକଟ ହୋଇଥା'ନ୍ତି, ଭୌତିକଶ୍ରଦ୍ଧା ଲଗାଇ କାର୍ଯ୍ୟକଲେ କର୍ମ ବନ୍ଧନରେ ପଡିବାକୁ ହୁଏ । ପରମାତ୍ମା ସମ୍ବନ୍ଧୀୟ କାର୍ଯ୍ୟ ଦ୍ୱାରା ମିଳୁଥିବା ଜ୍ଞାନରେ ପରମାତ୍ମା ମିଳିଥା'ନ୍ତି । ଏହିଭଳି ସମସ୍ତ କାର୍ଯ୍ୟରୁ ତିନି ପ୍ରକାରର ଜିନିଷ ମିଳିଥାଏ । ଗୋଟିଏ ହେଲା ପାପ, ଆଉ ଗୋଟିଏ ପୁଣ୍ୟ ତଥା ଅନ୍ୟଟି ହେଉଛି ଜ୍ଞାନ । ଏହା ଦ୍ୱାରା କାର୍ଯ୍ୟ ମଧ୍ୟ ତିନି ପ୍ରକାରର ହେଉଛି ।

ଜଣେ ଭଲକାର୍ଯ୍ୟ କଲାବେଳେ ତାହା ଅନ୍ୟମାନଙ୍କ ପାଇଁ ମଧ୍ୟ ଭଲହୋଇ, ସେମାନଙ୍କର ଉପକାରରେ ଆସୁଛି । ଜଣେ ଏକ ଖରାପକାର୍ଯ୍ୟ କଲେ ତାହା ଅନ୍ୟମାନଙ୍କ ପାଇଁ ଖରାପ ହୋଇ ନଷ୍ଟ ବା କ୍ଷତିକରିବା ଭଳି ହେଉଛି । ଜଣେ କରୁଥିବା ପରମାତ୍ମା ସମ୍ବନ୍ଧୀୟ କାର୍ଯ୍ୟରେ ପରମାତ୍ମାଙ୍କ ପାଇଁ ଭଲ ହୋଇ ଜ୍ଞାନଜାତ ହେବା ଭଳି, ଜ୍ଞାନ ପ୍ରଚର ହେବା ଭଳି ହେବ । ଭଲ ଦ୍ୱାରା ଭଲ, ଖରାପ ଦ୍ୱାରା ଖରାପ, ଜ୍ଞାନ ଦ୍ୱାରା ଜ୍ଞାନ ମିଳିବା ସମ୍ଭବ ହୋଇଥାଏ । ଏହି ବିଷୟ ସତ୍ୟ ପ୍ରମାଣିତ କରିବା ପାଇଁ

ଗୋଟିଏ ବିଷୟ ଦେଖିଲେ, ଜଣେ ଗୁରୁଙ୍କ ପାଖରେ କିଛି ଶିଷ୍ୟମାନେ ଜ୍ଞାନ ଶିକ୍ଷଣରେ ଥିଲେ । ଜ୍ଞାନ ଉପରେ ଶ୍ରଦ୍ଧା ଥିବା ମଲ୍ଲୟା ଗୁରୁଙ୍କଠାରୁ ବଳି ଈଶ୍ୱର ଆଉ କେହି ନାହାନ୍ତି ବୋଲି ଜାଣି, ଗୁରୁଙ୍କ ସୁଖ କାମନା କରି, ଗରୁଙ୍କ କାର୍ଯ୍ୟରେ ଆସିପାରିବା ଭଳି ଗୋଟିଏ ବସ୍ତୁ ବଜାରରୁ କିଣିଆଣି ଗୁରୁଙ୍କୁ ଦେଲା, ତଦ୍ୱାରା ଗୁରୁଙ୍କୁ କିଛି ସୁଖ ମିଳିଲା । ସେତେବେଳେ ଆଉଜଣେ ଶିଷ୍ୟ, "ମଲ୍ଲୟାର ପୁଣ୍ୟକାର୍ଯ୍ୟ ଦ୍ୱାରା ଗୁରୁଙ୍କୁ କିଛି ସୁଖ ମିଳି ପାରୁଛି ବୋଲି କହିଲ ।" । ଏକଥା ଶୁଣିପାରିଥିବା ଗୁରୁ ସାଙ୍ଗେ ସାଙ୍ଗେ ସେ ଶିଷ୍ୟକୁ କହିଲେ ଏଠାରେ ମଲ୍ଲୟାର ପୁଣ୍ୟ ଦ୍ୱାରା ବୋଲି କହିବା ଉଚିତ୍ ନୁହେଁ, ମଲ୍ଲୟାର ଜ୍ଞାନ ଦ୍ୱାରା ଗୁରୁଙ୍କୁ କିଛି ସୁଖ ମିଳିଲା ବୋଲି କହିବା ଉଚିତ୍ । ମଲ୍ଲୟା ପୁଣ୍ୟ ଦ୍ୱାରା ଯଦି କିଛି କରିଥା'ନ୍ତା କିମ୍ବା ମଲ୍ଲୟାର ପୁଣ୍ୟହେବା ଭଳି କାର୍ଯ୍ୟ ଯଦି ହୋଇଥା'ନ୍ତା ତେବେ ମଲ୍ଲୟାର ପୁଣ୍ୟ ଦ୍ୱାରା ହେଲା ବା ମଲ୍ଲୟାର ପୁଣ୍ୟ ବୋଲି କହିଥିଲେ ଚଳିଥା'ନ୍ତା, କିନ୍ତୁ ସେ ଯେଉଁ କାର୍ଯ୍ୟ କରିଛି ତାହା ପୁଣ୍ୟକର୍ମ ଅନୁସାରେ କରିନାହିଁ କିମ୍ବା ପୁଣ୍ୟ ଆସିବା ପାଇଁ କରିନାହିଁ । ତେଣୁ ଏକାର୍ଯ୍ୟରେ ମଲ୍ଲୟାର ଜ୍ଞାନ କାର୍ଯ୍ୟ କରିଛି, ଫଳ ମଧ୍ୟ ଜ୍ଞାନ ମିଳିବ, ସେଥିଲାଗି "ମଲ୍ଲୟାର ଜ୍ଞାନ ଦ୍ୱାରା" ବୋଲି କହିବା ଉଚିତ୍ ।

ପ୍ରପଞ୍ଚ ସମ୍ବନ୍ଧୀୟ କରାଯାଉଥିବା ସମସ୍ତ ଭଲକାର୍ଯ୍ୟ ଗୁଡିକୁ କରିଥିବା ବ୍ୟକ୍ତିମାନଙ୍କର ପାପପୁଣ୍ୟ ଦ୍ୱାରା ବୋଲି କହିପାରିବା । ଜଣେ କରିଥିବା ସହାୟ ଦ୍ୱାରା ଆଉ ଜଣେ ଭଲରେ ରହିବା ବେଳେ, ତାର ପୁଣ୍ୟ ଦ୍ୱାରା ମୁଁ ଭଲରେ ଅଛି ବୋଲି କେଉଁଠି କେଉଁଠି କୁହାଯାଉଥିବା ବିଷୟ ପ୍ରାୟ ସମସ୍ତେ ଶୁଣିଥିବେ । ଯେଉଁ କାର୍ଯ୍ୟ ସେ କରିଥିଲା ତାହା ପୁଣ୍ୟକାର୍ଯ୍ୟ ହେବାଦ୍ୱାରା, ତା ଦ୍ୱାରା ପୁଣ୍ୟହେଲା କିମ୍ବା ପୁଣ୍ୟହେବ ବୋଲି ମଧ୍ୟ କହି ପାରିବା, କିନ୍ତୁ ମଲ୍ଲୟା କାର୍ଯ୍ୟଟି ଜ୍ଞାନସମ୍ବନ୍ଧୀୟ କାର୍ଯ୍ୟ ହୋଇଥିବାରୁ ସେ କରିଥିବା କାର୍ଯ୍ୟ ଜ୍ଞାନ ଦ୍ୱାରା ଜାତ ହୋଇଛି । ମଲ୍ଲୟା ଜ୍ଞାନଦ୍ୱାରା ଗୁରୁଙ୍କୁ

କିଛି ସୁଖ ମିଳିଥିବାରୁ ଗୁରୁ ଯାହାହେଉ ମଲ୍ଲୟା ଜ୍ଞାନ ଦ୍ୱାରା ମୁଁ କିଛି ସୁଖ ଅନୁଭବ କରୁଛି, ମଲ୍ଲୟାର ଜ୍ଞାନଜାତ ହୋଇ ସେ ପରମାତ୍ମାଙ୍କ ନିକଟ ହେବ ବୋଲି କହିଲେ ।

ଭୂପୃଷ୍ଠରେ ଧର୍ମ କିଛି ବଳକା ରହିଥିବାରୁ ଗୁରୁ କହିବା ଭଳି ଜଣକ ଦ୍ୱାରା କୌଣସି ଭଲକାର୍ଯ୍ୟ ହେବାବେଳେ ଅମୁକର ପୁଣ୍ୟ ଦ୍ୱାରା ଏ କାର୍ଯ୍ୟ ହେଲା ବୋଲି ଲୋକେ କହୁଥିବା ଶୁଣିବାକୁ ମିଳୁଛି । ସେହିଭଳି କିଛି ଖରାପକାର୍ଯ୍ୟ କେହି କଲାବେଳେ, ଯେମିତି ପାପ କରୁଛି ସେମିତି ଫଳ ପାଇବ ବୋଲି କହୁଛନ୍ତି । ଏହିଭଳି ପରିଶୀଳନ କରିଦେଖିଲେ ପୁଣ୍ୟ ଦ୍ୱାରା ପୁଣ୍ୟ, ପାପ ଦ୍ୱାରା ପାପ, ଜ୍ଞାନ ଦ୍ୱାରା ଜ୍ଞାନ ମିଳିଥାଏ ବୋଲି ଜଣାଯାଉଛି । ଯେଉଁ କାର୍ଯ୍ୟରୁ ଜ୍ଞାନ ମିଳିଥାଏ ତାହା ପୁଣ୍ୟ ଦ୍ୱାରା ହେଲା କି ସେଥିରୁ ପୁଣ୍ୟ ମିଳିବ ବୋଲି କହିବା ଉଚିତ୍ ନୁହେଁ ।

*****

# ସ୍ୱପ୍ନ

ପୂର୍ବେ ନିଜର ଆଚରଣକୁ ସ୍ୱପ୍ନ କହୁଥିଲେ । ମୋ ପ୍ରାଣକୁ ପଣ ଲଗାଇ ସାଧିବି ବୋଲି ଏବେ ବି କେତେକିଏ କହୁଥିବା ଶୁଣାଯାଏ । ମୁଁ ନିଜେ ଏ କାର୍ଯ୍ୟଟି ଦୃଢତାର ସହିତ କରିବି କହିବା ବଦଳରେ ଏହି କଥାଟି କହିଥା'ନ୍ତି । ପଣ କହିଲେ ଯିଦ୍ କରିବା, ସ୍ୱ କହିଲେ ନିଜର । ତେଣୁ ସ୍ୱପଣ ଅର୍ଥାତ୍ ନିଜର ଜିଦ୍‌କୁ ସ୍ୱପନ ବା ସ୍ୱପ୍ନ ବୋଲି ପୂର୍ବେ କହିଥିଲେ । ସ୍ୱପଣ ଶବ୍ଦଟି କାଳକ୍ରମେ ବଦଳି ସ୍ୱପ୍ନ ହୋଇଛି । ଜାଗ୍ରତାବସ୍ଥାରେ ହେଉଥିବା କାର୍ଯ୍ୟଗୁଡିକୁ କୌଣସି ବ୍ୟକ୍ତି କରୁଥିବା କାର୍ଯ୍ୟ ବୋଲି କୁହାଯାଏ, କିନ୍ତୁ ସ୍ୱପ୍ନରେ ହେଉଥିବା କାର୍ଯ୍ୟ ଜଣେ ଶୋଇଥିବା ବେଳେ ହେଇଥିବାରୁ ସ୍ୱପ୍ନ ଦେଖିଥିବା ଲୋକଟି ଏ କାର୍ଯ୍ୟ ମୁଁ କରିନାହିଁ ବୋଲି କହିପାରେ । ନିଦ୍ରା

ସମୟରେ ହୋଇପାରୁ ନଥିବା କାର୍ଯ୍ୟ ହୋଇଯିବା ଭଳି ଦେଖିବାକୁ ସମସ୍ତେ ସ୍ୱପ୍ନ କହିଥା'ନ୍ତି । ଏହା ସ୍ୱପ୍ନ ନା ସତ ? ବୋଲି କେହି କେହି କୌଣସି କାର୍ଯ୍ୟ ହଠାତ୍ ହୋଇଯିବା ବେଳେ କହିଥା'ନ୍ତି । ମିଛ ହୋଇଥିବା କାର୍ଯ୍ୟକୁ ସ୍ୱପ୍ନ ଭାବିବା ଦ୍ୱାରା, ଏହା ସତ କି ମିଛ ? କହିବା ବଦଳରେ ଏହା ସ୍ୱପ୍ନ କି ସତ ବୋଲି ସାଧାରଣତଃ କହିଥା'ନ୍ତି । ସ୍ୱପ୍ନ କି ସତ ? କହିବା ଦ୍ୱାରା ସ୍ୱପ୍ନକୁ ସମସ୍ତେ ମିଛ ଭାବିଥା'ନ୍ତି ବୋଲି ଜଣାଯାଉଛି । କେତେକ ଅଦ୍ୱୈତବାଦୀମାନେ **"ବ୍ରହ୍ମ ସତ୍ୟଂ ଜଗତ୍ ମିଥ୍ୟା"** କହୁଥାଇ କେବଳ ଈଶ୍ୱର ସତ୍ୟ ଏ ଦୁନିଆଁ ମିଥ୍ୟା ବୋଲି ଭାବ ପ୍ରକାଶ କରିଥା'ନ୍ତି । ଏହାର ବିବରଣ ଆଉଟିକିଏ ଦେଖିଲେ, ଜଗତଜୀବନ ଏକ ସ୍ୱପ୍ନ ଭଳି, ସତ୍ୟ ନୁହେଁ, ଦେଖାଯାଉ ନଥିବା ବ୍ରହ୍ମ ବା ଈଶ୍ୱର ହିଁ କେବଳ ରହିଛନ୍ତି ବୋଲି ସେମାନଙ୍କ ଭାବରୁ କହିପାରିବା । ମୋଟାମୋଟି ଭାବରେ ସ୍ୱପ୍ନ ହିଁ ଅସତ୍ୟ, ସତ୍ୟ ନୁହେଁ ବୋଲି ସମସ୍ତଙ୍କ ଭାବରେ ରହିଥାଏ ।

ବିଚାରକରି ଦେଖିଲେ ସ୍ୱପ୍ନକୁ ଅସତ୍ୟ କହିବା ଭୁଲ୍ । ସ୍ୱପ୍ନ ସତ୍ୟ ବୋଲି କହିପାରିବା । କୌଣସି ବାହ୍ୟ ସ୍ଥିତି ଜଣାନଥିବା ନିଦ୍ରାରେ ମଣିଷ ଭିତରେ କ'ଣ ଘଟିଛି ତାହା ବାହାର ଲୋକଙ୍କୁ ଜଣା ନାହିଁ । ତେଣୁ ତାହା ସେମାନେ ଅସତ୍ୟ ବୋଲି କିପରି କହିବେ ? ସ୍ୱପ୍ନ ଅସତ୍ୟ ବୋଲି ସମସ୍ତେ ଜାଣିଥିବା ବେଳେ, ସପ୍ନ ସତ୍ୟ ବୋଲି କହିବା କେତେଦୂର ଠିକ୍ ବୋଲି ସନ୍ଦେହ ନିଶ୍ଚୟ ଆସୁଥିବ । ସ୍ୱପ୍ନ ସତ୍ୟ କି ମିଥ୍ୟା ନାମକ ଦୁଇକଥାରୁ କେଉଁଟି ଠିକ୍ ପ୍ରମାଣିତ କରିପାରନ୍ତି ନାହିଁ । ଯିଏ ଯାହା ଭାବନା କଲେ ମଧ୍ୟ ସ୍ୱପ୍ନ ସତ୍ୟ ନୁହେଁ ଅସତ୍ୟ କହିବା ଭୁଲ୍, ସ୍ୱପ୍ନ ଅସତ୍ୟ ନୁହେଁ ସତ୍ୟ, କାରଣ ! ଏପରି କହିବାକୁ ଆଧାର ରହିଛି । ଶରୀରରେ ସ୍ୱପ୍ନ କର୍ମ ଅନୁସାରେ ଆସିଥାଏ । ବାହାର ଲୋକଙ୍କ ସହିତ ସମ୍ବନ୍ଧ ନଥାଇ ଘଟିବାକୁ ଥିବା କର୍ମ ଥିଲେ, ତାହା ସ୍ୱପ୍ନରେ ଘଟିଥାଏ । ସେହିଭଳି ବାହାର ଲୋକଙ୍କ ସହିତ ସମ୍ବନ୍ଧ ନଥାଇ କିଛି ଅନୁଭବ କରିବାକୁ ଥିଲେ, କେବଳ ତାକୁ

ଅନୁଭବ କରିବା ଭଳି କାର୍ଯ୍ୟ ସ୍ୱପ୍ନରେ ଘଟିଥାଏ । ଯାହା କର୍ମକୁ ଯିଏ ଅନୁଭବ କରିଥାଏ । ପଣ କହିଲେ ଜିଦ୍ ଅର୍ଥାତ୍ ପୂର୍ବରୁ ସେ ଅନୁଭବ କରିବା ପାଇଁ ଆଶା ରହିଥିବା କାରଣରୁ ତାହା କର୍ମ ହୋଇ ସାଥିରେ ଆସିଥିବାରୁ ନିଜର କୃତ ଜିଦ୍ ବା କର୍ମକୁ ସ୍ୱପଣ ବା ସ୍ୱପ୍ନ କୁହାଯାଏ ବୋଲି ଜାଣିଥିଲେ । (ମୂଳ ଲେଖା ଅନୁସାରେ କହିପାରିବା ଯେ, ଯାହା କର୍ମ ଯାହାକୁ ଅନୁଭବ ହୁଏ, ତେଣୁ ତାହା ତାର ନିଜର ହୋଇଥିବା ବେଳେ ଆଚରଣକୁ ପନ ମଧ୍ୟ କୁହାଯାଏ । ଅର୍ଥାତ୍ ନିଜର ହୋଇଥିବା ଆଚରଣକୁ ସ୍ୱ+ପନ= ସ୍ୱପ୍ନ ବୋଲି କହିପାରିବା -ଅନୁବାଦକ) ନିଦ୍ରା, ଜାଗ୍ରତ ଅବସ୍ଥା ଭଳି ଜୀବର ସ୍ୱପ୍ନ ଅବସ୍ଥା ବା (ସ୍ୱ ଅବସ୍ଥା) ମଧ୍ୟ ରହିଥାଏ । ସ୍ୱ ଅବସ୍ଥାରେ ବା ସ୍ୱ ପଣ ଦ୍ୱାରା ଯାହା ଘଟିଥାଏ ତାହା ଜୀବ ସ୍ୱୟଂ ଅନୁଭବ କରିଥାଏ । ସ୍ୱପ୍ନ ଅବସ୍ଥାରେ ଜୀବ ଅନେକ କିଛି ଅନୁଭବ କରିଥାଏ । ଜୀବ ସ୍ୱପ୍ନରେ ଯାହା ଅନୁଭବ କରିଥାଏ ତାହା ତାର ସୂକ୍ଷ୍ମଶରୀର ଦ୍ୱାରା କରିଥାଏ । ତେଣୁ ସ୍ଥୁଳଶରୀର ଯେଉଁଠି ସେଇଠି ରହିଥାଏ । ସ୍ଥୁଳ ଶରୀର ଚଳପ୍ରଚଳ ହୋଇନଥାଏ ବୋଲି ଅଭିପ୍ରାୟରେ ସମସ୍ତେ ସ୍ୱପ୍ନକୁ ଅସତ୍ୟ ବୋଲି କହି ଯୁକ୍ତି କରିଥା'ନ୍ତି । ସ୍ୱପ୍ନ ସ୍ଥୁଳ ଶରୀର ସମ୍ବନ୍ଧ ନଥାଇ ସୂକ୍ଷ୍ମ ଶରୀରରେ ହୋଇଥାଏ ବୋଲି କେତେକ ଭାବିଥା'ନ୍ତି ।

ସତ ହେଉଛି ! ସ୍ୱପ୍ନ ଶତକଡା ୯୫ ଭାଗ ସୂକ୍ଷ୍ମ ଶରୀରରେ ଅନୁଭବ ହୋଇଥାଏ, କିନ୍ତୁ ୫ ପ୍ରତିଶତ ସ୍ଥୁଳ ଶରୀରରେ ମଧ୍ୟ ସ୍ୱପ୍ନକୁ ଅନୁଭବ କରିବାକୁ ହୋଇଥାଏ । ସେତେବେଳେ ଏହି ସ୍ୱପ୍ନ ମିଥ୍ୟା ନୁହେଁ ସତ୍ୟ ବୋଲି କହିବାକୁ ଆଧାର ମିଳିଥାଏ, କିନ୍ତୁ ଅଧିକାଂଶ ଥିବା ସୂକ୍ଷ୍ମେ ଅନୁଭବକୁ ସମସ୍ତେ ଦୃଷ୍ଟିଦେଇ ସ୍ୱପ୍ନକୁ ଅସତ୍ୟ କହିଥା'ନ୍ତି । ଜୀବ ସ୍ୱପ୍ନରେ ତାର କର୍ମକୁ ଅନୁଭବ କରିଥାଏ ନାମକ ସତ୍ୟବାକ୍ୟକୁ ସୂକ୍ଷ୍ମଶରୀର ଭାବନା ଅସତ୍ୟ କରିଦେଉଥିଲେ ମଧ୍ୟ କର୍ମେନ୍ଦ୍ରିୟ ଗୁଡ଼ିକର କାର୍ଯ୍ୟ ତାହା ସତ୍ୟ ବୋଲି, ସ୍ଥୁଳ ଶରୀରର ଅନୁଭବ ବୋଲି ଜଣାଇ, ସ୍ୱପ୍ନକୁ ସତ୍ୟ ପ୍ରମାଣିତ

କରିଥାଏ । କର୍ମେନ୍ଦ୍ରିୟ ଗୁଡିକ ଭିତରୁ ଲିଙ୍ଗ ମୂତ୍ର ଏବଂ ବିର୍ଯ୍ୟ ବିସର୍ଜନ କାର୍ଯ୍ୟ କରିଥାଏ । ଏହିଭଳି ବିସର୍ଜନ କରୁଥିବା ଅବୟବ ମଧ୍ୟ ଆଉ ଦୁଇଟି ରହିଛି । ଏହି ତିନି ସ୍ଥୁଳ ଅବୟବ ଭିତରୁ କୌଣସି ଏକ ଅବୟବ କାର୍ଯ୍ୟ କଲେ, ତାହା ବିସର୍ଜନ କରୁଥିବା ଅବୟବ ହୋଇଥିବାରୁ, ଶୋଇ ସ୍ୱପ୍ନ ଦେଖିବା ସମୟରେ ମଧ୍ୟ ସେଗୁଡିକ ବିସର୍ଜନ କାର୍ଯ୍ୟ କରିଥା'ନ୍ତି । ସ୍ୱପ୍ନରେ କୌଣସି ସ୍ତ୍ରୀ ସହିତ ସ୍ଥୁଳତଃ ସମ୍ଭୋଗ ନକଲେ ମଧ୍ୟ, କୌଣସି ସ୍ତ୍ରୀ ସହିତ ସମ୍ଭୋଗ କ୍ରିୟାରେ ରହିବା ଭଳି ଅନୁଭବ ଆସି ଶରୀରରୁ ବିର୍ଯ୍ୟସ୍ଖଳନ ହୋଇଥାଏ । ଜୀବ ସମ୍ଭୋଗସୁଖକୁ ଅନୁଭବ କରିଥାଏ । ଏହା ସ୍ୱପ୍ନରେ ଘଟିଥିଲେ ମଧ୍ୟ ସେଠାରେ ବିର୍ଯ୍ୟବିସର୍ଜନ କରିପାରୁଥିବା ଲିଙ୍ଗ କାର୍ଯ୍ୟକରିବା ଦ୍ୱାରା, ସ୍ଥୁଳ ଶରୀରର ଧ୍ୟାନକୁ ଫେରି ଦେଖିଲେ ସ୍ଥୁଳ ଶରୀରରେ ପନ୍ଧିଥିବା ବସ୍ତ୍ରରେ ସେହି ବିର୍ଯ୍ୟ ଲାଗିଥିବା ଜଣାଯାଇଥାଏ । ଏହିଭଳି ମୂତ୍ର ବିସର୍ଜନ ହେଉ, ବିର୍ଯ୍ୟସ୍ଖଳନ ହେଉ ସ୍ୱପ୍ନ ଅସିବା ବେଳେ ହେଉଥିଲେ ମଧ୍ୟ ବାହ୍ୟ ଶରୀର ଦ୍ୱାରା ବା ସ୍ଥୁଳ ଶରୀର ଦ୍ୱାରା ହୋଇଥାଏ, ସେହିଭଳି କେତେକ ସ୍ୱପ୍ନ ଦେଖି ବାନ୍ତି ମଧ୍ୟ କରିଥା'ନ୍ତି, ସ୍ୱପ୍ନରେ କେଉଁ ନିର୍ଜନ ସ୍ଥାନରେ ମଳ ବିସର୍ଜନ କରିବା ଅନୁଭବ ଥିଲେ, ତା ମଧ୍ୟ ସ୍ଥୁଳ ଶରୀର ଦ୍ୱାରା ହୋଇ ଶୋଇଥିବା ସ୍ଥାନରେ ଦେଖିବାକୁ ମିଳେ । କିଏ କେତେ ଯୁକ୍ତି କରି ସ୍ୱପ୍ନ ମିଛ ବୋଲି କହିଲେ ମଧ୍ୟ ସ୍ଥୁଳ ଶରୀରର ଏହି ତିନି ଅବୟବ କରୁଥିବା କାର୍ଯ୍ୟକୁ କେହି ଅସ୍ୱୀକାର କରିପାରିବେ ନାହିଁ । ବିସର୍ଜନ ବାହ୍ୟ ଦୁନିଆ ସହିତ ସମ୍ବନ୍ଧୀତ ହୋଇ ରହିଥାଏ, ତେଣୁ ତାହା ବାହାରକୁ ନିଶ୍ଚୟ ଦେଖାଯାଏ । ଏହି ଅନୁସାରେ ସ୍ୱପ୍ନକୁ ମିଛ କହିପାରିବା ନାହିଁ କି ତାହା ଏହି ଶରୀରରେ ଅନୁଭବ ହୋଇନାହିଁ ବୋଲି କହିପାରିବା ନାହିଁ । ପ୍ରତ୍ୟେକ ସ୍ୱପ୍ନ ଏହି ଶରୀରରେ ଅନୁଭବ ହୋଇଥାଏ, ତାହାକୁ ଜୀବ ଅନୁଭବ କରିଥାଏ, ତାହା ହିଁ ସେ ଅର୍ଜନ କରିଥିବା ଗତ ଜନ୍ମର କର୍ମ । ମନ, ବୁଦ୍ଧି, ଚିତ୍ତ, ଅହମ୍, ଜୀବ, ପଞ୍ଚ ତନ୍ମାତ୍ର, ପଞ୍ଚବାୟୁ ଦ୍ୱାରା ତିଆରି ସୂକ୍ଷ୍ମ ଆକାର ଦ୍ୱାରା

ଶୋଇଥିବା ଶରୀରରେ ସ୍ୱପ୍ନ ଅନୁଭବ ହୋଇଥାଏ ବୋଲି ଜାଣିବା ଉଚିତ୍ । ଏହି ବିବରଣୀରୁ ସ୍ୱପ୍ନ ଅସତ୍ୟ ନୁହେଁ, ସତ୍ୟ ବୋଲି ଗ୍ରହଣ କରିବା ଉଚିତ୍ ।

*****

# ଚୈତନ୍ୟ ଶକ୍ତି (କୁଣ୍ଡଳିକା ଶକ୍ତି)

ଚୈତନ୍ୟଶକ୍ତି ନାମକ ଶବ୍ଦଟି ଆତ୍ମାଶକ୍ତି ବଦଳରେ ବ୍ୟବହାର କରାଯାଇଥାଏ ବୋଲି ପ୍ରଥମେ ଜାଣିବା ଉଚିତ୍ । ଚୈତନ୍ୟଶକ୍ତି, ଆତ୍ମା ଶକ୍ତି, ସତ୍ତା, ଚଳନଶକ୍ତି  ସବୁ ଗୋଟିଏ ଅର୍ଥ ସୂଚିତ କରୁଥିବା ଶବ୍ଦ ବୋଲି  ଜାଣିବା ଉଚିତ୍ । ପ୍ରତ୍ୟେକ ଜୀବର ଶରୀରରେ ଏହି ଶକ୍ତି ରହି, ଶରୀରରକୁ ଚଳପ୍ରଚଳ କରିଥାଏ । ଆଖିର ପଲକ ପଡିବା ଉଠିବା ପାଇଁ, ହାତଗୋଡ ଚଳପ୍ରଚଳ ହେବା ପାଇଁ, ହୃତ୍ପିଣ୍ଡ ସ୍ପନ୍ଦିତ ହେବା ପାଇଁ, ଏଭଳି ସକଳେନ୍ଦ୍ରିୟ କାର୍ଯ୍ୟ କରିବା ପାଇଁ ଏହି ଆତ୍ମାଶକ୍ତି ବା  ଚୈତନ୍ୟ  ଶକ୍ତି ଆବଶ୍ୟକ ହୋଇଥାଏ । ଏହିଭଳି  ଆମ  ଶରୀରରେ  ଅଲଗା  ଅଲଗା ଅବୟବ ରହି, ଅଲଗା ଅଲଗା କାର୍ଯ୍ୟରେ ବ୍ୟବହୃତ ହେଉଥିଲେ ମଧ୍ୟ, ସେଗୁଡିକ କାର୍ଯ୍ୟ କରିବା ପାଇଁ  ଗୋଟିଏ  ଶକ୍ତି  ଆବଶ୍ୟକ, ତାହା ହିଁ  ଆତ୍ମାଶକ୍ତି  ବା  ଚୈତନ୍ୟଶକ୍ତି । ବାହାରେ  ଉପକରଣ  ଗୁଡିକରେ ବ୍ୟବହୃତ ହେଉଥିବା ବିଦ୍ୟୁତ୍ ଶକ୍ତି ତମ୍ବା କିମ୍ବା ଆଲୁମିନିୟମ ତାରରେ ପ୍ରବାହିତ ହୋଇଥାଏ । ସେହିଭଳି ଶରୀର ଭିତରେ ରହିଥିବା ଚୈତନ୍ୟଶକ୍ତି ଶରୀରର ନାଡୀଗୁଡିକ  ଦ୍ୱାରା ପ୍ରବାହିତ ହୋଇଥାଏ । ବିଦ୍ୟୁତ, ତାର ପ୍ରବାହ ବେଗ ଏବଂ ପ୍ରସ୍ଥ  ଅନୁସାରେ  ତାହା  ଏତିକି  ଭୋଲ୍ଟ  କିମ୍ବା ଏତିକି ଆମ୍ପିଅର୍  ବୋଲି  ଭୋଲ୍ଟମିଟର୍  କିମ୍ବା  ଆମ୍ପ୍ସ୍‌ମିଟର୍  ଦ୍ୱାରା ମାପି କହିପାରିବା । ହେଲେ ଶରୀରରେ ପ୍ରବାହିତ ହେଉଥିବା ଆତ୍ମାଶକ୍ତିକୁ

ମାପିବାକୁ କୌଣସି ଉପକରଣ ନାହିଁ । ତାହା ମାପିବା ମଧ୍ୟ ଅସମ୍ଭବ । ଏତିକି ବେଗରେ, ଏତିକି ମୋଟେଇରେ ପ୍ରବାହିତ ହେଉଛି ବୋଲି କହି ପାରିବା ନାହିଁ । ବିଦ୍ୟୁତ୍ ପ୍ରବାହ ଆରମ୍ଭ ହେଉଥିବା ସ୍ଥାନକୁ ଜେନେରେଟର କୁହାଯାଏ । ସେହିଭଳି ଚୈତନ୍ୟଶକ୍ତି ପ୍ରବାହର ମୂଳ କେନ୍ଦ୍ର ମଧ୍ୟ ରହିଛି । ତାହା ହିଁ ଆମ ମୁଣ୍ଡ । ବିଦ୍ୟୁତ୍ ଗୋଟିଏ ସ୍ଥାନରେ ତିଆରି ହୋଇ ପ୍ରବାହିତ ହୋଇଥାଏ, କିନ୍ତୁ ଚୈତନ୍ୟଶକ୍ତି ଗୋଟିଏ ମୂଳସ୍ଥାନରେ ରହି, ସେଠାରୁ ପ୍ରବାହିତ ହୋଇଥାଏ । ବିଦ୍ୟୁତ୍ ଏକ କେନ୍ଦ୍ରରେ ତିଆରିହେବା ଅନୁସାରେ ପ୍ରବାହିତ ହୋଇ ବ୍ୟବହୃତ ହୋଇଥାଏ । ବିଦ୍ୟୁତ୍ ଉତ୍ପତି କମ୍ ହେଲେ ବ୍ୟବହାର କମ୍ କରିବାକୁ ପଡିଥାଏ, କିନ୍ତୁ ଆତ୍ମାଶକ୍ତି ଗୋଟିଏ କେନ୍ଦ୍ରରେ ତିଆରି ହୋଇନଥାଏ କି ଉପଯୋଗ ହେବା ପାଇଁ କମ୍ ଆସି ନଥାଏ । ତାହା ମୁଣ୍ଡରେ ଗଚ୍ଛିତ ରହି କର୍ମ ଅନୁସାରେ କେଉଁ ଶରୀରକୁ କେତେ ପ୍ରବାହିତ ହେବା ଉଚିତ୍ ସେତିକି ହୋଇଥାଏ ।

ଶରୀରରେ ଥିବା ଏହି ଶକ୍ତି ବିଷୟରେ ଜାଣିବା ପାଇଁ କେତେକ ବିଜ୍ଞାନ ଗବେଷକଙ୍କଠାରେ ବିଚାର ଆସିଥିଲେ ମଧ୍ୟ, ଏପର୍ଯ୍ୟନ୍ତ ତାହା ପ୍ରବାହିତ ହେଉଥିବା ନର୍ଭସ୍ ସିଷ୍ଟମ ବାବଦରେ ଜାଣିପାରିଲେ ନାହିଁ । ତେଣୁ ଏହି ଶକ୍ତି ବାବଦରେ ସେମାନେ ଆଜିଯାଏଁ ଜାଣିପାରି ନାହାନ୍ତି । ଆତ୍ମା ଶକ୍ତିକୁ ଜାଣିବାରେ ବ୍ରହ୍ମବିଦ୍ୟା ଜାଣିଥିବା ଲୋକମାନେ କିଛି ବିବରଣୀ ଜାଣିପାରିଛନ୍ତି, ସେମାନେ ସେମାନଙ୍କ ଅନୁଭୂତିକୁ ତୁଣ୍ଡରେ କହିପାରୁ ନଥିଲେ ମଧ୍ୟ କିଛି ଜଣାଇ ପାରିଛନ୍ତି, ତନ୍ମଧ୍ୟରୁ ତାହା ପ୍ରବାହିତ ହେବା ନିୟମ ଏବଂ କାର୍ଯ୍ୟକରିବା ନିୟମ ବାବଦରେ ମୁଖ୍ୟତଃ ଜାଣିବା ।

ମୁଣ୍ଡ ଭିତରେ ଥିବା ମସ୍ତିସ୍କର ମଧ୍ୟଭାଗରେ ଚୈତନ୍ୟଶକ୍ତି ବା ଆତ୍ମାଶକ୍ତି ଗଚ୍ଛିତରହି, ମସ୍ତିସ୍କରୁ ପ୍ରାରମ୍ଭ ହୋଇ ଗୁଦସ୍ଥାନ ପର୍ଯ୍ୟନ୍ତ ବ୍ୟାପି ରହିଥିବା ମେରୁଦଣ୍ଡ ଦ୍ୱାରା ଶରୀରର ପ୍ରତ୍ୟେକ ଭାଗକୁ ବ୍ୟାପି ରହିଛି । ବ୍ରହ୍ମନାଡୀ ଆତ୍ମାଶକ୍ତି ପ୍ରବାହିତ ହେଉଥିବା ବଡ କେନାଲ

ହେବାବେଳେ, ସେହି କେନାଲରେ ଛୋଟ ଛୋଟ ଜଳ ନିଷ୍କାସନ ବ୍ୟବସ୍ଥା ଅନେକ ରହି, ତଦ୍ଦ୍ୱାରା ପ୍ରବାହିତ ହୋଇ, ସେଗୁଡ଼ିକ ମଧ୍ୟ ଆହୁରି ଛୋଟ ଛୋଟ ଗୋହୀରି ଭଳି ବିଭାଜିତ ହୋଇ ସାରା ଶରୀରରେ ଶକ୍ତି ପ୍ରବାହିତ ହେଉଛି । ଏହି ଅନ୍ତର୍ଗତ ବିଷୟ ଜଳ ଗଛିତ ରହୁଥିବା ଡ୍ୟାମ୍‌ରୁ ଜଳ ପ୍ରବାହିତ ହୋଇ, ପ୍ରଥମେ ବଡ କେନାଲ ଦ୍ୱାରା, ତାପରେ ଛୋଟ ଛୋଟ କେନାଲ ଦ୍ୱାରା, ତାପରେ ଛୋଟ ଛୋଟ ନାଳ, ଗୋହୀରି ଦ୍ୱାରା ପ୍ରବାହିତ ହୋଇ ଯେମିତି ସମସ୍ତ ଚଷଜମିକୁ ଜଳ ଯୋଗାଇଥାଏ, ସେହିଭଳି ଆତ୍ମାଶକ୍ତି ମୁଣ୍ଡରୁ ପ୍ରଥମେ ବ୍ରହ୍ମନାଡୀ ଦ୍ୱାରା ପ୍ରବାହିତ ହୋଇ, ତାପରେ ସୂର୍ଯ୍ୟ,ଚନ୍ଦ୍ରନାଡୀରେ, ତାପରେ ଅନେକ ରହିଥିବା ଛୋଟ ଛୋଟ ନାଡୀରେ ପ୍ରବାହିତ ହୋଇ ଶେଷରେ କେଶଠାରୁ ମଧ୍ୟ ସୂକ୍ଷ୍ମ ହୋଇଥିବା ନାଡୀଗୁଡ଼ିକ ଦ୍ୱାରା ସାରା ଶରୀରର ଅଣୁ ଅଣୁରେ ବ୍ୟାପିଯାଇ, ଶରୀର ଅବୟବ ଗୁଡ଼ିକ କାର୍ଯ୍ୟ କରିବା ଭଳି, ଧାତୁକଣାଗୁଡ଼ିକ କାର୍ଯ୍ୟକରିବା ଭଳି କରିଥାଏ । ବିଚିତ୍ର ବିଷୟ ହେଉଛି ଚଷଜମିକୁ ନାଳ ବା କେନାଲରେ ପ୍ରବାହିତ ହେଉଥିବା ଜଳ କିଛିଦିନ ପରେ ମୁଖ୍ୟ ଡ୍ୟାମରୁ ଶୁଖିଯାଇଥାଏ, କିନ୍ତୁ ମୁଣ୍ଡରେ ଥିବା ଶକ୍ତି ସବୁବେଳେ ସେପରି ରହିଥାଏ ।

କେନାଲ ଗୁଡ଼ିକରେ ପ୍ରବାହିତ ହେଉଥିବା ଜଳ କେଉଁଠାରୁ ଆସୁଛି ବୋଲି ଖୋଜିଲେ ଶେଷରେ ତାହା ଡ୍ୟାମରୁ ଆସୁଛି ବୋଲି ଜାଣିପାରିବା, ସେହି ଜଳକୁ ଚାଖି ତାର ସ୍ୱାଦ ଏଭଳି ବୋଲି ଅନ୍ୟକୁ କହିପାରିବା । ଶରୀରରେ ପ୍ରବାହିତ ହେଉଥିବା ଶକ୍ତି କେଉଁଠାରୁ ଆସିଲା ବୋଲି ଜାଣି, ତାର ରୁଚି ଚାଖି (ଅନୁଭୂତି ପାଇ) ରହିଥିବା ଲୋକେ ଭୂପୃଷ୍ଠରେ ଖୁବ୍ କମ୍ ରହିଥା'ନ୍ତି, କିନ୍ତୁ ସେ ରୁଚି ବା ଅନୁଭୂତି କଅଣ ବୋଲି କାହାକୁ କହିପାରନ୍ତି ନାହିଁ । କାରଣ ! ତା ସହିତ ତୁଳନା କରିବାକୁ ଭୂପୃଷ୍ଠରେ କିଛି ନାହିଁ । ତାହା କିପରି କାହା ସହିତ ତୁଳନା କରିବେ ଜାଣି ନପାରି, କହିପାରି ନଥା'ନ୍ତି । ଜଳ ବିଷୟରେ କହି ନପାରିଲେ ମଧ୍ୟ କେନାଲ ବାବଦରେ କହିପାରିବା

ଭଳି, ସେହି ଜଳ କରିପାରୁଥିବା କାର୍ଯ୍ୟ ବାବଦରେ କହିପାରିବା ଭଳି, ଆତ୍ମଶକ୍ତିର ଅନୁଭୂତି କହିନହେଲେ ମଧ୍ୟ, ତାହା କିପରି ପ୍ରବାହିତ ହେଉଛି, ଶରୀରରେ ତାହା କେଉଁ କାର୍ଯ୍ୟରେ ବ୍ୟବହୃତ ହେଉଛି କହିହୁଏ ।

ମୁଣ୍ଡରୁ ଆରମ୍ଭ ହୋଇଥିବା ପ୍ରଥମ ବଡନାଡୀର ନାମ ମେରୁନାଡୀ ବୋଲି ଖୁବ୍ କମ୍‌ଲୋକ ଜାଣନ୍ତି, କିନ୍ତୁ ତାହା ମେରୁଦଣ୍ଡ ବୋଲି ସମସ୍ତେ ଜାଣନ୍ତି । ଏହି ନାଡୀ ମୁଣ୍ଡରୁ ଆରମ୍ଭହୋଇ ମେରୁଦଣ୍ଡରେ ଖଞ୍ଜାଯାଇଥିବା ଅସ୍ଥିଗୁଡିକ ଭିତରେ ରହିଥାଏ । ମେରୁ କହିଲେ ମଝି । ମଝିରେ ରହି ଶରୀରକୁ ଦୃଢକରି ଧରିରଖିଥିବାରୁ ଏହାକୁ ମେରୁଦଣ୍ଡ କୁହାଯାଏ । ମେରୁଦଣ୍ଡ ଗୋଟିଏ ଅସ୍ଥି ନୁହେଁ, ଗୋଟିକ ପରେ ଗୋଟିଏ ଗୁନ୍ଥା ହୋଇଥିବା ମାଳି ଭଳି ଅନେକ ଗୋଲାକାର ଅସ୍ଥିର ସମାହାରରେ ତିଆରି ହୋଇଥାଏ । ମେରୁଦଣ୍ଡରେ ଥିବା ଅସ୍ଥିଗୁଡିକ ମଝିରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏହା ବ୍ୟାପି ରହିଥାଏ । (ମେରୁଦଣ୍ଡକୁ ମୂଳ ଭାଷାରେ ବେନୁପାମୁ କୁହାଯାଏ । ବେନୁ କହିଲେ ପିଠି, ପାମୁ କହିଲେ ସାପ । ପଛରେ ଏହାକୁ ଏକ ସାପ ସଦୃଶ ତୁଳନା କରି ଏହି ନାମ ଦିଆଯାଇଛି) । କାରଣ ! ଏହାର ଆରମ୍ଭ ଏବଂ ଶେଷ ସାପମୁଣ୍ଡର ଫଣା, ଶରୀର ଏବଂ ଲାଞ୍ଜ ଭଳି ଦେଖାଯାଇଥାଏ, ତାଛଡା ମେରୁଦଣ୍ଡକୁ ସାପ ଭଳି ତୁଳନା କରି କହିବାରେ ମଧ୍ୟ ଆଉଏକ ରହସ୍ୟ ରହିଛି । ଆମେ ନାଗସାପକୁ ପିଟି ମାରିଦେଇ ଫିଙ୍ଗିଦେଇଛୁ ଭାବୁଥିଲେ ମଧ୍ୟ ସେ କିଛି ସମୟ ପରେ ପୁଣି ବଞ୍ଚି ଚାଲିଯାଇ ପାରେ । ବାହାରକୁ ମରିଯିବା ଭଳି ଦେଖାଗଲେ ମଧ୍ୟ ତା ମୁଣ୍ଡରେ ତାର ଶକ୍ତି ରହିଥାଏ । ତା ଦ୍ୱାରା ସେ କିଛିସମୟ ପରେ ପୁଣି ଶ୍ୱାସ ଗ୍ରହଣ କରି ବଞ୍ଚିଯାଇ ପାରେ । ସେଥିଲାଗି ଜାଣିଥିବା ଲୋକେ ନାଗସାପ ମାରିବା ପରେ ତାର ମୁଣ୍ଡକୁ ଖୁବ୍ ଛେଚି ଦେଇଥା'ନ୍ତି, ତାହା ଛିନ୍ନ ବିଚ୍ଛିନ ହୋଇଗଲେ ଆଉ ବଞ୍ଚିପାରିବ ନାହିଁ ବୋଲି ଏଭଳି କରିଥା'ନ୍ତି । ତାଛଡା ନାଗସାପକୁ ମାରିବା ପରେ କେଉଁଠି ନଫିଙ୍ଗି ପୋଡିଦେବା ଉଚିତ୍ ବୋଲି

ବଡମାନେ ନୀତି କହିଥା'ନ୍ତି । ନାଗସାପର ମୁଣ୍ଡରେ ମଧ୍ୟ ଶେଷରେ ପ୍ରାଣ ଥାଏ ବୋଲି ବଡମାନେ ଜାଣିଥିଲେ । ନାଗସାପ ଭଳି ଆମ ମେରୁନାଡୀ ମଧ୍ୟ ମୂଳ ସ୍ଥାନରୁ ଶେଷ ସ୍ଥାନ ପର୍ଯ୍ୟନ୍ତ ଶକ୍ତି ବିଶିଷ୍ଟ ହୋଇ ରହିଥାଏ । ଏହି ଦୃଷ୍ଟିରୁ ତାହାକୁ ଏଭଳି ନାମକରଣ କରାଯାଇଛି ବୋଲି କହିପାରିବା

ମେରୁଦଣ୍ଡରୁ ବା ତା ଭିତରେ ଥିବା ବଡନାଡୀରୁ ଅନେକ ଛୋଟ ଛୋଟ ନାଡୀ ଶରୀରସାରା ବିଛାଇହୋଇ ରହିଥାଏ । ମେରୁନାଡୀ ଅନେକ ନାଡୀ, ଶୀରାପ୍ରଶିରା ହୋଇ ଅବିଚ୍ଛେଦ୍ୟ ଭାବରେ ବ୍ୟାପି ରହିଥିବାରୁ, ତାହା ଦେଖିବାକୁ ଗଛର ମୂଳଠାରୁ ଶାଖାପ୍ରଶାଖା ପର୍ଯ୍ୟନ୍ତ ବ୍ୟାପିଥିବା ଏକ ଗଛ ଭଳି କହିପାରିବା । ତେଣୁ ଶରୀରର ସମସ୍ତ ନାଡୀ ନିର୍ମାଣକୁ ଭଗବଦ୍ଗୀତାର ପୁରୁଷୋତ୍ତମପ୍ରାପ୍ତି ଯୋଗରେ **ଅଶ୍ୱତ୍ଥବୃକ୍ଷ** ଭାବେ ତୁଳନା କରିଛନ୍ତି । ଅଶ୍ୱତ୍ଥବୃକ୍ଷ କହିଲେ ଓସ୍ତଗଛ ବା ପିପ୍ପଳ ଗଛ ବୋଲି ସମସ୍ତେ ଜାଣନ୍ତି । ତାହାକୁ ଏଭଳି ତୁଳନା କରିବା ପଛରେ ରହସ୍ୟ ମଧ୍ୟ ରହିଛି । (**ଓସ୍ତଗଛର (ଅଶ୍ୱତ୍ଥଗଛ)ପତ୍ର ନାଗସାପର ଫଣା ଭଳି ଥାଏ । ପତ୍ରର ଡେମ୍ଫଠାରୁ ଅଗ୍ରଭାଗ ପର୍ଯ୍ୟନ୍ତ ଚିତ୍ରକରି ଦେଖିଲେ ତାହା ମଧ୍ୟ ସର୍ପାକୃତି ହୋଇଥାଏ । ଏହି ପତ୍ର ସର୍ପବିଷ ଝାଡିବାରେ କାର୍ଯ୍ୟକରିଥାଏ ବୋଲି ସତ୍ୟାନ୍ୱେଷୀ କଥା ନାମକ ଗ୍ରନ୍ଥରେ ବିପୁଳ ଭାବରେ ଜଣାଇଛୁ ।**) ମଣିଷ ଶରୀରର ନାଡୀବ୍ୟବସ୍ଥା ଗଛର ଡାଳପାଖୁଡା ଭଳି ରହିଥିବାରୁ ଗୀତାରେ ତାହାକୁ ଅଶ୍ୱତ୍ଥବୃକ୍ଷ କହିଛନ୍ତି ।

ଏହିଭଳି ନିର୍ମାଣ ବିଶିଷ୍ଟ ଶରୀରରେ ଜୀବ କିପରି ବାସ କରିଥାଏ କହିଲେ, ସର୍ପବଳୟ ଭିତରେ ଥାଏ ବୋଲି ଜଣାଯାଉଛି । ସେଥିଲାଗି ଏହି ବୃକ୍ଷ ବିଷୟକୁ ଜାଣିଗଲେ ବେଦର ବିଷୟ ଜାଣିଯିବା ଭଳି ହୋଇଥାଏ ବୋଲି ଭଗବାନ କହିଛନ୍ତି । ଅଶ୍ୱତ୍ଥ ବୃକ୍ଷ ଭଳି ଶରୀର ସର୍ପବିଷ ବଳୟରେ ରହିବା ଭଳି ରହିଥାଏ । ଏହା ଗୁଣରାଜି ନାମକ ଆହାରକୁ ଉପଯୋଗ କରି ବଢିଥାଏ, କର୍ମ ନାମକ ଫଳ ଫଳି ଦ୍ୱିତୀୟ ଜନ୍ମର ମଞ୍ଜି ହୋଇଥାଏ । ଏହା

ଆମ ଶରୀରରେ ଦେଖାଯାଉଥିବା ବୃକ୍ଷ । ଏହା ବଢିବା ପାଇଁ ଏକ ମୂଳଶକ୍ତି ଆବଶ୍ୟକ । ତାହା ହିଁ ଆତ୍ମାଶକ୍ତି, ସେହି ଶକ୍ତି ମସ୍ତିଷ୍କକୁ କେନ୍ଦ୍ରକରି, ଅଶ୍ୱତ୍ଥ ବୃକ୍ଷ ଭଳି ବ୍ୟାପି, ସାରା ଶରୀରକୁ କାର୍ଯ୍ୟକ୍ଷମ କରିଥାଏ ।

ଗୋଟିଏ ସୂର୍ଯ୍ୟ ଆକାଶରେ ରହି ସାରା ଦୁନିଆକୁ ନିଜର କିରଣ ଦ୍ୱାରା ଆଲୋକିତ କରିବା ଭଳି, ଆତ୍ମା ଶରୀରର ଉପରିଭାଗର ମୁଣ୍ଡରେ ରହି ନାଡୀଗୁଡିକ ଦ୍ୱାରା ସାରାଶରୀରକୁ ଶକ୍ତିପ୍ରାସାର କରିଥାଏ । ଶରୀରର ପ୍ରତ୍ୟେକ ଭାଗରେ ଆତ୍ମାଶକ୍ତି ପହଞ୍ଚି, ପ୍ରତ୍ୟେକ ଭାଗକୁ କାର୍ଯ୍ୟକ୍ଷମ କରିବା ପାଇଁ ଚୈତନ୍ୟ ଦେଇଥାଏ । ସେଥିଲାଗି ଆଖି ଦେଖିପାରେ, ଗୋଡ ଚଳି ପାରେ, ହାତ କାର୍ଯ୍ୟ କରିପାରେ, ମୁଖ କଥା କହିପାରେ । ଏଭଳି ଖାଲି ବାହାର ଅବୟବ ନୁହେଁ ଭିତରେ ଥିବା ଫୁସ୍‌ଫୁସ୍, ହାର୍ଟ, କିଡ୍ନି ଇତ୍ୟାଦି ଆମ ଇଚ୍ଛା ନଥାଇ ମଧ୍ୟ କାର୍ଯ୍ୟ କରିଥା'ନ୍ତି । ଅନୁକ୍ଷଣ ସେହି ଶକ୍ତି ଆମ ଶରୀରରେ ରହିଥିବାରୁ ଆମେ ଶୋଇବା ବେଳେ ମଧ୍ୟ ରକ୍ତ ସଞ୍ଚାଳନ ହୋଇଥାଏ, ଶ୍ୱାସକ୍ରିୟା ଘଟିଥାଏ, ସେହି ଶକ୍ତି ଯେତେବେଳେ ହୃତ୍ପିଣ୍ଡରେ ନ ପହଞ୍ଚିବ ସେତେବେଳେ ତାହା କାର୍ଯ୍ୟକରିବା ବନ୍ଦ କରିଦେବ । ତେଣୁ ଯଦିଓ ମଣିଷ ବଞ୍ଚିଛି, ଯଦିଓ ତାର ଅଙ୍ଗପ୍ରତ୍ୟଙ୍ଗ କାର୍ଯ୍ୟ କରୁଛନ୍ତି, ତେବେ ଶରୀରରେ ସେହି ଆତ୍ମାଚୈତନ୍ୟ ଶକ୍ତି ନିଶ୍ଚୟ ସର୍ବତ୍ର ବ୍ୟାପିରହିଛି ବୋଲି ଜାଣିବା ଉଚିତ୍ ।

ଆତ୍ମାଚୈତନ୍ୟ ଶକ୍ତି ରକ୍ତପ୍ରବାହ ହେଉନଥିବା ପ୍ରଶିରାଗୁଡିକରେ ମଧ୍ୟ ପ୍ରବାହିତ ହୋଇଥାଏ । କେତେବେଳେ କେମିତି ବସିଥିବା ବେଳେ ଗୋଡ ଭିତରେ ଥିବା ନାଡୀର କୌଣସି ଆଲୋଡନରେ ସେଥିରେ ପ୍ରବାହିତ ହେଉଥିବା ଶକ୍ତି ପ୍ରବାହ ବନ୍ଦ ହୋଇଯିବା ବେଳେ, ସେହି ସ୍ଥାନରୁ ତଳକୁ ଥିବା ଅଂଶ ସ୍ପର୍ଶହୀନ ହୋଇଯାଏ, ବଳହୀନ ହୋଇଯାଏ । ଏଭଳି ହେବାବେଳେ ଆମେ ଉଠିଯାଇ ଟିକିଏ ଚଳପ୍ରଚଳ ହେବା ପରେ ପୁଣି କିଛିସମୟ ପରେ ଯଥା ସ୍ଥିତିକୁ ଆସିଥାଏ, ଅର୍ଥାତ୍ ଚୈତନ୍ୟବନ୍ତ ହୋଇଥାଏ । ଏହା ସମସ୍ତେ

ଅନୁଭବ କରିଥିବା ବିଷୟ । ଏକ ଦୂର୍ଘଟଣାରେ ଜଣେ ବ୍ୟକ୍ତିର ମେରୁଦଣ୍ଡ ଅଧାରୁ ଭାଙ୍ଗିଗଲା । ସେ ବ୍ୟକ୍ତିର ମେରୁଦଣ୍ଡ ଭାଙ୍ଗିଯାଇଥିବା ଫୁସ୍‌ଫୁସ୍ ସମାନ୍ତର ଭାଗରୁ ତଳକୁ କୌଣସି ସ୍ପର୍ଶ ଜାଣିପାରିଲା ନାହିଁ, ତାକୁ କୌଣସି ବ୍ୟଥା ମଧ୍ୟ ଜଣାପଡୁନଥିଲା । ମେରୁଦଣ୍ଡ ଭାଙ୍ଗିଯାଉଥିବା ସ୍ଥାନରୁ ଉପରକୁ ସ୍ପର୍ଶ, ବ୍ୟଥା ସବୁକିଛି ଅନୁଭବ କରିପାରୁଥିଲା । ତେଣୁ ତାର ଆତ୍ମଶକ୍ତି ସେହିପର୍ଯ୍ୟନ୍ତ ପ୍ରବାହିତ ହେଉଥିଲା, କିନ୍ତୁ ତଳକୁ ପ୍ରବାହ ହେଉନଥିବାରୁ ତଳଭାଗରେ ଚୈତନ୍ୟଶକ୍ତି ପ୍ରବାହିତ ହେଉନଥିଲା ବୋଲି ଜଣାଯାଉଛି ।

ଏସବୁକୁ ଅନୁଧ୍ୟାନ କଲେ କୁଣ୍ଡଳିକା ଶକ୍ତି ନାମକ ଚୈତନ୍ୟଶକ୍ତି ସର୍ବଦା ଶରୀରରେ ବ୍ୟାପି ରହିପାରେ ବୋଲି ବୁଝାଯାଉଛି । ବାସ୍ତବ ବିଷୟ ଏପରି ଥିବାବେଳେ, କେତେକ ଜ୍ଞାନୀ ବୋଲାଉଥିବା ଲୋକମାନେ କୁଣ୍ଡଳିକା ଶକ୍ତି ନାଭିସ୍ଥାନରେ ସାପ ଭଳି ଚେକାବାନ୍ଧି ଶୋଇଛି, ତାକୁ ହିଁ ସାଧନା ଦ୍ୱାରା ଉଠାଇବାକୁ ହେବ, କୁଣ୍ଡଳିକା ଶକ୍ତିକୁ ଉଠାଇପାରିଲେ ହିଁ ଯୋଗସାଧନା ହୋଇଥାଏ ବୋଲି ବୋଧକରିବା, ପୁସ୍ତକ ରୂପରେ ଲେଖିବା ଘଟିଯାଇଛି । କୁଣ୍ଡଳିକା ଶକ୍ତି କହିଲେ କଅଣ ଜାଣିନଥିବା ଲୋକମାନେ ତାହା ସତ୍ୟ ଭାବିବସିଛନ୍ତି ସିନା, ସତ୍ୟ ନୁହେଁ, ମିଥ୍ୟା ଏବଂ ପ୍ରମାଣହୀନ ବୋଲି ଜାଣିପାରି ନାହାନ୍ତି । କୁଣ୍ଡଳିକା ଶକ୍ତି କଦାପି ଶୋଇନଥାଏ, ତାହା ହିଁ ଚୈତନ୍ୟ ହୋଇଥିବାରୁ ତାର ନିଦ୍ରା ହିଁ ନାହିଁ । ଯଦି ଚୈତନ୍ୟଶକ୍ତି ବା କୁଣ୍ଡଳିକା ଶକ୍ତି ଶୋଇଯିବ, ତେବେ ଶରୀର ନିର୍ବିର୍ଯ୍ୟ, ନଶ୍ଚେଷ୍ଟ ହୋଇଯିବ, ତେଣୁ ଏହି ଶକ୍ତି ଶୋଇଥାଏ ବୋଲି କୌଣସି ପ୍ରମାଣ ଦେଖାଇ ପାରିବା ନାହିଁ, ଏହାର କୌଣସି ଶାସ୍ତ୍ରାଧାର ନାହିଁ, କିଛିଲୋକ ଏହାକୁ ଅନ୍ଧ ଭାବରେ କିପରି କହିଛନ୍ତି ଆଶ୍ଚର୍ଯ୍ୟ ବୋଧ ହୁଏ । ଏହି ଶକ୍ତି କଦାପି ଶୋଇନଥାଏ ବୋଲି ପୂର୍ବେ ଲେଖାଯାଇଥିବା ଆତ୍ମଲିଂଙ୍ଗ ଶତକ ନାମକ ପଦ୍ୟର ଭାବରେ ନିମ୍ନମତେ ଲେଖାଯାଇଛି ଦେଖନ୍ତୁ ।

**କୃଷ୍ଣ ତାମର ଦଳ ନାଭି ରନ୍ଧ୍ରରେ**
**କୁଣ୍ଡଳିସର୍ପ ଡିମ୍ବ ଦେଇଛି ।**
**ହେଲେ ତା ଭିତରେ ଦୁଇ ଶାବକ**
**ଅହର୍ନିଶି ରାବ କରନ୍ତି ॥**

(ଏହି ପଦ୍ୟଟି ଭାବାନୁବାଦ, ଏହାର ସମ୍ପୂର୍ଣ୍ଣ ଅର୍ଥ ଆତ୍ମଲିଙ୍ଗାର୍ଥମ୍" ନାମକ ଗ୍ରନ୍ଥରେ ରହିଛି । ଏଠାରେ କେବଳ ପଦ୍ୟର ଉଦ୍ଦେଶ୍ୟକୁ କହିବାକୁ ଯାଇ) ଏହି ପଦ୍ୟରେ କୁଣ୍ଡଳିକା ଶକ୍ତିକୁ ପ୍ରଶ୍ୱାସ ନିଃଶ୍ୱାସ ଭାବେ ବର୍ଣ୍ଣନା କରିଛନ୍ତି, ଯାହା ଦିନରାତି ଶବ୍ଦ କରୁଛି । ଏହି ପ୍ରମାଣ ଅନୁସାରେ ତାହା ଶୋଇନଥାଏ ବୋଲି ଜଣାଯାଉଛି । ଶରୀର କାର୍ଯ୍ୟଗୁଡିକ ହେବାକୁ କର୍ମ କାରଣ ହେଲେ, ସେହି କାର୍ଯ୍ୟଗୁଡିକ ହେବା ପାଇଁ କୁଣ୍ଡଳିକା ଶକ୍ତି ହିଁ କାରଣ ହୋଇ ରହିଛି । କର୍ମାନୁସାରେ ଚଳପ୍ରଚଳ ହେବାକୁ ଥିବା ଶରୀର ଗୁଡିକରେ ଚଳପ୍ରଚଳ ହେବା ପଛରେ ଶକ୍ତି ଭାବରେ ରହି ଅହର୍ନିଶି ଜାଗ୍ରତାବସ୍ଥାରେ ଅଛି । ମଣିଷ ନିଦ୍ରା ଯିବାବେଳେ, ବାହ୍ୟ ଶରୀର ଚଳପ୍ରଚଳ ହେଉନଥିଲେ ମଧ୍ୟ, ଭିତରେ ଘଟୁଥିବା କାର୍ଯ୍ୟଗୁଡିକ ପଛରେ ଶକ୍ତିହୋଇ ସର୍ବଦା ରହିଛି । ଭିତର ଅବୟବ ଗୁଡିକୁ ଯାଇଥିବା ନାଡୀ ଗୁଡିକରେ ଶକ୍ତିହୋଇ ପ୍ରବାହିତ ହେଉଛି, ଆମେ ସତର୍କ ନହୋଇ ଶୋଉଥିଲେ ମଧ୍ୟ ସେ ଶକ୍ତି ସତର୍କହୋଇ ସର୍ବଦା ଆମକୁ ଜଗି ରହୁଛି । ଏଭଳି ଶକ୍ତିକୁ ନିଦ୍ରାଯାଇଛି କହିବା ଘୋର ଅପରାଧ ।

*****

# ଆଶ୍ରମ - ପୋଲିସ୍ ଷ୍ଟେଷନ୍

ଅଧୂନାତନ କାଳରେ ସମସ୍ତେ ଯିଏ ଯାହା କାର୍ଯ୍ୟ କରିବାରେ ଲାଗିପଡିଛନ୍ତି । ଯିଏ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ସେମାନଙ୍କ ଉଦ୍ଦେଶ୍ୟରେ

ଭଲକାର୍ଯ୍ୟ, ପ୍ରିୟକାର୍ଯ୍ୟ ହୋଇଥାଏ । ନିଜେ କରୁଥିବା କାର୍ଯ୍ୟରେ ଅନ୍ୟପାଇଁ କେତେ ଲାଭଥାଏ, କେତେ କ୍ଷତିଥାଏ ତାହା ବିଚାର ନକରି ମଣିଷ ନିଜର ଲାଭ, ସୁଖ ଦେଖିଥାଏ । ଏଭଳି ଆମେ କରୁଥିବା କାର୍ଯ୍ୟଗୁଡିକ ଭିତରେ କିଛି ଭଲକାର୍ଯ୍ୟ ଥାଇପାରେ, କିଛି ଖରାପକାର୍ଯ୍ୟ ମଧ୍ୟ ଥାଇପାରେ । ତାହା ଯାହା ବି ହେଉ, ସେତେବେଳେ ମଣିଷ ତାର ଦରକାରି କାର୍ଯ୍ୟ କରିଥାଏ, ସିନା ତାହା ଭଲ କି ମନ୍ଦ ବିଚାର କରିନଥାଏ । କେତେବେଳେ ଥରେ ସେ ଆଲୋଚନା ଆସିଲେ ମଧ୍ୟ, ଯାହା କରୁଛି ତାହା ଭଲ ବୋଲି ଭାବିଥାଏ । ଯଦି କୌଣସି ବ୍ୟକ୍ତି ତୁ ଯାହା କରୁଛୁ ତାହା ଠିକ୍ ନୁହେଁ କହିଲେ ମଧ୍ୟ, ସେ ସେତେବେଳେ ଏହା ମୋ ପାଇଁ ଭଲକାର୍ଯ୍ୟ ଭାବିଥାଏ, କହିଥାଏ ।

କିଏ କେଉଁ କାର୍ଯ୍ୟ କରୁଥିଲେ ମଧ୍ୟ, ତାହା ଭଲକାର୍ଯ୍ୟ କି ଖରାପ କାର୍ଯ୍ୟ ବୋଲି କିପରି ନିର୍ଣ୍ଣୟ କରିବା ? ଭଲଲୋକ ଭଲକାର୍ଯ୍ୟ କରୁଥିବା ବେଳେ, ତାହାକୁ ଖରାପଲୋକ ଖରାପକାର୍ଯ୍ୟ ବୋଲି କାହିଁକି ନକହିବ ? ଖରାପଲୋକ ଦୃଷ୍ଟିରେ ଭଲଲୋକର କାର୍ଯ୍ୟ ଖରାପ, ଖରାପକାର୍ଯ୍ୟ ଭଲ ବୋଲି ତାଠାରେ କାହିଁକି ଭାବନା ନଆସିବ ? ସେତେବେଳେ ଏହା ଭଲକାର୍ଯ୍ୟ କି ଖରାପ କାର୍ଯ୍ୟ ବୋଲି କିପରି ନିର୍ଣ୍ଣୟ ନେବା ? ଏହି ପ୍ରଶ୍ନର କ'ଣ ସମାଧାନ ନାହିଁ! କହିଲେ, ସମାଧାନ ଅଛି ବୋଲି କହି ପାରିବା । ନୀତି ନ୍ୟାୟ ସୂତ୍ର ଅନୁସାରେ କେଉଁ କାର୍ଯ୍ୟ ଭଲ, କେଉଁ କାର୍ଯ୍ୟ ମନ୍ଦ ନିର୍ଣ୍ଣୟ କରିପାରିବା । ନୀତିସୂତ୍ରକୁ ଅନେକ ବଡବଡ ଲୋକମାନେ ଜଣାଇଛନ୍ତି । ନୀତି ପରିଧି ଭିତରେ ହେଉଥିବା କାର୍ଯ୍ୟଗୁଡିକ ନ୍ୟାୟଯୁକ୍ତ କାର୍ଯ୍ୟ ହୋଇଥାଏ । ଅନୀତି ପରିଧି ଭିତରର କାର୍ଯ୍ୟ ଅନ୍ୟାୟ ହୋଇଥାଏ । ଏହାସବୁ ବାହ୍ୟତଃ ଦେଖାଯାଉଥିବା ବିଷୟ ହୋଇ ରହିଛି । ବାହ୍ୟତଃ କୌଣସି କାର୍ଯ୍ୟରୁ ଟଙ୍କାରୂପେ, ଧାନ୍ୟରୂପେ, ବସ୍ତୁରୂପେ, ଏଭଳି ଅନେକ ରୂପରେ ଦେଖାଯାଉଥିବା ଫଳ ମିଳିଥାଏ, କିନ୍ତୁ ଆଖିକୁ ଦେଖାଯାଉ ନଥିବା ଫଳ ମଧ୍ୟ ସେହି କାର୍ଯ୍ୟରୁ ଆସିଥାଏ ବୋଲି ଅନେକଙ୍କୁ ଜଣାନଥାଏ, ସେହି ଅଜଣା ଫଳ ହେଉଛି ପାପ ଏବଂ

ପୂଣ୍ୟ । କାର୍ଯ୍ୟାଚରଣରେ ପାପକୁ ନଡରି, ପାପ ଆସିବା ଭଳି କାର୍ଯ୍ୟ ଅନେକ ଲୋକ କରିଥା'ନ୍ତି ।

ଏକ ସୂତ୍ର ଅନୁସାରେ ମନ୍ଦ ହୋଇଥିବା ଅନୀତି କାର୍ଯ୍ୟ କରିବା ଦ୍ୱାରା ପାପ ଏବଂ ନୀତିଯୁକ୍ତ କାର୍ଯ୍ୟରୁ ପୁଣ୍ୟ ଆସିଥାଏ ବୋଲି ପ୍ରାୟ ଅନେକ ଜାଣିଥା'ନ୍ତି । ପାପ ଦ୍ୱାରା କ'ଣ ଫଳ ମିଳିଥାଏ, ସେହିଭଳି ପୁଣ୍ୟ ଦ୍ୱାରା କ'ଣ ଫଳ (ଅନୁଭୂତି) ମିଳିଥାଏ ବୋଲି ପ୍ରଶ୍ନ ମଧ୍ୟ ଆସିଥାଏ । ଏହାର ଜାବବ ଦେଖିଲେ, ପୁଣ୍ୟ ଦ୍ୱାରା ସୁଖସନ୍ତୋଷ ମିଳିଥାଏ, ପାପ ଦ୍ୱାରା ଦୁଃଖକଷ୍ଟ ମିଳିଥାଏ ବୋଲି ଜଣାଯାଏ । ଏ ଜନ୍ମରେ କରିଥିବା ପାପକାର୍ଯ୍ୟ କିମ୍ବା ପୁଣ୍ୟ କାର୍ଯ୍ୟ କ'ଣ ଏଇ ଜନ୍ମରେ ମିଳିଥାଏ ? ବୋଲି ପ୍ରଶ୍ନ ମଧ୍ୟ ଆସେ । ଏହାର ଜବାବରେ ମଧ୍ୟ ଜାଣିବାକୁ ମିଳେ ଯେ, ଯାହା ଏ ଜନ୍ମରେ ଅର୍ଜନ କରିଛେ ତାହା ଏ ଜନ୍ମରେ ନୁହେଁ ଆସନ୍ତା ଜନ୍ମରେ ଅନୁଭବ କରିବାକୁ ହୋଇଥାଏ । ଏକ ଖରାପକାର୍ଯ୍ୟ କଲେ ମଧ୍ୟ ବାହାରକୁ ଦେଖାଯାଉଥିବା ଅନୁକୂଳ ଫଳ ଉପରେ ଦୃଷ୍ଟିଦେବା ଦ୍ୱାରା, ଆଖିକୁ ଦେଖାଯାଉ ନଥିବା ପାପପୁଣ୍ୟ ଆଖିକୁ ଦେଖାନଯାଇ ସେଗୁଡିକର ଅନୁଭବ ନଥିବା ଦ୍ୱାରା, ମଣିଷ କୌଣସି ଖରାପକାର୍ଯ୍ୟକୁ ଭୟ ନକରି ଭୌତିକ କାମନାକୁ ଦୃଷ୍ଟିଦେଇ କାର୍ଯ୍ୟ କରିଥାଏ ।

ଜଣକୁ ଠକିବା ଦ୍ୱାରା ଆଉଜଣେ ଲାଭବାନ ହୋଇଥାଏ । ଜଣକୁ ହତ୍ୟା କରିବା ଦ୍ୱାରା ତାର ଧନସମ୍ପତ୍ତିର ଲାଭ ଆଉଜଣେ ପାଇଥାଏ । ଏଭଳି ନିଜର ଲାଭ ଉପରେ ମଣିଷର ଦୃଷ୍ଟି ରହିବା ଦ୍ୱାରା, ତା ମୁଣ୍ଡରେ ପାପ ଭୟ ନଥାଇ, ନିଜର ପ୍ରିୟ କାର୍ଯ୍ୟ ଉପରେ ଥାଏ । ପ୍ରଜାମାନେ ମନ୍ଦକାର୍ଯ୍ୟ ନକରନ୍ତୁ ବୋଲି ସରକାର କେତେ ନିୟମ ତିଆରି କରିଛନ୍ତି । ଠକ, ହତ୍ୟାକାରୀ, କୁତନ୍ତ୍ରୀ, ଚୋରମାନଙ୍କୁ ଦମନ କରିବା ପାଇଁ, ଭଲ ଲୋକମାନଙ୍କୁ ରକ୍ଷା କରିବା ପାଇଁ ସରକାର ରାଜ୍ୟରେ ପୋଲିସ୍ ଷ୍ଟେସନ୍ ତିଆରି କରିଛନ୍ତି । ଭୁଲ୍ କରିଥିବା ଲୋକମାନଙ୍କର ବିଚାର କରିବା ପାଇଁ

କୋର୍ଟ କଚେରୀ ତିଆରି କରି ନ୍ୟାୟାଧିଶମାନଙ୍କୁ ରଖିଛନ୍ତି, ଭୁଲ୍ ପାଇଁ ଦଣ୍ଡ ଅନୁଭବ କରିବାକୁ ଜେଲ୍ ମଧ୍ୟ ତିଆରି କରିଛନ୍ତି । ଏହିଭଳି ସରକାରଙ୍କ ଉଦ୍ଦେଶ୍ୟ ଖୁବ୍ ଭଲ ହୋଇଥିଲେ ମଧ୍ୟ, ସରକାରଙ୍କ ଦ୍ୱାରା ସମାଜରୁ ମନ୍ଦକୁ କେତେଦୂର ଦୂର କରାଯାଇପାରିଛି ବୋଲି ବିଚାରକଲେ, ପ୍ରତି ମଣିଷ ପଛରେ ଜଣେ ପୋଲିସ୍ ଲଗାଇଲେ ମଧ୍ୟ ମଣିଷ ମନ୍ଦକାର୍ଯ୍ୟ ବା ଖରାପକାର୍ଯ୍ୟ କରିବାକୁ ତାର ଚେଷ୍ଟା ଜାରି ରଖିବ ବୋଲି ଆଜିର ସମାଜକୁ ଲକ୍ଷ୍ୟକରି କହିହେଉଛି । ମନ୍ଦକାର୍ଯ୍ୟ କରୁଥିବା ଲୋକମାନେ ପୋଲିସ୍, କୋର୍ଟ୍ କଚେରୀ, ଜେଲ୍ ଅଛି ବୋଲି ଭୟକରନ୍ତି ନାହିଁ । ସେଥିଲାଗି ସବୁ ଥାଇ ମଧ୍ୟ ଚୋରି, ଡକାୟତି, ମାନଭଙ୍ଗ, ହତ୍ୟା ଇତ୍ୟାଦି ଅନେକ ମନ୍ଦକାର୍ଯ୍ୟ ଦିନକୁ ଦିନ ବଢୁଛି ସିନା କମିବାରେ ନାହିଁ । ସବୁର ମୂଳ କାରଣ ହେଉଛି ମଣିଷ ଭିତରେ ପାପର ଭୟ ନାହିଁ ।

ଆଉଟିକିଏ ବିଚାର କଲେ ସରକାର କେତେ ଟଙ୍କା ଖର୍ଚ୍ଚକରି ପୋଲିସ୍, ପୋଲିସ୍‌ଷ୍ଟେଷନ୍ ବଢାଇ ଚାଲିଲେ ମଧ୍ୟ, ସରକାର ଆଶା କରୁଥିବା ଫଳ ନମିଳିବା କାରଣ ହେଉଛି ! ସମସ୍ତେ ନହେଲେ ମଧ୍ୟ ସେହି ପୋଲିସ୍ ମାନଙ୍କ ଭିତରୁ କେଇଜଣଙ୍କ ଠାରେ କିଛି ଦୁର୍ବଳତା ରହିବା । ପୋଲିସ୍ ଚାକିରି କରିଥିବା ପାତ୍ରମାନେ ମଧ୍ୟ ଜଣେ ଜଣେ ମଣିଷ ହୋଇଥିବାରୁ, ସେମାନଙ୍କଠାରେ ମଧ୍ୟ ଭଲମନ୍ଦ ନାମକ ଦୁଇ ପ୍ରକାରର ଗୁଣ କାର୍ଯ୍ୟ କରୁଥିବାରୁ ନିଜର ବୃତ୍ତିରେ ମଧ୍ୟ ମନ୍ଦ କାର୍ଯ୍ୟ ଆଚରଣ କରିଥା'ନ୍ତି । କେତେକ ଦୋଷି ପୋଲିସ ହାତରେ ଧରାପଡିଲେ ମଧ୍ୟ ସେମାନେ ପୋଲିସକୁ ଟଙ୍କାଲୋଭ ଦେଖାଇ ଖସିଯାଉଛନ୍ତି । ପୋଲିସ୍ ମଧ୍ୟ ଏହା ଠିକ୍ ନୁହେଁ ବୋଲି ବିଚାର ନକରିବା ଦ୍ୱାରା ସେମାନେ ମଧ୍ୟ ଅନୀତି କରୁଛନ୍ତି । କେତେକ ଇନିସ୍ପେକ୍ଟର ଯଦି କୌଣସି ଅଞ୍ଚଳରେ ଚାକିରି ପାଆନ୍ତି, ସେମାନେ ଗର୍ବ କାରଣରୁ ସେ ଅଞ୍ଚଳର ରାଜା ହେବା ଭଳି ନିଜର ଇଚ୍ଛା ଅନୁସାରେ ପାପହେବ ବୋଲି ମଧ୍ୟ ନଭାବି ଅନେକ

ମନ୍ଦକାର୍ଯ୍ୟ କରିଥା'ନ୍ତି । ମଦୁଆ, ଜୁଆଡିମାନଙ୍କ କାର୍ଯ୍ୟରେ ରୋକ୍ ଲଗାଇବା ପାଇଁ ସରକାର ଅନେକ ନିୟମ ରଖିଥିବା ବେଳେ, ସେମାନଙ୍କଠାରୁ ଟଙ୍କା ନେଇ ସେମାନଙ୍କ କାର୍ଯ୍ୟ ଚାଲୁରହିବା ଭଳି କରିଥା'ନ୍ତି । ବଡ ବଡ ଚୋରା ପରିବହନ କରୁଥିବା ଲୋକମାନଙ୍କୁ, ଲକ୍ଷ ଲକ୍ଷ ଟଙ୍କାର ଠକାମି କରୁଥିବା ଲୋକମାନଙ୍କୁ ଦେଖି ମଧ୍ୟ ଅଣଦେଖା ରହୁଛନ୍ତି । ହତ୍ୟା, ରେପ୍ କରୁଥିବା ଲୋକମାନଙ୍କୁ ଦେଖି ନଦେଖିଲା ଭଳି ରହୁଛନ୍ତି । ସରଳ ପ୍ରଜାମାନଙ୍କ ସେବା ପାଇଁ ନିଯୁକ୍ତି ହେଉଥିଲେ ମଧ୍ୟ, ନିଜର କର୍ତ୍ତବ୍ୟ ନକରି କୀର୍ତ୍ତି ପାଇଁ ନେତାମାନଙ୍କ ସହିତ ହାତ ମେଳାଉଛନ୍ତି । ଏଭଳି ପ୍ରଜାମାନେ, ନେତାମାନେ, ମଝିରେ ଥିବା କର୍ମଚାରୀମାନେ ସମସ୍ତେ ଅନୀତିରେ ଭାଗିଦାର ହେଉଛନ୍ତି, ଏସବୁ ବାସ୍ତବ ହେଲେ ମଧ୍ୟ ଏଥିପାଇଁ କେହି କିଛି କରିପାରିବେ ନାହିଁ, କାରଣ ! ଏହା ପ୍ରକୃତିର ସାଧାରଣ ନିୟମ । ସମସ୍ତଙ୍କଠାରେ ପ୍ରକୃତି ନିର୍ମିତ ଗୁଣରାଜି ରହିବା ଦ୍ୱାରା ଗୁଣଗୁଡିକର ଭଲ ମନ୍ଦ ପ୍ରଭାବ ସାଧାରଣତଃ ସମସ୍ତଙ୍କଠାରେ ପଡିଥାଏ । ନିଜ ଭିତରେ ଥିବା ଗୁଣର ପ୍ରଭାବକୁ ଚିହ୍ନିପାରୁ ନଥିବା ମଣିଷ କୌଣସି ଡିପାଟମେଣ୍ଟ୍‌ରେ କାର୍ଯ୍ୟ କରୁପଛେ ପାପକୁ ନଡରି କାର୍ଯ୍ୟ କରିବା ଦୁର୍ଯୋଗ ରହିଛି । ଏଭଳି ମଣିଷ ଭଲକାର୍ଯ୍ୟ ନକରି ଖରାପକାର୍ଯ୍ୟ କରିବାର କାରଣ ହେଉଛି ମଣିଷ ଭିତରେ ପାପଭୀତି ନରହିବା, ମଣିଷ ପାପର ବିବରଣ ନଜାଣିବା ।

ମଣିଷକୁ ପାପପୁଣ୍ୟର ବିବରଣ ଜଣାଇବାକୁ ହେଲେ, ସେମାନଙ୍କୁ ଖରାପରୁ ଭଲକୁ, ଭଲରୁ ଆହୁରି ଉନ୍ନତ ସ୍ଥିତିକୁ ଆଣିବା କେବଳ ଜଣେ ଗୁରୁଙ୍କ ଦ୍ୱାରା ସମ୍ଭବ ହୋଇଥାଏ । ପାପପୁଣ୍ୟର ବିବରଣ ଜଣାଇ, କର୍ମକୁ କିପରି ନିରୋଧ କରିବାକୁ ହେବ ବତାଇ, ଗୁଣ ପ୍ରଭାବ କିପରି ଥାଏ ଜଣାଇ, ମାନବ ଶରୀରରେ ମନର ରହସ୍ୟକୁ କହି ଜଣେ ଗୁରୁ କେତେବଡ କଠୋର ବ୍ୟକ୍ତିକୁ ମଧ୍ୟ ବଦଳାଇଦେଇ ପାରନ୍ତି । ବାହ୍ୟ ଶିକ୍ଷା ଦ୍ୱାରା ମଣିଷ ବଦଳି ନଥାଏ, ଭିତରେ ତାର ମନ ଏବଂ ଗୁଣର ପରିବର୍ତ୍ତନ ହେବା ଦ୍ୱାରା ମଣିଷ

ବଦଳିଥାଏ ବୋଲି ଗୁରୁଙ୍କୁ ଜଣାଥାଏ । ଦଣ୍ଡ ଦେଇ ପାରୁଥିବା ଅଧିକାର ମଣିଷର ସ୍ୱଭାବକୁ କଦାପି ବଦଳାଇ ପାରିବ ନାହିଁ, କିନ୍ତୁ ଜ୍ଞାନ ବିବରଣୀ ଜାଣିବା ପରେ ମଣିଷ ଆପଣାଛାଏଁ ବଦଳିପାରେ । ସେତେବେଳେ ଜଣେ ଅଜ୍ଞାନୀ ଉନ୍ନତ ଜ୍ଞାନୀଟିଏ ହୋଇପାରେ । ଭଗବଦ୍ଗୀତାରେ ଭଗବାନ ମଧ୍ୟ ଦୁଷ୍ଟମାନଙ୍କ ସଂଖ୍ୟା କମ୍ କରିବାପାଇଁ, ସନ୍ମାର୍ଗରେ ଚାଲୁଥିବା ଲୋକମାନଙ୍କ ସଂଖ୍ୟାକୁ ବଢାଇବା ପାଇଁ ମୁଁ ଧର୍ମବୋଧ କରିଥାଏ ବୋଲି କହିଛନ୍ତି, କିନ୍ତୁ ସେମାନଙ୍କୁ ମାରିଦେବି ବୋଲି କହିନାହାନ୍ତି । ବାହାରର ଦଣ୍ଡରେ ନବଦଳି, ଭୁଲ୍ ଉପରେ ଭୁଲ୍ କରି ଦଣ୍ଡରୁ କିପରି ମୁକୁଳିବି ବୋଲି ଚିନ୍ତା କରୁଥିବା ଲୋକ, ନିଜଦ୍ୱାରା ଏହି କାର୍ଯ୍ୟକଲେ ହୁଏତ ମୋର ପାପ ହେବ, ତାକୁ ହିଁ ମୋତେ ନିଶ୍ଚୟ ଅନୁଭବ କରିବାକୁ ହେବ ବୋଲି ଯେତେବେଳେ ବୁଝିବ, ଭୟ କରିବ ସେତେବେଳେ ଭୁଲ୍ କରିବ ନାହିଁ ।

କେତେକ ଗୁରୁମାନେ ମଣିଷଠାରେ ପାପଭୟ ଜନ୍ମାଇବା ପାଇଁ, ପାପକାର୍ଯ୍ୟ ନକରିବା ପାଇଁ ଏକ ଯମଲୋକ ଅଛି, ଆମେ କରିଥିବା ପାପ ଅନୁସାରେ ଯମଲୋକରେ ଦଣ୍ଡ ମିଳିଥାଏ, ସେଠାରେ ମଣିଷକୁ ଭୟଙ୍କର ମାଡମାରିବା, ହାଣିବା, କାଟିବା, ତାତିଥିବା ତେଲରେ ପକାଇବା, କାଉମାନଙ୍କ ଦ୍ୱାରା ଖୁମ୍ପାଇବା,କଙ୍କଡାବିଛା,ସାପ ଇତ୍ୟାଦି ଯନ୍ତ୍ରଣାଦାୟକ ଜନ୍ତୁମାନଙ୍କ ଦ୍ୱାରା ଦଂଶନ କରାଇବା, କାମୁଡେଇବା, ଶୂଳୀରେ ଚଢାଇବା, ଦାମ୍ଫଣରେ ଫୋଡିବା ଇଦ୍ୟାଦି ବିଭିନ୍ନ ପ୍ରକାରର ଯନ୍ତ୍ରଣା ଦିଆଯାଏ । ଏହିଭଳି ନାନା ପ୍ରକାରର ଭୟଜାତ କରାଇ ମଣିଷ ପାପକାର୍ଯ୍ୟ କଲେ ଏ ପାପ ଅନୁସାରେ ଏ ଦଣ୍ଡ, ସେ ପାପକଲେ ସେ ଦଣ୍ଡ ମିଳିଥାଏ କହିବା ଦ୍ୱାରା କିଛିଲୋକ ତ ନିଶ୍ଚୟ ପାପକାର୍ଯ୍ୟ କରିବାକୁ ଡରୁଥିଲେ, କିନ୍ତୁ ସମସ୍ତଙ୍କଠାରେ ଏହି ପରିବର୍ତ୍ତନ ଆସୁନଥିଲା । ଯମପୁରକୁ ଏକ କାହାଣୀ କହନ୍ତି ସିନା, ପାପକାର୍ଯ୍ୟ କରିବାକୁ କେହି ଡରନ୍ତି ନାହିଁ । କେହି ଯମପୁରକୁ ଭୟ ନକରିବାର କାରଣ ହେଉଛି, ଯମପୁରକୁ କେହି ଦେଖିନାହାନ୍ତି, ତେଣୁ

ଯମପୁର ସତରେ ଅଛି କି ନାହିଁ, ଯଦି ଥାଏ ତେବେ ଯମପୁରକୁ ଗଲେ ସେସବୁ ଦେଖାଅଛି, ହେଲେ ଏବେ ମୋର ଏହି କାର୍ଯ୍ୟଟି ମୋ ପାଇଁ ଅନୁକୂଳ, ନକରିବା ମୁର୍ଖାମି ହେବ, ତାଛଡା ଯମପୁରକୁ ଯାଇ ସେଠାରୁ ଫେରିଥିବା ଲୋକ କେହି ପ୍ରମାଣ ଭାବରେ ନାହାନ୍ତି । ତେଣୁ ଯମପୁରକୁ କେହି ଭୟକରନ୍ତି ନାହିଁ, ଯିଏ ଯେଉଁଭଳି କାର୍ଯ୍ୟ କରିବାକୁ ଇଚ୍ଛାକରନ୍ତି ତାହା କୌଣସି ପାପଭୟ ନରଖି କରନ୍ତି । ଏହା କିଛି ପୂର୍ବକାଳର କଥା ବୋଲି କହିପାରିବା । ଆଜିର ଯୁବକ ଯୁବତୀ ମାନଙ୍କୁ ଯମପୁର ଅଛି ବୋଲି ବିଷୟ ମଧ୍ୟ ଜଣାନାହିଁ । ଅସଲ କଥା ହେଉଛି ପାପ କଅଣ ତାହା ସେମାନେ ଜାଣନ୍ତି ନାହିଁ ।

ଏହିଭଳି ପରିସ୍ଥିତିରେ କର୍ମ ବିବରଣ ଜଣାଥିବା ଗୁରୁ ଜଣେ ସମାଜ ପାଇଁ ଦରକାର ହୋଇଥାଏ, କିନ୍ତୁ ଆଜି ଗୁରୁ କହିଲେ କେହି ଜଣେ ଓଲା, ବାଇଆ ହୋଇଥିବ ନଚେତ ଚୋର ହୋଇଥିବେ ବୋଲି ଭାବନା କରୁଥିବା ସମାଜ ସୃଷ୍ଟିହୋଇଛି । ସରକାର ପୋଲିସ୍‌ଷ୍ଟେସନ୍ ବଢାଇଚାଲିଛନ୍ତି ସିନା, କୌଣସି ସ୍ଥାନରେ ଏକ ଆଶ୍ରମ ଖୋଲି ସେଠାରେ କୌଣସି ଜଣେ ଗୁରୁଙ୍କ ଥଇଥାନ କରାଇ, ପ୍ରଜାମାନଙ୍କୁ ସତ୍ୟମାର୍ଗରେ ଚଲାଇବା ବନ୍ଦୋବସ୍ତ କରୁନାହାନ୍ତି । ଅନ୍ୟ ମତଗୁଡିକରେ ଗୁରୁମାନଙ୍କୁ ସେମାନେ ଉନ୍ନତ ସ୍ଥାନରେ ରଖିଥା'ନ୍ତି, ସେମାନେ ସେମାନଙ୍କ ଗୁରୁବାଣୀକୁ ଉନ୍ନତ ସମ୍ମାନ ଦିଅନ୍ତି, ଅକ୍ଷରେ ଅକ୍ଷରେ ପାଳନ କରନ୍ତି । ସିଖ୍ ମତରେ ଜଣେ କେତେବଡ ଉନ୍ନତ ପଦବୀରେ ରହିଲେ ମଧ୍ୟ ସେମାନଙ୍କ ଗୁରୁଙ୍କୁ ସେ ରୀତି ମୁତାବକ ସମ୍ମାନ ଦିଏ, ତାଙ୍କ କଥା ମାନେ, ଗୁରୁବାଣୀକୁ ଆଚରଣରେ ଆଣେ । ଦିନେ **ପଞ୍ଜାବ ମୁଖ୍ୟମନ୍ତ୍ରୀ ବର୍ଣ୍ଣାଲ** ତାଙ୍କର ମତ ସମ୍ବନ୍ଧୀୟ ଭୁଲ୍ କରି ଦେଇଥିବାରୁ ସିଖ୍‌ମାନଙ୍କ ଗୁରୁ ତାଙ୍କୁ ଯେଉଁ ଦଣ୍ଡ ଆଦେଶ କରିଥିଲେ ତାହା ସେ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ । ତାଙ୍କୁ ଗୁରୁଦ୍ୱାରର ଏକ ସ୍ତମ୍ଭରେ ବାନ୍ଧି ଦିଆଯାଇଥିଲା, ତାପରେ ସେଠାକୁ ଆସୁଥିବା ଭକ୍ତମାନଙ୍କ ଜୋତା ସଫା କରିବାକୁ ଆଦେଶ ହୋଇଥିଲା ।

ସିଖ୍‌ମାନଙ୍କ ଗୁରୁଭକ୍ତି ତ ଦେଖିଲେ, ସେମିତି ମୁସ୍‌ଲିମ୍‌ମାନେ ଆରବ ଦେଶରେ ସେମାନଙ୍କ ମତଗୁରୁଙ୍କୁ ଦେଶର ପରିପାଳକ ଭାବରେ ରାଜା ଭଳି କରି ରଖିଥା'ନ୍ତି । ନିଜ ନିଜ ମତର ରକ୍ଷଣ ନିମନ୍ତେ ସେମାନେ ଦୈବଭକ୍ତିକୁ ପ୍ରାଧାନ୍ୟ ଦେଇଥା'ନ୍ତି । ଏଥି ନିମନ୍ତେ ସେମାନେ ଅନେକ ଆଡ଼ର ତିଆରି କରିଛନ୍ତି, କିନ୍ତୁ ହିନ୍ଦୁମତରେ ଜଣେ ଗୁରୁଙ୍କୁ ସାଧାରଣ ଲୋକେ ମଧ୍ୟ ନୀଚଦୃଷ୍ଟିରେ ଦେଖୁଛନ୍ତି । ଏଭଳି ପରିସ୍ଥିତିରେ ଗୁରୁମାନେ ମଧ୍ୟ ନିଜ ପେଟପୋଷିବା କାର୍ଯ୍ୟରେ ନାନା ଉପାୟ ଅବଲମ୍ବନ କରୁଛନ୍ତି । ତେଣୁ ସେମାନେ ମଣିଷକୁ କିପରି ସଠିକ ଜ୍ଞାନବୋଧ କରିବେ ? କଲେ ବଞ୍ଚିବେ କେମିତି ? ତେଣୁ ଆଜି କେତେକ ଗୁରୁମାନେ ମଧ୍ୟ ପ୍ରକୃତ ବିଷୟ ନକହି ଆହ୍ଲାଦକର ଗପ ଶୁଣାଉଛନ୍ତି । ଆମେ କହିବା ଭଳି କଲେ ତୁମର ଦୁଃଖ କଷ୍ଟ ରହିବ ନାହିଁ, ଏମିତି କଲେ ସୁଖରେ ରହିବ, ସେମିତି କଲେ ବିପଦ ନାହିଁ ଏଭଳି ପ୍ରଜାମାନଙ୍କ ପେଟପୁରା କାହାଣୀ କହୁଛନ୍ତି, ପ୍ରଜାମାନଙ୍କ ପେଟ ମଧ୍ୟ ପୁରିଯାଉଛି । ତଥାପି ଗୁରୁମାନଙ୍କ ଭିତରେ କେଉଁଠାରେ କେହି ଜଣେ ପ୍ରକୃତ ଗୁରୁ ରହିଥା'ନ୍ତି, ସେ ପ୍ରଜାନୁକୁଳ ବାଣୀ କହିବା ଉଚିତ୍, ସତ୍ୟବୋଧ କରିବା ଉଚିତ୍ ଭାବ ନେଇ ରହିବା ସହିତ ପ୍ରଜାମାନେ ଗୁରୁଙ୍କ ପାଖକୁ ଯିବା ଉଚିତ୍ ସିନା, ଗୁରୁ ପ୍ରଜାମାନଙ୍କ ପାଖକୁ ଯିବା ଉଚିତ୍ ନୁହେଁ, ଏଭଳି ସତ୍ ନିର୍ଣ୍ଣୟରେ ରହି, ମଣିଷକୁ ତାଙ୍କ ଜ୍ଞାନ ପସନ୍ଦ ନହେଲେ ମଧ୍ୟ, ଟାଣୁଆ କଥା କହିଲେ ମଧ୍ୟ ସତ୍ୟକଥା କହିଥା'ନ୍ତି । ଏମିତି ରହିଥିବା ବାସ୍ତବ ଗୁରୁଙ୍କ ଜ୍ଞାନରେ ଅନେକ ନିନ୍ଦା ଆସି ମିଶୁଥିଲେ ମଧ୍ୟ ସେ ତାହା ଖାତର ନକରି, ମଣିଷକୁ ଉପଯୁକ୍ତମାର୍ଗ ଦେଖାଇବାକୁ ଚେଷ୍ଟା କରିଥା'ନ୍ତି ।

ପ୍ରକୃତ ଗୁରୁ ପ୍ରଜାମାନଙ୍କୁ ଯମଲୋକ କାହାଣୀ କହନ୍ତି ନାହିଁ । ପାପ ପୁଣ୍ୟର ଯଥାର୍ଥ ବିଷୟକୁ ଜଣାଇବା ସହିତ ଯମଲୋକ ସ୍ୱର୍ଗଲୋକ ଅନ୍ୟ କେଉଁଠାରେ ନାହିଁ, ତାହା ଏଇ ଭୂଲୋକରେ ହିଁ ଅଛି ବୋଲି କହିଥାନ୍ତି ।

ସତକଥା ଜାଣିବା ଦିଗରେ ବିଚାରକଲେ ଯମଲୋକ ଏଇ ଭୂଲୋକରେ ହିଁ ଥାଏ ବୋଲି ଜଣାପଡେ । ଯମଲୋକରେ ଯେଉଁ ଯେଉଁ ଯନ୍ତ୍ରଣା ଥାଏ ବୋଲି କାହାଣୀରେ ରହିଛି ତାହା ସବୁ ଏଇ ଭୂଲୋକରେ ହିଁ ଦେଖିବାକୁ ମିଳୁଛି । ଭୂଲୋକରେ ହିଁ ମଣିଷ ମଣିଷକୁ ହାଣୁଛି, କାଟୁଛି, ତେଲରେ ପକାଉଛି । ଏଭଳି ସବୁ ପ୍ରକାରର ଯନ୍ତ୍ରଣାଦାୟକ ଘଟଣା ଘଟୁଛି ଏଇ ଭୂଲୋକରେ । ମଣିଷ ସବୁ ଏଇଠି ଅନୁଭବ କରୁଥିବାବେଳେ ଯମଲୋକ ଆଉ କେଉଁଠି ଥାଏ ଭାବିବା ଭୁଲ୍ । ଏସବୁ ଯନ୍ତ୍ରଣା ଆଉ କେଉଁଠି ଅନୁଭବ କରିବାକୁ ହୁଏ କହିଲେ ମଣିଷ କଦାପି ଭୟକରିବ ନାହିଁ । ତାହାସବୁ ଏଇଠି ହେଉଛି । ପାପକାର୍ଯ୍ୟ ପାଇଁ ଏଇଠି ଅନୁଭବ କରିବାକୁ ହୁଏ କହିଥିଲେ ମଣିଷ ନିଶ୍ଚୟ ଡରିଥାଆନ୍ତା । ସବୁ କର୍ମକୁ ଏଇଠି ଅନୁଭବ କରୁଛି ବୋଲି ପ୍ରମାଣ ଭାବରେ ସମସ୍ତେ ଜାଣି ନଜାଣି ମଧ୍ୟ କୌଣସି ଦାରୁଣ ଘଟଣାକୁ ଦେଖି ତାର କର୍ମ କି ମୋର କର୍ମ ବୋଲି ନିଜ ନିଜ ତୁଣ୍ଡରୁ କହିଥା'ନ୍ତି, କି ପାପ କରିଥିଲା ଯେ ଏମିତି ଭୋଗୁଛି କହି କହିଥା'ନ୍ତି, ସବୁ ତା ପାପକର୍ମର ଫଳ ବୋଲି କହିଥା'ନ୍ତି । କେହିଜଣେ ଗଛରୁ ପଡି ତାର ଅଣ୍ଟା ଭାଙ୍ଗି ଭଲ ନହୋଇ ଅଚଳ ହୋଇଗଲା ବେଳେ, ଆହା ! ସେ କି ପାପ କରିଥିଲା କେଜାଣି ଭେଣ୍ଡାବୟସରୁ ଅଚଳ ହୋଇଗଲା ବୋଲି କହିଥା'ନ୍ତି । ସମସ୍ତେ ଏଭଳି ପାପ, କର୍ମକୁ ନେଇ ନାନାକଥା କହିଥା'ନ୍ତି, କିନ୍ତୁ ଏବେ ଏଇ ଜୀବନରେ ଘଟିଥିବା ଘଟଣା ସହିତ, କେବେ ଆମକୁ ଜଣା ନଥିବା ତାର ପାପ କଥାକୁ ଆମେ ଆଣି କାହିଁକି ଯୋଡୁଛେ ବୋଲି କେହି ବିଚାର କରିନଥା'ନ୍ତି । ଏହିଭଳି ପ୍ରତ୍ୟେକ ଦୁର୍ଘଟଣାରେ, ଯନ୍ତ୍ରଣାରେ, ଦୁଃଖରେ, ଶୋକରେ ଆମେ ପାପ କିମ୍ବା କର୍ମ କହିବାରେ କ'ଣ ରହସ୍ୟ ଅଛି ? ଉତ୍ତର ଖୋଜିଲେ, ସତରେ ଅଛି ବୋଲି ଭିତରୁ କେହିଜଣେ ସତକଥା ଜଣାଉଛି । କେହି ଜଣେ ନିଶ୍ଚୟ ଜଣାଉଛି କହିବାକୁ, ତାହା ଆମ ଅଜାଣତରେ ଆମରି ତୁଣ୍ଡରୁ ବାହାରୁଛି ।

ଆମ ଦୁଃଖ କଷ୍ଟର ମୂଳକାରଣ କୃତ ପାପ ବୋଲି ଜାଣିଯିବା ଦ୍ୱାରା କେହି ମନ୍ଦକାର୍ଯ୍ୟ କରିବାକୁ ଭୟକରିବେ । କାରଣ ! ଏ କାର୍ଯ୍ୟ କରିବା ଉଚିତ୍ ନୁହେଁ ବୋଲି ଅନ୍ତର୍ଗତ ଭାବ ହିଁ ବାହାର ଆଚରଣରେ ଆସିଥାଏ । ଅନ୍ତର୍ଗତ ଭାବ ଅନୁସାରେ ସମସ୍ତେ ଚାଲିଥା'ନ୍ତି । ଜ୍ଞାନମାର୍ଗରେ ବାସ୍ତବତାକୁ ଜାଣିଲେ ଏଭଳି ଭାବ ଜାଗ୍ରତ ହୋଇଥାଏ । ଜ୍ଞାନ ନକହି ଗପ କହିଲେ କେହି ପାପକୁ ଭୟ କରିବେ ନାହିଁ । ଲୋକେ ପୋଲିସ୍‌କୁ ଭୟ କରିବେ ନାହିଁ, ପୋଲିସ୍ ମଧ୍ୟ କର୍ତ୍ତବ୍ୟରେ ଅବହେଳା କରିବ । ସମସ୍ତେ ଉଚିତ୍ ବିଷୟ ଜାଣି ଉଚିତ୍ ମାର୍ଗରେ ଚାଲିବା ଉଚିତ୍, ତା'ନକରି ହଜାର ହଜାର ପୋଲିସ୍‌ଷ୍ଟେସନ ତିଆରି କଲେ ମଧ୍ୟ ମଣିଷ ଅଧିକରୁ ଅଧିକ ଅପରାଧ କରୁଥିବ ବୋଲି ଜାଣିବା ଉଚିତ୍ । ସରକାରଙ୍କୁ ମଧ୍ୟ ଏକଥା ଜଣାନାହିଁ, ପାଳକମାନଙ୍କୁ ଜଣା ନାହିଁ, ପ୍ରଜାମାନଙ୍କୁ ଜଣା ନାହିଁ । ସେଥିଲାଗି ସରକାର ପ୍ରଜାମାନଙ୍କୁ ବାଟରେ ଆଣିବାକୁ ଖାଲି ପୋଲିସ୍ ଫାଣ୍ଡି ଖୋଲୁଛନ୍ତି । ଏପରି ନକରି ବୋଧକମାନଙ୍କୁ, ଗୁରୁମାନଙ୍କୁ ପ୍ରୋତ୍ସାହନ ଦେବା ଉଚିତ୍, ସେମାନଙ୍କ ପୋଷଣ ନିମନ୍ତେ କିଛି ବେତନ ଦେଇ ଅଞ୍ଚଳ ଅଞ୍ଚଳରେ ଜଣେ ଜଣେ ଗୁରୁଙ୍କୁ ନିଯୁକ୍ତି କରିବା ଭଲ । ତେଣୁ ସରକାର ଖାଲି ପୋଲିସ୍‌ଷ୍ଟେସନ୍ ନଖୋଲି ଆଶ୍ରମଗୁଡିଏ ଅଭିବୃଦ୍ଧି କରି ସେଗୁଡିକର ତଦାରଖ କଲେ ପ୍ରଜାମାନେ ଅଜ୍ଞାନମାର୍ଗରୁ ଜ୍ଞାନମାର୍ଗକୁ ଆସିପାରିବେ ।

*****

# କର୍ତ୍ତା - କର୍ମ - କ୍ରିୟା - ସାକ୍ଷୀ

ଆଧ୍ୟାତ୍ମିକରେ କର୍ମ ନାମକ ଶବ୍ଦଟି ଅତି ମୁଖ୍ୟ ଶବ୍ଦ । କର୍ମ ନାମକ ଶବ୍ଦ ଆଜି ସମସ୍ତେ କଥାପ୍ରସଙ୍ଗରେ ବ୍ୟବହାର କରୁଥିଲେ ମଧ୍ୟ କର୍ମ ଅର୍ଥରହିତ ହୋଇଯାଇଛି ବୋଲି କହିପାରିବା । କାରଣ ! ମାନବ ଦୃଷ୍ଟିରେ କେବଳ ଖରାପ କାର୍ଯ୍ୟ ହିଁ କର୍ମ । କୌଣସି ସନ୍ଦର୍ଭରେ ଯଦି କିଛି ଖରାପ

ଘଟଣା ଘଟିଗଲା, କେବଳ ସେତେକିବେଳେ ତାର କର୍ମ ବୋଲି କହନ୍ତି, କିନ୍ତୁ ଭଲକାର୍ଯ୍ୟ ହେଉଥିବା ବେଳେ କିମ୍ବା କେହି କୌଣସି ସୁଖ ଅନୁଭବ କରୁଥିବା ବେଳେ କେହି ତାର କର୍ମ ବୋଲି କହନ୍ତି ନାହିଁ । ତେଣୁ କର୍ମ କହିଲେ କେବଳ ମନ୍ଦ ବା ପାପକାର୍ଯ୍ୟର ଫଳ ବୋଲି ଅଧିକାଂଶ ବୁଝନ୍ତି ବୋଲି ଜଣାଯାଉଛି । ମୂଳ ଭୁଲ୍ ହେଉଛି ସମସ୍ତେ କାର୍ଯ୍ୟକୁ ହିଁ କର୍ମ ଭାବନା କରନ୍ତି । କାର୍ଯ୍ୟ ଅଲଗା, କର୍ମ ଅଲଗା ବୋଲି ନଜାଣି କାର୍ଯ୍ୟକୁ ହିଁ କର୍ମ କହିବା ପରମ୍ପରା ହୋଇଯାଇଛି । କାର୍ଯ୍ୟ କହିବା, କର୍ମ କହିବା ଭିତରେ କୌଣସି ଭିନ୍ନତା ନାହିଁ ବୋଲି ବୁଝୁଥିବା ଲୋକମାନେ ସମାଜରେ କିଛି ଥିବାବେଳେ, କର୍ମର ଅର୍ଥ କାର୍ଯ୍ୟ ବୋଲି କହୁଥିବା ପଣ୍ଡିତମାନେ ମଧ୍ୟ ବାହାରିଲେଣି । କର୍ମ କହିଲେ ଗତଜନ୍ମରେ ଅର୍ଜନ କରିଥିବା ଫଳରେ ବାବୁ.. କହିଲେ, ଆଁ..! ସେ ବେକାର କଥା ଆମକୁ କହନାହିଁ କହୁଥିବା ଡିଗ୍ରୀଧାରୀ, ନିଜେ କଥା କହିଲାବେଳେ ଭାଗ୍ୟ ବୋଲି କହୁଛି, ଇଂରାଜିରେ ଲକ୍ କହୁଛି, କିନ୍ତୁ କର୍ମ ହିଁ ଭାଗ୍ୟ, ଭାଗ୍ୟ ହିଁ ତାର ଲକ୍ ବୋଲି ଜାଣୁ ନାହିଁ । ସେହିଭଳି କପାଳ ଲିଖନ, ଦଇବ ଦଉଡି, ଭାଗ୍ୟ, ଯୋଗ ଏଭଳି ଅନେକ ଶବ୍ଦର ବ୍ୟବହାର କରି କର୍ମକୁ ନିଜର ଭାବରୁ ବ୍ୟକ୍ତ କରିଥା'ନ୍ତି ସିନା,ସେସବୁ କର୍ମବୋଲି ଜାଣିପାରନ୍ତି ନାହିଁ । ଏସବୁକୁ ଆଦୌ ବିଶ୍ୱାସ କରୁନଥିବା ଆଜିର ପଢୁଆମାନଙ୍କୁ ତୁମର ତ ଭଲ ନମ୍ବର ଥିଲା, ବେଷ୍ଟ୍ ର୍ୟାଙ୍କରେ ପାସ କରିଥିଲ, ତୁମ ସାଙ୍ଗର ତ ସେତେ ର୍ୟାଙ୍କ୍ ନଥିଲା ସେ କେମିତି ଚାକିରି ପାଇଲା, ତୁମେ କାହିଁକି ପାଇଲନି! ବୋଲି ପଚାରିଲେ ସେ ଶେଷରେ ମୋର ବ୍ୟାଡ୍ ଲକ୍, ତାର ଗୁଡ୍ ଲକ୍ କହିଥାଏ ସିନା, ସେହି ଲକ୍ ହିଁ କର୍ମ ବୋଲି ଜାଣିନଥାଏ । ଏହିଭଳି ଆଜି ସମସ୍ତେ କର୍ମ ବାବଦରେ କହନ୍ତି, କର୍ମ  କହୁ  କହୁ ମୁଣ୍ଡରେ ହାତମାରନ୍ତି, କିନ୍ତୁ କର୍ମ କଅଣ କେହି ଚିନ୍ତା କରନ୍ତି ନାହିଁ । ସେହିଭଳି କର୍ମ କହିଲେ କାର୍ଯ୍ୟ ବୋଲି ବୁଝୁଥିବା ଲୋକ ଅନେକ ଥିବାବେଳେ, କର୍ମକୁ କେବଳ ପାପ ବୋଲି

ଭାବନା କରୁଥିବା ଲୋକମାନେ ଅନେକ ଅଛନ୍ତି । ଏଭଳି ପରିସ୍ଥିତିରେ କର୍ମବିଷୟ ଥିବାବେଳେ ଆମେ କର୍ମ ବାବଦରେ ନିଶ୍ଚୟ ଜାଣିବା ଉଚିତ୍ । କର୍ମର ବ୍ୟାଖ୍ୟା କରିଦେଖିଲେ ଆମେ କରୁଥିବା ପ୍ରତି କାର୍ଯ୍ୟରୁ ଭୌତିକତଃ ଟଙ୍କା, ଧନ, ଧାନ୍ୟ, ବସ୍ତୁ, ବାହାନାଦି ଅନେକ ରୂପରେ କିଛିନା କିଛି ମିଳିଥାଏ । ତାଛଡା ପ୍ରତ୍ୟେକ କାର୍ଯ୍ୟରୁ ଦେଖାଯାଉ ନଥିବା ଫଳ ମଧ୍ୟ କିଛି ରହିଛି ବୋଲି ଜାଣିବା ଉଚିତ୍ । ଏହି ଦେଖାଯାଉ ନଥିବା ପାପ + ପୁଣ୍ୟ ହେଉଛି କର୍ମ । ପାପପୁଣ୍ୟ ଆମେ ନିତ୍ୟ ଭାବରେ କରୁଥିବା କାର୍ଯ୍ୟରେ ମିଳିତ ହୋଇ ରହିଥିବା ବେଳେ, ଆମେ ସମସ୍ତେ ଭଲକାର୍ଯ୍ୟ କରି ପୁଣ୍ୟ ଅର୍ଜନ କରିପାରନ୍ତେ ! ବୋଲି କିଛିଲୋକ ପଚାରିପାରନ୍ତି । ତାର ସମାଧାନ ହେଉଛି ! ବାସ୍ତବରେ ଆମେ କରୁଥିବା ସବୁକାର୍ଯ୍ୟକୁ ଆମ ନିର୍ଣ୍ଣୟରେ କରୁନାହେଁ । ପ୍ରତ୍ୟେକ କାର୍ଯ୍ୟ ପଛରେ କର୍ମ ନାମକ ନିୟମ ରହିଛି । ଗତ ଜନ୍ମରେ କରିଥିବା ପାପପୁଣ୍ୟ ଏ ଜନ୍ମରେ କାର୍ଯ୍ୟରୂପରେ ହୋଇ ଅନୁଭୂତି ଦେଉଛି । ଗତଜନ୍ମର କର୍ମାନୁସାରେ ମୁଣ୍ଡରୁ ଆଲୋଚନା ବାହାରି ବିଚାରିତ ହୋଇ ନୀର୍ଣ୍ଣିତହେବା ପରେ କାର୍ଯ୍ୟ ହୋଇଥାଏ । ଆମ ଅଜାଣତରେ ହେଉଥିବା ଏହି ଭିତର କାର୍ଯ୍ୟ ବାବଦରେ ଆମକୁ ଜଣା ନାହିଁ, ତେଣୁ ମୁଣ୍ଡରୁ ଆସୁଥିବା ଆଲୋଚନା ଏବଂ ନିର୍ଣ୍ଣୟକୁ ଆମର ବୋଲି ଭାବୁଛେ । ତେଣୁ ମୁଖ୍ୟ ଭାବରେ ଜାଣିବା ବିଷୟ କ'ଣନା ! ପ୍ରତ୍ୟେକ କାର୍ଯ୍ୟ ପଛରେ ଥିବା କାରଣ ଆମେ ନୁହଁ, କର୍ମ ବୋଲି ଜାଣିବା ଉଚିତ୍ ।

କର୍ମ କେତେ ପ୍ରକାରର ? କ'ଣ କ'ଣ ? ପ୍ରଶ୍ନର ଉତ୍ତର ଜାଣିବା । କେହି କର୍ମ କ'ଣ ବୋଲି ହଠାତ୍ ପଚାରିଲେ ତାର ଉତ୍ତରରେ କର୍ମ ଦୁଇ ପ୍ରକାରର, ତାହା ପାପପୁଣ୍ୟ ବୋଲି କହିପାରିବା । ବାସ୍ତବରେ ଏହା ପ୍ରଶ୍ନର ଉପଯୁକ୍ତ ଉତ୍ତର ନୁହେଁ । ବାସ୍ତବ ଉତ୍ତର ହେଉଛି କର୍ମ ଦୁଇପ୍ରକାର ନୁହେଁ ତିନି ପ୍ରକାରର, ସେଗୁଡିକ ହେଉଛନ୍ତି ୧) ପ୍ରାରବ୍ଧ କର୍ମ ୨) ଆଗାମୀ କର୍ମ ୩) ସଞ୍ଚିତ କର୍ମ । ଏଭଳି ସନ୍ଦର୍ଭ ଅନୁସାରେ ଏହି ଗୋଟିଏ ପ୍ରଶ୍ନର

ଉତ୍ତର ଦିଆଯାଇ ପାରେ । ଭଲରେ ବୁଝିବାକୁ ଇଚ୍ଛାକରୁଥିବା ଲୋକଙ୍କୁ ପ୍ରଥମେ କର୍ମ କହିଲେ ପାପପୁଣ୍ୟ, ସେହି ପାପପୁଣ୍ୟ ତିନି ପ୍ରକାରର ହୋଇ ରହିଛି କହି ଏହି ତିନିପ୍ରକାରର ପାପପୁଣ୍ୟ ବା କର୍ମ ବାବଦରେ ବୁଝାଇ କହିପାରିବା । ବର୍ତ୍ତମାନ ଏହି ତ୍ରିକର୍ମ ବିଷୟରେ ଅଧିକ ଜାଣିବା ।

**୧) ପ୍ରାରବ୍ଧକର୍ମ :-** ଏହା ଜୀବ ଜନ୍ମହେବାଠାରୁ ମୃତ୍ୟୁବରଣ କରିବା ପର୍ଯ୍ୟନ୍ତ କରୁଥିବା କାର୍ଯ୍ୟର କାରଣ ହୋଇ ରହିଥାଏ । ଜନ୍ମହେବା ଠାରୁ ଆରମ୍ଭକରି ମରଣ ପର୍ଯ୍ୟନ୍ତ ମଣିଷ ନାନା ପ୍ରକାରର କାର୍ଯ୍ୟକରି, ସେହି କାର୍ଯ୍ୟ ଗୁଡିକରେ ଥିବା ଦୁଃଖସୁଖକୁ ଅନୁଭବ କରିଥାଏ, ଅର୍ଥାତ୍ ସେ ପ୍ରାରବ୍ଧକର୍ମକୁ ଅନୁଭବ କରିବାକୁ ହୋଇଥାଏ । ଗତଜନ୍ମ ଗୁଡିକରେ ଅର୍ଜିତ କର୍ମଗୁଡିଏ ଗଚ୍ଛିତ ହୋଇ ରହିଥିବା ବେଳେ, ସେହି ଗଚ୍ଛିତ ହୋଇ ରହିଥିବା କର୍ମରୁ କିଛି କର୍ମ ଆସି ମଣିଷ ଜନ୍ମହେବା ଠାରୁ ମରଣ ପର୍ଯ୍ୟନ୍ତ କାର୍ଯ୍ୟରେ ପପରିଣତ ହୋଇଥାଏ, ତାହା ହିଁ ପ୍ରାରବ୍ଧକର୍ମ । ପ୍ରାରବ୍ଧକର୍ମ ଅନୁସାରେ ମଣିଷର ଜୀବନ ଏକ କ୍ରମ ଅନୁସାରେ ବିତିଥାଏ । ମାନବର ଜୀବନଚର୍ଯ୍ୟାକୁ ଏକ କ୍ରମରେ ସଜାଡି ପରିଣାମ ଦେଉଥିବା କର୍ମକୁ ପ୍ରାରବ୍ଧକର୍ମ କୁହାଯାଏ । ଜୀବନରେ ନିର୍ଣ୍ଣୟହୋଇ ରହିଥିବା ପ୍ରାରବ୍ଧକର୍ମ ଅନୁସାରେ ପ୍ରତି ଜୀବରାଶି ପରିଚାଳିତ ହୋଇ କାର୍ଯ୍ୟ କରିଥା'ନ୍ତି, କାର୍ଯ୍ୟଗୁଡିକରୁ ମିଳୁଥିବା ଦୁଃଖସୁଖକୁ ଅନୁଭବ କରିଥା'ନ୍ତି । ଏହି କର୍ମ ପ୍ରତ୍ୟେକ ଜୀବର ମୁଣ୍ଡରେ ସୂକ୍ଷ୍ମ ଭାବରେ ନିକ୍ଷିପ୍ତ ହୋଇ ରହିଥିବା କର୍ମଚକ୍ରରେ ରହିଥାଏ । କର୍ମ ଚକ୍ରରେ ରହିଥିବା କର୍ମ କାଳ କ୍ରମରେ ବାହାରକୁ ଆସି କାର୍ଯ୍ୟରେ ପରିଣତ ହୋଇଥାଏ । ଏକ କର୍ମ କାର୍ଯ୍ୟରୂପ ଧାରଣ କରିବାକୁ ହେଲେ, ପ୍ରଥମେ ତାହା ମୁଣ୍ଡରେ ଥିବା ଗୁଣଚକ୍ରର ଗୁଣକୁ ପ୍ରେରଣ କରି, ଅର୍ଥାତ୍ ସେ ସମୟରେ କେଉଁ କାର୍ଯ୍ୟ ହେବ ସେହି କାର୍ଯ୍ୟ ସମ୍ବନ୍ଧୀୟ ଗୁଣକୁ ସ୍ପନ୍ଦିତ କରି, ସେ ସମୟରେ ଗୁଣ ପ୍ରେରଣକୁ ନେଇ ଭଲ କିମ୍ବା ମନ୍ଦ ନାମକ ଦୁଇ ପ୍ରକାରର ବିଚାର ବୁଦ୍ଧି ଆଣୁଥିଲେ ମଧ୍ୟ ପ୍ରାରବ୍ଧକର୍ମ ଚିତ୍ତ ଦ୍ୱାରା ସେହି କାର୍ଯ୍ୟ କରିବା ଭଳି ନିର୍ଣ୍ଣୟ

କରାଇ, କାର୍ଯ୍ୟ କରାଇ, ସେଥିରେ ଥିବା ଫଳକୁ କଷ୍ଟସୁଖ ରୂପରେ ଜୀବର ଅନୁଭବ କରାଇଥାଏ । ମାନବର ଇଚ୍ଛା ଥାଉ ବା ନଥାଉ ପ୍ରାରବ୍ଧକର୍ମ ଅନୁସାରେ ତାର ଜୀବନଚର୍ଯ୍ୟା ଘଟିଥାଏ ସିନା, ଇଚ୍ଛା ଅନୁସାରେ ଘଟିଥାଏ ଭାବିବା ଭୁଲ୍ ।

ପ୍ରାରବ୍ଧକର୍ମର ନିୟମକୁ ଜାଣିନଥିବା ମାନବ ଆମେ ଆମ ଇଚ୍ଛା ଅନୁସାରେ କାର୍ଯ୍ୟ କରୁଛେ, ଆମେ ନେଉଥିବା ନିର୍ଣ୍ଣୟ ଅନୁସାରେ କାର୍ଯ୍ୟ ହେଉଛି, ଆମେ ଆମରି ଶରୀର ଦ୍ୱାରା କାର୍ଯ୍ୟ କରୁଛେ ବୋଲି ଭାବିଥାଏ । ଏଇଭଳି ଭାବୁଥିବା ଲୋକମାନେ ସେତେବେଳେ ଏହି ପ୍ରାରବ୍ଧକର୍ମ କ'ଣ ବୋଲି ପଚାରି ପାରନ୍ତି । ଶରୀର ହିଁ ମୁଁ ବୋଲି ଭାବନା କରୁଥିବା ପ୍ରତି ମାନବ ଏହିଭଳି ଭାବନା କରିଥାଏ । ଆମଠାରେ ଆଲୋଚନା ଆସିବା, କର୍ଯ୍ୟ ନିର୍ଣ୍ଣୟ ହେବା, କାର୍ଯ୍ୟ ଆମ ଶରୀର ଦ୍ୱାରା ଆଚରିତ ହେବା, ସବୁ କର୍ମର ଆଚରଣ । ପ୍ରତ୍ୟେକ ମଣିଷ କର୍ମରେ ଛନ୍ଦି ହୋଇଯାଇଛି । ତେଣୁ କର୍ମ ତାକୁ ନିଜ ଅଧିନରେ ରଖି ମଣିଷକୁ ସେ ଅଲଗା, ତା କର୍ମ ଅଲଗା ଭାବିବା ଭଳି କରିଛି । କର୍ମ, ଗୁଣ ଅଲଗା, ସେ ନିଜେ ଅଲଗା ବୋଲି ଜାଣିନଥିବା ମଣିଷ କର୍ମଦ୍ୱାରା ହେଉଥିବା କାର୍ଯ୍ୟଗୁଡ଼ିକର କର୍ତ୍ତା ନିଜେ ବୋଲି ଭାବୁଛି । ବାସ୍ତବରେ ମାନବ ଏକ କ୍ରିୟା ହୋଇଥିବା ବେଳେ, ପ୍ରକୃତି କର୍ତ୍ତା ହୋଇ, ପ୍ରାରବ୍ଧ କର୍ମ ହୋଇ ରହିଛି । କର୍ତ୍ତା, କର୍ମ, କ୍ରିୟା କହିଲେ କଅଣ ବୋଲି ଜାଣିଥିବା ମଣିଷଠାରେ ଖୁବ୍ କମ୍ ସମୟରେ ଜ୍ଞାନ ପ୍ରବେଶ କରି, ସେ କିଏ ତାକୁ ଚିହ୍ନାଇଦେଇ ପାରେ । ସର୍ବଜୀବରାଶିଙ୍କୁ ନିଜର ଅଧିନରେ ରଖି, ଗୁଣଗୁଡ଼ିକ ଦ୍ୱାରା, ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ଖେଳାଇ, ଜୀବକୁ ଏକ କ୍ରିୟା କରିଦେଇ, ପ୍ରାରବ୍ଧକୁ କର୍ମ କରି, ପ୍ରକୃତି କର୍ତ୍ତା ଭାବରେ ଥିବାବେଳେ, ପରମାତ୍ମା ସବୁ ଦେଖୁଥାଇ ସାକ୍ଷୀ ଭାବରେ ଥାଆନ୍ତି । ଏହିଭଳି କର୍ତ୍ତା, କର୍ମ, କ୍ରିୟା ଏବଂ ସାକ୍ଷୀ ନାମକ ଶବ୍ଦଗୁଡ଼ିକ ଆମ ବ୍ରହ୍ମବିଦ୍ୟାରୁ ହିଁ ଜନ୍ମହୋଇ ଆସିଛି ।

କ୍ରିୟା କହିଲେ କାର୍ଯ୍ୟ ! ଜୀବକୁ କାର୍ଯ୍ୟ କହୁଛନ୍ତି କିପରି ? ବୋଲି କେତେକ ପଚାରି ପାରନ୍ତି । ତାର ଉତ୍ତର କଣନା ! ମାନବ ଅଜ୍ଞାନ ଦଶାରେ ପ୍ରତ୍ୟେକ କାର୍ଯ୍ୟରେ ସମ୍ପୂର୍ଣ୍ଣ ଲଗ୍ନହୋଇ ମୁଁ ସ୍ୱତନ୍ତ୍ର ବୋଲି ଭାବ ନେଇ କାର୍ଯ୍ୟ କରୁଛି । କାର୍ଯ୍ୟରେ ଲଗ୍ନହୋଇ କରୁଥିବାରୁ ଜୀବକୁ କ୍ରିୟା କୁହାଯାଇଛି । ପ୍ରତି କିୟା ପଛରେ ଫଳ ଅଛି ! ତେଣୁ ହେଉଥିବା କ୍ରିୟା ଭଲ ହେଲେ ପୁଣ୍ୟ, ମନ୍ଦ ହେଲେ ପାପ ନିଶ୍ଚୟ ଆସିବ । ଅଗ୍ନିଶିଖାରେ ଧୂଆଁ ଲାଗି ରହିଥାଏ ବୋଲି ଗୀତା ବୋଧ କରୁଥିବା ଭଳି, ପ୍ରତି କାର୍ଯ୍ୟ ପଛରେ କର୍ମ ରହିଥାଏ ।

**୨) ଆଗାମୀକର୍ମ :-** ପ୍ରତ୍ୟେକ କାର୍ଯ୍ୟରୁ ନୂତନ ଭାବରେ ଆସୁଥିବା କର୍ମକୁ ଆଗାମୀକର୍ମ କୁହାଯାଏ । ଜନ୍ମହେବାଠାରୁ ମାନବକୁ ସୁଖଦୁଃଖ ଅନୁଭବ କରିବା ଭଳି ପ୍ରାରବ୍ଧକର୍ମ କରୁଥିବା ବେଳେ, ପ୍ରାରବ୍ଧ ଅନୁସାରେ ହେଉଥିବା କାର୍ଯ୍ୟରୁ ଯେଉଁ ନୂଆକର୍ମ ଆସିଥାଏ ତାହା ଆଗାମୀ କର୍ମ ହୋଇଥାଏ । ଏଇଠାରେ କେତେକଙ୍କଠାରେ କିଛି ସନ୍ଦେହ ଆସୁଥିବ ଯେ, ଗତଜନ୍ମର କର୍ମ ପ୍ରାରବ୍ଧହୋଇ ସବୁକାର୍ଯ୍ୟ କରାଉଥିବା ବେଳେ, ଜୀବପାଇଁ ନୂଆକର୍ମ କାହିଁକି ଆସୁଛି ? ଜୀବ ତ ସ୍ୱୟଂ କିଛି କରୁନାହିଁ, କର୍ମ ହିଁ କାରଣ ସୂତ୍ର ଅନୁସାରେ ସେ କରୁଛି, ସେତେବେଳେ ନୂଆ କର୍ମର କାରଣ ସେ ନୁହେଁ ! ତେଣୁ ଏ ଆଗାମୀକର୍ମ କୁଆଡୁ ଆସିଲା ? ଏହି ହିସାବ ଅନୁସାରେ କାର୍ଯ୍ୟ କରିବାରେ କୌଣସି ନିର୍ଣ୍ଣୟ ନେଉନଥିବା ଜୀବ ସହିତ ନୂଆ କର୍ମର ସମ୍ପର୍କ ନାହିଁ, ନୂଆକର୍ମରେ ସେ ପଡିବା ଉଚିତ୍ ନୁହେଁ, କିନ୍ତୁ ନୂଆକର୍ମରେ ସେ କିପରି ପଡୁଛି ? ଏହି ପ୍ରଶ୍ନର ସମାଧାନ ହେଉଛି ! ଜୀବ ସ୍ୱୟଂ କିଛି କରୁନଥିଲେ ମଧ୍ୟ, ସବୁ କାର୍ଯ୍ୟର କାରଣ କର୍ମ ବୋଲି ନଭାବି, ପ୍ରତ୍ୟେକ କ୍ରିୟାର କାରଣ ମୁଁ, ମୁଁ ହିଁ କର୍ତ୍ତା ବୋଲି ଭାବିବା ଦ୍ୱାରା ଜୀବର ସମ୍ପର୍କ ନଥିବା "ଆଗାମୀକର୍ମ' ଜୀବଠାରେ ଆସି ପହଞ୍ଚୁଛି, ଅର୍ଥାତ୍ ଜୀବ ନୂଆ କର୍ମବନ୍ଧନରେ ପଡୁଛି । ପ୍ରତ୍ୟେକ କାର୍ଯ୍ୟପାଇଁ କର୍ମ କାରଣ ହୋଇ

ଥିବାବେଳେ, ପ୍ରତ୍ୟେକ କାର୍ଯ୍ୟରୁ ନୂତନ କର୍ମ ଆସିଥାଏ । ଏହା ଜାଣିଥିବା ପାତ୍ର କାର୍ଯ୍ୟ କର୍ମ ଦ୍ୱାରା ହେଉଛି, ମୋ ଦ୍ୱାରା ହେଉ ନାହିଁ, ମୋର ଶରୀର କେବଳ ଚଳିତ ହୋଇ କାର୍ଯ୍ୟ ହେଉଛି, ମୁଁ ଅଲଗା, ମୋର ଶରୀର ଅଲଗା, ହେଉଥିବା କାର୍ଯ୍ୟ ସହିତ ମୋର କୌଣସି ସମ୍ପର୍କ ନାହିଁ କି ମୁଁ କର୍ତ୍ତା ନୁହେଁ ବୋଲି ଜାଣିପାରିବା ବେଳେ, ହେଉଥିବା କାର୍ଯ୍ୟରୁ ନୂଆକର୍ମ ନଆସି ତାର ଜ୍ଞାନାଗ୍ନି ଦ୍ୱାରା ବିନାଶ ହୋଇଯାଇଥାଏ । ଏହି ନୂତନକର୍ମକୁ ଆଗାମୀକର୍ମ ବୋଲି ଗୀତାରେ କୁହାଯାଇଛି । ଯଜ୍ଞ ନକରି କାର୍ଯ୍ୟ କଲେ ତଦ୍ୱାରା କର୍ମବନ୍ଧନରେ ପଡିଯିବୁ ବୋଲି **"ଯଜ୍ଞାର୍ଥାତ୍କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ"** ବୋଲି ଗୀତାରେ ଭଗବାନ କହିଛନ୍ତି ।

ପ୍ରତ୍ୟେକ ମଣିଷ ଛୋଟ ବୟସରୁ ପଡିଥିବା ଅଭ୍ୟାସ ହେଉଛି ଅହମ୍ ସହିତ ତାଦାତ୍ମ୍ୟହେବା । ସବୁ ମୁଁ କଲେ ହେଉଛି ବୋଲି ଭାବିବା ଏବଂ ନିଜେ କରୁଥିବା କାର୍ଯ୍ୟ ପଛରେ ପ୍ରାରବ୍ଧ ଅଛି ବୋଲି ନଚିହ୍ନିବା ଦ୍ୱାରା ସେ ନୂଆ କର୍ମବନ୍ଧନରେ ପଡିଥାଏ । ନିଜେ କରୁନଥିବା କାର୍ଯ୍ୟ ଉପରେ ଅଯଥା କର୍ତ୍ତାଭାବ ନେଇ କର୍ମ ସୃଷ୍ଟିକରି ପୁଣି ତାହା ଅନୁଭବ କରିବାପାଇଁ ନୂଆ ଜନ୍ମକୁ ଯାଇଥାଏ । ଗୋଟିଏ ଜନ୍ମରେ ଯାହା ଅନୁଭବ କରେ ତାହା ପ୍ରାରବ୍ଧକର୍ମ ହୋଇଥିବା ବେଳେ, ସେହି ଜନ୍ମରେ ସେ ପ୍ରାରବ୍ଧକର୍ମରୁ ହିଁ ନୂଆ ଆଗାମୀକର୍ମ ଅର୍ଜନ କରିଥାଏ । ଖର୍ଚ୍ଚ ହୋଇଥାଏ ପ୍ରାରବ୍ଧକର୍ମ, ଜମା ହୋଇଥାଏ ଆଗାମୀକର୍ମ । ପ୍ରାରବ୍ଧକର୍ମ ଜନ୍ମହେବା ଠାରୁ ଆରମ୍ଭ ହୋଇ ଦୁଃଖସୁଖ ଅନୁଭବ କରାଇଥାଏ । ଆଗାମୀକର୍ମ ଜନ୍ମହେବା ଠାରୁ ଆସି ନଥାଏ । କାରଣ ଜୀବ ଧାରଣ କରିଥିବା ଶରୀର ସହିତ ମନ, ବୁଦ୍ଧି, ଚିତ୍ତ, ଅହମ ମଧ୍ୟ ବଢିଥାଏ । ଶରୀରର ବୟସ ୪/୫ ବର୍ଷ ହୋଇଗଲା ପରେ ମଣିଷ କାର୍ଯ୍ୟ କରିବାକୁ ଆରମ୍ଭକରେ । ସେତେବେଳକୁ ତାର ଅହମ୍ ମଧ୍ୟ ବଢି କାର୍ଯ୍ୟକରିବା ଆରମ୍ଭ କରିଥାଏ । ଏହି ଅହମ ସହିତ ରହୁଥିବା ଜୀବ ଅହମର କାର୍ଯ୍ୟ ଦ୍ୱାରା ସବୁ ମୁଁ କରୁଛି, ସବୁର କାରଣ ମୁଁ ବୋଲି

ଭାବିଥାଏ । ସବୁ କାର୍ଯ୍ୟରେ ମୁଁ ଭାବନା ଆସିବା ହିଁ ଅହମର କର୍ତ୍ତୃତ୍ୱ । ଜନ୍ମହେବା ଠାରୁ ଆଗାମୀକର୍ମ ଆସିନଥାଏ । ଗୋଟିଏ ଜନ୍ମରେ ଖର୍ଚ୍ଚହୁଏ ପ୍ରାରବ୍ଧକର୍ମ, ଆସିଥାଏ ଆଗାମୀକର୍ମ ।

**୩) ସଞ୍ଚିତକର୍ମ** :- ଗୋଟିଏ ଜନ୍ମରେ ଅର୍ଜିତ ଆଗାମୀକର୍ମ, ତା ପର ଜନ୍ମରେ ପ୍ରାରବ୍ଧକର୍ମ ହୋଇନଥାଏ । କାରଣ ! ୮୦ବର୍ଷର ମାନବ ଜୀବନରେ ରହି ଅର୍ଜନ କରିଥିବା କର୍ମ ଅନୁସାରେ ଯେତେବେଳେ କୁକୁର ଜନ୍ମ ନେବ, ସେତେବେଳେ ୧୫ କି ୨୦ ବର୍ଷର କୁକୁର ଜୀବନରେ ୮୦ବର୍ଷର କର୍ମକୁ କିପରି କାଟିବ ? ତେଣୁ ସେତେବେଳେ ଅର୍ଜନ କରିଥିବା ମୋଟ ଜନ୍ମରୁ ୨୦ କି ୧୫ ବର୍ଷର କୁକୁର ଜନ୍ମ ହିଁ ପ୍ରାରବ୍ଧ ହେବ । ଏଠାରେ ଗୋଟିଏ ଜନ୍ମ ପାଇଁ ପ୍ରାରବ୍ଧକର୍ମ ନିର୍ଣ୍ଣୀତ ହେଉଥିବାରୁ, ଅର୍ଜନ କରିଥିବା ୮୦ବର୍ଷର କର୍ମରୁ ୬୦ବର୍ଷ କର୍ମ ବଳକା ରହିଯିବ । ଏହିଭଳି ବଳକା ରହିଯାଉଥିବା ଏହି କର୍ମ ହିଁ ସଞ୍ଚିତକର୍ମ । ଏକ ଜନ୍ମ ପାଇଁ ଯାହା ନିର୍ଣ୍ଣୀତ ହୋଇଛି ତାହା ପ୍ରାରବ୍ଧକର୍ମ ହୋଇଥିବାବେଳେ, ବଳକାଥିବା କର୍ମକୁ ସଞ୍ଚିତକର୍ମ କୁହାଯାଏ । ଏକ ଜନ୍ମରେ ଅନୁଭବ ହୁଏ ପ୍ରାରବ୍ଧ, ତିଆରିହୁଏ ଆଗାମୀ । ଜନ୍ମ ପରେ ଜନ୍ମ ଏଭଳି କେତେ ଜନ୍ମ ବିତିଯାଉଛି । ସବୁ ଜନ୍ମରେ ଅନେକ ଆଗାମୀକର୍ମ ଅର୍ଜନ କରୁଛେ । ଏହିଭଳି ଅନେକ ଜନ୍ମରୁ ରହି ରହି ଆସୁଥିବା କର୍ମ ହେଉଛି "ସଞ୍ଚିତକର୍ମ" । ସଞ୍ଚିତକର୍ମରୁ କିଛି କର୍ମ ପ୍ରାରବ୍ଧକର୍ମ ହୋଇଥିବା ବେଳେ, ତାହା ଗତ ଜନ୍ମର ହୋଇ ପାରେ, ଦଶଜନ୍ମର ପୂର୍ବରୁ ଥିବା କର୍ମ ହୋଇପାରେ । ଆଜିର ଅନୁଭବ ଗତଜନ୍ମର କର୍ମ ହୋଇପାରେ କହିଲେ ମଧ୍ୟ ତାହା ସତ୍ୟ ହୋଇପାରେ, ନପାରେ ।

କାରଣ ! ଜନ୍ମ ଜନ୍ମରୁ ବଳକା ରହିଆସୁଥିବା କର୍ମ କ୍ରମ ଅନୁସାରେ ଅନୁଭବ ହୋଇଥାଏ, ତେଣୁ ଏବେ ଅନୁଭବ କରୁଥିବା କର୍ମ ଗତଜନ୍ମର ବୋଲି ନିର୍ଦ୍ଧାର୍ଯ୍ୟ କରି କହିପାରିବା ନାହିଁ । ଅଧିକ ସଞ୍ଚିତ ଥିବା ଜୀବର

ଅନେକ ଜନ୍ମ ହୋଇପାରିଥାଏ । କମ୍ ସଞ୍ଚିତ ଥିବା ଜୀବର କମ୍ ଜନ୍ମ ହୋଇପାରିଥାଏ । ଏଭଳି କାହାର ସଞ୍ଚିତକର୍ମ ଗତଜନ୍ମରେ ସମ୍ପୂର୍ଣ୍ଣ ଶେଷ ହୋଇଯାଇ, ଗତଜନ୍ମରେ ଅର୍ଜନ କରିଥିବା ଆଗାମୀକର୍ମ ହିଁ ଏ ଜନ୍ମରେ ପ୍ରାରବ୍ଧକର୍ମ ହୋଇ ଆସିଥାଇ ପାରେ । ସଞ୍ଚିତକର୍ମ ବଢି ପାରେ, କମିଯାଇ ପାରେ, ତାହା ଏକ ଜନ୍ମର ବୟସ ଅନୁସାରେ, କରୁଥିବା କାର୍ଯ୍ୟରେ ଅହମର ଭୂମିକା ଅନୁସାରେ ରହିଥାଏ ।

ଜ୍ଞାନ ଜାଣିଥିବା ପାତ୍ର ଆଗାମୀ କର୍ମ ଅର୍ଜନ ନକରି କେବଳ ପ୍ରାରବ୍ଧକର୍ମକୁ ଅନୁଭବ କରିଥାଏ । ସେତେବେଳେ ତାର ଥିବା ସଞ୍ଚିତକର୍ମ ଜନ୍ମ ଜନ୍ମରେ କମ୍‌ହୋଇ ଶେଷରେ ଦିନେ ସରିଯାଏ । ତାର କର୍ମ ସମାପ୍ତ ହୋଇଯିବା ପରେ ଅନୁଭବ କରିବାକୁ କିଛି ଆଉ ନଥିବାରୁ ଜନ୍ମହୁଏ ନାହିଁ । ତେଣୁ ତାର ମୋକ୍ଷ ହୋଇଯାଏ ବା ତାର ଜୀବତ୍ୱ ଚାଲିଯାଏ । କିଛିଲୋକ ଅଜ୍ଞାନତା କାରଣରୁ ଅଧିକରୁ ଅଧିକ କର୍ମ ସଞ୍ଚୟ କରିଥା'ନ୍ତି, ସେମାନଙ୍କ ସଞ୍ଚିତକର୍ମ ଏତେ ବଢିଯାଇଥାଏ ଯେ, ସେମାନେ ଶହ ଶହ ଜନ୍ମ ନେଲେ ମଧ ଶେଷହୁଏ ନାହିଁ, ସେମାନେ ମୋକ୍ଷ ପାଇ ନପାରି ଜନ୍ମ ଜନ୍ମର କର୍ମକୁ ଅନୁଭବ କରିଥାନ୍ତି । କର୍ତ୍ତା, କ୍ରିୟା, କର୍ମ ସାକ୍ଷୀ, ଏ ସବୁକୁ ନଜାଣିଲେ ସଞ୍ଚିତ, ଆଗାମୀ, ପ୍ରାରବ୍ଧ ନାମକ ତ୍ରିକର୍ମ ବିଷୟ ଅଜଣା ରହି ଅଜାଣତରେ ପ୍ରାରବ୍ଧକର୍ମ ଅନୁଭବ କରି, ଅଜାଣତରେ ଆଗାମୀକର୍ମ ଅର୍ଜନ କରି, ସଞ୍ଚିତକର୍ମ ବୃଦ୍ଧିକରି, ନିଜର ସ୍ଥିତି କଅଣ ନଜାଣି ନିତ୍ୟ ଭାବରେ ଗୁଣ ପ୍ରଭାବରେ ବୁଡି, ଦେଖାଯାଉଥିବା ଦୁନିଆକୁ ଦେଖୁଥାଇ ଅଜ୍ଞାନରେ ସେମିତି ଛଟପଟ ହେବାକୁ ପଡିଥାଏ । ହାତରେ ଧରାପଡୁ ନଥିବା କାଳ ତାର ଆୟୁଷ ହରଣ କରୁଥାଇ, ଶେଷ ସମୟ ହେଲାବେଳକୁ ନିଜର ଭାବୁଥିବା ଲୋକମାନଙ୍କୁ ଛାଡି ଯିବାକୁ ହୁଏ । ସେତେବେଳେ କେହି ତାକୁ ଅଟକାଇ ପାରିବେ ନାହିଁ, ଅର୍ଜନ କରିଥିବା ଧନ, ଟଙ୍କା, ସୁନା ସେତେବେଳେ କୌଣସି କାର୍ଯ୍ୟରେ ଆସିବ ନାହିଁ, ସେତେବେଳେ


ଜୀବନରେ କେତେବଡ ଅଧିନେତା ହୋଇଥିଲେ ମଧ୍ୟ, କିଏ ମୋତେ ରକ୍ଷାକରିବ ବୋଲି ଆଶା କରୁଥିଲେ ମଧ୍ୟ କେହି କିଛି କରିପାରିବେ ନାହିଁ । ତେଣୁ ଏଭଳି ପରିସ୍ଥିତି ଆସିବା ଆଗରୁ ଦିନେ ମରଣ ତ ନିଶ୍ଚୟ ଆସିବ, ସେଇଠି ଶେଷହେବ ଜୀବନକାଳ । କେବେ ଆସିବ ଜଣାନଥିଲେ ମଧ୍ୟ ଅନେକ କାଳ ବିତିଯାଇଛି, ମରଣ କାଲି ଆସିପାରେ, ମୋ ପାଇଁ ଆଜି ଦିନଟି କେବଳ ବଳକା ଅଛି ବୋଲି ଭାବିବା ଉଚିତ୍, ସେହି କମ୍ ସମୟ ଭିତରେ ଯେତେ ବେଗରେ ପାରୁ ଜ୍ଞାନ ଅର୍ଜନ କରି କର୍ତ୍ତା, କ୍ରିୟା, କର୍ମ, ସାକ୍ଷୀ ବାବଦରେ ଜାଣି, ସର୍ବସାକ୍ଷୀ ହୋଇଥିବା ଈଶ୍ୱରଙ୍କ ନିକଟରେ ଶରଣାପନ୍ନ ହୋଇଗଲେ, କର୍ତ୍ତା ହୋଇଥିବା ପ୍ରକୃତିକୁ ଅତିକ୍ରମ କରି ପାରିବୁ । ଭଗବଦ୍ଗୀତାରେ ଭଗବାନ କହିବା ଭଳି କର୍ମ ତୋତେ ଛୁଇଁପାରିବ ନାହିଁ, କ୍ରିୟା ତୋ ଦ୍ୱାରା ହେବ ନାହିଁ, ତୁ ନିତ୍ୟ, ଶାଶ୍ୱତ, ଅମୃତ, ଆତ୍ମା, ପରମାତ୍ମା ଭାବରେ ବଦଳିପାରିବୁ ।

*****


# ଭୋଗି - ନିଆଁ

ଭୋଗି ନିଆଁ ନାମକ ଶବ୍ଦଟି ମକରସଂକ୍ରାନ୍ତି ପର୍ବ ସନ୍ଦର୍ଭରେ କେତେକାଞ୍ଚଳରେ ଶୁଣିବାକୁ ମିଳିଥାଏ । ଯୁଗାଦି ପର୍ବର ବିଶେଷତା ଥିବା ଭଳି ଭୋଗି ପର୍ବ ଏବଂ ମକର ସଂକ୍ରାନ୍ତି ପର୍ବର ମଧ୍ୟ ବିଶେଷତା ରହିଛି । ଯୁଗାଦି ପର୍ବ ହେଉ, ସଂକ୍ରାନ୍ତି ପର୍ବ ହେଉ ଏହି ଦିନଗୁଡିକରେ ଆଧ୍ୟାତ୍ମିକ ଦୃଷ୍ଟିରୁ ଗ୍ରହମାନଙ୍କ ପରିକ୍ରମଣ ଅନୁସାରେ ବିଶେଷତା ରହିଥାଏ । ସୂର୍ଯ୍ୟ କାଳଚକ୍ରରେ କର୍କଟ ରାଶିରେ ପ୍ରବେଶ କରିବାବେଳେ କର୍କଟ ସଂକ୍ରମଣ (ସଂକ୍ରାନ୍ତି), ସେହିଭଳି ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ବେଳେ ମକର ସଂକ୍ରାନ୍ତି ବୋଲି ବୋଲି ଜ୍ଞାନୀମାନେ କହିଥା'ନ୍ତି । ଏହି ରାଶିଗୁଡିକ

କ'ଣ ? କାହିଁକି ରହିଥାଏ ? ବୋଲି ପ୍ରଶ୍ନର ଜବାବ ଖୋଜିଲେ, କିଛି ଭଲ ସମାଚାର ଆମକୁ ମିଳିଥାଏ । ମଣିଷର ଆଧ୍ୟାତ୍ମିକ ପାଠରେ ଏହି କାଳଚକ୍ର ଅତି ପ୍ରାମୁଖ୍ୟତା ବହନ କରିଥାଏ । କାଳଚକ୍ର ମୋଟ ୧୨ଗୋଟି ଭାଗରେ ବିଭକ୍ତ ହୋଇ ରହିଥାଏ । ମାନବର ଜ୍ୟୋତିଷ ଏହି ୧୨ଗୋଟି ଭାଗକୁ ଆଧାର କରି ରହିଥାଏ । କାଳଚକ୍ର ଅନୁସାରେ କର୍ମକୁ ଅମଳ କରୁଥିବା ନବଗ୍ରହମାନେ ନିର୍ଣ୍ଣୀତ କାଳ ଅନୁସାରେ ଏହି କାଳଚକ୍ରରେ ଘୂରିଥା'ନ୍ତି । ସବୁଠାରୁ ମୁଖ୍ୟ ଏବଂ ପ୍ରଥମ ଗ୍ରହ ହୋଇଥିବା ସୂର୍ଯ୍ୟ ଅଧିକତଃ କାଳଚକ୍ର ପାଇଁ ପ୍ରସିଦ୍ଧ । ସୂର୍ଯ୍ୟ ସମସ୍ତଙ୍କଠାରୁ ପ୍ରଥମ ହୋଇଥିବାରୁ ତା'ର ନାମ ମଧ୍ୟ ଆଦିତ୍ୟ ହୋଇଛି । ଜ୍ୟୋତିଷଶାସ୍ତ୍ରରେ ସୂର୍ଯ୍ୟ ଅନୁସାରେ ଗ୍ରହାଚାର ନିର୍ଣ୍ଣୀତ ହୋଇଥାଏ । କାଳଚକ୍ରରେ ଥିବା ୧୨ଗୋଟି ଭାଗର (ରାଶିର) ନାମ କ୍ରମାନୁସାରେ କହିବାକୁ ଗଲେ ୧) ମେଷ ୨) ବୃଷଭ ୩) ମିଥୁନ ୪) କର୍କଟ ୫) ସିଂହ ୬) କନ୍ୟା ୭) ତୁଳା ୮) ବୃଶ୍ଚିକ ୯) ଧନୁ ୧୦) ମକର ୧୧) କୁମ୍ଭ ୧୨) ମୀନ । କାଳଚକ୍ରର ଏହି ଭାଗଗୁଡ଼ିକୁ ଚିତ୍ରରେ ଦେଖିପାରିବେ ।




କାଳ ଚକ୍ର



କାଳଚକ୍ରର ଅର୍ଦ୍ଧେକ ଭାଗରେ ସୂର୍ଯ୍ୟର ସଞ୍ଚାର ଥିବାବେଳେ ତାହାକୁ "ଆୟଣ" କୁହାଯାଏ । ଆୟଣ ଦୁଇଗୋଟି ରହିଥାଏ, ତନ୍ମଧ୍ୟରୁ ଗୋଟିଏ ଉତ୍ତରାୟଣ ଏବଂ ଅନ୍ୟଟି ଦକ୍ଷିଣାୟନ । ସୂର୍ଯ୍ୟ କାଳଚକ୍ରର ଗୋଟିଏ ଭାଗକୁ ଅତିକ୍ରମ କରିବାକୁ ଗୋଟିଏ ମାସ ଲାଗିଥାଏ । ସେହି ଅନୁସାରେ ଆମ ପାଇଁ ଜ୍ଞାନୀମାନେ ୧୨ଗୋଟି ମାସ ନିର୍ଣ୍ଣୟ କରିଛନ୍ତି । କ୍ରମାନୁଯାୟୀ ସେଗୁଡିକ ହେଉଛନ୍ତି ୧) ଚୈତ୍ର ୨) ବୈଶାଖ ୩) ଜ୍ୟେଷ୍ଠ ୪) ଆଷାଢ ୫) ଶ୍ରାବଣ ୬) ଭାଦ୍ରବ ୭) ଆଶ୍ୱିନ ୮) କାର୍ତ୍ତିକ ୯) ମାର୍ଗଶୀର ୧୦) ପୌଷ ୧୧) ମାଘ ୧୨) ଫାଲ୍‌ଗୁନ । ୧) କାଳଚକ୍ରରେ ସୂର୍ଯ୍ୟ ମେଷ ରାଶିରେ ଅତିକ୍ରମ କରୁଥିବା ୩୦ ଦିନର ସମୟକୁ ଚୈତ୍ରମାସ କୁହାଯାଏ । ୨) ସେହିଭଳି ବୃଷଭ ରାଶିରେ ରହୁଥିବା କାଳକୁ ବୈଶାଖମାସ, ୩) ମିଥୁନରେ ରହୁଥିବା କାଳକୁ ଜ୍ୟେଷ୍ଠମାସ, ୪) କର୍କଟରେ ଥିବା କାଳକୁ ଆଷାଢମାସ କୁହାଯାଏ । ୫) ସିଂହ ରାଶିରେ ଥିବା କାଳକୁ ଶ୍ରାବଣମାସ କୁହାଯାଏ । ୬) କନ୍ୟା ରାଶିରେ ଥିବା କାଳକୁ ଭାଦ୍ରବମାସ କୁହାଯାଏ । ୭) ତୁଳା ରାଶିରେ ଥିବା କାଳକୁ ଆଶ୍ୱିନମାସ କୁହାଯାଏ । ୮) ବୃଶ୍ଚିକରେ ଥିବା କାଳକୁ କାର୍ତ୍ତିକମାସ କୁହାଯାଏ । ୯) ଧନୁରେ ଥିବା କାଳକୁ ମାର୍ଗଶିରମାସ କୁହାଯାଏ । ୧୦) ମକରରେ ଥିବା କାଳକୁ ପୌଷମାସ କୁହାଯାଏ । ୧୧- କୁମ୍ଭରେ ଥିବା କାଳକୁ ମାଘମାସ କୁହାଯାଏ । ୧୨- ମୀନ ରାଶିରେ ଥିବା କାଳକୁ ଫାଲ୍ଗୁନମାସ କୁହାଯାଏ ।

କାଳଚକ୍ରର ୧୨ ଭାଗରୁ ଛଅଗୋଟି ଭାଗକୁ ଉତ୍ତରାୟଣ, ବାକି ଛଅ ଭାଗକୁ ଦକ୍ଷିଣାୟନ ଭାବରେ ହିସାବ କରାଯାଏ । ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରୁଥିବା ପୌଷମାସ ଠାରୁ ମିଥୁନ ରାଶିରେ ଥିବା ଜ୍ୟେଷ୍ଠମାସ ପର୍ଯ୍ୟନ୍ତ ଥିବା କାଳକୁ ଉତ୍ତରାୟଣ କୁହାଯାଏ । ସେହିଭଳି ସୂର୍ଯ୍ୟ କର୍କଟ ରାଶିରେ ପ୍ରବେଶ କରୁଥିବା ଆଷାଢ ମାସଠାରୁ ଧନୁ ରାଶିରେ ଥିବା ମାର୍ଗଶିର ମାସ ପର୍ଯ୍ୟନ୍ତ ଥିବା କାଳକୁ ଦକ୍ଷିଣାୟନ କୁହାଯାଏ । କାଳଚକ୍ରର

ଆରମ୍ଭ ହୋଇଥିବା ମେଷ ରାଶିକୁ ପ୍ରଥମ ଭାବରେ ନେଲେ ଶେଷରେ ଥିବା ମୀନ ରାଶି ଦ୍ୱାଦଶ ରାଶି ହୋଇଥାଏ ।

ଜ୍ୟୋତିଷ୍ୟ ଅନୁସାରେ ମାନବର ଜନ୍ମରାଶି ହୋଇଥାଏ, ସେହିଭଳି ଦ୍ୱାଦଶ ରାଶି ମରଣରାଶି ହୋଇଥାଏ । ମଣିଷର ଜନ୍ମ ବା ଶରୀର ଲାଭ ପ୍ରଥମ ସ୍ଥାନରେ ଥିବାବେଳେ, ମରଣ ବିଷୟ ଦ୍ୱାଦଶ ସ୍ଥାନରେ ଥାଏ । ମଣିଷର ଜନ୍ମମରଣ ବିଷୟଗୁଡ଼ିକ ଉତ୍ତରାୟଣ ଭାଗରେ ରହିଥାଏ । ଉତ୍ତରାୟଣ ଭାଗ ଜ୍ଞାନ ସମ୍ବନ୍ଧୀୟ ଏବଂ ଦକ୍ଷିଣାୟନ ଅଜ୍ଞାନ ସମ୍ବନ୍ଧୀୟ ବୋଲି ମଧ୍ୟ କୁହାଯାଏ । ଉତ୍ତରାୟଣ କାଳରେ ଜନ୍ମହେବା, ମୃତ୍ୟୁବରଣ କରିବାରେ ମଣିଷର ମୋକ୍ଷହେବା ସୁଯୋଗ ରହିଥାଏ । ତା'ଛଡ଼ା ଉତ୍ତରାୟଣ କାଳରେ ଯେଉଁମାନେ ଜନ୍ମ ହୋଇଥାନ୍ତି ସେମାନେ ଦୈବସମ୍ବନ୍ଧୀୟ ଜ୍ଞାନ ପ୍ରାପ୍ତ ହୋଇ ଉନ୍ନତ ଜନ୍ମ ପାଇବା ପାଇଁ ସୁଯୋଗ ମଧ୍ୟ ରହିଛି । ସୂର୍ଯ୍ୟ ଉତ୍ତରାୟଣରେ ପ୍ରବେଶ କରି ରହୁଥିବା ଛଅମାସ କାଳ ଦୈବସମ୍ବନ୍ଧୀତ ପ୍ରାମୁଖ୍ୟତା ନେଇ ରହୁଥିବାରୁ ସେହିକାଳକୁ **ଉତ୍ତରାୟଣ ବା ଉତ୍ତମକାଳ** ବୋଲି ପୂର୍ବେ ଜ୍ଞାନୀମାନେ ଜଣାଇଥିଲେ । କାଳକ୍ରମେ ଏହି ଉତ୍ତରାୟଣ ଉତ୍ତମକାଳ ଭାବରେ ନରହି ପୁଣ୍ୟକାଳ ଭାବରେ କଥିତ ହେଉଛି ।

ମେଷ, ବୃଷଭ, ମିଥୁନ ଏହି ତିନି ରାଶିର ତିନିମାସ କାଳକୁ, ସେହିଭଳି ମକର, କୁମ୍ଭ, ମୀନରାଶିର ତିନିମାସ କାଳକୁ ଉତ୍ତରାୟଣ କୁହାଯାଏ ବୋଲି ଜାଣିଲେ । ତା'ଛଡ଼ା ଅନ୍ୟ ଛଅଗୋଟି ରାଶିର କାଳକୁ ଦକ୍ଷିଣାୟନ ଭାବରେ ହିସାବ କରାଯାଏ ବୋଲି ଜାଣିଲେ । ଉତ୍ତରାୟଣକୁ ଉତ୍ତମ ଏବଂ ଦୈବ ସମ୍ବନ୍ଧୀୟ କାଳ ଭାବରେ ହିସାବ କରି, ଦକ୍ଷିଣାୟନକୁ ଭୌତିକ ସମ୍ବନ୍ଧୀୟ କାଳ ହୋଇଥିବା ଭୋଗର ପ୍ରତୀକ ଭାବରେ ହିସାବ କରିଥିଲେ । ସେହି ଅନୁସାରେ ଦକ୍ଷିଣାୟନ ପ୍ରକୃତି ଭାଗର ସଂକେତ ହୋଇ ରହିଛି । ଭୌତିକ ଅନୁଭବଗୁଡ଼ିକୁ ଭୋଗକରିବା ବୋଲି କହନ୍ତି । ଭୌତିକ ଅନୁଭବକୁ ଭୋଗ କୁହାଯିବା ସ୍ଥଳେ, ଦୈବ ସମ୍ବନ୍ଧୀୟ ଆତ୍ମାର ଅନୁଭବକୁ

ଯୋଗ କୁହାଯାଏ । ଭୋଗରେ କର୍ମକୁ ଅନୁଭବ କରିବାକୁ ହୋଇଥାଏ, କିନ୍ତୁ ଯୋଗରେ କର୍ମ ଜଳିଯାଇଥାଏ । ଦକ୍ଷିଣାୟନକୁ ଭୋଗର ସଂକେତ ଭାବରେ କହି, ଭୋଗ ଅଜ୍ଞାନର ସଂକେତ, ତେଣୁ ଦକ୍ଷିଣାୟନକୁ ଭୌତିକ ଭୋଗର ସଂକେତ ବୋଲି ଜ୍ଞାନୀମାନେ ହିଁ ବ୍ୟକ୍ତ କରିଥିଲେ । ସେହିମାନେ ହିଁ ଉତ୍ତରାୟଣକୁ ଦୈବ ସମ୍ବନ୍ଧୀୟ ଯୋଗର ସଂକେତ ଭାବରେ କହିଥିଲେ । ଏକଥା ସେମାନେ କହି ଆମକୁ କହିବା ବ୍ୟତୀତ ଆମର ସବୁବେଳେ ମନେ ରହିବା ଭଳି ମଧ୍ୟ କରିଥିଲେ । ପ୍ରତ୍ୟେକ ମଣିଷ ଭୋଗ କରିବା ଅଭ୍ୟାସରେ ପଡିଥା'ନ୍ତି । ଭୋଗ କହିଲେ ସମସ୍ତେ ସୁଖ ବୋଲି ଭାବନ୍ତି, କିନ୍ତୁ ଭୋଗ କହିଲେ ଖାଲି ସୁଖ ନୁହେଁ ଦୁଃଖ କଷ୍ଟ ମଧ୍ୟ ଭୋଗିବାକୁ ହୋଇଥାଏ । ତେଣୁ ଦୁଃଖ ଏବଂ ସୁଖ ଦୁଇଟିଯାକକୁ ମିଶାଇ ଭୋଗ ବୋଲି ସେମାନେ କହିବା ଦ୍ୱାରା, ଆଜି ଆମେମାନେ ମଧ୍ୟ ଦୁଃଖସୁଖ ଉଭୟକୁ ଭୋଗ କହୁଛେ । ତେଣୁ ଭୋଗ କହିଲେ ଅନୁଭବ, ତାହା ଦୁଃଖ ହୋଇ ପାରେ, ସୁଖ ହୋଇପାରେ ବୋଲି ଜାଣିବା ଉଚିତ୍ ।

ସେହିଭଳି ପ୍ରତ୍ୟେକ ମଣିଷ ଯୋଗପ୍ରାପ୍ତି ହୋଇପାରେ ନାହିଁ । ଯୋଗ ଭୋଗର ବିପରୀତ ହୋଇ ରହିଥାଏ । ଯୋଗରେ କର୍ମକୁ ଅନୁଭବ କରାଯାଇ ନଥାଏ । କର୍ମକୁ ଜଳାଇଥା'ନ୍ତି ଯୋଗୀମାନେ । ଜ୍ଞାନ ନାମକ ଅଗ୍ନିର ନିଳୟ ହେଉଛି ଯୋଗ । କର୍ମକୁ କେବଳ ଜ୍ଞାନାଗ୍ନି ଜଳାଇଦେଇଥାଏ ବୋଲି କଦାପି ଭୂଲନ୍ତୁ ନାହିଁ । ଜ୍ଞାନଗ୍ନିର ନିଳୟ ହୋଇଥିବା ଯୋଗର ସଂକେତ ଭାବରେ ଉତ୍ତରାୟଣ, ଅନୁଭବ ନିଳୟ ହୋଇଥିବା ଭୋଗର ସଂକେତ ଭାବରେ ଦକ୍ଷିଣାୟନ ରହିବା ଭଳି ବର୍ଷକୁ ଥରେ ଏକ ପର୍ବ ବା ପକ୍ୱଦିନକୁ ଜ୍ଞାନୀମାନେ ହିଁ ସମାଜରେ ରଖିଥିଲେ । ତାହା ହିଁ ମକର ସଂକ୍ରାନ୍ତି ପର୍ବ ।

ମକର ରାଶିରେ ସୂର୍ଯ୍ୟ ରହିଲେ ମକର ସଂକ୍ରାନ୍ତି ଆସିଥାଏ । ସାଧାରଣତଃ ଜାନୁଆରୀ ମାସର ୧୪ତାରିଖରେ ପ୍ରାୟ ମକର ସଂକ୍ରାନ୍ତି

ପଡିଥାଏ । ବହୁଶା ଅନେକ ବର୍ଷ ପରେ ଜାନୁଆରୀ ୧୫ ତାରିଖରେ ମକର ସଂକ୍ରାନ୍ତି ପଡେ । ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ଦକ୍ଷିଣାୟନ ରହିଥିବା ବେଳେ, ୧୪ ତାରିଖଠାରୁ ଉତ୍ତରାୟଣ ଆରମ୍ଭ ହୋଇଥାଏ । ଦକ୍ଷିଣାୟନ ଭୋଗର ସଂକେତ ହୋଇଥିବାରୁ ସେହି ବିଷୟ ମନେ ରଖିବା ପାଇଁ ଜାନୁଆରୀ ୧୩ ତାରିଖରେ ଅର୍ଥାତ୍ ସଂକ୍ରାନ୍ତିର ପୂର୍ବଦିନ ଏହି ଭୋଗୀ ପର୍ବ ପାଳନ କରିଥା'ନ୍ତି । (ଏହା ଆମ ଦକ୍ଷିଣ ଓଡିଶାରେ ମଧ୍ୟ ଅନେକ ଲୋକ ପାଳନ କରିଥା'ନ୍ତି ।) ଭୋଗିପର୍ବ ପରେ ଆସିଥାଏ ମକର ସଂକ୍ରାନ୍ତି । ତେଣୁ ସଂକ୍ରାନ୍ତିର ପୂର୍ବଦିନ ରାତିରେ ନିଆଁ ଜଳାଇ ଏକ ଉତ୍ସବ (ପର୍ବ) ଭାବରେ ପାଳନ କରିବା ପୂର୍ବକ ଜ୍ଞାନୀମାନେ ଏହାକୁ ଭୋଗି ନିଆଁ ବୋଲି କହୁଥିଲେ । ଏହିଭଳି ନିଆଁ ଜଳାଇ ଭୋଗୀପର୍ବ କହି ପର୍ବକୁ ପାଳନ କରିବା ବିଷୟ ସମସ୍ତେ ଜାଣନ୍ତି ସିନା, କାହିଁକି ଜଳାଯାଏ, ଭୋଗୀନିଆଁ ବୋଲି କାହିଁକି କହନ୍ତି, ଏହି ପର୍ବର ବିଶେଷତା କ'ଣ ବୋଧହୁଏ ଅନେକଙ୍କୁ ଜଣାନଥାଏ ।

ଦକ୍ଷିଣାୟନ ଅଜ୍ଞାନ ସମ୍ବନ୍ଧୀୟ ବା ଭୌତିକ ସମ୍ବନ୍ଧୀୟ ସଂକେତ ବୋଲି ଆଗରୁ ଜାଣିଛେ । ସେଦିନ ଭୌତିକତାର ଅନୁଭବ ଅର୍ଥରେ ରହିଥିବା ଦକ୍ଷିଣାୟନର ଶେଷଦିନକୁ ଭୋଗୀପର୍ବ ଭାବରେ ମନେ ପକାଇ, ଆମ ଜୀବନରେ ଆଜିଠାରୁ ଭୌତିକ ଭୋଗକୁ ଛାଡି ଯୋଗରେ ରହିବୁ ବୋଲି କାମନା କରୁଥିଲେ । ଭୋଗ ଅର୍ଥାତ୍ ଭୌତିକ ଦୁଃଖସୁଖର କାରଣ ହୋଇଥିବା କର୍ମ ଆମର ଆଉ ନରହୁ ବୋଲି, ଭଗବଦ୍ଗୀତାରେ କହିବା ଭଳି କର୍ମକୁ କାଠ ଭାବରେ, ଜ୍ଞାନକୁ ଅଗ୍ନି ଭାବରେ ତୁଳନା କରି ସେହି ରାତିରେ ନିଆଁ ଜଳାଉଥିଲେ । ଅନୁଭବରେ ଆସିବାକୁ ଥିବା କର୍ମକୁ ନିଖୋଜ କରିବା ପାଇଁ ଏକ ମନେ ପକାଇବା ଦିନ ଭାବରେ ରଖିଥିଲେ ଭୋଗୀ ପର୍ବ । ଦକ୍ଷିଣାୟନର ଶେଷଦିନରେ ଭୋଗକୁ ସ୍ୱସ୍ତି କହିବା ହିଁ ଭୋଗୀନିଆଁ ଜଳାଇବାର ଉଦ୍ଦେଶ୍ୟ ହୋଇଥାଏ । ସେହିଭଳି ଉତ୍ତରାୟଣର

ପ୍ରଥମ ଦିନରେ ଯୋଗକୁ ଆହ୍ୱାନ କରିବା ସନ୍ତୋଷକର ବିଷୟ । ତେଣୁ ସେହି ଦିନକୁ ସଂକ୍ରାନ୍ତି (ମକର) କହିବା ପୂର୍ବରୁ ପରମ୍ପରା ହୋଇ ରହି ଆସିଛି । ଏହି ପର୍ବକୁ ପୂର୍ବଜମାନେ ଭାବର ସହିତ କରୁଥିବା ବେଳେ, ତାହା ଆଜି ଆମେ ପାଳନ କଲେ ମଧ୍ୟ ତାହାକୁ ଭୋଗୀ ବୋଲି କାହିଁକି କହୁଛେ, ଭୋଗୀନିଆଁ କାହିଁକି ଜଳାଉଛେ, ସଂକ୍ରାନ୍ତି ପର୍ବ କାହିଁକି ପାଳନ କରୁଛେ ଆମକୁ ଜଣା ନାହିଁ ।

**"ଜ୍ଞାନାଗ୍ନି ସର୍ବକର୍ମାଣି ଭସ୍ମସାତ୍ କୁରୁତେ ତଥା"** ଅର୍ଥାତ୍ ଜ୍ଞାନ ନାମକ ଅଗ୍ନି ସମସ୍ତ କର୍ମକୁ ଭସ୍ମ କରିଦିଏ ବୋଲି ଗୀତାରେ ଭଗବାନ କହିଛନ୍ତି । ଭୋଗୀର ଥିବା କର୍ମକୁ ଜ୍ଞାନ ନାମକ ଅଗ୍ନିରେ ଜଳାଇବା ହିଁ ଭୋଗିନିଆଁ ଜାଳିବା ବୋଲି କହୁଛେ । ମକର ସଂକ୍ରାନ୍ତିର ପୂର୍ବଦିନ ଅଜ୍ଞାନର ଶେଷଦିନ ହେଉ, ସଂକ୍ରାନ୍ତି ହିଁ ପ୍ରଥମ ଦିନ ଭାବରେ ଜ୍ଞାନର ଆରମ୍ଭ ଦିନ ହେଉ ବୋଲି ରହିଥିବା ଅନ୍ତରାର୍ଥକୁ ବାହ୍ୟାର୍ଥରେ ଜଣାଇ ପୂର୍ବେ ଭୋଗିନିଆଁ ଜଳାଇଥିବା ବେଳେ, ସେହି ଦିନର ଆଚରଣ ଏବେ ମଧ୍ୟ ଆମ ପାଖରେ ମାତ୍ର କେତେକାଞ୍ଚଳରେ ରହିଛି । ଆଚରଣ ରହିଛି ସିନା ତାର ଅର୍ଥ ଆମକୁ ଜଣା ନାହିଁ । ଆଜିର ଏହି ଆଚରଣରେ ସେଦିନର ଅର୍ଥକୁ ମିଶାଇ ଯଦି ଆମେପର୍ବ ପାଳନ କରନ୍ତେ ତାହେଲେ ଆମ ଆଚରଣର କେତେ ମୂଲ୍ୟ ରହିପାରନ୍ତା । ଆଜି ଆମର ଉଦ୍ଦେଶ୍ୟ ରହିଲେ ଦିନେ ତାହାର ଫଳ ମିଳିପାରନ୍ତା । ଉଦ୍ଦେଶ୍ୟହୀନ କାର୍ଯ୍ୟ ବ୍ୟର୍ଥ । ତେଣୁ ବଜାରରେ ଭୋଗୀନିଆଁ ଜଳାଇ କିଛି ଲାଭ ନାହିଁ । ଆମ ମୁଣ୍ଡରେ ଥିବା ଭୋଗର କାରଣ କର୍ମକୁ ଜ୍ଞାନ ନିଆଁରେ ଜଳାଇବା ଉଚିତ୍ । ଏବେ ବି ସମୟ ଅଛି ଜ୍ଞାନ ଜାଣି ଭୋଗୀପର୍ବ ପାଳନ କରିବା । ଶରୀରରେ ଜ୍ଞାନ ନାମକ ଅଗ୍ନିକୁ ଜଳାଇ, ସେଥିରେ କର୍ମକୁ ଜାଳିପାରିବା ଅର୍ଥରେ ବାହାରେ ଭୋଗୀନିଆଁ ଜାଳିବା ।

*****

# ଈଶ୍ୱର - ମାୟା

ରାଜନୀତିରେ ପକ୍ଷ ପ୍ରତିପକ୍ଷ ଥିବା ଭଳି, ଏକ ନାଟକରେ ଭିଲାନ୍ ଆଉ ହିରୋ ଥିବା ଭଳି, ଖେଳରେ ଦଳ, ପ୍ରତିଦଳ ଥିବାଭଳି ଜଗନ୍ନାଟକ ନାମକ ଖେଳରେ ମଧ୍ୟ ଦୁଇଦଳ ଆବଶ୍ୟକ । ଜଗତ ଦୃଷ୍ଟିରେ ପରମାତ୍ମା (ଈଶ୍ୱର) ବଡ ହୋଇଥିଲେ ମଧ୍ୟ, ସେ ତାଙ୍କ ଜଗନ୍ନାଟକରେ ନିଜର ସମକକ୍ଷ ଭାବରେ ପ୍ରକୃତିକୁ ତିଆରି କରି ରଖିଛନ୍ତି । ପ୍ରକୃତି ପଞ୍ଚଭୂତ ଭାବରେ ଦେଖାଯାଉଥିଲେ ମଧ୍ୟ, ପ୍ରକୃତିଠାରୁ ଦେଖାଯାଉ ନଥିବା ମାୟାକୁ ଈଶ୍ୱର ହିଁ ତିଆରି କରିଛନ୍ତି । ପଞ୍ଚଭୂତ ହୋଇଥିବା ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି ହୋଇ ରହିଥିଲେ ମଧ୍ୟ, ସାରା ବିଶ୍ୱରେ ବ୍ୟାପି ପରମାତ୍ମା ବିଶ୍ୱେଶ୍ୱର ହୋଇ ରହିଛନ୍ତି । ସେହିଭଳି ପାଞ୍ଚଭାଗ ଭିତରେ ମାୟା ମଧ୍ୟ ବ୍ୟାପିରହିଛି । ଏକ ଖେଳର ଦୁଇଦଳରେ ସମାନ ସମାନ ଖେଳାଳୀ ଥିବାବେଳେ ଖେଳ ଦେଖିବାକୁ ମଜାଲାଗେ । ଖେଳାଳୀମାନେ ସମାନ ସମାନ ହୋଇ ଖେଳକୁ କେତେ ମଜାଦାର କଲେ ମଧ୍ୟ ଖେଳ ଶେଷହେବା ବେଳକୁ କିଏ ଜଣେ ହାରିବା, ଜିତିବା ଦେଖାଯାଏ । ସେହିଭଳି ଜଗନ୍ନାଟକ ଖେଳରେ ଈଶ୍ୱର ଆଉ ମାୟା ସମାନ ସମାନ ବଳ ନେଇ ଖେଳୁଛନ୍ତି । ହାର, ଜିତ୍ ଶେଷରେ ଦେଖାହୁଏ । ହାର ଜିତ୍ ବିଷୟକୁ ଦେଖିଲେ ଶେଷରେ ଈଶ୍ୱର ବା ପରମାତ୍ମା ହିଁ ଜିତନ୍ତି, ସେ ପର୍ଯ୍ୟନ୍ତ ଆମର ତାଙ୍କ ସହିତ କିଛି ସମ୍ପର୍କ ନାହିଁ । କାହିଁକିନା ! ଆମକୁ ଦେଖିବାକୁ ହେବ ଯେ, ଖେଳ କେମିତି ଆଉ କେତେବେଳ ଯାଏଁ ହେବ, କିଏ କିପରି ଖେଳୁଛି, ଜୀବ କାହା ଦିଗକୁ ଯାଉଛି ।

ଜଗନ୍ନାଟକ ନାମକ ଖେଳରେ, ପ୍ରକୃତି ପରମାତ୍ମା ଖେଳୁଥିବା ପଡିଆରେ ବଲ୍ ଭଳି ଗଡିଥାଏ ଜୀବାତ୍ମା । ଖେଳପଡିଆରେ ପ୍ରକୃତି ପରମାତ୍ମା ଜୀବକୁ ଏଦିଗ ସେଦିଗ କରୁଥିଲେ ମଧ୍ୟ ଜୀବକୁ ତାହା ଜଣାନଥାଏ । କାରଣ ! ଈଶ୍ୱର କହିଲେ ହିଁ ଅବ୍ୟକ୍ତ, ତାଙ୍କୁ ଯେତେ ଖୋଜିଲେ ମଧ୍ୟ ସେ ମିଳନ୍ତି ନାହିଁ । ଈଶ୍ୱର ଅବ୍ୟକ୍ତ ନାମକ ପଦର

ଅର୍ଥ ଅନୁସାରେ ସେ ଶରୀର ଧାରଣକରି ଆସିଲେ ମଧ୍ୟ କେହି ତାଙ୍କୁ ଚିହ୍ନିପାରିବେ ନାହିଁ । ଆମେ ଶରୀର ଧାରଣ କରିଛେ ସେଥିଲାଗି ତାଙ୍କୁ ଚିହ୍ନିବା ସମ୍ଭବ ହୋଇନଥାଏ । ଏଠାରେ କେତେକ ମୋତେ ଏକ ପ୍ରଶ୍ନ କରିପାରନ୍ତି ଯେ, **"ପୂର୍ବେ ଅନେକ ଲୋକ ଈଶ୍ୱରଙ୍କ ବିଶ୍ୱରୂପ ଦେଖିଥିଲେ ! ସେଥିଲାଗି ଆପଣଙ୍କ କଥା ତ ମିଛ ହେବ !** ଏହାର ସମାଧାନ ହେଉଛି ! ଯଦି ମୋକଥା ମିଛ, ତେବେ ଈଶ୍ୱର ଅବ୍ୟକ୍ତ କହିବା ମିଛ ହେବ । ସାରାଦୁନିଆ ଜନ୍ମହେବା ଠାରୁ ଈଶ୍ୱର କିଭଳି ବୋଲି ଜଣାଇବା ପାଇଁ ଭଗବଦ୍ଗୀତାରେ ଅର୍ଜୁନଙ୍କୁ ବିଶ୍ୱରୂପ ଦେଖାଇଥିଲେ ବୋଲି କହିଛନ୍ତି ସିନା, ଆଉ କେଉଁଠି କାହାକୁ ବିଶ୍ୱରୂପ ଦେଖାଇ ନଥିଲେ କି କେହି ଦେଖିନାହାନ୍ତି । ଈଶ୍ୱର ଅବ୍ୟକ୍ତ ବୋଲି ରହିଥିବା ବାଣୀ ବ୍ୟର୍ଥ ନହେବା ପାଇଁ, ନିଜେ ନିଜକୁ ବିଶ୍ୱରୂପ ହେବାଭଳି ଅର୍ଜୁନଙ୍କୁ ବୁଝା ପଡିଛନ୍ତି (ଦେଖାଇଛନ୍ତି) । ଆଗରୁ ଅନେକ ବ୍ୟକ୍ତି ମୋର ବିଶ୍ୱରୂପକୁ ଦେଖିବା ପାଇଁ ଆଶା କରିଛନ୍ତି, ହେଲେ କାହାକୁ ଜଣାନଥିବା ବିଶ୍ୱରୂପକୁ ମୁଁ ମୋର ଇଚ୍ଛାରେ ତୋତେ ଦେଖାଉଛି । ତୁ ଏଇ ସ୍ଥୁଳ ଆଖିରେ ମୋତେ ଦେଖିପାରିବୁ ନାହିଁ । ତେଣୁ ତୋତେ ସ୍ୱତନ୍ତ୍ର ଜ୍ଞାନନେତ୍ର ଦେଉଛି କହି ବିଶ୍ୱରୂପକୁ ଦେଖାଇଥିଲେ । ଈଶ୍ୱର ଦେଇଥିବା ଜ୍ଞାନନେତ୍ରରେ ସେହି କିଛି ସମୟରେ ଅର୍ଜୁନ ବିଶ୍ୱରୂପକୁ ଦେଖିଥିଲେ ସିନା, ତା ପୂର୍ବରୁ କିମ୍ୱା ପରେ ଦେଖିନାହାନ୍ତି । ଏହିଭଳି ସେ ଅବ୍ୟକ୍ତ ବୋଲି ଏକ ପ୍ରମାଣ ପାଇଁ ବିଶ୍ୱରୂପ ଦେଖାଇଛନ୍ତି (ଜଣାଇଛନ୍ତି) । ଅର୍ଜୁନଙ୍କ ପୂର୍ବରୁ କିମ୍ୱା ପରେ କେହି ସେ ରୂପକୁ ଦେଖିନାହାନ୍ତି । ଏହି ବିଶ୍ୱରୂପ ଅବ୍ୟକ୍ତ ହୋଇଥିବାରୁ କେହି ଦେଖି ପାରିବା ସମ୍ଭବ ନୁହେଁ । ଏଠାରେ ମହାଭାରତର କୌରବ ସଭାରେ ସେ ବିଶ୍ୱରୂପ ଦେଖାଇଥିଲେ ବୋଲି ଆଉକେତେକ ପଚରି ପାରନ୍ତି । ତାହା ଏକ ମିଥ୍ୟା କଥା ବୋଲି କହିପାରିବା । ସଭାରେ ସମସ୍ତେ ତାଙ୍କୁ ସାଧାରଣ

ଆଖିରେ ଦେଖିଥିଲେ, ଗାନ୍ଧାରୀ ମଧ୍ୟ ତାଙ୍କ ଆଖିରୁ ଅନ୍ଧପୁଟୁଳି ଖୋଲି ଦେଖିଥିଲେ ବୋଲି ଲେଖାଅଛି । ଅବ୍ୟକ୍ତକୁ କିଏ ଆଖିରେ ଦେଖିବ ! ଦେଖାଯାଉଥିଲେ ଅବ୍ୟକ୍ତ କିପରି କହିବା ! ! ଦେଖାଗଲେ ସେ ଅବ୍ୟକ୍ତ ଈଶ୍ୱର ହିଁ ନୁହନ୍ତି । ଈଶ୍ୱର କହିଲେ ଅବ୍ୟକ୍ତ, ଯାହାଙ୍କୁ କେତେ ଖୋଜିଲେ ମିଳନ୍ତି ନାହିଁ, ସେ ତାଙ୍କ ଧର୍ମରେ ସୂତ୍ରବଦ୍ଧ ଭାବେ ଥା'ନ୍ତି । (ମୂଳ ଭାଷାରେ ଦେଉଡୁ କହିଲେ ଈଶ୍ୱର । ଦେଉଡୁର ଅର୍ଥ ମଧ୍ୟ ଯିଏ ଖୋଜିଲେ ମିଳନ୍ତି ନାହିଁ ବୋଲି ରହିଛି ।) ଥାଇ ମଧ୍ୟ ନଥିବା ଭଳି ରହିଥା'ନ୍ତି ଈଶ୍ୱର ବା ପରମାତ୍ମା । ସେଥିଲାଗି ଜୀବକୁ ଈଶ୍ୱର କିପରି ଖେଳାଉଛନ୍ତି ତାହା ଜୀବ ଜାଣିପାରେ ନାହିଁ ।

ଏବେ ମାୟା ବିଷୟରେ ଜାଣିବା । ମାୟା ଈଶ୍ୱରଙ୍କ ଦ୍ୱାରା ନିର୍ମିତ । ସେଥିଲାଗି "ମମ ମାୟା" ବୋଲି ଗୀତାରେ ସ୍ୱୟଂ ଈଶ୍ୱର କହିଛନ୍ତି । ଜଗନ୍ନାଟକରେ ନିଜ ସମ ଖେଳିବା ପାଇଁ ସେ ମାୟାକୁ ତିଆରି କରିଛନ୍ତି । ମାୟାକୁ ସେ ନିଜେ ତିଆରି କରିଥିଲେ ମଧ୍ୟ, ନିଜର ବିପରୀତ ଦିଗରେ ରହି ଖେଳିବାକୁ ସେ ଆଦେଶ ଦେଇଛନ୍ତି । ସେଥିଲାଗି ମାୟା ଈଶ୍ୱରଙ୍କ ଆଦେଶ ଅନୁସାରେ ଜଗତରେ ଖେଳୁଛି । ଏକଥା ଟିକିଏ ଆଶ୍ଚର୍ଯ୍ୟ ବୋଧ ହେଉଥିଲେ ହେଁ, ସତ୍ୟ ହେଉଛି ! ମାୟା ଈଶ୍ୱରଙ୍କ ପାଇଁ ସର୍ବଦା ଭକ୍ତି ସହକାରେ ରହିଥାଏ । ସମସ୍ତଙ୍କଠାରୁ ଈଶ୍ୱରଙ୍କୁ ଯଦି କିଏ ଅଧିକ ଭକ୍ତି କରିଥାଏ ସେ ହେଉଛି ମାୟା । ମାୟା ତା ଭକ୍ତିମାର୍ଗରୁ କଦାପି ଟଳିନଥାଏ । ଈଶ୍ୱର ଦେଇଥିବା ଆଦେଶକୁ ସେ ଅକ୍ଷରେ ଅକ୍ଷରେ ପାଳନ କରିଥାଏ । ଏହି ପଦ୍ଧତି ଅନୁସାରେ ଜଗନ୍ନାଟକ ନାମକ ଖେଳରେ ମାୟା ଈଶ୍ୱରଙ୍କ ଆଜ୍ଞା କ୍ରମେ ବ୍ୟତିରେକୀ ହୋଇ ଖେଳ କରୁଛି । ଈଶ୍ୱର ମାୟାର ସ୍ୱାମୀ ହୋଇଥିବାବେଳେ ସ୍ୱାମୀର ଆଜ୍ଞାକୁ ଶୀରୋଧାର୍ଯ୍ୟ କରି ମାୟା ତାର ଭାର୍ଯ୍ୟାପଣିଆକୁ ବଜାୟରଖିଛି । ତେଣୁ ଆଧାତ୍ମିକ ବିଦ୍ୟାରେ ପରମାତ୍ମା ପ୍ରକୃତିଙ୍କୁ ପତିସତୀ କୁହାଯାଏ । ଜଗତ ଦୃଷ୍ଟିରେ ପତି ଅପେକ୍ଷା ସତୀ ଅଧିକ

ବୋଲି କହିପାରିବା । ପତି ଦ୍ୱାରା ସତୀ ତିଆରି କହିବା ଭଳି, ପରମାତ୍ମାଙ୍କ ଦ୍ୱାରା ପ୍ରକୃତି ତିଆରି ହୋଇଛି, ସେଥିଲାଗି ପତି ପରମାତ୍ମାଙ୍କ ବଶତାକୁ ସ୍ୱୀକାର କରି ରହିଛି ପ୍ରକୃତି । ଦୈବମାର୍ଗରେ ପ୍ରତିବନ୍ଧକ ଆଣିବାକୁ ପ୍ରକୃତି ପରମାତ୍ମାଙ୍କ ଠାରୁ ଆଜ୍ଞା ପାଇଥିବାରୁ ସେ ତାହାକୁ ଶୀରୋଧାର୍ଯ୍ୟ କରି ପାଳନ କରୁଛି । ସେଥିଲାଗି ଜୀବର ପ୍ରତିବନ୍ଧକ ହେବା ଭଳି ଜୀବ ପରମାତ୍ମାଙ୍କୁ ଜାଣିବାକୁ ଇଚ୍ଛା କଲାବେଳେ ଅର୍ଥାତ୍ ଜ୍ଞାନମାର୍ଗରେ ଯିବାବେଳେ ପ୍ରତିବନ୍ଧକ ହେଉଛି, କିନ୍ତୁ ଜୀବ ତାର ଜିଦ୍‌ରେ ଅଟଳ ରହିଲେ ବା ପରମାତ୍ମାଙ୍କ ପ୍ରିୟ ହୋଇପାରିଲେ ପ୍ରକୃତି ଜୀବର ପ୍ରତିବନ୍ଧକ ନହୋଇ ତାକୁ ପରମାତ୍ମାଙ୍କ ପାଖକୁ ଯିବାକୁ ଦିଏ ବା ମୋକ୍ଷ ଦିଏ ବୋଲି ବ୍ରହ୍ମବିଦ୍ୟାରୁ ଜଣାଯାଉଛି । କାହିକିନା ! ମୋର ଶରଣ ନେଇଥିବା ପାତ୍ରକୁ ପ୍ରକୃତି କିଛି କରିପାରିବ ନାହିଁ, ମୁଁ ପ୍ରକୃତିକୁ ଆଦେଶ ଦେଇଛି ବୋଲି କହିବାକୁ ଯାଇ, ***" ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ"*** ବୋଲି କହିଛନ୍ତି । ତାଛଡା ଯୋଗୀ ବେମନ ମଧ୍ୟ ତାଙ୍କ ପଦ୍ୟାବଳୀରେ ଏକଥା କହିବାକୁ ଯାଇ **"ପତି ରାଜିହେଲେ ସିନା ସତୀ ରାଜିହୁଏ.."** ବୋଲି କହିଛନ୍ତି । ଏହିଭଳି ମାୟା ପରମାତ୍ମା ବା ଈଶ୍ୱରଙ୍କ ଦ୍ୱାରା ତିଆରି ହୋଇଥିଲେ ମଧ୍ୟ ପରମାତ୍ମାଙ୍କ ସମାନ ବଳ ନେଇ ଜଗତରେ ରହିଛି ।

ମାୟା ଗୁଣରୂପ ହୋଇ ମଣିଷକୁ ଆକ୍ରମଣ କରି ରହିଥିଲେ ମଧ୍ୟ, ଦେଖାଯାଉଥିବା ପ୍ରକୃତି ହୋଇ ବାହାରେ ରହିଛି । ମାୟା ବାହ୍ୟତଃ ପଞ୍ଚଭୂତ ରୂପ ହୋଇ, ଭିତରେ ଗୁଣରୂପ ହୋଇ ମଣିଷକୁ ଖେଳାଉଛି । କିଛିଲୋକ ଆମେ ମାୟାକୁ ଜୟ କରିଛୁ ବୋଲି କହିଥା'ନ୍ତି, କିନ୍ତୁ ମାୟାକୁ ଜୟ କରିବା ଦୁଃସାଧ୍ୟ ବୋଲି ସ୍ୱୟଂ ପରମାତ୍ମା ଗୀତାରେ କହିଛନ୍ତି । ତେଣୁ ମାୟା କେତେ ବଳୟସୀ ଜାଣି ହୋଇଯାଉଛି । ମାୟା କେତେ ବଳୟସୀ ? ଆମେ କେତେ ବଳବାନ ? ତାକୁ ଜିତିବା କଣ ସହଜ ? ବୋଲି ବିଚାରକଲେ ଜଣାଯାଏ ଯେ, ପଞ୍ଚଭୂତ ଭିତରେ ଥିବା ଏକ ପବନର ବଳ କେତେ ତାହା କାହା

ସହିତ ତୁଳନା କରିବା ସମ୍ଭବ ହୋଇନଥାଏ । ପବନର ବେଗ ମାପିବା ପାଇଁ କୌଣସି ଉପକରଣ କାର୍ଯ୍ୟ କରି ନଥାଏ । କୌଣସି ଶାସ୍ତ୍ରବେତ୍ତା ଅନୁମାନ ଲାଗାଇ ପାରୁନଥିବା ବଳ ପବନର ଥାଏ । ଅବରୋଧ ହେଉଥିବା କୌଣସି ଶକ୍ତିକୁ ମଧ୍ୟ ଠେଲିଦେବା ବଳ ପବନର ଅଛି । ସେହିଭଳି ଜଳର ଅପରିମିତ ବଳ ଅଛି । ମାତ୍ର କିଛି ସମୟ ଭିତରେ ସାରା ଜଗତକୁ ସଲୀଳସମାଧି କରିଦେଇ ପାରେ । ସେଭଳି ଭୂମି ମାତ୍ର କେଇମିନିଟ୍ ଭିତରେ ସମସ୍ତଙ୍କୁ ମାଟିଭିତରେ ଋପିଦେଇ ପାରେ । ଅଗ୍ନି କଥା ନକହିଲେ ଚଳିବ । ଏହିଭଳି ପ୍ରକୃତିର ପାଞ୍ଚଭାଗରେ ଅପରିମିତ ଶକ୍ତି ରହିଛି ବୋଲି କହିପାରିବା । ପ୍ରକୃତିଠାରୁ ଜନ୍ମହୋଇଛି ମାୟା । ତେଣୁ ପ୍ରକୃତି ସମ ଶକ୍ତି ମାୟାର ଅଛି । ପ୍ରକୃତିର ପଞ୍ଚଭୂତରେ ଥିବା ଶକ୍ତି ଆଖିକୁ ଦେଖାଯାଏ, କିନ୍ତୁ ମାୟାଶକ୍ତି ଆଖିକୁ ଦେଖାଯାଏ ନାହିଁ । ପ୍ରକୃତି ଦେଖାଯାଏ, ମାୟା ଦେଖାଯାଏ ନାହିଁ । ଈଶ୍ୱର ଥାଇ ଅବ୍ୟକ୍ତ ରହିବା ଭଳି ମାୟା ମଧ୍ୟ ମଣିଷ ଭିତରେ ଥାଇ ଦେଖାଯାଏ ନାହିଁ ।

ଏକ ବସ୍ତୁ କେଉଁଠି ଥାଇ ମଧ୍ୟ ଦେଖାନଯିବା ବେଳେ, ଜିନିଷଟା ଏଇଠି ଥିଲା କ'ଣ ମାୟା ହେଇଗଲା ! ବୋଲି କହନ୍ତି । ମାୟା ହୋଇଯିବା କହିଲେ ଦେଖାନଯିବା ବୋଲି ଅର୍ଥ ମିଳିଥାଏ । ଏହି ଅନୁସାରେ କହି ପାରିବା ମାୟା ଆଖିକୁ ଦେଖାଯାଏ ନାହିଁ । ଥାଇ ନଥାନ୍ତି ଈଶ୍ୱର, ଥାଇ ମଧ୍ୟ ଦେଖାଯାଇ ନଥାଏ ମାୟା । ତେଣୁ **ଈଶ୍ୱରଙ୍କୁ ଅବ୍ୟକ୍ତ କହିବା ବେଳେ, ମାୟାକୁ ମଧ୍ୟ ଅଦୃଶ୍ୟ କହିବା ଉଚିତ୍** । ଈଶ୍ୱର ଆଉ ମାୟା ପ୍ରାୟ ସମାନ ହୋଇଥିବାରୁ ଈଶ୍ୱର ହେଉଛନ୍ତି ଅବ୍ୟକ୍ତ, ମାୟା ଅଦୃଶ୍ୟ ।

ଦେଖାଯାଉଥିବା ମାୟାକୁ ଜୟ କରିପାରିଲେ, କାହା ଦ୍ୱାରା ବ୍ୟକ୍ତ ହୋଇପାରୁ ନଥିବା ଈଶ୍ୱର ଜଣାପଡନ୍ତି । ଯେତେବେଳେ ଈଶ୍ୱର ଜଣା ପଡନ୍ତି ସେତେବେଳେ ମୋକ୍ଷ ହୋଇଥାଏ । ସତକଥା କହିଲେ ମାୟା ମଧ୍ୟ ଈଶ୍ୱରଙ୍କ ଭଳି, ତେଣୁ ତାକୁ ଜୟ କରିବା ଦୁଃସାଧ୍ୟ । ମଣିଷର ଶକ୍ତି

ପରିମିତ, ତେଣୁ ମାୟାକୁ କିପରି ଜିତିବା ନାମକ ପ୍ରଶ୍ନ ଆସି ପାରେ । ଏହାର ଉତ୍ତର ହୋଇ ସ୍ୱୟଂ ଈଶ୍ୱର ଗୀତାରେ କହିଛନ୍ତି ଯେ **"ତୁ ମୋର ଶରଣ ନେଲାବେଳେ ମାୟାକୁ ଜିତିପାରିବୁ"** । ଈଶ୍ୱରଙ୍କ ନିକଟରେ ଶରଣ ଯିବାପାଇଁ ପ୍ରଥମେ ତାଙ୍କୁ ବିଶ୍ୱାସ କରିବା ଆବଶ୍ୟକ, ସେ କିପରି ?, କେଉଁଠି ଥାଆନ୍ତି ?, କ'ଣ କରନ୍ତି ? ଇତ୍ୟାଦି କିଛି ବିଷୟ ତାଙ୍କ ବାବଦରେ ଜାଣିବାକୁ ପଡିବ । **ଈଶ୍ୱରଙ୍କ ନିୟମ ଧର୍ମ, ଧର୍ମର ବିବରଣୀ ଜ୍ଞାନ** । ମାନବ ଜ୍ଞାନକୁ ସମ୍ପୂର୍ଣ୍ଣ ଭାବରେ ଜାଣି ଧର୍ମର ଆଚରଣ କରି ପାରିଲେ ତାଠାରେ ଜ୍ଞାନଶକ୍ତି ସୃଷ୍ଟିହୁଏ । ଜ୍ଞାନଶକ୍ତି କିଛି ସଞ୍ଚୟ ହେବା ପରେ ମାୟାକୁ ଜିତିବା ସମ୍ଭବ ହୋଇଥାଏ । ଜ୍ଞାନଶକ୍ତି ଥିବା ବ୍ୟକ୍ତି ବ୍ୟତୀତ, ଅଳ୍ପ ଜ୍ଞାନ ଥିବା ବ୍ୟକ୍ତିକୁ, ଜ୍ଞାନ ଜାଣିବାକୁ ଇଚ୍ଛା କରୁଥିବା ବ୍ୟକ୍ତିକୁ ମଧ୍ୟ ମାୟା ତା ଜାଲରେ ନପକାଇ ଛାଡେ ନାହିଁ । ଅଳ୍ପ ଜ୍ଞାନ ଥିବା ବ୍ୟକ୍ତିମାନେ ମାୟା ତାଡନରେ ଭାଙ୍ଗିଯାଇଥା'ନ୍ତି । ଶେଷରେ ଜ୍ଞାନମାର୍ଗରୁ ଓହରିଯା'ନ୍ତି ।

ମଣିଷକୁ ଈଶ୍ୱରମାର୍ଗରୁ ଓହରାଇ ଆଣିବାକୁ ମାୟା ଅନେକ ପ୍ରକାରର ଚେଷ୍ଟା କରିଥାଏ, ତନ୍ମଧ୍ୟରୁ ଅଧିକ ଚେଷ୍ଟା କରିଥାଏ ଜ୍ଞାନମାର୍ଗରେ । ଈଶ୍ୱରଙ୍କ ଜ୍ଞାନ ନଥିବା ମାର୍ଗକୁ ଦେଖାଇ ମାୟା ଏହା ହିଁ ପ୍ରକୃତ ଐଶ୍ୱରୀୟ ମାର୍ଗ ବୋଲି ବିଶ୍ୱାସ ଅଣାଇଥାଏ । ଐଶ୍ୱରୀୟ ମାର୍ଗରୁ ବା ଦୈବମାର୍ଗରୁ ମଣିଷକୁ ଖସାଇବା ହିଁ ମାୟାର ଉଦ୍ଦେଶ୍ୟ । ମାୟା ଚେଷ୍ଟାରେ ମଣିଷ ପ୍ରକୃତ ଜ୍ଞାନ ଛାଡି ମାୟାମାର୍ଗରେ ଛନ୍ଦି ହୋଇଯାଏ । **ନାନା ପ୍ରକାରର ଜ୍ଞାନ ମାର୍ଗରେ ଥିବା ଲୋକମାନେ, ଦେବତାଭକ୍ତି କରୁଥିବା ଲୋକମାନେ, ମନ୍ତ୍ରବିଦ୍ୟା ଶିଖୁଥିବା ଲୋକମାନେ ସମସ୍ତେ ମାୟାମାର୍ଗର ବୋଲି କହିପାରିବା** । ଇନ୍ଦ୍ରିୟଗୁଡିକ ତିଆରି ପ୍ରକୃତି ଭାଗରେ, ତେଣୁ ଇନ୍ଦ୍ରିୟ ହୋଇଥିବା ଆଖି, କାନର ବିଷୟ ଦୃଷ୍ଟି ଶ୍ରବଣ ଉପରେ ଆଧାରିତ ଜ୍ଞାନସବୁ ପ୍ରକୃତିଜ୍ଞାନ ବୋଲି ଜାଣିବା

ଉଚିତ୍ । **"ଇନ୍ଦ୍ରିୟଗୋଚର ବିଷୟଗୁଡିକ ମାୟା ସମ୍ବନ୍ଧୀୟ ବୋଲି, ଇନ୍ଦ୍ରିୟାତୀତ ବିଷୟଗୁଡିକ ଦୈବ ସମ୍ବନ୍ଧୀୟ ବା ଐଶ୍ୱରୀୟ ବୋଲି ଜାଣିବା ଉଚିତ୍** । ଆଜି ଭୂପୃଷ୍ଠରେ ଶହେରୁ ଅନେଶତ ପ୍ରତିଶତ ମାୟାଜ୍ଞାନ ଦେଖାଯାଉଛି । ତେଣୁ ଦେଖାଯାଉଥିବା ମାୟାକୁ ଚିହ୍ନି, ତାକୁ ଜୟକରି ଈଶ୍ୱରଙ୍କୁ ଜାଣନ୍ତୁ ବୋଲି ଆଶାକରି ଜଣାଉଛୁ ।

*****

# ଆଦିକାଳର ରହସ୍ୟ

ସୃଷ୍ଟିର ଆଦିକାଳରେ ସତ୍ୟଯୁଗ (କୃତ୍ଯୁଗ) ରେ ସମସ୍ତେ ଗୋଟିଏ ସମାଜ ହୋଇ ରହିଥିଲେ, ସେଦିନ ମଣିଷର କୌଣସି ଜାତି, ମତ ନଥିଲା, ସମସ୍ତେ ମତଭିନ୍ନତା ରହିତ ହୋଇ ସମାନ ଭାବରେ ବଞ୍ଚି, ସର୍ବସ୍ୱର ଅତୀତ ଭାବରେ ଜଣେ ଈଶ୍ୱର ଅଛନ୍ତି ବୋଲି ଭାବନା କରି ଏକେଶ୍ୱର ଉପାସନା କରୁଥିଲେ, ସମସ୍ତେ ବ୍ରହ୍ମବିଦ୍ୟା ଜାଣିଥିଲେ, ସମସ୍ତେ ଯୋଗଶାସ୍ତ୍ରର ଆଚରଣ କରୁଥିଲେ । ଏଭଳି ଗୋଟିଏ ସମାଜରେ ରହୁଥିବା ସେତେବେଳର ମଣିଷଙ୍କ ବିବାହ କରିବା ପାଇଁ, ବଡମାନେ ସାଙ୍ଗିଆ ଏବଂ ଗୋତ୍ର ତିଆରିକଲେ । ଏହାଛଡା କିଛି ଆଉ ନଥିଲା । ସେଦିନ ତିଆରି ହୋଇଥିବା ସାଙ୍ଗିଆ ଆଉ ଗୋତ୍ର ଏବେ ମଧ୍ୟ ରହିଛି । ସେଦିନ ଆମର ଗୋତ୍ର କିମ୍ବା ସାଙ୍ଗିଆ ଏଇଆ ବୋଲି ଭାବ ସମସ୍ତଙ୍କଠାରେ ଥିଲା ସିନା, ଆମେ ଅମୁକ ଜାତିର କି ମତର (ଧର୍ମର) ବୋଲି ଭାବନା ନଥିଲା ।

ଏଭଳି ଅନେକ ବର୍ଷ ବିତିଯିବା ପରେ, ଜ୍ଞାନ ଥିବା ସ୍ଥାନରେ ଅଜ୍ଞାନ ପ୍ରବେଶକଲା । କେତେକ ଜ୍ଞାନୀ ଭାବରେ, କେତେକ ଅଜ୍ଞାନୀ ଭାବରେ ସମାଜରେ ରହିଲେ । ଏହିଭଳି ମଣିଷ ଭିତରେ ଦୁଇଦଳ ସୃଷ୍ଟି ହୋଇଗଲା । ଏହି ଦୁଇ ଦଳ ଭିତରୁ ଜ୍ଞାନ ଜାଣିଥିବା ଲୋକମାନେ ବଡ,

ଅଜ୍ଞାନୀମାନେ ଛୋଟ ହୋଇ ସମାଜରେ କୁହାଗଲେ । ବ୍ରହ୍ମଜ୍ଞାନ ଜାଣିଥିବା ଲୋକମାନେ ବ୍ରାହ୍ମଣ ଭାବେ ପରିଗଣିତ ହେଲେ । ଏହିଭଳି ସର୍ବପ୍ରଥମେ ଏକ ଜାତିର ନାଆଁ ସୃଷ୍ଟିହେଲା । ଜ୍ଞାନ ଜାଣିନଥିବା ଲୋକମାନେ ଗୋଟିଏ ଦଳରେ ରହି ନିଜକୁ ସ୍ୱତନ୍ତ୍ର ଜାତି ଭାବନା କଲେ । ଏଭଳି ଗୋଟିଏ ବ୍ରାହ୍ମଣ ଦଳ, ଅନ୍ୟଟି ନାମହୀନ ସାନଦଳ ବା ଜ୍ଞାନ ଜାଣି ନଥିବା ଦଳ ଭାବେ ସମାଜରେ ଦୁଇଟି ଦଳ ସୃଷ୍ଟି ହେଲା । (ମୂଳ ଭାଷାରେ **ବ୍ରାହ୍ମଣ (ବଡ), ମାଦିଗୁବା (ସାନ ବା ଛୋଟ) ।**

ସତ୍ୟଯୁଗର ପ୍ରାରମ୍ଭ କାଳରେ ବ୍ରାହ୍ମଣମାନଙ୍କ ବ୍ୟତୀତ ନୀଚଜାତି ବୋଲି ଦୁଇଜାତି ନଥିଲା । ସମସ୍ତେ ପ୍ରାୟ ଜ୍ଞାନ ମାର୍ଗରେ ଥିଲେ, ସେହି କାଳକୁ ଜାତିମତହୀନ କାଳ ବୋଲି କହିପାରିବା । ମତର ପ୍ରଶ୍ନ ନଥିବା ସେ କାଳରେ ବିବାହ ନିମନ୍ତେ ବଂଶକ୍ରମକୁ ବଡମାନେ ହିଁ ତିଆରି କରିଥିଲେ, ଗୋଟିଏ ସମାଜ ହୋଇ ବଞ୍ଚୁଥିବା ଲୋକମାନଙ୍କୁ ନେଇ ୧୦୮ଗୋଟି ସାଙ୍ଗିଆ, ୧୦୮ ଗୋଟି ଗୋତ୍ର ନିର୍ଣ୍ଣୟ କଲେ, ସେମାନଙ୍କ ଭିତରୁ ୫୪ ଗୋଟି ସାଙ୍ଗିଆକୁ ଏକ ଦଳର କରି, ସମସ୍ତେ ଭାଇ ଭାଇ ସମ୍ପର୍କରେ ଚଳିବା ଉଚିତ୍ ବୋଲି ନିୟମ ରଖି, ଅନ୍ୟ ୫୪ଗୋଟି ସାଙ୍ଗିଆକୁ ମଧ୍ୟ ସେହିଭଳି କରି ସମାଜରେ ଦୁଇଟି ଦଳ ତିଆରି କରିଥିଲେ । ଏଭଳି ଏକ ଦଳର କାହା ଝିଅ ସହିତ ଅନ୍ୟଏକ ଦଳର ପୁଅକୁ ବିବାହ କରାଇପାରିବା ବୋଲି ନିୟମ ମଧ୍ୟ ନିର୍ଣ୍ଣୟ କରିଥିଲେ । ଯଦି ମଣିଷ ସାଙ୍ଗିଆକୁ ଭୁଲିଯାଏ ତେବେ ଗୋତ୍ର ଅନୁସାରେ ଚିହ୍ନିହେବା ଭଳି କରି ସମାଜରେ ପରିଚୟ ଦେବା ପାଇଁ, ବିବାହ, ପୂଜା, ଶୁଭକାର୍ଯ୍ୟ ଇତ୍ୟାଦି କରିବା ପାଇଁ ଗୋତ୍ରକୁ ବ୍ୟବହାର କଲେ । ସେଦିନରୁ ଆଜିକୁ ଅନେକ କାଳ ବିତିଯାଇଥିଲେ ମଧ୍ୟ ଦୈବପୂଜାରେ ଗୋତ୍ର, ସମାଜ ଚଳଣିରେ ସାଙ୍ଗିଆକୁ ଆଜି ମଧ୍ୟ ବ୍ୟବହାର କରାଯାଉଛି । ଏହିଭଳି ୧୦୮ ସଂଖ୍ୟାରୁ ଆରମ୍ଭ ହୋଇଥିବା ସାଙ୍ଗିଆ ଏବଂ ଗୋତ୍ର କାଳକ୍ରମେ ବଢିଯାଇଥିଲା । ଅନେକ ଲୋକ ସ୍ଥାନ

ପରିବର୍ତ୍ତନ ସହିତ ନିଜ ନିଜର ସାଙ୍ଗିଆକୁ ମଧ୍ୟ ବଦଳାଇ ଦେଇଥିଲେ, କେତେକ ଗୋତ୍ର ମଧ୍ୟ ବଦଳିଯାଉଥିଲା, କାଳକ୍ରମେ ଅନେକ ଲୋକ ନିଜର ସାଙ୍ଗିଆ ଭୁଲିଯିବା ସହିତ ଗୋତ୍ରକୁ ମଧ୍ୟ ଭୁଲିଗଲେ । ସାମାଜିକ ଚଳଣିରେ ସାଙ୍ଗିଆକୁ କିଛି ମନେ ରଖୁଥିଲେ ସିନା, ଗୋତ୍ରକୁ ମନେରଖି ପାରୁନଥିଲେ । ଆଜିଭଳି ସେତେବେଳେ ସରକାରୀ ପ୍ରମାଣପତ୍ର ନଥିଲା । କେତେବେଳେ କେମିତି ବ୍ୟବହାରରେ ଆସୁଥିବା ଗୋତ୍ର ଅପେକ୍ଷା ଅଧିକ ବ୍ୟବହାରରେ ଆସୁଥିଲା ସାଙ୍ଗିଆ । ସତକଥା କହିଲେ ମୋ ସାଙ୍ଗିଆ ମୋର ମନେଅଛି, କିନ୍ତୁ ଆମ ଗୋତ୍ର କଅଣ ମନେ ନାହିଁ । ଦରକାରବେଳେ କ'ଣ ଗୋଟିଏ କହିବାକୁ ପଡୁଛି । ମୋଭଳି ଲୋକେ ଆଜି ମଧ୍ୟ ସମାଜରେ ଅନେକ ଅଛନ୍ତି ।

ସତ୍ୟଯୁଗରେ ଏମିତି କିଛିକାଳ ବିତିଯିବା ପରେ ରହିଥିବା ଜ୍ଞାନୀମାନଙ୍କ ଭିତରେ କିଛି ଅଜ୍ଞାନତା ଦେଖାଦେଇ ଜ୍ଞାନୀମାନଙ୍କ ସଂଖ୍ୟା ୯୫ପ୍ରତିଶତ ହୋଇଗଲା, ସେତେବେଳେ ଜ୍ଞାନୀ ଅଜ୍ଞାନୀ ନାମରେ ଦୁଇଗୋଟି ଦଳ ସୃଷ୍ଟିହେଲା । ଏଭଳି ଦୁଇ ଦଳ ବା ଦୁଇ ବର୍ଗର ଲୋକମାନଙ୍କ ଭିତରେ ଜ୍ଞାନୀମାନେ ଚତୁର ଥିଲେ ଏବଂ ଅଜ୍ଞାନୀମାନଙ୍କ ଅପେକ୍ଷା ମହାନ ଗଣନା ହେଉଥିଲେ । ଜ୍ଞାନୀମାନଙ୍କ ଆସନ ଉଚ୍ଚ ଏବଂ ଉନ୍ନତ ଥିବାବେଳେ, ଅଜ୍ଞାନୀମାନଙ୍କ ଆସନ ନୀଚ ଏବଂ ଅନୁନ୍ନତ ଗଣନା ହେଉଥିଲା । କୌଣସି ସ୍ଥାନରେ ଜ୍ଞାନୀମାନେ ଉଚ୍ଚରେ ବସିବା ବେଳେ, ଅଜ୍ଞାନୀମାନେ ତଳେ ବସୁଥିଲେ । ଏହିଭଳି ଧିରେ ଧିରେ ଉଚ୍ଚ, ନୀଚ ଭାବ ସୃଷ୍ଟିହେଲା । ଜ୍ଞାନୀମାନଙ୍କୁ ମହାନ, ଅଜ୍ଞାନୀମାନଙ୍କୁ ନ୍ୟୁନ କୁହାଗଲା । ଆଜିର କାଳରେ ମଧ୍ୟ ସେହି ବ୍ୟବସ୍ଥା ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା କିଛି ଖରାପ ଆଚରଣ ନଥିଲା, ଜ୍ଞାନୀମାନଙ୍କୁ ସମ୍ମାନ ଦେବା ଉଚିତ୍ ବୋଲି ଅଜ୍ଞାନୀମାନେ ନିମ୍ନ ପ୍ରଦେଶରେ ଆପଣାଛାଏଁ ବସିବା ଅଭ୍ୟାସ କରିଥିଲେ । ଏହିଭଳି ଉଚ୍ଚବର୍ଗ, ନୀଚବର୍ଗ ନାମକ ଦୁଇ

ବର୍ଗ ସତ୍ୟ ଯୁଗରୁ (କୃତ୍ୟୁଗରୁ) ଆରମ୍ଭ ହୋଇଯାଇଥିଲା । ବ୍ରାହ୍ମଣମାନେ କମ୍ ହୋଇଗଲେ, ଅଜ୍ଞାନୀମାନଙ୍କ ସଂଖ୍ୟା ୯୦ପ୍ରତିଶତ ହୋଇଗଲା । ଏହିଭଳି ଦୁଇବର୍ଗ ଭିତରୁ ବ୍ରାହ୍ମଣମାନେ ପ୍ରଥମେ ଏକବର୍ଗ ହେବା ପରେ ନୀଚ ବର୍ଗ ବୋଲି ଦ୍ୱିତୀୟ ବର୍ଗକୁ କହିଥିଲେ ।

ଶହେରୁ ନବେଜଣ ଥିବା ଅଜ୍ଞାନୀମାନଙ୍କ ସଂଖ୍ୟା ଆଉ କିଛିକାଳ ପରେ ବଢିଯାଇ ୯୫ ହୋଇଗଲା । ଅଜ୍ଞାନୀମାନେ ବ୍ରାହ୍ମଣମାନେ ସେମାନଙ୍କୁ ଦେଇଥିବା ନାମ ଠିକ୍ ନୁହେଁ ବୋଲି ଭାବି କିଛି ଚତୁରତା ଉପଯୋଗ କରି ନିଜବର୍ଗକୁ ଅନେକ ବର୍ଗରେ ପରିଣତ କରିଦେଲେ । **ସ୍ୱତନ୍ତ୍ର ସ୍ୱତନ୍ତ୍ର କାର୍ଯ୍ୟ (ବୃତ୍ତି) ଅନୁସାରେ ଜାତି ବାଣ୍ଟିଦେଲେ ।** ଉଦାହରଣ ସ୍ୱରୂପ ଯିଏ କପଡା ଧୋଇଲା ତାକୁ ଧୋବା, ଯିଏ କପଡା ତିଆରି କଲା ତାକୁ ତନ୍ତି, ଯିଏ ଗାଈ ଜଗିଲା ସେ ଗଉଡ, ସେହିପରି ଗୁଡ ତିଆରି ଖାଇବା ପଦାର୍ଥ ତିଆରି କରୁଥିବା ଲୋକକୁ ଗୁଡିଆ, ତେଲ ବାହାର କରୁଥିବା ଲୋକକୁ ତେଲି, ମାଛଧରୁଥିବା ଲୋକକୁ କେଉଟ, ଚାଷ କରୁଥିବା ଲୋକକୁ ଚଷା, ମାଂସ କାଟୁଥିବା ଲୋକକୁ କଂସେଇ ଏଭଳି ବିଭିନ୍ନ ପ୍ରକାରର ବୃତ୍ତି ଅନୁସାରେ ନୀଚଜାତିର ଲୋକମାନେ ଅନେକ ଜାତିରେ ପରିଣତ ହୋଇଗଲେ । ମୁଖ୍ୟତଃ ଆଜି କୁହାଯାଉଥିବା କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ସମସ୍ତେ ନୀଚଜାତିର ଗଣ୍ୟ ହେଉଥିଲେ । ବୃତ୍ତି ଅନୁସାରେ ଅନେକ ଜାତି ଉପଜାତି ତିଆରି ହୋଇଥିଲେ ମଧ୍ୟ ମୂଳ ନୀଚ ଜାତିର ଲୋକମାନେ ସେହିଭଳି ନୀଚ ନାଆଁରେ ରହିଗଲେ । ଆଜି ମଧ୍ୟ ନୀଚଜାତି କୁହାଯାଉଥିବା ହରିଜନମାନେ ହିଁ ସେତେବେଳେ ବ୍ରାହ୍ମଣମାନଙ୍କ ଦ୍ୱାରା ନାମିତ ହୋଇଥିବା ନୀଚଜାତି, ସେମାନଙ୍କ ଭିତରେ ବିଭାଜନ ହେବାରେ ଅନେକ ଉପଜାତି ସୃଷ୍ଟି ହୋଇଥିଲେ ମଧ୍ୟ ସେମାନେ ସେହିଭଳି ରହିଗଲେ, ସେମାନଙ୍କଠାରୁ ତିଆରି ହୋଇଥିବା ଜାତିଗୁଡିକ ଆଜି ସେମାନଙ୍କଠାରୁ ଉନ୍ନତ ବୋଲାଉଥିଲେ ମଧ୍ୟ ସମସ୍ତେ ମୂଳତଃ ନୀଚଜାତିର

ଥିଲେ । ଏକ ଦୃଷ୍ଟିରୁ ବିଚାରକଲେ ଆମେ ସମସ୍ତେ ନୀଚ୍ଚଜାତିର । ଜ୍ଞାନ ଜାଣିନଥିବା ଲୋକମାନଙ୍କୁ ଜ୍ଞାନ ଜାଣିଥିବା ଲୋକମାନେ ନୀଚ୍ଚଜାତି, ନିମ୍ନରେ ବସିବା ଜାତି ବୋଲି ନାମ ଦେଇଥିଲେ, ଆଜି ବ୍ରାହ୍ମଣମାନେ (ପ୍ରକୃତ ବ୍ରହ୍ମଜ୍ଞାନ ଜାଣିଥିବା), ନାହାନ୍ତି, ନଥିବାରୁ ଆମେ ସମସ୍ତେ ନୀଚ୍ଚଜାତିର (ଜ୍ଞାନହୀନ ଜାତି) ଭାବିବା ଉଚିତ୍ । ଏହିଭଳି ସତ୍ୟଯୁଗ ବା କୃତ୍ୟୁଗ ଶେଷ ହୋଇ, ତ୍ରେତାଯୁଗ ମଧ୍ୟ ଶେଷ ହୋଇଗଲା, ସ୍ୱଳ୍ପ ପରିବର୍ତ୍ତନର ସହିତ ଦ୍ୱାପର ଯୁଗର ଶେଷ ସମୟ ପର୍ଯ୍ୟନ୍ତ ଦେଖିଲେ ଦ୍ୱାପର ଯୁଗର ଶେଷ ସମୟରେ ଆଉ ଜ୍ଞାନୀମାନେ ନଥିଲେ । ଜ୍ଞାନୀମାନେ ନଥିବା କାରଣରୁ ଅଧର୍ମ ବ୍ୟାପିଗଲା, ତେଣୁ ସବୁ ବୁଝିପାରୁଥିବା ପରମାତ୍ମା ଦ୍ୱାପର ଯୁଗରେ ଭଗବଦ୍ଗୀତା ଜଣାଇ ଗୀତାରେ ନିଜର ସମ୍ପୂର୍ଣ୍ଣ ଧର୍ମକୁ ଦେଇ ଚାଲିଗଲେ । ସେହି ଗୀତା ଆଜିପର୍ଯ୍ୟନ୍ତ କେହି ସଠିକ ବୁଝିପାରି ନାହାନ୍ତି, ତାହାକୁ ପ୍ରମାଣଗ୍ରନ୍ଥ ଭାବରେ ସ୍ୱୀକାର ନକରି ବେଦ ହିଁ ଆମର ପ୍ରାମାଣିକ ଗ୍ରନ୍ଥ ବୋଲି କହୁଛନ୍ତି । ଏଭଳି ପରିସ୍ଥିତିକୁ ମଧ୍ୟ ଜାଣିପାରିଥିବା ଈଶ୍ୱର କଳିଯୁଗରେ ଆଉଥରେ ଜନ୍ମନେଇ ଗୀତାର ସାରାଂଶକୁ ବୋଧକରି ଚାଲିଯାଇଥିଲେ, ତାହା ମଧ୍ୟ ପ୍ରଜାମାନେ ଜାଣି ପାରିବେ ନାହିଁ ବୋଲି, ଆଉଥରେ ମୁଁ ଆସିବି ବୋଲି ସୂଚନା ଦେଇଥିଲେ, ସେହି ସୂଚନା ଅନୁସାରେ ସେ ଆଉଥରେ କଳିଯୁଗରେ ନିଶ୍ଚୟ ଆସି ଅବୁଝା ଜ୍ଞାନକୁ ବୁଝାଇ କହିବେ ବୋଲି ଆଶା କରାଯାଉଛି, ସେ କେବେ ଆସିବେ ଆମକୁ ଜଣା ନଥିଲେ ମଧ୍ୟ ଆମେମାନେ ନିଶ୍ଚୟ ଅଜ୍ଞାନଦଶାରେ ଅଛେ ବୋଲି ଜାଣି ହେଉଛି । ଆଜି ଜ୍ଞାନ ଜଣାନଥିବା ଆମେମାନେ କୌଣସି ଜାତିର ହୋଇଥିଲେ ମଧ୍ୟ ପୂର୍ବେ ଜ୍ଞାନୀମାନେ (ବ୍ରାହ୍ମଣମାନେ) ଆମକୁ ନୀଚ୍ଚଜାତିର ବୋଲି କହିଥିଲେ । ଆମେ ସମସ୍ତେ ଜ୍ଞାନହୀନ ନୀଚ୍ଚ ବୋଲି ସ୍ୱୀକାର କରି ପାରିଲେ ଜ୍ଞାନ ଜାଣି ଉଚ୍ଚ ହୋଇପାରିବା । ଆଜି ଅଜ୍ଞାନରେ ଥିବା ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଶୂଦ୍ର ନାମରେ ଥିବା ସମସ୍ତେ ଦୈବଧର୍ମ ଜାଣି ଉଚ୍ଚବର୍ଗର

ହେବାକୁ ଚେଷ୍ଟାକରିବା ଉଚିତ୍ । ବ୍ରହ୍ମଜ୍ଞାନୀ ମାନଙ୍କର ଆଧାର ହୋଇଥିବା ଭଗବଦ୍ଗୀତାକୁ ପଢି ସମସ୍ତେ ବ୍ରାହ୍ମଣ ହେବା ଉଚିତ୍ । ବ୍ରହ୍ମଜ୍ଞାନ ନଜାଣିବା ପର୍ଯ୍ୟନ୍ତ ଆମେ ସମସ୍ତେ ନୀଚ୍ଚଜାତିର । ମୁଁ ଉଚ୍ଚଜାତି ହେବାକୁ ଗୀତାଧର୍ମ ଜାଣି, ତାକୁ ଆଚରଣରେ ଆଣୁଛି, ଆପଣମାନେ ମଧ୍ୟ ଚେଷ୍ଟାକରନ୍ତୁ । ଏହା ଛୋଟପିଲା ଗପ କହିବାଭଳି ଆପଣମାନଙ୍କୁ ଲାଗୁଥିଲେ ମଧ୍ୟ ପୂର୍ବେ ଜ୍ଞାନୀ ଅଜ୍ଞାନୀ ନାମକ ଏହି ଦୁଇ ବର୍ଗରୁ ହିଁ କାଳକ୍ରମେ ବିଭିନ୍ନ ପ୍ରକାରର ଜାତିର ସୂତ୍ରପାତ ହୋଇଥିବା ନିରାଟ ସତ୍ୟକୁ କେହି ଅସ୍ୱୀକାର କରିପାରିବେ ନାହିଁ । ଏହା ମୂଳକାଳର ବିଷୟ ହୋଇଥିବାରୁ ଏହି ବିଷୟକୁ ଆଦିକାଳର ରହସ୍ୟ ନାମରେ ଲେଖିଛୁ । ଆମେ ଅଜ୍ଞାନୀରୁ ଜ୍ଞାନୀହେବା ଉଚିତ୍ ବୋଲି ଭାବନା ନେଇ ରହିବା ଉଚିତ୍, ଜ୍ଞାନୀହେବାକୁ ଚେଷ୍ଟା କରିବା ଉଚିତ୍, ଜ୍ଞାନୀହୋଇ ଦୈବମାର୍ଗରେ ଚାଲି ଶେଷରେ ମାନବ ଜୀବନକୁ ସାର୍ଥକ କରିବା ଉଚିତ୍ ।

*****

# ତୋ ସଂସାର

ସଂସାର କହିଲେ କଅଣ ଜାଣିନଥିବା ଲୋକେ ବୋଧହୁଏ କେହି ନଥିବେ । ସ୍ତ୍ରୀ, ପିଲାଙ୍କ ସହିତ ମିଶି ଜୀବନ ବଞ୍ଚିବାକୁ ସମସ୍ତେ ସଂସାର କହନ୍ତି ବୋଲି ଜାଣିଛେ । କେତେକ ସଂସାର ସମୁଦ୍ର ଭଳି କହନ୍ତି, କେତେକ ସଂସାରକୁ ସାଗର କହି ସଂସାରଶାଗର କହନ୍ତି । ସମୂଦ୍ର ଅପେକ୍ଷା ସଂସାର ବଡ କହିବା ଭଳି ସମୂଦ୍ରକୁ ପହଁରି ପାରିବା ସିନା, ସଂସାର ସମୁଦ୍ରକୁ ପହଁରି ପାରିବା ନାହିଁ ବୋଲି କେତେକ କହିଥାନ୍ତି । ଆଧ୍ୟାତ୍ମିକ ବୋଧ କରୁଥିବା କେତେକ ବୋଧକମାନେ ସଂସାରକୁ ମୋକ୍ଷର ପ୍ରତିବନ୍ଧକ ବୋଲି କହିଥାନ୍ତି । ମୋକ୍ଷ ସାଧନାରେ ସଂସାରରେ ରହିବା

ଉଚିତ୍ ନୁହେଁ ବୋଲି କହିଥା'ନ୍ତି । ଦୈବଜ୍ଞାନ ଜାଣି ମୋକ୍ଷ ପାଇବାକୁ ଗୌତମବୁଦ୍ଧ ତାଙ୍କ ଯୁକ୍ତବୟସରେ ସ୍ତ୍ରୀ ଆଉ ଏକବର୍ଷର ସନ୍ତାନକୁ ଛାଡି ଜଙ୍ଗଲକୁ  ଚାଲିଯାଇଥିଲେ । ଏମିତି ଅନେକଲୋକ ସଂସାରକୁ ବିଭିନ୍ନ ପ୍ରକାରର ତୁଳନା କରି, ତାହା ଏକ ବାଧାକର ବିଷୟ ହେବାଭଳି ବର୍ଣ୍ଣନା କରିଛନ୍ତି । ଏସବୁ ଦେଖିବା ପରେ ସଂସାର କହିଲେ କଅଣ, ତା ଉପରେ ସମସ୍ତେ କାହିଁକି ମନ୍ଦ ଭାବନା କରିଥା'ନ୍ତି ବୋଲି ଆଲୋଚନା ନକରି ରହିହେଉ ନାହିଁ । ହିନ୍ଦୁ (ଇନ୍ଦୁ) ମତ କଥା ଚିନ୍ତାକଲେ ଇନ୍ଦୁମତର ମୂଳ ହୋଇଥିବା ଭଗବଦ୍ଗୀତା ବୋଧ କରିଥିବା ଶ୍ରୀକୃଷ୍ଣ ଗୀତାରେ କେଉଁଠି ଏଭଳି କହିନାହାନ୍ତି । ଗୀତାରେ କହିବା ଦୂରେଥାଉ ସ୍ୱୟଂ ଗୀତାବୋଧକ ଶ୍ରୀକୃଷ୍ଣ ଆଠଜଣ ସ୍ତ୍ରୀଙ୍କୁ ବିବାହ କରି ସଂସାର କରିଥିଲେ । ସମସ୍ତଙ୍କୁ ମନ୍ଦ ବୋଧ ହେଉଥିବା ସଂସାର ବାବଦରେ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟ କ'ଣ ଥିଲା ଆମେ ନିହାତି ଜାଣିବା ଉଚିତ୍ । ବିବାହ ବନ୍ଧନରେ ପଡିନଥିବା ଲୋକକୁ ମଧ୍ୟ କେତେକ ବ୍ରହ୍ମଚାରୀ କହିଥା'ନ୍ତି । ଶ୍ରୀକୃଷ୍ଣ ବିବାହ କରି ମଧ୍ୟ ବ୍ରହ୍ମଚାରୀ କିପରି ହୋଇଥିଲେ ଆମେ ଜାଣିବା ଉଚିତ୍ । ଏହିଭଳି ବିଭିନ୍ନ ଦୃଷ୍ଟିକୋଣରୁ ଆମେ ସଂସାର ବାବଦରେ ଜାଣିବାକୁ ଗଲେ ଜଣାଯାଏ ଯେ !

**"ସାର"** କହିଲେ ସ୍ୱାଦ ବା ରୁଚି, **"ସଂ"** କହିଲେ ଭଲ, ସଂସାର କହିଲେ ଭଲସ୍ୱାଦ ବା ଯାହା ରୁଚିକର ବୋଲି ଜଣାଯାଉଛି । ସଂସାର ଶବ୍ଦଟି ଉନ୍ନତସ୍ୱାଦ ବୋଲି ଅର୍ଥ ଥିବାବେଳେ ସମସ୍ତଙ୍କୁ ତାହା କାହିଁକି ଖରାପ ଲାଗିଲା ? ବିଚାରକରି ଦେଖିଲେ, ମଣିଷ ଅର୍ଥରହିତ, ଆଲୋଚନା ରହିତ ହୋଇଯାଇଛନ୍ତି ବୋଲି କହିପାରିବା । ନିଜର ପସନ୍ଦ ଲୋକ ଅସତ୍ୟ କହିଲେ ମଧ୍ୟ ତାହାକୁ ଅନ୍ଧଭାବେ ଗ୍ରହଣ କରିବା, ଅପସନ୍ଦ ଲୋକ ସତ୍ୟ କହିଲେ ମଧ୍ୟ ବିଶ୍ୱାସ ନ କରିବା ଅଭ୍ୟାସ ହୋଇଯାଇଛି । କହିବା ଅନୁସାରେ ସତ୍ୟ କିମ୍ବା ଅସତ୍ୟ ପ୍ରଚାର ହୋଇଯାଇ ପାରେ । ଲୋକଙ୍କୁ ପସନ୍ଦହେବା ଭଳି କହିପାରିଲେ ଅସତ୍ୟ ମଧ୍ୟ ସହଜରେ ପ୍ରଚାର ହୋଇଯାଇ ପାରେ, ପସନ୍ଦ

ନହେବା ଭଳି କହିଲେ ତାହା କେତେ ସତ୍ୟବିଷୟ ହେଲେ ମଧ୍ୟ ପ୍ରଚ୍ଚର ହୋଇପାରେ ନାହିଁ । ଏହି ସୂତ୍ରକୁ ଜାଣିଥିବା କେତେକ ବୋଧକମାନେ ପ୍ରଜାଦରଣ ପାଇବା ପାଇଁ, ପ୍ରଜାମାନଙ୍କଠାରୁ ଲାଭ ପାଇବା ପାଇଁ ଶୁଣୁଥିବା ଲୋକମାନଙ୍କୁ ପସନ୍ଦହେବା ଭଳି କହିଥା'ନ୍ତି । ସତ୍ୟ ଅତି କଠୋର ହୋଇଥାଏ ବୋଲି ଜାଣି ଅସତ୍ୟକୁ ମିଠା କଥାରେ କହିବା ଦ୍ୱାରା ତାହା ଅଧିକ ବେଗରେ ପ୍ରଚ୍ଚର ହୋଇଥାଏ । ଏଠାରେ କେତେକଙ୍କଠାରେ ଏକ ପ୍ରଶ୍ନ ଆସିପାରେ କି, ସତ୍ୟ କିମ୍ୱା ଅସତ୍ୟକୁ କିପରି ଚିହ୍ନିବା ? ସତ୍ୟ କିମ୍ୱା ଅସତ୍ୟର କୌଣସି ଚିହ୍ନ କିମ୍ୱା ପ୍ରମାଣ ଅଛି ? ଏହା ପ୍ରଶ୍ନ ହୋଇଥିବାରୁ ସମାଧାନ ଖୋଜିବା ଉଚିତ୍ ।

ଶାସ୍ତ୍ର ଏବଂ ଅଶାସ୍ତ୍ର ବାବଦରେ ପ୍ରାୟ ସମସ୍ତେ ଜାଣନ୍ତି । ଏହି ଅନୁସାରେ ଶାସ୍ତ୍ରସମ୍ମତ ବିଷୟଗୁଡିକ ସତ୍ୟ, ଶାସ୍ତ୍ର ସମ୍ୱନ୍ଧ ନଥିବା ଅଶାସ୍ତ୍ରୀୟ ବିଷୟଗୁଡିକ ଅସତ୍ୟ ବୋଲି କହିପାରିବା । ସତ୍ୟ ଶାସ୍ତ୍ରବଦ୍ଧ, ତେଣୁ ସତ୍ୟକୁ ଏକ ଶାସନ ଉପରେ ଆଧାରିତ ହୋଇ କହିବାକୁ ପଡିଥାଏ । କୁହାଯାଇଥିବା ବିଷୟ ଶାସ୍ତ୍ରବଦ୍ଧ ସତ୍ୟ ହୋଇଥିବାରୁ ତାହା ଶୁଣୁଥିବା ଲୋକଙ୍କୁ ପସନ୍ଦ ହୋଇପାରେ, ନହୋଇ ପାରେ । ପସନ୍ଦହେବା, ନହେବା ଶୁଣୁଥିବା ଲୋକଙ୍କ ବୁଦ୍ଧିର ବିଚକ୍ଷଣତା ଉପରେ ନିର୍ଭରକରେ । ଶୁଣୁଥିବା ଲୋକର ବୁଦ୍ଧି ବିଚ୍ଚରହୀନ ହେଲେ ଶୁଣୁଥିବା ବିଷୟଗୁଡିକୁ ବୁଝି ନପାରି କହୁଥିବା ଲୋକକୁ ମିଛୁଆ କିମ୍ୱା ଅଧର୍ମୀ ବୋଲି ଭାବି ପାରେ । ଅସତ୍ୟ ବୋଧକରୁଥିବା ଲୋକର କଥାରେ ଶାସ୍ତ୍ରବଦ୍ଧତା ନଥାଏ । ତେଣୁ ସେ ଶୁଣୁଥିବା ଲୋକକୁ ପସନ୍ଦହେବା ଭଳି କହିପାରେ, ପ୍ରଜାଦରଣ ପାଇପାରେ । ଏହି ବିଷୟକୁ ଭଗବଦ୍ଗୀତା ଶାସ୍ତ୍ରର ସାଂଖ୍ୟ ଯୋଗ, ୪୧ତମ ଶ୍ଳୋକରେ ସ୍ୱୟଂ ଭଗବାନ କହିଛନ୍ତି ।

**୧) ଶ୍ଲୋ ।। ୪୧ : ବ୍ୟବସାୟାତ୍ମିକା ବୁଦ୍ଧି ରେକେହ କୁରୁନନ୍ଦନ ।**
**ବହୁଶାଖା ହ୍ୟନନ୍ତାଶ୍ଚ ବୁଦ୍ଧୟୋଽବ୍ୟବସାୟନାମ୍ ।।**

ଏହି ଶ୍ଳୋକର ପ୍ରାରମ୍ଭରେ "ବ୍ୟବସାୟ" ନାମକ ଗୋଟିଏ ଶବ୍ଦ ଦେଖିବାକୁ ମିଳୁଛି, ସେହିଭଳି ଶେଷରେ "ଅବ୍ୟବସାୟ" ମଧ୍ୟ ଦେଖିବାକୁ ମିଳୁଛି । ବ୍ୟବସାୟ କହିଲେ ଯାହା ଫଳ ଦିଏ ବା ଲାଭ ଦିଏ, ତାଛଡା ଯାହା ନିଶ୍ଚୟତାର ସହିତ ରହିଛି ବା ଶାସ୍ତ୍ରବଦ୍ଧ, ସତ୍ୟ ବୋଲି ଅର୍ଥ ମିଳିଥାଏ । ଅବ୍ୟବସାୟ କହିଲେ ଯାହା ଫଳ ଦିଏନାହିଁ ବା ଲାଭ ଦିଏନାହିଁ, ତାଛଡା ଯାହା ନିଶ୍ଚୟତାର ସହିତ ନାହିଁ ବା ଶାସ୍ତ୍ରବଦ୍ଧ ନୁହେଁ, ଅସତ୍ୟ ବୋଲି ଅର୍ଥ ମିଳିଥାଏ । ଏହି ଅନୁସାରେ ଶ୍ଳୋକରେ କ'ଣ କହିଛନ୍ତି ବୋଲି ଜାଣିହେବ । ଶାସ୍ତ୍ରବଦ୍ଧ ସତ୍ୟକୁ କହୁଥିବା ବ୍ୟକ୍ତି ଗୋଟିଏ ଭଳି କହିଥାଏ । ଅଶାସ୍ତ୍ରୀୟ ଅସତ୍ୟ କହୁଥିବା ବ୍ୟକ୍ତି ଅନେକ ପ୍ରକାରର କହିଥାଏ । **"ବ୍ୟବସାୟାତ୍ମିକା ବୁଦ୍ଧି ରେକେହ କୁରୁନନ୍ଦନ"** ଅର୍ଥାତ୍ ଶାସ୍ତ୍ରବଦ୍ଧ ବୁଦ୍ଧିଯୁକ୍ତ ପାତ୍ର ଏକ ପ୍ରକାରର କଥା କହିଥାଏ । ସେହିଭଳି **"ବହୁଶାଖା ହ୍ୟନନ୍ତାଶ୍ଚ ବୁଦ୍ଧୟୋଽବ୍ୟବସାୟନାମ୍"** ଅର୍ଥାତ୍ ଅନେକ ଶାଖା ଭାବରେ ବା ଅନେକ ବାକ୍ୟ ପ୍ରୟୋଗ କରି କଥା କହୁଥିବା ପାତ୍ରର ବୁଦ୍ଧି ଅଶାସ୍ତ୍ରୀୟ ବୋଲି ଶ୍ଳୋକରୁ ବୁଝିହେଉଛି । ତେଣୁ ଶାସ୍ତ୍ରବିଧିକୁ ଛାଡି କଥା କହୁଥିବା ବ୍ୟକ୍ତି ଅନେକ ପ୍ରକାରର କଥା କହିଲେ ମଧ୍ୟ ତାହା ମିଛକଥା ହୋଇଥାଏ ବୋଲି କହିପାରିବା । ତେଣୁ କୁହାଯାଉଥିବା ବିଷୟ ଶାସ୍ତ୍ରବଦ୍ଧ କି ନୁହେଁ ତାହା ଦେଖିବା ଉଚିତ୍ । ଏଠାରେ ମଧ୍ୟ କିଛିଲୋକ ଏକ ପ୍ରଶ୍ନ ପଚାରିବାକୁ ସୁଯୋଗ ରହିଛି । ତାହା କଣନା ! ଆମେ ଶୁଣୁଥିବା ବିଷୟ ଶାସ୍ତ୍ରବଦ୍ଧ କି ନୁହେଁ ତାହା କିପରି ନିରୂପଣ କରିବା ? ଏହି ପ୍ରଶ୍ନପାଇଁ ସମାଧାନ ହେଉଛି !

ଆମେ ନିତ୍ୟ ଭାବରେ ଶୁଣୁଥିବା ସର୍ବସାଧାରଣ ବିଷୟ ଗୁଡ଼ିକରେ ଏଭଳି ଦେଖିବା ଆବଶ୍ୟକ ନାହିଁ, ଦେଖିବାରେ ଅଛି ଯେଉଁଠି କିଛି ନୂଆ ବିଷୟ ଅଛି । ଆମେ ନୂଆ ବିଷୟଟିଏ ଜାଣିବା ବେଳେ ତାହା ସତ କି ମିଛ ନିଶ୍ଚୟ ଜାଣିବା ଉଚିତ୍ । ଉଦାହରଣ ସ୍ୱରୂପ ମଣିଷ ଶରୀର

ଗର୍ଭରୁ ଜନ୍ମହୋଇ ନାହିଁ, ତାହା ଏକ କୁଣ୍ଡରୁ ଜନ୍ମହୋଇଛି ବୋଲି କିଏ ଯଦି କହିଲା, ତେବେ ତାହା ଏକ ନୂଆ ବିଷୟ ହେବ, ତେଣୁ ଏଠାରେ ବିଚାର ଆବଶ୍ୟକ । ସେହିଭଳି ଗର୍ଭରୁ ଜନ୍ମ ହେଉଥିବା ମଣିଷ ଶରୀର ଗର୍ଭରେ ସଜୀବ ଭାବରେ ନଥାଏ, ବାହାରକୁ ଆସିବା ପରେ ପବନକୁ ପ୍ରଥମ ଶ୍ୱାସ ଭାବରେ ନେଲାବେଳେ ସଜୀବ ହୁଏ, ପବନକୁ ପ୍ରଥମ ଶାସ୍ୱ ଭାବରେ ଗ୍ରହଣ କରିବା ପାଇଁ ଜନ୍ମହେବା ପରେ ଯେତେ ସମୟ ଲାଗିଥାଏ, ସେତେବେଳ ପର୍ଯ୍ୟନ୍ତ ଶିଶୁ ଶରୀର ସଜୀବ ହୋଇନଥାଏ ବୋଲି କେହି କହିବା ବେଳେ, ସେ ବିଷୟ ସତ୍ୟ କି ଅସତ୍ୟ ବୋଲି ଦେଖିବାକୁ ଶାସ୍ତ୍ରର ଆଧାର ଦରକାର । ଶାସ୍ତ୍ର କହିଲେ କଅଣ ? ଶାସ୍ତ୍ରଗୁଡିକ କେତେଗୋଟି ଅଛି ତାହା ଜାଣିନଥିବା ଲୋକମାନେ ଆଜି ଅନେକ ଅଛନ୍ତି । ଉଦାହରଣ ସ୍ୱରୂପ ଆମେ ଜଣେ ସ୍ୱାମୀଜୀର ବାଣୀ ଶୁଣିବା ବେଳେ ତାଙ୍କ ମୁଖରୁ ଶାସ୍ତ୍ର ଅନେକ ଅଛି ବୋଲି ଶୁଣିବାକୁ ପାଇଲୁ । ଜଣେ ବଡ ସ୍ୱାମୀଜୀ ଟି.ଭି.ରେ କହୁଥିବା ବେଳେ ଲକ୍ଷ ଲକ୍ଷ ଲୋକ ଦେଖିଥା'ନ୍ତି, ଆମେ ମଧ ଦେଖୁଥିଲୁ, ତାଙ୍କ କଥା ଶୁଣିବା ପରେ ତାହା ସତ କି ମିଛ ବୋଲି ମୋତେ ଦେଖିବାକୁ ପଡିଲା । ସେତେବେଳେ ମୁଁ ଭଗବଦ୍ଗୀତା ଶାସ୍ତ୍ରକୁ ଖୋଲି ସେଥିରୁ ଖୋଜିଲି, ସାଂଖ୍ୟ ଯୋଗର ୪୨,୪୩,୪୪ତମ ଶ୍ଳୋକଗୁଡିରେ–

୧) ଶ୍ଳୋ ॥ ୪୨ :- ଯାମିମାଂ ପୁଷ୍ପିତାଂ ବାଚ ପ୍ରବଦନ୍ତ୍ୟବିପଶ୍ଚିତଃ ।
ବେଦବାଦରତାଃ ପାର୍ଥ ! ନାନ୍ୟଦସ୍ତିତିବାଦିନଃ ॥

୧) ଶ୍ଳୋ ॥ ୪୩:- କାମାତ୍ମାନ ସ୍ୱର୍ଗ ପରା ଜନ୍ମ କର୍ମ ଫଳପ୍ରଦାମ୍ ।
କ୍ରିୟାବିଶେଷ ବହୁଳାଂ ଭୋଗୈଶ୍ଚର୍ଯ୍ୟଗତିଂ ପ୍ରତି ॥

୧) ଶ୍ଳୋ ॥ ୪୪ :- ଭୋଗୈଶ୍ଚର୍ଯ୍ୟ ପ୍ରସକ୍ତାନାଂ ତୟାଽପହୃତ ଚେତସାମ୍ ।
ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧିୟତେ ॥

ଏହି ଶ୍ଳୋକଗୁଡିକୁ ଅନୁଶୀଳନ କଲେ ଜଣାନଥିବା ବିଷୟ ଜଣାପଡିଥାଏ । ଶାସ୍ତ୍ରଗୁଡିକ ବେଦଠାରୁ ଭିନ୍ନ ଏବଂ ଅଶାସ୍ତ୍ରୀୟ ବୋଲି ଏଥିରୁ ଆଶ୍ଚର୍ଯ୍ୟଜନକ ଭାବରେ ସ୍ପଷ୍ଟ ହେଉଛି । **"ବେଦବାଦରତାଃ"** ନାମକ ୪୨ତମ ଶ୍ଳୋକକୁ ଦେଖି ଶେଷରେ ୪୪ତମ ଶ୍ଳୋକରେ **"ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧିୟତେ"** ବାକ୍ୟଟି ଦେଖିଲେ ବେଦ ଶାସ୍ତ୍ର ନୁହେଁ ବୋଲି ଜଣାଯାଉଛି । ଖାଲି ସେତିକି ନୁହେଁ, ପର ଶ୍ଳୋକକୁ ମଧ୍ୟ ଦେଖନ୍ତୁ ।

**୧) ଶ୍ଳୋ ॥ ୪୪ :- ତ୍ରୈଗୁଣ୍ୟ ବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭାବର୍ଜୁନ !**
**ନିର୍ଦ୍ୱନ୍ଦୋ ନିତ୍ୟ ସତ୍ୱସ୍ଥୋ ନି ର୍ଯୋଗକ୍ଷେମ ଆତ୍ମବାନ୍ ॥**

ଏହି ଶ୍ଳୋକରେ **"ତ୍ରୈଗୁଣ୍ୟ ବିଷୟା ବେଦା"** ନାମକ ବାକ୍ୟକୁ ଦେଖିଲେ ବେଦଗୁଡିକ ତିନି ଗୁଣରାଜିର ବିଷୟରେ ପୂର୍ଣ୍ଣ ବୋଲି ସନ୍ଦେହ ନରହି ବୁଝିହେଉଛି । ପୁଣି ସେଇଠାରେ **"ନିସ୍ତ୍ରୈଗୁଣ୍ୟ"** ନାମକ ପଦକୁ ଦେଖିଲେ ସେହି ଗୁଣଗୁଡିକୁ ତୁ ବର୍ଜନକର୍ ବୋଲି କୁହାଯାଇଛି ।

ଏସବୁର ବିଶଦ ବିବରଣ ଦେଖିଲେ ଶାସ୍ତ୍ରଗୁଡିଏ କିଛି ଥିବାବେଳେ, କିଛି ଅଶାସ୍ତ୍ର ମଧ୍ୟ ରହିଛି ବୋଲି ଜଣାଯାଉଛି । ଶାସ୍ତ୍ର ଭାବରେ ଷଡଶାସ୍ତ୍ର ଅଛି, ଯାହା ଶାସ୍ତ୍ର ନୁହେଁ ତାହା ଚତୁର୍ବେଦ ବୋଲି ଜଣାଯାଉଛି । ଭୂପୃଷ୍ଠରେ ଏହି ଷଡଶାସ୍ତ୍ର ବ୍ୟତୀତ ଯାହାଥାଏ ତାହାସବୁ ବେଦାନ୍ତର୍ଗତ ହିସାବ ହୋଇଥାଏ । ଏହି ଅନୁସାରେ ଅଷ୍ଟାଦଶ ପୁରାଣ ମଧ୍ୟ ବେଦାନ୍ତର୍ଗତ । କୂଅରେ କେତେ ପାଣି ଥିଲେ ମଧ୍ୟ ଘରେ ବ୍ୟବହାର କରିବା ପାଇଁ ଆବଶ୍ୟକ ମୁତାବକ ଆଣିବା ଉଚିତ୍ ହୋଇଥିବା ଭଳି, ବେଦର ବ୍ୟବହାର କର, କିନ୍ତୁ ବେଦ କଥା ଅଧିକ କହନାହିଁ ବୋଲି ଭଗବାନ କହିଛନ୍ତି । ଭଗବାନ ତାଙ୍କ ଭଗବଦ୍ଗୀତାରେ ବେଦକୁ କୌଣସି ସନ୍ଦର୍ଭରେ ମଧ୍ୟ ସମର୍ଥନ କରିନାହାନ୍ତି । ବେଦ ଦ୍ୱାରା ଆତ୍ମଜ୍ଞାନ ମିଳିବ ନାହିଁ, ବେଦ ଦ୍ୱାରା

ଦୈବପ୍ରାପ୍ତି ବା ମୋକ୍ଷ ହୋଇପାରିବ ନାହିଁ ବୋଲି କହିଛନ୍ତି । ସେଥିଲାଗି ଷଡଶାସ୍ତ୍ର ଭିତରୁ ମହାନ ହୋଇଥିବା, କ୍ରମରେ ଶେଷରେ ଥିବା, ବ୍ରହ୍ମବିଦ୍ୟା ନାମରେ ପରିଗଣିତ ହେଉଥିବା ଭଗବଦ୍ଗୀତା ଆଧାରରେ ସଂସାର କହିଲେ କଅଣ, ସେଥିରେ ପ୍ରକୃତ ସାର କଅଣ ଅଛି ଆଉ ତାହା କେଉଁଠି ଅଛି ଜାଣିବା । କେତେକ ହିନ୍ଦୁମାନେ ଅଜ୍ଞାନବଶତଃ ମାୟା ପ୍ରଭାବରେ ପ୍ରଭାବିତ ହୋଇ ହିନ୍ଦୁମାନଙ୍କର ପ୍ରାମାଣିକ ଗ୍ରନ୍ଥ ବେଦ ବୋଲି କହୁଛନ୍ତି, କିନ୍ତୁ ଆମେ କହୁଛୁ ଯେ, ସୃଷ୍ଟି ଆଦିରେ ସୂର୍ଯ୍ୟଙ୍କୁ କୁହାଯାଇଥିବା ଭଗବଦ୍ଗୀତା ହିଁ ହିନ୍ଦୁର ପ୍ରାମାଣିକ ଗ୍ରନ୍ଥ । ଦ୍ୱାପର ଯୁଗରେ ଭଗବଦ୍ଗୀତାକୁ ଶ୍ରୀକୃଷ୍ଣ କହିଥିଲେ ବୋଲି ଗୀତା ଉପରେ କେତେକ ନୀଚଦୃଷ୍ଟି ଦେଇ ବେଦ ହିଁ ମହାନ ବୋଲି କହୁଛନ୍ତି । ଦ୍ୱାପର ଯୁଗରେ କୁହାଯାଇଥିବା ଭଗବଦ୍ଗୀତା ହିଁ ସୃଷ୍ଟି ପ୍ରାରମ୍ଭରେ ଈଶ୍ୱରଙ୍କ ଦ୍ୱାରା କୁହାଯାଇଥିଲା । ତାପରେ ବେଦ ଜନ୍ମହୋଇଛି ବୋଲି ଜାଣନ୍ତୁ ।

ସୃଷ୍ଟି ପ୍ରାରମ୍ଭ ହେବାବେଳେ କୁହାଯାଇଥିଲା ବ୍ରହ୍ମବିଦ୍ୟାଶାସ୍ତ୍ର ବା ଭଗବଦ୍ଗୀତା । ସୃଷ୍ଟି ପରେ ଅନେକ ଦିନ ବିତିଯିବା ପରେ ମଣିଷ ଦ୍ୱାରା କୁହାଯାଇଥିଲା ବେଦ । ବିଶ୍ୱସ୍ରଷ୍ଟା ବିଶ୍ୱେଶ୍ୱର ବା ପରମାତ୍ମାଙ୍କ ବାବଦରେ କହିଥାଏ ବ୍ରହ୍ମବିଦ୍ୟା । ବେଦ ପ୍ରକୃତି ବାବଦରେ କହିଥାଏ । ବିଶ୍ୱରେ ଦେଖାଯାଉଥିବା ପ୍ରକୃତି ଓ ଦେଖାଯାଉ ନଥିବା ପରମାତ୍ମା ବ୍ୟାପି ରହିଛନ୍ତି । ଦେଖାଯାଉଥିବା ପ୍ରକୃତିକୁ ଦେଖାଯାଉ ନଥିବା ପରମାତ୍ମା ହିଁ ତିଆରି କରିଛନ୍ତି । ପ୍ରକୃତି କେବେ ତିଆରି ହୋଇଛି ତାହା ମଣିଷକୁ ଜଣା ନାହିଁ । ତେଣୁ ପ୍ରକୃତି, ପୁରୁଷଙ୍କ ଆଦ୍ୟ ସ୍ଥିତି ମଣିଷକୁ ଜଣା ନାହିଁ ବୋଲି "ପ୍ରକୃତିଂ ପୁରୁଷଂ ଚୈବ ବିଧ୍ୟନାଦି ଉଭାବପି" ବୋଲି ଭଗବଦ୍ଗୀତାର କ୍ଷେତ୍ର କ୍ଷେତ୍ରଜ୍ଞ ବିଭାଗ ଯୋଗର ୨୦ତମ ଶ୍ଲୋକରେ କହିଛନ୍ତି । ସେହି ଶ୍ଲୋକରେ ହିଁ ପ୍ରକୃତିରୁ ଗୁଣରାଜି ତିଆରି ହୋଇଛନ୍ତି ବୋଲି କହିବାକୁ ଯାଇ "ବିକାରାଂଶ୍ଚ ଗୁଣାଶ୍ଚୈବ ବିଦ୍ଧି ପ୍ରକୃତି ସମ୍ଭବାନ୍" କହିଛନ୍ତି । ପୁଣି

ସେଇଠାରେ ୨୨ତମ ଶ୍ଳୋକରେ ପ୍ରକୃତିରୁ ଗୁଣରାଜି ଜନ୍ମ ହୋଇଛନ୍ତି, ତେଣୁ "ପ୍ରକୃତି ଜାନ୍ ଗୁଣାନ୍" ବୋଲି କହିଛନ୍ତି । ତାଛଡା ବିଜ୍ଞାନ ଯୋଗର ୧୪ତମ ଶ୍ଳୋକରେ ମାୟା ଗୁଣଯୁକ୍ତ ବୋଲି କହିବାକୁ ଯାଇ "ଗୁଣମୟି ମମ ମାୟା" କହିଛନ୍ତି । ସାଂଖ୍ୟଯୋଗର ୪୫ତମ ଶ୍ଳୋକରେ ବେଦ କହିଲେ ତିନି ଗୁଣରାଜିର ବିଷୟ କହିବାକୁ ଯାଇ "ତ୍ରୈଗୁଣ୍ୟ ବିଷୟା ବେଦା" କହିଛନ୍ତି । ଏସବୁକୁ ବିଚାରକରି ଦେଖିଲେ ପ୍ରକୃତିରୁ ଗୁଣଗୁଡିକ ଜନ୍ମହୋଇଛନ୍ତି, ସେହି ଗୁଣରାଜି ହିଁ ମାୟା, ମାୟାର ପ୍ରତିରୂପ ହୋଇଥିବା ଗୁଣରାଜିର ବିଷୟ ହିଁ ବେଦ ବୋଲି ନଗ୍ନସତ୍ୟ ହୋଇ ବୁଝାଯାଉଛି । ମଣିଷ ଜନ୍ମହେବା ଠାରୁ ଆରମ୍ଭ କରି ମାୟାରେ ଛନ୍ଦିହୋଇ ଦୈବଙ୍କୁ ଜାଣି ପାରୁ ନାହିଁ । ମଣିଷ ମାୟା ପ୍ରଭାବରେ ଈଶ୍ୱରଙ୍କୁ ଚିହ୍ନାଉଥିବା ବ୍ରହ୍ମବିଦ୍ୟାକୁ ଛାଡିଦେଇ ମାୟାଯୁକ୍ତ ବେଦକୁ ଆଶ୍ରୟ କରିଛି । ବେଦ କହିବା ଭଳି କାର୍ଯ୍ୟ କରୁଛି । ବେଦକୁ ଆମର ପ୍ରମାଣ ବୋଲି କହୁଛି । ମାୟାକୁ ଛାଡି ଈଶ୍ୱରଙ୍କୁ ଆଶ୍ରୟ କରିବାକୁ ଇଚ୍ଛା କରୁଥିବା କୌଣସି ବ୍ୟକ୍ତି, ମାୟାର ପ୍ରତିରୂପ ହୋଇଥିବା ବେଦକୁ ଛାଡି ଦୈବସ୍ୱରୂପ ବ୍ରହ୍ମବିଦ୍ୟାଶାସ୍ତ୍ର କୁହାଯାଉଥିବା ଭଗବଦ୍ଗୀତାକୁ ଆଶ୍ରୟ କରିବାକୁ ହେବ!! ଏଥର ଆମେ ସତ୍ୟାସତ୍ୟ ବିଷୟକୁ ନିର୍ଣ୍ଣୟ କରିପାରିବା ସମୟ ଆସିଗଲା । ତେଣୁ ସଂସାରକୁ ବେଦରୁ ନଖୋଜି ଭଗବଦ୍ଗୀତାରୁ ଖୋଜି ତାର ସତ୍ୟତାକୁ ଜାଣିବା ।

ସଂସାର ମାନବୀୟ ? କି ଜୀବସ୍ୱ ? ବୋଲି ବିଚାରକରି ଦେଖିଲେ, ଭଗବଦ୍ଗୀତା ଅନୁସାରେ ସଂସାର ଜୀବ ସମ୍ବନ୍ଧୀୟ ବୋଲି ଜଣାଯାଉଛି । ଆଧ୍ୟାତ୍ମିକ କେବଳ ମଣିଷର ନୁହେଁ ସର୍ବ ଜୀବରାଶି ସମ୍ବନ୍ଧୀୟ । ତେଣୁ ସଂସାର ଜୀବର ବୋଲି ଗ୍ରହଣୀୟ । ଜଣେ ମଣିଷର ବାହ୍ୟ ସଂସାର ଥାଇ ପାରେ, ନଥାଇ ପାରେ । କିନ୍ତୁ ପ୍ରତ୍ୟେକ ଜୀବର ଭିତର ସଂସାରଟିଏ ରହିଛି । ସମସ୍ତେ ଭାବିବା ଭଳି ସଂସାର ସ୍ତ୍ରୀ, ପିଲାଛୁଆଙ୍କୁ ନେଇ ନାହିଁ । ବାହ୍ୟତଃ ସ୍ତ୍ରୀ ପିଲାଙ୍କ ସହିତ ରହିବାକୁ ପାରିବାରିକ କିମ୍ବା କୁଟୁମ୍ବ ବୋଲି

କହି ପାରିବା । ପ୍ରତ୍ୟେକ ପରିବାରରେ ଅଶାନ୍ତି ରହି ଜୀବନ କେବେ କେବେ ନିଃସାର ଲାଗିଥାଏ, ତେଣୁ ତାହା ସଂସାର ହିଁ ନୁହେଁ । ମାନସିକତଃ, ଆର୍ଥୀକତଃ, ଅନାରୋଗ୍ୟତଃ, ଏଭଳି ଅନେକ ସମସ୍ୟା ନେଇ ପ୍ରତ୍ୟେକ ପରିବାର ସାରହୀନ ଜୀବନ ବିତାଇଥାଏ । ବାସ୍ତବରେ ସମସ୍ତ ପରିବାର କଟୁତଃ ଜୀବନ ବଞ୍ଚନ୍ତି । ତେଣୁ ତାହା ଜାଣିଥିବା ପୂର୍ବଜମାନେ କଟୁମ୍ବ ବୋଲି ନାଆଁ ଦେଇଥିଲେ, ତାହା କଟୁମ୍ବରୁ କୁଟୁମ୍ବ ହୋଇଛି ବୋଲି କହିପାରିବା । କୁଟୁମ୍ବ ମୂଳଭାଷା କୁଣ୍ଟୁ ସବ୍ଦରୁ ଆସିଛି । କୁଣ୍ଟୁର ଅର୍ଥ ଛୋଟେଇ କାଲିବା । କୁଟୁମ୍ବ ଚଳଣୀ ଠିକ୍ ସେହିପରି ପଡିଉଠି ଚାଲିଥାଏ । ଏହିଭଳି ବିଚାରକଲେ ବାସ୍ତବରେ ସଂସାର କୁଟୁମ୍ବ ନୁହେଁ । କୁଟୁମ୍ବ ବାସ୍ତବରେ ସାରହୀନ । ତେବେ କୁଟୁମ୍ବ ଯଦି ସଂସାର ନୁହେଁ ତାହେଲେ କଅଣ ? ତାର ସମାଧାନ ହେଉଛି !

ଶରୀରରେ ଜୀବଟିଏ ବାସ କରିଥାଏ । କିନ୍ତୁ ଜୀବ ଏକା ନଥାଏ । ଜୀବ ସହିତ ଆତ୍ମା ମଧ୍ୟ ଥାଏ । ମରଣରେ, ଜନ୍ମରେ, ମଝିରେ ବିତୁଥିବା ଜୀବନରେ ଜୀବ ସହିତ ସର୍ବଦା ଆତ୍ମା ରହିଥାଏ । ଜୀବ ନଥିବା ଆତ୍ମା କିମ୍ବା ଆତ୍ମା ନଥିବା ଜୀବାତ୍ମା କୌଣସି ଶରୀରରେ ନଥାଏ । ତେଣୁ କେଉଁଠି ଯଦି ସଜୀବ ଶରୀରଟିଏ ଅଛି ତେବେ ସେଥିରେ ଜୀବାତ୍ମା, ଆତ୍ମା ଅଛନ୍ତି ବୋଲି ଜାଣିବା ଉଚିତ୍ । ଦେଖାଯାଉଥିବା ଘରେ ଜଣେ ସ୍ତ୍ରୀ ସହିତ ଜଣେ ସ୍ବାମୀ ରହିଥା'ନ୍ତି ଏବଂ ସେମାନଙ୍କ ସହିତ ଅନ୍ୟମାନେ ମଧ୍ୟ ରହିଥା'ନ୍ତି । ସେହିଭଳି ଶରୀରରେ ଜୀବାତ୍ମା, ଆତ୍ମାଙ୍କ ସହିତ ୨୪ଗୋଟି ପ୍ରକୃତିଭାଗ ମଧ୍ୟ ରହିଥା'ନ୍ତି । ଏହି ହିସାବରେ ଶରୀରରେ ମୋଟ ୨୬ଜଣ ପାତ୍ରଧାରୀ ଅଛନ୍ତି ବୋଲି ବୁଝାଯାଉଛି । ବାହ୍ୟ ସମାଜରେ ୨୬ଜଣ ସଦସ୍ୟ ରହିଲେ ତାହା ଏକ ବଡ କୁଟୁମ୍ବ ବୋଲି କହିପାରିବା । ବହୁଶା ବାହାରେ ଆଜି ଏତେବଡ କୁଟୁମ୍ବ ଦେଖିବାକୁ କ୍ୱଚିତ୍ ମିଳେ । ଏକ ଶରୀରଗୃହରେ ନିଶ୍ଚୟ ୨୬ଜଣ ସଦସ୍ୟ ରହିଥା'ନ୍ତି । ଶରୀରଗୃହରେ ଥିବା ପ୍ରତି ସଦସ୍ୟର ଏକ

ଏକ କାର୍ଯ୍ୟ ଥାଏ । ଏମାନଙ୍କ ଭିତରୁ କୌଣସି ସଦସ୍ୟ କମ୍ ହୋଇଗଲେ ତା ସମ୍ବନ୍ଧୀୟ କାର୍ଯ୍ୟ ବନ୍ଦ ହୋଇଯାଏ । ଜୀବକୁ ବାଦଦେଲେ ଅନ୍ୟମାନେ ମୋଟ ୨୫ଜଣ । ସେହି ୨୫ ଜଣ କାର୍ଯ୍ୟ କରୁଥିବାରୁ ଜୀବ ଶରୀରରେ ରହିପାରିଥାଏ । ଶରୀରରେ ନିବାସ କରୁଥିବା ଜୀବ ଜନ୍ମରୁ ଜଣେ ଜ୍ଞାନୀ ହୋଇପାରେ, ଅଜ୍ଞାନୀ ହୋଇପାରେ । ଅଜ୍ଞାନୀ ଜୀବ ଶରୀରରେ ଏକା ଥାଏ ବୋଲି ଭାବିଥାଏ, ତା ପାଖରେ କିଏ ଅଛି, ସାଥିରେ ଆଉ କେଉଁମାନେ ଅଛନ୍ତି, ସେମାନେ କ'ଣ କରୁଛନ୍ତି ସବୁ ନଜାଣିବା ସ୍ଥିତିରେ ରହି, ଶରୀରରେ ହେଉଥିବା କାର୍ଯ୍ୟସବୁ ମୁଁ କରୁଛି ବୋଲି ଭାବିଥାଏ ସିନା, ମୋ ସହିତ ଅନ୍ୟମାନେ ମଧ୍ୟ ଅଛନ୍ତି ବୋଲି ଜାଣିନଥାଏ । ଜୀବଟିଏ ଜ୍ଞାନୀ ଥାଉ କିମ୍ବା ଏ ଜନ୍ମରେ ଜ୍ଞାନ ଜାଣୁ ଶେଷରେ ତାର କୁଟୁମ୍ବ ବାବଦରେ ଜାଣିବା ଉଚିତ୍ । ଏହିଭଳି ଜୀବ ତାର ସଂସାର ବାବଦରେ ଜାଣିବାକୁ ହେଲେ ସେ ଜ୍ଞାନ ଏତେ ସହଜରେ ମିଳେ ନାହିଁ । ଜଣାଇବା ଲୋକେ କ୍ୱଚିତ୍ ଥାଅନ୍ତି । କାରଣ ! ଜ୍ଞାନ କହୁଥିବା ଅନେକ ସ୍ୱାମୀଜୀମାନେ ଆଜି ଶରୀରରେ ଥିବା ସଂସାର ବାବଦରେ ଭୁଲ୍ ତଥ୍ୟ ଦେଇଥା'ନ୍ତି । ଶରୀରରେ ଥିବା ମନ, ବୁଦ୍ଧି, ଚିତ୍ତ, ଅହମ୍ ସବୁ ଅଲଗା ଅଲଗା ରହି ଅଲଗା ଅଲଗା କାର୍ଯ୍ୟ କରିଥା'ନ୍ତି ବୋଲି ସେମାନଙ୍କୁ ଜଣା ନାହିଁ । ମନ ଗୋଟିଏ ଥାଏ, ସେହି ମନ ସନ୍ଦର୍ଭ ଅନୁସାରେ ବୁଦ୍ଧିର କାର୍ଯ୍ୟ କରେ, ଚିତ୍ତର କାର୍ଯ୍ୟକରେ ବୋଲି କହନ୍ତି । ଏହିଭଳି ବୁଦ୍ଧି, ଚିତ୍ତ, ମନ ଏକ ବୋଲି କହୁଥିବା ଲୋକମାନେ ଶରୀରରେ ଥିବା ଅହମକୁ ମଧ୍ୟ ସ୍ୱତନ୍ତ୍ର ନକହି ତାହାକୁ ଏକ ଗୁଣ ବୋଲି କହୁଛନ୍ତି । ଅହମକୁ ଗୁଣ କହିବା, ମନ, ବୁଦ୍ଧି, ଚିତ୍ତକୁ ଏକ କରିଦେବା ଦ୍ୱାରା ଭିତରେ ଥିବା ଚତୁଃ ଅନ୍ତଃକରଣର ହିସାବ ମିଳୁନାହିଁ । ମନ, ବୁଦ୍ଧି, ଚିତ୍ତକୁ ମିଶାଇ ତିନି କହିଲେ ମଧ୍ୟ ଅହମକୁ ଗୁଣରେ ମିଶାଇଥିବାରୁ ଅନ୍ତଃକରଣ ସଂଖ୍ୟା ତିନି ହେଉଛି ସିନା, ଚାରି ଅନ୍ତଃକରଣ ହେଉ ନାହିଁ । ଜୀବାତ୍ମା, ଆତ୍ମା ଦୁଇଟି ଥିବାବେଳେ, ସେ

ଦୁଇଟିକୁ ମିଶାଇ ସନ୍ଦର୍ଭ ଅନୁସାରେ ଆତ୍ମା, ଜୀବାତ୍ମା କୁହାଯାଏ ବୋଲି କହିବା ଛଡା ଅନେକ ପୁସ୍ତକରେ ମଧ୍ୟ ଲେଖିଛନ୍ତି । ଏହିଭଳି ଜୀବାତ୍ମା, ଆତ୍ମା ଦୁଇସଂଖ୍ୟାକୁ ଗୋଟିଏ କରିଦେବା ଦ୍ୱାରା ଶରୀର ଭାଗ ସଂଖ୍ୟା ୨୬ ରୁ ୨୨ ହୋଇଯାଇଛି ।

ଆଉକେତେକ ବେଦାନ୍ତିମାନେ, ଶରୀରର ଆତ୍ମାକୁ ଛାଡି, ତାକୁ ସମ୍ପୂର୍ଣ୍ଣ ଭୁଲିଯାଇ ଥାଇ ମଧ୍ୟ ନଥିବା ଭଳି କରି, ଜୀବାତ୍ମା ସହିତ ମୋଟ ୨୫ ଭାଗ ଅଛି ବୋଲି କହୁଛନ୍ତି, ସେଭଳି କହିଲେ ମଧ୍ୟ ବାସ୍ତବରେ ଦେଖାଯାଉଥିବା ଶରୀର ୧୦ଭାଗ ହୋଇ ରହିଛି । ସେହିଭଳି ଦେଖାଯାଉ ନଥିବା ଭିତର ଶରୀର ୧୫ଭାଗ ହୋଇ ରହିଛି । ୧୦ଭାଗର ଉପର ଶରୀରକୁ ସ୍ଥୁଳ ଶରୀର, ୧୫ଭାଗର ଭିତର ଶରୀରକୁ ସୂକ୍ଷ୍ମଶରୀର କୁହାଯାଏ । ବିଚିତ୍ର କଥା ହେଉଛି ଆମ ବେଦାନ୍ତ ବୋଧକମାନେ ଅଶାସ୍ତ୍ରୀୟ ପଦ୍ଧତିରେ ଦେଖାଯାଉଥିବା କେତେକ ଅବୟବକୁ ହିଁ ଦେଖାଯାଉ ନଥିବା ସୂକ୍ଷ୍ମଶରୀର ବୋଲି, ଦେଖାଯାଉ ନଥିବା ଶରୀରକୁ ସ୍ଥୁଳଶରୀର ବୋଲି କହୁଛନ୍ତି । ଏ ବିଷୟ କଞ୍ଜାମିଛ ହୋଇଥିଲେ ମଧ୍ୟ ବେଦଗୁଡିକର ଶେଷରେ ଥିବା ଉପନିଷଦକୁ ପ୍ରମାଣ ଭାବରେ ଦେଖାଉଛନ୍ତି । ଏହା କେତେବଡ ବକ୍ରମାର୍ଗ ବିଚାରକରି ଦେଖନ୍ତୁ । **"ଯୋଗଚୂଡାମଣି"** ନାମକ ଉପନିଷଦ ଦେଖାଯାଉ ନଥିବା ସୂକ୍ଷ୍ମଶରୀର ୧୭ଭାଗର ବୋଲି କହିବାକୁ ଯାଇ "ଜ୍ଞାନକର୍ମେନ୍ଦ୍ରିୟୈଃ ପ୍ରାଣାଦି ପଞ୍ଚବାୟୁ ମନୋବୁଦ୍ଧିଶ୍ଚ ସୂକ୍ଷ୍ମଲିଙ୍ଗ ମିତ୍ୟୁଚ୍ୟତେ" ବୋଲି କହିଛି । ଏହି ଶ୍ଳୋକର ବିବରଣୀ ଦେଖିଲେ ପାଞ୍ଚଗୋଟି ଜ୍ଞାନେନ୍ଦ୍ରିୟ, ପାଞ୍ଚଗୋଟି କର୍ମେନ୍ଦ୍ରିୟ ଏବଂ ପାଞ୍ଚଗୋଟି ପ୍ରାଣବାୟୁ ସହିତ ମନ, ବୁଦ୍ଧି ମିଶି ମୋଟ ୧୭ଗୋଟି ଭାଗର ସୂକ୍ଷ୍ମଶରୀର ଥାଏ । ହେଲେ ହାତଗୋଡ ଦେଖାଯାଏ ନାହିଁ ? କି ଦେଖାଯାଏ ? ବୋଲି ପ୍ରଶ୍ନକଲେ ତାର ଉତ୍ତର ସମସ୍ତଙ୍କୁ ଜଣାଥାଏ । ମନ, ବୁଦ୍ଧି ଏବଂ ପଞ୍ଚବାୟୁ ଆଖିକୁ ଦେଖାଯାଏ

ନାହିଁ ବୋଲି ମଧ୍ୟ ସମସ୍ତେ ଜାଣନ୍ତି । ସେହିଭଳି ଆଖିକୁ ଦେଖାଯାଉଥିବା ଜ୍ଞାନେନ୍ଦ୍ରିୟ, କର୍ମେନ୍ଦ୍ରିୟ ଗୁଡିକ ସମସ୍ତଙ୍କୁ ଦେଖାଯାଏ । ଏଭଳି ସମସ୍ତଙ୍କୁ ଦେଖାଯାଉଥିବା ସତ୍ୟକୁ ଲୁଚାଇଦେଇ ଜ୍ଞାନେନ୍ଦ୍ରିୟ, କର୍ମେନ୍ଦ୍ରିୟ ଗୁଡିକ ସୂକ୍ଷ୍ମ ବୋଲି କହିବା କେତେଦୂର ଠିକ୍ ଆପଣମାନେ ଚିନ୍ତା କରନ୍ତୁ । ଯଦି ଏହି ୧୭ଭାଗ ସୂକ୍ଷ୍ମଶରୀର ହେଲା ତେବେ ସ୍ଥୁଳଶରୀର କହିଲେ ବଳକା ଥିବା ଆଠଗୋଟି ଭାଗକୁ କହିବାକୁ ପଡିବ । ତାହେଲେ ଜୀବତ୍ମା କ'ଣ ଆଖିକୁ ଦେଖାଯାଏ ? ଚିତ୍ତ ଦେଖାଯାଏ ? ଅହମ୍ ଦେଖାଯାଏ ? ଏହି ୮ଗୋଟିରୁ କେହି ମଧ୍ୟ ଦେଖାଯାଆନ୍ତି ନାହିଁ । ଏହିଭଳି ଘୋର ଅସତ୍ୟକୁ ଜଣାଇଛନ୍ତି ଏଥିରେ । ସଂସ୍କୃତରେ କ'ଣ କହି କ'ଣ ବୁଝାଇଲେ ବି ଆମେ ଶୁଣୁଛେ, ବେଦ ବୋଲି କହିଲେ ଆଶ୍ଚର୍ଯ୍ୟ ହୋଇ ଶୁଣୁଛେ, ଉପନିଷଦ କହିଲେ ଏହାଠାରୁ ବଳି କ'ଣ ଅଛି ଭାବୁଛେ । ବାସ୍ତବରେ ଏଭଳି ଭାବନା ଆମର ଭୁଲ୍ । ବିଚାରକରି ସତ୍ୟକୁ ଗ୍ରହଣ ନକଲେ ସବୁ ଅନ୍ଧବିସ୍ୱାସ ହିଁ ହେବ । ସତ୍ୟାନ୍ୱେଷଣ କରୁଥିବା ଲୋକମାନେ, ଶାସ୍ତ୍ରବଦ୍ଧତାକୁ ଦେଖୁଥିବା ଲୋକମାନେ ବାସ୍ତବ ତଥ୍ୟକୁ ହିଁ ଗ୍ରହଣ କରିଥା'ନ୍ତି । ବାସ୍ତବକୁ ଜାଣିବା ପରେ ତାହା ବେଦ ହେଲେ ମଧ୍ୟ ଖଣ୍ଡନ କରିବାକୁ ପଡିବ, ବେଦକୁ ଅଶାସ୍ତ୍ର କହିବାକୁ ପଡିବ ।

ବ୍ରହ୍ମବିଦ୍ୟାଶାସ୍ତ୍ର ଅନୁସାରେ ବାସ୍ତବ ଜ୍ଞାନକୁ ଦେଖିଲେ ଶରୀର ଆତ୍ମା ସହିତ ମୋଟ ୨୬ ଭାଗର ବୋଲି ଜଣାଯାଇଥାଏ । ଆତ୍ମା, ଜୀବାତ୍ମାଙ୍କ ବ୍ୟତୀତ ପ୍ରକୃତି ଦ୍ୱାରା ତିଆରି ହୋଇଥିବା ୨୪ଗୋଟି ଭାଗର ଅଧିପତି ଭାବରେ ଆତ୍ମା ରହି ସେହି ୨୪ଗୋଟି ଭାଗ ଦ୍ୱାରା କାର୍ଯ୍ୟ କରାଉଛି । ୨୪ଗୋଟି ପ୍ରକୃତି ଭାଗ କରୁଥିବା କାର୍ଯ୍ୟରୁ ମିଳୁଥିବା ଦୁଃଖସୁଖକୁ ଜୀବାତ୍ମା କେବଳ ଅନୁଭବ କରୁଛି । ଏହାକୁ ଆଉ ଏକ ପ୍ରକାରର କହିଲେ ଶରୀର ନାମକ ଘରେ ୨୪ଜଣ କାର୍ଯ୍ୟ କରୁଥିବା ବେଳେ, ଆତ୍ମା ସାକ୍ଷୀ ହୋଇ ରହିଥାଏ ଏବଂ ଜୀବାତ୍ମା କିଛି ନ କରି ସବୁ କାର୍ଯ୍ୟର ଫଳକୁ ଅନୁଭବ

କରିଥାଏ । ଶରୀରଗୃହରେ କରୁଥିବା ପାତ୍ରମାନେ ହୁଅନ୍ତୁ, କରାଉଥିବା ପାତ୍ର ହେଉ ସେମାନେ କୌଣସି ଫଳକୁ ଅନୁଭବ କରନ୍ତି ନାହିଁ, କିନ୍ତୁ କିଛି ନକରି, ନକରାଇ ଖାଲି ଦେଖୁଥିବା ପାତ୍ର ହିଁ ସବୁ ସାରକୁ ଗ୍ରହଣ କରିଥାଏ । ଏତେ ମହାନ ହୋଇଥିବା ଆତ୍ମା ପ୍ରକୃତି ନିର୍ମିତ ୨୪ ଅବୟବ ଦ୍ୱାରା  କର୍ମ ନାମକ କାର୍ଯ୍ୟକୁ କରାଇବା ଦ୍ୱାରା ଜୀବ ପାଖରେ ଥିବା କର୍ମ ଶେଷ ହୋଇଯାଉଛି । ଜୀବ ପାଖରେ ଥିବା କର୍ମ ଶେଷ ହୋଇଗଲେ ହିଁ ଜୀବର ମଙ୍ଗଳ । ଜୀବର ମୁଣ୍ଡରୁ କର୍ମ ଖସିଯିବା ହିଁ ତା ପାଇଁ ଉନ୍ନତ ରୁଚିକର ବିଷୟ । ଜୀବ କର୍ମକୁ କାଟିଦେଇ ପାରିବା ହିଁ ତାର ସଂସାର ହୋଇଥାଏ । ତା ପାଖରେ ଥିବା କର୍ମକୁ ଅନେକ ପାତ୍ର ମିଶି କରୁଛନ୍ତି, ଜଣେ କରାଉଛି, ତେଣୁ କିଛି ନକରି ତାର କର୍ମ ଶେଷ ହୋଇଯିବା ତାପାଇଁ ଆନନ୍ଦକର ବିଷୟ । ସେତେବେଳେ ତାହା ତାର ସଂସାର ହୋଇଥାଏ । ଏହିଭଳି ଜୀବର ସଂସାର ଥିବାବେଳେ, ଜୀବ ତା ଅଜାଣତରେ ଉପାର୍ଜନ ମଧ୍ୟ କରୁଛି । ସଂସାର ଭିତରେ ଯାହା ମିଶିଯାଇ ଜୀବକୁ ମିଳିଥାଏ ତାହା ତାର ଉପାର୍ଜନ । ତେଣୁ ସଂସାରରୁ ହିଁ ଉପାର୍ଜନ ଜନ୍ମ ହୋଇଥାଏ । ପ୍ରତି ମଣିଷର ସଂସାର ଅଛି, ଉପାର୍ଜନ ଅଛି, କିନ୍ତୁ ତାହା ଭିତରେ ନଦେଖି ବାହାରେ ଦେଖିଥାଏ । ସଂସାର, ଉପାର୍ଜନ ଉଭୟ ଭିତରେ ଥାଏ ବୋଲି ଜାଣିବା ଉଚିତ୍ ।

ଯିଏ ଆତ୍ମଜ୍ଞାନ ଜାଣିଥାଏ ସେ ସଂସାରକୁ ପାଇଥାଏ । ଜ୍ଞାନ ଜାଣିଥିବା ପାତ୍ର ସଂସାର, ଉପାର୍ଜନ ଭିତରେ ଥିଲେ ମଧ୍ୟ ସନ୍ନ୍ୟାସୀ ଜୀବନ ବିତାଇଥାଏ । ଶରୀରରେ  ଥାଇ  ଶରୀର ଭିତରେ ସଂସାର ନକରି, ଉପାର୍ଜନ ନପାଇ କେହି ସନ୍ନ୍ୟାସୀ ହୋଇପାରେ ନାହିଁ । ସଂସାର, ଉପାର୍ଜନ ଥିବାବେଳେ କେହି ଜ୍ଞାନ ପାଇ ସନ୍ନ୍ୟାସୀ ହୋଇପାରେ । ଏହି ବିଷୟ ଭଗବଦ୍ଗୀତାର ଆତ୍ମସଂଯମ ଯୋଗର ୧୫ତମ ଶ୍ଲୋକରେ କୁହାଯାଇଛି ।

**ଅନାଶ୍ରିତଃ କର୍ମଫଳଂ କାର୍ଯ୍ୟଂ କର୍ମ କରୋତି ଯଃ ।**
**ସସନ୍ନ୍ୟାସୀଚ ଯୋଗୀଚ ନନିରଗ୍ନିର୍ନଚକ୍ରିୟଃ ।।**

ଅର୍ଥାତ୍ ନୂତନ ଭାବରେ ଆସୁଥିବା କର୍ମଫଳ ଉପାର୍ଜନ ଉପରେ ଧ୍ୟାନ ନଦେଇ, ପୁରୁଣା କର୍ମ ଅନୁସାରେ କାର୍ଯ୍ୟ କରୁଥିବା ପାତ୍ର ହିଁ ପ୍ରକୃତ ସନ୍ନ୍ୟାସୀ ବୋଲାଇଥାଏ, ଯାହା ପାଖରେ ଜ୍ଞାନାଗ୍ନି ନାହିଁ, ଯିଏ କାର୍ଯ୍ୟକରିବା ଛାଡିଦେଇଛି ସେ ସନ୍ନ୍ୟାସୀ ନୁହେଁ କି ଯୋଗୀ ନୁହେଁ ।

ଏହି ଭାବ ଅନୁସାରେ, ପୁରୁଣା କର୍ମକୁ ଅନୁସରଣ କରି କାର୍ଯ୍ୟ କରିଯିବା ହିଁ ସଂସାର, ସଂସାରରେ ଯେଉଁ କର୍ମ ଆସିଥାଏ ତାହା ହିଁ ଉପାର୍ଜନ ବା ଅର୍ଜନ, ଯାହାର ଉପାର୍ଜନ ନାହିଁ , ଅର୍ଥାତ୍ ଯେ କାର୍ଯ୍ୟ କରେ ନାହିଁ, ତାଠାରେ ଅଗ୍ନି ହିଁ ନଥାଏ ସେ ସନ୍ନ୍ୟାସୀ ନୁହେଁ କି ଯୋଗୀ ନୁହେଁ ବୋଲି କୁହାଯାଇଛି । ପ୍ରତ୍ୟେକ ମଣିଷ ଶରୀରରେ ୨୫ଜଣ ସଦସ୍ୟଙ୍କୁ ନେଇ ସଂସାରଟିଏ ଅଛି ବୋଲି ଜଣାଯାଉଛି । ଶରୀର ଭିତରେ ସଂସାର ଅଛି ବୋଲି ଜାଣି ନଥିବା ଲୋକମାନେ ଅନେକ ଉପାଧିଧାରୀ ହୋଇ ଅଛନ୍ତି, ସେମାନେ ବାହାର କୁଟୁମ୍ବ ସଭ୍ୟଙ୍କୁ ସଂସାର ଭାବନ୍ତି, ସେହି ସଂସାରକୁ ହିଁ ଛାଡିଦେବା ଭଲ ବୋଲି ଭାବନ୍ତି, ବାହାର ସଂସାରକୁ (କୁଟୁମ୍ବକୁ) ଛାଡିବା ହିଁ ସନ୍ନ୍ୟାସତ୍ତ୍ୱ ଭାବନ୍ତି । ଏହିଭଳି ଅନେକ ଲୋକ ଏହି ବାହ୍ୟ ଭାବକୁ ବୁଝି ସଂସାର ଛାଡିଦେଇଛନ୍ତି । ଗୌତମ ବୁଦ୍ଧ ମଧ୍ୟ ସେହି କାର୍ଯ୍ୟ କରିବାକୁ ଯାଇ ତାଙ୍କର ସ୍ତ୍ରୀ, ପିଲାଙ୍କୁ ଛାଡି ଚାଲିଯାଇଥିଲେ । ଏଭଳି ଅନେକ ଲୋକ ବାହାର କୁଟୁମ୍ବ ପରିବାରକୁ ସଂସାର ଭାବନା କରି, ଶେଷରେ ସେମାନଙ୍କୁ ଛାଡିଯିବା ହିଁ ସନ୍ନ୍ୟାସତ୍ତ୍ୱ ଭାବି ଛାଡି ଯାଇଛନ୍ତି । ପ୍ରକୃତ ସଂସାର ଶରୀର ଭିତରେ ଥାଏ, ବାହାରେ ସଂସାରକୁ ଛାଡିଦେଇ ଚାଲିଗଲେ ମଧ୍ୟ ଭିତର ସଂସାର ଜୀବକୁ ଛାଡିନଥାଏ । ବାହାର ସଂସାରକୁ କେହି ଛାଡିଦେଇ ପାରେ ସିନା, ଭିତର ସଂସାରକୁ କେହି ଛାଡିପାରିବେ ନାହିଁ ବୋଲି ଜାଣିବା ଉଚିତ୍ । ସଂସାର ଥିବାବେଳେ, ତୁ ସଂସାର

କରୁଥିବା ବେଳେ ଯଦି ଜ୍ଞାନ ଉପାର୍ଜନ କରିପାରିବୁ ତେବେ ପ୍ରକୃତ ସନ୍ନ୍ୟାସୀ ହୋଇପାରିବୁ । ତା ନକରି ଯଦି ତୋର ବାହାର ପରିବାରକୁ ଭ୍ରମରେ ସଂସାର ଭାବି ଛାଡିଦେଉ ତେବେ ତୁ କେଉଁ ଦିଗର ହେବୁ ନାହିଁ । ଭଗବଦ୍ଗୀତା କହିବା ଭଳି କାର୍ଯ୍ୟ କରୁଥିବା ବେଳେ ହିଁ ସନ୍ନ୍ୟାସତ୍ତ୍ୱ ଥାଏ ବୋଲି ଜଣାଯାଉଛି । ଜ୍ଞାନୀ ହେଉ, ଅଜ୍ଞାନୀହେଉ ସମସ୍ତଙ୍କର ଭିତର ସଂସାର ଅଛି, କିନ୍ତୁ ଜ୍ଞାନୀ ଭିତରେ ସନ୍ନ୍ୟାସୀ ହୋଇପାରେ ।

*****

# ଆମ ଶେଷକଥା

ଆଜି ବିଜ୍ଞାନର କେତେ ଉନ୍ନତି ଘଟିଛି । ଏ ଦୁନିଆ ଜନ୍ମହେବା ବେଳୁ ୫୦ବର୍ଷ ପୂର୍ବ ପର୍ଯ୍ୟନ୍ତ (ମୂଳଗ୍ରନ୍ଥ ରଚନାହେବା ବେଳକୁ) ମାତ୍ର ୧୦ ପ୍ରତିଶତ ଉନ୍ନତି କରିଥିବା ବିଜ୍ଞାନ ଏଇ ୫୦ ବର୍ଷ ଭିତରେ ୯୦ ପ୍ରତିଶତ ବଢିଗଲାଣି । ବିଜ୍ଞାନର ବଢିବା କ୍ରମରେ ମଣିଷଠାରେ ଦୈବଜ୍ଞାନର ଧ୍ୟାନ ଆଜି ନାହିଁ । ବିଜ୍ଞାନ ବା ସାଇନ୍ସ ଦ୍ୱାରା ସବୁକିଛି ଉନ୍ନତି ହେଉଛି, ସାଇନ୍ସ କାରଣରୁ ସବୁକିଛି ହେଉଛି, ମଝିରେ ଏ ଈଶ୍ୱର କୁଆଡୁ ଆସିଲେ ? ତାଙ୍କର ଆଡ୍ରେସ୍ କ'ଣ ? ବୋଲି କେତେକ ପଚାରୁଛନ୍ତି । ଈଶ୍ୱର ଏକ ଅନ୍ଧ ବିଶ୍ୱାସ ସିନା, ସତ୍ୟ ନୁହେଁ ବୋଲି କହୁଛନ୍ତି । ସାଇନ୍ସ ବାବଦରେ ଜଣାନଥିବା ଲୋକମାନେ ଈଶ୍ୱର ଈଶ୍ୱର ହେଉଛନ୍ତି, ତାହା ଆମେ ବିଶ୍ୱାସ କରୁନାହୁଁ, ଯାହା ପ୍ରୟୋଗଶାଳାରେ ପ୍ରମାଣିତ ହୁଏ ନାହିଁ ତାହା ଅନ୍ଧ ବିଶ୍ୱାସ, ପ୍ରମାଣିତ ହୋଇପାରୁ ନଥିବା ଈଶ୍ୱର ଅଛନ୍ତି କହିଲେ ସେକଥା ପାଣିର ଗାର ବୋଲି କହୁଛନ୍ତି । ଏହିଭଳି ବିଜ୍ଞାନ କୁହାଯାଉଥିବା ସାଇନ୍ସ ଉନ୍ନତି ଲାଭ କରିବା ଦ୍ୱାରା ଅଜ୍ଞାନ କୁହାଯାଉଥିବା ନାସ୍ତିକବାଦ ବଢିଚାଲିଛି । ୫୦ବର୍ଷ ତଳେ ନଥିବା କେତେକ ଯୁକ୍ତିକୁ ଆଣି ହେତୁବାଦ ନାମକ ସଂସ୍ଥା ଗଢିଉଠିଛି । ଆମ ପ୍ରଶ୍ନର

ଜବାବ ଦେଇପାରିଲେ ଆମେ ବି ସେମାନଙ୍କ ଭଳି ଆସ୍ତିକ ହୋଇଯିବୁ, ଦେଇନପାରିଲେ ସେମାନଙ୍କୁ ଆମ ସଂସ୍ଥାରେ ମିଶିବାକୁ ହେବ ବୋଲି ପ୍ରଚାର କରୁଛନ୍ତି । ପ୍ରଥମରୁ ସେମାନଙ୍କ ପ୍ରଶ୍ନରେ ହେତୁ ହିଁ ନଥାଏ । ହେତୁବାଦ ନାମରେ ଥିଲେ ମଧ୍ୟ, ସେମାନେ ନାସ୍ତିକ ବୋଲି ସେମାନଙ୍କୁ ଜଣା ନାହିଁ । ତେଣୁ ସେମାନଙ୍କ ପ୍ରଶ୍ନର ଜବାବ ଦେବାକୁ ଭାବିଲେ ମଧ୍ୟ, ଯିଏ କହୁଛି ସିଏ ଖାଲି ମିଛ କହୁଛି ବୋଲି କାନ୍ଥଦେଇ ବସିଯିବା ଭଳି, କେତେ ସତ୍ୟ କହିଲେ ମଧ୍ୟ ସବୁକଥାକୁ ଖଣ୍ଡନ କରିବା ଆମ ବୃତ୍ତି କହିବା ଭଳି ଶୁଣିବା ଆଗରୁ ଅସ୍ୱୀକାର କରନ୍ତି । ଆମେ ଯାହା ଜାଣିଛୁ ତାହା ହିଁ ସତ୍ୟ ବୋଲି ଭାବନା କରିବା ସହିତ ଅନ୍ୟମାନେ ଯାହା କହୁଛନ୍ତି ତାହା ଅସତ୍ୟ ବୋଲି ନିର୍ଣ୍ଣୟ ନେଇ ରହିଥା'ନ୍ତି, ତେଣୁ ସେଭଳି ଲୋକମାନଙ୍କୁ ହେତୁବାଦୀ କହିବା ଉଚିତ୍ ନୁହେଁ, ସେମାନେ ନାସ୍ତିକବାଦୀ । ସମାଜରେ ଏହିଭଳି ହେତୁବାଦ ନାମରେ ନାସ୍ତିକବାଦୀମାନେ ବଢିଚାଲିଛନ୍ତି । ଆମେ ନାସ୍ତିକ ନୋହୁଁ ସତ୍ୟନ୍ୱେଷୀ, ଦେଖାଯାଉଥିବା ଭୌତିକକୁ ବିଶ୍ୱାସ କରୁ, ଦେଖାଯାଉ ନଥିବା ଅଭୌତିକକୁ ଗ୍ରହଣ କରୁନାହୁଁ ବୋଲି କହୁଥିବା ଲୋକମାନେ ଅନେକ ଅଛନ୍ତି । ଈଶ୍ୱର ଦେଖାଯାଉ ନଥିବା ଅଭୌତିକ ହୋଇଥିବାରୁ ତାଙ୍କୁ କିଏ ପ୍ରମାଣିତ କରିପାରିବ ? ହଁ ଆମେ ପ୍ରମାଣିତ କରିପାରିବୁ ବୋଲି କିଏ ଅଛି, ସେ ପ୍ରମାଣିତ କରିପାରିଲେ, ଆମେ ମଧ୍ୟ ତା ଭଳି ଆସ୍ତିକ ହୋଇଯିବୁ, ନାଇଁ ଯଦି ପ୍ରମାଣିତ କରି ନପାରିଲା ତେବେ ସେ ଆମ ସାଥିରେ ମିଶି ଈଶ୍ୱର ନାହାନ୍ତି ବୋଲି ପ୍ରଚାର କରିବାକୁ ପଡିବ କହି ସେମାନଙ୍କ ସର୍ତ୍ତକୁ କାଗଜରେ ଲେଖି ଉଭୟ ପକ୍ଷ ଦସ୍ତଖତ କରି ଆସ ଆମ ସହିତ ଯୁକ୍ତି କର ବୋଲି ଡାକୁଛନ୍ତି । ଏମାନଙ୍କୁ କିଛି କଥା କହି କୌଣସି ସମାଧାନ କରିବାକୁ ଭାବିଲେ, ସେମାନେ ସାଇନ୍ସକୁ ମାଧ୍ୟମ କରି କେତେବଡ ସତ୍ୟ ହେଲେ ମଧ୍ୟ ଅସତ୍ୟ ବାଦନ କରୁଥାଇ ଆମ ଛଡା ସତ୍ୟବାଦୀ କେହି ନାହାନ୍ତି ବୋଲି କହିଥା'ନ୍ତି । ଏହିଭଳି ଆଜିର ବିଜ୍ଞାନ

କେତେ ବଢିଯାଇଥିଲେ ମଧ୍ୟ, ଗତ ୫୦ବର୍ଷରେ ଅଜ୍ଞାନ ବିଜ୍ଞାନ ରୂପରେ ବଢି, ତାହା ଅନେକ ସଂଘରେ ପରିଣତ ହୋଇ ଦୈବତ୍ୱର ଠିକଣା ହିଁ ନାହିଁ ବୋଲି କହୁଛି । ବିଜ୍ଞାନବେଦୀକା, ସତ୍ୟାନ୍ୱେଷୀ ସଂସ୍ଥା ଭଳି ସଂସ୍ଥା ଆଜି ଅନେକ ଥିଲେ ମଧ୍ୟ ସମସ୍ତେ ନାସ୍ତିକବାଦୀ ବୋଲି ଜାଣିବା ଉଚିତ୍ ।

ଆସ୍ତିକମାନଙ୍କ ବିଷୟକୁ ଆସିଲେ, ୫୦ବର୍ଷ ତଳେ ଥିବା ଭକ୍ତିକୁ ଆଜିର ଭକ୍ତି ସହିତ ତୁଳନା କରି ଦେଖିଲେ, ଆଜିର ଭକ୍ତି ଅନେକ ଗୁଣରେ ବଢିଯାଇଛି ବୋଲି କହିପାରିବା । ୫୦ବର୍ଷ ପୂର୍ବେ ନଥିବା ଅନେକ ନୂଆ ନୂଆ ମନ୍ଦିର ଆଜି ତିଆରି ହୋଇଛି, ନୂଆ ଭକ୍ତି, ନୂଆ ଉପାସନା ତିଆରି ହୋଇଛି । ଶିବମାଳା, ଅୟପ୍ପା ମାଳା ଭଳି ଅନେକ ଭକ୍ତି ପ୍ରତିଯୋଗୀତା, ବେଶଧାରଣ ପ୍ରତିଯୋଗୀତା ଦେଖା ଦେଇଛି । ପୁରୁଣା ମନ୍ଦିର କେତେ ବନ୍ଦ ହୋଇଯାଇଥିଲେ ମଧ୍ୟ ନୂଆ ଦେବତା, ନୂଆ ମନ୍ଦିର ସବୁ ତିଆରି ହୋଇଛି । ପୂର୍ବର ରଙ୍ଗ, ରାମଙ୍କ ବ୍ୟତୀତ ନୂଆ ସାଇବାବା, ଅୟପ୍ପା ଭଳି ଦେବତାମାନେ ମଧ୍ୟ ତିଆରି ହୋଇଛନ୍ତି । ଏକ ପ୍ରକାରର କହିବାକୁ ଗଲେ, ନାସ୍ତିକତ୍ୱ ଅନେକ ରୂପରେ ବଢିଥିବା ଭଳି ପ୍ରଜାମାନଙ୍କ ଭିତରେ ଆସ୍ତିକତ୍ୱ ମଧ୍ୟ ନାନା ରୂପରେ ବଢିଯାଇଛି ବୋଲି କହି ପାରିବା । ସ୍ୱାମୀଜୀମାନଙ୍କ ବିଷୟ ଦେଖିଲେ, ନାନା ପ୍ରକାରର ଭକ୍ତି ପ୍ରଜାମାନଙ୍କ ଭିତରେ ବଢାଇବା କାର୍ଯ୍ୟରେ ଅନେକ ସ୍ୱାମୀଜୀ ଅଛନ୍ତି । ୫୦ବର୍ଷ ପୂର୍ବେ କେବଳ ଗୁରୁ ନାମରେ କେଇଜଣ କେଉଁଠି କେଉଁଠି ଥିଲେ । ଆଜି ଗୁରୁମାନେ, ସ୍ୱାମୀଜୀମାନେ, ବାବାମାନେ, ଭଗବାନ, ଭବାନୀ, ମା', ଜେଜେ ଇତ୍ୟାଦି ନାଆଁରେ ପ୍ରଜାଦରଣ ପାଉଛନ୍ତି, ଏମାନେ ସମସ୍ତେ ଜଣେ ଜଣେ ଦେବତାର ଉପାସକ ହୋଇ, ପ୍ରଜାମାନଙ୍କ ଦ୍ୱାରା ଉପାସିତ କରାଇ ସେମାନଙ୍କୁ ସେହି ସେହି ଦେବାଦେବୀଙ୍କ ଭକ୍ତ କରିଦେଉଛନ୍ତି । ସ୍ୱତନ୍ତ୍ର ବେଶଧାରଣ କରି, ସ୍ୱତନ୍ତ୍ର ଉପାସନା ଦ୍ୱାରା ଜଣେ ଜଣେ ସ୍ୱତନ୍ତ୍ର ସ୍ୱାମୀଜୀ, ବାବା କିମ୍ବା ଭଗବାନ ଭାବେ ନାମ କମାଉଛନ୍ତି । ଏହିଭଳି ବାହ୍ୟ

ସମାଜରେ ଅନେକ ବୋଧକମାନେ ଅନେକ ସ୍ଥିତିରେ ଅଛନ୍ତି । ଏସବୁ ଏଇ ୫୦ ବର୍ଷ ହେଲା ସ୍ୱାମୀଜୀମାନେ କରିଥିବା ଅଭିବୃଦ୍ଧି ହୋଇଥିବା ସ୍ଥଳେ, ମତ (ଧର୍ମ) ବିଷୟ ଦେଖିଲେ, ୫୦ବର୍ଷ ତଳେ ନଥିବା ମତଦ୍ୱେଷ, ମତ ହିଂସା, ମତ ପ୍ରଚାର, ମତ ପ୍ରଲୋଭନ ବଢିଯାଇଛି ବୋଲି କହିପାରିବା । ପୂର୍ବରୁ ଥିବା ମତପ୍ରଚାର ଅପେକ୍ଷା ଆଜି ବଢିଯାଇଛି । ମତ ଭିତରେ ଥିବା ଦୈବତ୍ୱକୁ ଛାଡି ମତ ପ୍ରଚାର କରିବା କେବଳ ଆମ କାମ କହିବା ଭଳି ଖ୍ରୀଷ୍ଟିଆନମାନେ ସେମାନଙ୍କ ମତ ବଢାଇବା କାମରେ ଲାଗିଥିବା ସ୍ଥଳେ, କ୍ଷୀଣ ହୋଇଯାଉଥିବା ହିନ୍ଦୁମତର ରକ୍ଷା କରିବା ଆମ କାମ କହିବା ଭଳି ଅନେକ ହିନ୍ଦୁସଂସ୍ଥା ତିଆରି ହୋଇଯାଇଛି । ଉଦ୍ଦେଶ୍ୟ ଭଲ, ହେଲେ ସ୍ୱମତ ରକ୍ଷାରେ ଲାଗିପଡିଥିବା ହିନ୍ଦୁ ସଂସ୍ଥାଗୁଡିକ ହିନ୍ଦୁର ଜ୍ଞାନ କଅଣ, ହିନ୍ଦୁର ଧର୍ମ କଅଣ ନଜାଣିବା ସ୍ଥିତିରେ ଅଛନ୍ତି, **ଐଶ୍ୱରୀୟ ଜ୍ଞାନ କଅଣ ବୋଲି ଜାଣି ନଥିବାରୁ ଭଗବଦ୍ଗୀତା ସେମାନଙ୍କ ଜାତିର ଗ୍ରନ୍ଥ ବୋଲି ଜାଣିପାରୁ ନାହାନ୍ତି,** ଐଶ୍ୱରୀୟ ଜ୍ଞାନକୁ ବୁଝିବା ସ୍ଥିତିରେ ନାହାନ୍ତି । **ସୃଷ୍ଟିକର୍ତ୍ତା ନାମକ ପଦ ଖ୍ରୀଷ୍ଟିଆନମାନଙ୍କୁ ଲିଜ୍ ଦେଇଥିବା ଭଳି, ସୃଷ୍ଟିକର୍ତ୍ତା ନାମକ ପଦ ସନାତନ ଭାବରେ, ଭଗବଦ୍ଗୀତାରେ ରହିଛି ବୋଲି ନଜାଣି ଏହା ଖ୍ରୀଷ୍ଟିଆନମାନେ ବ୍ୟବହାର କରୁଥିବା ପଦ ବୋଲି କହୁଛନ୍ତି** । ଏଇ ମଧ୍ୟକାଳୀନ ସମୟରେ ଆମେ ଭଗବଦ୍ଗୀତାର ତିନିଗୋଟି ଶ୍ଳୋକ ବିବରଣୀ କହିଥିବା ବେଳେ, କୁହାଯାଇଥିବା ବିବରଣୀ ଭଗବଦ୍ଗୀତାର ବୋଲି, ଯିଏ କହିଛନ୍ତି ସେ ଅଦ୍ୱୈତ ସିଦ୍ଧାନ୍ତକର୍ତ୍ତା ଆଦି ଶଙ୍କରାଚାର୍ଯ୍ୟଙ୍କ ଭଳି ତ୍ରୈତସିଦ୍ଧାନ୍ତ ପ୍ରତିପାଦନ କରିଥିବା ଜଣେ ଆଚାର୍ଯ୍ୟ ବୋଲି ଟିକିଏ ବିଚାର ନକରି, ଆମକୁ ମଧ୍ୟ ଖ୍ରୀଷ୍ଟିଆନ ଭାବି, ଆମେ କହୁଥିବା ବାଣୀକୁ ପରମତବାଣୀ ବୋଲି କହିଥିବା ବେଳେ, ହିନ୍ଦୁମତ ରକ୍ଷଣ ସଂସ୍ଥାର ଲୋକମାନେ କିଭଳି ଅଜ୍ଞାନ ଦଶାରେ ଅଛନ୍ତି ତାହା କହିବା ଆଗରୁ ଜଣାପଡିଯାଉଛି । ସ୍ୱଧର୍ମ କଅଣ, ପରଧର୍ମ କଅଣ ନଜାଣିବା ସ୍ଥିତିରେ ଆଜି କେତେକ ହିନ୍ଦୁମାନେ

ରହିଯାଇଛନ୍ତି । ମତଦ୍ୱେଷ, ମତହିଂସା ଆଜି ସବୁ ମତରେ ଡିଆଁରୋଗ ଭଳି ବ୍ୟାପିଯାଇଛି । ପ୍ରତି ମତରେ ଅଜ୍ଞାନତା ଦେଖାଦେଇଛି । ସେଥିଲାଗି ଆଜି ମଣିଷ ଐଶ୍ୱରୀୟ ବିଷୟରେ ବିମୁଖ ହୋଇପଡିଛି । ଏସବୁ ଏଇ ୫୦ବର୍ଷ ତଳୁ ହିଁ ଦେଖାଦେଇଛି । ଏଭଳି ପ୍ରମାଦକର ପରିସ୍ଥିତିରେ ପରମତ ଅପେକ୍ଷା ସ୍ୱମତର ହିନ୍ଦୁମାନେ ଆମେ କହୁଥିବା କଥା ବୁଝିନପାରି ଆମକୁ ଶତ୍ରୁ ଭଳି ଦେଖୁଛନ୍ତି, ସେଥିଲାଗି ଦିନେ ବିରକ୍ତ ହୋଇ ଆଉ ଜ୍ଞାନ କହିବା ଉଚିତ୍ ନୁହେଁ ବୋଲି ନିରୁତ୍ସାହରେ ଥିବାବେଳେ, ଆଜିକୁ ୪୦୦ ବର୍ଷ ପୂର୍ବର ଗୋଟିଏ ତାଳପତ୍ର ପୋଥିରେ ଆମ ଆଶ୍ରମର ନାଆଁ ଦେଖିଲୁ, ଆମ ଆଶ୍ରମରେ କୁହାଯାଉଥିବା ଜ୍ଞାନ ଅତି ମହାନ ଜ୍ଞାନ ବୋଲି ସେଥିରେ ଲେଖାଯାଇଥିବା ଦେଖିଲୁ । ପ୍ରଥମେ ସେହି ପୋଥି ଦେଖିଥିବା ବ୍ୟକ୍ତି ସବୁ ବିଷୟ ଜାଣିପାରି ଆମ ଆଶ୍ରମ ଠିକଣା ଖୋଜିପାଇ ଶେଷରେ ଆମକୁ ଜଣାଇଥିଲେ । ଚାରିଶହ ବର୍ଷ ପୂର୍ବେ ଆମ ବାଣୀ ମହାନ ବୋଲି ଲେଖିଥିବା ଲୋକମାନେ ଥିବାବେଳେ ଏବେ ଆମ କଥା ଶୁଣି ନଥିବା ଲୋକେ ଥିଲେ ମଧ୍ୟ କିଛିକଥା ନାହିଁ । ଏ ପର୍ଯ୍ୟନ୍ତ ଅନେକ ଆଧ୍ୟାତ୍ମିକ ରହସ୍ୟକୁ ଜଣାଇବା ଉଦ୍ଦେଶ୍ୟରେ, ଆହୁରି ଅନେକ ଗ୍ରନ୍ଥ ରଚନା କରିବାକୁ ଭାବିଛୁ । ଏ ପର୍ଯ୍ୟନ୍ତ ପୁରାଣରହିତ, ଶାସ୍ତ୍ରସମ୍ମତ ଗ୍ରନ୍ଥଗୁଡିଏ ରଚନା କରିଛୁ । ଯିଏ ଯେଉଁ ପୁସ୍ତକ ରଚନା କଲେ ବି ସେମାନଙ୍କ ଗ୍ରନ୍ଥରେ ପୁରାଣ କିଛିନା କିଛି ନିଶ୍ଚୟ ରହୁଛି, ପୁରାଣ ହିଁ ତରକାରିର ଲୁଣଭଳି ରହିଛି । ତାହା ନଥିଲେ ଲୋକଙ୍କୁ ପୁସ୍ତକର ରୁଚି ନଥାଏ, କିନ୍ତୁ ଆମକଥା ପୁରାଣ ରହିତ ହୋଇ ରୁଚିହୀନ ଲାଗିଲେ ମଧ୍ୟ, ପ୍ରଚୁର ପୋଷକାହାର ଥାଏ ବୋଲି ଆଜି ଅନେକ ଲୋକ ଜାଣିପାରିଲେଣି । ଏପର୍ଯ୍ୟନ୍ତ ୪୦ଖଣ୍ଡ ଗ୍ରନ୍ଥ ରଚନା କରିସାରିଛୁ । ଆଉକିଛିଦିନ ପରେ ୫୦ଗୋଟି ଗ୍ରନ୍ଥ ଚରନାକରିବୁ ବୋଲି ଆଶାକରୁଛୁ । (ଏହି ଗ୍ରନ୍ଥଟି ଅନୁବାଦ ହେଉଥିବା ଆଜିର ସମୟରେ ସ୍ୱାମୀଜୀଙ୍କ ରଚନା ଶତାଧିକ ହୋଇଯାଇଛି ।) ଆଜି ଆମ ରଚନାଗୁଡିକ **ଚାଞ୍ଚଲ୍ୟ ସୃଷ୍ଟିକାରୀ**

ରଚନା ଭାବେ ଉପାଧି ଭୂଷିତ ହୋଇଗଲାଣି । ତାପରେ ମଧ୍ୟ ଭୂପୃଷ୍ଠରେ କେହି କେଉଁଠାରେ କହି ନଥିବା, ଲେଖି ନଥିବା, କାହାକୁ ଜଣା ନଥିବା ରହସ୍ୟ ଆପଣମାନଙ୍କୁ ଜଣାଇବୁ, ଆମର ପ୍ରତ୍ୟେକ ରଚନା ଆପଣମାନଙ୍କୁ ନୂତନତା ଦେବ ବୋଲି ପ୍ରତିଶୃତି ଦେଉଛୁ । ଆମ ରଚନାଗୁଡିକ ଜାତିମତର ଅତୀତ ଭାବରେ ରହି ଈଶ୍ୱରଙ୍କ ନିୟମକୁ ଜଣାଉଥାଉ ବୋଲି ଈଶ୍ୱରଙ୍କ ନିକଟରେ କାମନା କରି, ଗ୍ରନ୍ଥଟି ଏତିକିରେ ସମାପ୍ତ କରୁଛୁ ।

ଇତି

**ତ୍ରିମତ ଏକୈକ ଗୁରୁ**

ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ଗ୍ରାଞ୍ଚଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

## ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର

**ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।**

*****

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ**

*****

**ତୋର ମାତା କିଏ ତୋତେ ଜଣାପଡିଗଲେ ତୋର ପିତାଙ୍କୁ ଜାଣି ପାରିବୁ, ତୋର ପିତା କିଏ ତୋତେ ଜଣାପଡିଗଲେ ତୋର ଲକ୍ଷ୍ୟ କଣ ଜାଣି ପାରିବୁ ।**